# ବିପ୍ଳବୀ ଜୀବନ ହିଁ
# ସର୍ବାପେକ୍ଷା ମର୍ଯ୍ୟାଦାମୟ

## ଶିବଦାସ ଘୋଷ

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)
ଏସ୍.ୟୁ.ସି.ଆଇ.(ସି)

***ବିପ୍ଳବୀ ଜୀବନ ହିଁ ସର୍ବାପେକ୍ଷା ମର୍ଯ୍ୟାଦାମୟ***

**—— ଶିବଦାସ ଘୋଷ**

ପ୍ରଥମ ମୁଦ୍ରଣ: ୨୫ ଅଗଷ୍ଟ ୨୦୨୨

**ପ୍ରକାଶକ:** ବିଷ୍ଣୁ ଦାସ
ସଂପାଦକମଣ୍ଡଳୀ ସଦସ୍ୟ
ଏସ୍.ୟୁ.ସି.ଆଇ.(ସି), ଓଡିଶା ରାଜ୍ୟ କମିଟି
୬୧, ଗଙ୍ଗୋତ୍ରୀ ନଗର, ରୋଡ ନଂ -୩
ଶିଶୁପାଳଗଡ, ଭୁବନେଶ୍ୱର- ୨
ଫୋନ୍- ୯୪୩୮୧୧୨୯୫୮
୯୪୩୭୩୮୨୦୨୧

**ମୁଦ୍ରଣ:** କ୍ରାନ୍ତିଚେତନା ପ୍ରେସ,
ଭୁବନେଶ୍ୱର, ୭୫୧୦୦୨

**ମୂଲ୍ୟ :** **୫୦ଟଙ୍କା**

# ପ୍ରକାଶକଙ୍କ କଥା

୧୯୭୪ ମସିହା ୧୧ ରୁ ୧୪ ଫେବୃୟାରୀ କଲିକତାର ମହାଜାତି ସଦନ ହଲରେ ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) କଲିକତା ଜିଲ୍ଲା କମିଟି ଉଦ୍ୟୋଗରେ ଦଳର ନେତା ଓ କର୍ମୀମାନଙ୍କର ଏକ ରାଜନୈତିକ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା।

କିଛି ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ପ୍ରଶ୍ନ ଭିତ୍ତିରେ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ)ର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ, ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷ ସେହି ଶିକ୍ଷା ଶିବିରରେ ଆଲୋଚନା କରିଥିଲେ। ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଜନ୍ମ ଶତବର୍ଷ ଅବସରରେ ତାଙ୍କର ଏହି ମୂଲ୍ୟବାନ ଆଲୋଚନାଟି ସମସ୍ତଙ୍କ ପାଇଁ ଉପାଦେୟ ହେବ ମନେକରି ଆମେ ଏହାର ଓଡ଼ିଆ ଅନୁବାଦ ପ୍ରକାଶ କରୁଛୁ।

ଅନୁବାଦ, ସମ୍ପାଦନା ଓ ମୁଦ୍ରଣ ଜନିତ କୌଣସି ତ୍ରୁଟି ଥିଲେ ତା'ପାଇଁ ଆମେ ଦାୟୀ।

୨୫ ଅଗଷ୍ଟ ୨୦୨୨
ଭୁବନେଶ୍ୱର

**ବିଷ୍ଣୁ ଦାସ**
ଏସ୍.ୟୁ.ସି.ଆଇ(ସି)
ଓଡ଼ିଶା ରାଜ୍ୟ କମିଟି



# ବିପ୍ଲବୀ ଜୀବନ ହିଁ ସର୍ବାପେକ୍ଷା ମର୍ଯ୍ୟାଦାମୟ

ପାର୍ଟିର କଲିକତା ଜିଲ୍ଲା କମିଟି ଉଦ୍ୟୋଗରେ ଅନୁଷ୍ଠିତ ହେଉଥିବା ଏହି ଚାରି ଦିନିଆ ଶିକ୍ଷାଶିବିରକୁ ପରିଚାଳନା କରିବା ପାଇଁ ମୋତେ ଅନୁରୋଧ କରାଯାଇଛି। ମୁଁ ଶୁଣିଛି ଏହି ଶିକ୍ଷାଶିବିରରେ ବହୁ ନୂତନ କର୍ମୀ ଅଂଶଗ୍ରହଣ କରିଛନ୍ତି। ମୁଁ ମନେକରେ, ଏହି ଶିକ୍ଷାଶିବିରର ମୂଳ ଉଦ୍ଦେଶ୍ୟ ଏହା ହେବା ଉଚିତ, ଯେମିତି କର୍ମୀମାନେ ଉନ୍ନତ କମ୍ୟୁନିଷ୍ଟ ଚରିତ୍ର ଅର୍ଜନ ଏବଂ ଜନଗଣଙ୍କୁ ନେତୃତ୍ୱ ଦେବା କ୍ଷେତ୍ରରେ ସେମାନଙ୍କର ଭୂମିକା ଆହୁରି ଅଧିକ ପାଳନ କରିପାରନ୍ତି। ପୂର୍ବରୁ ମାର୍କ୍ସବାଦର ବୁନିୟାଦି ଧାରାଗୁଡିକୁ, ମାର୍କ୍ସବାଦର ମୂଳନୀତି, ତତ୍ତ୍ୱ, ଦର୍ଶନର ଦିଗଗୁଡିକୁ ଯେମିତି ଅତି ସାଧାରଣ ଲୋକଙ୍କ ବୁଝିବା ଭଳି ଆମେ ଉପସ୍ଥାପନ କରଥାଉ ଏବଂ ତା'ପରେ ସମାଜନୀତି, ରାଜନୀତି, ଅର୍ଥନୀତି, ଆନ୍ତର୍ଜାତିକ ଓ ଜାତୀୟ ପରିସ୍ଥିତି ଏବଂ ସାଙ୍ଗଠନିକ ସମସ୍ୟାବଳୀ ଉପରେ ଆଲୋଚନା କରୁ, ଏଥର କିନ୍ତୁ ଅନ୍ୟଭାବେ ଆଲୋଚନା କରିବି। କୌଣସି କୌଣସି ଶିକ୍ଷାଶିବିରରେ ଆମେ ହୁଏତ ଦର୍ଶନଗତ ଦିଗ ଉପରେ ବେଶୀ ଜୋର ଦେଉ, ପୁଣି କେବେ ହୁଏତ ଅର୍ଥନୈତିକ ଏବଂ ସାମାଜିକ ଦିଗ ଉପରେ ଅଧିକ ଗୁରୁତ୍ୱ ଦେଉ। ଆଉ କେତେବେଳେ ହୁଏତ ଆନ୍ତର୍ଜାତିକ ରାଜନୀତି ଉପରେ ଜୋର ଦେଉ। ପୂର୍ବର ଶିକ୍ଷାଶିବିର ଗୁଡ଼ିକରୁ କମ୍ରେଡମାନଙ୍କର ଏହିଭଳି ଏକ ଧାରଣା ହୋଇଛି। ଫଳରେ ସୁନିର୍ଦ୍ଦିଷ୍ଟ ପ୍ରଶ୍ନ ଉପରେ ଆଲୋଚନା ହେବା ଯୋଗୁ ସେମାନଙ୍କ ପକ୍ଷରେ ହୁଏତ ବହୁ ବିଷୟ ସଠିକଭାବେ ଧରିପାରିବା କିମ୍ବା ବୁଝିବା କଷ୍ଟକର ହେବ। ତଥାପି ନିର୍ଦ୍ଦିଷ୍ଟ ପ୍ରଶ୍ନ ଉପରେ ଆଲୋଚନା କରିବା ସମୟରେ ସେଗୁଡିକ ସହିତ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ବା ମାର୍କ୍ସବାଦର ମୌଳିକ ସିଦ୍ଧାନ୍ତଗୁଡିକର ଯେଉଁଠି ଯେତିକି ସମ୍ପର୍କ ରହିଛି, ସେଗୁଡିକୁ କିଛିଟା ଯୁକ୍ତ କରି ଅଥବା ସମ୍ବନ୍ଧ ସ୍ଥାପନ କରି ଆଲୋଚନା କରିବା ପାଇଁ ଚେଷ୍ଟା କରିବି। ମାତ୍ର ତା' କଲେ ମଧ୍ୟ ମୋର ଧାରଣା, ଏହା ଖୁବ ଅପର୍ଯ୍ୟାପ୍ତ ହେବ। ଯାହାଫଳରେ, ନୂତନ କମ୍ରେଡମାନଙ୍କର କିମ୍ବା କିଛିଦିନ ହେଲା ଯୁକ୍ତ ହୋଇଥିବା ଏବଂ କିଛି ପୁରୁଣା କମ୍ରେଡମାନଙ୍କର ମଧ୍ୟରୁ ବି ଯେଉଁମାନେ ମାର୍କ୍ସବାଦର ମୌଳିକ concept (ତତ୍ତ୍ୱଗତ ଧାରଣା), ପାର୍ଟିର

ଚିନ୍ତାଧାରା ଏବଂ ବିଚାରଧାରା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ବିଚାରଧାରା ସହିତ ଭଲଭାବେ ପରିଚିତ ନୁହଁନ୍ତି ଏବଂ ଯେଉଁମାନେ କମ୍ୟୁନିଷ୍ଟ ନୈତିକତା ସମ୍ପର୍କିତ ଧ୍ୟାନଧାରଣାଗୁଡ଼ିକ ସମ୍ପର୍କରେ ବର୍ତ୍ତମାନ ବି ଭଲଭାବରେ ଜାଣି ନାହାନ୍ତି ଓ ବୁଝି ନାହାନ୍ତି, ସେମାନଙ୍କର ବୁଝିବା କ୍ଷେତ୍ରରେ କିଛିଟା ଅସୁବିଧା ହୋଇପାରେ। ପୁଣି ନୂତନ କିଛି କର୍ମୀ ଯେଉଁମାନେ ତତ୍ତ୍ୱଗତ ଆଲୋଚନା, ଦର୍ଶନଗତ ଆଲୋଚନା ଏବଂ ବିଭିନ୍ନ ସମସ୍ୟା ଉପରେ ନାନା ଧରଣର ଆଲୋଚନା ଶୁଣିବା ପାଇଁ ଆସିଛନ୍ତି- ସେମାନେ ହୁଏତ କିଛିଟା ହତାଶ ହେବେ। ତାସତ୍ତ୍ୱେ ମଧ୍ୟ, ବର୍ତ୍ତମାନ ଯେଉଁ ଉଦ୍ଦେଶ୍ୟରେ ନେତାମାନେ ଏହି ଶିକ୍ଷାଶିବିର ଆୟୋଜନ କରିଛନ୍ତି, ମୁଁ ତା'କୁ ସ୍ୱାଗତ କରୁଛି। ଯେଉଁ ପ୍ରଶ୍ନ ସବୁ ଆସିଛି, ସେଗୁଡ଼ିକୁ ଦେଖିଲେ ବୁଝାଯାଏ, ସେଗୁଡ଼ିକ 'itself speaking for immaturity of the comrades' ('କମ୍ରେଡମାନଙ୍କର ଅପରିପକ୍ୱତାକୁ ହିଁ ଦର୍ଶାଉଛି')। ଅନ୍ୟାନ୍ୟ ଦଳ କୁହନ୍ତି, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳର କର୍ମୀମାନଙ୍କର ଚେତନାର ସ୍ତର ଖୁବ ଉନ୍ନତ। ହଁ, ଅନ୍ୟଦଳର କର୍ମୀମାନଙ୍କ ଠାରୁ ଉନ୍ନତ। ମାତ୍ର ତା' ହେଲା, ଭେରଣ୍ଡା ଜଙ୍ଗଲରେ କଟାସ ବାଘ ଭଳି। ଏମାନଙ୍କ ମଧ୍ୟରେ ଆମେ କଟାସ ବାଘ। ଅର୍ଥାତ କଟାସ ମଧ୍ୟ ଭେରଣ୍ଡା ଜଙ୍ଗଲରେ ବାଘ ଭଳି ହୁଏ। ପ୍ରକୃତରେ ହିଁ, ଅନ୍ୟ ଦଳର କର୍ମୀମାନେ କୌଣସି ତତ୍ତ୍ୱ-ଫତ୍ତ୍ୱର କିଛି ଧାର ଧାରନ୍ତି ନାହିଁ; ଚିନ୍ତା-ଚେତନା, ଦର୍ଶନ ନୀତି ସହିତ ଏମାନଙ୍କର କୌଣସି ସମ୍ପର୍କ ନାହିଁ। ସେମାନଙ୍କର ହେଲା ସ୍ଲୋଗାନସର୍ବସ୍ୱ ଏବଂ ହଇଚଇ କରିବାର ରାଜନୀତି। ସେହିସବୁ ଦଳର କର୍ମୀମାନଙ୍କୁ ଯେଉଁମାନଙ୍କୁ ଅନ୍ୟ ଦଳର ଲୋକ ବା ପବ୍ଲିକ୍ ରାସ୍ତା ଘାଟରେ ଦେଖନ୍ତି, ଆମ କର୍ମୀମାନଙ୍କ ସହିତ ପୁଣି ଯେଉଁମାନଙ୍କର ଯୋଗାଯୋଗ ହୁଏ, ସେମାନଙ୍କର ସ୍ୱଭାବତଃ ହିଁ ମନେହୁଏ ଯେ, ଆମ ଦଳର କର୍ମୀମାନେ ଖୁବ ସଚେତନ, ଅଗ୍ରଣୀ କର୍ମୀ ଏବଂ ସେମାନଙ୍କର ଉନ୍ନତ ଚେତନା ରହିଛି। ମାତ୍ର ମୁଁ ଜାଣେ, ଏହା ହେଲା ଭେରଣ୍ଡା ଜଙ୍ଗଲରେ କଟାସ ବାଘ ହେଲା ଭଳି ଅବସ୍ଥା। ଉକ୍ତ ପ୍ରଶ୍ନଗୁଡ଼ିକ ମଧ୍ୟରେ ଚେତନାର ଯେଉଁ ସ୍ତର ପ୍ରତିଫଳିତ ହୋଇଛି, ତା' ଦେଖି ଏହା ବୁଝାଯାଏ। ଏହି ପ୍ରଶ୍ନଗୁଡ଼ିକୁ ଶୁଣି ଅନ୍ୟ ଯେ କେହି deceived (ଠକିଯିବା) ହୋଇପାରନ୍ତି, କିନ୍ତୁ ମୋର deceived ହେବାର କୌଣସି ହିଁ କାରଣ ନାହିଁ। ଲୋକେ ଯାହା କୁହନ୍ତୁ, ବୁଝାପଡ଼ୁଛି ଯେ ଆମ କର୍ମୀମାନଙ୍କର ଚେତନାର ସ୍ତର ଖୁବ ଭଲ ଜାଗାରେ ନାହିଁ। କିଛି ପ୍ରଶ୍ନର ଯଥାର୍ଥ ଗୁରୁତ୍ୱ ଅଛି। ପୁଣି କିଛି କିଛି ପ୍ରଶ୍ନ ପୁରାପୁରି silly (ପିଲାଳିଆ)। ଯଦିଓ ଏହି ସିଲ୍ଲି ପ୍ରଶ୍ନଗୁଡ଼ିକୁ ମୁଁ ସ୍ୱାଗତ କରୁଛି। କାରଣ ଏହା ମଧ୍ୟରେ କମ୍ରେଡମାନଙ୍କର ଏକ burning urge (ଜ୍ୱଳନ୍ତ ଆକାଂକ୍ଷା) ଲକ୍ଷ୍ୟ କରାଯାଉଛି। ସେମାନେ ଚାହିଁଛନ୍ତି ଯେ, ଯେଉଁ ସମସ୍ୟା ମଧ୍ୟରେ ସେମାନେ ପଡ଼ିଛନ୍ତି, ସେଗୁଡ଼ିକ ଯେଉଁ ଧରଣର ସମସ୍ୟା ହେଉନା

କାହିଁକି, they want to get rid of it and to be releived from it (ସେମାନେ ଏଥିରୁ ମୁକ୍ତି ଓ ଆଶ୍ୱସ୍ତି ଚାହାଁନ୍ତି) । ସେମାନେ ସମ୍ମୁଖୀନ ହୋଇଥିବା ସମସ୍ୟାରୁ ବାହାରି ଆସିବାକୁ ଚାହାଁନ୍ତି । ଏହି burning urgeରୁ ସେମାନେ ଏହି ପ୍ରଶ୍ନଗୁଡିକ କରିଛନ୍ତି । ତେଣୁ ସେମାନେ କେତେଗୁଡ଼ିଏ ଏବଂ ଉଦ୍ଦେଶ୍ୟହୀନ, ବୌଦ୍ଧିକ ତତ୍ତ୍ୱଗତ ଆଲୋଚନା ଚାହିଁ ନାହାଁନ୍ତି ।

କମ୍ରେଡମାନେ ଯେଉଁସବୁ ପ୍ରଶ୍ନ କରିଛନ୍ତି ସେଗୁଡିକ ହେଲା, how to develop our organisation (ଆମର ସଂଗଠନକୁ କିଭଳି ଉନ୍ନତ କରିବାକୁ ପଡିବ) । ଅର୍ଥାତ, how to build up our party in such a way, so that it can provide leadership to the mass struggle and mass movements in the nearest future (ଆମ ପାର୍ଟିକୁ କେଉଁଭଳି ଭାବେ ଗଢ଼ିତୋଳିବାକୁ ହେବ ଯାହା ଫଳରେ କି ଆମେ ନିକଟ ଭବିଷ୍ୟତରେ ଗଣ ସଂଗ୍ରାମ ଓ  ଗଣ ଆନ୍ଦୋଳନକୁ ନେତୃତ୍ୱ ଦେଇ ପାରିବା) । ସେମାନେ ଚାହୁଁଛନ୍ତି, ଅତି ଦ୍ରୁତ କିଭଳି ପାର୍ଟିର ଶକ୍ତି ବୃଦ୍ଧି କରାଯାଇପାରେ ଏବଂ ସେଥିପାଇଁ ଆମ ମଧ୍ୟରେ ଯେଉଁସବୁ ଦୁର୍ବଳତା ରହିଛି ବୋଲି ମନେକରିଛନ୍ତି, ସେହି ପ୍ରଶ୍ନଗୁଡିକୁ ବିନା ଦ୍ୱିଧାରେ ସେମାନେ ପାର୍ଟି ସମ୍ମୁଖରେ ରଖିଛନ୍ତି । କର୍ମୀମାନେ ସେହି ଦୁର୍ବଳତାଗୁଡିକରୁ ମୁକ୍ତ ହେବାକୁ ଚାହୁଁଛନ୍ତି, ଶକ୍ତି ଅର୍ଜନ କରିବାକୁ ଚାହୁଁଛନ୍ତି ଏବଂ କାମ କରିବାର କ୍ଷମତା ଓ ଯୋଗ୍ୟତା ଅର୍ଜନ କରିବାକୁ ଚାହୁଁଛନ୍ତି । ଏହି ସିଲ୍ଲି ପ୍ରଶ୍ନଗୁଡିକ ମଧ୍ୟରେ ବି ଏହି ଦିଗଟି ଅତ୍ୟନ୍ତ ଭଲ ଦିଗ ଏବଂ ଅତି ପ୍ରଶଂସନୀୟ ଓ ଆଶାର ବିଷୟ । so I welcome it (ତେଣୁ ମୁଁ ଏହାକୁ ସ୍ୱାଗତ କରେ) ।

ତେବେ ମୁଁ କେବଳ ଏହି କାରଣରୁ ଉକ୍ତ କଥାଟି କହିଲି ଯେ, ଆମର କମ୍ରେଡମାନେ ଅଫିସରେ କିମ୍ବା ବିଭିନ୍ନ ସ୍ଥାନରେ ପରସ୍ପର ମଧ୍ୟରେ ଯେତେବେଳେ ଆଲୋଚନା କରନ୍ତି, ମୋ କାନରେ ସେହି କଥାଗୁଡ଼ିକ ପଡ଼େ । ପୁଣି ଅନେକ ସମୟରେ ସେମାନେ ମୋ ସମ୍ମୁଖରେ ମଧ୍ୟ କରନ୍ତି । ମୁଁ ଶୁଣେ, ଲୋକଙ୍କର ପ୍ରଶଂସାରେ କମ୍ରେଡମାନଙ୍କର ମନ ଖୁବ ଭରିଯାଏ । ଯଦିଓ ଏହା ସ୍ୱାଭାବିକ । ହଁ, ଲୋକେ କହୁଛନ୍ତି, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳର କର୍ମୀମାନଙ୍କର ତ୍ୟାଗର ତୁଳନା ନାହିଁ । ଏମାନଙ୍କର ସତତାର ମଧ୍ୟ ତୁଳନା ନାହିଁ । ଏମାନେ ଅନ୍ୟଦଳ ଭଳି ବିଶୃଙ୍ଖଳିତ ନୁହଁନ୍ତି । ଏମାନେ ସ୍ଲୋଗାନସର୍ବସ୍ୱ, ଉଶୃଙ୍ଖଳ ନୁହଁନ୍ତି । ଏମାନେ ସଚେତନ, ଏମାନଙ୍କର ଚେତନାର ମାନ ଖୁବ ଭଲ । ଏହିସବୁ କଥା ଶୁଣି ସଙ୍ଗେ ସଙ୍ଗେ ସେହି କମ୍ରେଡମାନଙ୍କର ଛାତି ଦଶହାତ ଫୁଲିଯାଏ ।

## ଆମର ଭାବନା ହେବ
## ଦେଶର ପ୍ରୟୋଜନ ଅନୁଯାୟୀ କେତେ କାମ କରିପାରୁଛି

ମୁଁ କେବଳ ଏତିକି କହିବାକୁ ଚାହୁଁଛି ଯେ, ହଁ, ଅନ୍ୟ ଦଳ ତୁଳନାରେ ଆମ କର୍ମୀମାନଙ୍କର standard ନିଶ୍ଚିତଭାବେ advanced (ଆଗୁଆ), ତେବେ ଏହା ସଙ୍ଗେ ସଙ୍ଗେ ମୁଁ ମଧ୍ୟ ମନେକରେ, ଏହା କୌଣସି କାର୍ଯ୍ୟକାରୀ standard ନୁହେଁ। ଆମେ ତ ଏହିଥିରେ ହିଁ ସନ୍ତୁଷ୍ଟ ରହିବୁ ନାହିଁ ଯେ, ଏହିସବୁ ଉଚ୍ଛୃଙ୍ଖଳ ରାଜନୈତିକ କର୍ମୀମାନଙ୍କ ଠାରୁ ଆମେ କେତେ ନିଷ୍ଠାବାନ, କେତେ ସତ ଏବଂ କେତେଦୂର ସଚେତନ। ଆମ୍ଭମାନଙ୍କର ଭାବନା ହେବ, ଦେଶର ପ୍ରୟୋଜନ ଅନୁଯାୟୀ ଆମେ କେତେ କ୍ରିୟା କରିପାରୁଛୁ। ଜନସାଧାରଣଙ୍କ ମଧ୍ୟରେ ହତାଶା ଯେଉଳି deep rooted (ଅତି ଗଭୀରରେ ରହିଛି), ସେମାନଙ୍କ ମଧ୍ୟରେ ବିଭିନ୍ନ ରାଜନୈତିକ ଦଳ ସମ୍ପର୍କରେ ଅବିଶ୍ୱାସ ଯେଉଳି ଦୃଢ ଭିତ୍ତି ଉପରେ ଠିଆ ହୋଇଛି, ସେହି ଅବସ୍ଥାରେ ଆମେ ଆମର ଶିକ୍ଷା, ବଚନଭଙ୍ଗୀ, କର୍ମ ପଦ୍ଧତି ଏବଂ ଜ୍ଞାନ ଦ୍ୱାରା ସେମାନଙ୍କୁ କିଭଳି ବାରମ୍ବାର ବୁଝାଇ ସେମାନଙ୍କର ଏହି ହତାଶାର ମନୋଭାବକୁ ଦୂର କରି ପାରିବୁ ଏବଂ କେତେ ଦ୍ରୁତ ସେମାନଙ୍କର ଆତ୍ମବିଶ୍ୱାସ ଫେରାଇ ଆଣି ପାରିବୁ। ଜନଗଣଙ୍କୁ ବୁଝାଇବାକୁ ହେବ, ନିରାଶାର କୌଣସି କାରଣ ନାହିଁ। ପୁଣି ନିରାଶା ବା ନୈରାଶ୍ୟ କେଉଁଠିକୁ lead (ନେଇଯାଏ) କରେ ? ନୈରାଶ୍ୟ ଦ୍ୱାରା ସର୍ବନାଶ ବ୍ୟତୀତ ଅନ୍ୟ କିଛି ହେବ ନାହିଁ। ଆଉ ସର୍ବନାଶ ତ ତୁମକୁ ଛାଡ଼ିବ ନାହିଁ। ବିପଦ ତ ତୁମକୁ ଛାଡ଼ିବ ନାହିଁ। ଆମ ଦଳ ତଥା ତା'ର ଶକ୍ତି ବୃଦ୍ଧିର ପ୍ରୟୋଜନୀୟତା କେତେ ଏବଂ ଜନସାଧାରଣଙ୍କର ମୁକ୍ତି ଏବଂ ବିପ୍ଳବୀ ଆନ୍ଦୋଳନର ସଫଳତା, ବାମପନ୍ଥୀ ଆନ୍ଦୋଳନର ସଫଳତା ଓ ବିଫଳତାର ପ୍ରଶ୍ନ ଆମ ଦଳର ଶକ୍ତି ବୃଦ୍ଧି ଏବଂ ବାସ୍ତବ ନେତୃତ୍ୱ ଦେବାର କ୍ଷମତାର ପ୍ରଶ୍ନ ସହିତ କାହିଁକି ଓତପ୍ରୋତଭାବେ ଜଡ଼ିତ, ଏହି କଥାଗୁଡ଼ିକ ବୁଝାଇବାକୁ ହେଲେ ନେତୃତ୍ୱ ଯେଉଁ କ୍ଷମତା ଏବଂ ଜ୍ଞାନର ଅଧିକାରୀ ହେବା ପ୍ରୟୋଜନ, political initiative (ରାଜନୈତିକ ଉଦ୍ୟୋଗ) ନେବା ପ୍ରୟୋଜନ, ସେହି ତୁଳନାରେ ଆମର କର୍ମୀମାନଙ୍କର ରାଜନୈତିକ ଚେତନା ଏବଂ ଯୁକ୍ତି କରିବାର କ୍ଷମତା ଅତ୍ୟନ୍ତ ନଗଣ୍ୟ।

ବର୍ତ୍ତମାନ ଯା' ସ୍ପଷ୍ଟ ହୋଇଯାଇଛି, ତା'ହେଲା, ସି.ପି.ଆଇ(ଏମ୍) ଦଳର ଅନେକେ ହିଁ ସୁବିଧାବାଦୀ; ସେମାନଙ୍କର ଧନ୍ଦା ହେଲା, ଚାକିରୀ ମିଳିବ କି ନାହିଁ, ଦୁଇ ପଇସା ପାଇବୁ କି ନାହିଁ। କଂଗ୍ରେସର ଲୋକମାନେ ମଧ୍ୟ ସେଇୟା। ଆଉ ଆମ ଦଳର ପିଲାମାନେ ନିଷ୍ଠାବାନ ଯେଉଁମାନଙ୍କୁ ପଇସା ଦେବାକୁ ହୁଏନା, ବରଂ ନିଜର ସାମର୍ଥ୍ୟ ଥିଲେ ଘରୁ ପଇସା ଆଣି କାମ କରନ୍ତି। ଯେଉଁ କମ୍ରେଡ୍‌ମାନେ ଚାକିରୀ କରନ୍ତି ସେମାନେ ପାର୍ଟିକୁ ସର୍ବସ୍ୱ ଦେ[illegible]ଅନ୍ତି। ଏହି ଦଳକୁ ଚାକିରୀ ପାଇବା

ଲୋଭରେ କେହି ଆସନ୍ତି ନାହିଁ। ଏଭଳି କର୍ମୀମାନେ କେବଳ ଏହି ଦଳରେ ହିଁ ଅଛନ୍ତି। ଏଥିପାଇଁ ଆମେ ଅନ୍ୟ ଦଳଠାରୁ ଗର୍ବ ଅନୁଭବ କରିପାରୁ। ପବ୍ଲିକ ମଧ୍ୟରେ ବି ଆମର ପ୍ରଶଂସା ବଢୁଛି। କାରଣ ପବ୍ଲିକ ତ ଅନ୍ଧ ନୁହଁନ୍ତି, ସେମାନେ ନିଶ୍ଚିତ ବିଚାର କରିବେ। ଦୁଇ ଦଳର କର୍ମୀଙ୍କୁ ଯେତେବେଳେ ସେମାନେ ରାସ୍ତାରେ ଚାଲିବା ଦେଖିବେ, ସେମାନେ ବିଚାର ନ କରି ରହି ପାରିବେ ନାହିଁ। ଶାଳୀନତା, ରୁଚି, ଶିକ୍ଷାଦୀକ୍ଷା, ଆତ୍ମତ୍ୟାଗ, ପରିଶ୍ରମ କରିବାର ଶକ୍ତି- ଏ ସମସ୍ତ ଦିଗରୁ ବିଚାର କଲେ ହିଁ ମନେହେବ ଯେ ଅନ୍ୟ ଯେକୌଣସି ଦଳର କର୍ମୀମାନଙ୍କ ଠାରୁ ଏହି ଦଳର ପୁଅ ଝିଅମାନେ ଖୁବ ଭଲ। ତେବେ ଖାଲି ପ୍ରଶଂସା ଦ୍ୱାରା କଣ କାମ ହେବ ?

ଏହି ପ୍ରସଙ୍ଗରେ ଆଉ ଏକ ବିଷୟ ଆଲୋଚନା କରିବା ଦରକାର। ଯେମିତି ଜଣେ କର୍ମୀ ପ୍ରଶ୍ନ କରିଛନ୍ତି, ଆମେ ଏତେ ଭଲ ହୋଇଯାଇଛୁ ଯେ ଆମ ଦଳର ସମସ୍ତ କର୍ମୀ କେବଳ ଭଲ ପୁଅଝିଅମାନଙ୍କ ମଧ୍ୟରେ ହିଁ ମିଳାମିଶା କରନ୍ତି। ଜନସାଧାରଣ ମଧ୍ୟ ମନେକରନ୍ତି, ଏହି ଦଳ ଯେତେ ସବୁ ଭଲ ପୁଅ-ଝିଅମାନଙ୍କର ଦଳ। ମାତ୍ର ଦେଶ ମଧ୍ୟରେ ଅଧିକାଂଶ ଉଦଣ୍ଡ ଯୁବକ ଏହି ଉଶୃଙ୍ଖଳ ରାଜନୀତି ଏବଂ ଭୁଲ ନେତୃତ୍ୱ, ସୁବିଧାବାଦୀ ରାଜନୈତିକ ଆନ୍ଦୋଳନ ଯୋଗୁ ବିଭ୍ରାନ୍ତ ବା misguided ହେଉଛନ୍ତି। ଏମାନେ ନବୁଝି ନାନା ଉଶୃଙ୍ଖଳ କାମରେ ଜଡ଼ିତ ଅଛନ୍ତି। କିନ୍ତୁ ଏମାନେ ତ ପ୍ରଧାନ ଯୁବଶକ୍ତି। ଏହି ଉଦଣ୍ଡ ଯୁବକ, ଯେଉଁମାନଙ୍କୁ ହୁଏତ ବହୁ ସମୟରେ ଲୋକେ ଗୁଣ୍ଡା କୁହନ୍ତି, ଆଡ୍ଡାବାଜ କୁହନ୍ତି, ସେମାନଙ୍କ ମଧ୍ୟରେ ଆମର ଆଦର୍ଶ ରେଖାପାତ କରିପାରୁ ନାହିଁ କାହିଁକି ? ଆମେ ସେମାନଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିପାରୁ ନାହୁଁ କାହିଁକି ? ଜଣେ କମ୍ରେଡ୍ ଏହି ବିଷୟରେ ପ୍ରଶ୍ନ କରିଛନ୍ତି। It is very important question to ponder over (ଏହା ଗଭୀରଭାବେ ଚିନ୍ତାକଲା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ)। ଏହା ଭାବିବା ଭଳି ବିଷୟ। ତା'ହେଲେ ଗୁଡିଗୁଡି ଭଲ ପୁଅ-ଝିଅମାନଙ୍କ ଦ୍ୱାରା ହିଁ ଯେ ଭାରତବର୍ଷରେ ବିପ୍ଳବ ହେବ, ତା ତ ନୁହେଁ, ଇତିହାସ ଏହା କହୁ ନାହିଁ। ପୁଣି ଅଧିକାଂଶ ଭଲ ପିଲାମାନେ ଆମ ଦଳର ଆଦର୍ଶ ଖୁବ ଭଲ ବୋଲି ତା' ଗ୍ରହଣ କରନ୍ତି। ମାତ୍ର ସମସ୍ତ ପ୍ରକାର ଝୁଙ୍କି ନେଇ, ଝଡ଼ଝଞ୍ଜାକୁ ସାମ୍ନା କରି, ରାଜନୈତିକ ଉଦ୍ୟୋଗ ନେଇ, ଜନସାଧାରଣଙ୍କ ମଧ୍ୟରେ ଝାମ୍ପି ପଡ଼ି କାମ କରିବାର ଶକ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କର ହିଁ ଏକାନ୍ତ ଅଭାବ। ଏହି ଦୁର୍ଦ୍ଦାନ୍ତିଆ ପିଲାମାନେ ଭ୍ରାନ୍ତ ପଥରେ ଚାଲୁଛନ୍ତି, ସେମାନେ ହୁଏତ ଗୁଣ୍ଡାମୀ କରନ୍ତି, ହୁଏତ ନିଜେ ନିଜର ଅନିଷ୍ଟ କରନ୍ତି। ସେମାନେ ସମସ୍ତେ ଏଭଳି କାମ କରନ୍ତି ଯାହାଫଳରେ ଯୁବ ଶକ୍ତିର ହିଁ ଯେ ଅନିଷ୍ଟ ହେଉଛି, ଦେଶର ହିଁ ଯେ ଅନିଷ୍ଟ ହେଉଛି, ସେହି ବୋଧଶକ୍ତି ଟିକକ ମଧ୍ୟ ସେମାନଙ୍କର ନାହିଁ। ତଥାପି ସେମାନଙ୍କର କର୍ମକ୍ଷମତା ରହିଛି। ସେମାନେ ଜନଗଣଙ୍କ ମଧ୍ୟରେ ଝାମ୍ପି ପଡ଼ି କାମ କରିପାରନ୍ତି। ଏହି ଉଶୃଙ୍ଖଳ

ରାଜନୀତି ମଧ୍ୟରେ ବି ସେମାନେ କାମ କରି ପାରନ୍ତି। ଅଥଚ, ଯେଉଁମାନେ ଗୁଡ ବୟ, ସେମାନେ ବଡ଼ ଆଦର୍ଶର କଥା କୁହନ୍ତି, ବଡ଼ ଆଦର୍ଶ ଯୋଗୁ ହିଁ ସେମାନେ ଆକୃଷ୍ଟ ହୋଇଛନ୍ତି; ମାତ୍ର ଜନଗଣଙ୍କ ମଧ୍ୟରେ ଝାମ୍ପି ପଡ଼ି, ସମସ୍ତ ପ୍ରକାର ପରିସ୍ଥିତିରେ ନିଜ ଉଦ୍ୟୋଗରେ ଆଉ ପାଞ୍ଚ ଜଣକୁ ଏକାଠି କରି ସେମାନଙ୍କୁ ନେତୃତ୍ୱ ଦେଇ କାମ କରିବାର କ୍ଷମତା ଏମାନଙ୍କ ମଧ୍ୟରୁ ଅନେକଙ୍କ ଭିତରେ ଦେଖାଯାଉ ନାହିଁ। ସେଥିପାଇଁ ଦଳ ଯଦି ଯଥାର୍ଥ କମ୍ୟୁନିଷ୍ଟ ଆଦର୍ଶ ଭିତ୍ତିକ ହୁଏ, ଭଲ ପିଲାମାନଙ୍କ ଉପରେ ସେହି ଆଦର୍ଶର ଆବେଦନ ରହିବ ହିଁ ରହିବ। ଦଳର ଆଦର୍ଶ ପ୍ରତି ଯଦି ସମାଜର ଭଲ ମଣିଷଙ୍କର ଏବଂ ଭଲ ସନ୍ତାନମାନଙ୍କର ଆବେଦନ ନଥାଏ, ଭଲ ଓ ସତ୍ ମଣିଷଙ୍କୁ ଦଳର ଆଦର୍ଶ, କର୍ମପଦ୍ଧତି, କର୍ମୀମାନଙ୍କର ଜୀବନ, ନେତାମାନଙ୍କର ଜୀବନ ଯଦି ଆକର୍ଷଣ କରି ନପାରେ, ତା'ହେଲେ ସେହି ଦଳ ଲୋକ ବଳ ଏକାଠି କଲେ ମଧ୍ୟ, ହଜାର ହଜାର କର୍ମୀ ଠୁଳ କଲେ ମଧ୍ୟ ଦେଶର କୌଣସି ମଙ୍ଗଳସାଧନ କରି ପାରିବ ନାହିଁ। ଏହି ଦଳର ଶକ୍ତି ବଢ଼ିଲେ ଉଚ୍ଛୃଙ୍ଖଳ ଏବଂ ବିଭ୍ରାନ୍ତିକର ରାଜନୀତିର ପ୍ରଭାବ କମିବ। ସେଥିପାଇଁ ଏହା ଏକ ଏସିଡ୍ ଟେଷ୍ଟ। ସେମାନେ କାମିକା ହୁଅନ୍ତୁ ବା ନହୁଅନ୍ତୁ, ଆମପ୍ରତି ଆକୃଷ୍ଟ ହେଉଥିବା ସତ୍ ସନ୍ତାନ-ସନ୍ତତି ଏବଂ ସତ୍ ମଣିଷମାନେ ଆମର ବଡ଼ ଆସେଟ୍ (ସମ୍ପଦ)। ପୁଣି ସମସ୍ତ ସ୍ତରର ଲୋକଙ୍କ ମଧ୍ୟରୁ ବିପୁଳ ସଂଖ୍ୟାରେ କର୍ମୀ ସଂଗ୍ରହ କରିପାରିବା ଆବଶ୍ୟକ, ଯେଉଁ କର୍ମୀମାନେ କାମିକା ଓ ଯୋଗ୍ୟତାସମ୍ପନ୍ନ ହେବେ।

## ଶକ୍ତି ବିନା ନ୍ୟାୟ ପ୍ରତିଷ୍ଠା କରାଯାଇ ପାରିବ ନାହିଁ

ବର୍ତ୍ତମାନ ଗୋଟିଏ ପ୍ରଶ୍ନରୁ ଆରମ୍ଭ କରାଯାଉ। ପ୍ରଶ୍ନ ଆସିଛି, ଆମେ ବୁଝୁ ବିପ୍ଳବ ବିନା କୌଣସି ସମସ୍ୟାର ସମାଧାନ ହେବ ନାହିଁ, ବିପ୍ଳବ ହିଁ ମୁକ୍ତିର ଏକମାତ୍ର ରାସ୍ତା, ତଥାପି ସେହି ବିପ୍ଳବ ପାଇଁ ମୁଁ ସବୁକିଛି ଦେଇ, ମନପ୍ରାଣ ଢାଳି କାମ କରିପାରୁ ନାହିଁ କାହିଁକି ? ଯେମିତି ପ୍ରଶ୍ନ ଆସିଛି, ଆମେ ଏହା ମଧ୍ୟ ବୁଝୁ ଯେ, ଆମ ଦଳ ସଠିକ୍, ଏହା ହିଁ ସଠିକ୍ ରାସ୍ତା ଏବଂ ଏହି ଦଳ ବାସ୍ତବରେ ନେତୃତ୍ୱ ଦେବା ଭଳି ସ୍ଥାନକୁ ଯେତେ ଦିନ ନ ଆସି ପାରିବ-ଏହି ଉଚ୍ଛୃଙ୍ଖଳ ରାଜନୀତି, career seeking politics (କ୍ୟାରିୟର ଗଢ଼ିବା ରାଜନୀତି), ସେ ବାମପନ୍ଥା ନାମରେ ହେଉ ବା ଦକ୍ଷିଣପନ୍ଥା ନାମରେ ହେଉ, ଆଉ ସେ କମ୍ୟୁନିଜିମ୍‌ର ଝଣ୍ଡା ଉଡାଇ ହେଉ, ବିପ୍ଳବର ଝଣ୍ଡା ଉଡେଇ ହେଉ, ସେତେ ଦିନ ଏହିସବୁ ହିଁ ଚାଲିବ। ହୁଏତ ଏହି ପକ୍ଷର ମୁରବିଗିରି ନଚେତ୍ ଅନ୍ୟପକ୍ଷର ମୁରବିଗିରି ଚାଲିବ। ଜନସାଧାରଣଙ୍କ ଅବସ୍ଥା ଯାହା ଥିଲା ସେଇୟା, କାହାରି କିଛି ହେବ ନାହିଁ। ଏହି ଯେଉଁ ରାଜନୀତିର ଦୁଷ୍ଟଚକ୍ର, ସେ କଂଗ୍ରେସ କ୍ଷମତାକୁ ଆସୁ କିମ୍ବା ତଥାକଥିତ କମ୍ୟୁନିଷ୍ଟମାନେ ଆସନ୍ତୁ, ଅବସ୍ଥା ତଥୈବଚ।

ଏହି ଅବସ୍ଥାର ପରିବର୍ତ୍ତନ କରିବାକୁ ହେଲେ କର୍ମୀମାନେ କହିଛନ୍ତି ଯେ, ଆନ୍ଦୋଳନର ନେତୃତ୍ୱ ଯଦି ଆମ ହାତରେ ଥାଏ, ତା'ହେଲେ ଆନ୍ଦୋଳନର ମୋଡ଼ ବଦଳିଯିବ, ଆନ୍ଦୋଳନର ଚରିତ୍ର ବଦଳି ଯିବ, ଆନ୍ଦୋଳନର ଦୃଷ୍ଟିଭଙ୍ଗୀ ମଧ୍ୟ ବଦଳି ଯିବ। ଯଦି ପ୍ରକୃତରେ  ଆନ୍ଦୋଳନର ନେତୃତ୍ୱ ବାସ୍ତବରେ ଆମ ହାତରେ ରୁହେ, ତା'ହେଲେ ରାଜନୈତିକ ଶକ୍ତି ଏବଂ ରାଜନୈତିକ ଆନ୍ଦୋଳନ ଏକ ନୂତନ ଉଚ୍ଚତର ପର୍ଯ୍ୟାୟକୁ ଯାଇପାରିବ। ଚିନ୍ତା କ୍ଷେତ୍ରରେ ଆମେ ଅନେକ ସ୍ଥାନରେ ନେତୃତ୍ୱ ଦେବା ଭଳି ଭୂମିକା ପାଳନ କରୁଛୁ। କେହି ମାନନ୍ତୁ ବା ନ ମାନନ୍ତୁ, ତା'ହେଲା, ଆମେ ଯାହା କହୁଛୁ ସେଗୁଡ଼ିକ ସଠିକ୍, ଆମେ ଯାହା ବ୍ୟାଖ୍ୟା କରୁଛୁ ସେଗୁଡ଼ିକ ବାସ୍ତବ– ସେହି ଅର୍ଥରେ ଚିନ୍ତାଗତ କ୍ଷେତ୍ରରେ ଆମର ନେତୃତ୍ୱର ଯୋଗ୍ୟତା ବାସ୍ତବ ଅର୍ଥରେ ଗଢ଼ି ଉଠିଛି। ଯେଉଁ କର୍ମୀମାନେ ଏକଥା ବୁଝିଛନ୍ତି, ସେମାନଙ୍କୁ ମଧ୍ୟ ବୁଝିବାକୁ ହେବ ଯେ, ଆମ ଦଳର ଶକ୍ତି ବୃଦ୍ଧି ନ ହେଲେ ଲୋକମାନେ ଏହାକୁ ସମ୍ପୂର୍ଣ୍ଣଭାବେ ସ୍ୱୀକୃତି ଦେବେ ନାହିଁ। ମଣିଷ ଶକ୍ତି ଦେଖେ। ଏସମ୍ପର୍କରେ ଷ୍ଟାଲିନ୍‌ଙ୍କର ଏକ ବିଖ୍ୟାତ ଉକ୍ତି ରହିଛି। ଶ୍ରମିକମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ, 'ଆଜିକାର ଏହି ଦୁନିଆ, ପୁଞ୍ଜିବାଦ ଦ୍ୱାରା ପରିବେଷ୍ଟିତ ଏହି ଦୁନିଆ, ଏଭଳି ଏକ ଦୁନିଆରେ ତୁମେ ବାସ କରୁଛ ଯେଉଁଠି ହଜାରେ ଭଲ କଥା, ନ୍ୟାୟ ନୀତିର କଥା, ସତ୍ କଥା, ଯେତେ ସତ୍ୟ କଥା ତୁମେ କୁହ, ସୁଯୁକ୍ତି, ସୁନୀତି, ସତ୍ୟ ଥିଓରି ତୁମେ କୁହ ନା କାହିଁକି, କେହି ଗ୍ରହଣ କରିବେ ନାହିଁ। କାହାରିକୁ ଏହା ମନାଇ ପାରିବେ ନାହିଁ। କାରଣ ଏହି ଦୁନିଆରେ ନ୍ୟାୟ ମାନି ଚାଲିବାର ପ୍ରବଣତା ନଷ୍ଟ ହୋଇଯାଇଛି। ଏଠାରେ ଲୋକେ ଅନ୍ୟାୟକୁ ମଧ୍ୟ ଗଳାଧଃକରଣ କରିପାରନ୍ତି ଏବଂ ମାନି ନିଅନ୍ତି। ସହଜରେ ହିଁ ମାନି ନିଅନ୍ତି, ରାଗ ନକରି ମାନି ନିଅନ୍ତି ଯଦି ତା'ପଛରେ ଶକ୍ତି ଦେଖନ୍ତି। ସୁତରାଂ, ନ୍ୟାୟର ଜୟ ଯଦି ଘୋଷଣା କରିବାକୁ ଚାହଁ, ତା'ହେଲେ କେବଳମାତ୍ର ନ୍ୟାୟ ଓ ସଠିକ୍ ରାସ୍ତା ବତାଇଲେ ହିଁ ଚଳିବ ନାହିଁ। ନ୍ୟାୟ ପ୍ରତିଷ୍ଠା କରିବା ପାଇଁ, ସଠିକ୍ ରାସ୍ତାରେ ବିଜୟ ପ୍ରାପ୍ତି ନିମନ୍ତେ ଶକ୍ତି ଅର୍ଜନ କରିବାକୁ ହେବ। କାରଣ ପୁଞ୍ଜିପତିମାନେ ଶୋଷକ ସମ୍ପ୍ରଦାୟ ଏପରିକି ସାଧାରଣ ମଣିଷ ମଧ୍ୟ ଶକ୍ତିର ଭାଷା ସହଜରେ ବୁଝନ୍ତି। ଯଦିଓ ବିପ୍ଳବୀମାନଙ୍କର ସାଧାରଣ ମଣିଷକୁ ବୁଝାଇବାର ଉପାୟ ଶକ୍ତିର ଭାଷା ହେବ ନାହିଁ। ତା' ହେବ ଯୁକ୍ତିର ଭାଷା, ନ୍ୟାୟ ନୀତି, ତତ୍ତ୍ୱ ସିଦ୍ଧାନ୍ତର ଭାଷା। ମାତ୍ର ତୁମେ ଯଦି ଶକ୍ତି ଅର୍ଜନ ନକରିପାର, ତାହେଲେ ଶତ୍ରୁପକ୍ଷ ତୁମର କୌଣସି ବି କଥା ମାନିବ ନାହିଁ କିମ୍ବା ସେ ପରାସ୍ତ ହେବ ନାହିଁ। ହଜାରେ ଭଲ କଥା କହିଲେ ମଧ୍ୟ ଅନ୍ୟାୟର ଶାସନ ଚାଲୁ ରହିବ। ସୁତରାଂ, ସେହି ଅନ୍ୟାୟକୁ ପରାସ୍ତ କରିବା ପାଇଁ ତୁମର ଶକ୍ତିର ପ୍ରୟୋଜନ'।

ଯେଉଁ କର୍ମୀ ଜଣଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମୁଁ ଯେଉଁ କଥା କହୁଥିଲି,

ଆମେ ବୁଝୁ ଯେ, ଆମ ଦଳ ସାମ୍ନାକୁ ନଆସିଲେ, ନେତୃତ୍ୱକୁ ନଆସିଲେ ଭାରତବର୍ଷର ମୁକ୍ତି ନାହିଁ । ପରିବେଶକୁ କିଛି ମାତ୍ରାରେ ଦେଖି ଏହା ବୁଝିପାରିଛି । ପୂର୍ବରୁ ବାହାରର ପରିବେଶ ଯେତେ କଠିନ ଥିଲା, ଅର୍ଥାତ୍ ଆମ ପାଇଁ  କାମ କରିବା ଯେତେ ଦୁରୂହ ଥିଲା, ବର୍ତ୍ତମାନ ବାହାରର ପରିବେଶ ଅର୍ଥାତ୍ ଜନସାଧାରଣଙ୍କ ମଧ୍ୟରେ ପାର୍ଟି କାମ କରିବାର ସେହି ଦୁରୂହ ଦୁର୍ଲଙ୍ଘ ବାଧା ସବୁ ସେତେ ନାହିଁ । ଲୋକେ ଆମ କଥା ଶୁଣିବାକୁ ଚାହାଁନ୍ତି । କମ୍ରେଡ୍ ଜଣକ କହିବାକୁ ଚାହିଁଛନ୍ତି, ଜନଗଣଙ୍କ ନିକଟରେ ଆମର ଆବେଦନ ବଢିଛି । ଛୋଟ ହେଉ, ବଡ ହେଉ, ଏହି ପାର୍ଟିଟି ପ୍ରତି ଲୋକଙ୍କର ନଜର ରହିଛି । ଏପରିକି ବିଭିନ୍ନ କାରଣରୁ ଯେଉଁମାନେ ଗାଳିଗୁଲଜ କରନ୍ତି, ସାମାନ୍ୟ ବିଶ୍ଳେଷଣ କଲେ ହିଁ ଟେର୍ ମିଳିବ ଯେ, ସେମାନଙ୍କ ମଧ୍ୟରେ ବି ପାର୍ଟି ସମ୍ପର୍କରେ ଭିତରେ ଭିତରେ ଶ୍ରଦ୍ଧାଭାବ ରହିଛି । କର୍ମୀମାନେ ମଧ୍ୟ ଏହା feel (ଅନୁଭବ) କରୁଛନ୍ତି । ବର୍ତ୍ତମାନ ପରିବେଶ ଯେ ଅନେକାଂଶରେ ଅନୁକୂଳ, ତାହା ବି ପ୍ରଶ୍ନ ମଧ୍ୟରେ ଆସିଛି । କେଉଁ ଅର୍ଥରେ ଅନୁକୂଳ ? ତା' ହେଲା ପୂର୍ବ ତୁଳନାରେ ଅନୁକୂଳ । ଏହି ଅନୁକୂଳ କଥାଟିର ଅର୍ଥ ଏହା ନୁହେଁ ଯେ, କାମ କରିବା ଆରମ୍ଭ କଲେ ହିଁ ହୁ ହୁ କରି ଲୋକ ଦଳକୁ ଆସିଯିବେ । ଏହି ଅନୁକୂଳ କଥାଟିର ଅର୍ଥ ହେଲା, ନାନା କାରଣରୁ କାମ କରିବା କ୍ଷେତ୍ରରେ ଯେଉଁ ଦୁର୍ଲଙ୍ଘନୀୟ ବାଧା ଥିଲା, ଜନସାଧାରଣଙ୍କ ନିକଟକୁ ଯିବା ଏବଂ ସେମାନଙ୍କୁ କିଛି ଶୁଣାଇବା କ୍ଷେତ୍ରରେ ଯେଉଁ ଦୁର୍ଲଙ୍ଘନୀୟ ବାଧାସବୁ ପୂର୍ବରୁ ଥିଲା, ତା' ଅନେକାଂଶରେ ବଦଳିଛି । ଏକ ମୁଖ୍ୟ ବାଧାଭାବେ ଯା' ଥିଲା, ତା'ହେଲା କମ୍ୟୁନିଷ୍ଟ ପାର୍ଟି ଭାବରେ ସି.ପି.ଆଇ, ଏହା ପରେ ସି.ପି.ଆଇ(ଏମ୍) ଏବଂ ଏହାର କିଛି ଦିନ ପରେ ନକ୍ସଲମାନେ ଯେଉଁ credit enjoy (ସୁନାମ ଉପଭୋଗ)କରୁଥିଲେ, ଆଜି ସମାଜରେ ତା' ଅନେକାଂଶରେ ନଷ୍ଟ ହୋଇଯାଇଛି । ସେମାନେ ଅନେକାଂଶରେ discredited (ନିନ୍ଦିତ) ହୋଇଛନ୍ତି । ସମ୍ପୂର୍ଣ୍ଣଭାବେ ହୋଇଯାଇଛନ୍ତି, ଏମାନଙ୍କ ସମ୍ପର୍କରେ ସମସ୍ତେ ମୋହମୁକ୍ତ ହୋଇଯାଇଛନ୍ତି, ଏଗୁଡ଼ିକ ହେଲା ଗୋଟିଏ ଝୁଙ୍କର କଥା । ସେମାନେ ଅନେକାଂଶରେ exposed (ସେମାନଙ୍କର ମୁଖା ଖୋଲି ଯାଇଛି) ହୋଇଛନ୍ତି । ଏହି କଥା ଦ୍ୱାରା ଯଦି ଜଣେ କମ୍ରେଡ୍ ସଙ୍ଗେ ସଙ୍ଗେ ମନେକରନ୍ତି ଯେ, ସେମାନେ ସମ୍ପୂର୍ଣ୍ଣଭାବେ ଏକ୍ସପୋଜଡ୍ ହୋଇଯାଇଛନ୍ତି, ତେବେ ତା' ଠିକ୍ ନୁହେଁ । ତେବେ ଏହା ଠିକ୍, ପୂର୍ବରୁ ସେମାନଙ୍କର ଯେଉଁ ସୁନାମ ଥିଲା, ଆଜି ତା' ସେହି ଜାଗାରେ ନାହିଁ । ପୂର୍ବରୁ ଲୋକେ ସେମାନଙ୍କୁ ନିଃସଂଶୟରେ କମ୍ୟୁନିଷ୍ଟ ବୋଲି ମନେକରୁଥିଲେ, ମନେକରୁଥିଲେ ଏମାନଙ୍କ ଦ୍ୱାରା ହିଁ ହେବ, ଏମାନେ ହିଁ ବିପ୍ଳବୀ । ସେମାନଙ୍କ ସମ୍ପର୍କରେ ସମାଜ ମଧ୍ୟରେ ଏହି ଧରଣର ଯେଉଁ ବିଶ୍ୱାସ ଥିଲା, ବର୍ତ୍ତମାନ ତା' ଆଉ ସେହି ସ୍ଥାନରେ ନାହିଁ । ବର୍ତ୍ତମାନ ଲୋକେ ସି.ପି.ଆଇ ଓ ସି.ପି.ଆଇ(ଏମ୍) ଏବଂ ନକ୍ସଲମାନଙ୍କ ସମ୍ପର୍କରେ ପ୍ରଶ୍ନ ଉଠାଉଛନ୍ତି ।

ଲୋକଙ୍କ ମଧ୍ୟରେ ଗୋଟିଏ section if not the majority of the people, but a good section and large section of the masses (ଯଦିଓ ସଂଖ୍ୟାଗରିଷ୍ଠ ଲୋକଙ୍କ ମଧ୍ୟରେ ନୁହେଁ, କିନ୍ତୁ ଏକ ଭଲ ସଂଖ୍ୟକ ଓ ବିରାଟ ସଂଖ୍ୟକ ଲୋକଙ୍କ ମଧ୍ୟରେ) ସି.ପି.ଆଇ(ଏମ୍), ସି.ପି.ଆଇ ତ ନିଶ୍ଚୟ, ଏପରିକି ନକ୍ସଲ୍‌ପନ୍ଥୀମାନଙ୍କ ସମ୍ପର୍କରେ ସଂଶୟ ସୃଷ୍ଟି ହୋଇଛି। ପୁଣି କେହି କେହି ମନେକରନ୍ତି, ଏମାନଙ୍କର କୌଣସି ରାସ୍ତା ହିଁ ନାହିଁ, ଯାହା ଅଛି ତା' ଭୁଲ ଏବଂ ଏମାନଙ୍କ ଦ୍ୱାରା କିଛି ହେବ ନାହିଁ। ସେହି ଜାଗାରେ naturally (ସ୍ୱାଭାବିକଭାବେ), ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଉପରେ ଲୋକଙ୍କର ନଜର ପଡୁଛି। ପୁଣି ସଙ୍ଗେ ସଙ୍ଗେ ହିଁ ସେମାନେ ଏହି ଭାବନା ପ୍ରକାଶ କରୁଛନ୍ତି, ଆପଣମାନେ କେବେ କଣ କରିବେ। ଆପଣମାନେ ପାରିବେ ତ ? ଆପଣମାନେ ଏତେ କ୍ଷୁଦ୍ର ପାର୍ଟି, ହଁ ଆପଣମାନଙ୍କ ପ୍ରତି ଭରସା ଅଛି। ମାତ୍ର ଆପଣମାନଙ୍କ ଦ୍ୱାରା ହେବ କି ? ଆଉ କେବେ ହେବ, ସେତେବେଳକୁ ଆମେ ସବୁ ମରି ଭୁତ ହୋଇଯାଇଥିବୁ। ଆପଣମାନେ କେବେ ଶକ୍ତି ସଞ୍ଚୟ କରିବେ, ତା'ପରେ ବିପ୍ଳବ ହେବ ! ଏହିଭଳି ଏକ ମନୋଭାବ ଦଳେ ଲୋକଙ୍କ ଭିତରେ ଗଢ଼ି ଉଠିଛି। ପୁଣି କାହାରି କାହାରି ମଧ୍ୟରେ ଅନ୍ୟପ୍ରକାର ଭାବନା ମଧ୍ୟ ଅଛି। ସେମାନଙ୍କର କଥା ହେଲା, ଆପଣମାନେ ଯେଉଁ କାମ କରୁଛନ୍ତି, ଆପଣମାନଙ୍କୁ ଦେଖିଲେ ଭଲଲାଗେ, ଆପଣମାନେ ହିଁ ସଠିକ୍, ଏକମାତ୍ର ଆପଣମାନଙ୍କର ପାର୍ଟି ହିଁ ଏବେ ବି ଠିକ୍ ଅଛି, ବାକି ସମସ୍ତଙ୍କୁ ହିଁ ତ ଦେଖି ସାରିଲୁ। କିନ୍ତୁ କିଛି ହେବ ନାହିଁ ଆଜ୍ଞା, ଏହି ଦେଶରେ କିଛି ହେବ ନାହିଁ। ଲୋକଗୁଡ଼ାକ ସବୁ ଖରାପ ହୋଇଯାଇଛନ୍ତି। ଲୋକଙ୍କ ମନର ଏହି ଯେଉଁ ପରିପ୍ରକାଶ ଘଟୁଛି, ସେଗୁଡ଼ିକ ମଧ୍ୟରୁ କୌଣସି ଟା ହିଁ ଖରାପ ଲକ୍ଷଣ ନୁହେଁ। ଅଥଚ, ଅନେକ କିଛି ବୁଝାଇଲା ପରେ ଯେତେବେଳେ କର୍ମୀଟି ସେହି ଲୋକଟି ମୁହଁରୁ ଶୁଣିଲା, ନାହିଁ, ନାହିଁ, ଆଜ୍ଞା, ଏ ଦେଶରେ କିଛି ହେବ ନାହିଁ, ତତ୍‌କ୍ଷଣାତ୍ ସେହି କର୍ମୀଙ୍କର ପ୍ରତିକ୍ରିୟା ହେଉଛି, ସେ କିଛି ବୁଝିଲେ ନାହିଁ। ଏହି କଥାଟି ଦ୍ୱାରା ସେହି କର୍ମୀ ଜଣକ ଏତିକି ମାତ୍ର ଭାବିଥିଲେ ଯେ, ମୁଁ ଯେତେବେଳେ ଏତେ ସମୟ ଧରି ବୁଝାଇଲି ଏବଂ ସେ ଯେତେବେଳେ ସି.ପି.ଆଇ(ଏମ୍) ଦ୍ୱାରା କିଛି ହେବ ନାହିଁ ବୋଲି ବୁଝିଛନ୍ତି, ସଙ୍ଗେ ସଙ୍ଗେ ସେ କାହିଁକି ହାତ ବଢ଼ାଇ ଦେଇ କହିଲେ ନାହିଁ ଯେ, 'କମ୍ରେଡ୍ ଆସନ୍ତୁ, ଏଥର ମୁଁ ଆପଣଙ୍କ ସହିତ କାମରେ ଓହ୍ଲାଇ ପଡିବି।' ଏହା ନକହି ସେ ଯେତେବେଳେ ପୁଣି ଓଲଟାଭାବେ କହିଲେ ଯେ, ନାହିଁ ଆଜ୍ଞା, କିଛି ହେବ ନାହିଁ, କିଛି ହେବାର ବି ନାହିଁ, ସେ ଯାହା କୁହନ୍ତୁ, କିଛି ହେବ ନାହିଁ, ବହୁତ ଦେଖିଲୁ, ସେତେବେଳେ ହିଁ କର୍ମୀ ଜଣକ ଦବିଗଲେ। ତା'ହେଲେ ଆଉ କଣ ହେବ ? ଏତେ ବୁଝାଇଲି, ସେ କୌଣସି କଥା ତ ଶୁଣିବାକୁ ହିଁ ଚାହୁଁ ନାହାନ୍ତି। ସେତେବେଳେ କର୍ମୀ ଜଣକ କହିବାକୁ ଆରମ୍ଭ

କଲେ– ଆଜ୍ଞା ଟିକିଏ ଶୁଣନ୍ତୁ ନା, ଆଉ ସେ କହୁଛନ୍ତି– କଣ ଶୁଣିବି ଆଜ୍ଞା, ଆପଣମାନେ ତ କେତେ ଦିନ ଧରି ରାଜନୀତି କରୁଛନ୍ତି, ମୋର ବୟସ ବି ଅନେକ ହୋଇଗଲା, ମୁଁ ବହୁତ ଦେଖିଛି, ବହୁ ପାର୍ଟି ଦେଖିଛି, ବୁଝିଲେ ଆଜ୍ଞା, ମୋର ଏଗୁଡ଼ିକ ଦେଖା ହୋଇଯାଇଛି । ମାତ୍ର ସେହି କମ୍ରେଡ୍ ଜଣକ ଭାବିଲେ ନାହିଁ ଯେ, ଦୁଇ ଦିନ ପୂର୍ବରୁ ଯେଉଁ ଲୋକ ଏତେ କଥା କହୁ ନଥିଲା, ବର୍ତ୍ତମାନ ସେ ଏତେଗୁଡ଼ିଏ କଥା ମୋତେ କହୁଛନ୍ତି । ଆଉ ସେହି କଥା ମଧ୍ୟରେ ସେ ଏହି କଥା କହୁଛନ୍ତି ଯେ, ଏହି ପୁରୁଣା ପାର୍ଟିଗୁଡ଼ିକ ସମ୍ପର୍କରେ ସେ ମୋହମୁକ୍ତ । ଏବଂ ଏହା ମଧ୍ୟ ସେ ବିଶ୍ୱାସ କରନ୍ତୁ ବା ନକରନ୍ତୁ, ପ୍ରକାଶ ଭଙ୍ଗୀମାରେ, ଇଙ୍ଗିତରେ ସେ କହୁଛନ୍ତି ଯେ, ତାଙ୍କର ମନ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ସମ୍ପର୍କରେ ଭିତରେ ଭିତରେ soft (ନରମ) ହେଉଛି । ଯଦିଓ ସେ ଏବେ ବି ବିଶ୍ୱାସ କରିପାରୁ ନାହାନ୍ତି ଯେ, ଆମେ କିଛି କରିପାରିବୁ ।

## ବିପ୍ଳବ ବିରୋଧୀ ଦଳଗୁଡ଼ିକର ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ବିରୋଧୀ କମନ ଫ୍ରଣ୍ଟ

ତାଙ୍କ ଉକ୍ତିରୁ ଏହି ଯେଉଁ ଦୁଇଟି କଥା ପ୍ରକାଶିତ ହେଲା, ସେହି ଦୁଇଟି ବିଷୟ ହିଁ ଏକ ମୂଲ୍ୟବାନ ଦିଗକୁ ଦର୍ଶାଉଛି । ସେ କହୁଛନ୍ତି, ଧୈର୍ଯ୍ୟ ସହକାରେ କାମ କର, ପଡ଼ି ରହି କାମ କର, ଲୋକଙ୍କ ସହିତ ମିଶି ଚାଲ, ଲୋକଙ୍କ ମଧ୍ୟକୁ ଯିବା ଜାରି ରଖ, ଫଳ ପାଇବ । ଏପରିକି ଯେଉଁ ବ୍ୟକ୍ତି ଏହିଭଳି ଉତ୍ତର ଦିଅନ୍ତି, ସେଠାରେ ଏହା ହିଁ indicative (ସୁଚିତ) ଯେ, ଲୋକମାନେ ଭାବୁଛନ୍ତି । ଆଜି ଯେଉଁମାନେ ଏ ଧରଣର କଥା କହୁଛନ୍ତି, ସେମାନେ ହିଁ ହୁଏତ ପାଞ୍ଚ ବର୍ଷ କିମ୍ବା ଦୁଇ ବର୍ଷ ପରେ, ଘଟଣା ଓ ଆନ୍ଦୋଳନର ପ୍ରବାହରେ ଏବଂ ଆମେ ଯଦି ଯୋଗାଯୋଗ ନଛାଡୁ ଏବଂ ପ୍ରତିନିୟତ ପରିଚର୍ଯ୍ୟା କରୁ, ଆଉ ନିଜର ଆତ୍ମବିଶ୍ୱାସ ନହରାଉ ତେବେ ଏହି ଧରଣର ଏକ ବିରାଟ ଅଂଶର ମଣିଷ ସକ୍ରିୟ କର୍ମୀ ହୁଅନ୍ତୁ ବା ନହୁଅନ୍ତୁ, ଦଳର ସକ୍ରିୟ ସମର୍ଥକରେ ପରିଣତ ହେବେ । ସେମାନେ ସେହି ଦିଗରେ ହିଁ ପାଦ ବଢ଼ାଉଛନ୍ତି । ଏହି ପାଦ ବଢ଼ାଇବାର ରୀତିଟି ନାନା ଘାତପ୍ରତିଘାତ ଦ୍ୱାରା ଧକ୍କା ଖାଇବା ଫଳରେ ସେମାନଙ୍କ ମାନସିକତାରେ ଯେଉଁ ଜଟିଳତା ସୃଷ୍ଟି ହୋଇଛି, ସେହି ଜଟିଳତା ଯୋଗୁ ସେଗୁଡ଼ିକର ପରିପ୍ରକାଶ ଏହିଭଳି ନାନା ରୂପରେ ଘଟୁଛି । ବିଭିନ୍ନ ଲୋକଙ୍କ ମଧ୍ୟରେ ଭିନ୍ନଭିନ୍ନ ଚିନ୍ତାର ପରିପ୍ରକାଶ ଘଟୁଛି । ମାତ୍ର ସମସ୍ତ କଥା ମଧ୍ୟରୁ କଣ କଣ ମିଳିଲା ? ଏହି ଯେ ଏତେ ସମୟ ଧରି ଯାହା ଆଲୋଚନା ହେଲା–ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ସମ୍ପର୍କରେ କଣ କୌଣସି ପ୍ରକାର ଉଗ୍ର ବିଦ୍ୱେଷ ପାଇଲେ ? ନା, ତା' ପାଇଲେ ନାହିଁ । ତା'ହେଲେ ଏଥିରୁ କଣ ପାଇଲେ ? ଦେଖିବାର ଆଖିଥିଲେ ଅବଶ୍ୟ ତା' ନଜରରେ ପଡ଼ନ୍ତା । ବର୍ତ୍ତମାନ ପରିବେଶ କଣ ? ସମସ୍ତ ଦଳର କର୍ମୀମାନେ ଜାଣନ୍ତି ଯେ,

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଏକ ଛୋଟ ପାର୍ଟି ହେଲେ ମଧ୍ୟ ଏହା ସମ୍ବନ୍ଧରେ ରାଜନୈତିକ ମହଲରେ ଏକ ଅଦ୍‌ଭୁତ୍ ଆଲୋଚନା ଚାଲିଛି। ଲୋକଙ୍କ ନଜରରେ ପଡୁଛି ଯେ,ପ୍ରତ୍ୟେକ ଦଳ ସହିତ ପ୍ରତ୍ୟେକ ଦଳର ସଂଗଠନଗତ କ୍ଷେତ୍ରରେ, ରାଜନୀତିଗତ କ୍ଷେତ୍ରରେ ଲଢ଼ାଲଢ଼ି ଚାଲିଛି, ଝଗଡ଼ା ଚାଲିଛି। କେଉଁଠି କେଉଁଠି ସେହି ଝଗଡ଼ା ମଧ୍ୟ ବହୁ ସମୟରେ ମାରମୁଖୀ ରୂପ ମଧ୍ୟ ନେଉଛି। ମାତ୍ର ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର କଥା ଉଠିଲେ ହିଁ ଏହି ସମସ୍ତ ଦଳ ମଧ୍ୟରେ ଏକ common front (ସାଧାରଣ ମେଣ୍ଟ) ହୋଇଯାଏ। କାରଣ, ସମସ୍ତେ ହିଁ ଯେମିତି ସେମାନଙ୍କର ମୃତ୍ୟୁବାଣଟି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ମଧ୍ୟରେ by intuition and by instinct(ଘ୍ରାଣ ଶକ୍ତି) ବଳରେ ବୁଝିପାରନ୍ତି। ସେମାନେ class instinct (ଶ୍ରେଣୀ ଗତ ଘ୍ରାଣଶକ୍ତି)ରୁ ବୁଝନ୍ତି। ସେଥିପାଇଁ ଦେଖିବାକୁ ପାଇବେ, ସି.ପି.ଆଇ ଏବଂ ସି.ପି.ଆଇ(ଏମ୍) ନିଜ ମଧ୍ୟରେ ଝଗଡ଼ା କରୁଛନ୍ତି, ଆଉ ଯେମିତି ହିଁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର କଥା ଆସିଲା, ସଙ୍ଗେ ସଙ୍ଗେ ସେମାଙ୍କର ସ୍ୱର ଏକ ହୋଇଗଲା। ଆର.ଏସ୍.ପି, ସି.ପି.ଆଇ(ଏମ୍) ମଧ୍ୟରେ କେବେ କେବେ ମଧ୍ୟ conflict (ସଂଘର୍ଷ)ହୁଏ। ଏତେ ଦିନ ଧରି ତ ସେମାନେ ଏକା ସାଙ୍ଗରେ ଚାଲିଛନ୍ତି, ଏବେ କିଛି କିଛି ବିରୋଧ ହେଉଛି। ବର୍ତ୍ତମାନ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ସହିତ ଏକତ୍ର ସେମାନେ ସି.ପି.ଆଇ(ଏମ୍) ବିରୁଦ୍ଧରେ ଲଢୁଛନ୍ତି। ମାତ୍ର କେଉଁଠି ବି ଅଲଗା ଭାବେ ଯଦି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ପ୍ରସଙ୍ଗ ଉଠେ, ତା' ହେଲେ ସେମାନେ more vocal (ଅଧିକ ମୁଖର), and no less vocal than CPI(M) against S.U.C.I(C) (ଏବଂ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ବିରୁଦ୍ଧରେ ସେମାନେ ସି.ପି.ଆଇ(ଏମ୍) ଠାରୁ କୌଣସି ଗୁଣରେ କମ ମୁଖର) ନୁହଁନ୍ତି। Similarly Forward Block (ଫରୱାର୍ଡ ବ୍ଲକ୍ ମଧ୍ୟ ସେହିଭଳି)। ସେଥିପାଇଁ ମୁଁ ଏକଦା ଏକ ମିଟିଂରେ ଅନେକ ଭାବି ନିଜର କଣ୍ଠରୋଧ କରିଥିଲି। ମୁହଁରୁ ପ୍ରାୟ ଏହି କଥାଟି ବାହାରି ଆସିଥିଲା- ଏକ ଅଦ୍ଭୁତ ଘଟଣା ଦେଖୁଛି, ସମସ୍ତେ ହିଁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ନାଁ ଶୁଣିବା ମାତ୍ରେ ଏକେବାରେ ରାଗି ନିଆଁବାଣ ହୋଇଯାଆନ୍ତି। ଏହା ଦ୍ୱାରା କଣ ପ୍ରମାଣ ହୁଏ ? ଏହି ଯେ ବିଦ୍ୱେଷ, ଏହା ଦ୍ୱାରା ଗୋଟିଏ କଥା ପ୍ରମାଣିତ ହୁଏ ଯେ- ଅଦ୍ୟାପି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଭଳି ହୁଏତ ଏତେ ବଡ଼ ଏକ ଅତ୍ୟନ୍ତ ଖରାପ ପାର୍ଟି, ଏଭଳି ଏକ ଦୁଷ୍ଟ ପାର୍ଟି ଭୂଭାରତରେ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ଜନ୍ମ ହୋଇନାହିଁ। ଏହା ଏତେ ବାଜେ ପାର୍ଟି ଯେ, ତା' କଂଗ୍ରେସ କୁହ, ବୁର୍ଜୁଆ କୁହ, ଫାସିଷ୍ଟ କୁହ, ଏହା କାହାରି ଭଳି ନୁହେଁ। ଏହା ସମସ୍ତଙ୍କ ଠାରୁ ଶୟତାନ ପାର୍ଟି। ଏମାନେ ମାନବ ସଭ୍ୟତାର ସବୁଠାରୁ ବଡ଼ ଦୁଶମନ। ତେଣୁ ମାନବ ସଭ୍ୟତା ପାଇଁ ନିଜ ନିଜ ମଧ୍ୟରେ ମତଭେଦ ଥିବା ସତ୍ତ୍ୱେ ବି ନାନା

ଦଳରେ ବିଭକ୍ତ ହୋଇ ଯେଉଁ ଦଳଗୁଡ଼ିକ ଅଲଗା ଅଲଗା ଭାବେ କାମ କରୁଛନ୍ତି, ସେମାନଙ୍କର ସମସ୍ତଙ୍କର କଣ୍ଠସ୍ୱର ମାନବ ସଭ୍ୟତାର ଉଦ୍‌ବେଗରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ବିରୁଦ୍ଧରେ ଏକ ହୋଇଯାଏ ! ଆଉ ତା'ନହେଲେ,ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ମଧ୍ୟରେ ହିଁ ରହିଛି ଏହି ସମସ୍ତ ପାର୍ଟିଗୁଡ଼ିକର ମୃତ୍ୟୁବାଣ ଏବଂ ଏହା ହିଁ ବିପ୍ଳବର ଏକମାତ୍ର ଶକ୍ତି, ଯାହାକୁ ଦେଖିଲେ ସବୁ ବିପ୍ଳବ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଆତଙ୍କ ସୃଷ୍ଟି ହୁଏ। ଯେଉଁ କାରଣରୁ ସମସ୍ତେ ଏକ କମନ୍ ଫ୍ରଣ୍ଟରେ ମିଳିତ ହୋଇ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ କଣଠେସା କରିବାକୁ ଚାହାଁନ୍ତି ଯଦ୍ୱାରା କି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ସାମ୍ନାକୁ ନଆସି ପାରେ।

ଖବର କାଗଜବାଲାଙ୍କୁ ଦେଖନ୍ତୁ। ଆମ ଦେଶରେ ଏହି ଖବର କାଗଜବାଲାମାନେ, ମନୋପଲିଷ୍ଟ (ଏକଚାଟିଆ ପୁଞ୍ଜିପତି)ମାନେ ନେତା ତିଆରି କରନ୍ତି। ଖବର କାଗଜରେ ଢ଼ୋଲ ପିଟି ପିଟି ଗୋଟେ ମାଙ୍କଡ଼କୁ ମଧ୍ୟ ଏମାନେ ନେତା ବନେଇ ଦେଇ ପାରନ୍ତି। ଗୋଟିଏ କମ୍ପ୍ଲିଟ୍ ମାଙ୍କଡ଼- ତାକୁ ମଧ୍ୟ ଏମାନେ ନେତା କରିଦିଅନ୍ତି। ଖବର କାଗଜରେ ତା'ର ଛବି ଦେଉଛନ୍ତି, ବାଣୀ ଛାପୁଛନ୍ତି, ବକ୍ତୃତା ଛାପୁଛନ୍ତି, କେଉଁଠି ସେ କିଭଳି କାଶିଲେ, ଛିଙ୍କିଲେ, କେଉଁଠି ସେ କି ବାଣୀ ଦେଲେ, ଯଦିଓ ଏଗୁଡ଼ା ସବୁ ବୋକା ଭଳି, ସେଥିରେ କିଛି ଯାଏ ଆସେ ନା। ତଥାପି ଯେଉଁ କଥାଗୁଡ଼ିକ ସେମାନେ କୁହନ୍ତି, ସେଗୁଡ଼ିକୁ ବଡ଼ ବଡ଼ ଅକ୍ଷରରେ ଛାପିବାକୁ ହେବ। ଆଉ ଲୋକମାନେ ଖବର କାଗଜ ପଢ଼ି ଏବଂ ରେଡିଓରେ ଶୁଣି ଧରିନେଲେ, ଏ ହିଁ ହେଉଛନ୍ତି ଜଣେ ଖୁବ ଟାଣୁଆ ନାମଜାଦା ଲୋକ। କିଛି ନବୁଝି ଆଉ ନଦେଖି କେବଳ ଖବର କାଗଜ ପଢ଼ି ଏବଂ ରେଡିଓ ଶୁଣି ସମଗ୍ର ଦେଶର ଲୋକ ଜାଣିଗଲେ ଯେ, ସେ ଜଣେ ବିରାଟ ନେତା, ବାସ୍, ନେତା ତିଆରି ହୋଇଗଲା। ଏହିଭଳି ଭାବେ ବୁର୍ଜୁଆମାନଙ୍କର କୌଶଳ ହେଲା ଖବର କାଗଜ ମାଧ୍ୟମରେ ନେତା ତିଆରି କରିବା। ଟିକିଏ ଲକ୍ଷ୍ୟ କରନ୍ତୁ, ବୁଝିପାରିବେ। କଟକରେ ଏ.ଆଇ.ଡି.ଏସ୍.ଓ All India Students' Conference (ସର୍ବଭାରତୀୟ ଛାତ୍ର ସମ୍ମିଳନୀ) କଲା। ସି.ପି.ଆଇ(ଏମ୍) ଏବଂ ଅନ୍ୟମାନେ ମଧ୍ୟ ସମ୍ମିଳନୀ କଲେ। ବାହାରୁ ସି.ପି.ଆଇ(ଏମ୍)ର ହାବଭାବ ହେଲା ଯେ, ସେମାନେ କଂଗ୍ରେସର ଏକ ବିରାଟ ବିପ୍ଳବୀ ପ୍ରତିପକ୍ଷ। ଏହାର ଅର୍ଥ ହେଲା, ସେମାନେ କଂଗ୍ରେସର ବିରୁଦ୍ଧ ଶକ୍ତି, ଏପରିକି anti congressism (କଂଗ୍ରେସବାଦ ବିରୋଧୀ)ର ପ୍ରତୀକ। ଏହି ଖବର କାଗଜମାନେ କେତେବେଳେ ବି ଯଦି ଆମ୍ଭମାନଙ୍କ ମଧ୍ୟରୁ କାହାରି ବକ୍ତୃତା ଟିକେ ଅଧେ ଛାପିଲେ, ତେବେ ସି.ପି.ଆଇ(ଏମ) ମଧ୍ୟରେ ଚହଳ ପଡ଼ିଗଲା। ସେତେବେଳେ ସେମାନେ ଚିତ୍କାର କରିବା ଆରମ୍ଭ କରିଦେଲେ ଯେ, ଏଗୁଡ଼ିକ ସବୁ ପୁଞ୍ଜିପତିଶ୍ରେଣୀର ଖବରକାଗଜ; ସେମାନେ ତ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ଖବର ନିଶ୍ଚିତ ଛାପିବେ।

ଖବରକାଗଜଗୁଡ଼ିକ ଯେ, ଆମର ସବୁ ପବ୍ଲିସିଟି ଦେବେ (ପ୍ରଚାର କରିବେ), ଆମେ ତା' ଚିନ୍ତା ମଧ୍ୟ କରିନାହୁଁ। ମାତ୍ର ଓଡିଶାର ଖବରକାଗଜଗୁଡ଼ିକ ବାସ୍ତବ ଘଟଣାକୁ ଅସ୍ୱୀକାର କରି ନପାରିବା ଫଳରେ ସମସ୍ତ ଖବରକାଗଜଗୁଡ଼ିକରେ ସେମାନଙ୍କୁ ତିନି କଲମ ଛବି ଓ ବ୍ୟାନର ଦେଇ ପବ୍ଲିସିଟି ଦେବାକୁ ହେଲା। ଅମୃତବଜାର ପତ୍ରିକା ପ୍ରଥମ ଦିନ କାଗଜର ପଛପଟ ପୃଷ୍ଠାରେ ଗୋଟିଏ କଲମ କିମ୍ବା ଭିତର ପୃଷ୍ଠାରେ ଦୁଇ ଲାଇନ୍ ଖବର ଦେବାକୁ ଟିକେ ଚେଷ୍ଟା କରିଥିଲା। ପରେ ସେମାନେ ହାଓ୍ୱା ଦେଖି ଓଡ଼ିଶା ସଂସ୍କରଣରେ ଦୁଇ କଲମ ବ୍ୟାନର ସହିତ ପବ୍ଲିସ କଲେ। ମାତ୍ର ଏହି ଅମୃତବଜାର କଲିକତା ସଂସ୍କରଣରେ ଗୋଟିଏ ବି ଖବର ଛାପିଲା ନାହିଁ। ନବକୃଷ୍ଣ ଚୌଧୁରୀ (ଗାନ୍ଧିବାଦୀ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ) ମୋତେ ଡାକି ଥଟ୍ଟା କରି କହିଲେ, ଏଠିକାର ଖବରକାଗଜର ଖବର ଦେଖି ମନେକରିବେ ନାହିଁ ଯେ, ଏମାନେ ସବୁ ବାହାରର ସଂସ୍କରଣରେ ମଧ୍ୟ ଛାପିଛନ୍ତି। କଲିକତା ଯାଇ ଦେଖିବେ ଯେ, ସେମାନେ କୌଣସି ଖବର ଛାପି ନାହାନ୍ତି, ଦିଲ୍ଲୀରେ ମଧ୍ୟ ଯାଇ ଦେଖିବେ ଏମାନେ ଛାପି ନାହାନ୍ତି। ଓଡ଼ିଶାର ମଫସଲ ସଂସ୍କରଣରେ ଛାପିଛନ୍ତି, କାରଣ ଓଡ଼ିଶାର ସମସ୍ତ ଖବରକାଗଜ ମିଟିଂର ଖବର ଛାପିଛନ୍ତି। କଟକରେ ହଇଚଇ ସୃଷ୍ଟି ହୋଇଛି। ଏହାର କାରଣ ହେଲା, ଜର୍ଣ୍ଣାଲିଜିମ୍ (ସାମ୍ବାଦିକତା) ଯେମିତି ଏକ ବିତର୍କ ଅଥବା ବେକାଇଦାରେ ପଡ଼ି ନଯାଏ, ସେଥିପାଇଁ ଓଡ଼ିଶା ସଂସ୍କରଣରେ ସେମାନେ ଛାପିଲେ। ଅଥଚ କଲିକତା ସଂସ୍କରଣରେ କୌଣସି ଖବରକାଗଜରେ ଖବର ଛାପିଲେ ନାହିଁ। ଏମିତି ତ ନୁହେଁ ଯେ, କଲିକତା ବାହାରେ ଏହିଭଳି କୌଣସି ସମ୍ମିଳନୀ ବା ସଭା ହେଲେ କଲିକତାର ପ୍ରେସ୍ ଛାପେ ନାହିଁ। ଖବରକାଗଜଗୁଡ଼ିକ ସବୁ ପାର୍ଟିର ହିଁ ଖବର ଛାପେ। କେଉଁଠି ଫରଓ୍ୱାଡ ବ୍ଲକ୍ ୧୦ ଜଣକୁ ନେଇ ଏକ ସମ୍ମିଳନୀ କଲା, ଆର୍.ଏସ୍.ପି ଏକ ହଲ ମଧ୍ୟରେ ୨୦ ଜଣଙ୍କୁ ନେଇ କ'ଣ ଗୋଟେ ବୈଠକ କଲା ତା'ର ମଧ୍ୟ ପବ୍ଲିସିଟି ଦେଇଥାଏ। ସେମାନଙ୍କ ପଲିଟିବ୍ୟୁରୋ କେଉଁଠି ଏକ ବୈଠକ କରି କଣ ଗୋଟାଏ ବାଣି ଦେଇଛି ତା'ର ମଧ୍ୟ ପବ୍ଲିସିଟି ଦିଏ। ଆଉ ଏହି ଛାତ୍ର ସମ୍ମିଳନୀର ବିଶାଳ ଜନସମାବେଶ ଦେଖି ଓଡ଼ିଶାର ଖବରକାଗଜଗୁଡ଼ିକ କହୁଛନ୍ତି, ସ୍ୱାଧୀନତା ପରେ ଏତେ ବଡ଼ ଛାତ୍ର ସମ୍ମିଳନୀ ଓଡ଼ିଶାରେ କେବେ ହୋଇ ନାହିଁ। ତିନି ହଜାର ଡେଲିଗେଟ୍ ଏବଂ କୋଡ଼ିଏ ହଜାର ଲୋକ ମିଟିଂର ପ୍ରକାଶ୍ୟ ଶୋଭାଯାତ୍ରାରେ ଥିଲେ, ତା' ପୁଣି ଓଡ଼ିଶାର କଟକ ଭଳି ଜାଗାରେ! ଅଥଚ କଲିକତାର ଖବରକାଗଜଗୁଡ଼ିକ ସମ୍ମିଳନୀର କୌଣସି ପବ୍ଲିସିଟି ଦେଲା ନାହିଁ। ଏହା କଣ ସୂଚାଏ ? ଗୋଟିଏ କଥା ସୂଚାଏ ଯେ, ଏମାନଙ୍କ ନିକଟରୁ କାନମୋଡ଼ି ଯଦି ଖବର ଆଦାୟ କରି ନପାରନ୍ତି, ତା'ହେଲେ ଏମାନେ ଗୋଟିଏ ବି ଧାଡ଼ି ଛାପିବେ ନାହିଁ। ଏହିଭଳି

ଏକ ବିରାଟ ସମାବେଶ ବା ଏକ ଆନ୍ଦୋଳନ ପାର୍ଟି କଲା, ତାକୁ ସମ୍ପୂର୍ଣ୍ଣଭାବରେ by-pass(ଅଣଦେଖା) କରାଯାଇ ପାରେନା। ଯେମିତି ଓଡ଼ିଶାରେ ସେମାନେ ଖବର ଦେବାକୁ ବାଧ୍ୟ ହେଲେ। ଯେମିତି ୨୪ ଏପ୍ରିଲର ଏତେ ବଡ଼ ଏକ ମିଟିଂକୁ ସେମାନେ deny (ଅସ୍ୱୀକାର) କରିପାରନ୍ତି ନାହିଁ। ଯା' ହେଲେ ବି ଦୁଇ ଚାରି ଲାଇନ୍ ସେମାନଙ୍କୁ ଦେବାକୁ ହୁଏ। ଖବରକାଗଜର କେଉଁ ଏକ କୋଣରେ ଦୁଇ ଧାଡ଼ିରେ ଏକ ଖବର, ତାକୁ ପୁଣି ଖୋଜି ବାହାର କରିବାକୁ ହୁଏ। ଉଦ୍ଦେଶ୍ୟ କଣ ? ନା, ଯେତିକି ନଦେଲେ ନଚଳେ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କ୍ଷେତ୍ରରେ କେବଳ ସେତିକି ଦିଅ। ମାତ୍ର ଖବରକାଜରେ ପବ୍ଲିସିଟି ଦେଇ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ଆଗକୁ ବଢ଼ିବାକୁ ସାହାଯ୍ୟ କରନା। ଏହା ହେଲା ମାଲିକପକ୍ଷର ନୀତି, ମନୋପଲିଷ୍ଟ (ଏକଚାଟିଆ ପୁଞ୍ଜିପତି)ମାନଙ୍କର ନୀତି। ସି.ପି.ଆଇ(ଏମ୍) କ୍ଷେତ୍ରରେ ଦେଖନ୍ତୁ- parliamentary opposition (ସଂସଦୀୟ ବିରୋଧିତା) ସୃଷ୍ଟି କରିବା ନିମନ୍ତେ ଷ୍ଟେଟସ୍‌ମ୍ୟାନ୍ ଭଳି ମନୋପୋଲିଷ୍ଟମାନଙ୍କର ଚତୁର ଖବରକାଗଜ କଂଗ୍ରେସ ବିରୁଦ୍ଧରେ ଏକ ବିକଳ୍ପ ସୃଷ୍ଟି କରିବା ପାଇଁ ସି.ପି.ଆଇ(ଏମ୍)କୁ ସାଧମତେ ପବ୍ଲିସିଟି ଦେଇ ଚାଲିଛି। ଷ୍ଟେଟ୍‌ସ୍‌ମ୍ୟାନ୍ ଭଳି ଖବରକାଗଜ ଯଦି ଖୋଲନ୍ତି, ତେବେ ଦେଖିବାକୁ ପାଇବେ ଯେ, ସେମାନଙ୍କର ଏଭଳି କୌଣସି ଖବର ନାହିଁ, ଯା' ଛପା ହୋଇନାହିଁ। ବ୍ୟକ୍ତିଗତ ବିବୃତିରୁ ଆରମ୍ଭ କରି କେଉଁଠି ଛୋଟମୋଟ ଗୋଟିଏ ମିଟିଂ ହୋଇଛି, କେଉଁ ଜାଗାରେ ସେମାନେ ଗୋଟିଏ କଣ କରିଛନ୍ତି, ସେଠି ସେମାନେ ହୁଏତ ଏକ token partner (ନାମମାତ୍ର ଅଂଶୀଦାର), ସେଠି ମଧ୍ୟ ସେମାନଙ୍କର ସମସ୍ତ ବକ୍ତବ୍ୟ ଛାପି କ୍ରମାଗତଭାବେ ସି.ପି.ଆଇ(ଏମ୍)କୁ back (ପୃଷ୍ଟପୋଷକତା) କରି ଚାଲିଛନ୍ତି। ଉଦ୍ଦେଶ୍ୟ ହେଉଛି- କଂଗ୍ରେସ ବିରୁଦ୍ଧରେ ଯେମିତି ସ୍ୱତନ୍ତ୍ର ପାର୍ଟି ତିଷ୍ଠି ପାରିଲା ନାହିଁ, ସର୍ବଭାରତୀୟ ସ୍ତରରେ ଜନସଂଘ ଏବେ ବି ସେହି ସ୍ଥାନରେ ନାହିଁ, ସି.ପି.ଆଇ କଂଗ୍ରେସ ସହିତ ଚାଲି ଯାଇଛି, ଏସ୍.ପି ଏକ ଭଙ୍ଗା ଦଳ; ଆଉ ସି.ପି.ଆଇ(ଏମ୍) ପଶ୍ଚିମବଙ୍ଗ,କେରଳ ଓ ତ୍ରିପୁରାରେ ଅଛି, ସୁତରାଂ, ସି.ପି.ଆଇ(ଏମ୍)କୁ ପୃଷ୍ଟପୋଷକତା କରି କରି ଷ୍ଟେଟସ୍‌ମ୍ୟାନ୍ ଏବଂ ଅନ୍ୟାନ୍ୟ ଖବରକାଗଜଗୁଡ଼ିକ କଂଗ୍ରେସର ବିକଳ୍ପଭାବରେ ଏକ ବିରୋଧୀ ପକ୍ଷ ହିସାବରେ ଗଢ଼ିବାପାଇଁ ଅବିରାମ ପ୍ରଚେଷ୍ଟା କରୁଛନ୍ତି। ଖବରକାଗଜବାଲା ଯେ ନେତା ତିଆରି କରନ୍ତି- ଏକଥା ଠିକ୍। ଆମକୁ ସେମାନେ ପବ୍ଲିସିଟି ଦିଅନ୍ତି ନାହିଁ, ଏହା ମଧ୍ୟ ଠିକ୍, ତା'ସତ୍ତ୍ୱେ ମଧ୍ୟ ପାର୍ଟି ଆଗେଇ ଚାଲିଛି ଏବଂ ଆଦର୍ଶର ଶକ୍ତିରେ ଆଗେଇ ଚାଲିବ।

ବର୍ତ୍ତମାନ ଅନ୍ୟାନ୍ୟ ପ୍ରଶ୍ନ ଭିତରକୁ ଯାଏ। ଜଣେ କର୍ମୀ ପ୍ରଶ୍ନ କରିଛନ୍ତି ଯେ,

ବିପ୍ଳବ ବିନା ମୁକ୍ତି ହେବ ନାହିଁ ବୋଲି ଜାଣେ, ତଥାପି କାହିଁକି ପାର୍ଟି କାମରେ ନିଜକୁ ସମର୍ପି ଦେଇ ପାରୁ ନାହିଁ। ଅନ୍ୟ ଜଣଙ୍କର ପ୍ରଶ୍ନ ହେଲା– ଆମର ଏହି ଦଳଟିକୁ କେହି ସାହାଯ୍ୟ କରିବେ ନାହିଁ, ଅଥଚ ଆମେ ବୁଝିଛୁ, ଏହି ଦଳଟିର ଶକ୍ତି ବୃଦ୍ଧି ନହେଲେ, ଯୁବକମାନେ ଯେତେ ଆନ୍ଦୋଳନ ହିଁ କରନ୍ତୁ, ମୂଲିଆମାନେ,ଚାଷୀମାନେ କରନ୍ତୁ, ବାରମ୍ବାର ମାଡ଼ ଖାଇ ମୁହଁ ମାଡ଼ି ତଳେ ପଡ଼ିବେ, ଦେଶର ମୌଳିକ ଅବସ୍ଥାର ପରିବର୍ତ୍ତନ ହେବ ନାହିଁ, ବାମପନ୍ଥୀ ଆନ୍ଦୋଳନର ଛବି ମଧ୍ୟ ବଦଳିବ ନାହିଁ, ବିପ୍ଳବ ତ ଦୂରର କଥା, ଏସବୁ ଆମେ ବୁଝୁ। ତେବେ ବୁଝି ମଧ୍ୟ ଆମେ ସେହି ଉଦ୍ୟୋଗ ନେଇ କାମ କରି ପାରୁନା। ତାଙ୍କର ପ୍ରଶ୍ନ, କାହିଁକି ସେ କାମ କରିପାରୁ ନାହାନ୍ତି। ଏହି ପ୍ରଶ୍ନରେ କମ୍ରେଡ୍‌ମାନଙ୍କ ବୁଝିବା ମଧ୍ୟରେ ଅନେକ ତ୍ରୁଟି ଅଛି। ମୁଁ କାହିଁକି କାମ କରି ପାରୁନାହିଁ, ଏହା ଜଣେ ବ୍ୟକ୍ତିର ପ୍ରଶ୍ନ ହୋଇପାରେ, ମାତ୍ର ଏହା ଏକ ସାଂଗଠନିକ ପ୍ରଶ୍ନ ନୁହେଁ। ଏହା ଅବଶ୍ୟ ଠିକ୍, ବ୍ୟକ୍ତିଗତ ପ୍ରଶ୍ନର ଏକ ବ୍ୟକ୍ତିଗତ ଉତ୍ତର ଅଛି। ସେହି ବ୍ୟକ୍ତି ଜଣଙ୍କର ସମସ୍ୟାକୁ ବୁଝି ତା' ଉପରେ ଆଲୋଚନା କରାଯାଇପାରେ। ମାତ୍ର ମୋର ପ୍ରଶ୍ନ ହେଲା, ଯିଏ ବା ଯେଉଁମାନେ ଏହି ପ୍ରଶ୍ନ କରିଛନ୍ତି, ସେମାନେ କଣ ପରିସ୍ଥିତିକୁ ଯଥାର୍ଥଭାବେ ବୁଝନ୍ତି ? ଯେମିତି କମ୍ରେଡ୍‌ମାନେ ରିପୋର୍ଟ କରନ୍ତି, ଜନସାଧାରଣଙ୍କ ମଧ୍ୟରେ ଆମ ସମ୍ପର୍କରେ ଭଲ ଧାରଣା ଅଛି। ବର୍ତ୍ତମାନ ପରିବେଶ ଖୁବ ଅନୁକୂଳ। ପୁଣି ଯେତେବେଳେ କୌଣସି କାର୍ଯ୍ୟକ୍ରମକୁ successfully carry (ସଫଳତାର ସହ ସମ୍ପାଦନ) କରିପାରୁ ନାହାନ୍ତି, ସେତେବେଳେ ଆସି କୁହନ୍ତି, କାହାରିକୁ ବୁଝାଯାଇ ପାରିବ ନାହିଁ, ଲୋକମାନଙ୍କୁ ଯେତେ କହିଲେ ବି କୌଣସି ଭାବେ ହିଁ ବୁଝାଇ ହେବ ନାହିଁ, କେହି ଶୁଣିବାକୁ ଚାହାନ୍ତି ନାହିଁ। କଥାଗୁଡ଼ିକ contradictory (ସ୍ୱବିରୋଧି) ! ଯେତେବେଳେ କାମ କଥା ପଡ଼ିନି, ସେତେବେଳେ ପବ୍ଲିକ୍ ସମ୍ବନ୍ଧରେ ରିପୋର୍ଟ କରୁଛନ୍ତି ଯେ ପରିବେଶ ଅନୁକୂଳ, ଆମ ସମ୍ପର୍କରେ ଲୋକଙ୍କର ଧାରଣା ଖୁବ ଭଲ। ସାଧାରଣ ଲୋକ ଆମ କଥା ଶୁଣିବାକୁ ଚାହାଁନ୍ତି। ଆଉ ଯେମିତି ହିଁ କାମ ସମ୍ବନ୍ଧରେ କୈଫିୟତ୍ ତଲବ କରାଗଲା, କାହିଁକି କାମଟା କରିପାରିଲ ନାହିଁ, ସେତେବେଳେ କାମଟା ନକରି ପାରିବା ସଙ୍ଗେ ସଙ୍ଗେ ହିଁ ଉତ୍ତର କରୁଛନ୍ତି, କୌଣସିଭାବେ ହିଁ ଲୋକମାନେ ଶୁଣିବାକୁ ଚାହାଁନ୍ତି ନାହିଁ। ତା'ହେଲେ ସଠିକ୍‌ଭାବେ ବୁଝିଲେ ଏହି କଥାଗୁଡ଼ିକ କଣ ଇଙ୍ଗିତ କରୁଛି ? ଏହା ହିଁ ଇଙ୍ଗିତ କରୁଛି ଯେ, ଲୋକମାନଙ୍କ ମଧ୍ୟରେ ଆମ କଥା ଶୁଣିବାର ମନ ତିଆରି ହୋଇଛି, ଅଥଚ transitional phase (ଉତ୍ତରଣ ପର୍ଯ୍ୟାୟ)ରେ ସେମାନେ ଏହି ମୁହୂର୍ତ୍ତରେ ହିଁ ସିଦ୍ଧାନ୍ତ ନେଇ response (ଗ୍ରହଣ) କରିବା ପର୍ଯ୍ୟାୟକୁ ଆସି ନାହାନ୍ତି। ଏହିସବୁ ଦଳଗୁଡ଼ିକ ସମ୍ବନ୍ଧରେ କିଛି ମାତ୍ରାରେ ହେଲେ ମଧ୍ୟ ମୋହମୁକ୍ତି

ଘଟିଛି, ସେମାନଙ୍କର ପୁରୁଣା attachment (ସଂଯୋଗ) ଅନେକାଂଶରେ ଦୂର ହୋଇଛି। ଆମ ପ୍ରତି ସେମାନଙ୍କର ଆକୃଷ୍ଟ ହେଲା ଭଳି ମାନସିକ ଗଠନ ଏବଂ ମାନସିକତା ସୃଷ୍ଟି ହୋଇଛି। ଅଥଚ ସେମାନେ ଏହି ମୁହୂର୍ତ୍ତରେ ରାଜନୈତିକ ସିଦ୍ଧାନ୍ତ ନେଇ ସମ୍ପୂର୍ଣ୍ଣଭାବେ କାମରେ ଓହ୍ଲାଇବାର ସ୍ତରକୁ ଆସୁ ନାହାନ୍ତି। ଫଳରେ ଆମର ଦଳେ କର୍ମୀଙ୍କର ବ୍ୟସ୍ତତା ଓ ଚାପ ଯୋଗୁ, ଏହି ମୁହୂର୍ତ୍ତରେ ସେମାନଙ୍କ ନିକଟରୁ ଯେନତେନ ପ୍ରକାରରେ କିଛି କାମ ଆଦାୟ କରିବାକୁ ଚାହୁଁଛନ୍ତି- ପାଞ୍ଚ ଟଙ୍କା ଦିଅନ୍ତୁ, ଦଶଟା ପତ୍ରିକା ରଖନ୍ତୁ, ଏହି ପତ୍ରିକାଟି ପଢ଼ନ୍ତୁ, ସେତେବେଳେ ଲୋକମାନଙ୍କ ପାଖରୁ ଠିକ୍‌ଭାବେ response (ସମର୍ଥନ) ନପାଇଲେ, ସେମାନଙ୍କୁ ବୁଝାଇ ନପାରିଲେ, ସେମାନଙ୍କ ଦ୍ୱାରା ଏହି କାମଗୁଡ଼ିକୁ ଠିକ୍ ଭାବେ କରାଇ ନପାରିଲେ, ସଙ୍ଗେ ସଙ୍ଗେ ସେହି କର୍ମୀମାନେ ମନେକରନ୍ତି ଯେ, ଲୋକମାନଙ୍କୁ ବୁଝାଇ ପାରୁନାହିଁ। ସେମାନେ ବୁଝିପାରୁ ନାହାନ୍ତି, ଏହି ଘଟଣାକୁ କିଭଳି ବିଚାର କରିବାକୁ ହେବ। ଏହି ବିଷୟ ମଧ୍ୟରେ ଆମେ ଦୁଇଟି ଦିଗ ଲକ୍ଷ୍ୟ କରୁଛୁ। ଗୋଟିଏ ହେଲା, କର୍ମୀମାନଙ୍କର କ୍ଷମତାର ପ୍ରଶ୍ନ, ଅନ୍ୟଟି ହେଲା ଲୋକମାନଙ୍କର ମାନସିକତା ଯେଉଁ ସ୍ତରରେ ରହିଛି ସେହି ସ୍ତରର ପ୍ରଶ୍ନ। ଏହି ଦୁଇଟି ବିଷୟ ମଧ୍ୟରେ କର୍ମୀଙ୍କର କ୍ଷମତା ଯଦି ଖୁବ ପ୍ରବଳଭାବେ ବଢେ ତେବେ ସେହି ସ୍ତରରୁ ଲୋକଙ୍କୁ ଦ୍ରୁତ ପରିବର୍ତ୍ତନ ଦିଗରେ ଅଣାଯାଇ ପାରେ। ଆଉ ଯଦି କର୍ମୀଙ୍କର ସ୍ତର, କ୍ଷମତାର ଶକ୍ତି କମ୍‌ଜୋର ଥାଏ, ତା'ହେଲେ ଏହା ଅଧିକ ଅସୁବିଧା ସୃଷ୍ଟି କରିବ ଓ ବେଶୀ ସମୟ ଲାଗିବ। ଏତିକି ମାତ୍ର ଯାହା ତଫାତ୍। କିନ୍ତୁ ଏଠି ହତାଶାର ପ୍ରଶ୍ନ କେଉଁଠି ?

## ବିପ୍ଳବ ବିନା ମୁକ୍ତି ହେବ ନାହିଁ-ଏହି କଥାର ଅର୍ଥ କଣ

ସୁତରାଂ, ଯେଉଁ କମ୍ରେଡ୍‌ମାନେ କହୁଛନ୍ତି, ଆମେ ବୁଝୁ, ମୁଁ ସେମାନଙ୍କୁ ଓଲଟା ପ୍ରଶ୍ନ କରିବାକୁ ଚାହୁଁଛି- ଆପଣମାନେ କଣ ସତରେ ହିଁ ବୁଝନ୍ତି ? ଏହି ଯେଉଁ କଥାଟି କହିଲେ, ତା'ର ଫେସ୍ ଭ୍ୟାଲୁ, ଉପରେ ଉପରେ ଯାହାର ଅର୍ଥ ହେଲା- ବିପ୍ଳବ ବିନା ମୁକ୍ତି ହେବ ନାହିଁ। ଏହି କଥାଟି କହୁଛନ୍ତି, ଶୁଣୁଛନ୍ତି, କିନ୍ତୁ have you realised it (ଏହା କଣ ଆପଣ ଉପଲବ୍ଧି କରିଛନ୍ତି) ? ଆପଣ ଯଥାର୍ଥରେ କଣ ବୁଝନ୍ତି, ଏହି କଥାଟିର ଅର୍ଥ କଣ ? କେବଳ ବୁଦ୍ଧି ଦ୍ୱାରା, କେବଳ ଯୁକ୍ତି ଦ୍ୱାରା ଏହି କଥାଟିର ଅର୍ଥ ବୁଝିବା କଣ ସମ୍ଭବ ? ଆପଣ କଣ ଜାଣନ୍ତି- ଯୁକ୍ତି ଓ ବୁଦ୍ଧି ଦ୍ୱାରା ବୁଝିବା ପରେ ଜନଗଣଙ୍କ ଆନ୍ଦୋଳନରେ ନିଜକୁ ସାମିଲ କରିବା ଏବଂ ପାର୍ଟି ପରିଚାଳନାରେ ଯଥାର୍ଥ ଦାୟିତ୍ୱ ପାଳନରେ ନିଜକୁ ଯୁକ୍ତ କରିବା ପରେ ହିଁ ଏହି କଥାଟିର ଯଥାର୍ଥ ଅର୍ଥ ବୁଝିବା ଆରମ୍ଭ ହୁଏ। ସେହି କାମ କରିବା ଯେବେଠାରୁ ଆରମ୍ଭ ହୁଏ, ପ୍ରକୃତରେ ଯଥାର୍ଥ ବୁଝିବା ମଧ୍ୟ ସେବେଠାରୁ ଆରମ୍ଭ ହୁଏ। ତା' ପୂର୍ବ ପର୍ଯ୍ୟନ୍ତ

ଏହା କେବଳ ଯୁକ୍ତି କରିବା ପାଇଁ ବୁଦ୍ଧି level (ସ୍ତର)ରେ ଥାଏ। ଏହାକୁ ବୁଝିବା କୁହାଯାଏ ନା ଏବଂ ସେହି ବୁଝିବାଟା ମଧ୍ୟ ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ପ୍ରକାରର ହୁଏ। ଯେହେତୁ ପ୍ରତ୍ୟେକଟି କର୍ମୀର ଚେତନାର ମାନ ସମାନ ନୁହେଁ, ମାନସିକ ଗଠନ ଏକାପ୍ରକାର ନୁହେଁ, ବିଦ୍ୟାବୁଦ୍ଧି ଅଭିଜ୍ଞତା ମଧ୍ୟ ଅବିକଳ ଗୋଟିଏ ପ୍ରକାର ନୁହେଁ, ସେହେତୁ ସମସ୍ତ କର୍ମୀଙ୍କର ଏହି ସମାନ କଥାକୁ ବୁଝିବା ମଧ୍ୟ ଗୋଟିଏ ସ୍ତରର ନୁହେଁ। ଗୋଟିଏ କଥା ମୁଁ ବି ବୁଝେ, ସେହି କଥାଟିକୁ ପୁଣି ଆଉ ଜଣେ କମ୍ରେଡ୍ ମଧ୍ୟ ବୁଝନ୍ତି। ଏହି ଦୁଇ ଜଣଙ୍କର ବୁଝିବା ଯେ ଏକାପ୍ରକାର ହେବ ନାହିଁ, ଏହା ଆପଣମାନେ ନିଶ୍ଚୟ ଜାଣନ୍ତି ଏବଂ ଯେଉଁମାନେ ପ୍ରଶ୍ନ କରୁଛନ୍ତି ସେମାନେ ମଧ୍ୟ ମାନନ୍ତି ଯେ, ସମସ୍ତଙ୍କର ବୁଝିବା ଗୋଟିଏ ସ୍ତରର ନୁହେଁ। ଏହି କାରଣରୁ ଗୋଟିଏ ସ୍ତରର ନୁହେଁ ଯେ, ପ୍ରତ୍ୟେକଙ୍କର ମାନସିକ ଗଠନ, ଶିକ୍ଷା-ଦୀକ୍ଷା, ଅଭିଜ୍ଞତା, ଏଗୁଡ଼ିକ ଗୋଟିଏ ଧରଣର ନୁହେଁ। ତେବେ ଏହି ପ୍ରଶ୍ନ କରିବା ମଧ୍ୟରେ ଏକ ମାରାତ୍ମକ ତ୍ରୁଟିର ଦିଗ ରହିଛି। କଥାଟିକୁ ଯଥାର୍ଥଭାବେ ବୁଝିଲେ ପ୍ରଶ୍ନଟି ଏଭଳି ଆସନ୍ତା ନାହିଁ, ଅନ୍ୟଭାବେ ଆସିଥାନ୍ତା। ଯେଉଁ ପ୍ରଶ୍ନଟି ଆସନ୍ତା ତା' ଏହି ପ୍ରକାରର ଯେ, ଆମେ ଯେଉଁଭଳି ଭାବେ କାମ କରୁ ସେହି କର୍ମରୀତିଟିକୁ କିଭଳି ଆହୁରି ଉନ୍ନତ କରାଯାଇପାରେ। ମାତ୍ର ପ୍ରଶ୍ନଟି ସେଭଳି ଆସି ନାହିଁ। ପ୍ରଶ୍ନଟି ଆସିଛି- ମୁଁ ସେହିଭଳି ଭାବେ ବିପ୍ଳବରେ ଆତ୍ମନିୟୋଗ କରିପାରୁ ନାହିଁ, ବା ଆମେ ବୁଝୁ ଏହି ଦଳ ଦ୍ୱାରା ହିଁ ବିପ୍ଳବ ହେବ, ଆମକୁ ହିଁ ନେତୃତ୍ୱକୁ ଯିବାକୁ ହେବ; କିନ୍ତୁ ତଥାପି ସେହିଭଳିଭାବେ ଜନସାଧାରଣଙ୍କ ମଧ୍ୟରେ ଦାୟିତ୍ୱ ନେଇ କାମ କରିବାର ପ୍ରେରଣା ପାଉନାହୁଁ। ଏହି ଧରଣର ପ୍ରଶ୍ନ ଇଙ୍ଗିତ କରେ ଯେ, ବୁଦ୍ଧି ଦ୍ୱାରା ବୁଝିବା ସ୍ତରଟି ମଧ୍ୟ ଆପଣମାନଙ୍କର ଭଲ ନୁହେଁ।

## ଆମ ଜୀବନର ଯଥାର୍ଥ ପ୍ରୟୋଜନ କଣ

ବର୍ତ୍ତମାନ ପ୍ରଶ୍ନ ହେଲା, ଆମ ଜୀବନର ଯଥାର୍ଥ ପ୍ରୟୋଜନ କଣ ଅର୍ଥାତ୍ necessity କଣ ? ଆଉ ଯଥାର୍ଥ ପ୍ରୟୋଜନ ନବୁଝିଲେ ଆପଣଙ୍କର ବୁଝିବାର ସ୍ତର ମଧ୍ୟ ଉନ୍ନତ ହେବ ନାହିଁ। Necessityର ସଠିକ୍ ଉପଲବ୍ଧି ହିଁ ହେଲା ସ୍ୱାଧୀନତା। ସମସ୍ତ ଗତିଧାରାରେ ନିହିତ ଥିବା ନିୟମ, ଗତିକୁ କେଉଁ ଦିଗରେ ନିର୍ଦ୍ଦେଶିତ କରୁଛି, ତା' ବୁଝିବା ହିଁ ହେଲା necessityର ଯଥାର୍ଥ ଉପଲବ୍ଧି। ଏହି necessityର ଯଥାର୍ଥ ଉପଲବ୍ଧି ଏଭଳି ନୁହେଁ ଯେ, ମୁଁ ମନେକଲି ମୋର ଏହା ପ୍ରୟୋଜନ ଏବଂ ଏହା ଯେ ପ୍ରୟୋଜନ ମୁଁ ତା' ଭଲ ବୁଝେ- ଏହାର ଅର୍ଥ ମୁଁ necessity ସମ୍ବନ୍ଧରେ ସଚେତନ, ଏହା ଠିକ୍ ନୁହେଁ। ହେଗେଲଙ୍କ ଭାଷାରେ freedom (ସ୍ୱାଧୀନତା) ହେଉଛି recognition of necessity (ପ୍ରୟୋଜନର ସ୍ୱୀକୃତି)। ମାର୍କ୍ସବାଦୀମାନେ ମଧ୍ୟ ହେଗେଲଙ୍କ ସ୍ୱାଧୀନତା ସଂକ୍ରାନ୍ତୀୟ ଏହି ବ୍ୟାଖ୍ୟାଟିକୁ ଗ୍ରହଣ କରନ୍ତି। ଏଥି ସହିତ ମାର୍କ୍ସବାଦୀ ସିଦ୍ଧାନ୍ତର କୌଣସି [illegible]ଦ ନାହିଁ। କେବଳ ହେଗେଲଙ୍କ ଚିନ୍ତା

ମଧ୍ୟରେ ଯେଉଁ idealistic philosophical trend (ଭାବବାଦୀ ଦାର୍ଶନିକ ଧାରା) ଅଛି, ସେଥିରୁ ମୁକ୍ତ କରି ଏହା ବୁଝିବା ଦରକାର। ତା' ଅନ୍ୟ ଏକ ଆଲୋଚନା, ଆହୁରି ବିସ୍ତୃତ ଆଲୋଚନା, ସେହି ଆଲୋଚନା ବର୍ତ୍ତମାନ ସମ୍ଭବ ନୁହେଁ। ମାତ୍ର ଏହି କଥାଟି ମନେରଖିବାକୁ ହେବ, necessityର ଯଥାର୍ଥ ସ୍ୱରୂପ ଉପଲବ୍ଧି କରିପାରିବା ଏବଂ ପରେ ସଚେତନଭାବେ ସେହି ଅନୁଯାୟୀ କ୍ରିୟା କରିପାରିବାର ଅର୍ଥ ହେଉଛି ଫ୍ରିଡମ୍ ଅର୍ଜନ କରିବା। ଯେତେବେଳେ ସେହି ପ୍ରକ୍ରିୟାଟି ବୁଝି, ସେହି ପ୍ରକ୍ରିୟାରେ ହିଁ ମୁଁ ସଚେତନଭାବେ କ୍ରିୟା କରେ ଏବଂ ସଂଗ୍ରାମ କରେ- ସେତେବେଳେ ହିଁ ମୁଁ ଫ୍ରିଡମ୍ ଅର୍ଜନ କରିବା ନିମନ୍ତେ ସଂଗ୍ରାମ କରୁଛି ବୋଲି କୁହାଯାଇ ପାରେ। ତା'ପୂର୍ବ ପର୍ଯ୍ୟନ୍ତ ମୋର ଫ୍ରିଡମ୍ ସମ୍ପର୍କିତ ଧାରଣା ହେଲା ଆତ୍ମ ପ୍ରତାରଣା ବା self deception ବା pragmatic concept of necessity, ଏହାକୁ ସିଧାସଳଖଭାବରେ କହିଲେ ସୁବିଧାବାଦ। ଏହା  ବ୍ୟକ୍ତିଗତ ସୁବିଧାବାଦ ଅଥବା ରାଜନୈତିକ ସୁବିଧାବାଦ ହୋଇପାରେ। ମାର୍କ୍ସବାଦ ଯେଉଁ necessityର ଅନୁସନ୍ଧାନ କରିବାକୁ କୁହେ, ପ୍ରାଗମାଟିକ ନେସେସିଟି ହେଲା ତା'ଠାରୁ ସମ୍ପୂର୍ଣ୍ଣ ଅଲଗା। ମାର୍କ୍ସବାଦ ଯେତେବେଳେ ନେସେସିଟିର କଥା କୁହେ, ସେତେବେଳେ ଏହା ବସ୍ତୁ ମଧ୍ୟରେ ନିହିତ ପ୍ରକ୍ରିୟା ଏବଂ ନିୟମ, ଏହାର ଗତିଧାରାକୁ ଲକ୍ଷ୍ୟ କରିବାକୁ କୁହେ। ବସ୍ତୁର ବିକାଶ, ଜୀବନର ବିକାଶ, ସମାଜର ବିକାଶ କ୍ଷେତ୍ରରେ ବସ୍ତୁର ଗତିଧାରାରେ କେଉଁ କେଉଁ ନିୟମ କାର୍ଯ୍ୟକରେ ଏବଂ ଏହାର ଗତିଧାରା କେଉଁ ଦିଗରେ ପ୍ରବାହିତ ହୁଏ, ତା' ଯଥାର୍ଥ ଭାବରେ  ନିରୁପଣ କରିପାରିଲେ ହିଁ ନେସେସିଟି ସମ୍ପର୍କରେ ଆମର ଯଥାର୍ଥ ବୈଜ୍ଞାନିକ ଉପଲବ୍ଧି ବା ଧାରଣାର ଯଥାର୍ଥ ଉପଲବ୍ଧି ଘଟିଲା ବୋଲି କୁହାଯିବ। ମାତ୍ର ଯେତେବେଳେ ଏହି ପ୍ରକ୍ରିୟାରେ ଆମେ ସଚେତନଭାବେ କ୍ରିୟା ଏବଂ ସଂଗ୍ରାମ କରିବାକୁ ସକ୍ଷମ ହେବୁ, ସେତେବେଳେ ହିଁ ଚରିତ୍ରରେ ଏବଂ କ୍ରିୟାରେ ଆମେ ଫ୍ରିଡମ୍ ଅର୍ଜନ କରିପାରିବୁ। ସେତେବେଳେ ହିଁ ଆମେ actually (ପ୍ରକୃତରେ) ଫ୍ରିଡମ୍ କଥାଟିର ଅର୍ଥ ବୁଝିବୁ। ତା'ପୂର୍ବରୁ ଆମେ ବୁଦ୍ଧି ଓ ଯୁକ୍ତି ଦ୍ୱାରା ଫ୍ରିଡମ୍ କଥାଟି କହୁଛୁ, କିନ୍ତୁ ଏହାର ଯଥାର୍ଥ ଅର୍ଥ ବୁଝି ନାହୁଁ।

ଏହା ପୂର୍ବରୁ ମାର୍କ୍ସବାଦ ବା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ବିଭିନ୍ନ ବିଷୟ ସମ୍ପର୍କରେ ଯେତେ ଆଲୋଚନା ହୋଇଛି, ସେଥିରୁ ଆପଣମାନେ ଶୁଣିଛନ୍ତି ଯେ, ଜ୍ଞାନ କ୍ରିୟାରୁ ବିଚ୍ୟୁତ ନୁହେଁ। ଯେତେବେଳେ ଜ୍ଞାନ ସତ୍ୟକୁ ପ୍ରତିଫଳିତ କରେ, ସେତେବେଳେ ଜ୍ଞାନ କ୍ରିୟାଶୀଳ ହୁଏ, କ୍ରିୟାଧର୍ମୀ ହୁଏ। ଅର୍ଥାତ୍ ସେତେବେଳେ ହିଁ ତା'ହେଲା ଯଥାର୍ଥ ଜ୍ଞାନ। ଜ୍ଞାନ  ଯେଉଁଠି ଯଥାର୍ଥ ସତ୍ୟକୁ ପ୍ରତିଫଳିତ କରେ ନାହିଁ, ସେଠାରେ ଅହଂର ଜନ୍ମ ଦିଏ, ପାଣ୍ଡିତ୍ୟାଭିମାନର ଜନ୍ମ ଦିଏ। ଏହା ସେତେବେଳେ ଅକାର୍ଯ୍ୟ କରେ,

ସମାଜର ବୁକୁ ଉପରେ ବୋଝ ହୋଇପଡ଼େ, ନାନା ବିପଦ ଏବଂ ବିପତ୍ତି ସୃଷ୍ଟି କରେ। ରାଜନୀତି ଏବଂ philosophy (ଦର୍ଶନଶାସ୍ତ୍ର)ରେ ଯେଉଁଥିପାଇଁ scholasticism, pseudo intelectualism (ପାଣ୍ଡିତ୍ୟପଣ ଓ ନକଲି ବୌଦ୍ଧିକତା), academical trend (କିତାବି ଜ୍ଞାନ ପ୍ରତି ଝୁଙ୍କ)- ଏଗୁଡ଼ିକୁ ଖୁବ ନିନ୍ଦା କରାହୁଏ। କାରଣ ବିପ୍ଳବୀ ରାଜନୀତି ହେଉଛି ଜୀବନର ବୈପ୍ଳବିକ ବ୍ରତକୁ ରୂପାୟିତ କରିବାର ବାସ୍ତବ ପ୍ରକ୍ରିୟା। ଏଠି ଭାବବିଳାସିତାର ସ୍ଥାନ ନାହିଁ, ଏଠାରେ ଅକାର୍ଯ୍ୟର ସ୍ଥାନ ନାହିଁ। ସ୍କଲାଷ୍ଟିସିଜିମ୍ ଏହି ଅକାର୍ଯ୍ୟ କରେ। pseudo intelectualism, academical outlook- ଏହି ଅକାର୍ଯ୍ୟଗୁଡ଼ିକ ବିଭିନ୍ନ ଦିଗରୁ କ୍ଷତିସାଧାନ କରେ ବୋଲି ହିଁ ସମସ୍ତ ବିପ୍ଳବୀମାନଙ୍କୁ ବାରମ୍ବାର କହିବାକୁ ପଡ଼ିଛି- ଜ୍ଞାନ ଏବଂ ପାଣ୍ଡିତ୍ୟାଭିମାନ ଏକା କଥା ନୁହେଁ। ବୌଦ୍ଧିକତା ଏବଂ ଜ୍ଞାନ ସମାନ ବିଷୟ ନୁହେଁ। ପାଣ୍ଡିତ୍ୟପଣ ଆଉ ବିପ୍ଳବ ସମ୍ପର୍କରେ ସତ୍ୟ ଧାରଣା ଏବଂ ଜ୍ଞାନର ଆଲୋକରେ ତା’ ପ୍ରତିଭାତ ହେବା ସମାନ ବିଷୟ ନୁହେଁ- ଏହା ସମ୍ପୂର୍ଣ୍ଣ ବିପରୀତଧର୍ମୀ। ଶ୍ରେଣୀଗତ ଦିଗରୁ ଏବଂ ଏହାର କାର୍ଯ୍ୟକାରୀତା ଦିଗରୁ ମଧ୍ୟ ଏହା ବିପରୀତଧର୍ମୀ। ଯେମିତି ଲେନିନ୍ ଭୀଷଣଭାବେ emperisistମାନଙ୍କ ବିରୋଧୀ ଥିଲେ। ସାଧାରଣ ଅର୍ଥରେ ଯାହାକୁ ଆମେ ଜ୍ଞାନ କହୁ-ଖବର ରଖିବା, କହିପାରିବା, ଟିକିନିଖିଭାବେ ସମସ୍ତ କିଛିକୁ ଦେଖିବା, ଏମ୍ପିରିଶିଷ୍ଟ୍ମାନେ ମୂଳତଃ ତାହା ହିଁ କରନ୍ତି। କେତେ ଖୁଣ୍ଟି ନାଣ୍ଟି ସୁକ୍ଷ୍ମ ଜିନିଷ ଅନୁସନ୍ଧାନ କରି କରି ସେମାନେ ନାନା ଘଟଣା ଉପସ୍ଥାପନ କରନ୍ତି। ଏହି ଏମ୍ପିରିଶିଷ୍ଟ୍ମାନେ କି ବିରାଟ ପରିଶ୍ରମ କରନ୍ତି। କିନ୍ତୁ ତଥାପି ବି ଲେନିନ୍ଙ୍କୁ ଏହି ଏମ୍ପିରିଶିଷ୍ଟ୍ମାନଙ୍କୁ bitterly criticise (ତୀବ୍ର ସମାଲୋଚନା) କରିବାକୁ ହୋଇଥିଲା, କାରଣ that stood in the way as a stumbling block of revolutionary idea (ବିପ୍ଳବୀ ଚିନ୍ତାର ବିକାଶ ପଥରେ ତା’ ବିରାଟ ବାଧା ଭାବେ କାମ କରିଥିଲା)। ସତ୍ୟ ଧାରଣା ଉପରେ ଭିତ୍ତିକରି କ୍ରିୟାକୁ release (ରିଲିଜ୍) କରିବା, କ୍ରିୟାଧର୍ମୀ ଜ୍ଞାନ ଯାହା ସମାଜ ପରିବର୍ତ୍ତନ, ବସ୍ତୁର ପରିବର୍ତ୍ତନ, କାର୍ଯ୍ୟ କ୍ଷେତ୍ରରେ ସମସ୍ତ ଗତିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରେ, ଏମ୍ପିରିଶିଷ୍ଟ୍ମାନେ ସେହି ପଥରେ ବାଧା ସୃଷ୍ଟି କରନ୍ତି। ଫଳରେ ସେମାନେ ଉପକାର ଅପେକ୍ଷା ବେଶୀ ଅପକାର କରନ୍ତି। ଜ୍ଞାନ ଯେତେବେଳେ ବାଧା ସୃଷ୍ଟି କରେ, ସେତେବେଳେ ତାହାକୁ କୁଜ୍ଞାନ କୁହାଯାଏ। ଏମିତି ତ ବଙ୍ଗଳାରେ ସୁଜ୍ଞାନ ଓ କୁଜ୍ଞାନ ବୋଲି ଦୁଇଟି କଥା ଅଛି। କୁଜ୍ଞାନକୁ ଜ୍ଞାନ ନୁହେଁ, କୁଜ୍ଞାନ ହିଁ କହିବା ଉଚିତ୍। ଆପଣ କଣ ଜାଣିଲେ, କଣ କହିପାରିଲେ, କଣ ଲେଖି ପାରିଲେ ଏବଂ ସେ ସମ୍ପର୍କରେ ହେଗେଲ କଣ କହିଛନ୍ତି, ମାର୍କ୍ସ କଣ କହିଛନ୍ତି, ଏ ସମ୍ପର୍କରେ ଅମୁକ କଣ କହିଛନ୍ତି, ଆଉ ଏହି ଫ୍ରିଡମ୍ ସଂକ୍ରାନ୍ତରେ ବହୁ ମନୀଷୀଙ୍କର ଭୁରି ଭୁରି ଉଦ୍ଧୃତି ଆପଣମାନଙ୍କର ମୁଖସ୍ଥ

ଥାଇପାରେ, ମାତ୍ର ଫ୍ରିଡମ୍ ତତ୍ତ୍ୱର ଯଥାର୍ଥ ଅର୍ଥ ଯେତେବେଳ ଯାଏ ଆପଣମାନେ ବୁଝି ନାହାନ୍ତି, ଯେତେବେଳେ ଯାଏ necessity କହିଲେ ଆପଣ ଯାହା ବୁଝିଛନ୍ତି, ସେହି ପ୍ରକ୍ରିୟାରେ ସକ୍ରିୟ ସଂଗ୍ରାମରେ ନିୟୋଜିତ ହେଉ ନାହାନ୍ତି, ସେତେବେଳ ଯାଏ necessityର ଯଥାର୍ଥ ଉପଲବ୍ଧି ଆପଣଙ୍କର ହୋଇ ନାହିଁ। ଆଉ ଏହି ସଂଗ୍ରାମ କରିବା ମଧ୍ୟଦେଇ ହିଁ ଧିରେ ଧିରେ ଫ୍ରିଡମ୍‌ର ଉପଲବ୍ଧି ଆପଣମାନଙ୍କ ମଧ୍ୟରେ କ୍ରମାଗତ ପ୍ରସ୍ଫୁଟିତ ଏବଂ ପ୍ରଜ୍ଜ୍ୱଳିତ ହୋଇଥାଏ। ଯେତେବେଳ ଯାଏ ଆପଣ ଏହି ସଂଗ୍ରାମ ମଧ୍ୟରେ ନାହାଁନ୍ତି, ସେତେବେଳ ପର୍ଯ୍ୟନ୍ତ ଆପଣମାନଙ୍କର ବୁଝିବା ଉପରଠାଉରିଆ ଥାଏ ଏବଂ ବୁଝିବା ମଧ୍ୟରେ ବହୁ ତ୍ରୁଟି ରହିଯାଏ। ତା'ପରେ ମଧ୍ୟ ଯଦି ଆପଣ କୁହନ୍ତି, ଯାହା ଯୁକ୍ତିସଂଗତ ଏବଂ ଯାହା ଉଚିତ୍ ବୋଲି ମନେକରେ ମୁଁ ତା'ପାଇଁ କାମ କରିପାରେନା; ଯାହା ଅନ୍ୟାୟ, ଦୁଷ୍ଟ, ମୋ ପକ୍ଷରେ କ୍ଷତିକର ବୋଲି ମନେକରେ ତା'କୁ ମୁଁ ଜାବୁଡ଼ି ଧରିଥାଏ; ତା'ହେଲେ ମୁଁ କଣ ନିଜକୁ ମନୁଷ୍ୟ ପଦବାଚ୍ୟ rational being ଭାବିପାରେ ?

ଆପଣମାନେ କଣ ଏହି କଥାଟିର ଅର୍ଥ ବୁଝନ୍ତି ଯେ, you can not fight for your freedom without fighting for the freedom of others (ଅନ୍ୟମାନଙ୍କ ସ୍ୱାଧୀନତା ପାଇଁ ଲଢେଇ ନକରି ଆପଣ ନିଜର ସ୍ୱାଧୀନତା ପାଇଁ ଲଢେଇ କରି ପାରିବେ ନାହିଁ)। ଇତିପୂର୍ବରୁ ମଧ୍ୟ ବହୁ କ୍ଲାସରେ ଏକଥା ଆପଣମାନଙ୍କୁ କହିଛି। ଏହି ଫ୍ରିଡମ୍ କଥାଟିକୁ କିଭଳିଭାବେ ବୁଝିବାକୁ ହେବ ? ତା' ବୁଝିବାକୁ ହେବ– ତୁମେ ଯଦି ନିଜେ ବିକାଶଲାଭ କରିବାକୁ ଚାହଁ, ସମାଜର ବିକାଶ ନିମନ୍ତେ ତୁମର ଯଦି ଉଦ୍‌ବେଗ ଏବଂ ଆକାଂକ୍ଷା ଥାଏ, ସଂସ୍କୃତିସମ୍ପନ୍ନ, ରୁଚିସମ୍ପନ୍ନ, ଶାଳୀନତା ଏବଂ ମର୍ଯ୍ୟାଦାସମ୍ପନ୍ନ ଜୀବନଯାପନ କରିବାକୁ ଯଥାର୍ଥରେ ହିଁ ଯଦି ତୁମେ ଚାହଁ ଏବଂ ମର୍ଯ୍ୟାଦା ସମ୍ପର୍କରେ ତୁମର ଯଦି କୌଣସି ଭ୍ରାନ୍ତ ଧାରଣା ନଥାଏ, ମର୍ଯ୍ୟାଦା ଅର୍ଥ ଟଙ୍କା ପଇସା, ମର୍ଯ୍ୟାଦା ଅର୍ଥ ଆଇ.ସି.ଏସ୍ ଅଫିସର ହେବା, ହାଇକୋର୍ଟର ଜଜ୍ ହେବା, ମିନିଷ୍ଟର ହେବା, ଚିପ୍ ମିନିଷ୍ଟର ହେବା, ମର୍ଯ୍ୟାଦା ଅର୍ଥ ଆମ୍ବାସଡର ହେବା ଏବଂ ଗାଡ଼ି ଘୋଡ଼ା ରଖିବା; ଲୋକେ ମୋତେ ସାର୍ ସାର୍ କହିବେ, ଏହି ପ୍ରକାର ଭାବନା ଯଦି ତୁମର ନଥାଏ, ମର୍ଯ୍ୟାଦା ସମ୍ପର୍କରେ ଯଥାର୍ଥ ଉପଲବ୍ଧି ଯଦି ତୁମର ଥାଏ, ତା'ହେଲେ ଏହି ସମାଜରେ ଏହାର ଗୋଟିଏ ମାତ୍ର ଅର୍ଥ ରହିଛି। ତା'ହେଉଛି ଏହି ସମାଜରେ ଯଦି ପ୍ରକୃତରେ ମର୍ଯ୍ୟାଦାର ସହିତ, ସମ୍ମାନର ସହିତ ନିଜର ମଥା ଉଚ୍ଚ କରି ବିବେକର ଅନୁଶାସନ ଅନୁଯାୟୀ ଚାଲିବାକୁ ଚାହଁ, ତା'ହେଲେ, 'the only way to lead your life in honourable way is to engage yourselves constantly in the struggle of the masses for justice.'

ଅନ୍ୟାୟ ବିରୁଦ୍ଧରେ ସମାଜର ସର୍ବ ସ୍ତରର ଜନସାଧାରଣଙ୍କର ସଂଗ୍ରାମ ସଂଗଠିତ କରିବା ଏବଂ ସେମାନଙ୍କୁ ନେଇ ଲଢେଇ କରିବା ତଥା ଏହି ଲଢେଇ ସଂଗଠିତ କରିବା କାର୍ଯ୍ୟରେ ଏବଂ ସଂଗ୍ରାମରେ ନିଜକୁ ନିୟୋଜିତ କରିବା ମଧ୍ୟଦେଇ ହିଁ ତୁମେ ଏକମାତ୍ର ମର୍ଯ୍ୟାଦା ଏବଂ ଡିଗ୍ନିଟିସମ୍ପନ୍ନ ଜୀବନଯାପନ କରିପାର। ଅନ୍ୟଥା, ସମସ୍ତ ରାସ୍ତା ହେଲା ଆତ୍ମ ପ୍ରତାରଣା, ମର୍ଯ୍ୟାଦାର ନୁହେଁ- ଅହଂ। କାରଣ ଏହି ସମାଜରେ ୱାଗନ୍ ବ୍ରେକରମାନଙ୍କ ଟଙ୍କାରେ ସମ୍ପତ୍ତି କଲେ ମଧ୍ୟ ମର୍ଯ୍ୟାଦା ମିଳେ, ଫୁଲମାଳା ମିଳେ, ଡକାୟତି-ଗୁଣ୍ଡାମୀ ରାସ୍ତାରେ ଟଙ୍କା କମାଇଲେ ମଧ୍ୟ ସମ୍ମାନ ମିଳେ। ତା'ପରେ ସେ ଟଙ୍କା ବଳରେ ଏମ୍.ଏଲ୍.ଏ, ଏମ୍.ପି ହୁଅନ୍ତି, ପରେ ପୁଣି ସେ ମନ୍ତ୍ରୀ ହୁଅନ୍ତି ଏବଂ ବାଣୀ ଶୁଣାଇ ଚାଲନ୍ତି। ଯଦି ଏହିସବୁ ଶସ୍ତା ମର୍ଯ୍ୟାଦାରେ ସେ ଆତ୍ମସନ୍ତୁଷ୍ଟି ପାଆନ୍ତି,ତା'ହେଲେ ଫ୍ରିଡମ୍‌କୁ ନେଇ ଏତେ ମୁଣ୍ଡ ଖେଳାଇବାର ଦରକାର କଣ ?

## ପ୍ରକୃତ ମର୍ଯ୍ୟାଦା କାହାକୁ କୁହାଯାଏ

କେହି ଭାବିପାରେ, ମୁଁ ଟିକେ ଲେଖାପଢା କରି ଡାକ୍ତର ହେବି, ଏହା honourable way (ସମ୍ମାନସ୍ପଦ ପଥ)। ମାତ୍ର ଡାକ୍ତର ହେଲେ ବି ତ ହେବ ନାହିଁ। କାରଣ ଏହି ସମାଜରେ ଡାକ୍ତର ଯଦି ଚିକିତ୍ସା ଜ୍ଞାନର ନୈତିକତାକୁ ଉର୍ଦ୍ଧ୍ୱତୋଳିତ କରନ୍ତି, ଡାକ୍ତର ହୋଇ ଆଦର୍ଶ ଜୀବନ ଜିଇଁବାକୁ ଚାହାନ୍ତି, ତା'ହେଲେ ତାଙ୍କୁ ନଖାଇ ରହିବାକୁ ହେବ। ଏହା ଦ୍ୱାରା ତାଙ୍କର ପ୍ରାକ୍ଟିସ୍ ହେବ ନାହିଁ, ସେ ନାଁ ମଧ୍ୟ କମାଇ ପାରିବେ ନାହିଁ ଏବଂ ଟଙ୍କା ପଇସା ମଧ୍ୟ ତାଙ୍କର ରୋଜଗାର ହେବ ନାହିଁ। କେହି ତାଙ୍କୁ ସମର୍ଥନ କରିବେ ନାହିଁ। ସେ ଜଣେ ପାଗଳଭାବେ ଗଣ୍ୟ ହେବେ। ସର୍ବସ୍ତରରେ ତାଙ୍କର ରୀତିନୀତି, ନୈତିକତା, ମେଡିକାଲ୍ ଏଥିକ୍ସକୁ କେନ୍ଦ୍ରକରି ସଂଘର୍ଷ ହେବ। ଫଳରେ ସେ କିଛି ହିଁ କରି ପାରିବେ ନାହିଁ। ତା'ହେଲେ ମେଡିକାଲ ଏଥିକ୍ସ ବା ବିଜ୍ଞାନର ଯେଉଁ ଏଥିକ୍ସ, ସେ ଜଣେ ବିଜ୍ଞାନୀ ବା ଇଞ୍ଜିନିୟର ବା କେମିଷ୍ଟ ହୁଅନ୍ତୁ, ବା ଫିଜିକ୍ସର ଛାତ୍ର ହୁଅନ୍ତୁ, ଏଗୁଡ଼ିକର କୌଣସି ପରୱା ନକରି, what is the ethics of the science (ବିଜ୍ଞାନର ଯାହା ନୈତିକତା)ର ପରୱା ନକରି ଯଦି ନିଜକୁ ଗୋଲାମ, ଚାକିରିଜୀବୀରେ ପର୍ଯ୍ୟବସିତ କରନ୍ତି, ପଇସା ବିନିମୟରେ ଟାଟା ପାଖରେ, ନଚେତ୍ ବିରଲା ପାଖରେ, ନହେଲେ କୌଣସି ଫାର୍ମ ପାଖରେ, ନତୁବା ସରକାରଙ୍କ ନିକଟରେ ନିଜର ବିବେକକୁ ବିକ୍ରୀ କରନ୍ତି, ହଁ ତା'ହେଲେ ତାଙ୍କର ପଇସା ହେବ, ନାଁ ହେବ, ଏଇଆ ତ ? ତା'ହେଲେ ସେ ଯଦି ଭାବନ୍ତି ଯେ, ନା, ମୁଁ ତ ୱାଗନ୍ ବ୍ରେକିଂ କରି ବା ରେସ୍ (ଘୋଡ଼ା ଦୌଡ଼ ଖେଳି ବା ଗୁଣ୍ଡା ଦଳ ତିଆରି କରି ଟଙ୍କା ରୋଜଗାର କରି ନାହିଁ ବା ନାଁ କମେଇ ନାହିଁ, ମୁଁ ଡାକ୍ତରୀ କରି ନାଁ କମେଇଛି, ଫାଙ୍କି ଦେଇ ନୁହେଁ। କିନ୍ତୁ ତୁମେ କଣ ଜାଣ ଯେ, କେବଳ ଡାକ୍ତରୀ କରି ନାଁ କରି ନାହଁ। ଡାକ୍ତରୀ

ସହିତ ତୁମେ ଗୋଲାମୀ କରିଛ, ତୋଷାମଦି କରିଛ । ଇଞ୍ଜିନିୟରିଂ ସହିତ ଗୋଲାମୀ କରିଛ, ତୋଷାମଦି କରିଛ । ଅନ୍ୟାୟ ନିକଟରେ ମଥାନତ କରିଛ । ମାନବ ସଭ୍ୟତାର ଚରମ ଦୁଷମନ୍‌ମାନଙ୍କର କୁକାର୍ଯ୍ୟଗୁଡ଼ିକୁ ଚୁପ୍ କରି ହଜମ କରିଛ । ସେମାନଙ୍କ ନିକଟରେ ନିଜର ବିଦ୍ୟାବୁଦ୍ଧି ଜ୍ଞାନ ବିକ୍ରି କରି ଦେଇଛ । ତାପରେ ଯାଇ ତୁମେ ପଇସା କମେଇଛ । ଏହାର ନାଁ କଣ ମର୍ଯ୍ୟାଦା ? ମର୍ଯ୍ୟାଦା ପାଇଁ କଣ ସିଦ୍ଧାର୍ଥବାବୁଙ୍କର ଦଳ ଧାଉଁଛି, ଅନ୍ୟ ଦଳଗୁଡ଼ିକ ଧାଉଁଛନ୍ତି । ପୃଥିବୀରେ ଦୁଇ ଦଳ ମଣିଷ ଅଛନ୍ତି । ଦଳେ ମଣିଷ ଶସ୍ତା ମର୍ଯ୍ୟାଦା ପାଇବା ପାଇଁ ଦୌଡ଼ୁଥାନ୍ତି । ଆଉ ଗୋଟିଏ ଦଳ, ମର୍ଯ୍ୟାଦା ଅର୍ଥ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବିଷୟ ବୋଲି ମନେକରନ୍ତି । ମନେକରନ୍ତି, ବିବେକର ଦଂଶନ କଣ କରିବାକୁ କୁହେ ? ମନେକରନ୍ତି ପ୍ରକୃତ ପ୍ରଗତି ସେହିଠାରେ ଅଛି ଯେଉଁଠାରେ ସମାଜର ଯଥାର୍ଥ ଅଗ୍ରଗତି ନିହିତ ରହିଛି । ଯେଉଁ ଅଗ୍ରଗତି ସହିତ ଜଡିତ ରହିଛି ପ୍ରତ୍ୟେକଟି ମଣିଷକୁ କୂପମଣ୍ଡୁକତା, ଦୁର୍ବଳତା, ଲୋଭ, ଭୟଭୀତିରୁ ମୁକ୍ତ କରିବା ଏବଂ ସେହି ରାସ୍ତାରେ ମଥା ଉଚ୍ଚ କରି ସଂଗ୍ରାମ କରିବା । ସମାଜକୁ ଶୋଷଣମୂଳକ ଅବସ୍ଥାରୁ ମୁକ୍ତି ଦେବା । ସମାଜର ପରିବର୍ତ୍ତନ ଆଣିବା, ଆଉ ସମାଜର ଏହି ପରିବର୍ତ୍ତନ ଆଣିବା ମଧ୍ୟଦେଇ ନିଜ ମଧ୍ୟରେ ପରିବର୍ତ୍ତନ ଆଣିବା ଏବଂ ତା'ର ବିକାଶର ରାସ୍ତା ଖୋଲିଦେବା ।

ସମାଜର ସମଗ୍ର ପରିବେଶ ହେଉଛି କୁସଂସ୍କାରାଚ୍ଛନ୍ନ । ମୁଁ ତ ଜଣେ ମଣିଷ, social being! ଘରେ ବାହାରେ, ସମାଜରେ, ଚାକିରୀ କ୍ଷେତ୍ରରେ, ସର୍ବତ୍ର ଏହି ବିରୁଦ୍ଧ ପରିବେଶ ମଧ୍ୟରେ ସଚେତନ ଶୁଭବୁଦ୍ଧି ନେଇ ମୁଁ ଠିକ୍ ରହିପାରେନା । କାରଣ, ଏହି ସମାଜର ଉତ୍ପାଦନ ବ୍ୟବସ୍ଥା ସହିତ ସମ୍ପର୍କ ସ୍ଥାପନ କରି ମୋତେ ବଞ୍ଚିବାକୁ ହେବ । ଆଉ ଏହି ବଞ୍ଚିବାର ଦୁଇଟି ରାସ୍ତା ରହିଛି । ଗୋଟିଏ ହେଲା, ଏହି ଅବସ୍ଥା ବିରୁଦ୍ଧରେ ବିଦ୍ରୋହ କରିବା, ପ୍ରତିବାଦ କରିବା, ଅନ୍ୟାୟ ବିରୁଦ୍ଧରେ ଲଢେଇ କରିବା ଏବଂ ଲଢେଇ ମଧ୍ୟଦେଇ ନଖାଇ ମରିଗଲେ ମଧ୍ୟ ମଥା ଉଚ୍ଚ କରି ଚାଲିବା । ଆଉ ନହେଲେ, ଲେଖାପଢା ଶିଖି, ଶିକ୍ଷାର ଅଭିମାନ ନେଇ ଶେଷ ପର୍ଯ୍ୟନ୍ତ ଗୋଲାମୀ କରିବା, ମୁଣ୍ଡ ବିକି ଦେବା । ଏହି ଉତ୍ପାଦନ ବ୍ୟବସ୍ଥା ଏବଂ ଅନ୍ୟାୟ ବ୍ୟବସ୍ଥା ସହିତ ଏ ଯୁକ୍ତି ସେ ଯୁକ୍ତି ଅବତାରଣା କରି ଗୋଲାମୀ ସପକ୍ଷରେ ଓକିଲାତି କରିବା । ଆଉ, ଅନ୍ୟଦିଗରେ ଏହି ପରିବେଶ ବିରୁଦ୍ଧରେ ସଂଗ୍ରାମ କରି ଯିଏ ଆଗେଇବାକୁ ଆରମ୍ଭ କଲେ ସେ ମାର୍କ୍ସବାଦ-ଲେନିନ୍‌ବାଦର ମର୍ମବସ୍ତୁ ଗ୍ରହଣ କରିବାକୁ ଶିଖିବେ । ତାଙ୍କର କିଛି ପାଇବାର ଆକାଂକ୍ଷା ରହିବ ନାହିଁ ।

ଆଉ ଗୋଟିଏ ବିଷୟ ମଧ୍ୟ ବୁଝିବାକୁ ହେବ, ଏହି ସମାଜରେ ସ୍ନେହ-ମମତାର ବନ୍ଧନ କଣ ଖାଲି ପରିବାର ମଧ୍ୟରେ ହିଁ ରହିଛି ? ଜ୍ଞାନ ଅର୍ଜନ କରିବା ସଙ୍ଗେ ସଙ୍ଗେ ଫ୍ରିଡମ୍ କଥାଟିର ଯଥାର୍ଥ ଅର୍ଥ ବୁଝିଲେ ସେ ବୁଝନ୍ତେ, କୋଟି କୋଟି

ମଣିଷ ସହିତ ରହିଛି ମୋର ହୃଦୟର କାରବାର। ଘରର ପାଞ୍ଚ ଜଣ ଲୋକ ଆଖିରୁ ଲୁହ ଝରାଇବେ ବୋଲି ସତ୍ୟ ପଥରେ ମୁଁ ପାଦ ବଢ଼ାଇ ପାରିଲି ନାହିଁ– ଏହାର ଅର୍ଥ କଣ ସ୍ନେହ-ମମତାକୁ ସ୍ୱୀକାର କଲି ? ନା। ସ୍ନେହ-ମମତା ଏବଂ ଦୁର୍ବଳତା ସମାନ ବିଷୟ ନୁହେଁ। ସ୍ନେହ-ମମତା ତ ମଣିଷକୁ ଦୁର୍ବଳ କରେ ନାହିଁ। କାପୁରୁଷତା ମଣିଷକୁ ଦୁର୍ବଳ କରେ। ସ୍ନେହ-ମମତା ସହିତ ବିପ୍ଳବର କୌଣସି ବିରୋଧ ନାହିଁ। ମାତ୍ର ସ୍ନେହ-ମମତା ମୋତେ ଦୁର୍ବଳ କରିବାକୁ ଚାହିଁଲେ ମୁଁ ଦୁର୍ବଳ ହେବି କାହିଁକି ? ମମତା ଅଛି ବୋଲି ମୁଁ ଦୁର୍ବଳ ହେବି କାହିଁକି ? ମମତା ଅଛି ବୋଲି ମୁଁ ବିବେକକୁ ପରିତ୍ୟାଗ କରିବି କାହିଁକି ? ମମତା ଅଛି ବୋଲି ମୁଁ ସତ୍ୟ ପଥ ପରିତ୍ୟାଗ କରିବି କାହିଁକି ? ଏଗୁଡ଼ିକ ଯାହା ମଧ୍ୟରେ ଗୋଳମାଳ ହୁଏନା ତାଙ୍କର ତ ମନ ମଧ୍ୟରେ ଏଭଳି ପ୍ରଶ୍ନ ଆସି ପାରେନା। ପୁଣି ଏହି ଧରଣର ପ୍ରଶ୍ନରେ ବା ଗୋଳମାଳ ହେବ କାହିଁକି ? ତାଙ୍କର ହିଁ ଗୋଳମାଳ ହୁଏ ଯିଏ ଏହି ପ୍ରଶ୍ନଗୁଡ଼ିକୁ ଭଲଭାବେ ବୁଝି ନାହାନ୍ତି, ସ୍ପଷ୍ଟଭାବେ ବୁଝି ନାହାନ୍ତି। ନୂତନ ନୂତନ କର୍ମୀମାନେ ଏହି କଥାସବୁ ଶୁଣି ସଙ୍ଗେ ସଙ୍ଗେ ଭାବିବାକୁ ଆରମ୍ଭ କଲେ- କେଉଁଠିକୁ ଯିବୁ, କେଉଁଠି ରହିବୁ। ଏହାର ଅର୍ଥ କଣ ? ସେ ଏହି କୋଟି କୋଟି ମଣିଷଙ୍କ ମଧ୍ୟରେ ରହିବାର ସ୍ଥାନ ଦେଖିପାରୁ ନାହାନ୍ତି। ଏହାର ଅର୍ଥ ହେଲା, they have not learned to work with the masses (ଜନଗଣଙ୍କ ସହିତ ମିଶି କିଭଳି କାମ କରିବାକୁ ହୁଏ, ତା’ ସେମାନେ ଶିଖି ନାହାନ୍ତି)। ସେଥିପାଇଁ କହୁଛି ଯେ, ଜ୍ଞାନ ସେତେବେଳେ କ୍ରିୟାଧର୍ମୀ ହୁଏ ଯେତେବେଳେ ଏହି ଫ୍ରିଡମ୍ ସମ୍ବନ୍ଧରେ ସତ୍ୟ ଜ୍ଞାନ ମୋତେ ପ୍ରଥମରୁ ହିଁ ଜନସାଧାରଣଙ୍କୁ ସଂଗଠିତ କରିବାରେ ଏବଂ ପାର୍ଟି ସଂଗଠନ ଗଢିବାରେ ଲିପ୍ତ କରେ। I live in the party, I live with the masses, among the masses (ମୁଁ ପାର୍ଟି ମଧ୍ୟରେ ବଞ୍ଚେ, ମୁଁ ଜନଗଣଙ୍କ ସହିତ, ଜନଗଣଙ୍କ ମଧ୍ୟରେ ବଞ୍ଚେ)। ଏକ୍ଷେତ୍ରରେ ମୋର ବିରୋଧ ହୁଏ ନାହିଁ। ଖାଇବା, ନଖାଇବା, ଉଠିବା-ବସିବା, ଦୁଃଖ-କଷ୍ଟ ସବୁ କିଛିକୁ ହିଁ ଏହିଭଳି ଭାବରେ ଭାବିବାକୁ ଶିଖେ। ଫଳରେ କେତେକ ଗୋଟିଏ ସମ୍ପର୍କ ଭାଙ୍ଗି ଆଉ ଗୋଟିଏ ସମ୍ପର୍କ ଗଢ଼ି ତୋଳନ୍ତି। ପରିବାରର ପାଞ୍ଚ ଜଣ ଲୋକଙ୍କ ସହିତ ସମ୍ପର୍କ ତୁଟିଛି, ପାଞ୍ଚ ଶହ ଲୋକଙ୍କ ସହିତ ହୃଦୟର ସମ୍ପର୍କ ଗଢି ଉଠିଛି। ତା’ ଆହୁରି ବି ଗଭୀର, ଆହୁରି ବି ମମତାମୟ, ଆହୁରି ବି ରସପୂର୍ଣ୍ଣ। ଏହା ହିଁ ତ ବିପ୍ଳବୀର ଜୀବନ। ଯିଏ ଏହା ବୁଝେ, ତା’ ମନରେ ତ ଏ ପ୍ରଶ୍ନ ଉଠିବାର ସ୍ଥାନ ନାହିଁ।

## ଜ୍ଞାନର ଯଥାର୍ଥ ରୂପ କଣ

ମୋର ଏହି କଥାଗୁଡ଼ିକ ଶୁଣିଲେ ବି ବୁଝିହେବ ନାହିଁ ଯଦି ପ୍ରଥମେ ଏହା

ନବୁଝନ୍ତି ଯେ, ଜ୍ଞାନ କ୍ରିୟାଧର୍ମୀ। ଏହାର ଯଥାର୍ଥ ଅର୍ଥ ମୋତେ ପ୍ରତିଦିନ ତିଳ ତିଳ କରି ବୁଝିବାକୁ ହେବ। ଏହାଛଡ଼ା ବୁଝିବାର ଆଉ କୌଣସି ରାସ୍ତା ନାହିଁ। ଏହା ଯଦି ତୁମେ ଆରମ୍ଭ କରି ନଥାଅ, ଆଉ ଯଦି ଆରମ୍ଭ କରିବା ମାତ୍ରେ ହିଁ ଫଳ ବିଷୟରେ ଭାବିବା ଆରମ୍ଭ କର, ତା'ହେଲେ ତୁମେ ତିଳେମାତ୍ର ହିଁ ବୁଝିନାହଁ। ତୁମେ କଣ ଫଳ ପାଇବା ପାଇଁ ଏହି କାମ କରିବାକୁ ଆସିଛ ? ନା, ବିବେକର ଦଂଶନ ଯୋଗୁ ଏହି କାମ କରିବାକୁ ଆସିଛ ? ଏହି କାମ ହେଲା ତୁମର ଜୀବନ ଧର୍ମ। ଏହା ହେଲା ଜ୍ଞାନର ଯଥାର୍ଥ ରୂପ। କୌଣସି ବିପ୍ଳବୀ ଆରମ୍ଭରୁ ହିଁ ଏଭଳି ଭାବେ ଚିନ୍ତାକରେ ନାହିଁ ଯେ, ମୁଁ ନିଶ୍ଚିତ ଜିତିବି। ଜିତିବାର ପ୍ରଚଣ୍ଡ ଇଚ୍ଛା ନେଇ ସେ କାମ ଆରମ୍ଭ କରନ୍ତି। ମାତ୍ର ତାଙ୍କର ଏହି ଭୁଲ ଧାରଣା କେଉଁଠି ନାହିଁ ଯେ, ମୁଁ ନିଶ୍ଚିତ ଜିତିବି, ସେଥିପାଇଁ ଆରମ୍ଭ କରିଛି, ଆଉ ମୁଁ ଯଦି ଜିତି ନପାରେ, ତା'ହେଲେ ମୋର ଆରମ୍ଭ କରିବାର କୌଣସି ଅର୍ଥ ନାହିଁ। ସେ ଜାଣନ୍ତି, ଏହି ଆରମ୍ଭ କରିବାଟା ହିଁ ତାଙ୍କର ଏକମାତ୍ର ରାସ୍ତା। ଆଉ ଏହି ରାସ୍ତାରେ ବିପ୍ଳବୀର ହଜାରେ ବିଫଳତା ଘଟେ। ଆଉ, ଏହା ଘଟେ ବୋଲି ହିଁ ଦିନେ ବିପ୍ଳବ ଜୟଯୁକ୍ତ ହୁଏ। ମାଓ-ସେ-ତୁଙ୍ଗ ଠିକ୍ ଏହି କଥାଟିକୁ ହିଁ ଏଭଳି ଭାବେ କହିଛନ୍ତି- 'All the revolutionary struggles every where starts with failure, again meet failure, again meet failure and ultimately wins victory.' (ସମସ୍ତ ବୈପ୍ଳବିକ ସଂଗ୍ରାମ ସବୁ ସ୍ଥାନରେ ବିଫଳତାରୁ ଆରମ୍ଭ ହୁଏ, ବାରମ୍ବାର ବ୍ୟର୍ଥତା ଆସେ ମାତ୍ର ପରିଶେଷରେ ଏହା ଜୟଯୁକ୍ତ ହୁଏ)। ଏହା ହିଁ ତ ବିପ୍ଳବର ରାସ୍ତା ! ଜିତିବା ମଧ୍ୟଦେଇ ବିପ୍ଳବ କେଉଁଠି ବି ଆରମ୍ଭ ହୁଏ ନାହିଁ। ମୁଁ ଦୁଇ-ଚାରିବର୍ଷ ଜନସାଧାରଣଙ୍କ ମଧ୍ୟରେ ଘୁରୁଛି, ସେମାନଙ୍କୁ ବୁଝାଉଛି, କେତେ କଣ କରୁଛି, ତା' ସତ୍ତ୍ୱେ ମଧ୍ୟ କାହାରିକୁ ରିକ୍ରୁଟ କରି ପାରିଲି ନାହିଁ। ସେତେବେଳେ ଭାବିବାକୁ ଆରମ୍ଭ କଲି, ତା' ହେଲେ ଆଉ କଣ ହେବ ? ଏଠି ଆଉ କିଛି ହେବ ନାହିଁ। ତେଣୁ ଯେତେବେଳେ ଆଉ କିଛି ହେବ ନାହିଁ, ଘରକୁ ଯାଇ ତା'ହେଲେ କଣ ହେବ, ଏହି ପ୍ରଶ୍ନଟି ତ ନିଜକୁ ପଚାରି ନାହଁ। ବିପ୍ଳବର ମଇଦାନରୁ ପ୍ରଶ୍ନ କରୁଛ, ଏତେ ତ କରୁଛି, କିଛି ହେଉ ନାହିଁ, ତା'ହେଲେ କଣ ହେବ ? ତୁମେ କଣ ମରିଯାଇଛ ? ମରି ତ ଯାଇନ। ତା'ହେଲେ ? କଣ ହେବ ଭାବି ନେଇ ଚୁପି ଚୁପି ଘରେ ଯାଇ ପଶୁଛ, ଆଉ ନହେଲେ କଣ ହେବ କହି ଚୁପ କରି ବାହା ହୋଇ ପଡୁଛ। କାହିଁ, ପ୍ରଶ୍ନ ତ କରୁ ନାହଁ, ଯେ ଘରକୁ ଗଲେ କଣ ହେବ ? ଏଠି ଯେମିତି ହେଉ ନାହିଁ, ତ ସେଠାକୁ ଗଲେ କଣ ସ୍ୱର୍ଗବାସ ହେବ ? ନା, ସେଠି ଯୌନ ତାଡ଼ନା ରହିଛି, ତା'ହେଲେ ସେଇଟା ହିଁ କୁହ। ନଖାଇ ରହିପାରୁ ନାହିଁ, ଚାକିରିଟା ନହେଲେ

କଷ୍ଟ ସ୍ୱୀକାର କରିପାରୁ ନାହିଁ, ତା'ହେଲେ ସେଇଟା ହିଁ ସିଧାସିଧା କୁହ। ନିଜକୁ କଣ ପ୍ରଶ୍ନ କରିଛ ? ଏହିଭଳି ଭାବେ ନିଜକୁ ସିଧାସଳଖ ପ୍ରଶ୍ନ କଲେ ଯେ ଉତ୍ତର ମିଳିଯିବ ଏଥିରେ ସନ୍ଦେହ ନାହିଁ। ଉତ୍ତର ପାଇବା ପାଇଁ ମୋ ନିକଟକୁ ଏତେଦୂର ଆସିବା ଦରକାର ନାହିଁ। ସଙ୍ଗେସଙ୍ଗେ ଉତ୍ତର ମିଳିବ। ଏହା ତ ସହଜ ପ୍ରଶ୍ନ। ତୁମେ ଜନସାଧାରଣଙ୍କ ମଧ୍ୟରେ କାମ କରି ଯେତେବେଳେ ଫଳ ପାଉ ନାହଁ, ସେତେବେଳେ ଭାବୁଛ ଆଉ କଣ ହେବ, କାମରେ ଆଉ ଉତ୍ସାହ ପାଉ ନାହିଁ। ଉତ୍ସାହ ପାଉ ନାହଁ ବୋଲି କଣ ବସି ରହିଛ ? ନା। ଉତ୍ସାହ ପାଉ ନାହଁ ବୋଲି ସଙ୍ଗେ ସଙ୍ଗେ ଚାକିରୀ ଯୋଗାଡ଼ କରିବା ପାଇଁ ଦୌଡ଼ି ଦୌଡ଼ି ଚପଲ ଘୋରୁଛ। ସେଠି ତ ଉତ୍ସାହର ଅଭାବ ନାହିଁ। କିଛି କରୁ ନାହଁ, ତା'ତ ନୁହେଁ, ଘରେ ଯାଇ ପଶୁଛ। କାହିଁକି ଘରକୁ ପଳାଉଛ ? ସେଠି ତ ପ୍ରଶ୍ନ କରୁ ନାହଁ ଯେ ଏହା ଭଲ ଲାଗୁ ନାହିଁ। ଏହାର ଓଲଟା ହିଁ ତ ହେବା କଥା। ଜନସାଧାରଣଙ୍କ ମଧ୍ୟରେ ରହିବାକୁ ଭଲ ଲାଗେ ନାହିଁ- ଏକଥାର ଅର୍ଥ କଣ ? ଏହାର ଅର୍ଥ ହେଲା, ଏହି କଥାଗୁଡ଼ିକ ଭଲ କରି ବୁଝି ନାହଁ ଯେ, recognition of the necessity is freedom (ପ୍ରୟୋଜନର ସ୍ୱୀକୃତି ହିଁ ସ୍ୱାଧୀନତା)। Necessity କୁ ସଠିକ୍‌ଭାବେ ଅନୁଧାବନ କରିବାରେ ମୁଁ ବ୍ୟର୍ଥ ହୋଇଛି। କାରଣ, ସେ ସମ୍ପର୍କରେ ମୁଁ ସଚେତନ ନୁହେଁ। ଅଥବା ମୁଁ ସେହି ଧରଣର ମଣିଷ ନୁହେଁ, ଯେଉଁ ମଣିଷ ବିବେକର ଆବେଦନରେ, ଯୁକ୍ତି ଏବଂ ନୀତିର ଆବେଦନରେ କାମ କରେ। ତା' ମଧ୍ୟରେ ଯେତେ କଳ୍ପନା ଆଉ ଓଲଟାପାଲ୍ଟା ଚିନ୍ତା ଭାବନା ଆସୁ ନା କାହିଁକି, ସେ ନୀତିର ଅନୁଶାସନ ମାନି କାମ କରେ, ବିବେକର ଅନୁଶାସନ ଏବଂ ବୁଦ୍ଧି ଓ ଯୁକ୍ତି ଦ୍ୱାରା କରେ। ସେ ଅଯୌକ୍ତିକ ଆଚରଣ କରେ ନାହିଁ। ହଁ, ହୋଇପାରେ, ମନ ମଧ୍ୟରେ ହୁଏତ ଅନେକ ଅଯୌକ୍ତିକ ଭାବନା ଧାରଣା ଓ ଆକାଂକ୍ଷା ଜନ୍ମ ନିଏ, ମାତ୍ର ଜନ୍ମ ନିଏ ବୋଲି ହିଁ ତ ମୁଁ ତା'ର ଦାବି ଅନୁଯାୟୀ ବା ତା' ଚାପରେ ପଡ଼ି ସେହି ଅନୁଯାୟୀ କାମ କରି ପାରେନା। ଯେଉଁ ମଣିଷ ଉପରେ ନୀତିର ଅନୁଶାସନ ନାହିଁ, ଯେଉଁ ମଣିଷ ବିବେକ ଦ୍ୱାରା ପରିଚାଳିତ ହୁଏ ନାହିଁ, ଯେଉଁ ମଣିଷ ଯୁକ୍ତି ଦ୍ୱାରା ପରିଚାଳିତ ହୁଏ ନାହିଁ, ସେହି ମଣିଷ ତା' ପାରେ। ସେ ମଣିଷ ନା କଣ ? ମଣିଷକୁ ଆମେ କଣ କହୁ ? ମଣିଷକୁ ଆମେ କହୁ rational being-ଅର୍ଥାତ୍ animal with rationality. (ଯୁକ୍ତିବାଦୀ ଚିନ୍ତା ଦ୍ୱାରା ପରିଚାଳିତ ପ୍ରାଣୀ)। ତେଣୁ rationality minus (ଯୁକ୍ତିବାଦୀ ଚିନ୍ତା ବିବର୍ଜିତ) ହେଲେ ମୁଁ ତ animal(ଜନ୍ତୁ ଜାନୁଆର)। ମୁଁ ଟେରିଲିନ୍ ଜାମାପଟା ପିନ୍ଧେ, ଟାଇ ପିନ୍ଧେ, ସିନେମା ଦେଖେ, ଗୀତ ଗାଏ, ଇଂରାଜୀରେ କବିତା ଲେଖେ, ସରକାରୀ ଅଫିସରେ କାମ କରେ, ବା ଦୁଇଖଣ୍ଡ ବହି ଲେଖିଛି-

ଏଗୁଡ଼ିକ କରେ ବୋଲି କଣ ମୁଁ virtually (କାର୍ଯ୍ୟତଃ) ଜନ୍ତୁ-ଜାନୁଆର ପରି ହୋଇ ପାରେନା ? ମୁଁ କାର୍ଯ୍ୟତଃ, ଜନ୍ତୁ-ଜାନୁଆର ନା ମଣିଷ, ତା'ର ଏକମାତ୍ର ବଡ଼ ପ୍ରମାଣ ହେଲା ଯେ, ମୁଁ ଯୁକ୍ତି ବିବେକର ଅନୁଶାସନ ଏବଂ ନୀତି ଦ୍ୱାରା ପରିଚାଳିତ ହୁଏ କି ହୁଏ ନାହିଁ। ଆଉ ତ କୌଣସି ବି ମାପକାଠି ନାହିଁ। Is there any other yard stick (ଆଉ କୌଣସି ମାପକାଠି ଅଛି କି), ଯଦ୍ୱାରା ମୁଁ ମଣିଷ ନା ପଶୁ ତା' ନିର୍ଦ୍ଧାରଣ କରାଯିବ ? ମୁଁ impulse (ସ୍ନାୟୁବିକ କ୍ରିୟା) ଦ୍ୱାରା ପରିଚାଳିତ ହୁଏ, ମୋର ଯୁକ୍ତି ମୋତେ ପରିଚାଳିତ କରେ ନାହିଁ, ମୋର ବୁଦ୍ଧି ମୋତେ ପରିଚାଳିତ କରେ ନାହିଁ, ତା'ହେଲେ ତ ମୋର ସବୁ କିଛି ହିଁ ପଶୁ ଭଳି। ତା'ହେଲେ ସେ କିଭଳି ମଣିଷ ହେଲା ? ମଣିଷ ତ ପ୍ରାଣୀ ଜଗତଠାରୁ ଏହି ଜାଗାରେ ହିଁ ଅଲଗା ଯେ, ସେ ଚିନ୍ତା କରିବାର ଅଧିକାରୀ ଏବଂ ତା'ର ବୁଦ୍ଧି ଅଛି। ଏହି ଚିନ୍ତା ଏବଂ ବୁଦ୍ଧି ଦ୍ୱାରା ସେ ତା'ର ଆଦର୍ଶ, ନୀତି ନୈତିକତା, ରାସ୍ତା ସମସ୍ତ କିଛି ଗଢ଼ି ତୋଳି ବିରୁଦ୍ଧ ପରିବେଶ ଏବଂ ପ୍ରକୃତି ବିରୁଦ୍ଧରେ ଫାଇଟ୍ କରେ। ଏହି ପ୍ରାକୃତିକ ଶକ୍ତି ବିରୁଦ୍ଧରେ ଫାଇଟ୍ କରିବା, ତାକୁ ନିୟନ୍ତ୍ରଣ କରିବା ଏବଂ ମାନବ ପ୍ରଗତିର କାର୍ଯ୍ୟରେ ତାହାକୁ ଲଗାଇବା ପାଇଁ ହିଁ ତ ମଣିଷ ସଭ୍ୟତା ସୃଷ୍ଟି କରିଛି। ଏହି ପଥରେ ହିଁ ତ ମଣିଷ ନୀତି ନୈତିକତା, ଆଦର୍ଶବାଦ, ମୂଲ୍ୟବୋଧଗୁଡ଼ିକ ଗଢ଼ିତୋଳିଛି। ଆଉ ମୁଁ ଯଦି ଏହା କରି ନପାରେ, ତା'ହେଲେ ମୁଁ କି ପ୍ରକାର ମଣିଷ ? ଏହା ହିଁ ତ basic question (ମୂଳ ପ୍ରଶ୍ନ)।

## ମୋତେ ଗୁଳିକରି ମାରି ଦିଆଯାଇ ପାରେ<br>କିନ୍ତୁ କିଣା ଯାଇ ପାରିବ ନାହିଁ

ମୋର କିଛି ସହକର୍ମୀ ଯେଉଁମାନେ ଏଠାରେ ବସିଛନ୍ତି, ସେମାନେ ଅତୀତର ବହୁ କଥା ଜାଣନ୍ତି। ମୋର ନିଜର ଅଭିଜ୍ଞତା ହେଲା, ପ୍ରଥମେ ଯେତେବେଳେ ଏହି ଦଳ ଆରମ୍ଭ ହୁଏ, ସେତେବେଳେ ଆମର କଣ ଥିଲା ? କିଛି ହିଁ ନଥିଲା। ଟଙ୍କା ନାହିଁ, ପଇସା ନାହିଁ, ଲୋକବାକ ନାହିଁ, ରହିବାର ଜାଗା ନାହିଁ, କେହି ଚିହ୍ନନ୍ତି ନାହିଁ, ଜାଣନ୍ତି ନାହିଁ। ଆଉ ଆମ୍ଭମାନଙ୍କର ବୟସ ବା ସେତେବେଳେ କେତେ ? ମୁଁ ସେତେବେଳେ quite young man, ଅଳ୍ପ ବୟସର ଜଣେ ଯୁବକ ଯିଏ କହୁଛି ଭାରତବର୍ଷରେ କୌଣସି ଯଥାର୍ଥ ବିପ୍ଳବୀ ଦଳ ନାହିଁ, ଦଳ ଗଠନ କରିବାକୁ ହେବ। ଅନେକେ ହିଁ ଯୁକ୍ତି ଶୁଣି କୁହନ୍ତି, ହଁ, ଏହା ତ କରିବା ଉଚିତ୍, ଯୁକ୍ତିଗୁଡ଼ିକ ତ ଭଲ। ମାତ୍ର ଏହା ପାଗଳ ଭଳି କଥା। ଗୋଟିଏ ଦଳ କରିବା ସହଜ କଥା ନା କଣ ? ଏତେଗୁଡ଼ିଏ ବଡ଼

ବଡ଼ ଦଳ ରହିଛନ୍ତି, ସେମାନେ ଘାଏଲ ହୋଇଯାଉଛନ୍ତି, ଭାଙ୍ଗି ପଡୁଛନ୍ତି, କେତେ କାଣ୍ଡ ହେଉଛି । ଆଉ ଯେଉଁମାନଙ୍କୁ କେହି ଚିହ୍ନନ୍ତି ନାହିଁ, ଜାଣନ୍ତି ନାହିଁ, ଅଭିଜ୍ଞତାସମ୍ପନ୍ନ ଲୋକ ନାହିଁ, ନାଁ କରା ନେତା ନାହିଁ, ପ୍ରେସ୍ ପବ୍ଲିସିଟି ନାହିଁ, ସେମାନେ କଣ କରିବେ ? କିଛି କହିଲେ ହିଁ ଲୋକେ ଥଟ୍ଟା କରୁଥିଲେ, ହସୁଥିଲେ, ପୁଣି କହୁଥିଲେ ଦେଖ, କୁହା ନାହିଁ ବୋଲା ନାହିଁ, ଆମ ଦେଶରେ କିଛି ପାଗଳ ପିଲା ବାହାରିଛନ୍ତି, କହୁଛନ୍ତି ନା କଣ ଦଳ ଗଠନ କରିବେ ! ଏହା ଅସମ୍ଭବ ବ୍ୟାପାର, ଏହା ହୋଇ ପାରେନା । ପାର୍ଟି ଗଢିବା କଣ ଏତେ ସହଜ କଥା ? ଏସବୁ ଅବାସ୍ତବ କଳ୍ପନା, ଏସବୁ କିଛି ହେବ ନାହିଁ । ହଁ, ଆପଣ ଯାହା କହୁଛନ୍ତି ତା' ଠିକ୍, କିନ୍ତୁ କିଛି ହେବ ନାହିଁ । ମୁଁ ମଧ୍ୟ ସଙ୍ଗେ ସଙ୍ଗେ ବେଶୀ ତର୍କ କରିନାହିଁ । ମୁଁ ସେମାନଙ୍କୁ ପାଲ୍ଟା ଉତ୍ତର କରିଛି । ହଁ ହେବ ନାହିଁ, ମାନି ନେଲି । ତର୍କ ମଧ୍ୟକୁ ନଯାଇ ଏକେବାରେ ସିଧା ମାନି ନେଲି, ହଁ କିଛି ହେବ ନାହିଁ, ତା' ବୁଝିଲି, କିଛି କରି ପାରିବି ନାହିଁ । ତା'ହେଲେ କଣ କରିବାକୁ ହେବ କୁହନ୍ତୁ । ଗୋଲାମୀ କରିବି, ଦଲାଲୀ କରିବାକୁ ହେବ ? ବିବେକ ବିକ୍ରୀ କରିବାକୁ ହେବ ? ଯା' ବୁଝିଛି, ତା' ନକରି ଅନ୍ୟପ୍ରକାର ଆଚରଣ କରିବାକୁ ହେବ ? ମୁଁ ପାରିବି ନାହିଁ । ମୋର କଥା ଥିଲା, ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ପାରିବ ସେମାନେ ମୋ ସହିତ ରୁହ, ଆଉ ଯେଉଁମାନେ ପାରିବ ନାହିଁ, ହଟି ଯାଅ । Because if I die starving in the street, I shall die with honour raising my head high (କାରଣ ମୁଁ ଯଦି ଖାଇବାକୁ ନପାଇ ରାସ୍ତାରେ ପଡ଼ି ମରିଯାଏ, ତଥାପି ମୁଁ ମୋର ମଥା ଉଚ୍ଚ କରି ସମ୍ମାନର ସହିତ ମରିବି) । ମୁଁ ଯେଉଁ ଦିନ ରାସ୍ତାରେ ନଖାଇ ମରିବି, ସେଦିନ ମଧ୍ୟ ମୁଁ ଯେକୌଣସି ଅନ୍ୟାୟର ପ୍ରତିବାଦ କରି ପାରିବି । ଯେକୌଣସି ଅନ୍ୟାୟକାରୀ ଲୋକ ଗାଲରେ ଦରକାର ହେଲେ ଚାପୁଡ଼ା ମାରି ପାରିବି, ମୋ ହାତ ଥରିବ ନାହିଁ । କାରଣ ମୋତେ ଗୁଳି କରି ମାରି ଦିଆଯାଇ ପାରେ, କିନ୍ତୁ କିଣା ଯାଇ ପାରିବ ନାହିଁ । What else can I do (ମୁଁ ଆଉ କଣ କରି ପାରିବି) ? ମୁଁ ତ ଦଲାଲୀ କରିପାରିବି ନାହିଁ । ଏତେସବୁ ବୁଝିବା ଯୋଗୁ ହିଁ ତ ମୋର ଏତେ ବିପଦ ! ମୋ ଜେଜେମା'ର ତ କୌଣସି ଅସୁବିଧା ନଥିଲା । ମୋ ବାପାଙ୍କର ମଧ୍ୟ କୌଣସି ଅସୁବିଧା ନଥିଲା, ମା'ଙ୍କର ମଧ୍ୟ ଅସୁବିଧା ନଥିଲା । କାରଣ ସେମାନେ ପୁଅ-ଝିଅ, ନାତି ନାତୁଣୀ ବାହା କରେଇଛନ୍ତି, ଘର ସଂସାର କରିଛନ୍ତି, ପୂଜାର୍ଚ୍ଚନା କରିଛନ୍ତି, କାଳିବାଡ଼ି ଯାଇଛନ୍ତି, ସେଠାରେ ବାରମ୍ବାର ମୁଣ୍ଡ ଛୁଇଁ ପ୍ରଣାମ କରିଛନ୍ତି, ବାପା ସବୁ ସମୟରେ ଭାବୁଛନ୍ତି, ଏଇ ଯେମିତି ସ୍ୱର୍ଗର ରଥ ସର୍ ସର୍ କରି ଓହ୍ଲାଇ ଆସିଲା ଏବଂ ସେ ସ୍ୱର୍ଗକୁ ଯାଇ ଆମ ନିମନ୍ତେ ବସି ରହିବେ । ଏହା ତାଙ୍କ ପକ୍ଷରେ କେତେ ସୁବିଧା ଥିଲା । କିନ୍ତୁ ମୋ ପକ୍ଷରେ ଅସମ୍ଭବ, କାରଣ ମୁଁ ବୁଝି ପକାଇଛି ମଣିଷ କଥାଟିର ଅର୍ଥ କଣ ! ମଣିଷର ମୂଲ୍ୟବୋଧ କଣ ! ଯଥାର୍ଥ ମର୍ଯ୍ୟାଦା

କଣ ! ଆଉ ଏହି ଦେଶରେ ଜନ୍ମଗ୍ରହଣ କରିବା ସଙ୍ଗେ ସଙ୍ଗେ ଜଣେ ମଣିଷ ଭାବରେ ମୋର କର୍ତ୍ତବ୍ୟ କଣ ! ମୁଁ ତ ଜାଣିଛି ଯେ, ଭାରତବର୍ଷର ଏହି ସମାଜର ପରିବର୍ତ୍ତନ ନହେଲେ ଆମେ କେହି ବଞ୍ଚିବୁ ନାହିଁ । ମୁଁ ବଞ୍ଚିବି ନାହିଁ, ମୋର ବିବେକ ବଞ୍ଚିବ ନାହିଁ, ନୀତି ନୈତିକତା ବଞ୍ଚିବ ନାହିଁ, ସଂସ୍କୃତି ବଞ୍ଚିବ ନାହିଁ, ଚରିତ୍ର ବଞ୍ଚିବ ନାହିଁ, କୌଣସି କିଛି ବଞ୍ଚିବ ନାହିଁ । ମୁଁ ଯଦି ଗୋଟିଏ ସୁଖର ସଂସାର ଗଢ଼ିବାକୁ ଚେଷ୍ଟା କରେ, ସେହି ପରିବାର ଭିତରକୁ ହିଁ ଦୁଷ୍ଟ ଶକ୍ତି ପ୍ରବେଶ କରି ମୋର ସ୍ନେହର ସନ୍ତାନଟିକୁ ନଷ୍ଟ କରି ଦେବ । ସେ କେଉଁ ଫିଲ୍ମ ଷ୍ଟାର୍‌ର ଚେଲା ହେବ, କି ଓ୍ୱାଗନ୍ ବ୍ରେକର ଦଳରେ ନାମ ଲେଖାଇବ, ତାର କୌଣସି ଗ୍ୟାରେଣ୍ଟି ନାହିଁ । ସେ କଣ କରିବ ନକରିବ, କେହି କହିପାରିବେ ନାହିଁ । ପ୍ରାଣ ଦେଇ ଯାହାକୁ ଭଲ ପାଇ ଗଢ଼ି ତୋଳିବି ସେ ବିଶ୍ୱାସଘାତକତା କରି ଚାଲିଯିବ ।  ପଇସା ପାଇଁ ସେ କିଛି ବି ପରଓ୍ୱା କରିବ ନାହିଁ । ଆଜିକାର ସମାଜ ଏହି ଜାଗାରେ ଆସି ପହଞ୍ଚିଛି । ଏଥିରୁ ଯଦି ଭଲ ପାଇବାକୁ ବଞ୍ଚାଇବାକୁ ହୁଏ, ନୀତି ନୈତିକତାକୁ ବଞ୍ଚାଇବାକୁ ହୁଏ, ସ୍ନେହ ପ୍ରୀତିକୁ ବଞ୍ଚାଇବାକୁ ହୁଏ, ଦାୟିତ୍ୱବୋଧ ଓ କର୍ତ୍ତବ୍ୟବୋଧକୁ ବଞ୍ଚାଇବାକୁ ହୁଏ, ମଣିଷକୁ ବଡ଼ କରିବାକୁ ହୁଏ, ନିଜକୁ ବି ଯଦି ବଡ଼ କରିବାକୁ ହୁଏ, ମୋର ସ୍ନେହର ପାତ୍ର-ପାତ୍ରୀମାନଙ୍କୁ ଯଦି ବଡ଼ କରି ଗଢି ତୋଳିବାକୁ ହୁଏ ତା'ହେଲେ ସେମାନଙ୍କର ରାସ୍ତା ଖୋଲି ଦେବାକୁ ହେବ । ଆଉ ଲଢେଇ କରିବା ବ୍ୟତୀତ କୌଣସି ଦ୍ୱିତୀୟ ରାସ୍ତା ନାହିଁ । ଏହା ମୁଁ ବୁଝି ପକାଇଛି । ମୁଁ କାହିଁକି ଏଭଳି ବୁଝିଲି ତା'କୁ ନେଇ ରାଗ କରିବି କାହା ଉପରେ ? ମୁଁ କଣ ନିଜ ମୁଣ୍ଡ ବାଳ ଟାଣି ଛିଣ୍ଡାଇ ପକାଇବି ଯେ ଏଭଳି ବୁଝିଲି କାହିଁକି ? ଏହାକୁ ନେଇ ତ କାହାରି ସହିତ ଯୁକ୍ତିତର୍କ କରାଯାଇ ପାରେନା, ତୁମେ ବୁଝି ନ, ମୁଁ ବୁଝିଲି କାହିଁକି ? ଆଉ ବୁଝିଲି ବୋଲି ହିଁ ତ ମୋର ବିପଦ ହୋଇଯାଇଛି । ଏବେ ମୋ ସମ୍ମୁଖରେ ଦୁଇଟି ରାସ୍ତା ଖୋଲା ଅଛି । ହୁଏତ ନିଜକୁ ଅଧଃପତିତ କରିବି, ନିଜର ବିବେକକୁ ବିକ୍ରୀ କରିବି; ଆଉ ନହେଲେ ଲଢ଼େଇ କରିବି । ଏହି ଲଢ଼େଇରେ ମୁଁ ଜିତିବି କି ହାରିବି, ତା' ଇତିହାସ କହିବ । ମାତ୍ର ମୁଁ ଯାହା ସତ୍ୟ ବୋଲି ମନେକରେ, ଭାରତବର୍ଷରେ ନୂତନ ଭାବେ ଏକ ବିପ୍ଳବୀ ଦଳ ଗଢ଼ି ଉଠି ନପାରିଲେ ମଣିଷର ମୁକ୍ତି ଆସିବ ନାହିଁ, ହଜାର ମଣିଷ କୁରବାନୀ ଦେଉ, ଲକ୍ଷ ଲକ୍ଷ ସନ୍ତାନ ରକ୍ତ ଢ଼ାଳୁ, ସବୁ ବିପଥରେ ଚାଲିଯିବ । ତେଣୁ ଯଥାର୍ଥ ବିପ୍ଳବୀ ଦଳ ପ୍ରୟୋଜନ, ଯଥାର୍ଥ ଆଦର୍ଶ ପ୍ରୟୋଜନ ।

ଫଳରେ ମୁଁ କଣ କରିବି ? ଯେହେତୁ ଦଳ ଗଠନ କରି ପାରିବି ନାହିଁ, ଯେହେତୁ ଏହି ଦଳଟା ଗଢ଼ି ପାରିବି କି ନା ତା'ର କୌଣସି ଠିକଣା ନାହିଁ, ତା'ହେଲେ ନିଜକୁ ଯେମିତି ହେଲେ ବୁଝେଇ ସୁଝେଇ ପୁଣି ସେହି ସି.ପି.ଆଇରେ ଯାଇ ମିଶିବି ? ନା, ସି.ପି.ଆଇକୁ ସୁଧାରି ନେବି ? ତା'ହେଲେ ତ ଭାବିଥାନ୍ତି- ହଁ, ଏହି ଦଳଟା

ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି, ଏହା ହିଁ ସଠିକ୍ ଦଳ, ଦଳଟି ଭିତରେ କିଛି ତ୍ରୁଟି ଅଛି, ସେଗୁଡ଼ିକୁ ସୁଧାରି ନିଆଯାଇ ପାରିବ। ମୁଁ ତ ତା' ବୁଝିନି। ମୁଁ ବୁଝି ସାରିଛି ଯେ, ଏହି ଦଳଟିକୁ ସୁଧାରି ବା ସଂଶୋଧନ କରି କମ୍ୟୁନିଷ୍ଟ ପାର୍ଟି କରାଯାଇ ପାରିବ ନାହିଁ। ପୁଣି ଯେତେ ଦିନ ଯିବ, ଏହାର ପଚା ଗନ୍ଧ ସେତେ ବ୍ୟାପିବାକୁ ଲାଗିବ। ତିରିଷ ବର୍ଷ ପୂର୍ବେ ତ ଏହି ଦୁର୍ଗନ୍ଧ ଜଣା ପଡୁ ନଥିଲା। ମାତ୍ର ତିରିଶ ବର୍ଷ ପୂର୍ବେ ମୁଁ ବୁଝିଥିଲି ଯେ, ଯେତେ ଦିନ ଯିବ ଦୁର୍ଗନ୍ଧ ସେତେ ବ୍ୟାପିବ। ଏହି ପାର୍ଟି ସଂଶୋଧିତ ହୋଇ ପାରେନା। କାରଣ, ଅନ୍ୟ କୌଣସି ଶ୍ରେଣୀ ଦଳ ଶ୍ରମିକ ଶ୍ରେଣୀର ଦଳରେ ରୂପାନ୍ତରିତ ହୋଇ ପାରେନା। ଶ୍ରମିକ ଶ୍ରେଣୀ ଦଳର ଗଠନ ପଦ୍ଧତି, ଏହାର ଚିନ୍ତାଧାରା, methodolgy (ଚିନ୍ତା ଓ କର୍ମ ପଦ୍ଧତି) ସମସ୍ତ କିଛି ମୋତେ ନିଃସଂଶୟରେ କହୁଛି ଯେ, ଏହି ପାର୍ଟିଟା ହେଲା party of petty bourgeoisie (ପେଟି ବୁର୍ଜୁଆ ପାର୍ଟିର ଦଳ), ସେ କମ୍ୟୁନିଷ୍ଟ ପାର୍ଟିର ନାଁ ନେଇ ଚାଲିଛି, ଫଳରେ ଏହା ଖାଲି ସର୍ବନାଶ କରିବ। ଜନଗଣଙ୍କର କମ୍ୟୁନିଜିମ୍ ପ୍ରତି ଥିବା ଶ୍ରଦ୍ଧା, ଆଶା, ଆକାଂକ୍ଷା, ମୋହକୁ ଆତ୍ମସାତ୍ କରିବ ଏବଂ ନିଜ ଅପକର୍ମ ଦ୍ୱାରା ଶେଷ ପର୍ଯ୍ୟନ୍ତ କମ୍ୟୁନିଜିମ୍‌କୁ ହିଁ ଲୋକ ଚକ୍ଷୁରେ ହେୟ କରିବ, ମାର୍କ୍ସବାଦକୁ ହିଁ ହେୟ ପ୍ରତିପନ୍ନ କରିବ। ଫଳରେ, ଏହି ପାର୍ଟି ଦ୍ୱାରା ହେବ ନାହିଁ। ତୁମେମାନେ ଯଦି ଏହି ପାର୍ଟି ଉପରେ ନିର୍ଭର କରି, ଏହାକୁ ହିଁ ସଂଶୋଧନ କରି ଭାରତବର୍ଷରେ ବିପ୍ଳବର କଥା ଭାବ, ତା ହେବ ମିଥ୍ୟା ରାସ୍ତା। ମୁଁ ତ ଏହି ରାସ୍ତାକୁ ଭୁଲ ବୋଲି ମନେକରେ। ମୁଁ ତ ବିଶ୍ୱାସ କରେ ଯେ, ଭାରତବର୍ଷରେ ବିପ୍ଳବ ବ୍ୟତୀତ ମୁକ୍ତି ଅର୍ଜନର ଆଉ କୌଣସି ଦ୍ୱିତୀୟ ରାସ୍ତା ନାହିଁ। କିନ୍ତୁ ବିପ୍ଳବ ଆପଣାଛାଏଁ ହେବ ନାହିଁ। ବିପ୍ଳବ ପାଇଁ ବିପ୍ଳବୀ ଆଦର୍ଶ, ତତ୍ତ୍ୱ, ବିପ୍ଳବର ରାସ୍ତା, ପ୍ରୋଗ୍ରାମ ପ୍ରୟୋଜନ ଏବଂ ବିପ୍ଳବୀ ଦଳକୁ ସେନାପତି ଭଳି ପ୍ରସ୍ତୁତ ହୋଇ ରହିବା ଦରକାର। ତା'ହେଲେ ସେହି ଦଳ ଗଠନ କରିବ କିଏ? ଯିଏ ବୁଝିଲା, ତା'ରି ଉପରେ ହିଁ ତ ଦାୟିତ୍ୱ ଆସି ପଡ଼ିବ। ଶ୍ରେଣୀ ବିଭକ୍ତ ସମାଜରେ idea (ଚିନ୍ତା) ମଧ୍ୟରେ ଯେଉଁ ସଂଘାତ ଚାଲିଛି, ସେହି ସଂଘାତ ଫଳରେ କାହିଁକି ମୋ ମଧ୍ୟରେ ଆସି ଏହି ଚିନ୍ତା ଦେଖାଦେଲା, ଏଥିପାଇଁ ମୁଁ କାହା ଉପରେ ରାଗିବି? କାହାରି ଉପରେ ତ ରାଗିବା ଚଳେନା। ତେଣୁ ମୁଁ ସେମାନଙ୍କୁ ଗୋଟିଏ ମାତ୍ର ପ୍ରଶ୍ନ କରିଥିଲି। କଣ କରିବାକୁ ହେବ କୁହ। ହଁ ହେବ ନାହିଁ, ବୁଝିଛି। କିନ୍ତୁ ଦଲାଲି କରିବାକୁ ହେବ? ମୁଁ ପାରିବି ନାହିଁ। ଏହା ମୋ ଦ୍ୱାରା ସମ୍ଭବ ନୁହେଁ। ମୁଁ ଜାଣେ, ମୋତେ ହୁଏତ ନଖାଇ ମରିବାକୁ ହେବ। ଜଣେ ଲୋକ ନଖାଇ ମରୁଛି କି ନାହିଁ, ତାହାର ଖବର ମଧ୍ୟ କେହି ନେବାକୁ ଆସିବେ ନାହିଁ। କିନ୍ତୁ କଣ କରିବି? ଭାବିବି ଏହା ମୋର ଅକ୍ଷମତା। ଅକ୍ଷମତାର ଲଜ୍ଜା ଗୋଟିଏ ପ୍ରକାର, ଆଉ ବିବେକ ବିକ୍ରୀ କରି ଦେବାଟା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବିଷୟ। ମୁଁ ପାରି ନାହିଁ, କିନ୍ତୁ କୌଣସି ଅନ୍ୟାୟ ନିକଟରେ ମୁଣ୍ଡ ନୁଆଇଁ

ନାହିଁ। ସାଧ୍ୟମତେ ଲଢ଼ିଛି, କିନ୍ତୁ ପାରିନି। ନଖାଇ ମରିଗଲି ସିନା, କିଛି କରିପାରିଲି ନାହିଁ। କିନ୍ତୁ କୌଣସି କିଛି ବିଫଳ ହୁଏ ନା। ସମସ୍ତ ବିପ୍ଳବୀମାନେ ହିଁ ଜାଣନ୍ତି ଯେ, ସେ ନଖାଇ ନିଃଶେଷ ହୋଇ ମରିଗଲା, ପାଞ୍ଚ ଜଣ ଲୋକ ମଧ୍ୟରେ, ପଚାଶ-ଶହେ ଲୋକଙ୍କ ମଧ୍ୟରେ ସେ ଖାଲି କହିଗଲା ଯେ, ଯଥାର୍ଥ ବିପ୍ଳବୀ ଆଦର୍ଶ ଓ ଦଳ ବ୍ୟତୀତ କିଛି ହେବ ନାହିଁ, ଏହା ବ୍ୟର୍ଥ ହୁଏନା, ବ୍ୟର୍ଥ ହୋଇ ପାରେନା।

## ଜନଗଣଙ୍କୁ ସଂଗଠିତ କରିବା କାର୍ଯ୍ୟ ଆରମ୍ଭ ମଧ୍ୟଦେଇ ହିଁ ବିପ୍ଳବର ତତ୍ତ୍ୱ ବୁଝିବା ଆରମ୍ଭ ହୁଏ

ସୁତରାଂ, ଆପଣମାନେ ଯେଉଁ ସବୁ ପ୍ରଶ୍ନ କରୁଛନ୍ତି, ସେଥିରୁ ବୁଝାଯାଉଛି ଯେ, ଏହି କଥାଗୁଡ଼ିକୁ ଏଭଳି ଭାବେ ଆପଣମାନେ ବୁଝି ନାହାନ୍ତି। ଯଦି ସଠିକ ଭାବେ ବୁଝିଥାନ୍ତେ, ତା'ହେଲେ ପ୍ରତିଦିନ ସେହି ସମାନ ପ୍ରଶ୍ନକୁ ଦୋହରାଇ ନଥାନ୍ତେ। ଏହା ଏଭଳି ଏକ ଜଟିଳ ତତ୍ତ୍ୱଗତ ବିଷୟ ନୁହେଁ। ମୂଳ ବିଷୟ ତତ୍ତ୍ୱଗତ, କଳାକୌଶଳଗତ ଏବଂ ସଂଗ୍ରାମଗତ ହେବା ପ୍ରୟୋଜନ। ମୁଁ ଯେଉଁ ଲୋକଙ୍କ ମଧ୍ୟରେ ରହି ଲଢ଼ିବି, ଏହି ଲଢେଇର କଳାକୌଶଳକୁ କେତେ ଉନ୍ନତ କରାଯାଇପାରେ ଏବଂ ସେହି ରାସ୍ତାକୁ ଆହୁରି କେତେ ତୀକ୍ଷ୍ଣ କରାଯାଇପାରେ, ଏହାକୁ ନେଇ ପ୍ରଶ୍ନ କରିବା ସ୍ୱାଭାବିକ। ସେକ୍ଷେତ୍ରରେ ମୋତେ ନିଜକୁ କିଭଳି ଆହୁରି କେତେ ତୀକ୍ଷ୍ଣ ତରବାରୀ ଭଳି ତିଆରି କରିବାକୁ ହେବ, ଏହା ହିଁ ହେଉଛି ମୋର ତତ୍ତ୍ୱଗତ ଆଲୋଚନାର ବିଷୟ। ଏହିଭଳି ଭାବେ ବୁଝିଲେ, ମୁଁ କାହିଁକି କରିପାରୁ ନାହିଁ, ଏହା କଣ ଏକ ଆଲୋଚନାର ବିଷୟ ହୋଇପାରେ ? ଏହା ବିଶେଷ ଜଣଙ୍କର ବ୍ୟକ୍ତିଗତ ସାଇକୋଲୋଜିକାଲ ପ୍ରୋବ୍ଲେମ୍ (ମାନସିକ ସମସ୍ୟା) ହୋଇପାରେ। ଏପରି ବି ହୋଇପାରେ, ଜଣେ ବ୍ୟକ୍ତିର ବିପ୍ଳବ ସଂକ୍ରାନ୍ତୀୟ ଧ୍ୟାନଧାରଣା ଗଢ଼ି ଉଠିନାହିଁ, ତା'ସତ୍ତ୍ୱେ ମଧ୍ୟ ବିପ୍ଳବର ବହୁ କଥା ତାଙ୍କୁ ଭଲ ଲାଗେ। ଏହା ବି ଦରକାର। ଏହିଭଳି ବ୍ୟକ୍ତିମାନଙ୍କୁ ଆମେ କହିବୁ-ଆପଣମାନଙ୍କୁ ଭଲ ଲାଗୁଛି, ଆପଣ ଆମକୁ ସମର୍ଥନ କରନ୍ତୁ, ତାର ବି ଅନେକ ମୂଲ୍ୟ ଅଛି। ଦଳକୁ ସମର୍ଥନ କରୁଛନ୍ତି, ତା'ର ମଧ୍ୟ ଅନେକ ମୂଲ୍ୟ ଅଛି। ମାତ୍ର ଯେଉଁ କର୍ମୀ ବିପ୍ଳବୀ ହେବାକୁ ଚାହିଁବେ, ତାଙ୍କର ତ ପ୍ରଶ୍ନର ରୂପ ଏଭଳି ହୋଇପାରେନା। ସେ ସଙ୍ଗେ ସଙ୍ଗେ ହିଁ ଏହି କଥାଟି ବୁଝିବେ ଯେ, ମୁଁ ବିପ୍ଳବୀ, ଯେତିକି ବୁଝିଲି ସେହି ଅନୁଯାୟୀ ମୁଁ ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ମଧ୍ୟରେ ଝାମ୍ପି ପଡ଼ିପାରେ, ସେମାନଙ୍କୁ ସଂଗଠିତ କରିପାରେ, ସେମାନଙ୍କ ସହିତ ଚବିଶ ଘଣ୍ଟା ରହିପାରେ, ତା'ହେଲେ ସେହି ସମୟରୁ ହିଁ କେବଳମାତ୍ର ମୋର ବିପ୍ଳବୀ ତତ୍ତ୍ୱ ବୁଝିବା ଆରମ୍ଭ ହୁଏ।

ତା'ହେଲେ ବୁଝି ପାରୁଛନ୍ତି, ମୁଁ କଣ ଉତ୍ତର ଦେଉଛି। ମୁଁ ଉତ୍ତର ଦେଉଛି ଯେ, ଏହି ବିଷୟ ବା ଦିଗଟି ସମ୍ପର୍କରେ ତତ୍ତ୍ୱଗତ ଭାବେ, ରାଜନୈତିକଭାବେ ଓ ଦର୍ଶନଗତ ଦିଗରୁ ଯେଉଁଭଳି ବୁଝିବା ଦରକାର, ସେଭଳି ବୁଝା ହୋଇନାହିଁ ବୋଲି ଜଣା ପଡୁଛି। ଏଥିସହିତ ଅବଶ୍ୟ ଏହି କଥାଟି ସତ୍ୟ ଯେ, ବୁଝିବା ମଧ୍ୟ ଜୀବନବ୍ୟାପୀ ଶେଷ ହୁଏ ନାହିଁ। ଆଜି ଯାହା ବୁଝିବେ, ସେହି ବୁଝିବା ମଧ୍ୟ ଗୋଟିଏ ଜାଗାରେ ଅଟକି ରୁହେ ନାହିଁ। ଚାଳିଶ ବର୍ଷ ପୂର୍ବେ ବା ତିରିଷ ବର୍ଷ ପୂର୍ବେ ଏହି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଯେତେବେଳେ ବୁଝିଥିଲି ସେତେବେଳେ ମଧ୍ୟ ଏହି ତିନୋଟି ମୂଳ ସୂତ୍ର ବୁଝିଥିଲି। ବୁଝିଥିଲି, ସବୁ କିଛି ହିଁ ବସ୍ତୁ, ବସ୍ତୁ ଦ୍ୱାରା ସୃଷ୍ଟି ଏବଂ ଏହିଭଳିଭାବେ ବସ୍ତୁତାନ୍ତ୍ରିକ ନିୟମ ଦ୍ୱାରା ବସ୍ତୁଜଗତ ଆଲୋଡିତ ହେଉଛି, ପରିବର୍ତ୍ତିତ ହେଉଛି, ବିକାଶ ପ୍ରାପ୍ତ ହେଉଛି। ବୁଝିଥିଲି, ଈଶ୍ୱର ନାହାନ୍ତି, କୌଣସି ଅତିପ୍ରାକୃତିକ ସତ୍ତା ନାହିଁ, ଏଗୁଡ଼ିକୁ ହିଁ ତିରିଶ-ଚାଳିଶ ବର୍ଷ ପୂର୍ବେ ଏକ ପ୍ରକାର ବୁଝିଥିଲି। ସେହି ବୁଝିବାକୁ ଭିତ୍ତିକରି ସେତେବେଳେ କାମ ଆରମ୍ଭ ହୋଇଛି। ସେତେବେଳେ ମଧ୍ୟ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ତିନୋଟି ମୂଳ ନିୟମ ବୁଝିଥିଲି ବୋଲି ମନେକରୁଥିଲି, ବର୍ତ୍ତମାନ ମଧ୍ୟ ବୁଝେ ବୋଲି ମନେକରେ। ସେହି ବୁଝିବାଟା କଣ ଗୋଟିଏ ଜାଗାରେ ସ୍ଥିର ରହିଛି ? ସେତେବେଳେ ଯାହା ବୁଝୁଥିଲି, ଆଉ ବର୍ତ୍ତମାନ ସେହି ସମାନ କଥାଗୁଡ଼ିକର ଯେଉଁ ଅର୍ଥ ବୁଝେ, ତା' କଣ ସମାନ ? ନା, ଅବଶ୍ୟ ହିଁ ସମାନ ନୁହେଁ। ସୁତରାଂ ଆପଣ ବର୍ତ୍ତମାନ ଯାହା ବୁଝିଲେ, ତା'ରି ଭିତ୍ତିରେ ଯଦି ଆପଣ ବାସ୍ତବ କ୍ଷେତ୍ରରେ ଜନସାଧାରଣଙ୍କର ମୁକ୍ତି ସଂଗ୍ରାମକୁ ନେତୃତ୍ୱ ଦେଇ ନିଜକୁ ଆତ୍ମନିୟୋଗ କରନ୍ତି, ପାର୍ଟି ପରିଚାଳନା କ୍ଷେତ୍ରରେ ଆତ୍ମନିୟୋଗ କରନ୍ତି ଏବଂ ଏହା ହିଁ ଆପଣଙ୍କର ଜୀବନ ହୁଏ, ଆରମ୍ଭରେ ହିଁ ସମ୍ପୂର୍ଣ୍ଣ ନହେଲେ ମଧ୍ୟ ମୁଖ୍ୟ ଜୀବନ ହୁଏ, ତା'ହେଲେ ଆପଣଙ୍କର ବୁଝିବାର ସ୍ତର କଣ ଗୋଟିଏ ଜାଗାରେ ରହିବ ?

ବିପ୍ଳବର ସାମଗ୍ରିକ ଉପଲବ୍ଧି ଗଢ଼ିତୋଳିବା ଉଦ୍ଦେଶ୍ୟରେ ଆହୁରି କେତୋଟି କଥା ଆପଣମାନଙ୍କୁ କହିବି। ବିପ୍ଳବ ପ୍ରତି ମୋର ଦାୟିତ୍ୱବୋଧ, ଏହି ଆବେଦନକୁ ସ୍ୱୀକାର କରି ଯଦି ସଂସାରର ଛୋଟ ଛୋଟ ଦାୟିତ୍ୱଗୁଡ଼ିକୁ ବା ଆଉ ପାଞ୍ଚ ପ୍ରକାର ସ୍ନେହ-ପ୍ରୀତି ପ୍ରତି ଥିବା ଦାୟିତ୍ୱକୁ ମୁଁ ଯଦି ପାଳନ କରିନପାରେ, ତା'ହେଲେ ତା' ଅନ୍ୟାୟ ନୁହେଁ। ମନେରଖିବାକୁ ହେବ, ସମାଜର କୌଣସି ଦାୟିତ୍ୱ ପାଳନ ନକରି ବ୍ୟକ୍ତିସ୍ୱାର୍ଥ ବା ବ୍ୟକ୍ତିଗତ ପ୍ରୟୋଜନରେ ଯେତେବେଳେ ମୁଁ ଆଉ ଏକ କର୍ତ୍ତବ୍ୟର ଆବେଦନକୁ ଅସ୍ୱୀକାର କରେ, ସେତେବେଳେ ତା' ଅନ୍ୟାୟ। ମାତ୍ର ଏକ ବୃହତ୍ତର ମାନବିକ ସ୍ୱାର୍ଥରେ, ସମାଜର ସ୍ୱାର୍ଥରେ ଉତ୍ତରଦାୟିତ୍ୱ ପାଳନ କରିବାକୁ ଯାଇ ଯଦି ଏକ କ୍ଷୁଦ୍ର ବ୍ୟକ୍ତିଗତ ସ୍ୱାର୍ଥ ବା ଏକ ମମତାକୁ କେନ୍ଦ୍ରକରି ଯେଉଁ ଦାୟିତ୍ୱବୋଧ, କର୍ତ୍ତବ୍ୟବୋଧ, ତା' ଯଦି ପାଳନ କରି ନପାରେ, ତା'ହେଲେ ତା'ଦ୍ୱାରା କୌଣସି

ଅନ୍ୟାୟ ହୁଏ ନାହିଁ। ଏହା ବୁଝିବା କ୍ଷେତ୍ରରେ ଅସୁବିଧା ହେବାର ତ କିଛି କାରଣ ନାହିଁ। ବାରମ୍ବାର ଆଲୋଚନା କରି ଏହା ସମାଧାନ କରିବାର ବିଷୟ ନା କଣ ! ଏହା ତ ଜୀବନ ଦେଇ ଉପଲବ୍ଧ କରିବାର ବିଷୟ। ଏହାର ରାସ୍ତା କଣ ଖାଲି ଆଳାପ ଆଲୋଚନା ? ଏହାର ପ୍ରଧାନ ଭିତ୍ତି ହେଲା, to engage yourself in active struggle of the masses for justice against injustice; to constantly move with the masses, remain among the masses(ଅନ୍ୟାୟ ଓ ଅବିଚାର ବିରୁଦ୍ଧରେ ଜନଗଣଙ୍କ ସଂଗ୍ରାମରେ ନିଜକୁ ସମ୍ପୂର୍ଣ୍ଣଭାବେ ନିୟୋଜିତ କରିବା, ସର୍ବକ୍ଷଣ ଜନଗଣଙ୍କ ମଧ୍ୟରେ ରହିବା)- ଏହା ହେଉଛି ଏବିଷୟରେ ବୁନିୟାଦୀ କଥା। ଆଉ ଏକ ଅତ୍ୟନ୍ତ ଜରୁରୀ କଥା ମଧ୍ୟ ଆପଣମାନଙ୍କୁ ମନେରଖିବାକୁ ହେବ। କେବଳ ଜନଗଣଙ୍କ ମଧ୍ୟରେ ରହିଲେ ହିଁ ହେବ ନାହିଁ। ଜନଗଣଙ୍କ ମଧ୍ୟରେ ରହିବା ଅର୍ଥ ଭିଡ଼ ମଧ୍ୟରେ ଜଣେ ହୋଇ ନୁହେଁ, ଆଉ ରୁଟିନ୍ ମାଫିକ୍ କାର୍ଯ୍ୟ କରିବା ନୁହେଁ; ଏହି ରହିବା ସହିତ ରାଜନୈତିକ ଉଦ୍ଦେଶ୍ୟ, ନେତୃତ୍ୱକାରୀ ଭୂମିକା, ସୃଜନଶୀଳ କାର୍ଯ୍ୟକୁ ଯୁକ୍ତ କରିବାକୁ ହେବ। ତା'ହେଲେ ବୁଝିବା ସ୍ତରଟି ଉନ୍ନତ ହୋଇ ଚାଲିବ। ପୁଣି କାର୍ଯ୍ୟର ମଧ୍ୟ ବିଭିନ୍ନ ପ୍ରକୃତି ଥାଏ। ବିପ୍ଳବର ହଜାର ଧରଣର କାମ, ପାର୍ଟିର ହଜାର ଏକ ପ୍ରକାର ଛୋଟମୋଟ କାମ ଥାଏ। କୌଣସି ଏକ କାମକୁ ଅଲଗା କରି ଦେଖିଲେ ହୁଏତ ମନେହୋଇପାରେ ଏହା ଅତ୍ୟନ୍ତ insignificant (ଅକିଞ୍ଚିତ୍କର)। ପୁଣି ମନେରଖିବାକୁ ହେବ, ସେହି କାମଟିକୁ ବାଦଦେଇ ବିପ୍ଳବର ଏହି ବିଶାଳ କର୍ମକାଣ୍ଡଟି ଗଢ଼ିଉଠି ପାରିବ ନାହିଁ, ବିପ୍ଳବ ମଧ୍ୟ ସାଧିତ ହୋଇ ପାରିବ ନାହିଁ। କିନ୍ତୁ ବିଚ୍ଛିନ୍ନ କରି ଦେଖିଲେ ମନେହୋଇପାରେ, ଏହା ଅତି କ୍ଷୁଦ୍ର କାମ, ନକଲେ ବି ଚଳେ। ସେଥିପାଇଁ ସମସ୍ତ କାମର ଗୁରୁତ୍ୱ ରହିଛି। ପୁଣି ସ୍ଥାନ,କାଳ ଓ ପରିସ୍ଥିତିର ପରିପ୍ରେକ୍ଷୀରେ କାମର ଗୁରୁତ୍ୱ ନିରୁପଣ କରିବାକୁ ହୁଏ। ଏହା ବିଚାର କରିବା ମଧ୍ୟ ଏକ ସମସ୍ୟା। ସେହି ସମସ୍ୟା ସମାଧାନ କରିବାକୁ ହୁଏ। ମାତ୍ର ସେଠାରେ ହିଁ ଖୁବ୍ ଭଲଭାବେ ସମାଧାନ କରି ହୁଏ, ଯେଉଁଠି ପ୍ରତ୍ୟେକ କର୍ମୀଙ୍କର କର୍ମ ମଧ୍ୟରେ ରାଜନୈତିକ ଉଦ୍ୟୋଗ ଅଛି ଏବଂ ସୃଜନଶୀଳ କ୍ଷମତା ଅଛି। ଦେଖାଯାଏ, ପାର୍ଟି ପକ୍ଷରୁ ସିଧାସଳଖ ଅଥବା କୌଣସି ଏକ ଗଣସଂଗଠନ ପକ୍ଷରୁ ଏକ ପ୍ରୋଗ୍ରାମ ଆସିଛି, ସଙ୍ଗେ ସଙ୍ଗେ ପାର୍ଟି ପ୍ରୋଗ୍ରାମ ସହିତ ଗଣ ସଂଗଠନର ପ୍ରୋଗ୍ରାମ ମଧ୍ୟରେ conflict (ଦ୍ୱନ୍ଦ୍ୱ) ଆରମ୍ଭ ହୋଇଗଲା। ଯେଉଁଠି ତା'ନାହିଁ, ସେଠାରେ ଦେଖାଯାଏ କର୍ମୀଙ୍କର ଉଦ୍ୟୋଗ ଓ ସୃଜନଶୀଳ କ୍ଷମତାର ଏକାନ୍ତ ଅଭାବ; ସେଠାରେ ଦୁଇଟି ରୁଟିନ୍ ପ୍ରୋଗ୍ରାମ ମଧ୍ୟରେ ଯେତେବେଳେ ଦ୍ୱନ୍ଦ୍ୱ ଦେଖାଦିଏ, ସେତେବେଳେ ଦଳର ଦୁଇ ଜଣ executive (କର୍ମକର୍ତ୍ତା)ଙ୍କ ମଧ୍ୟରୁ କେହି ଅନ୍ୟକୁ ସାହାଯ୍ୟ କରିପାରନ୍ତି

ନାହିଁ। ପରସ୍ପର ନିଜ ଜାଗାରେ ଅଟଳ ରହି ଷଣ୍ଢ ଲଢ଼େଇ ଭଳି ଲଢ଼େଇ କରନ୍ତି। ଅଥଚ ଦୁଇଜଣ ହିଁ ଦାୟିତ୍ୱଶୀଳ କମ୍ରେଡ୍। ମାତ୍ର ଦୁଇ ଜଣଙ୍କର ଲଢେଇ ଦେଖିଲେ ମନେହେବ, ଏମାନେ କମ୍ରେଡ୍ ନୁହଁନ୍ତି। କେହି କାହା ଜାଗାରୁ ଇଞ୍ଚେ ମଧ୍ୟ ହଟିବେ ନାହିଁ। ଜଣେ କହୁଛନ୍ତି, ଏହା ପାର୍ଟିର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ,ପ୍ରଥମେ କରିବାକୁ ହେବ। ପୁଣି ଅନ୍ୟ ଜଣେ କହୁଛନ୍ତି, ପାର୍ଟି ପାଇଁ ତ ଗଣସଂଗଠନ, ଏହା ଯଦି ନରୁହେ, ତା'ହେଲେ ପାର୍ଟି ତ ଦୁର୍ବଳ ହେବ। ପାର୍ଟି ନେତା କହୁଛନ୍ତି, ଚୁଲିକି ଯାଉ ଗଣସଂଗଠନ, ସବୁରି ଉର୍ଦ୍ଧ୍ୱରେ ପାର୍ଟି। କାରଣ, କମ୍ରେଡ୍ ଜି.ଏସ୍. କହିଛନ୍ତି, ପାର୍ଟି ସ୍ୱାର୍ଥ ନିକଟରେ ସବୁ ଗୌଣ। ବାସ୍, ହୋଇଗଲା! ଫଳରେ ଏହି ଦୁଇ ଜଣ କମ୍ରେଡ୍ ନା ବୁଝାଇ ପାରିଲେ, ନା ମାନି ନେଇ ପାରିଲେ। ଅଥଚ ସେମାନେ ଜାଣନ୍ତି, ପାର୍ଟି ସ୍ୱାର୍ଥ ନିକଟରେ ସବୁ ଗୌଣ। ତାଙ୍କର ମନେହେଉଛି, ପାର୍ଟି ସ୍ୱାର୍ଥ ହିଁ ultimately (ଶେଷ ବିଚାରରେ) ମାଡ଼ ଖାଉଛି। ଏହାର ଫଳ କଣ ହେଉଛି ? ସେମାନଙ୍କ ମନ ଖଚ୍‌ଖଚ୍ କରୁଛି। କେହି କାହାରି ମତକୁ କୌଣସି ଭାବେ ହିଁ ମାନି ପାରୁ ନାହାନ୍ତି। ଅଧିକାଂଶ କ୍ଷେତ୍ରରେ ଏହି ଷଣ୍ଢ ଲଢ଼େଇ ଦୁଇଜଣ ଶୀର୍ଷ କର୍ମକର୍ତ୍ତାଙ୍କ ମଧ୍ୟରେ ହୁଏ। ଏହାର କାରଣ ମଧ୍ୟରେ ମୁଖ୍ୟ ଦୁର୍ବଳତାର ଦିଗ ହେଉଛି– କର୍ମକର୍ତ୍ତାମାନେ କୌଣସି ସମସ୍ୟାର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ ନିଜେ କଣ ଚାହାଁନ୍ତି, ନିଜେ କଣ direction (ନିର୍ଦ୍ଦେଶ) ଦେଇଥିଲେ, ତାହା କାହିଁକି କାର୍ଯ୍ୟକାରୀ ହୋଇ ନାହିଁ, ଏହାର କୈଫିୟତ୍ ମାଗିବା ବା ଏହା ଉପରେ ବକ୍ତବ୍ୟ ରଖିବା ପୂର୍ବରୁ ସମସ୍ୟା କାହିଁକି ସୃଷ୍ଟି ହେଲା, ତା' ବୁଝିବା ପାଇଁ ଚେଷ୍ଟା କରନ୍ତି ନାହିଁ। ଅପରପକ୍ଷ ପ୍ରଶ୍ନଟି ଉଠାଇବା ଫଳରେ, କି ସମସ୍ୟା ସୃଷ୍ଟି ହେଲା, ତା' ବୁଝିବା ପାଇଁ ଚେଷ୍ଟା କରିବା ଦରକାର। ତା'ପରେ ପାର୍ଟି ନେତା ଏବଂ ଏହି ଫ୍ରଣ୍ଟର ନେତାମାନେ ବସି ସମାଧାନ କରି, ତର୍କବିତର୍କ କରି ଯେତେବେଳେ ଗୋଟିଏ ସିଦ୍ଧାନ୍ତ କଲେ– ସେତେବେଳେ ଏହି କର୍ମୀଟି ଯେଉଁ ଉତ୍ସାହ ଓ ଆବେଗ ନେଇ ଆଗେଇ ଆସିଥିଲେ, ତା' ଥଣ୍ଡା ହୋଇ ପାଣି ଫାଟିଯାଇଛି, ଏହାର ଅର୍ଥ ହେଲା–ସଠିକ୍ ସମୟରେ ଯେତିକି ଗୁରୁତ୍ୱ ଦେଇ ଆଲୋଚନା କରି ତାହାକୁ ତୁରନ୍ତ ମିମାଂସା କରି ନେବା ଦରକାର ଥିଲା, ତା ନକରି ତାକୁ ଅଯଥା ଅଫିସିଆଲ୍ କରି ଦିଆଗଲା। ଅଫିସିଆଲ୍ ନହେଲେ କଣ କୌଣସି ଆଲୋଚନା ହୋଇ ପାରେନା ? ଗୋଟିଏ ସମସ୍ୟା ସୃଷ୍ଟି ହୋଇଛି, ଦୁଇ ଜଣ ଏକତ୍ର ବସି ଯଦି ଅନପୌଚାରିକ ଭାବେ ସମାଧାନ କରିଦେଇ ପାରନ୍ତି, ତେବେ ସେଥିପାଇଁ ଏତେ ଲଢେଇ କରିବାର ପ୍ରଶ୍ନ ଉଠନ୍ତା ନାହିଁ। How to solve it (ଏହାର କିଭଳି ସମାଧାନ କରିବାକୁ ହେବ)। ଏହା ହିଁ ତ ପ୍ରଶ୍ନ। Always it is not necessary to bring it to the level of official discussion (ସର୍ବଦା ଉକ୍ତ ପ୍ରସଙ୍ଗକୁ ଔପଚାରିକ ଆଲୋଚନା ମଧ୍ୟକୁ ଆଣିବାର ଆବଶ୍ୟକତା ନାହିଁ)। ଏସବୁ କ୍ଷେତ୍ରରେ ଅଫିସିଆଲ୍

ଆଲୋଚନା ଯେତେ କମ୍ ହେବ ସେତେ ମଙ୍ଗଳ। ଯେକୌଣସି ବ୍ୟାପାରରେ ଅଫିସିଆଲ୍ ଆଲୋଚନା ସୂଚାଏ ଯେ, ସେମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା, understanding ଏବଂ ସମସ୍ୟା ପ୍ରତି ଦୃଷ୍ଟିଭଙ୍ଗୀ, ବୁଝିବା ପାଇଁ ଯେଉଁ ନମନୀୟ ମନ, ସୃଜନଶୀଳ ମନ ଆବଶ୍ୟକ, ସେକ୍ଷେତ୍ରରେ ଖୁବ୍ ଅଭାବ ରହିଛି। ଯେଉଁ ଲିଡରମାନଙ୍କୁ ଛୋଟମୋଟ ଘଟଣା ସମ୍ପର୍କରେ ଅଫିସିଆଲ୍ ଆଲୋଚନା କରିବାକୁ ହୁଏ, କମିଟିରେ ବସି ଆଲୋଚନା କରିବାକୁ ହୁଏ, ନହେଲେ ସମାଧାନ ହୁଏନା- ତା'ଦ୍ୱାରା କଣ ପ୍ରମାଣ ହୁଏ, ସମସ୍ୟା ସମାଧାନ ସମ୍ପର୍କରେ ନେତାମାନେ କେତେ ମନଯୋଗୀ ? ନିଜ କ୍ଷମତା ଅନୁଯାୟୀ ସୃଜନଶୀଳତା ସହିତ ବୁଝିବା ପାଇଁ ଚେଷ୍ଟା କଲେ ହିଁ, ସେ ଅନ୍ୟର ଦିଗଟି ଭଲଭାବେ ବୁଝିପାରିବେ।

ମନେରଖିବେ, ପାର୍ଟିର କର୍ମକ୍ଷେତ୍ର ଦୁଇଟା- ଗୋଟିଏ ହେଲା, ପାର୍ଟିର ନିଜସ୍ୱ ପ୍ରାତ୍ୟହିକ ରୁଟିନ୍ କାର୍ଯ୍ୟ, ଆଉ ଗୋଟିଏ ହେଲା ଗଣ ସଂଗଠନର କାର୍ଯ୍ୟ। ଏକ୍ଷେତ୍ରରେ ଯା' ଦେଖେ, ପ୍ରାୟତଃ ହିଁ ଭୁଲ putting (ଉପସ୍ଥାପନା) ହୁଏ। ଉପସ୍ଥାପନା ଏହିଭଳି ଭାବେ କରାହୁଏ, ମୁଁ ପାର୍ଟି କାମରେ ଅଛି, ସେ ଗଣ ସଂଗଠନ କାମରେ ଅଛନ୍ତି। ଯେକୌଣସି ଏକ ଗଣସଂଗଠନର କେତେଗୁଡ଼ିଏ ନିଜସ୍ୱ ପ୍ରୋଗ୍ରାମ ଥାଏ। ସେମିତି ପାର୍ଟିର କେତେଗୁଡ଼ିଏ ରୁଟିନ୍ କାମ ଥାଏ। ମାତ୍ର ଦୁଇଟା ହିଁ ପାର୍ଟିର କାମ। ଦୁଇଟି କ୍ଷେତ୍ରରେ ହିଁ over all (ସାମଗ୍ରିକ ଭାବେ) ନେତୃତ୍ୱ ହେଉଛି ପାର୍ଟିର। ସାମଗ୍ରିକ ଭାବେ ଦାୟିତ୍ୱ ମଧ୍ୟ ପାର୍ଟିର। ଏହି ଦୁଇଟି କାମ ହିଁ ପାର୍ଟିର ଦାୟିତ୍ୱ- ଫ୍ରଣ୍ଟ ମଧ୍ୟରେ ପାର୍ଟିର ଯେଉଁ କର୍ମକର୍ତ୍ତାମାନେ ଅଛନ୍ତି, ସେମାନେ ଯଦି ଏହା ନଭୁଲନ୍ତି, ଆଉ ପାର୍ଟି କାର୍ଯ୍ୟରେ ଯେଉଁ କର୍ମକର୍ତ୍ତାମାନେ ଅଛନ୍ତି ସେମାନେ ମଧ୍ୟ ଯଦି ଏହା ନଭୁଲନ୍ତି, ତା'ହେଲେ କାମ ଅନେକ ସହଜ ହୋଇଯାଏ। ପାର୍ଟିର କର୍ମକର୍ତ୍ତା ଯଦି ମନେକରନ୍ତି, ଏହା ପାର୍ଟିର କାମ, ଏହା ସମ୍ଭାଳିବା ମୋର ଦାୟିତ୍ୱ, ପୁଣି ଆଉ କିଛି କର୍ମକର୍ତ୍ତା ଯେଉଁମାନେ ଫ୍ରଣ୍ଟ ଦାୟିତ୍ୱରେ ଅଛନ୍ତି ସେମାନେ ମନେକରନ୍ତି ଏହା ଫ୍ରଣ୍ଟର କାମ, ତେଣୁ ଏହାକୁ ସମ୍ଭାଳିବା ମୋର ଦାୟିତ୍ୱ। ସେ ମଧ୍ୟ ଗୋଟାଏ ପ୍ରକାର ବୁଝନ୍ତି ଯେ, ପାର୍ଟି ସ୍ୱାର୍ଥରେ ହିଁ ତ ମୁଁ ଫ୍ରଣ୍ଟର ଦାୟିତ୍ୱ ପାଳନ କରୁଛି। ସୁତରାଂ, ଏହାକୁ ସମ୍ଭାଳିବା ମୋର ଦାୟିତ୍ୱ। ସେ ବୁଝନ୍ତି ନାହିଁ ଯେ, ସମସ୍ତ ପ୍ରକାର over all କର୍ତ୍ତୃତ୍ୱ ଓ ନେତୃତ୍ୱ ପାର୍ଟି ହାତରେ ରହିଛି ଏବଂ ଦୁଇଟି ହିଁ ପାର୍ଟି କାମ। ମାତ୍ର ଦୁଇଟାର ହିଁ କର୍ମକ୍ଷେତ୍ର ଅଲଗା ବୋଲି କେତେଗୁଡ଼ିଏ ଅଲଗା ଅଲଗା ପ୍ରୋଗ୍ରାମ ରହିଛି। ଏଭଳି ବିରୋଧ ବିଭିନ୍ନ କର୍ମକ୍ଷେତ୍ରରେ ପ୍ରତିନିୟତ ଦେଖାଦିଏ। ଏହିସବୁ ବିଷୟ କର୍ମକର୍ତ୍ତାମାନେ ସହଜରେ ସମାଧାନ କଲେ କାମର ଗତି ମଧ୍ୟ ଅନେକ ବଢ଼େ। ଅହେତୁକ dumping (କାମ ପଡ଼ି ରହିବା) ଦେଖାଦିଏ ନାହିଁ। କେତେଗୁଡ଼ିଏ ସମସ୍ୟା ଥାଏ, ଯେଉଁଗୁଡ଼ିକର

ସମାଧାନ ନିମନ୍ତେ କମିଟି ନବସିଲେ ଚଳେନା। ସେହିସବୁ ବିଷୟକୁ ନେଇ କମିଟି ବୈଠକରେ ବସିବାକୁ ହେବ। ମାତ୍ର ପ୍ରତିଦିନ ଟୁକ୍‌ଟାକ୍ ନାନା ରକମର କାମରେ ମତ ପାର୍ଥକ୍ୟ ଦେଖାଦିଏ ବା ବୁଝାମଣା କ୍ଷେତ୍ରରେ କିଛି ସମସ୍ୟା ଦେଖାଦିଏ। ପ୍ରାତ୍ୟହିକ ଫ୍ରଣ୍ଟ କାର୍ଯ୍ୟ ଓ ପାର୍ଟିର କାର୍ଯ୍ୟ ଚଳାଇବା କ୍ଷେତ୍ରରେ ଯେଉଁ ଦ୍ୱନ୍ଦ୍ୱ ଦେଖାଦିଏ, ଆଉ ସେହି ପ୍ରତ୍ୟେକ ଘଟଣାକୁ ନେଇ ଯଦି କମିଟିରେ ବସିବାକୁ ହୁଏ, ତା'ହେଲେ ତ ପ୍ରତିଦିନ କମିଟି ମିଟିଂ କରିବାକୁ ପଡ଼ିବ। ପୁଣି ପ୍ରତିଦିନ ତ ଆଉ କମିଟି ମିଟିଂ ହୋଇ ପାରେ ନା, ଅନ୍ୟାନ୍ୟ କାମ ଥାଏ। Naturally କଣ ହୁଏ, ସେଗୁଡ଼ିକ ପଡ଼ି ରହେ। ଆଉ ଏସବୁ ଟୁକ୍‌ଟାକ୍ ବିଷୟ ମିମାଂସା ନହେବା ଫଳରେ କାମ ମାଡ଼ ଖାଏ। ଏକ ମତ ପାର୍ଥକ୍ୟ ହୋଇଛି, ପାର୍ଟି କର୍ମକର୍ତ୍ତା ରାଜି ହୋଇ ନାହାନ୍ତି, ଅଥଚ, ଫ୍ରଣ୍ଟ ସେହି କାମ କରିବାକୁ ଚାହୁଁଛି। ତା'ହେଲେ ଏହାର ମିମାଂସା ପାଇଁ କଣ କମିଟିକୁ ବସିବାକୁ ହେବ ? ଆଉ କମିଟି ଯେତେବେଳେ ସଙ୍ଗେ ସଙ୍ଗେ ବସି ପାରେ ନାହିଁ, ଫଳରେ କାମ ସାତ ଦିନ ପଡ଼ି ରହେ। ସାତ ଦିନ ପରେ କମିଟି ମିଟିଂ ହେବ, ସେତେଦିନ in action (କାର୍ଯ୍ୟତଃ) କୌଣସି କାମ ହେଲା ନାହିଁ। To eliminate these things, general tendency (ଏଗୁଡ଼ିକ ଦୂର କରିବା ପାଇଁ ସାଧାରଣ ଧାରା ହେବ), ଯେକୌଣସି ନୀତି ନିର୍ଦ୍ଧାରଣ ବିଷୟ କମିଟିରେ ବସି ସମାଧାନ କରିବାକୁ ହେବ, ସେକ୍ଷେତ୍ରରେ କମିଟିକୁ by-pass (ଏଡାଇ) କରି କିଛି ନିଷ୍ପତ୍ତି ଗ୍ରହଣ କରାଯିବ ନାହିଁ। ମାତ୍ର ପ୍ରାତ୍ୟହିକ କାର୍ଯ୍ୟକ୍ରମ କ୍ଷେତ୍ରରେ ବହୁ ସମୟରେ ବହୁ ସମସ୍ୟା ଦେଖାଦିଏ, ସେଗୁଡ଼ିକୁ କମିଟି ସ୍ତରରେ ମିମାଂସା କରିବା ନିମନ୍ତେ ପକାଇ ନରଖି ସମ୍ପୃକ୍ତ ନେତୃତ୍ୱ ସହିତ ଏପରିକି ଏକ ତାତ୍‌କ୍ଷଣିକ ଆନୁଷ୍ଠାନିକଭାବେ ସମୟ ସ୍ଥିର କରି ଆଲୋଚନା ମାଧ୍ୟମରେ ସମାଧାନ କରି ନେବାକୁ ହୁଏ। କାମକୁ ଯଦି mentally observe (ମାନସିକଭାବେ ନିରୀକ୍ଷଣ) କରାଯାଏ, ତା'ହେଲେ କଣ ହୁଏ, ଯେମିତି କମିଟିରେ ହୁଏତ ବସିବା ଭଳି ବିଷୟ ନୁହେଁ, ଜିଲ୍ଲା ସମ୍ପାଦକ ଅଥବା ରାଜ୍ୟ କମିଟି ସମ୍ପାଦକଙ୍କୁ ଅଥବା ୟୁନିଟ୍ ଇନ୍‌ଚାର୍ଜଙ୍କୁ ପଚାରିନେବା ଦରକାର, ନପଚାରିଲେ ଟିକେ ଖଟକା ଲାଗୁଛି। ସେମାନଙ୍କ ପାଖରୁ ଗୋଟାଏ ମତାମତ ନେବାକୁ ହେବ। ସେ ଜିଲ୍ଲା ସମ୍ପାଦକ ହୁଅନ୍ତୁ, ୟୁନିଟ୍ ଇନ୍‌ଚାର୍ଜ ହୁଅନ୍ତୁ ବା ରାଜ୍ୟ ସମ୍ପାଦକ ହୁଅନ୍ତୁ, ତାଙ୍କୁ ପଚାରିବା ମାତ୍ରେ, ସେ ସଙ୍ଗେ ସଙ୍ଗେ ନୋଟ୍ ବୁକ୍ ପୃଷ୍ଠା ଓଲଟାଇବାକୁ ଲାଗିଲେ। ଓଲଟାଇ ଦେଖିଲେ, ଆଜି ତାଙ୍କର ସମୟ ନାହିଁ, କାଲି ମଧ୍ୟ ନାହିଁ, ପହରଦିନ ଅନେକଗୁଡ଼ିଏ କାମ, ତା'ପରଦିନ ପାରିବେ ନାହିଁ; ମଙ୍ଗଳବାର ଦିନ ସେ ସମୟ ବାହାର କରିପାରିବେ। ଠିକ୍ ହେଲା, ମଙ୍ଗବାର ଦିନ ତାଙ୍କ ସହିତ ଅଫିସିଆଲ୍ ଆପଏଣ୍ଟମେଣ୍ଟ ହେବ। ମଙ୍ଗଳବାର ଦିନ ଆପଏଣ୍ଟମେଣ୍ଟ ହେବା ପରେ ସେ ବିଷୟଟିକୁ

ବୁଝିନେବେ, ତା'ପରେ ସେ କାମରେ ହାତ ଦେବେ, ସେତେ ଦିନ ତାଙ୍କର କାମ ପଡ଼ିରହିଲା। ମୁଁ କହୁଛି, ଏହିସବୁ ଛୋଟ ଛୋଟ ବିଷୟ ନେଇ, ଯେଉଁଗୁଡ଼ିକ ନୀତି ନିର୍ଦ୍ଧାରଣର ବିଷୟ ନୁହେଁ, ସେଥିପାଇଁ ଅଫିସିଆଲ୍ ସିଟିଂ, କମିଟି ମିଟିଂ-ଏସବୁ ଅକାର୍ଯ୍ୟକାରୀ କଥା ମୁଣ୍ଡ ଭିତରକୁ ଆସେ କିପରି ! ତା'ହେଲେ ପ୍ରଶ୍ନ ଆସିବ, କମିଟିର ତେବେ କାର୍ଯ୍ୟକାରିତା କଣ। କମିଟି ମିଟିଂ ନକରି ସବୁ ସିଦ୍ଧାନ୍ତ ହିଁ ଅଫିସିଆଲି ନିଆଯିବ, ଏହା କେଉଁଠି କୁହା ହୁଏ କି? ମୋର ମୂଳ କଥା ହେଉଛି କାମଟା ଯେମିତି ପଡ଼ି ନରହେ। Understand it (ଏହା ବୁଝନ୍ତୁ)। ମିମାଂସା ନିମନ୍ତେ ଯେମିତି ଆଲୋଚନା ପାଇଁ କଥା ଉଠିଲା, ମୁଁ ସେତେବେଳେ ହଜାରେଟା ଆପଏଣ୍ଟମେଣ୍ଟ ଦେଖୁଛି। ହଜାରେଟା ଆପଏଣ୍ଟମେଣ୍ଟ ସତ୍ତ୍ୱେ ମଧ୍ୟ ମୁଁ ରାସ୍ତା ଘାଟରେ ଚଲାବୁଲା କରେ ତ, ମୁଁ in between appointments (ଆପଏଣ୍ଟମେଣ୍ଟ ମଧ୍ୟବର୍ତ୍ତୀ ସମୟରେ) ଥରେ ଦୁଇ ଥର ହସଥଟ୍ଟା କରେ ତ, କଥାବାର୍ତ୍ତା କରେ ତ, ବା ଜଣେ କଣ କରୁଛି ନକରୁଛି, କେମିତି ଅଛ ଆଦି ଦୁଇ ଚାରିପଦ କଥା ହୁଏତ। ସେହି ସମୟରେ ମଧ୍ୟ ମୁଁ ତାଙ୍କର କଥାଟି ଶୁଣି ତାଙ୍କ ପ୍ରଶ୍ନର ମିମାଂସା ତ କରି ଦେଇ ପାରେ; ନା, I should make it an official discussion (ମୁଁ ଏହାକୁ ଏକ ଔପଚାରିକ ଆଲୋଚନାର ବିଷୟ କରିବି)।

## ରୁଟିନ୍ ମାଫିକ୍ କାର୍ଯ୍ୟ ନୁହେଁ
## ସୃଜନଶୀଳ କାର୍ଯ୍ୟ ପ୍ରୟୋଜନ

ମନେରଖିବାକୁ ହେବ, କୌଣସି ବିଷୟକୁ ନିଛକ ମୁଖସ୍ତ କଲେ ବୁଝି ହେବ ନାହିଁ। ମୁଖସ୍ତ କରିବାରେ ବି ଅନ୍ୟ ବିପତ୍ତି ଅଛି। ଯେମିତି ପାର୍ଟି କହୁଛି ଯେ, ପ୍ରଥମେ ଅନ୍ୟର ଗୁଣରୁ ଆରମ୍ଭ କର, ତା'ପରେ ନିଜର ତ୍ରୁଟି ଦିଗକୁ ଆସିବ। ମୁଖସ୍ତ କରି ଏହିଭଳି ବୁଝିଲେ କଣ ହୁଏ ? ପ୍ରଥମେ ଅନ୍ୟର ଗୁଣରୁ ବା ନିଜର ଦୋଷରୁ ଆରମ୍ଭ କରାଯିବ ବୋଲି କହି ଆରମ୍ଭ କଲେ ଯେ, ମୋର ଏହି ଏହି ଦୋଷ ଅଛି କମ୍ରେଡ୍। ମୁଁ ଜାଣେ ଆପଣଙ୍କର ଏହି ଏହି ଗୁଣ ଅଛି, ସୁତରାଂ ମୁଁ ଆପଣଙ୍କର ଗୁଣରୁ ହିଁ ଆରମ୍ଭ କଲି। ଆଉ ଆରମ୍ଭ କରି ହିଁ କହୁଛନ୍ତି, କମ୍ରେଡ୍ ଏଥର ମୋ କଥା ଆପଣଙ୍କର ମାନିବା ଉଚିତ୍। କାରଣ ମୁଁ ପ୍ରଥମରୁ ହିଁ କହି ଦେଇଛି, ମୋର ଏହି ଏହି ଦୋଷ ଅଛି, ଆପଣଙ୍କର ଏହି ଏହି ଗୁଣ ଅଛି। ଏହିଭଳି ମେକାନିକାଲ୍ (ଯାନ୍ତ୍ରିକ) ହେବାର କାରଣ, ପ୍ରତ୍ୟେକ କର୍ମକର୍ତ୍ତା ସେମାନଙ୍କର କର୍ମୀମାନଙ୍କୁ ଆଦର୍ଶଗତ ଓ ନୈତିକଭାବେ ଉପଯୁକ୍ତ କରି ନାହାନ୍ତି। ସାଂଗଠନିକଭାବେ ଜନଗଣଙ୍କ ମଧ୍ୟରେ ପଡ଼ି ରହି ଜନଗଣଙ୍କୁ କିଭଳି ସଂଗଠିତ କରିବାକୁ ହୁଏ ଏବଂ ସେହି ସଂଗ୍ରାମଟିକୁ ଯେଭଳି ସଠିକଭାବେ

ଚଳା ଯାଇପାରେ ଏବଂ ଚଳାଇବାର କ୍ଷମତା ଅର୍ଜନ କରିବାକୁ ହୁଏ ସେହି ସମ୍ୟକ ଧାରଣା ଗଢିତୋଳି ପାରି ନାହାନ୍ତି।

ଯେଉଁ କର୍ମୀ କେବଳ ରୁଟିନ୍ ମାଫିକ୍ କାମ କରନ୍ତି, ନିଜେ କାମ ସୃଷ୍ଟି କରିପାରନ୍ତି ନି, କୋଟି କୋଟି ଲୋକଙ୍କ ଚତୁଃପାର୍ଶ୍ୱରେ ଚଲାବୁଲା କରୁଥିଲେ ମଧ୍ୟ ସେ ଭାବୁଥାନ୍ତି କେଉଁଠିକୁ ଯିବେ, କଣ କରିବେ। କିନ୍ତୁ ଜଣେ ଶକ୍ତିଶାଳୀ ସୃଜନଶୀଳ କର୍ମୀ, ଯିଏ ପ୍ରତି ମୁହୂର୍ତ୍ତରେ କାମ ସୃଷ୍ଟି କରିବା ଜାଣନ୍ତି, ଆଖପାଖରେ ଲୋକ ଦେଖିଲେ ହିଁ, ଲୋକଙ୍କ ପାଖରେ ବସିଲେ ହିଁ କାମ ସୃଷ୍ଟି କରିପାରନ୍ତି, ତାଙ୍କୁ କାମ କରିବା ପାଇଁ ପାଞ୍ଚ ଥର ଭାବିବାକୁ ହୁଏନା। ତାଙ୍କୁ କାମ ଆରମ୍ଭ କରିବା ପରେ ଏହାର ପଦ୍ଧତିକୁ ଉନ୍ନତତର କରିବା ନେଇ ଭାବିବାକୁ ହୁଏ। କିଭଳି କାମ କରିବେ, ଏହାକୁ ନେଇ ଭାବିବାକୁ ହୁଏନା। କାରଣ ସେ always remain with the masses and among the masses (ଜନଗଣଙ୍କ ମଧ୍ୟରେ ଏବଂ ଜନଗଣଙ୍କ ସହିତ ସେ ସର୍ବଦା ରୁହନ୍ତି)। ଜନଗଣଙ୍କ ମଧ୍ୟରେ କର୍ମୀ ଜଣଙ୍କ ଯଦି ବିପ୍ଲବୀ ଭଳି ରୁହନ୍ତି, ୟ୍ୟାର୍ ଭଳି ନରୁହନ୍ତି, ତାଙ୍କ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ କଣ, ସେ ଯେ ଜଣେ ରାଜନୈତିକ କର୍ମୀ, ତା' ଜାହିର ନକରି ସେ କେବଳ ସେମାନଙ୍କ ସହିତ ମିଳାମିଶା କରନ୍ତି, ସେ ଯଦି ତାଙ୍କର ନିଜର ଚାରିତ୍ରିକ ବୈଶିଷ୍ଟ୍ୟ ଠିକ୍ ରଖି ସେମାନଙ୍କ ସହିତ ମିଳି ମିଶି ଥାଆନ୍ତି ଏବଂ ସେମାନଙ୍କୁ ନଛାଡ଼ନ୍ତି, ସେମାନେ ନମିଶିବାକୁ ଚାହିଁଲେ ମଧ୍ୟ ସେମାନଙ୍କ ସହିତ ରୁହନ୍ତି, ତା'ହେଲେ ସେ ସଙ୍ଗେ ସଙ୍ଗେ ହଜାର ଏକ ପ୍ରକାରର କାମ ସୃଷ୍ଟି କରିବାକୁ ଶିଖନ୍ତି। ଏହି କାମ ସୃଷ୍ଟି କରି ଶିଖିବା, ସୃଜନଶୀଳ କାର୍ଯ୍ୟର କ୍ଷମତା କର୍ମୀମାନଙ୍କ ମଧ୍ୟରେ ନରହିଲେ ଦିନେ ହତାଶା ଏବଂ ନୈରାଶ୍ୟ ଜନ୍ମ ନେବ। କାରଣ, ସେ ରୁଟିନ୍ କାମ କରନ୍ତି, ସୃଜନଶୀଳ କାମ କରନ୍ତି ନାହିଁ, ଜନସାଧାରଣଙ୍କୁ ନେଇ ଆନ୍ଦୋଳନ ପରିଚାଳନା କରିବା ପାଇଁ ଚେଷ୍ଟା କରନ୍ତି ନାହିଁ ବା କେଉଁଠି ହେଲେ ବି ଜନଗଣଙ୍କର ନେତା ହୋଇ ନାହାନ୍ତି। ଦଳେ ଯୁବକ ହୁଅନ୍ତୁ, ଛାତ୍ର ହୁଅନ୍ତୁ, କୌଣସି ବସ୍ତିର ଜନସାଧାରଣ ହୁଅନ୍ତୁ ବା କାରଖାନାର ଶ୍ରମିକ ହୁଅନ୍ତୁ, ଗ୍ରାମର କୃଷକ ହୁଅନ୍ତୁ ସେ ସେମାନଙ୍କର ଯଥାର୍ଥ ନେତା, ଆବେଗପୂର୍ଣ୍ଣ ନେତା। ଯେଉଁମାନେ ତାଙ୍କୁ ନେତା ବୋଲି ମନେକରନ୍ତି, ଯେଉଁମାନଙ୍କ ନିକଟକୁ ତାଙ୍କର ଯିବା କେବଳ ଯେ ଦରକାର ତା' ନୁହେଁ, ସେ ନଗଲେ ମଧ୍ୟ ଜନଗଣ ତାଙ୍କ ପାଖକୁ ଛୁଟି ଆସନ୍ତି, ଏଭଳି ପରିସ୍ଥିତି ସେ ସୃଷ୍ଟି କରିପାରି ନାହାନ୍ତି। ତେଣୁ ତାଙ୍କ ମଧ୍ୟରେ ହତାଶା ଆସେ। ଆଉ ଏହି ପରିସ୍ଥିତି ସୃଷ୍ଟି କରି ପାରିବାର ଅର୍ଥ ହେଲା ପାର୍ଟିର ସଭ୍ୟ ହେବାର ଯୋଗ୍ୟତା ଅର୍ଜନ କରିବା।

ଆପଣମାନେ ଜାଣନ୍ତି କି, କମ୍ୟୁନିଷ୍ଟ ପାର୍ଟିରେ, ପାର୍ଟିର ସମ୍ବିଧାନରେ ପାର୍ଟି ସଭ୍ୟଙ୍କୁ କୁହାଯାଏ ଜନଗଣଙ୍କର ନେତା। ସେ କମ୍ୟୁନିଜିମ୍ ବୁଝିଛନ୍ତି, ଦଳର ପତ୍ର

ପତ୍ରିକା ରଖନ୍ତି, ଖବର ଦେଲେ ପାର୍ଟିର କିଛି ମିଟିଂକୁ ଆସନ୍ତି, ପତ୍ରପତ୍ରିକା ବିକ୍ରି କରିବାକୁ କହିଲେ ବିକ୍ରି କରନ୍ତି ଏବଂ ଚାନ୍ଦା ସଂଗ୍ରହ କରିବାକୁ କହିଲେ ଦିନ ସାରା ଚାନ୍ଦା ସଂଗ୍ରହ କରନ୍ତି, ପୋଷ୍ଟର ଲେଖିବାକୁ କହିଲେ ଦିନରାତି ପୋଷ୍ଟର ଲେଖନ୍ତି ଓ ପୋଷ୍ଟର ମାରନ୍ତି–ଏଗୁଡ଼ିକ ସବୁ ରୁଟିନ୍ କାମ। ଏଗୁଡ଼ିକ ଅନେକ ସମୟରେ ସାଧାରଣ ସ୍ୱେଚ୍ଛାସେବକମାନେ ବି କରନ୍ତି। ଏହା ଦ୍ୱାରା କଣ ଜଣେ ସଭ୍ୟ ହେବାର ଯୋଗ୍ୟତା ଓ କ୍ଷମତା ଅର୍ଜନ କରନ୍ତି ? ପାର୍ଟି ସଭ୍ୟପଦ ପାଇବାର ସର୍ବନିମ୍ନ ଯୋଗ୍ୟତା ହେଲା, that he has been able to place himself as the leader of the people, leader of the masses (ସେ ଜନଗଣଙ୍କ ନେତା, ଜନଗଣଙ୍କର ନେତାଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି)। ସେ ଜନସାଧାରଣଙ୍କ ଯେକୌଣସି ଅଂଶର ହୁଅନ୍ତୁ ନା କାହିଁକି– ସାହିର ଯୁବକ ହୁଅନ୍ତୁ, ବସ୍ତିର ଲୋକ ହୁଅନ୍ତୁ, ମୁଁ ଯେଉଁ ଅଫିସରେ କାମ କରେ ତାର କର୍ମଚାରୀ ହୁଅନ୍ତୁ ବା ଏହାର ୟୁନିୟନ୍‌ର ସଦସ୍ୟ ହୁଅନ୍ତୁ, ବା ମଜୁରିଆ ହୁଅନ୍ତୁ, ଚାଷୀ ହୁଅନ୍ତୁ, ଜନସାଧାରଣଙ୍କ ଯେକୌଣସି ଅଂଶର, ଏକ ଗୋଷ୍ଠୀର ଲୋକଙ୍କର ମୁଁ ନେତା, ଯେଉଁମାନଙ୍କୁ ମୁଁ ପରିଚାଳନା କରେ। ମୁଁ ପାର୍ଟିର ଲୋକ ଏବଂ ପାର୍ଟିର ଇନ୍‌ଚାର୍ଜ ବୋଲି ନେତା ନୁହେଁ। ସେଏ ତ ଆଇନ୍‌ର ନେତା। ମୁଁ ତା' କହୁନାହିଁ। ମୁଁ କହୁଛି, ମୁଁ ସେହି ଲୋକମାନଙ୍କ ନିକଟରେ emotional leader, ideological leader (ଆବେଗର ନେତା, ଆଦର୍ଶର ନେତା)। ମୁଁ ସେମାନଙ୍କର ହୃଦୟର ନେତା। ଏହା ଶ୍ରଦ୍ଧା ରୂପରେ ଥାଏ। ମୋ ଠାରୁ ବି ବଡ଼ ନେତାଙ୍କୁ ସେମାନେ ବେଶୀ ଶ୍ରଦ୍ଧା କରନ୍ତି। ମୋତେ ମଧ୍ୟ ସେମାନେ ମାନନ୍ତି, ଶ୍ରଦ୍ଧା କରନ୍ତି ଏବଂ ସେମାନଙ୍କ କାର୍ଯ୍ୟକଳାପ, ସେମାନଙ୍କ ଜୀବନର ପ୍ରତିଟି କ୍ଷେତ୍ରରେ, ବିଭିନ୍ନ ବ୍ୟାପାରରେ ମୋ ନେତୃତ୍ୱର ଏକ ଭୂମିକା ରହିଛି। ମୋ ନିକଟକୁ ନଆସି ସେମାନେ ରହି ପାରନ୍ତି ନାହିଁ। ମୋର ପରାମର୍ଶ ନନେଇ ସେମାନେ ରହିପାରନ୍ତି ନାହିଁ। I have become the leader of a group of the masses (ମୁଁ ଜନଗଣଙ୍କ ଏକ ଅଂଶର ନେତାରେ ପରିଣତ ହୋଇଯାଇଛି)। ମୁଁ କହୁଛି, କର୍ମୀମାନେ ଜନଗଣଙ୍କର ନେତା ହୋଇ ସଭ୍ୟ ହେବାର ଯୋଗ୍ୟତା ଅର୍ଜନ କରିବେ। ତାପରେ ସେମାନେ ପାର୍ଟିର ଆଭ୍ୟନ୍ତରୀଣ ନେତା ହୁଅନ୍ତି।

ପାର୍ଟି ଅଭ୍ୟନ୍ତରରେ ଏହି ନେତା ମଧ୍ୟ ଅଫିସିଆଲ୍ ଲିଡରସିପ୍। That is the minimum most, (ଯାହା କି ସର୍ବନିମ୍ନ), ଏହା ଆବଶ୍ୟକ। ଯାହା ନମାନିଲେ ଚଳେନା। ମାତ୍ର ideal form (ଆଦର୍ଶ ରୂପ) ହେଉଛି, ମୁଁ office hold (ପଦବୀରେ ଅଛି) କରେ ବୋଲି ନେତା ନୁହେଁ, ଏଥିପାଇଁ ସମସ୍ତେ ମୋତେ ମାନନ୍ତି, ତା'ନୁହେଁ। ପଦବୀରେ ଅଛି ବୋଲି ତ ସେମାନେ ମାନିବେ କିନ୍ତୁ ପଦବୀରେ ନଥିଲେ ମଧ୍ୟ ମୋତେ ଶ୍ରଦ୍ଧାର ଆଖିରେ ସେମାନେ ଦେଖନ୍ତି, ମାନନ୍ତି। ସେମାନେ ମୋତେ ମୋର

କ୍ଷମତା ପାଇଁ ମାନନ୍ତି, ମୋର ଶ୍ରେଷ୍ଠତା ଯୋଗୁ ମାନନ୍ତି। ଭଲ ପାଇବା, ପ୍ରୀତି, ଆବେଗର ସମ୍ପର୍କ ଅଛି ବୋଲି ସେମାନେ ମୋତେ ଭଲ ପାଆନ୍ତି, ମାନନ୍ତି। ଏହି ପୋଜିସନ୍ ହେଉଛି ପ୍ରତ୍ୟେକ ନେତାଙ୍କର ଯଥାର୍ଥ ପୋଜିସନ୍। ନେତୃତ୍ୱର ଅନ୍ୟ ଯେଉଁ ପୋଜିସନ୍ ତା'ହେଲା ଯାନ୍ତ୍ରିକ। ଆଉ ଏହି ପୋଜିସନ୍‌ରୁ ହିଁ ଯେତେ ପ୍ରକାରର ଗଣ୍ଡଗୋଳ ସୃଷ୍ଟି ହୁଏ।

## ସମସ୍ୟା ବିନା ଜୀବନର କଳ୍ପନା ଅଳୀକ, ଅଣମାର୍କ୍ସବାଦୀ ଚିନ୍ତା

ମାତ୍ର ଯେଉଁଠି ନେତାଙ୍କର ପୋଜିସନ୍ ହେଉଛି ଇମୋସନାଲ୍ (ଆବେଗପୂର୍ଣ୍ଣ), ସେଠାରେ ଖୁବ୍ ବେଶୀ ସମସ୍ୟା ଦେଖାଦିଏ ନାହିଁ। ପୁଣି ସମସ୍ୟା କୌଣସି ଦିନ ଦେଖାଦେବ ନାହିଁ, ଏହା ଏକ ଅବାସ୍ତବ, ଅବୈଜ୍ଞାନିକ ଓ ଅଣମାର୍କ୍ସବାଦୀ ଚିନ୍ତା। ସମସ୍ୟା ହୀନ ଜୀବନ ନାହିଁ। ଜୀବନ ସମସ୍ୟା ସଙ୍କୁଳ, ରାଜନୈତିକ ଆନ୍ଦୋଳନ ସମସ୍ୟା ସଙ୍କୁଳ। ସମସ୍ତ ବିପ୍ଳବୀ କର୍ମୀ ଜାଣନ୍ତି, ସମସ୍ୟା ବ୍ୟତୀତ ଜୀବନର କଳ୍ପନା ହେଉଛି ଅଳୀକ, ଅବାସ୍ତବ କଳ୍ପନା, ଅଜ୍ଞାନତାରେ ନିମଜ୍ଜିତ ରହିବା। ସମସ୍ୟାକୁ ମଣିଷ ଦୁଇ ପ୍ରକାର ଭାବେ ଦେଖେ। ବିପ୍ଳବୀମାନେ ଦେଖନ୍ତି, କିଭଳି ସମସ୍ୟାର ସମାଧାନ କରିବି, କିଭଳି ସମସ୍ୟାର ସମାଧାନ କରି ଆଗେଇ ଯିବି। ଏହା ହେଲା ବିପ୍ଳବୀମାନଙ୍କର ଭାବନା। ସମସ୍ୟା ଅଛି, ତା'ହେଲେ କେମିତି କଣ କରିବି- ଏହିଭଳିଭାବେ ବିପ୍ଳବୀମାନେ ଭାବନ୍ତି ନାହିଁ, ସମସ୍ୟା ଦେଖିଲେ ବିବ୍ରତବୋଧ କରନ୍ତି ନାହିଁ। କିପରି ସମସ୍ୟାକୁ ଫାଇଟ୍ କରିବି, କିଭଳି ରିଜଲଭ୍ କରିବି, ସେହି ପଥ ଖୋଜନ୍ତି। ଆଉ ଦଳେ, ସମସ୍ୟା ସମ୍ମୁଖରେ ପଡ଼ିଲେ ହତ୍‌ଚକିତ ହୋଇଯାଆନ୍ତି, ବିବ୍ରତବୋଧ କରନ୍ତି। ସେମାନେ ସଙ୍ଗେ ସଙ୍ଗେ ସମସ୍ୟାରୁ ପଳାୟନ କରିବାର ଉପାୟ ଖୋଜନ୍ତି। ଅର୍ଥାତ୍ କିଛି ନକରିବାର ଯୁକ୍ତି ହିସାବରେ ସମସ୍ୟାର ଉପସ୍ଥାପନ କରନ୍ତି। ମାତ୍ର ଯେଉଁମାନେ ସଚେତନ କର୍ମୀ ଏବଂ ବିପ୍ଳବୀ, ସେମାନେ କିଭଳି, କେଉଁ ରାସ୍ତାରେ, କେଉଁ ଅସ୍ତ୍ର ପ୍ରୟୋଗ କରି ଏହି ସମସ୍ୟାର ସମାଧାନ କରାଯାଇ ପାରିବ, ସେଥିପାଇଁ ସମସ୍ୟା ଉପସ୍ଥାପନ କରନ୍ତି। ଫଳରେ ସମସ୍ୟା ଦେଖିଲେ ସେମାନଙ୍କର ଉଦ୍ୟୋଗ ଆହୁରି ବଢ଼ିଯାଏ। ସମସ୍ୟା ଦେଖିଲେ ସେମାନଙ୍କର determination, activities (ଦୃଢ଼ ସଂକଳ୍ପ ଓ କାର୍ଯ୍ୟକଳାପ) ଆହୁରି ପ୍ରବଳ ହୁଏ। ସେମାନଙ୍କର ଲଢେଇ, ଚେଷ୍ଟା ଆହୁରି ବେଶୀ ଏକମୁଖୀ ହୁଏ। ଦୁଇ ଧରଣର ମଣିଷଙ୍କ ମଧ୍ୟରେ ହିଁ ଏହା ପାର୍ଥକ୍ୟ।

ସମସ୍ତ ବିପ୍ଳବୀମାନଙ୍କର ହିଁ ସମସ୍ୟାକୁ ଦେଖିବାର ରୀତି ହେଉଛି- ସମସ୍ୟା ଏଇଆ ଥିଲା, ତାହାକୁ ଫାଇଟ୍ କରିବା ପାଇଁ ମୁଁ ଏଇୟା ଏଇୟା କରିଛି। ସୁତରାଂ, ବିପ୍ଳବୀମାନଙ୍କ ମଧ୍ୟରେ ଘଟେ, more the problem more the vigilance

(ସମସ୍ୟା ଯେତେ ଅଧିକ ହୁଏ ବିପ୍ଳବୀମାନେ ସେତେ ସଜାଗ ହୁଅନ୍ତି)। Non revolutionaryମାନଙ୍କ କ୍ଷେତ୍ରରେ ଘଟେ more problem, more the frustration, more the tendency to escape (ସମସ୍ୟା ଯେତେ ଅଧିକ ହୁଏ ଅଣବିପ୍ଳବୀମାନଙ୍କ ମଧ୍ୟରେ ହତାଶା ଓ ପଳାୟନପନ୍ଥୀ ମାନସିକତା ସେତେ ବୃଦ୍ଧି ପାଏ)। ଏହି ଦୁଇ ପ୍ରକୃତିର ମଣିଷ ସବୁ ସମୟରେ ଥାନ୍ତି। ବିଜ୍ଞାନଭିତ୍ତିକ ଜ୍ଞାନ ଏବଂ ଧାରଣା ଥିଲେ ହିଁ ମଣିଷ ବୁଝିପାରେ, ସମସ୍ୟା ବିନା କୌଣସି ଗତିଧାରା ନାହିଁ। ସମସ୍ତ ଗତିଧାରାରେ ହିଁ turn and twist (ଅଙ୍କାବଙ୍କା ପଥ) ଥାଏ। ଏହା ଛଡ଼ା କାହାରି କିଛି ଅସ୍ତିତ୍ୱ ନାହିଁ। ଯିଏ ସମସ୍ୟାର ସ୍ୱରୂପ ଭଲଭାବେ ବୁଝି ପାରିଛି, ତା' ନିକଟରେ ସମସ୍ୟା ସମାଧାନର ରାସ୍ତା ମଧ୍ୟ ସେତେ ସହଜଭାବେ ପ୍ରତିଭାତ ହେବ। ଯିଏ ଯେତେ ରାଜନୈତିକ ଉଦ୍ୟୋଗ ନିଜ ହାତରେ ଏବଂ ନିୟନ୍ତ୍ରଣରେ ରଖିଛି ଏବଂ ଯାହାର କାର୍ଯ୍ୟ କରିବାର ଧର୍ମ ସୃଜନଶୀଳ, ସେ ସମସ୍ୟା ସମାଧାନ କରିବାର ସଂଗ୍ରାମ ମଧ୍ୟ ସେତେ ଭଲଭାବେ ଚଳାଇପାରେ।

ପୁଣି ଜାଣିବାକୁ ହେବ, ଏହି ଦୁଇଟି ଦିଗ ରହିଲେ ହିଁ ସବୁ ସମୟରେ ସମସ୍ୟାର ସମାଧାନ କରାଯାଇ ପାରିବ, ଏଭଳି କୌଣସି କଥା ନାହିଁ। Ultimately, ହୁଏତ ସମାଧାନ ହେବ। ମାତ୍ର ସବୁ ସମୟରେ ତା' ନହୋଇ ବି ପାରେ। ଏତେସବୁ ସତ୍ତ୍ୱେ ମଧ୍ୟ ଯେତେବେଳେ ରିଜଲଭ୍ କରାଯାଇ ପାରିଲା ନାହିଁ, ସେତେବେଳେ କେଉଁଠି ତାଙ୍କର ସୀମାବଦ୍ଧତା ରହିଛି, ତା' ବୁଝିବାକୁ ହେବ। Resource (ସମ୍ବଳ) ଅନୁଯାୟୀ, କ୍ଷମତା ଅନୁଯାୟୀ ପରିବେଶର ପରିପ୍ରେକ୍ଷୀରେ ଏହାଠାରୁ ବେଶୀ ଏହା ବିରୁଦ୍ଧରେ ଫାଇଟ୍ କରାଯାଇ ପାରି ନଥାନ୍ତା। ଫଳରେ ନପାରିଲେ ମଧ୍ୟ ହତାଶା ଆସିବ ନାହିଁ। ଆମେ ଚେଷ୍ଟା କଲେ ହିଁ ଯେ ସବୁ ପାରିବୁ, ଏହି ଧାରଣା ମଧ୍ୟ ସଠିକ୍ ନୁହେଁ। ଆମର ଜାଣିବା ଦରକାର, କେବଳ ଆମର ଚେଷ୍ଟାରେ ହିଁ ଘଟଣାକୁ ପ୍ରଭାବିତ କରାଯାଇ ପାରିବ, ତା' ଠିକ୍ ନୁହେଁ। କାରଣ ଆହୁରି ମଧ୍ୟ ବହୁ ଫ୍ୟାକ୍ଟର ଥାଏ, many unseen factors (ବହୁ ଅଭାବିତ ଫାକ୍ଟର)ଏହି ସମାଜରେ ଅଛି, ଯେଉଁଗୁଡ଼ିକ ସମସ୍ୟାବଳୀକୁ ପ୍ରଭାବିତ କରେ। ଆମେମାନେ ହିଁ କେବଳମାତ୍ର ସମସ୍ତ ବିଷୟରେ destiny determine (ଚୂଡ଼ାନ୍ତ ଫଳାଫଳ ନିର୍ଦ୍ଧାରଣ)କରୁନା। ମାତ୍ର ତା'ର ଅର୍ଥ ଏହା ନୁହେଁ ଯେ, ମୁଁ ଯେତେବେଳେ ପାରିଲି ନାହିଁ, ସେତେବେଳେ ହିଁ ଅନ୍ୟାନ୍ୟ ଫ୍ୟାକ୍ଟର ପ୍ରଭାବିତ କରେ ବୋଲି ମନମୁତାବକ ଫ୍ୟାକ୍ଟରସ୍ ଉପରେ ସମସ୍ତ ଦୋଷ ଏବଂ ଦାୟିତ୍ୱ ଚପାଇ ଦେବି ଏବଂ କହିବି ଯେ, ଏହା ହୋଇ ନାହିଁ, କାରଣ ବହୁ ଫ୍ୟାକ୍ଟରସ୍ ଅଛି, ମୁଁ ଚେଷ୍ଟା କଲେ ହିଁ ତ ସବୁ ସମସ୍ୟାର ସମାଧାନ କରି ପାରେନା। ନା, ପ୍ରଥମେ ଖୁବ୍ ଭଲଭାବରେ ଦେଖିବାକୁ ହେବ, available solution (ଯଥା ସମ୍ଭବ ସମାଧାନ) ପାଇଁ ଜ୍ଞାନ ଦିଗରୁ, ସୃଜନଶୀଳ କର୍ମ ଏବଂ ଉଦ୍ୟୋଗ

ଦିଗରୁ ମୋ ପକ୍ଷରେ ଯାହା କରିବା ସମ୍ଭବ ଏବଂ ଉଚିତ୍ ଥିଲା, ତା' କରା ହୋଇଛି କି ନାହିଁ ଏବଂ ତା' ପରେ ମଧ୍ୟ ଯଦି ସମସ୍ୟାର ସମାଧାନ ନହୋଇ ଥାଏ ସେତେବେଳେ ହିଁ ଅନ୍ୟାନ୍ୟ ଫ୍ୟାକ୍ଟରର କଥା ଆସିବ। ସେତେବେଳେ ବୁଝିବାକୁ ସୁବିଧା ହେବ ଯେ, ଏହି ଫ୍ୟାକ୍ଟରସ୍‌ଗୁଡ଼ିକ ଏଠାରେ କାର୍ଯ୍ୟ କରୁଛି। ଯଦି ଆମ ଚେଷ୍ଟାରେ ଶକ୍ତି ତୁଳନାମୂଳକଭାବେ ଅନ୍ୟାନ୍ୟ ଫ୍ୟାକ୍ଟର ଠାରୁ କମ୍ ଜୋର ଥାଏ, ମୋର ସାଧ, ଶକ୍ତି ଓ ବ୍ୟକ୍ତିଗତ ଉଦ୍ୟୋଗ ଅର୍ଥରେ କୌଣସି ତ୍ରୁଟି, ଜ୍ଞାନ ଦିଗରୁ କୌଣସି ତ୍ରୁଟି ନଥିଲେ ମଧ୍ୟ ସମସ୍ତ ସମ୍ବଳ ଏବଂ କ୍ଷମତା ଦିଗରୁ ବିରୁଦ୍ଧ ପରିବେଶ ତୁଳନାରେ ତା' କମ୍ ଜୋର ଥିଲେ ମୋର ଚେଷ୍ଟା ବିଜ୍ଞାନସମ୍ମତଭାବେ ସଠିକ୍ ହେବା ସତ୍ତ୍ୱେ ମଧ୍ୟ ବିଫଳ ହେବ– ଏହା ଠିକ୍।

ତେଣୁ ପ୍ରକୃତ ବିପ୍ଳବୀ ଆନ୍ଦୋଳନରେ ପରିସ୍ଥିତିକୁ ସଠିକ୍ ଭାବରେ ବିଶ୍ଳେଷଣ କରିବା, ସଠିକ୍‌ଭାବେ ମୁକାବିଲା କରିବା ଏବଂ ସଠିକ୍‌ଭାବେ ସଂଗ୍ରାମ ଆରମ୍ଭ କରିବା ସତ୍ତ୍ୱେ ମଧ୍ୟ ପ୍ରଥମ ପ୍ରଥମ ବିପ୍ଳବୀ ଆନ୍ଦୋଳନରେ ବିଫଳତା ଆସେ। ଏହି ବିଫଳତା ଆସିବା ସଙ୍ଗେ ସଙ୍ଗେ ବିଚାର କରିବାକୁ ହୁଏ, ଆମର ଲାଇନ୍ ଦିଗରୁ, tactics (କୌଶଳଗତ) ଦିଗରୁ ଏବଂ ଆମର ସମସ୍ତ ପ୍ରଚେଷ୍ଟା ଦିଗରୁ କୌଣସି ତ୍ରୁଟି ହୋଇଥିଲା କି ନାହିଁ। ଯଦି ନହୋଇଥାଏ, ଏହି ବିଫଳତା ଥିଲା ବାସ୍ତବ ସୀମାବଦ୍ଧତା। ସେଥିପାଇଁ revolutionary course correctly (ବୈପ୍ଳବିକ ପଦକ୍ଷେପ ସଠିକ୍‌ଭାବେ) ଆରମ୍ଭ ହେବା ସତ୍ତ୍ୱେ ମଧ୍ୟ ବିରୁଦ୍ଧ ପରିବେଶ ଓ ଶକ୍ତି ତୁଳନାରେ ତା' ପ୍ରଥମ ପ୍ରଥମ ଅତ୍ୟନ୍ତ ନଗଣ୍ୟ ଥାଏ ବୋଲି repeatedly meets failure (ବାରମ୍ବାର ବିଫଳତା ଆସିଥାଏ)। ପ୍ରତିଟି ସ୍ତରର failure detail (ବିଫଳତା ପୁଙ୍ଖାନୁପୁଙ୍ଖଭାବେ)ରେ ଏକ, ଦୁଇ, ତିନ-ଚାରି କରି କେଉଁଠି ଆମର କମ୍‌ଜୋରି, କେଉଁ ଜାଗାରେ ଆମେ କମ୍‌ଜୋର, ଆଉ କେଉଁ ଜାଗାରେ କେତେ ପରିମାଣରେ କିଭଳିଭାବେ ପ୍ରତିକ୍ରିୟାଶୀଳ ଶକ୍ତିମାନେ ଶକ୍ତିଶାଳୀ ତା'ଆଖିରେ ଆଙ୍ଗୁଳି ଗେଞ୍ଜି ଦେଖାଇ ଦିଏ। ଏହିଭଳି ଭାବେ ପ୍ରତିଟି ବିଫଳତା ମଧ୍ୟରେ revolutionary struggle with knowledge enriched (ବିପ୍ଳବୀ ସଂଗ୍ରାମ ଜ୍ଞାନ ଜରିଆରେ ସମୃଦ୍ଧ) ହୁଏ ଏବଂ ଏହାଦ୍ୱାର କାମ କରିବାର ଶୈଳୀ, କର୍ମ ଶୈଳୀ, ସଂଗ୍ରାମର ଶୈଳୀ ଆଦି ସବୁକିଛି ଧାରାବାହିକଭାବେ ନିଖୁଣଭାବରେ ଆଗେଇ ଚାଲେ, ଶକ୍ତି ସଞ୍ଚୟ କରିଚାଲେ ଏବଂ ultimately revolution victorious (ପରିଶେଷରେ ବିପ୍ଳବ ଜୟଯୁକ୍ତ) ହୁଏ।

ତା'ହେଲେ କଣ ଦେଖାଯାଉଛି ? ବିପରୀତ ଦିଗରୁ ମୁଁ ପ୍ରଶ୍ନଟିକୁ ଉପସ୍ଥାପନା କରୁଛି। ମୋତେ ଭାବିବାକୁ ହେବ do I feel that I dare to become a revolutionary (ବିପ୍ଳବୀ ହେବା ପାଇଁ ମୋର ସାହସ ଅଛି ବୋଲି ମୁଁ ଅନୁଭବ କରେ କି) ? ଏହି ଅର୍ଥରେ ବିପ୍ଳବୀ, ବିପ୍ଳବ ସହିତ ଆବେଗପୂର୍ଣ୍ଣ ଏକାତ୍ମତା ଅନୁଭବ

କରେ, ଖାଲି ସେତିକି ନୁହେଁ, ମୁଁ ଜଣେ କର୍ମୀ, ନକଲି ବୁଦ୍ଧିଜୀବୀ ଭଳି ନୁହେଁ। ନକଲି ବୁଦ୍ଧିଜୀବୀମାନେ ଏହିଭଳିଭାବେ ନିଜର ସର୍ବନାଶ କରିଛନ୍ତି। ସେମାନେ ମଧ୍ୟ ନିଜକୁ ବିପ୍ଳବୀ ଭାବିଛନ୍ତି। ଦୁଇଟି ଗୋଷ୍ଠୀ ଅଛନ୍ତି। ଦଳେ ଭାବନ୍ତି ଆମେ ବିପ୍ଳବୀ, କିନ୍ତୁ ସେମାନେ ଅକର୍ମା, କିଛି କରନ୍ତି ନାହିଁ। ସମସ୍ତେ ସବୁ କରି ପାରନ୍ତି ନାହିଁ ବୋଲି କେବଳ ଯୁକ୍ତି କରନ୍ତି ଏବଂ କୁହନ୍ତି ଆମେ ବିପ୍ଳବ ବୁଝୁ ତେଣୁ ଆମେ ମଧ୍ୟ ବିପ୍ଳବୀ। ପୁଣି ଆଉ ଦଳେ ଯଥାର୍ଥ ବିପ୍ଳବୀ ଅଛନ୍ତି, ଯେଉଁମାନଙ୍କର କ୍ଷମତା ଅଛି, ଶକ୍ତି ଅଛି, ଦାୟଦାୟିତ୍ୱ ଅଛି, ସେମାନେ ହେଲେ activist(କର୍ମୀ); Non-activist revolutionary ଏବଂ activist revolutionary। ପ୍ରଥମଟିକୁ ମୁଁ କୁହେ, pseudo intellectual (ନକଲି ବୁଦ୍ଧିଜୀବୀ) ଯେଉଁମାନଙ୍କୁ ବିପ୍ଳବୀ ଭାବନା-ଧାରଣା, ବିପ୍ଳବୀ ମତାଦର୍ଶ ଭଲଲାଗେ ଅଥଚ ସେମାନେ ବିପ୍ଳବୀ ହୋଇ ପାରିଲେ ନାହିଁ। ସେମାନେ ମିଥ୍ୟାଚାର ଦ୍ୱାରା ନିଜକୁ ଠକିଲେ। ମୁଁ କହୁଛି, ଏହି ମିଥ୍ୟାଚାର ଦ୍ୱାରା କ୍ଷତି ହୁଏ। ଏହାର ଆବଶ୍ୟକତା ନାହିଁ। ଆପଣ ପାରି ନାହାନ୍ତି, ତା'ଦ୍ୱାରା ଯେଉଁ କ୍ଷତି ହେବା କଥା ତା'ହେଲା, ଅପରନ୍ତୁ, ଆପଣ ମିଥ୍ୟାଚାର କରିବା ଫଳରେ ଆହୁରି କ୍ଷତି କଲେ। ଆପଣ ଯଦି ଏହିଭଳିଭାବେ ଭାବିଥାନ୍ତେ- ବିପ୍ଳବୀ ହେବା ଉଚିତ୍, ବିପ୍ଳବ କରିବା ଦରକାର, କିନ୍ତୁ ମୁଁ ବିପ୍ଳବୀ ହୋଇ ପାରିଲି ନାହିଁ। କିନ୍ତୁ ଯେଉଁମାନେ ବିପ୍ଳବୀ ହେଲେ ସେମାନଙ୍କୁ ଯେତିକି ପାରିବି ସାହାଯ୍ୟ କରିବି, ମୋର ସହାୟତା କରିବା ଉଚିତ୍ ଏବଂ ସେତିକି ବି ଯଦି ମୁଁ ନକରେ, ତା'ହେଲେ ଯେଉଁ ବିପ୍ଳବକୁ ମୁଁ ବୁଝିଛି, ସେହି ବିପ୍ଳବ ପ୍ରତି ମଧ୍ୟ ମୋର କର୍ତ୍ତବ୍ୟ ପାଳନ କଲି ନାହିଁ। ଏହାଦ୍ୱାରା ଆପଣ ବେଶୀ କାମ କରିଥାନ୍ତେ ଏବଂ ବେଶୀ ସାହାଯ୍ୟ କରିଥାନ୍ତେ। ନିଜେ ବିନୟୀ ହୋଇଥାନ୍ତେ ଏବଂ ହୁଏତ ବା କୌଣସି ଦିନ ଆଜି ଯାହା ପାରୁ ନାହାନ୍ତି, ତାହା ହିଁ ଆପଣଙ୍କର ଜୀବନରେ ସମ୍ଭବ ହୋଇଥାନ୍ତା। ହୁଏତ ଦିନେ ଯଥାର୍ଥ ବିପ୍ଳବୀ ମଧ୍ୟ ହୋଇପାରିଥାନ୍ତେ। ମାତ୍ର ଏହି ମିଥ୍ୟାଚାର ଫଳରେ ଆପଣ ନିଜେ ହିଁ ସେହି ଦ୍ୱାର ବନ୍ଦ କରିଦେଲେ। କାରଣ ସହଜ ଯୁକ୍ତି ଦେଇ ଚାଲିଲେ, ଦଳେ ପାରନ୍ତି, ଆଉ ଦଳେ ପାରନ୍ତି ନାହିଁ। ନିଜେ ଚଏସ୍ କଲେ ମୁଁ ସେହି ନପାରିବା ଦଳର, ପାରିବା ପାଇଁ ଆଉ କୌଣସି ଦିନ ଚେଷ୍ଟା କରିବି ନାହିଁ। କିନ୍ତୁ ନା, this is wrong (ଏହା ଭୁଲ)।

## କେବଳ ବୁଦ୍ଧି ଦ୍ୱାରା କେହି ବିପ୍ଳବୀ ହୁଅନ୍ତି ନାହିଁ

କେବଳ ବୁଦ୍ଧି ଦ୍ୱାରା କେହି ବିପ୍ଳବୀ ହୋଇ ପାରନ୍ତି ନାହିଁ। ବୁଦ୍ଧି ଏବଂ ହୃଦୟାବେଗ, ବୁଦ୍ଧି ଏବଂ ମନ, ବୁଦ୍ଧି ଏବଂ ନୀତି-ସଂସ୍କୃତି ଆଦିକୁ ନିଜର ସମସ୍ତ ଜୀବନ ସହିତ ମିଶାଇ ଦେବାକୁ ହେବ। ମିଶାଇ ନପାରିଲେ କେହି ବିପ୍ଳବୀ ହୋଇ ପାରିବେ ନାହିଁ। ପୁଣି ବିପ୍ଳବୀ ହେବା ପରେ ମଧ୍ୟ ବିପ୍ଳବୀର ଅନେକ ସ୍ତର ଅଛି।

ତା'ହେଲା, ବିପ୍ଳବୀ ସଂଗ୍ରାମର ପଥରେ ଅଭିଜ୍ଞତା ଓ ଜ୍ଞାନରେ ସମୃଦ୍ଧ କ୍ଷମତାଶାଳୀ ସ୍ତର। ଏହା ହିଁ ବିପ୍ଳବୀ ହେବାର ସ୍ତର। ମୁଁ ବିପ୍ଳବୀ ସଂଗ୍ରାମର ପ୍ରକ୍ରିୟାରେ ସଚେତନଭାବେ କ୍ରିୟା କରୁଛି। ଏହାର ଅର୍ଥ I am actively engaged in the struggle of the masses for justice against injustice (ଅନ୍ୟାୟ ବିରୁଦ୍ଧରେ ନ୍ୟାୟ ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କ ସଂଗ୍ରାମରେ ମୁଁ ସକ୍ରୀୟଭାବେ ସାମିଲ)। ଜଣେ ସଚେତନ କର୍ମୀ, ଯିଏ ଏତେ କିଛି ନବୁଝିଲେ ମଧ୍ୟ, ବିଦ୍ୟାବୁଦ୍ଧି ସେଭଳି ନଥିଲେ ମଧ୍ୟ ବିପ୍ଳବ ପାଇଁ ଯେକୌଣସି ସଂଗ୍ରାମ କରିବାର ପ୍ରତିଜ୍ଞା ନେଇ ପାର୍ଟିର ଦାୟଦାୟିତ୍ୱ ଗ୍ରହଣ କରିଛନ୍ତି, ବିଦ୍ୟାବୁଦ୍ଧିସମ୍ପନ୍ନ କମ୍ରେଡ୍‌ମାନେ ମଧ୍ୟ ତାଙ୍କର ଶ୍ରେଷ୍ଠତ୍ୱ ମାନିନେବେ। ଏହି ଦୁଇ ଜଣ ଦୁଇ ଦିଗରୁ ଯଦି ଏହାକୁ ମାନି ନିଅନ୍ତି, ଏକମାତ୍ର ସେତେବେଳେ ହିଁ କାମ ସୁଶୃଙ୍ଖଳିତଭାବେ ଚାଲିପାରେ। ସୁତରାଂ, ଯେଉଁ କମ୍ରେଡ୍ ଜଣକ ପ୍ରଶ୍ନ କରିଥିଲେ, ବିପ୍ଳବ ବିନା ହେବ ନାହିଁ ବୋଲି ବୁଝେ, ଅଥଚ ଏସବୁ ମୁଁ ତ କରିପାରେନା। ପ୍ରକୃତରେ ବିପ୍ଳବୀ ହେବା ପାଇଁ ଯେଉଁ ମୌଳିକ ଦିଗଗୁଡ଼ିକର କଥା କହିଲି- ଯେଉଁ ପ୍ରଶ୍ନଗୁଡ଼ିକ ସ୍ପଷ୍ଟଭାବେ ସେମାନଙ୍କ ସମ୍ମୁଖରେ ରହିବା ଦରକାର ଯାହା ମଧ୍ୟରେ ତତ୍ତ୍ୱର ଏତେ ଝଞ୍ଜଟ ନାହିଁ, ଅଥବା ଏତେ ଆଲୋଚନା କରିବାର କିଛି ନାହିଁ, ସିଧାସଳଖ କହିବାକୁ ହେବ, ମୁଁ ପାରେ କି ପାରେନା। ଏହି ପାରେନା ମଧ୍ୟରେ ଯଦି ମୋର ବୁଝିବାରେ କିଛି ଗଣ୍ଡଗୋଳ ଥାଏ ତେବେ ମୁଁ ବୁଝିନେବି।

ଅନେକ କର୍ମୀଙ୍କର ଖୁବ ଆବେଗ ଥାଏ। ପ୍ରଥମେ ଯେତେବେଳେ ସେମାନେ ବୁଝନ୍ତି ଯେ, କିଛି ଗୋଟେ କରିବା ଦରକାର, I should do something, ମୁଁ କିଛି କରିବି। ଏହିଭଳି ଏକ fresh mind (ସତେଜ ମନ) ନେଇ ପ୍ରଥମେ ଆସନ୍ତି। ଏଠି ବହୁ ଝଡ଼ଝଞ୍ଜା, ଘାତପ୍ରତିଘାତ ଅଛି। ସେ ଆସି ପ୍ରବଳ ଉତ୍ସାହରେ ଅଳୀକ କଳ୍ପନା କଲେ ଯେ, ମୁଁ ଖୁବ୍ ଉତ୍ସାହର ସହିତ ଆରମ୍ଭ କରିବା ସଙ୍ଗେ ସଙ୍ଗେ ହିଁ ଜନଗଣ ସମର୍ଥନ ଦେବା ଆରମ୍ଭ କରିଦେବେ। ଆଉ ଏହି ସମର୍ଥନ ନପାଇଲେ ହିଁ ହତାଶା ଆସେ। ପ୍ରକୃତରେ କାମ କରିବା ସଙ୍ଗେ ସଙ୍ଗେ ବୁଝିବା ସ୍ତରକୁ ମଧ୍ୟ ଉନ୍ନତ କରିବାକୁ ହୁଏ। ମୁଁ କାମ କରିଯାଉଛି, ଏହା ବଡ଼ କଥା ନୁହେଁ। ମୁଁ ଯଥାର୍ଥରେ ଜନଗଣଙ୍କର ଏକ ଅଂଶର ନେତା ହୋଇ ପାରିଛି କି ନାହିଁ- ଜନଗଣଙ୍କର ଯେଉଁ ଅଂଶ ମୋ ମୁହଁକୁ ଚାହିଁ ବସିଛନ୍ତି। ମୋର ନିଜର ଯାହା କିଛି ଦୁଃଖ ବେଦନା, କଷ୍ଟ, ସୁବିଧା-ଅସୁବିଧା ଥାଉ ନା କାହିଁକି, ମୋର ଆତ୍ମମର୍ଯ୍ୟାଦା ପାଇଁ, ସେମାନଙ୍କ ନିକଟରେ ମୋର ସମ୍ଭ୍ରମ, ସମ୍ମାନ ରକ୍ଷା ପାଇଁ ସେମାନଙ୍କ ପାଇଁ କିଛି ନକରି ମୋର ଉପାୟ ନାହିଁ। ମୋ ମଥା ନଇଁଯିବ। ମୁଁ ଏହିଭଳିଭାବେ ସେମାନଙ୍କ ନିକଟରେ ପ୍ରତିଷ୍ଠିତ। ମୁଁ

ସେମାନଙ୍କୁ ଘରଦ୍ୱାର ଛଡ଼ାଇଛି। ମୁଁ ସେମାନଙ୍କୁ ଅନେକ କଥା କହି ଉଦ୍‌ବୁଦ୍ଧ କରି ସଂଗ୍ରାମ ପଥରେ ନେଇ ଆସିଛି। ସେମାନେ ମୋ ମୁହଁ ଚାହିଁ ବସିଛନ୍ତି। ନିଜକୁ ହତାଶାରୁ ମୁକ୍ତ କରିବାର ଗ୍ୟାରେଣ୍ଟି ଭାବେ ଏହି ଅବସ୍ଥା ସୃଷ୍ଟି ହୋଇଛି।

ପ୍ରଥମ ଅବସ୍ଥାରେ ଯେଉଁ ଆବେଗ ଥାଏ, ପରବର୍ତ୍ତୀ ସମୟରେ ସେତେଟା ରହେ ନାହିଁ କାହିଁକି, ଏହା ବୁଝିବାରେ କଣ ଏତେ ଜଟିଳତା ଅଛି ? ଏହି କାରଣରୁ ରହେ ନାହିଁ ଯେ, ପ୍ରଥମେ ଯେତେବେଳେ ଆସନ୍ତି ସେତେବେଳେ ସେ ଏକ ଉପରଠାଉରିଆ କଳ୍ପନା, ଏକ ରୋମାଣ୍ଟିକ୍ ଆବେଗ ନେଇ ଆସନ୍ତି। ପରେ କଠିନ୍ ବାସ୍ତବତାର ମୁହାଁମୁହିଁ ହୋଇ ସେ ଆଘାତ ପାଇ ଚାଲନ୍ତି। ତାଙ୍କର ଲଢ଼େଇର ଶକ୍ତିକୁ ଯଦି ସେ କ୍ରମାଗତ ସେଭଳି ବଢାଇ ନପାରନ୍ତି, ତାହେଲେ ସେହି ଆବେଗରେ ଭଟ୍ଟା ପଡ଼ିବ। ଦୁଇଟି ଶକ୍ତି- ଗୋଟିଏ ତାଙ୍କର ସାଂଗଠନିକ ଶକ୍ତି, ଜନଗଣଙ୍କ ମଧ୍ୟରେ ରହିବା, ସେମାନଙ୍କୁ ସଂଗଠିତ କରିବା, ସେମାନଙ୍କୁ ଲିଡ୍ (ନେତୃତ୍ୱ ଦେବାର) କରିବାର ଶକ୍ତି; ଆଉ ଗୋଟିଏ ହେଲା ତାଙ୍କର ଆଦର୍ଶ ଏବଂ ଚେତନାର ସ୍ତରକୁ କ୍ରମାଗତ ଉନ୍ନତ କରିବା। ଏହି ଦୁଇଟି ବିଷୟକୁ ଯଦି ସେ ଏକା ସାଙ୍ଗରେ ତାଳେ ତାଳେ ବଢ଼ାଇ ନପାରନ୍ତି ତା'ହେଲେ ତାଙ୍କ ମଧ୍ୟରେ ଭଟ୍ଟା ଆସିବ। ଏମିତି ନୁହେଁ ଯେ ସମସ୍ତଙ୍କର ହିଁ ଭଟ୍ଟା ପଡେ। ତାହେଲେ ଏହା ଏକ ବିଚାର୍ଯ୍ୟ ବିଷୟ ହୋଇଥାନ୍ତା। ଗୋଟିଏ ଦଳର ଭଟ୍ଟା ପଡ଼େ। ଆଉ ଆଜିକାଲି ଦେଖାଯାଉଛି, ଅଧିକାଂଶଙ୍କର ହିଁ ଭଟ୍ଟା ପଡ଼େ। ମାତ୍ର ଯେଉଁ କମ୍ ସଂଖ୍ୟକ ଲୋକଙ୍କର ଭଟ୍ଟା ପଡ଼େ ନାହିଁ, ସେମାନଙ୍କର ଏହା କ୍ରମାଗତ ଆହୁରି ଶାଣିତ ହୁଏ। ତା'ହେଲେ ଏହା କିଭଳି ହୁଏ ? ଖୋଜିଲେ ହିଁ ଏହାର ଉତ୍ତର ମିଳିଯିବ। ଏହିଭଳି ତ କିଛି ଅଳ୍ପ ସଂଖ୍ୟକ କର୍ମୀ ଅଛନ୍ତି ଯେଉଁମାନେ ପ୍ରବଳ ଉତ୍ସାହ ସହକାରେ ଦୀର୍ଘ ଦିନ ଦଳରେ ନାନା crisis (ସଂକଟ) ମଧ୍ୟରେ, ଜଟିଳ ଅବସ୍ଥା ମଧ୍ୟରେ, ଆଘାତ ପାଇବା ସତ୍ତ୍ୱେ ମଧ୍ୟ କାମ କରି ଚାଲିଛନ୍ତି। ସେମାନଙ୍କର ଚେତନା ଆହୁରି ଉନ୍ନତ ହୋଇଛି,ଦୃଷ୍ଟିଶକ୍ତି ଆହୁରି ପରିଚ୍ଛନ୍ନ ହୋଇଛି, କର୍ମ କ୍ଷମତା ଓ ଉଦ୍ୟୋଗ ଆହୁରି ବଢ଼ିଛି ଏବଂ determination (ଦୃଢ଼ ସଂକଳ୍ପବୋଧ) ଆହୁରି ବଢ଼ିଛି। ଏହିଭଳି ଏକ ସଂଖ୍ୟା ଅଛି। ମାତ୍ର ଅଧିକାଂଶଙ୍କ କ୍ଷେତ୍ରରେ ଭଟ୍ଟା ପଡୁଛି। ଏହି ଯେଉଁ ଅଳ୍ପ ସଂଖ୍ୟକ କର୍ମୀମାନଙ୍କର କଥା କହିଲି, ଯେଉଁମାନଙ୍କର ଭଟ୍ଟା ପଡ଼ି ନାହିଁ, ସେମାନେ ଲଢ଼େଇ କରିବା ସଙ୍ଗେ ସଙ୍ଗେ ହିଁ, ଲଢ଼େଇରେ ଓହ୍ଲାଇବା ଓ ବାସ୍ତବତାର ଆଘାତ ପାଇବା ସଙ୍ଗେ ସଙ୍ଗେ ହିଁ ଏକ ଚେତନା ଦ୍ୱାରା ଉଦ୍‌ବୁଦ୍ଧ ହୋଇ ନିଜକୁ ଦ୍ରୁତ ଗୋଟିଏ ଦିଗରେ ରାଜନୈତିକ ଚେତନା ଦିଗରୁ, ଦର୍ଶନଗତ ଉପଲବ୍ଧି ଦିଗରୁ, ରୁଚି ସଂସ୍କୃତି ମାନସିକ ଗଠନ ପରିବର୍ତ୍ତନ କରିବା ଦିଗରୁ, ନିଜକୁ ଭାଙ୍ଗି ନୂତନ କରି ଗଢ଼ି ତୋଳିବା; ଆଉ ଅନ୍ୟଦିଗରେ ଜନସାଧାରଣଙ୍କ ମଧ୍ୟରେ ରହିବା,

ସେମାନଙ୍କ ଆନ୍ଦୋଳନ ପରିଚାଳନା କରିବା, ସେମାନଙ୍କ ସହିତ ଜୀବନକୁ ଏକାକାର କରିଦେବା, ସେମାନଙ୍କର ଯଥାର୍ଥ ନେତା ହେବା ପାଇଁ ଚେଷ୍ଟା କରିବା, ଏହି ଦୁଇଟି କାର୍ଯ୍ୟ ଏକା ସାଙ୍ଗରେ ପ୍ରବଳଭାବେ କରିଛନ୍ତି। ଆଉ ଦଳେ ପ୍ରବଳ ଉତ୍ସାହ ନେଇ କାମ କରିବାକୁ ଆସିଛନ୍ତି, କିନ୍ତୁ କରିଛନ୍ତି ରୁଟିନ୍ ୱାର୍କ, କେବେ ବି ଜନଗଣଙ୍କୁ ସଂଗଠିତ କରିବାର ଚେଷ୍ଟା କରି ସେମାନଙ୍କର ନେତା ହୋଇ ପାରି ନାହାନ୍ତି। ଏହି ନପାରିବା ଯୋଗୁ ସେମାନଙ୍କ ମଧ୍ୟରେ ଏହି ହତାଶା ଓ ଉତ୍ସାହରେ ଭଟ୍ଟା ସୃଷ୍ଟି କରିଛି। କେବଳ ନ ପାରିବା ଯୋଗୁ ନୁହେଁ, ତା' ସଙ୍ଗେ ସଙ୍ଗେ ଆଦର୍ଶଗତ, ରୁଚିଗତ ଓ ମାନସିକ ଢ଼ାଞ୍ଚା ମଧ୍ୟରେ ଥିବା-ଚାହିଁବା ପାଇବାର ନାନା ଦିଗଗୁଡ଼ିକୁ ବିପ୍ଳବମୁଖୀ କରି ଭାଙ୍ଗି ନୂତନଭାବେ ଗଢ଼ିବାର କାମଟି ମଧ୍ୟ ସେମାନଙ୍କର ହୋଇ ନାହିଁ। Simply ଉପରେ ଉପରେ ସେ ବୁଦ୍ଧି ଦ୍ୱାରା ବିପ୍ଳବକୁ ଗ୍ରହଣ କରି ଝାମ୍ପି ପଡ଼ି କିଛି ଦିନ ଝଡ଼ ଭଳି କାମ କଲେ। କରି ଦେଖିଲେ, କାଇଁ କିଛି ତ ହେଉ ନାହିଁ, ଖାଲି ପରିଶ୍ରମ ଯାହା ସାର। ସଙ୍ଗେ ସଙ୍ଗେ ଉତ୍ସାହ ମିଳେଇ ଯିବାକୁ ଆରମ୍ଭ କଲା। ଏହା ମଧ୍ୟରେ ତ ବିଶେଷ ଏକ ରହସ୍ୟଜନକ ତତ୍ତ୍ୱ ନାହିଁ ଯେ, ଉତ୍ତର ଦେବାକୁ ହେବ। ଯେଉଁ ମଣିଷ ବିପ୍ଳବୀ ସଂଗ୍ରାମରେ କାମ କରିବାକୁ ଆସିବ, ତାଙ୍କୁ ଏକା ସାଙ୍ଗରେ ଜାଣିବାକୁ ହେବ, ଏହା ଏକ ଦୁରୂହ ସଂଗ୍ରାମ, ଏଠି ଉତ୍ଥାନ-ପତନ, ଘାତ-ପ୍ରତିଘାତ ବହୁ ବିଷୟ ରହିଛି। ଏହି ସଂଗ୍ରାମ ହିଁ ଜୀବନ। ଏହି ଜୀବନରେ ବିଫଳତା ଆସୁ, ସଫଳତା ଆସୁ, ଏହାରି ମଧ୍ୟରେ ହିଁ ମୋର ମର୍ଯ୍ୟାଦାସମ୍ପନ୍ନ ଜୀବନଯାପନର ପଥ ନିହିତ। ଏହାଛଡ଼ା ଅନ୍ୟ କୌଣସି ରାସ୍ତା ନାହିଁ। ତୁମେ ଯେଭଳି ଯୁକ୍ତି କରନା କାହିଁକି, ସବୁ ହେଲା ଫାଙ୍କିର ପଥ। ଏହା ହେଲା ପ୍ରଥମ ଉପଲବ୍ଧି।

ଦ୍ୱିତୀୟତଃ, ଏଠାରେ ତିଷ୍ଠି ରହିବାକୁ ହେଲେ କେବଳ ଇଚ୍ଛା ଦ୍ୱାରା, ସତତା ଦ୍ୱାରା ତିଷ୍ଠି ରହିପାରିବେ ନାହିଁ। ଆଜି ଯେତେ ପ୍ରବଳ ଇଚ୍ଛା, ସତତା, ତ୍ୟାଗ କରିବାର କ୍ଷମତା ଥାଉ, ଦୀର୍ଘ ଦିନ ଏହି କଠିନ ସଂଗ୍ରାମର ଘାତ ପ୍ରତିଘାତ ମଧ୍ୟରେ ତିଷ୍ଠି ରହିବାକୁ ହେଲେ ଏହି ଲଢେଇ ମଧ୍ୟରେ ମୋର ରାଜନୈତିକ ଚେତନା, ଚାରିତ୍ରିକ ଗଠନକୁ ପରିବର୍ତ୍ତନ କରିବାକୁ ହେବ। ଆଉ ମୋର ସୀମିତ କ୍ଷେତ୍ରରେ କ୍ଷୁଦ୍ର ହେଲେ ମଧ୍ୟ ଜନଗଣଙ୍କର ଏକ ଅଂଶର ଯଥାର୍ଥ ନେତାରେ ପରିଣତ ହେବାକୁ ପଡ଼ିବ।

## ଗୋଟିଏ ଝୁଙ୍କ ମଧ୍ୟରେ ଅନ୍ୟ ଏକ ଝୁଙ୍କ ଲୁକ୍କାୟିତ ଥାଏ

କେତେ ପ୍ରକାର ବିଭ୍ରାନ୍ତି ସବୁ ଅଛି। ପୁଣି confusion within confusion (ବିଭ୍ରାନ୍ତି ମଧ୍ୟରେ ବିଭ୍ରାନ୍ତି) ଅଛି। ଏହି ଯେ ଭାବୁଛନ୍ତି, କଂଗ୍ରେସ ସମ୍ପର୍କରେ ଲୋକଙ୍କର ମୋହମୁକ୍ତି ଘଟିଛି, ପୁଞ୍ଜିବାଦ ସମ୍ପର୍କରେ ମୋହମୁକ୍ତି ଘଟିଛି; ମଣିଷ ଭାବୁଛି, ପୁଞ୍ଜିବାଦକୁ ଉଚ୍ଛେଦ କରିବାକୁ ହେବ, ବିପ୍ଳବ କରିବାକୁ ହେବ, ପରିବର୍ତ୍ତନ ଆଣିବାକୁ ହେବ,

ଲଢେଇ ବ୍ୟତୀତ ହେବ ନାହିଁ, କଂଗ୍ରେସ ଦ୍ୱାରା କିଛି ହେବ ନାହିଁ। କଂଗ୍ରେସ ବିରୋଧି ଆନ୍ଦୋଳନରେ ମାଡ଼ ଖାଇ ଖାଇ ହୁଏତ ସମସ୍ତେ ଝାମ୍ପି ପଡ଼ିବେ, ଅତୀତରେ ପଡ଼ିଛନ୍ତି ମଧ୍ୟ। ପଶ୍ଚିମବଙ୍ଗରେ ଯୁକ୍ତଫ୍ରଣ୍ଟ ସମୟରେ ଯାହା ଘଟିଥିଲା, ସମଗ୍ର ପଶ୍ଚିମବଙ୍ଗର ମଣିଷ ଝାମ୍ପି ପଡ଼ିଥିଲେ। କୌଣସି କଥା ଶୁଣିବାକୁ ଚାହିଁ ନାହାନ୍ତି, ପ୍ରଥମେ କଂଗ୍ରେସକୁ ପରାସ୍ତ କର। ସେ ରାସ୍ତା-ଫାସ୍ତା ସବୁ ପରେ ଠିକ୍ ହେବ, ପ୍ରଥମେ କଂଗ୍ରେସକୁ ହଟାଇବା ଦରକାର। ତା' ହିଁ ହେଲା। ମାତ୍ର ତା'ଦ୍ୱାରା କଣ ହେଲା ? କଂଗ୍ରେସକୁ ହଟେଇ ଦେବା ସମ୍ବନ୍ଧରେ ଯେଉଁ ବିଭ୍ରାନ୍ତି ଥିଲା ତା' ତ ଦୂର ହୋଇଛି, ମାତ୍ର ତା'ମଧ୍ୟରେ ଆଉ ଏକ ବିଭ୍ରାନ୍ତି ଲୁଚି ରହିଛି। ସେହି ବିଭ୍ରାନ୍ତି ହେଉଛି- କଂଗ୍ରେସକୁ ହଟାଇଲେ ଯେ କିଛି ହେବ ନାହିଁ, କଂଗ୍ରେସକୁ ଏଭଳି ରାସ୍ତାରେ ଏବଂ ଏଭଳି ଦଳ ଦ୍ୱାରା ଏମିତି ହଟାଇବାକୁ ହେବ, ଯଦ୍ୱାରା ଯେଉଁ କାରଣରୁ କଂଗ୍ରେସକୁ ହଟାଇବାକୁ ଚାହୁଁ ସେହି କାରଣଗୁଡ଼ିକ ଦୂର ହେବ। କଂଗ୍ରେସକୁ ହଟାଇ ଦେଲୁ, ଏହା ସେହି ଇଂରେଜ ହଟାଇବା ଭଳି! ଇଂରେଜକୁ ହଟେଇ ଦିଅ, ତାପରେ ଅନ୍ୟସବୁ ଦେଖାଯିବ। ସେହି ସ୍ୱାଧୀନତା ଆନ୍ଦୋଳନ ସମୟରେ ଅବଶ୍ୟ ଏ ଦେଶର କିଛି କିଛି ଲୋକଙ୍କ ମନରେ ଏକ ପ୍ରଶ୍ନ ଧକ୍କା ଦେଇଥିଲା। ସେହି ସମୟରେ ଓଡ଼ିଶାର ଜଣେ କବି ବୀରକିଶୋର ଦାସଙ୍କର ଏକ ଗୀତ ଅଛି, ଆଶ୍ଚର୍ଯ୍ୟଜନକ ଗୀତ, ନଶୁଣିଲେ ବୁଝିହେବ ନାହିଁ। ସେ ସେତେବେଳେ ହିଁ କହିଥିଲେ, ଏହି ଯେଉଁ ସ୍ୱାଧୀନତା ଆନ୍ଦୋଳନର ଜୁଆର ବନ୍ୟା ପାଣି ଭଳି ମାଡ଼ି ଆସୁଛି, କିଛି ବିଚାର ବିବେଚନା ନକରି ସେହି ପାଣିକୁ ପିଇବ କି ? ଯଦି ପିଅ, ତା'ହେଲେ ଠକିବାକୁ ହେବ। ଧଳା ଚମଡ଼ା ବଦଳରେ, ଗୋରା ଶାସକ ବଦଳରେ କଳା ଶାସକମାନେ ଯୋକ ହୋଇ ଦିଲ୍ଲୀ ଆସନରେ ବସିବେ। ତା'ଦ୍ୱାରା ଚାଷୀ ମୂଲିଆଙ୍କର କଣ ହେବ ? ଫଳରେ ଏହି ଯେଉଁ ସ୍ୱାଧୀନତା ଆନ୍ଦୋଳନର ଜୁଆର ବନ୍ୟା ପାଣି ଭଳି ମାଡ଼ି ଆସୁଛି, ଏହାକୁ ଅନ୍ଧ ଭଳି ଗ୍ରହଣ କଲେ ଚଳିବ ନାହିଁ। ସେଥିପାଇଁ କହିଛନ୍ତି, ରାଜା-ମହାରାଜା, ଧନୀ-ଜମିଦାର ଏମାନେ ସମସ୍ତେ ଖଦଡ଼ ପିନ୍ଧି, ଆଉ ମୁହଁରେ ମିଠା ମିଠା କଥା କହି, ତ୍ୟାଗର ମାଳା ପିନ୍ଧି ରାସ୍ତାକୁ ବାହାରିଛନ୍ତି। ଗୀତଟି ବଡ଼ ସୁନ୍ଦର-

ରାଜା ଜମିଦାର ଧନୀ ସାହୁକାର
ତ୍ୟାଗ ମାଳା ପିନ୍ଧି ହେଲେଣି ବାହାର
ତାଙ୍କ ମଧୁର ବଚନ ଖଦଡ଼ ବସନ
ତାଙ୍କୁ ଦେଖି ତୁମେ ଭୁଲିବ କି

ରାଜା, ଜମିଦାର, ଧନୀ ସାହୁକାର, ମହାଜନମାନେ ଖଦଡ଼ ବସ୍ତ୍ର ପିନ୍ଧି, ତ୍ୟାଗର ମାଳା ପିନ୍ଧି ବାହାରିଛନ୍ତି। ଏମାନଙ୍କ ମଧୁର ବଚନ ଶୁଣି-ତୁମେ ଚାଷୀ-ମୂଲିଆମାନେ

କଣ ଭୁଲିବ କି ? ଯଦି ଭୁଲ, ତା'ହେଲେ ଧଳା ଯୋକ ବଦଳରେ କଳା ଯୋକମାନେ ରକ୍ତ ଶୋଷି ଖାଇବେ।

ତା'ହେଲେ one confusion is hidden in another confusion (ଗୋଟିଏ ବିଭ୍ରାନ୍ତି ମଧ୍ୟରେ ଆଉ ଏକ ବିଭ୍ରାନ୍ତି ଲୁକ୍କାୟିତ ଥାଏ)। ପ୍ରଥମେ ତ ଏକ ବିଭ୍ରାନ୍ତି, ତା' ମଧ୍ୟରେ ଗୋଟାଏ ଝୁଙ୍କ, ପୁଣି ଏହାକୁ ଫାଇଟ୍ କରିବା ବିରୁଦ୍ଧରେ ଆଉ ଗୋଟିଏ ଝୁଙ୍କ ଅଛି। ସେହି ପ୍ରବଳଭାବେ ଫାଇଟ୍ କରିବା ମଧ୍ୟରେ ଆଉ ଗୋଟିଏ ଝୁଙ୍କ ସୃଷ୍ଟି ହେଲା, ତା'ମଧ୍ୟରେ ବି ଏଭଳି କେତେଗୁଡ଼ିଏ ଝୁଙ୍କ ଥାଏ, ଯେଉଁଗୁଡ଼ିକ କ୍ଷତିକାରକ। ମାତ୍ର overall (ସାମଗ୍ରିକଭାବରେ), ଏହି ବଡ଼ ଝୁଙ୍କକୁ ପ୍ରତିହତ କରିବାକୁ ଯାଇ ଯଦି ଛୋଟ ଝୁଙ୍କଗୁଡ଼ିକ ନଜରରେ ନପଡ଼େ ତା'ହେଲେ କଣ ହୁଏ ? ସେତେବେଳେ ମଧ୍ୟ ଯେଉଁ ଦୁଷ୍ଟ ଝୁଙ୍କ ଏହା ମଧ୍ୟରେ ଲୁକ୍କାୟିତ ଥିଲା, ତାହା ପୁଣି ଆସି ବିପତ୍ତି ସୃଷ୍ଟି କରେ। ସେତେବେଳେ ଜନସାଧାରଣ ବିପଦରେ ପଡ଼ନ୍ତି– ଏତେ ଲଢିଲୁ, ଏଟାକୁ ହଟାଇଲୁ, ପୁଣି ଯେଉଁମାନଙ୍କୁ ବିଶ୍ୱାସ କରି ତାଙ୍କୁ ହଟାଇଲୁ, ସେମାନେ ମଧ୍ୟ ହନୁମାନ ହୋଇ ବସିଲେ। ସଙ୍ଗେ ସଙ୍ଗେ ଲୋକେ ଭାବନ୍ତି ଯେ, ଯିଏ ଲଙ୍କାକୁ ଯାଏ ସିଏ ରାବଣ। ତେଣୁ କାହାରିକୁ ବିଶ୍ୱାସ କରି କିଛି ଲାଭ ନାହିଁ। ଆଜ୍ଞା ଏତେ ତ ଲଢ଼ିଲୁ, ଏତେ ବିପ୍ଳବର କଥା କହିଲେ, ଏତେ କାଣ୍ଡ ଘଟିଲା, ଏଇ ଯେଉଁ ସି.ପି.ଏମ୍ ଲାଲ ଝଣ୍ଡା ଉଡ଼ାଏ, ସେମାନେ ତ କ୍ଷମତାକୁ ଆସିଲେ। ସେମାନେ ମନ୍ତ୍ରୀ ହୋଇ କଣ ହେଲା ? କଂଗ୍ରେସକୁ ହଟାଇବାକୁ ଯାଇ କଂଗ୍ରେସ ବିରୋଧିତା ମଧ୍ୟରେ ଯେ ଆଉ ଏକ ସୁବିଧାବାଦ ଛପି ରହିଛି, ତା' ତ ଥରେ ଭାବିଲ ନାହିଁ। ଯେତେବେଳେ କଂଗ୍ରେସ ବିରୋଧୀ ଆନ୍ଦୋଳନ କରୁଛ, ସେତେବେଳେ ସେହି ସୁବିଧାବାଦ ସମ୍ପର୍କରେ ସତର୍କ ରହୁ ନାହଁ। ଏହି ଦୋଷଟା କଣ ଅନ୍ୟର ନା ତୁମର ଅକ୍ଷମତା ? ଏହା ତ ତୁମର ହିଁ ବୁଝିବାର କଥା। ଆଉ ତୁମକୁ ବୁଝାଇବାର ଦାୟିତ୍ୱ ହେଲା ରାଜନୈତିକ ଦଳର।

ସଚେତନ ରାଜନୈତିକ ଦଳ ଏଗୁଡ଼ିକୁ ପୂର୍ବରୁ ଧରିପାରେ। ତେବେ ତା'ର ଶକ୍ତି ଏବଂ କ୍ଷମତାର ତାରତମ୍ୟ ଯୋଗୁ ସେ ହୁଏତ ଲୋକମାନଙ୍କୁ ବୁଝାଇବା ଭଳି ଜାଗାରେ ନଥାଏ। କିନ୍ତୁ ଯଦି ପୂର୍ବରୁ ହିଁ ଏମାନେ ଧରି ନପାରନ୍ତି, ତେବେ ସେମାନେ ଯୋଗ୍ୟ ରାଜନୈତିକ ଦଳର ପର୍ଯ୍ୟାୟରେ ପଡ଼ନ୍ତି ନାହିଁ। ସେମାନେ ଯଥାର୍ଥ ବିପ୍ଳବୀ ଦଳତ କଦାପି ନୁହଁନ୍ତି। ଯଥାର୍ଥ ବିପ୍ଳବୀ ଦଳ ହେଲା, ଯେଉଁମାନେ ଏଗୁଡ଼ିକୁ ଠିକ୍‌ଭାବେ ଧରିପାରିବେ ଓ ଜନଗଣଙ୍କୁ ବୁଝାଇବେ। ଯେମିତି ଅନେକ କଥା ଆମେ କହୁଛୁ ଏବଂ ଯେଉଁଗୁଡ଼ିକ ଘଟୁଛି ତାହା ଆମେ ଧରି ପାରିଛୁ। ମାତ୍ର ଆମେ ଯାହା ଧରି ପାରିଛୁ ଏବଂ କହୁଛୁ, ତା' ଆମେ ଶୁଣାଇ ପାରି ନାହୁଁ। ଶୁଣାଇବାକୁ ଯିବା ମାତ୍ରେ ହିଁ ହୋ-ହାଲ୍ଲା କରି ଏହାକୁ ଚପାଇ ଦିଆଯାଇଥାନ୍ତା। ଯେମିତି ସ୍ୱାଧୀନତା ଆନ୍ଦୋଳନ ସମୟରେ

ଜନଗଣଙ୍କର ମୁକ୍ତି ସଂଗ୍ରାମରେ ଅଂଶଗ୍ରହଣ କରିବାର ଉଦ୍ଦେଶ୍ୟ କଣ-ଏହା କହିବାକୁ ଗଲେ ହିଁ କଂଗ୍ରେସୀ ନେତାମାନେ ସ୍ୱାଧୀନତା ଆନ୍ଦୋଳନର ସମସ୍ତ ବଡ଼ ବଡ଼ ଉଦ୍‌ଗାତା ଏବଂ ନେତାମାନେ ତୁମ୍ଫିତୋଫାନ କରି ଏହି କଥାକୁ ପୁରାପୁରି ଚପେଇ ଦେଉଥିଲେ। ଆଉ ଯେଉଁମାନେ କହିବାକୁ ଚାହୁଁଥିଲେ, ସେମାନେ ଏତେ ଅକିଞ୍ଚିତ୍‌କର ଶକ୍ତି ଯେ ସେମାନଙ୍କର ସେହି କଣ୍ଠସ୍ୱର ନଥିଲା। ପୁଣି ଯେଉଁମାନଙ୍କର କିଛି ଶକ୍ତି ଥିଲା ସେମାନେ ଏଗୁଡ଼ିକ କହିବାକୁ ଚାହିଁ ନାହାନ୍ତି। ସେମାନେ ଲାଲ ଝଣ୍ଡା ଉଡ଼େଇ ମଧ୍ୟ କହିବାକୁ ଚାହିଁ ନାହାନ୍ତି। ଫଳରେ କେଉଁଠି ଯଦି ଏକ କଣ୍ଠସ୍ୱର ଉଠିଛି, ସେହି କଣ୍ଠସ୍ୱର ଚାପା ପଡ଼ିଯାଇଛି। ଆମେ ଖବର ମଧ୍ୟ ରଖିନାହୁଁ। ବାଂଲାଦେଶର (ତତ୍କାଳୀନ ଅବିଭକ୍ତ ବଙ୍ଗ ପ୍ରଦେଶ) ଲୋକମାନେ ମଧ୍ୟ ରଖି ନାହାନ୍ତି, ବିଦଗ୍ଧମାନେ ମଧ୍ୟ ରଖିନାହାନ୍ତି ଯେ, ଏହି ସ୍ୱାଧୀନତା ଆନ୍ଦୋଳନ ସମୟରେ ହିଁ ବୀରକିଶୋର ଦାସ କିଭଳି ଚିତ୍କାର କରି କହିଗଲେ- ଶ୍ରମିକ-ଚାଷୀମାନଙ୍କୁ ଚେତାବନୀ ଦେଇଗଲେ। ଚାପା ପଡ଼ିଗଲେ ବି ତାଙ୍କର ମୂଲ୍ୟାୟନରେ ଭୁଲ ନଥିଲା। ଯେଉଁମାନଙ୍କର ଆଖି ଅଛି, ସେମାନଙ୍କ ନିକଟରେ ଏହା ନିଶ୍ଚିତ ଧରା ପଡ଼ିବ। ଇତିହାସରେ ତ recorded (ଲିପିବଦ୍ଧ) ଅଛି। ତାଙ୍କର ଆଖି ଥିଲା, ସେ ଅନ୍ଧ ନଥିଲେ, ସେ ଦେଖି ପାରିଥିଲେ। ଠିକ୍ ସେହିଭଳି ଆମେ ଯଦି ସଠିକ କଥା କହିଥାଉ, ପରବର୍ତ୍ତୀ ସମୟରେ ଆମେ ଯାହା କହିଛୁ ଇତିହାସରେ ତାହା ଲିପିବଦ୍ଧ ହୋଇ ରହିବ, ଜନଗଣ ଏହା ଲକ୍ଷ୍ୟ କରିବେ, ବୁଝିବେ।

ସୁତରାଂ, ଖାଲି କହିଲେ ଯେ ହୁଏ ନାହିଁ ତା' ତ ଦେଖାଗଲା। ଆମେ କହିଛୁ, କିନ୍ତୁ କାମ ହୋଇନି। କାମ ହୋଇ ନାହିଁ କାହିଁକି ? ଶକ୍ତି ନଥିଲା ବୋଲି। ଷ୍ଟାଲିନ୍ ଏଥିପାଇଁ କହିଥିଲେ- ଶକ୍ତି ଦରକାର। ମିଡିଆ ଏକ ଶକ୍ତି, ଯୁକ୍ତଫଣ୍ଟ ସମୟରେ ଆମେ ଯେଉଁ ଖାଣ୍ଟି କଥାଗୁଡ଼ିକ କହିଥିଲୁ, ମିଡିଆ ମାଧ୍ୟମରେ ସେହି କଥାଗୁଡ଼ିକ ଜନସାଧାରଣଙ୍କ ନିକଟରେ ବ୍ୟାପକଭାବରେ ପହଞ୍ଚାଇଦେଇ ପାରିଥିଲେ ଯେଉଁ ଦୁର୍ଘଟଣା ସେତେବେଳେ ଘଟିଲା, ସେଥିରୁ ପଶ୍ଚିମବଙ୍ଗର ରାଜନୀତି ଏବଂ ବାମପନ୍ଥୀ ରାଜନୀତିକୁ ହୁଏତ ରକ୍ଷା କରାଯାଇ ପାରିଥାନ୍ତା। ମାତ୍ର ରକ୍ଷା ତ କରି ପାରି ନାହୁଁ, ବରଂ ଆମ ସମ୍ପର୍କରେ ଅପପ୍ରଚାର କରାଯାଇଛି ଯେ ଆମେ କଂଗ୍ରେସର ଦଲାଲ। କାରଣ ଯେଉଁମାନଙ୍କୁ ମିଡିଆ back (ସମର୍ଥନ) କରୁଛି, ସେମାନେ ହିଁ ଏହି ପ୍ରକାର ପ୍ରଚାର ଚଳାଇଛନ୍ତି। ସେତେବେଳେ କୌଣସି କଥା ଶୁଣାଇବା ସମ୍ଭବ ହୋଇ ନାହିଁ। କିଏ କଣ କହୁଛି, ଶୁଣିବା ଦରକାର ନାହିଁ। ଯାହାର ପ୍ରେସ୍ ଅଛି, ପବ୍ଲିସିଟି ଅଛି, ଦଳବଳ ଅଛି, ମିଡିଆ କେବଳ ତା'ରି କଥା ହିଁ ଶୁଣାଇ ଚାଲିଛି। ତା'ମଧ୍ୟରେ କିଛି ସତ୍ୟ, କିଛି ଅର୍ଦ୍ଧସତ୍ୟ କହୁଛି, କିଛି ବନେଇଚୁନେଇ ମିଥ୍ୟା କଥା କହୁଛି। ଏହିଭଳିଭାବେ

ବନେଇ ଚୁନେଇ ସମସ୍ତ ବିଷୟଟିକୁ ଗୋଳମାଳିଆ କରି ପକେଇଛନ୍ତି।

ତା'ହେଲେ ଯେଉଁ କଥାଟି କହୁଥିଲି, ଗୋଟିଏ tendency (ପ୍ରବଣତା) ମଧ୍ୟରେ ଆଉ ଗୋଟିଏ ପ୍ରବଣତା ଲୁକ୍କାୟିତ ଥାଏ। କେବଳ କଂଗ୍ରେସ ବିରୋଧୀତା କରିବାର ଯେଉଁ ଝୁଙ୍କ, ସେହି ଝୁଙ୍କ ମଧ୍ୟରେ ଆଉ ଏକ ପ୍ରବଣତା ଲୁକ୍କାୟିତ ଥାଏ। ଏହି ଝୁଙ୍କଟା ସାମଗ୍ରିକଭାବେ ପ୍ରଗତିଶୀଳ, ମାତ୍ର ଏହି ସମ୍ପୂର୍ଣ୍ଣ ଝୁଙ୍କ ମଧ୍ୟରେ ଆଉ ଯେଉଁ ସବୁ ଝୁଙ୍କଗୁଡ଼ିକ ଲୁକ୍କାୟିତ ରହିଛି, ସେଗୁଡ଼ିକ କଂଗ୍ରେସ ଭଳି ହିଁ କ୍ଷତିକାରକ। ମାତ୍ର ଯଦି ଏକା ସାଙ୍ଗରେ, ଲଢ଼ିବା ସମୟରେ ହିଁ ଜନସାଧାରଣଙ୍କୁ ସେହି ଝୁଙ୍କଗୁଡ଼ିକ ସମ୍ପର୍କରେ ଅବଗତ କରାନଯାଏ, ତା'ହେଲେ ଏମାନେ ମଧ୍ୟ କଂଗ୍ରେସ ବିରୋଧୀ ଆନ୍ଦୋଳନର କାର୍ଯ୍ୟକାରୀତାକୁ ନଷ୍ଟ କରିଦେବେ। କ୍ଷମତାକୁ ଯାଇ ସେମାନେ ମଧ୍ୟ କଂଗ୍ରେସ ଭଳି ଠିକ୍ ଅନ୍ୟ ନାମରେ, ଅନ୍ୟ ଢଙ୍ଗରେ, ଅନ୍ୟ ଭାଷାରେ ସେହି ଅସୁବିଧାରେ ଜନସାଧାରଣଙ୍କୁ ପକାଇବେ।

## ବିପ୍ଳବୀ କର୍ମୀଙ୍କୁ ଆରମ୍ଭରୁ ହିଁ ନିଜକୁ ବଦଳାଇବାର ସଂଗ୍ରାମ କରିବାକୁ ହୁଏ

ଯେଉଁ ପ୍ରଶ୍ନ ନେଇ ଆରମ୍ଭ କରିଥିଲି- କୌଣସି କୌଣସି କର୍ମୀ ନୂତନ ଉତ୍ସାହ ନେଇ କାମ କରିବାକୁ ଆସିଥିଲେ ମଧ୍ୟ ପରେ ତାଙ୍କର ଉତ୍ସାହ ରହେ ନାହିଁ, ହତାଶାର ଶୀକାର ହୁଅନ୍ତି। ଅତୀତ ଦିନରେ ବିପ୍ଳବୀମାନେ ଅନ୍ୟଭାବେ କହୁଥିଲେ। ଯେମିତି ସାନ୍-ଇୟାତ୍-ସେନ୍ କହିଛନ୍ତି, ଯେଉଁ କଥା 'ପଥର ଦାବୀ' ଉପନ୍ୟାସରେ ଆପଣମାନେ ପାଇବେ- ନୈରାଶ୍ୟ ସହ୍ୟ କରିବାର ଶକ୍ତି ଯାହାର ଯେତେ କମ୍ ସେ ଯେମିତି ଏହି ରାସ୍ତାରୁ ସେତେ ଦୂରେଇ ରୁହନ୍ତି। ସେମାନେ ମଧ୍ୟବିତ୍ତ ବିପ୍ଳବବାଦୀ ଥିଲେ। ଏକଥା କହିବା ପାଇଁ ସେମାନଙ୍କର କୌଣସି ଅସୁବିଧା ନଥିଲା। ରତ୍ନ ଭଳି ସବୁ ଦେଶରେ ହିଁ ଦୁଇ-ଚାରି-ପାଞ୍ଚ-ଦଶ-ପଚାଶ ସନ୍ତାନ ମିଳନ୍ତି। ଗୋଟାଏ ସମୟରେ ମିଳିଥାନ୍ତି, ଯେତେବେଳେ ଚେତନା ଏବଂ ମୁକ୍ତିର ଏକ ଆକାଂକ୍ଷା ସମାଜରେ ଆସେ, ସେତେବେଳେ ଏହିଭଳି ପଚାଶ-ଶହେ-ଦୁଇଶହ-ଅଢ଼େଇଶହ-ତିନିଶହ-ପାଞ୍ଚଶହ ସନ୍ତାନଙ୍କର ଅଭାବ ହୁଏନା। ଏହି ମଧ୍ୟବିତ୍ତ ବିପ୍ଳବବାଦର ନେତାମାନେ ମନେକରନ୍ତି ଯେ, ଏମାନେ ହିଁ କିଛି କରି ପାରିବେ। ତେଣୁ ସେମାନେ ମନେକରନ୍ତି, ଯେଉଁମାନେ ଯେକୌଣସି ଅବସ୍ଥାରେ ନିଆଁରେ ପୋଡ଼ି ଖାଣ୍ଟି ସୁନା ଭଳି ହୋଇଥିବେ, ସେମାନଙ୍କ ଦ୍ୱାରା କିଛି ହେବ। ଆଉ ବାକିମାନଙ୍କ ଦ୍ୱାରା କିଛି ହେବ ନାହିଁ। ମାତ୍ର ଆମେ କହୁଛୁ ହତାଶା କାହିଁକି, ତା' ଆମକୁ ଦର୍ଶାଇବାକୁ ହୁଏ। କର୍ମୀମାନଙ୍କୁ ହତାଶାକୁ ଫାଇଟ୍ କରିବା ଶିଖିବାକୁ ହୁଏ। ଏହିଭଳି ଉତ୍ତର କରି ଆମେ ଖସି ଯାଇ ପାରୁନା ଯେ, ଯେଉଁମାନେ ହତାଶାକୁ ପ୍ରତିହତ କରି ପାରିବେ ନାହିଁ, ସେମାନେ ହଟି ଯାଆନ୍ତୁ।

ଆମେ ଅନ୍ୟ କଥା କହୁ; ଆମେ ସଠିକ୍ ଦିଗଟା ଦର୍ଶାଇ ଦେଇ ତାଙ୍କୁ ବିଚାର କରିବାକୁ କହୁ ଯେ, ଏଥର ତୁମେ ଠିକ୍ କରି ନିଅ, କେଉଁଟା ଗ୍ରହଣ କରିବ, କେଉଁଟା ଗ୍ରହଣ କରିବ ନାହିଁ, କଣ କରିବ। ଏଥିପାଇଁ ହତାଶା, ଏହି କାରଣରୁ ତୁମ ମଧ୍ୟରେ ହତାଶା ଆସେ। ତୁମେ ଏକ କଳ୍ପନା ନେଇ ଆସିଛ। ବାସ୍ତବତାକୁ ଦେଖିନ। ବାସ୍ତବତାର ସମ୍ମୁଖରେ ପଡ଼ି ତୁମର କଳ୍ପନା ଭାଙ୍ଗିବାକୁ ଲାଗେ। ମାତ୍ର ଏହି ବାସ୍ତବତାର ସମ୍ମୁଖକୁ ଆସି କଳ୍ପନାକୁ ବାସ୍ତବରେ ରୂପାନ୍ତରିତ କରିବାକୁ ହେଲେ ଜ୍ଞାନକୁ ଉନ୍ନତ କରିବାକୁ ହେବ। ବୁଝାମଣାକୁ ଆହୁରି ଉନ୍ନତ କରିବାକୁ ହେବ। ନିଜର ମାନସିକ ଗଠନକୁ ବଦଳାଇବାକୁ ହେବ। ଯେଉଁ ସମୟରେ ହତାଶା ତୁମକୁ ଚାପି ଧରିନି, ସେତେବେଳେ ହିଁ ତୁମକୁ ଏହି କାମଟି କରିବାକୁ ହେବ। ଯେମିତି ଗୋଟିଏ କଥା ମୋର ଏଠି ମନେପଡୁଛି। ବହୁ ପୂର୍ବରୁ ପ୍ରଥମେ ଯେତେବେଳେ first group (ପ୍ରଥମ ଗ୍ରୁପ୍) ଗଢ଼ି ଉଠୁଛି, କିଛି କିଛି କ୍ୟାଡର ତିଆରି ହେଉଛନ୍ତି, କିଛି କିଛି ଷ୍ଟଡି କ୍ଲାସ୍ ହେଉଛି, ସେତେବେଳେ ଲେଖାପଢ଼ା ଶିଖୁଥିବା, ନିଜର ଭଲ କ୍ୟାରିୟର ଗଢ଼ି ପାରିବା ଭଳି ଭଲ ପୁଅ-ଝିଅମାନଙ୍କୁ ମୁଁ କହୁଥିଲି- ଦେଖ, ବର୍ତ୍ତମାନ ତ ତେଜ ଅଛି, ବର୍ତ୍ତମାନ ଆମେ ନଖାଇ ମଧ୍ୟ ରହିପାରୁ, ଲଢିପାରୁ। ଆମେ ବୁଝୁଛୁ ଯେ, ବିଫଳତା ହେଉ, ସଫଳତା ହେଉ, ଏହା ହିଁ ମଣିଷର ରାସ୍ତା। ଆମେ ଲଢିବୁ, ମାତ୍ର ଏ ଭୁଲ ଯେମିତି ନହୁଏ ଯେ, ଏହି ଅବସ୍ଥା ଚିରକାଳ ରହିବ। ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହି ଅବସ୍ଥା ମଧ୍ୟ ରହିବ ନାହିଁ। ଯେତେ ସମୟ ଆମର ଏହି ତେଜ ରହିଛି, ଆମେ ଯଦି ଏହି ଘାତ ପ୍ରତିଘାତ ମଧ୍ୟରେ ଲଢିବା ସମୟରେ ନିଜକୁ ଦ୍ରୁତ ତିଆରି କରି ନପାରୁ, ତା'ହେଲେ ବହୁ କାରଣରୁ ଏହା ଆଉ ରହିବ ନାହିଁ। କଣ ତିଆରି କରିପାରୁ? ମନ, ରୁଚି, ସଂସ୍କୃତି ଦିଗରୁ ସମ୍ପୂର୍ଣ୍ଣ ଭାବେ ତାଳରୁ ତଳିପା ଯାଏ ବଦଳାଇ ଦେଇ ନିଜକୁ ତିଆରି କରି ନିଅ। ଆଉ ଜ୍ଞାନକୁ ଏଭଳି ଶାଣିତ କର ଯେମିତି ନିଜକୁ ଅଜ୍ଞାନତାର ଶୀକାର ହେବାକୁ ଦେବ ନାହିଁ। କୌଣସି ଅବସ୍ଥାରେ ହିଁ ତୁମକୁ ଏପଟ-ସେପଟ ହେବାକୁ ଦେବ ନାହିଁ। ଜ୍ଞାନ ସବୁଠାରୁ ବଡ଼ ଶକ୍ତି ଏବଂ ଅସ୍ତ୍ର। ଯଥାର୍ଥ ଜ୍ଞାନର ଅଧିକାରୀ ହେବା ପାଇଁ ଚେଷ୍ଟା କର ଯଦ୍ୱାରା ନିଜର ଅଜ୍ଞାତ ମନ, ନିଜର କୁପ୍ରବୃତ୍ତି ଓ ନୀଚତାଗୁଡ଼ିକୁ ମଧ୍ୟ rationalise (ତ୍ରୁଟିର ସଠିକତା ଦର୍ଶାଇବା ପାଇଁ ଯୁକ୍ତି ସଂଗ୍ରହ କରିବା) କରିବାର ସୁଯୋଗ ନପାଏ। ତୁମେ ଠିକ୍ ଧରିପାର ଯେ, ଯୁକ୍ତିର ଆଢୁଆଳରେ ମୋର ନୀଚ ପ୍ରବୃତ୍ତି ମୋତେ ଚଳାଇବାକୁ ଚାହୁଁଛି। ମୁଁ ତାକୁ ବରଦାସ୍ତ କରିବି ନାହିଁ। ଜ୍ଞାନ ଥିଲେ ତୁମେ ଧରିପାରିବ। ଫଳରେ ଏହି ସମୟଟା ହେଲା ଅତି ଦ୍ରୁତ ତିଆରି ହେବାର ସମୟ।

ଆଉ ଏକ ବିଷୟ ହେଲା, ଏହି ସମାଜ, ପରିବାର ବା କ୍ୟାରିୟର ଗଠନ ସହିତ ଏକ ଯୋଗସୂତ୍ର ଆମ୍ଭମାନଙ୍କର ଥାଏ- ଯେମିତି ଧରନ୍ତୁ, ତୁମେ ଏମ୍.ଏ ପାଶ୍

କରିଛ, ଫାଷ୍ଟ କ୍ଳାସ୍ ଫାଷ୍ଟ ହୋଇଛ। ଆଜି ହୁଏତ ତୁମେ ଫାଷ୍ଟ କ୍ଳାସ୍ ଫାଷ୍ଟ ହୋଇ ମଧ୍ୟ ରାସ୍ତାକୁ ଓହ୍ଲାଇ ଆସିଲ। କିନ୍ତୁ ମୁଁ କହେ, ତା'ର ଦରକାର କଣ ? ଫାଷ୍ଟ କ୍ଳାସ୍ ଫାଷ୍ଟ ହେବାର ଦରକାର କଣ ? ତୁମର ତ ଖାଣ୍ଟି ବିପ୍ଳବୀ ହେବା ଦରକାର। ତୁମେ ଫାଷ୍ଟ କ୍ଳାସ୍ ଫାଷ୍ଟ ହେବାଟାକୁ କାଟି ଦିଅ। ନିଜକୁ ଜଣେ ବିପ୍ଳବୀଭାବେ ତିଆରି କରିବା ପାଇଁ ମୁଁ ସେମାନଙ୍କୁ କୁହେ- କଇଁଚି ଦ୍ୱାରା ଏହି ଲାଞ୍ଜଟିକୁ କାଟି ଦିଅ। ଏହା ହିଁ ହେଉଛି ଫିତା। ଫିତା କଣ ? ଯେତେବେଳେ ହତାଶାରେ ପଡ଼ିବ, ସେତେବେଳେ ତୁମକୁ ପଛକୁ ଫେରାଇ ଆଣିବା, ପଛକୁ ଦୌଡ଼ାଇବା ପାଇଁ ଏହି ଫିତାରେ ଏକ ସୁନ୍ଦର ରାସ୍ତା ତିଆରି ହୋଇଛି। ଚାହିଁଲେ ହିଁ କଲିକତା ୟୁନିଭରସିଟିର ପ୍ରଫେସର୍ ହୋଇ ପାରିବ। ଆଉ ତା'ନହେଲେ କେଉଁଠି ମଧ୍ୟ ଏକ ମାଷ୍ଟର ବା ପ୍ରଫେସର୍ ଚାକିରୀ ଯୋଗାଡ଼ ହୋଇଯିବ, ନଚେତ୍ ଏକ ସରକାରୀ ଚାକିରୀ ମିଳିଯିବ। ଆଉ ନହେଲେ, ଯଦି ଇଞ୍ଜିନିୟରିଂ ପାଶ୍ କରି ଥାଅ, କୌଣସି ଫାର୍ମରେ ଏକ ଭଲ ଚାକିରୀ ମିଳିଯିବ। ତୁମେ ତ ଏହା ବୁଝ, ଜ୍ଞାନ ଅର୍ଜନ ପାଇଁ ୟୁନିଭରସିଟିରେ ଫାଷ୍ଟ କ୍ଳାସ୍ ଫାଷ୍ଟ ହେବା ଦରକାର ନାହିଁ। ବିଜ୍ଞାନର କୌଣସି ଶାଖା ପ୍ରଶାଖାରେ ବିଚରଣ କରିବା ପାଇଁ ମଧ୍ୟ ଏହାର ଦରକାର ନାହିଁ। ସମସ୍ତ ବିପ୍ଳବୀମାନଙ୍କର ଲେଖା ପଢ଼ିଲେ ବୁଝିପାରିବେ, ଆଉ ମୋ ଭଳି ଗଣ୍ଡମୁର୍ଖର ଲେଖା ପଢ଼ିଲେ ମଧ୍ୟ ତୁମେମାନେ କିଛିଟା ବୁଝିପାରିବ। କିଛି ଅସୁବିଧା ନାହିଁ। ଚେଷ୍ଟା ଥିଲେ, ଜ୍ଞାନ ବିଜ୍ଞାନର ଯେକୌଣସି ଶାଖାରେ ବିଚରଣ କରିବାର ଅସୁବିଧା ନାହିଁ। ଫଳରେ ଜ୍ଞାନ ପାଇଁ ମୋର ଏହି ଡିଗ୍ରୀଟା ଦରକାର- ଏହି ବାଜେ କଥା କୁହନା। ତେବେ ଏହି କାମ ପାଇଁ ଦରକାର ହୋଇ ପାରେ। ତା' ବର୍ତ୍ତମାନ ଆମର ସେହି କାମ ପାଇଁ ମଧ୍ୟ ଦରକାର ନାହିଁ। ବର୍ତ୍ତମାନ ତୁମର ବିପ୍ଳବୀ ହେବା ଦରକାର। ଆଉ ବିପ୍ଳବୀ ହେବା ପାଇଁ କୌଣସି ରାସ୍ତାରେ ଫାଙ୍କି ରଖନା। ଲାଞ୍ଜ କାଟି ଦିଅ। ଯେତେବେଳେ ବୁଝି ଯାଇଛ, ସ୍ୱେଚ୍ଛାରେ କାଟି ଦିଅ।

## ଯେଉଁମାନେ ବିପ୍ଳବୀ ହୁଅନ୍ତି ସେମାନେ ପରିବାରକୁ ପ୍ରଭାବିତ କରନ୍ତି ନଚେତ ବିଚ୍ଛେଦ ହୁଏ

ଅର୍ଥାତ୍ ଏହିଭଳିଭାବେ ନିଜକୁ ତିଆରି କର ଯଦ୍ୱାରା ମନ ଫେରି ଯିବାକୁ ଚାହିଁଲେ ମଧ୍ୟ ତୁମେ ଫେରି ପାରିବ ନାହିଁ। ଆଉ ଯଦି ତା' କାଟି ନଦିଅ, ତୁମର ଘରଦ୍ୱାର ଠିକ୍ ରହିଲା, ଏମ୍.ଏ, ବି.ଏ ପାଶ୍ କଲ, ବିଲାତୀ ଡିଗ୍ରୀ ମଧ୍ୟ ହାସଲ କଲ, ବ୍ୟବସାୟ ବାଣିଜ୍ୟ କରିବାର ରାସ୍ତା ମଧ୍ୟ ଖୋଲା ରହିଲା, ପୁଣି ବିପ୍ଳବ ମଧ୍ୟ କରି ଚାଲିଲ। ଯେତେବେଳେ ମନେହେଲା ପାର୍ଟି କାମରେ ସୁବିଧା ହେଉ ନାହିଁ, ସେତେବେଳେ ଚଟ୍‌କରି ପଛକୁ ଚାଲିବା ଆରମ୍ଭ କରିଦେଲ। କାରଣ, ସେହି ଯେଉଁ

ରାସ୍ତାଟା ତୁମେ ଖୋଲା ରଖିଥିଲ । ଯେମିତି ସୌମେନ ଠାକୁର ରାଜନୀତି କରନ୍ତି । ଏହି ସଂସ୍କୃତି ନେଇ ସେ ମହାନନ୍ଦରେ ଅଛନ୍ତି । ସେ ଏହି ଆନନ୍ଦରେ ରହିପାରି ନଥାନ୍ତେ ଯଦି ଠାକୁରବାଡ଼ିର ସମସ୍ତ କିଛି-ତାଙ୍କ ସ୍ତ୍ରୀଙ୍କର ସମ୍ପତ୍ତି,ବ୍ୟବସାୟ, କଳକାରଖାନା ଏବଂ ଘରଟା ପର୍ଯ୍ୟନ୍ତ ବିପ୍ଳବର ହାତରେ ଟେକି ଦେଇ ନିଃସ୍ୱ ହୋଇ କର୍ମୀମାନଙ୍କ ସହିତ ବସ୍ତିରେ ବା କମ୍ୟୁନରେ ନଚେତ୍ ମେସ୍‌ରେ ଆସି ରହିଥାନ୍ତେ । ଯଦି ଟଙ୍କା ପଇସା ନଥାନ୍ତା, ଆଉ ଏହି back ground (ପୃଷ୍ଠଭୂମି) ଯଦି ତିଆରି କରି ରଖିନଥାନ୍ତେ, ତା'ହେଲେ ଏହି ସଂସ୍କୃତିପୂର୍ଣ୍ଣ ସାହିତ୍ୟିକ ଜୀବନଯାପନ କରିବା କଣ ସମ୍ଭବ ହୋଇଥାନ୍ତା ? ତା' revolutionary communist party (ବିପ୍ଳବୀ କମ୍ୟୁନିଷ୍ଟ ପାର୍ଟି) ନହେଲା ତ କଣ ହେଲା ? ରବୀନ୍ଦ୍ରନାଥଙ୍କ ନାଁ ନେଇ ବକ୍ତୃତା ଦିଆଯାଇପାରେ । ଜୀବନତମାମ ତାହା ହିଁ କରିଯାଇଛନ୍ତି । ଏହି ରାସ୍ତାଟି ଖୋଲା ରଖି ବିପ୍ଳବୀ ହୋଇ ତୁମେ ଆରମ୍ଭରୁ ହିଁ ଫାଙ୍କି ରଖିଛ । ବିପ୍ଳବ ଠାରୁ ବଡ଼ କିଛି ନାହିଁ ଏବଂ ତୁମେ ତ ଏହିଭଳି ବିପ୍ଳବୀ ନୁହଁ, ଯିଏ କେବଳ ବିପ୍ଳବକୁ ସମର୍ଥନ କରେ । You dare to be the leader of the revolution, symbolical expression of the revolution like Lenin (ତୁମେ ବିପ୍ଳବର ନେତା ହେବା ପାଇଁ ଲେନିନ୍‌ଙ୍କ ଭଳି ବିପ୍ଳବର ପ୍ରତିକାତ୍ମକ ପରିପ୍ରକାଶ ହେବା ପାଇଁ ସାହସ କରିଛ) । ତୁମେ ପାର୍ଟିର ନେତା, ପାର୍ଟିକୁ ଚଳାଇବ । ତୁମେ ତୁମର ସର୍ବସ୍ୱ, ବ୍ୟକ୍ତିଗତ ସମ୍ପତ୍ତି, କ୍ୟାରିୟର ସମସ୍ତ କିଛି ନିର୍ଦ୍ୱିଧାରେ ବିପ୍ଳବ ହାତରେ ଟେକି ଦେଇ ନାହଁ କାହିଁକି ? ଭୟ କାହାକୁ ? ନା, ବିପ୍ଳବ ଯଦି ଶେଷ ପର୍ଯ୍ୟନ୍ତ ନହୁଏ, ମୁଁ ଶେଷରେ ଭିକ୍ଷା କରି ଖାଇବି ନା କଣ ? ବିପ୍ଳବ ହେଲେ ଭଲ, ତାହେଲେ ମୁଁ ଏହାକୁ ନେତୃତ୍ୱ ଦେବି । ଭାଷଣ ଦେବାକୁ ପଡ଼େ, ଜେଲ ଯିବାକୁ ପଡ଼େ ସେଥିରେ କୌଣସି ଅସୁବିଧା ନାହିଁ । ମାତ୍ର ବିପ୍ଳବ ଯଦି ନହୁଏ, ସେତେବେଳେ ? ସେତେବେଳେ ତ ମହାମୁସ୍କିଲ । ସେଥିପାଇଁ ଏହା ଥାଉ । ବିପ୍ଳବ ନହେଲେ ମୋର ସେତେବେଳେ ମୋଟାମୋଟି ଏକ ସଂସ୍କୃତିପୂର୍ଣ୍ଣ ଜୀବନଯାପନ କରିବାର ରାସ୍ତା ଖୋଲା ରହିଲା । ଏହି ଯେ ଫାଙ୍କି- ବିଭିନ୍ନ ନେତାମାନଙ୍କର ଜୀବନରେ ଫାଙ୍କି, ନେତାମାନଙ୍କର ଜୀବନଯାତ୍ରା, ବ୍ୟକ୍ତିଗତ ସମ୍ପତ୍ତିର privacy (ଗୋପନୀୟତା) ପାର୍ଟି ଠାରୁ ଅଲଗା, ବିପ୍ଳବ ଠାରୁ ଅଲଗା ଏକ ଗୋପନୀୟତା ସେମାନେ ରଖିଛନ୍ତି । ଏହିଠାରେ ମୋର ଆପତ୍ତି । ସେମାନେ କିଭଳି ରୁହନ୍ତି ତାକୁ ନେଇ ମୋର କୌଣସି ମୁଣ୍ଡ ବିନ୍ଧା ନାହିଁ । ନିଜର ପରିବାରକୁ ସେମାନେ ପ୍ରଭାବିତ କରନ୍ତି ନାହିଁ, ଏହାକୁ ନେଇ ମୋର ଆପତ୍ତି । ଯେଉଁ କାରଣରୁ ଭାରତବର୍ଷର ବିପ୍ଳବୀ ଆନ୍ଦୋଳନ, କମ୍ୟୁନିଷ୍ଟ ଆନ୍ଦୋଳନ ଏତେ ଦୁର୍ବଳ । ଆପଣମାନେ ଦେଖିବାକୁ ପାଇବେ, ଯେଉଁମାନେ ବିପ୍ଳବୀ ହେବାକୁ ଚାହାଁନ୍ତି ସେମାନଙ୍କର ଜୀବନକୁ ଯଦି ପର୍ଯ୍ୟାଲୋଚନା କରିବେ ତାହେଲେ

ଦେଖିବେ, ହୁଏତ ସେମାନେ ପରିବାରକୁ ପ୍ରଭାବିତ କରିଛନ୍ତି ନଚେତ୍ ସେମାନଙ୍କର ପରିବାର ସହିତ ବେଦନାଦାୟକ ସଂଘର୍ଷ ଅନିବାର୍ଯ୍ୟ ହୋଇଛି। ଦୁଇଟି ମଧ୍ୟରୁ ଗୋଟିଏ ରାସ୍ତା ବ୍ୟତୀତ ଅନ୍ୟ କିଛି ନଥିଲା। ହୁଏତ ସେମାନେ ପରିବାରକୁ ବିପ୍ଳବର ଦିଗରେ ପ୍ରଭାବିତ କରିଛନ୍ତି- ଯେମିତିଭାବେ ହେଉ, ଯେଉଁ ରାସ୍ତାରେ ହେଉ ବିପ୍ଳବର ଅନୁଗାମୀ କରିପାରିଛନ୍ତି, ନଚେତ୍ ପରିବାର ସହିତ ବିଚ୍ଛେଦ ହୋଇଛି। ପରିବାର ସହିତ ସଂଘର୍ଷ ହୋଇଛି। ସେମାନେ ଆପୋଷ coexistance (ସହାବସ୍ଥାନ)ର ରାସ୍ତା ଆବିଷ୍କାର କରି ନାହାନ୍ତି। ମାତ୍ର ଭାରତବର୍ଷର ଏହି ସମସ୍ତ ବଡ଼ ବଡ଼ ବିପ୍ଳବୀ କମ୍ୟୁନିଷ୍ଟ( !) ନେତାମାନଙ୍କର ଜୀବନ କଣ ? ବାହାରର ସମସ୍ତ ପୁଅ ଝିଅମାନଙ୍କୁ କହୁଛନ୍ତି ବିପ୍ଳବୀ ହେବା ଠାରୁ ବଡ଼ ଆଉ କିଛି ନାହିଁ, ଆଉ ନିଜର ଝିଅକୁ କୁହନ୍ତି ପାର୍ଟିର ପୁଅମାନଙ୍କ ସହିତ ମିଶ ନାହିଁ, ତା'ହେଲେ ଚରିତ୍ର ଖରାପ ହୋଇ ଯାଇପାରେ। ପୁଣି ପାର୍ଟିର ପିଲାମାନଙ୍କୁ କୁହନ୍ତି, କମ୍ୟୁନିଷ୍ଟ ହେବା ହିଁ ସବୁଠାରୁ ବଡ଼ କାମ। ପୁଣି ଅନ୍ୟଦିଗରେ ଭୟ, କିଏ ଜାଣେ, ଝିଅ ଯଦି ବସ୍ତିର ବିଚିତ୍ର ପିଲା ସହିତ ପ୍ରେମ୍ କରି ବସେ। ସେତେବେଳେ ମୁଁ ଜଣେ କମ୍ୟୁନିଷ୍ଟ ନେତା ହୋଇ କହିପାରିବି ନାହିଁ ଯେ, କାହିଁକି ଏକ ବସ୍ତିର ପିଲାକୁ ବାହା ହେଉଛି, ମହା ବିପଦ। ତେଣୁ ଝିଅକୁ କହିବି, ପ୍ରଥମେ ଲେଖାପଢା ଶିଖ, ବର୍ତ୍ତମାନ ତୁମର ପାର୍ଟି କରିବାର ସମୟ ହୋଇନାହିଁ। ତୁମର ଯେତେବେଳେ ବୁଦ୍ଧିଶୁଦ୍ଧି ହେବ, ସେତେବେଳେ ତୁମେ ପାର୍ଟି କରିବ। ତା'ପରେ ବଡ଼ ହେବା ସଙ୍ଗେ ସଙ୍ଗେ ଦେଖାଦେଖି କରି କେଉଁଠି ବାହା ଦେଇ ଦେଲେ। ବାସ୍, ଝିଅର ବାହାଘର ହୋଇଗଲା, ତୁମେ ନିଶ୍ଚିନ୍ତ। ପୁଅକୁ କନ୍‌ଭେଣ୍ଟରେ ରଖି ପଢ଼ାଉଛନ୍ତି ବା ଏହିଭଳି ଗୋଟାଏ କିଛି କରୁଛନ୍ତି। ଆଉ ସାଧାରଣ ଲୋକଙ୍କ ମଧ୍ୟକୁ ଯାଇ ଭାଷଣ ଦେଉଛନ୍ତି। ଏହିସବୁ ପାର୍ଟିଗୁଡ଼ିକରେ ଯେ ଜଣେ ଦୁଇଜଣ ବ୍ୟତିକ୍ରମ ନାହାନ୍ତି, ତା' ନୁହେଁ। ମାତ୍ର ବ୍ୟତିକ୍ରମ ତ ଆଲୋଚନାର ବିଷୟ ନୁହେଁ- ଏହା ଏକ ଧାରା। ନେତୃତ୍ୱର ଏହା ଧାରା। ସେଠି କର୍ମୀମାନଙ୍କ ମଧ୍ୟରେ, ଦେଶର ଲୋକମାନଙ୍କ ମଧ୍ୟରେ କମ୍ୟୁନିଜିମ୍ ଆଦର୍ଶ ନାମରେ ଏହିଭଳି ଛଳନାପୂର୍ଣ୍ଣ ମନୋଭାବ ଆସିବ ନାହିଁ କାହିଁକି ?

କାରଣ ମାର୍କ୍ସବାଦୀମାନଙ୍କର ତ ଜାଣିବାର କଥା, ସମସ୍ତ ତାତ୍ତ୍ୱିକମାନଙ୍କର ଖୁବ ଭଲଭାବରେ ଜାଣିବା ଉଚିତ୍, ସଂସ୍କୃତି ଓ ଚରିତ୍ର ଉପରେ ମଣିଷର ଆବେଗପୂର୍ଣ୍ଣ ଦିଗର ବିରାଟ ପ୍ରଭାବ ପଡ଼େ। ଯେତେ ସମୟ ପର୍ଯ୍ୟନ୍ତ ମଣିଷ ବୁଦ୍ଧିଗ୍ରାହ୍ୟ ବିଷୟଗୁଡ଼ିକୁ ରସ ଓ ଆବେଗ ରୂପରେ ଚରିତ୍ରରେ ଗ୍ରହଣ ନକରିଛି, ସେତେ ସମୟ ଯାଏଁ ବୁଦ୍ଧି ଦ୍ୱାରା ଆହରିତ ବିଷୟ ଚରତ୍ରକୁ ପ୍ରଭାବିତ କରେନା। ଏଗୁଡ଼ିକ ବାହାରେ surface level (ଉପର ସ୍ତର)ରେ ସଜା ହୋଇଥାଏ। ଏସବୁ ଲେଖାଲେଖି ପାଇଁ, ବକ୍ତୃତା ଦେବା ପାଇଁ, କହିବା ପାଇଁ ଥାଏ। ଚରିତ୍ରକୁ ତା' ପ୍ରଭାବିତ କରେନା। ବଡ଼ କଥାଗୁଡ଼ିକୁ

ଯେତେ ଆୟତ୍ତ କରିଥାଉ ନା କାହିଁକି, ସେତେବେଳେ ହିଁ ତା' ମୋତେ ପ୍ରଭାବିତ କରିବ, ମୋର ଜୀବନକୁ ବଦଳାଇ ଦେବ ଯେତେବେଳେ ଏହା ଆବେଗ, ରସ ଜରିଆରେ ମୋ ମଧ୍ୟରେ ପ୍ରବେଶ କରି ମୋତେ ବଦଳାଇ ଦେବ। ତା'ହେଲେ emotional vehicle ହେଉଛି ଅତ୍ୟନ୍ତ ଶକ୍ତିଶାଳୀ। ସ୍ନେହ-ପ୍ରେମ-ପ୍ରୀତି-ଭଲପାଇବା, ମାନ-ଅଭିମାନ-ଏଗୁଡ଼ିକ ସବୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ବଡ଼ ବିଷୟ। ଏ ଯେମିତି ମଣିଷକୁ ବଡ଼ କରିବାରେ, ମହତ କରିବାରେ ସାହାଯ୍ୟ କରେ, ପୁଣି ଏହା ମଣିଷକୁ ଏକେବାରେ ନିମ୍ନଗାମୀ କରି ଅଧଃପତିତ କରିବା ରାସ୍ତାକୁ ନେଇ ଯାଏ। ଏହା ଯେମିତି ଗୋଟିଏ ଦିଗରେ ସ୍ୱର୍ଗର ଦ୍ୱାର, ପୁଣି ଅନ୍ୟଦିଗରେ, ନବୁଝି ଅନ୍ଧଭଳି ଅନୁସରଣ କଲେ ଏହା ହୋଇଯାଏ ନରକର ଦ୍ୱାର। ଏହା ହିଁ ତ ଏକମାତ୍ର ରାସ୍ତା, ସମସ୍ତ ଜ୍ଞାନୀଙ୍କର ହିଁ ତ ଜାଣିବା ଉଚିତ୍। ତା'ହେଲେ ମୋ ସହିତ ବନ୍ଧୁତ୍ୱ, ହୃଦୟାବେଗ, ମୋ ସହିତ ଯୌନ ସମ୍ପର୍କ, ପ୍ରେମ-ପ୍ରୀତି ଭଲପାଇବା ସମ୍ପର୍କର ଆଦାନ ପ୍ରଦାନର ଅର୍ଥ ହେଲା ମୋ ମଧ୍ୟରେ ଥିବା ବିପ୍ଳବୀ ସଂସ୍କୃତିର ଭାବନାଧାରଣା, ରୁଚି-ରସବୋଧ ଏଗୁଡ଼ିକ ଏହି ଆଦାନପ୍ରଦାନ ମଧ୍ୟଦେଇ ବୁଦ୍ଧିକୁ ଅତିକ୍ରମ କରି ତା'ମଧ୍ୟରେ ଯାଇ ପହଞ୍ଚିବ। ଏଥିପାଇଁ ବୁଦ୍ଧିର ତ ଦରକାର ନାହିଁ, ବୁଦ୍ଧି ପାଇଁ ତ ଯୁକ୍ତି କରୁଛି, ବୁଝାଉଛି, ବହି ପଢ଼ାଉଛି। କିନ୍ତୁ ଏହି ମିଳାମିଶା, ଆଦାନ-ପ୍ରଦାନ, ଡାୟଲଗ ମଧ୍ୟଦେଇ, ରସ ବିନିମୟ ମଧ୍ୟଦେଇ ହୁଏତ ମୋର ରସ, ମୋର ମନୋଭାବନା, ସଂସ୍କୃତି, ରୁଚି ଅନ୍ୟମାନଙ୍କୁ ପ୍ରଭାବିତ କରିବ; ଆଉ ତା' ନହେଲେ ବୁଝି ହେଉ ବା ନବୁଝି ହେଉ, ମୁଁ ବୁଦ୍ଧି ଦ୍ୱାରା ସ୍ୱୀକାର କରେ ବା ନକରେ, ମୋର ଅଜ୍ଞାତସାରରେ ହିଁ କ୍ଷୟିଷ୍ଣୁ ସମାଜର ଯେଉଁ ଦୃଷ୍ଟିଭଙ୍ଗୀ, ରୁଚି, ମାନସିକତା, ସ୍ନେହର ଧାରଣା, ରସବୋଧ ସେମାନଙ୍କ ମଧ୍ୟରେ ରହିଛି, ଯା' ସହିତ ମୋର ଏହି କାରବାର, ସେ ମୋର ସ୍ତ୍ରୀ ହୁଅନ୍ତୁ, ଭାଇ-ଭଉଣୀ ହୁଅନ୍ତୁ, ଯେଉଁଗୁଡ଼ିକ ତାଙ୍କ ଚରିତ୍ର ମଧ୍ୟରେ, ନୀତି ନୈତିକତାର ଧାରଣା ମଧ୍ୟରେ ଖାଦ ହୋଇ ମିଶିଥାଏ, ମୁଁ ତା'ଦ୍ୱାରା ପ୍ରଭାବିତ ହେବି। ଫଳରେ ହୁଏତ ମୁଁ ପ୍ରଭାବିତ କରିବି, ନଚେତ୍ ସେମାନେ ମୋତେ ପ୍ରଭାବିତ କରିବେ। କେହି କାହାରିକୁ ପ୍ରଭାବିତ କରିବେ ନାହିଁ, ଏଭଳି ହୁଏ ନାହିଁ। ଆଉ କେହି କାହାରିକୁ ପ୍ରଭାବିତ କରି ପାରିଲୁ ନାହିଁ- ଏହାର ଅର୍ଥ ହେଲା struggle ଏବଂ conflict (ସଂଗ୍ରାମ ଓ ସଂଘାତ)ରୁ ଦୁଇଜଣ ହିଁ ଦୂରରେ ରହିଲୁ। ସମ୍ପର୍କ ଅଛି, ଆବେଗ ଅଛି, ମାନ ଅଭିମାନ ମଧ୍ୟ ଅଛି, ଝଗଡ଼ା ଅଛି, ଆପୋଷରେ ମେଳ ମଧ୍ୟ ରହିଛି ଅଥଚ, ମୁଁ ବି ତାଙ୍କୁ ପ୍ରଭାବିତ କରୁ ନାହିଁ, ସେ ମଧ୍ୟ ମୋତେ ପ୍ରଭାବିତ କରୁ ନାହିଁ- ଏହା କଣ ବିଜ୍ଞାନ ହୋଇପାରେ ? ଏହାର ଅର୍ଥ ହେଲା, ମୁଁ ପ୍ରଭାବିତ କରିପାରୁ ନାହିଁ ମାନେ ସେ ବି ମୋତେ ପ୍ରଭାବିତ କରିପାରୁ ନାହିଁ, ତା' ନୁହେଁ। ମୁଁ ପ୍ରଭାବିତ କରି ପାରୁ ନାହିଁ, ସେ ନିଶ୍ଚୟ ମୋତେ ପ୍ରଭାବିତ କରୁଛି। କିଭଳି କରୁଛି ? ସ୍ଥୂଳ ଅର୍ଥରେ ମଣିଷ ଆଖିରେ ଧରା ନପଡ଼ିଲେ

ମଧ୍ୟ critical observation (ସୂକ୍ଷ୍ମ ବିଚାର)ରେ- in influencing my intellectual faculty (ମୋର ବୌଦ୍ଧିକତାକୁ ପ୍ରଭାବିତ କରୁଛି)- ଏହା କାର୍ଯ୍ୟ କରେ। ତେବେ ଜଣଙ୍କର ବିଦ୍ୟାବୁଦ୍ଧି ଓ ଇଣ୍ଟେଲେକ୍‌ଚୁଆଲ ଫାକଲଟି ହଜାର ଗୁଣ ଶକ୍ତିଶାଳୀ ହେଲେ ମଧ୍ୟ କାହିଁକି ସେ ସେମିତି କ୍ଷୁରଧାରସମ୍ପନ୍ନ ହୁଅନ୍ତି ନାହିଁ- ବହୁ ସମୟରେ ଆମେ ତା' ବୁଝିପାରୁନା। ଏଗୁଡ଼ିକ ହିଁ ତା'ର କାରଣ। ଅତି ସାଧାରଣ କଥା ଲକ୍ଷ୍ୟ କରା ଯାଏ ଯେ, ଜଣେ ବ୍ୟକ୍ତି ଯାହାଙ୍କର ତ୍ୟାଗର ଅଭାବ ନାହିଁ, ନିଷ୍ଠା, ପଦ୍ଧତି ଓ ଶୃଙ୍ଖଳାର ଅଭାବ ନାହିଁ, ଯିଏ ସଚେତନ ମାନସିକ କ୍ରିୟା ଦିଗରୁ କଠିନ୍ ପରିଶ୍ରମୀ, ଯାହାଙ୍କର ଇଣ୍ଟେଲେକ୍‌ଚୁଆଲ ଲେଵେଲ ଏକ ମୋଟାମୋଟି ସ୍ତରର, ବିଲୋ ଲେଵେଲର ନୁହେଁ- ଯାହାଙ୍କ ମଧ୍ୟରେ ଏହି ଗୁଣାବଳୀଗୁଡ଼ିକ ମଧ୍ୟରୁ କୌଣସିଟିର ହିଁ ଅଭାବ ନାହିଁ ଓ ଯେକୌଣସି ଉନ୍ନତ ସ୍ତରକୁ ଯିବା ଭଳି standard ତାଙ୍କର ରହିଛି; ହେଲେ ତାଙ୍କ ମଧ୍ୟରେ ସୂକ୍ଷ୍ମ ବିଚାର ଗଢ଼ି ଉଠୁ ନାହିଁ। ଅସଲରେ ସୂକ୍ଷ୍ମ ଅର୍ଥରେ ସେ କ୍ଷତି କରୁଛନ୍ତି। ସେ ସ୍ଥୁଳ ଅର୍ଥରେ କ୍ଷତି ରୋକି ପାରିଛନ୍ତି, କିନ୍ତୁ ତାଙ୍କର ଚିନ୍ତା ପ୍ରକ୍ରିୟାର ଅବନତିକୁ ରୋକି ପାରି ନାହାନ୍ତି। କେଉଁଠି ଏବଂ କାହିଁକି intellectual puzzle (ବୌଦ୍ଧିକ ବିଭ୍ରାନ୍ତି)ସୃଷ୍ଟି ହେଉଛି ତା' ଧରିପାରୁ ନାହାନ୍ତି ଏବଂ ରୋକି ପାରୁ ନାହାନ୍ତି। ମୋର ବୁଦ୍ଧି ମଧ୍ୟରେ, ମୋର ବୌଦ୍ଧିକ କ୍ଷମତା ମଧ୍ୟରେ, ମୋର ସାଂସ୍କୃତିକ ଏବଂ ନୈତିକ ମାନର ବିକାଶ କରିବା କ୍ଷେତ୍ରରେ ଏହା ବିରାଟ ବାଧା ସୃଷ୍ଟି କରୁଛି। ମାତ୍ର ଚିରକାଳ ମୁଁ ଲଢେଇ କରିଛି, ଜନସାଧାରଣଙ୍କ ମଧ୍ୟରେ ରହିଛି, ବିପ୍ଳବ ମଧ୍ୟକୁ ଆସିଛି ବୋଲି ଯେ ମୋର ଅଧଃପତନ ହେବ ନାହିଁ- ତା' ନୁହେଁ। ପୁଣି ଅଧଃପତନ ହେଲେ ଏକ ସହଜ ଯୁକ୍ତି ମାର୍କ୍ସବାଦୀମାନେ ଦେଇଥାନ୍ତି, No man is infallible(କୌଣସି ବ୍ୟକ୍ତି ଅଧଃପତନର ଉର୍ଦ୍ଧ୍ୱରେ ନୁହଁନ୍ତି)। ଯେକୌଣସି ଲୋକର ପତନ ହୋଇପାରେ। ସୁତରାଂ, ଲିଓ ଶାଓ-ଚିଙ୍କର ମଧ୍ୟ ପତନ ହୋଇଥିଲା, ଏହା ମଧ୍ୟରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ମାତ୍ର, ଜୀବନତମାମ ବିପ୍ଳବ ମଧ୍ୟରେ ଥିବା ସତ୍ତ୍ୱେ ବି ପତନ କାହିଁକି ହେଲା, ଭାବିଛ କି ? ବହୁ ଦିନ ଟ୍ରଟସ୍କି ବିପ୍ଳବୀ ଆନ୍ଦୋଳନରେ ରହିଛନ୍ତି, ବୁଖାରିନ୍, ଲିଉ-ଶାଓ-ଚି ଭଳି ନେତାମାନେ ଦୀର୍ଘ ଦିନ ବିପ୍ଳବୀ କର୍ମକାଣ୍ଡରେ ରହିଛନ୍ତି। ଏ କଥା ତ କହିପାରିବେ ନାହିଁ ଯେ, ଚିରକାଳ ଏମାନେ ବିପ୍ଳବ କାମରେ ଫାଙ୍କି ଦେଇଛନ୍ତି। ଲଢିଛନ୍ତି, ପାର୍ଟିର ଶୀର୍ଷ ସ୍ତରକୁ ଆସିଛନ୍ତି। ସବୁ ସମୟରେ ପାର୍ଟିକୁ ନେଇ ହିଁ ମୁଣ୍ଡ ଖେଳାଇଛନ୍ତି, ସଂଗ୍ରାମକୁ ନେଇ ମୁଣ୍ଡ ଖେଳାଇଛନ୍ତି, ସମ୍ମୁଖଭାଗରେ ରହି ହାତକଲମରେ ସଂଗ୍ରାମ କରିଛନ୍ତି, ତଥାପି ସେମାନଙ୍କର ଏହି ପତନ ହେଲା କାହିଁକି ? ଏହା କଣ ଦୁର୍ଘଟଣା ? କୌଣସି ଅଜଣା ଫ୍ୟାକ୍ଟର ଗୋଟିଏ ବାହାରୁ ଆସି ସେମାନଙ୍କୁ ଏହିଭଳି କରିଦେଇଛି- ଏହା ତ mysticism(ରହସ୍ୟବାଦ)। କେତେଗୁଡ଼ିଏ ବିଷୟକୁ ଏମାନେ care(ନଜର ଦେଇ

ନାହାନ୍ତି) କରି ନାହାନ୍ତି। ଯାହାଫଳରେ ଧିରେ ଧିରେ କ୍ଷତି ବଢ଼ି ବଢ଼ି ଚାଲେ ଏବଂ ଯେକୌଣସି ଏକ ସମୟରେ ତା'ର ପରିପ୍ରକାଶ ହୁଏ। ସେଥିପାଇଁ ଦିନେ ଯିଏ ବିପ୍ଳବୀ ଥିଲେ ସେ revisionist (ସଂଶୋଧନବାଦୀ) ହୋଇ ପଡ଼ନ୍ତି–ଚିନ୍ତା କ୍ଷେତ୍ରରେ ବିକୃତ, ଧିକୃତ ଓ ପରିତ୍ୟକ୍ତ ହୋଇଯାଆନ୍ତି। ଗୋଟିଏ ସମୟର ଜଣେ ardent fighter of Marxism(ଜଣେ ଦୁର୍ଦ୍ଧର୍ଷ ମାର୍କ୍ସବାଦୀ) ସାଇବାବାଙ୍କର ଚେଲା ହୋଇଯାଆନ୍ତି। ଆଜିକାଲି ଏହି କମ୍ୟୁନିଷ୍ଟ ଓ ସୋସାଲିଷ୍ଟ ପାର୍ଟି ଭିତରେ କେତେକ ସାଇବାବାଙ୍କର ଚେଲା ମଧ୍ୟ ହୋଇଛନ୍ତି। ଯାଙ୍କର କାଳେ ହାତ–ନାକ–ଆଖି ଦେଇ ବିଭୁତି ବାହାରେ। ଆଉ ଏହି ସମସ୍ତ କମ୍ୟୁନିଷ୍ଟମାନେ ତାଙ୍କର ଚେଲା ହୋଇଛନ୍ତି।

## ପାର୍ଟି କାହାକୁ ବିପ୍ଳବୀ ବନେଇ ଦେଇ ପାରେନା

ବର୍ତ୍ତମାନ ମୋତେ ପ୍ରଥମେ ଆସିଥିବା ପ୍ରଶ୍ନଗୁଡ଼ିକୁ ନେଇ ପୁନର୍ବାର ଆଲୋଚନା କରିବାକୁ ହେଉଛି। କାରଣ, କିଛି clarification (ସ୍ୱଷ୍ଟୀକରଣ) ପାଇଁ ପ୍ରଶ୍ନ ଆସିଛି। ଆମ ଅଧିକାଂଶ କର୍ମୀଙ୍କର ଚେତନାର ମାନ କେଉଁ ସ୍ତରରେ ଅଛି ତା' ଏହି ସ୍ୱଷ୍ଟୀକରଣ ଚାହିଁବାରୁ ମଧ୍ୟ ସୂଚନା ମିଳୁଛି। ମୁଁ କହିବାକୁ ଚାହେଁ, ଆମ କର୍ମୀମାନଙ୍କର ବହୁ ଗୁଣ ଥାଇ ପାରେ, ଚେତନାର ସ୍ତର ମଧ୍ୟ କିଛି ମାତ୍ରାରେ ଉନ୍ନତ ଥାଇ ପାରେ, ମାତ୍ର ଆମେ ରାଜନୈତିକ ଆନ୍ଦୋଳନ କରିବାକୁଯାଇ, ସଂଗ୍ରାମ କରିବାକୁ ଯାଇ, ପାର୍ଟିର ଅଭିବୃଦ୍ଧି ଘଟାଇବାକୁ ଯାଇ, ଜନସାଧାରଣଙ୍କ ଆନ୍ଦୋଳନରେ ନେତୃତ୍ୱକାରୀ ଭୂମିକା ପାଳନ କରିବାକୁ ଯାଇ, ଆମ ସମ୍ମୁଖରେ ଯେଉଁ ସବୁ ସମସ୍ୟାଗୁଡ଼ିକ ସଂଗଠନଗତ ଓ ରାଜନୈତିକଭାବେ ଦେଖାଦେଇଛି, ସେହି ସମସ୍ୟାଗୁଡ଼ିକୁ ମୁକାବିଲା କରିବାର ଯୋଗ୍ୟତା ଅର୍ଥରେ ଆମ କର୍ମୀମାନଙ୍କର ଯୋଗ୍ୟତା, ଚେତନା ଏବଂ କର୍ମଶକ୍ତି କେଉଁ ସ୍ତରରେ ରହିଛି– ଏହା ହେବ ଆମ ନିକଟରେ ବିଚାର୍ଯ୍ୟ ବିଷୟ। ପ୍ରକୃତ ପ୍ରଶ୍ନ ହେଉଛି, ଆମେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ମୁକାବିଲା କରି ପାରୁଛୁ କି ନାହିଁ। ଏହି ପାରିବା କ୍ଷେତ୍ରରେ ସଙ୍ଗେ ସଙ୍ଗେ ଜଣେ କହିଲେ ଯେ, କର୍ମୀମାନଙ୍କୁ ଯୋଗ୍ୟ କରି ଗଢ଼ି ତୋଳିବା ପାଇଁ ପାର୍ଟି ଓ ନେତାମାନଙ୍କର ମଧ୍ୟ କର୍ତ୍ତବ୍ୟ ରହିଛି। ହଁ, ରହିଛି ବୋଲି ତ ଦଳ ମଧ୍ୟରେ ବହୁ କର୍ମୀ ତିଆରି ହେଉଛନ୍ତି। ମାତ୍ର ପାର୍ଟି ତୁମକୁ ଗଢ଼ି ଦେଇ ପାରିବ ନାହିଁ। କୌଣସି ଲୋକଙ୍କୁ ମଧ୍ୟ ବିପ୍ଳବୀ ବନେଇ ଦେଇ ପାରିବ ନାହିଁ। ଯିଏ ବିପ୍ଳବୀ ହେବା ପାଇଁ ଚେଷ୍ଟା କରନ୍ତି, ପାର୍ଟି ତାଙ୍କୁ ସାହାଯ୍ୟ କରିପାରେ। ବିପ୍ଳବୀ ହେବା ପାଇଁ ଯିଏ ସଂଗ୍ରାମ କରିବେ, ସେ ନିଜର ରାଜନୈତିକ ଚେତନା ବଢାଇବେ, ନିଜର ଚରିତ୍ରକୁ ସେହି ଅନୁଯାୟୀ ଗଢ଼ି ତୋଳିବେ ଏବଂ ଜନଗଣଙ୍କ ମଧ୍ୟରେ ରହି ନିଜର କର୍ମ ରୀତିକୁ ବିରାମହୀନ ଭାବରେ ଉନ୍ନତ କରିବା ନିମନ୍ତେ କ୍ରମାଗତ କାମ କରିବେ, ରାଜନୈତିକ ଚର୍ଚ୍ଚା, ଆଳାପ–ଆଲୋଚନା ମଧ୍ୟଦେଇ

ନିଜକୁ ଉନ୍ନତ କରିବାକୁ ଚେଷ୍ଟା କରିବେ। ଦଳ ତାଙ୍କୁ ନେତୃତ୍ୱ ଦେଇ, ପରାମର୍ଶ ଦେଇ ସାହାଯ୍ୟ କରିପାରେ। ମାତ୍ର ଦଳ ଗାଇଡେନ୍ସ ଦେଉ, ପରାମର୍ଶ ଦେଉ, ଯାହା କିଛି କରୁ, ଯେଉଁ କର୍ମୀ କାମ ମଧ୍ୟରେ ନିଜକୁ ଏକାତ୍ମ କରି ବିପ୍ଳବୀ ସଂଗ୍ରାମ ଏବଂ ଜନଗଣଙ୍କ ମଧ୍ୟରେ ମନପ୍ରାଣ ଦେଇ ପ୍ରବେଶ କଲେ ନାହିଁ- ପାର୍ଟି ତାଙ୍କୁ ସାହାଯ୍ୟ କଲେ ମଧ୍ୟ ସେ ଗଢ଼ି ଉଠି ପାରିବେ ନାହିଁ। ଜନଗଣଙ୍କ ସହିତ ରହି ଲଢୁ ଲଢୁ କୌଣସି କୌଣସି କର୍ମୀ ପାର୍ଟି ସହିତ ଏକାତ୍ମ ହୋଇ ପଡନ୍ତି। ପୁଣି ଅନେକ ସମୟରେ ଦେଖାଯାଏ, କେହି ଜନଗଣଙ୍କୁ ନେଇ ଲଢୁଛନ୍ତି, କିନ୍ତୁ ଶେଷପର୍ଯ୍ୟନ୍ତ ପାର୍ଟି ସହିତ ଏକାତ୍ମ ହୋଇ ପାରୁନାହାନ୍ତି। ଏଭଳି କ୍ଷେତ୍ରରେ କିନ୍ତୁ ଜନଗଣଙ୍କ ସହିତ ରହି ଏବଂ ଲଢ଼େଇ କରି ମଧ୍ୟ କିଛି ଲାଭ ହୁଏ ନାହିଁ। କିଛି ଦିନ ଲଢ଼ନ୍ତି, ତା'ପରେ ଜନଗଣଙ୍କ ନିକଟରୁ ବିଚ୍ଛିନ୍ନ ହୋଇଯାଆନ୍ତି। ଏହାକୁ ଜନତାଙ୍କ ମଧ୍ୟରେ ରହିବା ଏବଂ ଜନଗଣଙ୍କ ମଧ୍ୟରେ ଜଣେ ହୋଇଯିବା ବା ସେମାନଙ୍କର ନେତା ହେବା ବୁଝାଏ ନାହିଁ। ଯେମିତି ଜଣେ ପ୍ରଶ୍ନ କରିଛନ୍ତି, ଜନଗଣଙ୍କର ନେତା ହେବା କହିଲେ କଣ ବୁଝାଏ ? ନେତା ହେବା କହିଲେ ବୁଝାଏ, ଜନଗଣ ମୋତେ ରାଜନୀତି, ଚରିତ୍ର, କର୍ମ କ୍ଷମତା, ପରିକଳ୍ପନା ପ୍ରଭୃତି ପ୍ରଶ୍ନରେ ନେତା ଭୂମିକାରେ ପାଇବେ। ସେମାନେ ମୋତେ ଛାଡିବାକୁ ଚାହିଁଲେ ମଧ୍ୟ, ଏଡେଇ ଯିବାକୁ ଚାହିଁଲେ ମଧ୍ୟ ମୁଁ ସେମାନଙ୍କୁ ଛାଡୁ ନାହିଁ। ଆମ ଦେଶରେ ଯେଉଁ ପ୍ରବାଦ ଅଛି, ହିନ୍ଦୁସ୍ଥାନୀ ପ୍ରବାଦ- କମଲି ନେଇ ଛୋଡ଼ତା, ମୁଁ ଛାଡ଼ି ଦେବାକୁ ଚାହିଁଲେ ମଧ୍ୟ କମଲି ଛାଡ଼େ ନା, ସେ ଧରି ବସିଥାଏ। ସେମାନେ ଦଶ ଜଣ ହୁଅନ୍ତୁ। ସେମାନେ କେଉଁ ଏକ ଛୋଟ କାରଖାନାର କେତେ ଜଣ ଶ୍ରମିକ ହୁଅନ୍ତୁ, କୌଣସି ଏକ ଗ୍ରାମର କିଛି ଚାଷୀ ବା କୌଣସି ଏକ ଅଞ୍ଚଳର ଅଳ୍ପ କିଛି ଲୋକ ଅଥବା କେଉଁ ଏକ ସାହିର ଅଳ୍ପ କେତେକ ଯୁବକ, କିଛି ପବ୍ଲିକ, କିଛି ଶ୍ରମିକ ଯେଉଁମାନଙ୍କ ସହିତ ମୋର ଖାଲି ବନ୍ଧୁତ୍ୱ ନାହିଁ, ଏମିତି ଏକ emotional attachment (ଆବେଗପୂର୍ଣ୍ଣ ସମ୍ପର୍କ) ଅଛି, ଯେଉଁମାନଙ୍କର ସମସ୍ତ କାମରେ ମୋର ଦରକାର ପଡ଼େ ଏବଂ ସେମାନେ ମୋତେ ନିଜର ଲୋକ ବୋଲି ମନେକରନ୍ତି। ପୁଣି ଏକା ସାଙ୍ଗରେ ସେମାନଙ୍କ ଠାରୁ ମୋତେ superior (ଶ୍ରେଷ୍ଠ) ବୋଲି ମନେକରନ୍ତି। କେବେ କେବେ ପ୍ରଥମେ ସମାଲୋଚନା କରନ୍ତି, ହୁଏତ ବିଦ୍ରୁପ ମଧ୍ୟ କରନ୍ତି, ପୁଣି ମୋର ପ୍ରଭାବକୁ ମଧ୍ୟ ଅସ୍ୱୀକାର କରିପାରନ୍ତି ନାହିଁ, କାରଣ ମୁଁ ଅସ୍ୱୀକାର କରିବାକୁ ଦେଉ ନାହିଁ। ଯେତେବେଳେ ମୁଁ ସେମାନଙ୍କର ଯଥାର୍ଥ ନେତା ହୋଇଗଲି, ସେତେବେଳେ ସେମାନଙ୍କ ପାଖରୁ ଭଲପାଇବା ଓ ଶ୍ରଦ୍ଧା ପାଇଲି। ବାସ୍ତବରେ ସେତେବେଳେ କିନ୍ତୁ ସେମାନେ ଆଉ ବିଦ୍ରୁପ ମଧ୍ୟ କରନ୍ତି ନାହିଁ, ସମାଲୋଚନା ବି କରନ୍ତି ନାହିଁ। ସେତେବେଳେ ସେମାନେ ମୋତେ ମାନି ଚାଲନ୍ତି। ଏହି ଯେଉଁ ସମାଲୋଚନା-ବିଦ୍ରୁପର ସ୍ତରଟି- ଏହା ହେଉଛି ମୋର ନେତା ହେବାର ସଂଗ୍ରାମର

ସ୍ତର। ମୋର ନେତା ହେବାର ସଂଗ୍ରାମର ପଥରେ ଏହା transitional phase, ଅନ୍ତବର୍ତ୍ତୀ ସମୟ। ଏହା ହେବ ବିପ୍ଳବୀ କ୍ୟାଡରମାନଙ୍କର ଜନଗଣଙ୍କ ସମ୍ପର୍କରେ ଦୃଷ୍ଟିଭଙ୍ଗୀ। ନେତୃତ୍ୱ କହିଲେ ମୁଁ ଏହାକୁ କହୁଛି।

ତା'ହେଲେ ସାଧାରଣତଃ ଯେଉଁ କାମ କର୍ମୀମାନଙ୍କ ଦ୍ୱାରା କରାଯାଏ, ତାହା ରୁଟିନ୍ ୱାର୍କ। ନେତାମାନେ ଯେଉଁ କାମ ଦେଉଛନ୍ତି କେବଳ ସେହି କାମ ହିଁ କରୁଛନ୍ତି, ନିଜେ କିଛି ସୃଷ୍ଟି କରୁ ନାହାନ୍ତି। ଅଥଚ ନେତୃତ୍ୱ ୨୪ ଘଣ୍ଟା କହୁଛି, ପାର୍ଟି କହୁଛି, କାମ ସୃଷ୍ଟି କରିବାକୁ ହେବ। ଏହା ତ ଦଳ ତୁମ ପାଇଁ ସୃଷ୍ଟି କରିଦେଇ ପାରେନା। ଏହି ଠାରେ ହିଁ ତ ପ୍ରତ୍ୟେକ ବିପ୍ଳବୀ କର୍ମୀର ସ୍ୱକୀୟ ବୈଶିଷ୍ଟ୍ୟ। ଗୋଟିଏ ହେଉଛି, ଦଳ ତାଙ୍କୁ ଯେତିକି କାମ ଦେଉଛି, ତା'ଠାରୁ ଅନେକ ବେଶୀ କାମ ସେ ପ୍ରତିଦିନ ତାଙ୍କର ଆଖପାଖର ଲୋକଙ୍କ ମଧ୍ୟରେ ସୃଷ୍ଟି କରୁଛନ୍ତି। ଏହିଠାରେ ହେଉଛି ବିପ୍ଳବୀ କର୍ମୀର ନିଜସ୍ୱ ବୈଶିଷ୍ଟ୍ୟ। ଆଉ ଗୋଟିଏ ହେଉଛି, ଦଳ କାମ ଦେଉ ନାହିଁ, ତେଣୁ କରୁ ନାହିଁ। ଏହାଫଳରେ କର୍ମୀମାନେ ଯେଉଁ କାମଗୁଡ଼ିକ କରନ୍ତି, ସେଗୁଡ଼ିକ ରୁଟିନ୍ କାମ, ଅର୍ଡର ମାଫିକ୍ କାମ, ସୃଷ୍ଟି କରିଥିବା କାମ ନୁହେଁ। କାମ ଯିଏ ସୃଷ୍ଟି କରିପାରେ ନାହିଁ, କାମର ଆନନ୍ଦ ମଧ୍ୟ ତାଙ୍କର ଅନେକାଂଶରେ ନଷ୍ଟ ହୋଇଯାଏ। ପ୍ରଥମ ଅବସ୍ଥାରେ ଉତ୍ସାହର ସହିତ ଆନନ୍ଦ ସହକାରେ ଦଳବଳ ନେଇ ସେ କାମଟି କରନ୍ତି। ପୁଣି ଏହା ମଧ୍ୟ ଦେଖାଯିବ, ଏକା ଏକା କରିବାକୁ ଗଲେ ତାଙ୍କର ସେହି ଆବେଗ ରହେନା। କମ୍ରେଡ୍‌ମାନେ ପ୍ରଶ୍ନ କରିଛନ୍ତି, ଆମେ ପ୍ରଥମେ ଆସି ଖୁବ୍ ଉତ୍ସାହର ସହିତ କାମ କରୁ। ଭାବି ଦେଖିଛନ୍ତି, ପ୍ରଥମେ ଆସି ଖୁବ୍ ଉତ୍ସାହର ସହିତ ସମସ୍ତଙ୍କ ସହିତ ମିଶି ଆପଣ ଯେଉଁ କାମ ଆରମ୍ଭ କଲେ, ଯଦି ଆପଣଙ୍କୁ ଦଳବଳରୁ ବିଛିନ୍ନ କରି ଏଭଳି ଏକ ସ୍ଥାନରେ ଏକା ଦାୟିତ୍ୱ ଦିଆଯାଇଥାନ୍ତା, ଯେଉଁଠି ଏଭଳି ବନ୍ଧୁବାନ୍ଧବ, ଦଳର କର୍ମୀ ଏବଂ ପାର୍ଟିର ଜମ୍‌ଜମାଟ୍ ଅବସ୍ଥା ନାହିଁ, ସେଠାରେ ପାର୍ଟିର କୌଣସି କାମ ନାହିଁ, ତା'ହେଲେ ଦେଖାଯିବ, ଦୁଇ ଦିନ ଭିତରେ ହିଁ ସେଠାରୁ ଚାଲି ଆସିବେ। ଲୋକ ଗହଳି, ବନ୍ଧୁବାନ୍ଧବ, ଦଳର କର୍ମୀମାନଙ୍କ ମଧ୍ୟରେ କାମ କରିବା କ୍ଷେତ୍ରରେ ଉତ୍ସାହରେ ଭଟ୍ଟା ପଡ଼ିବାକୁ ଯେତିକି ସମୟ ଲାଗେ, ଏହିଭଳି ଏକ ବିଛିନ୍ନ ଜାଗାକୁ ପଠାଇଲେ ଦୁଇ-ଚାରିଦିନ ବା ଦଶ-ବାର ଦିନ ଅଥବା ଏକ ମାସ ମଧ୍ୟରେ ତାଙ୍କ ଉତ୍ସାହରେ ଭଟ୍ଟା ପଡ଼ିଯିବ। ଏହାର ଅର୍ଥ କଣ ? ଏହାର ଅର୍ଥ ହେଉଛି, ରାଜନୈତିକ ଶିକ୍ଷା, ରାଜନୈତିକ ମତବାଦ ଯେଭଳିଭାବେ ଗ୍ରହଣ କରିବା ଦରକାର, ସେ ଯେତେବେଳେ ପ୍ରଥମେ ପାର୍ଟି ସହିତ ଯୁକ୍ତ ହେଲେ ସେତେବେଳେ ତାଙ୍କ ମଧ୍ୟରେ ସେମିତିଭାବେ ଗ୍ରହଣ କରିବାର ଉଦ୍ୟୋଗ ନଥାଏ। କିଛିଟା ଉପରଠାଉରିଆ ଭାବେ ଉପରେ ଉପରେ ଗ୍ରହଣ କରି ଥାନ୍ତି। ଆବେଗରେ ଆସନ୍ତି, ଯୁବକ ବୟସର ଶକ୍ତି କିଛିଟା ରୋମାଣ୍ଟିକ୍ ଉନ୍ମାଦନା, ତାଙ୍କ ମଧ୍ୟରେ କିଛିଟା ୟୁଟୋପିୟାନ୍ ଧାରଣା,

କଳ୍ପନା, କାମ କରେ; ତାଙ୍କ ମଧ୍ୟରେ ସେତେବେଳେ ବାସ୍ତବତା ସମ୍ବନ୍ଧରେ କୌଣସି ଧାରଣା ଗଢି ଉଠି ନଥାଏ। ମାତ୍ର ଜ୍ଞାନ ଯେତେ ବଢିଚାଲେ, ବିପ୍ଳବ ସମ୍ପର୍କରେ ସେତେ ସ୍ୱଚ୍ଛ ଧାରଣା ଗଢି ଉଠେ। ଏହା ଏକ କଠିନ ସଂଗ୍ରାମ। ଏହି ସଂଗ୍ରାମ ମଧ୍ୟରେ ଘାତ ପ୍ରତିଘାତ, ସଫଳତା-ବିଫଳତା ଅଛି। ଏହି ସମସ୍ତ କିଛି ମଧ୍ୟରେ ହିଁ ତାଙ୍କର ଜୀବନ, ଏହିଠାରେ ହିଁ ତାଙ୍କର ଆନନ୍ଦ। ଏହି ଆନନ୍ଦ ଓ ଜୀବନର ଉପଲବ୍ଧିଗୁଡ଼ିକ ତିଳ ତିଳ କରି ତାଙ୍କ ମଧ୍ୟରେ ଗଢି ଉଠିଥାଏ। ସେଥିପାଇଁ ଯେଉଁମାନେ ପ୍ରଥମେ ଉତ୍ସାହର ସହିତ କାମ କରନ୍ତି ସେମାନେ କାମରେ ଓହ୍ଲାଇବା ସଙ୍ଗେ ସଙ୍ଗେ ଯଦି ନିଜକୁ ତିଆରି ନକରନ୍ତି ଏବଂ ସୃଜନଶୀଳ କାମ କରିବାରେ ଅଭ୍ୟସ୍ତ ନହୁଅନ୍ତି, ନିଜେ କାମ ସୃଷ୍ଟି କରି ଜନତାଙ୍କ ନେତା ହେବା ଭଳି ପୋଜିସନ୍‌କୁ ଯିବା ପାଇଁ ଚେଷ୍ଟା ନକରନ୍ତି ବା ନଯାଇ ପାରନ୍ତି, ସେମାନଙ୍କ ଜୀବନରେ ହିଁ ଏଭଳି ବିପତ୍ତି ଘଟିଥାଏ ଏବଂ ଉତ୍ସାହରେ ଭଟ୍ଟା ପଡ଼ିଥାଏ। ଏହିଭଳି କୌଣସି ହୋମିଓପାଥିକ remedy select (ପ୍ରତିକାର ବତାଇ ଦେବା) କରିଦେବାର ଉପାୟ ନାହିଁ ଯେ ଯେଉଁମାନେ ଉତ୍ସାହ ନେଇ ଆରମ୍ଭ କଲେ, ଯେମିତି ସେମାନଙ୍କର କାହାର ହିଁ କୌଣସି ଦିନ କାମ କରିବାର ଉତ୍ସାହରେ ଭଟ୍ଟା ନପଡ଼େ। ନା, ଏଭଳି କୌଣସି ଔଷଧ ଅନ୍ତତଃ ମୋତେ ଜଣା ନାହିଁ। କାହାର କେତେବେଳେ ଭଟ୍ଟା ପଡ଼ିବ,ଏହା ମୂଳତଃ ତାଙ୍କର ନିଜସ୍ୱ ଉଦ୍ୟୋଗ ଉପରେ ନିର୍ଭର କରେ। ଯେତେବେଳେ ତାଙ୍କର ଉତ୍ସାହ ରହିଛି, ସେତେବେଳେ ସେହି ସମୟଟି ତାଙ୍କ ପାଖରେ ଯେ କେତେ ମୂଲ୍ୟବାନ, ଏହି ବିଷୟରେ ଯଦି ତାଙ୍କର ବିନ୍ଦୁମାତ୍ର ସଚେତନତା ଥାଏ, ତା'ହେଲେ ସେହି ସମୟଟିକୁ ସେ ସଯତ୍ନରେ ବ୍ୟବହାର କରିବେ। କିଭଳି ବ୍ୟବହାର କରିବେ ? ରାଜନୈତିକଭାବରେ, ସଂସ୍କୃତିଗତ ଦିଗରୁ, ରୁଚିଗତ ମାନସିକତା ଦିଗରୁ ଏବଂ ସଂଗଠନ ପରିଚାଳନା ଓ ଜନଗଣଙ୍କ ନେତୃତ୍ୱ ସ୍ଥାନରେ ନିଜକୁ ପ୍ରତିଷ୍ଠିତ କରିବା ଦିଗରୁ ସେ ନିଜକୁ ତିଆରି କରିନେବେ। ନିଜକୁ ତିଆରି କରିବା କ୍ଷେତ୍ରରେ ସେ ଯଦି ବିଳମ୍ବ କରନ୍ତି, ଗଫଲତି କରନ୍ତି, ରୁଟିନ୍ କାମରେ ଦଳବଳ ମଧ୍ୟରେ ହଇହଇ କରି ଦିନ ଗତ ପାପକ୍ଷୟ କରନ୍ତି, ଦିନ ପରେ ଦିନ ଅବହେଳାରେ ସମୟ ନଷ୍ଟ କରି ଦିଅନ୍ତି, ତାପରେ ଗୋଟିଏ ସମୟରେ ତାଙ୍କର ବୟସ ବଢ଼ି ଚାଲେ, ସାମର୍ଥ୍ୟ କମିଚାଲେ, ଅଥଚ, ତାଙ୍କର ଚେତନା ପରିପକ୍ୱ ହୋଇ ନାହିଁ, ରୁଚି-ମାନସିକ ଗଠନ ପରିପକ୍ୱ ହୋଇ ନାହିଁ, ଦଳ ଏବଂ ଜନଗଣଙ୍କ ସହିତ ତାଙ୍କର ଏକାତ୍ମତା ହୋଇ ନାହିଁ। ଏହି ସମାଜ ଭିତରେ ଥିବା ମାନସିକତା, ସମାଜରୁ ଆହରିତ ବହୁ filthy feeling, ଘୃଣ୍ୟ ହୀନମନ୍ୟତା ଏବଂ ସ୍ୱାର୍ଥବୋଧ ଯେତେବେଳେ ତାଙ୍କୁ ବ୍ୟକ୍ତିକୈନ୍ଦ୍ରିକ କରି ଦୂରକୁ ନେଇ ଯିବାକୁ ଚାହିଁବ- ଏହି ସମାଜରୁ ଆସୁଥିବା ଯୌନ ଜୀବନର ଆକର୍ଷଣ, ଭଲପାଇବାର ଆକର୍ଷଣ, ଆର୍ଥିକ ସ୍ଥିତିର ଆକର୍ଷଣ, ଘର ସଂସାର କରିବାର ଆକର୍ଷଣ

ହେଉ କିମ୍ବା ଅନ୍ୟ ଯାହା କିଛି ହେଉ ଅଥବା ନିଜ ମଧ୍ୟରେ କନ୍ଦଳ ଲାଗିବା ଯୋଗୁ ହେଉ, ବା ଅମୀରି ହେବାର ଝୁଙ୍କ, କଷ୍ଟ ସ୍ୱୀକାର ନକରି ପାରିବା ଯୋଗୁ ହେଉ- ଯେତେବେଳେ ସେ ପଛେଇ ଯା'ନ୍ତି ସେତେବେଳେ ଏହା ବିରୁଦ୍ଧରେ ଫାଇଟ୍ କରି ନିଜର ବିପ୍ଳବୀ ଜୀବନକୁ ରକ୍ଷା କରିପାରନ୍ତି ନାହିଁ।

## ମଣିଷ ମଣିଷ ମଧ୍ୟରେ ସମ୍ପର୍କ ଉତ୍ପାଦନ ସମ୍ପର୍କ

ଏହି ବିଷୟଟିକୁ ସଠିକ୍‌ଭାବେ ବୁଝିବା ପାଇଁ ମାର୍କ୍ସବାଦର ଉକ୍ତ ବୁନିଆଦି କଥାଟି ବୁଝିବା ଦରକାର। ମାର୍କ୍ସବାଦ କହୁଛି- ଆମର ଏହି ସମାଜ, ଆମେ ଯେ ଏକ social being (ସାମାଜିକ ପ୍ରାଣୀ), ଏଠି ମଣିଷ ମଣିଷ ମଧ୍ୟରେ ସମ୍ପର୍କ ହେଲା ଉତ୍ପାଦନ ସମ୍ପର୍କ। ଅନେକ ଲୋକ ମନେକରନ୍ତି, ବହୁ ପଣ୍ଡିତଲୋକ ମନେକରନ୍ତି, ମାର୍କ୍ସବାଦର ଏହି କଥାଟି ଠିକ୍ ନୁହେଁ। କାରଣ ବାପା-ମାଙ୍କ ସହିତ ସନ୍ତାନର ସମ୍ପର୍କ କଣ ଉତ୍ପାଦନ ସମ୍ପର୍କ ? ଏହି ମୁର୍ଖଙ୍କ ଦଳ ଉତ୍ପାଦନ ସମ୍ପର୍କ କହିଲେ କେବଳ ଆର୍ଥିକ ସମ୍ପର୍କକୁ ବୁଝନ୍ତି। ନା, ତା ନୁହେଁ। ମାର୍କ୍ସବାଦ ଯେତେବେଳେ ଉତ୍ପାଦନ ସମ୍ପର୍କ କହିଛି, ସେତେବେଳେ ନିଛକ ଆର୍ଥିକ ସମ୍ପର୍କର କଥା କହି ନାହିଁ। କାରଣ ମାର୍କ୍ସବାଦ ଯେତେବେଳେ ଉତ୍ପାଦନ କଥାଟି କହିଛି, ସେତେବେଳେ ଦୁଇଟି ଉତ୍ପାଦନର କଥା କହିଛି। ଗୋଟିଏ ହେଲା material ଉତ୍ପାଦନ ବା ବସ୍ତୁଗତ ଉତ୍ପାଦନ ଏବଂ ଅନ୍ୟଟି ହେଲା spiritual production ବା ଭାବଗତ ଉତ୍ପାଦନ। ମଣିଷ ଉତ୍ପାଦନ ଦ୍ୱାରା ଯାହା ସୃଷ୍ଟି କରେ ତା'ର ଦୁଇଟି ଦିଗ ରହିଛି-ଗୋଟିଏ ବ୍ୟବହାରିକ ଜୀବନରେ ଲାଗେ, ଯାହାକୁ ଆମେ material production (ବସ୍ତୁଗତ ଉତ୍ପାଦନ) ବୋଲି କହୁ, ଆଉ ଗୋଟିଏ ମନର ଖୋରାକ ସୃଷ୍ଟି କରେ, ଯାହାକୁ ଆମେ କହୁ ଭାବଗତ ଉତ୍ପାଦନ। ଯେଉଁ ଭାବଗତ ଉତ୍ପାଦନରୁ ଶିଳ୍ପ-ସାହିତ୍ୟ, ଭାବଧାରା, ନୀତି ନୈତିକତା, ଧର୍ମ ଐତିହ୍ୟ, ଆଦର୍ଶବାଦ, ବିପ୍ଳବବାଦ ଏଗୁଡ଼ିକର ଜନ୍ମ। ଏସବୁ ତ ମଣିଷ ଦ୍ୱାରା ସୃଷ୍ଟି। ତା'ହେଲେ ମଣିଷ ପ୍ରକୃତି ସହିତ ଲଢେଇ କରିବାକୁ ଯାଇ, ବଞ୍ଚିବାର ତାଗିଦରେ ନିଜ ହାତରେ କାମ କରିବାକୁ ଯାଇ ଏକା ସାଙ୍ଗରେ ଦୁଇ ପ୍ରକାର ଉତ୍ପାଦନ; ବସ୍ତୁଗତ ଉତ୍ପାଦନ ଏବଂ ଭାବଗତ ଉତ୍ପାଦନ କରିଛି। ଏହି ଦୁଇଟି ଉତ୍ପାଦନ ସେ କରିଛି, ଗୋଟିଏ ଦିଗରେ ତାହା ଭୋଗ ପାଇଁ ଏବଂ ଅନ୍ୟଦିଗରେ ନିଜର ବିକାଶ ପାଇଁ- ବ୍ୟକ୍ତି ଏବଂ ସମାଜର ବିକାଶ ପାଇଁ,ସଭ୍ୟତାର ବିକାଶ ପାଇଁ, ଓ ସମାଜର ଅଗ୍ରଗତି ପାଇଁ। ସୁତରାଂ, ଉତ୍ପାଦନ ହେଉଛି ମଣିଷର କ୍ରିୟାର ଫଳ, ମସ୍ତିଷ୍କର ଚିନ୍ତାଗତ କ୍ରିୟା ଫଳରେ ଭାବଗତ ଉତ୍ପାଦନ ଏବଂ ଶାରିରୀକ ଓ ଚିନ୍ତାଗତ କ୍ରିୟାର ସମ୍ମିଶ୍ରଣ ଫଳରେ ବସ୍ତୁଗତ ଉତ୍ପାଦନ।

ଯାହେଉ, ଉତ୍ପାଦନ ସମ୍ପର୍କରେ ମାର୍କ୍ସବାଦ ଏକ ମୂଲ୍ୟବାନ କଥା କହିଛି- ଏହି

ସମାଜ ଉତ୍ପାଦନ କରିବାର ପ୍ରକ୍ରିୟାରେ ଗଢି ଉଠିଛି। ସମସ୍ତ ମଣିଷ ବଞ୍ଚିବାର ତାଗିଦରେ ଉତ୍ପାଦନ କରିବାକୁ ଯାଇ ପରସ୍ପର ସହିତ ସମ୍ପର୍କିତ ହୋଇଛନ୍ତି। ତେବେ ଯାଇ ଆମେ ସମାଜବଦ୍ଧ ହୋଇଛୁ, ଆମେ ସାମାଜିକ ପ୍ରାଣୀ ହୋଇଛୁ। ତା' ନହେଲେ ଆମ ସହିତ ଜନ୍ତୁ ଜାନୁଆରମାନଙ୍କର କୌଣସି ପାର୍ଥକ୍ୟ ନାହିଁ। ଆମେ ଏକା ସାଙ୍ଗରେ ରହୁ ବୋଲି ସାମାଜିକ ପ୍ରାଣୀ ନୋହୁଁ। ତା'ହେଲେ ତ ପିମ୍ପୁଡ଼ିକୁ ମଧ୍ୟ ସାମାଜିକ ପ୍ରାଣୀ କୁହାଯାଇ ଥାନ୍ତା। ଆମେ କଣ ପିମ୍ପୁଡ଼ିକୁ ସାମାଜିକ ପ୍ରାଣୀ କହୁ? ହାତୀ ମଧ୍ୟ ଏକା ସାଙ୍ଗରେ ଥାଏ, ତା'ବୋଲି କଣ ହାତୀକୁ ଆମେ ସାମାଜିକ ପ୍ରାଣୀ କହୁ? ଏକା ସାଙ୍ଗରେ ରହୁଛୁ ବୋଲି ଆମେ ସାମାଜିକ ପ୍ରାଣୀ ନୋହୁଁ। ଆମେ ପ୍ରକୃତି ବିରୁଦ୍ଧରେ ଲଢେଇ କରି ବଞ୍ଚିବାର ତାଗିଦ୍‌ରେ ସମ୍ମିଳିତଭାବେ ଉତ୍ପାଦନ କରୁଛୁ; ଏକା ସାଙ୍ଗରେ ଉତ୍ପାଦନ କରୁଛୁ ଏବଂ ଏକତ୍ର ପ୍ରକୃତି ବିରୁଦ୍ଧରେ ସଚେତନଭାବେ ଲଢ଼େଇ କରିବାକୁ ଯାଇ ଉତ୍ପାଦନକୁ ଜନ୍ମ ଦେଉଛୁ, ଉତ୍ପାଦନ ବ୍ୟବସ୍ଥା ଗଢିତୋଳୁଛୁ; ଏହି ଉତ୍ପାଦନ ବ୍ୟବସ୍ଥା ଗଢି ତୋଳିବାର ପ୍ରକ୍ରିୟାରେ ହିଁ ଆମେ ସାମାଜିକ ପ୍ରାଣୀ ହୋଇଛୁ।

ତେଣୁ, ଇତିହାସର ବିକାଶର କୌଣସି ସ୍ତରରେ ହିଁ ଏବଂ କୌଣସି ସମୟରେ ହିଁ ଉତ୍ପାଦନ ବ୍ୟବସ୍ଥା ସହିତ, ଉତ୍ପାଦନ ପ୍ରକ୍ରିୟା ସହିତ ମଣିଷ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହିପାରେନା। ସମାଜବଦ୍ଧ ମଣିଷ ସମାଜରେ ବାସ କରିବ ଆଉ ଉତ୍ପାଦନ ବ୍ୟବସ୍ଥା ସହିତ ତା'ର କୌଣସି ସମ୍ପର୍କ ରହିବ ନାହିଁ, ତା'ହେଲେ ତା'ର ଏହି ସମ୍ପର୍କଟା କି ଧରଣର ସମ୍ପର୍କ ? ସେ ସକ୍ଷମ ହୋଇ ପାରେ, ଅକ୍ଷମ ହୋଇପାରେ, ଆଂଶିକ ବୁଝିପାରେ, ଅର୍ଦ୍ଧସତ୍ୟ ଆବିଷ୍କାର କରିପାରେ, ସମ୍ପୂର୍ଣ୍ଣ ସତ୍ୟ ଆବିଷ୍କାର କରିପାରେ। ମାତ୍ର ସେ ବୁଝୁ ବା ନବୁଝୁ, ଉତ୍ପାଦନ ବ୍ୟବସ୍ଥା ସହିତ ତା'ର ସମ୍ପର୍କ ବୁଝିବା ନବୁଝିବା ଉପରେ ନିର୍ଭର କରିବ ନାହିଁ। It is independent of his understanding (ଏହା ତାଙ୍କ ବୁଝାମଣା ଉପରେ ନିର୍ଭର କରେ ନାହିଁ)। He can not but establish some sort of relation with existing production system (ପ୍ରଚଳିତ ଉତ୍ପାଦନ ବ୍ୟବସ୍ଥା ସହିତ ସମ୍ପର୍କ ସ୍ଥାପନ ନକରି ସେ ରହି ପାରିବ ନାହିଁ)। ସେଥିପାଇଁ କହୁଥିଲି- What is the honourable way of leading our life (ଜୀବନଯାପନ କରିବାର ମର୍ଯ୍ୟାଦାଜନକ ରାସ୍ତା କଣ) ? କେହି ଯଦି ମନେକରନ୍ତି ମୁଁ ମର୍ଯ୍ୟାଦାର ସହିତ ଜୀବନଯାପନ କରିବି, ମୁଁ କାହାରି ଭଲରେ ବି ନାହିଁ, ମନ୍ଦରେ ବି ନାହିଁ, କାହାରିକୁ ଶୋଷଣ କରିବି ନାହିଁ କି ଜୁଲୁମ ବି କରିବି ନାହିଁ, ମୁଁ କେବଳ ଡାକ୍ତରୀ କରିବି, ନଚେତ ଖାଲି ମାଷ୍ଟରୀ କରିବି, ତା' ହୁଏ ନା କଣ ? ଏହା ହୁଏ ନାହିଁ, ହୋଇ ପାରେନା। ମୁଁ କଣ ଜାଣେ, ମେଡିକାଲ ପ୍ରଫେସନ୍ (ପେଷା)ରେ କାହାରିକୁ ଠକିବି ନାହିଁ ଭାବି ଡାକ୍ତରୀ କରିବାକୁ ଗଲେ ମଧ୍ୟ ମୁଁ ଲୋକଙ୍କୁ ନଠକିଲେ ଏହି ପେଷାରେ ପାଦେ ବି ଆଗେଇ ପାରିବି ନାହିଁ। ସୁତରାଂ, honourable way

of life lead (ମର୍ଯ୍ୟାଦାଜନକ ଜୀବନ ଜିଇଁବାର) କରିବାର ଉପାୟ ଏଗୁଡ଼ିକ ନୁହେଁ। ପୁଣି ଏସବୁକୁ ହିଁ ମାନବ କଲ୍ୟାଣ କାର୍ଯ୍ୟରେ ମୁଁ ଲଗାଇ ପାରେ। ବିପ୍ଳବୀ ସଂଗ୍ରାମର ଅଗ୍ରଗତିର ସହାୟକ ଓ ପରିପୂରକ ଅର୍ଥରେ ସେଗୁଡ଼ିକୁ ବ୍ୟବହାର କଲେ ହିଁ ଶିକ୍ଷକ ତାଙ୍କର ଶିକ୍ଷା ଦେବାର କାର୍ଯ୍ୟକୁ, ଡାକ୍ତର ତାଙ୍କର ଚିକିତ୍ସା କରିବା କାର୍ଯ୍ୟକୁ, ଇଞ୍ଜିନିୟର ତାଙ୍କର ଯନ୍ତ୍ର ବିଜ୍ଞାନ ବ୍ୟବହାର କରିବା କାର୍ଯ୍ୟକୁ, ଅବମାନନାରୁ ମୁକ୍ତ କରି ସମାଜ ପ୍ରଗତିର କାର୍ଯ୍ୟରେ ଲଗାଇ ପାରିବେ। ସେତେବେଳେ ହିଁ ଏକମାତ୍ର ସେ ଏହା ପାରିବେ। ଅନ୍ୟଥା ସେ ଚାହାଁନ୍ତୁ ବା ନ ଚାହାଁନ୍ତୁ, ସଚେତନଭାବେ ବା ଅସଚେତନ ଭାବେ ହେଉ directly ବା indirectly serving the exploitative system, profit making motive of the society (ପ୍ରତ୍ୟକ୍ଷଭାବେ ବା ପରୋକ୍ଷଭାବେ ହେଉ ଶୋଷଣମୂଳକ ଏବଂ ମୁନାଫା ସୃଷ୍ଟିକାରୀ ସମାଜ ବ୍ୟବସ୍ଥାର ଉଦେଶ୍ୟର ସ୍ୱାର୍ଥକୁ ହିଁ ପୁରଣ କରିବ)। Exsting societyର social setup (ପ୍ରଚଳିତ ସମାଜର ସାମାଜିକ ଢାଞ୍ଚା) ଓ mental make up (ମାନସିକ ଗଠନ), ଏହାର ମାନସିକତାକୁ ଜିଆଁଇ ରଖିବା ପାଇଁ ଏଗୁଡ଼ିକ ଏହି ସମାଜରେ ଥିବା ଧ୍ୟାନଧାରଣାର ବିଚିତ୍ର ଧରଣର ରୂପ, ଯେଉଁଗୁଡ଼ିକ ମଣିଷକୁ apolitical (ରାଜନୀତି ବିମୁଖ) କରିବା ପାଇଁ ଉଦ୍ଦିଷ୍ଟ। ଯେଉଁ ସଂଗ୍ରାମ ସମାଜକୁ କେବଳମାତ୍ର ବଦଳାଇ ପାରେ, ଯେଉଁ ସଂଗ୍ରାମ ଦ୍ୱାରା ଏହି ପୁଞ୍ଜିବାଦୀ ବ୍ୟବସ୍ଥା ବଦଳିବ, ଏହି ପର୍ବତ ପ୍ରମାଣ ବାଧା ପ୍ରତିବନ୍ଧକକୁ ହଟାଯିବ, ଯେଉଁ ସଂଗ୍ରାମ ଦ୍ୱାରା ସମାଜର ବିପ୍ଳବାତ୍ମକ ପରିବର୍ତ୍ତନ ହୋଇପାରିବ, ପ୍ରଗତି ଆସି ପାରିବ, ସେହି ସଂଗ୍ରାମକୁ ବୁର୍ଜୁଆମାନେ ଯେମିତି ସିଧାସଳଖ ବିରୋଧିତା କରନ୍ତି ପୁଣି ଅନ୍ୟଭାବେ ନାନା କୌଶଳ କରି ମଧ୍ୟ ବିରୋଧିତା କରନ୍ତି। ରାଜନୀତି କଥା ସେ ଏକଦମ୍ କହୁନାହିଁ, ମାତ୍ର ଏଭଳି ସବୁ ଧ୍ୟାନଧାରଣା ଚାଲୁ କରୁଛି, ଏଭଳି ସବୁ ଦୃଷ୍ଟିଭଙ୍ଗୀ ନେଇ ଆସୁଛି, ଏଭଳି ସବୁ ନୀତି ନୈତିକତାର ଧାରଣା ସୃଷ୍ଟି କରୁଛି, ଏଭଳି ସବୁ philanthropic ସମାଜ ସେବାର ଧାରଣା ସୃଷ୍ଟି କରୁଛି, ଯଦ୍ୱାରା ମଣିଷ ମଧ୍ୟରେ ସମାଜ କଲ୍ୟାଣର ମନୋଭାବ ବିପ୍ଳବମୁଖୀ ନହୋଇ philanthropic ହୁଏ ଏବଂ ରାମକୃଷ୍ଣ ମିଶନ ବା ମିଶନାରୀମାନଙ୍କର ରୁପରେ ବିପ୍ଳବର ପଥଟାକୁ ଅଟକାଇ ଦିଏ। ସେହିଭଳି ଡାକ୍ତର, ଇଞ୍ଜିନିୟର, ଶିକ୍ଷକମାନଙ୍କର ମନୋଭାବ ଯେମିତି ସମାଜ ବିପ୍ଳବ ଦିଗରେ ନଯାଇ କିଛି ସମାଜସେବା ଆଉ ଉଦାର ଦୃଷ୍ଟିଭଙ୍ଗୀ ମଧ୍ୟରେ ଅଟକି ଯାଏ, ଯେଉଁଠି ସିଧାସଳଖ ସମାଜ ବିପ୍ଳବ ଖରାପ କହିଲେ ଚଳେ ସେଠି ତା, କହୁଛନ୍ତି। ଯେଉଁଠି ସମାଜ ବିପ୍ଳବର କଥା ଖରାପ ବୋଲି କହିଲେ ଲୋକମାନଙ୍କୁ ଅଟକାଯାଇ ପାରିବ ନାହିଁ, ସେଠି କହୁଛନ୍ତି ମଣିଷର ସେବା କରିବା ତ ଏକ କାମ। ଏହା ହୁଏତ ପାରୁନ, ତେବେ ସେ କାମଟା କର। ଅସଲ

କଥା ହେଉଛି, ଯେଉଁ ବିପ୍ଳବ ମାଧ୍ୟମରେ, ଯେଉଁ ଆନ୍ଦୋଳନ ମଧ୍ୟଦେଇ ସମାଜରେ ପରିବର୍ତ୍ତନ ହେବ, ଯେକୌଣସି କୌଶଳ ପ୍ରୟୋଗ କରି, ଯେକୌଣସି ନୀତି, ଆଦର୍ଶର କଥା କହି, ଯେକୌଣସି ତତ୍ତ୍ୱ ଆଢୁଆଳରେ ଜନଗଣଙ୍କୁ ଯେତେଦୂର ସମ୍ଭବ ସେହି ପଥରୁ ଦୂରେଇ ରଖିବାର କୌଶଳ। ସୁତରାଂ, ଏହି ଯେତେସବୁ theory(ତତ୍ତ୍ୱ), ମୁଁ ସେବା କରିବି, ମଢ଼ା ପୋଡ଼ିବି, ଦୁଃସ୍ଥ ମଣିଷକୁ ଖାଇବାକୁ ଦେବି, ଯଦି ଟଙ୍କା ପଇସା ରୋଜଗାର କରେ, ତେବେ ଆଉ କିଛି ପାରେ ବା ନପାରେ ଗ୍ରାମର ଗରୀବ ମଣିଷର ମୁହଁରେ ତ ଦୁଇ ମୁଠା ଭାତ ଦେଇ ପାରିବି। ଏହା ବି ତ ଏକ କାମ। ହଁ, ଖୁବ ବଡ଼ କାମ। ବିପ୍ଳବର ସହାୟକ ସଂଗ୍ରାମ ଅର୍ଥରେ ମଣିଷକୁ ବଞ୍ଚାଇବା ପାଇଁ ଆମେ ମଧ୍ୟ କରୁ, କିନ୍ତୁ ବିପ୍ଳବୀମାନେ ଏହି କାମ କରନ୍ତି, ବିପ୍ଳବକୁ counterpose(ବିରୋଧିତା) କରିବା ପାଇଁ ନୁହେଁ। ବିପ୍ଳବୀ ଆନ୍ଦୋଳନର ଏକ ସମାନ୍ତରାଳ ଆନ୍ଦୋଳନ ଅର୍ଥରେ ନୁହେଁ। ସେଥିପାଇଁ ବିପ୍ଳବୀମାନଙ୍କୁ ମଧ୍ୟ ଅନେକ ସମୟ ରିଲିଫ୍ କାମ କରିବାକୁ ହୁଏ। ଏହି ଅର୍ଥରେ ବିପ୍ଳବୀମାନେ ଏ ଧରଣର କାମ କରନ୍ତି। ପୁଣି ଅନେକେ ହିଁ ପିଲାମାନଙ୍କ ପାଇଁ ସ୍ପୋର୍ଟସ୍ ଆୟୋଜନ, ଲାଇବ୍ରେରୀ, ବ୍ୟାୟାମଶାଳାରେ ଶରୀର ଚର୍ଚ୍ଚାର ବ୍ୟବସ୍ଥା କରନ୍ତି। ତେବେ ଶରୀର ସୁସ୍ଥସବଳ ହେଲେ କଣ ହୁଏ। ତା'ପରେ ଗୋପାଳ ପାଠାର ଦଳ ସେମାନଙ୍କୁ ଟାଣି ନେଇ ଯାଆନ୍ତି। ଦଣ୍ଡ ବୈଠକ କରି ସମସ୍ତେ ଯେତେବେଳେ ତାଗଡ଼ା ହୋଇଗଲେ, ଛାତି ମାପି ଦେଖିଲେ ତିଆରି ହୋଇଛି, ସେତେବେଳେ ଆମ ଦେଶରେ ଯେଉଁ କ୍ଷମତାଶାଳୀ ଦଳମାନେ ରହିଛନ୍ତି ସେମାନେ ଏମାନଙ୍କୁ ଟାଣି ନେଉଛନ୍ତି। ସେମାନଙ୍କ ପାଖକୁ ଯାଅ, କିଛି ପଇସା ପାଇବ। ତା'ଦ୍ୱାରା କି କାମ ହୁଏ, ଛାତି ବଢାଇଲେ ବି କିଛି ଲାଭ ହୁଏ ନାହିଁ। ଅସଲ କଥା ହେଉଛି,ବିପ୍ଳବୀ ସଂଗ୍ରାମରେ ଅଂଶଗ୍ରହଣ କରିବା ପାଇଁ ତ ଯୁବକମାନଙ୍କୁ ସୁସ୍ଥସବଳ କରି ଗଢିତୋଳିବାକୁ ହେବ। ତା'ହେଲେ ସେହି ବିପ୍ଳବୀ ସଂଗ୍ରାମରୁ କିଛିଟା ପଥଭ୍ରଷ୍ଟ କରିବା ପାଇଁ ଅନେକ ପ୍ରକାର ରାସ୍ତା ସେମାନେ ବାହାର କରନ୍ତି। କେଉଁଠି ରାମକୃଷ୍ଣ ମିଶନ ସେବା କାର୍ଯ୍ୟ ନାଁରେ ସେବାଧର୍ମ, କେଉଁଠି ସ୍କୁଲ, କେଉଁଠି philanthropic attitude, କେଉଁଠି ଭୁଦାନ, କେଉଁଠି ଏଇଟା, କେଉଁଠି ସେଇଟା। ଏହିଭଳି ହୁଏତ ଜଣେ ମନେକଲେ, ଆଉ କିଛି ନପାରିଲେ ଅନ୍ତତଃ କିଛି ଦାନ ଦକ୍ଷିଣା ଦେଇ ଗରୀବ ଲୋକଙ୍କର ଉପକାର ତ କରୁଛି, ଲୋକଗୁଡ଼ାକ ପଇସା ବିନା ଚିକିତ୍ସା ନପାଇ ମରିଯାଉଛନ୍ତି, ସେମାନଙ୍କର ଚିକିତ୍ସା ତ କରୁଛି। ମୁଁ ତ ଆଉ କିଛି ପାରୁ ନାହିଁ। ଏହି କାମଟା ତ କରୁଛି। ଥରେ ହେଲେ ବି ଭାବୁ ନାହାନ୍ତି ଯେ, ଆପଣ ଅନ୍ୟ କିଛି କରିପାରୁ ନାହାନ୍ତି, ଏହି କଥା ଏଭଳି ଭାବେ ଭାବିଲେ କାହିଁକି ? ଯେଉଁ ଲୋକର ତ୍ୟାଗ କରିବାର ଏତେ ଶକ୍ତି, ତାଙ୍କର ଦୃଷ୍ଟି ପ୍ରଚ୍ଛନ୍ନ ହେଲେ ସେ କଣ

ବିପ୍ଳବୀ ଆନ୍ଦୋଳନର ସହାୟକ କାର୍ଯ୍ୟ କରି ପାରି ନଥାନ୍ତେ ? ନା, ଆପଣ ଧରି ନେଇଛନ୍ତି, ଏହି ଦାନଖଇରାତ୍ କରିବାଟା ଏକ ମହତ କାର୍ଯ୍ୟ। ହଁ, ଏହା ଏକ ମହତ କାର୍ଯ୍ୟ। ଏହିଭଳିଭାବେ ଗରୀବ ଲୋକଙ୍କ ସହିତ ରହିବା, ସେମାଙ୍କର କଥା ଶୁଣିବା, ସେମାନଙ୍କର ଉପକାର କରିବା ମହତ କାର୍ଯ୍ୟ ହେବ ଯଦି ଏହି କାର୍ଯ୍ୟ ଦ୍ୱାରା ସେମାନଙ୍କୁ ଶିକ୍ଷିତ କରନ୍ତେ ଯେ, ତୁମମାନଙ୍କର ସଂଘବଦ୍ଧ ହେବା ଦରକାର। ତୁମମାନଙ୍କୁ ସଂଘବଦ୍ଧ ହୋଇ ଏହି ସମାଜର ବିପ୍ଳବାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବିପ୍ଳବୀ ଦଳ ଗଠନ କରିବା ଦରକାର। ଗରୀବ ଲୋକଙ୍କ ମୁହଁରେ ଅନ୍ନ ଦେବାକୁ ଯାଇ, ସେବା କରିବାକୁ ଯାଇ ଯଦି ଏହି କଥାଗୁଡ଼ିକ କୁହନ୍ତେ ଏବଂ ଜନତାଙ୍କ ମଧ୍ୟରେ ଏହି ସଂଗଠନ ଗଢି ତୋଳନ୍ତେ, ତା'ହେଲେ ଏହି କାର୍ଯ୍ୟଟି ଯଥାର୍ଥ କାର୍ଯ୍ୟ ହୋଇଥାଆନ୍ତା। ତା'ହେଲେ ବିଭ୍ରାନ୍ତି ସୃଷ୍ଟି କରିବା ନୁହେଁ– ବିପ୍ଳବର ସହାୟକ କାର୍ଯ୍ୟ, ବିପ୍ଳବର ଉପକାରୀ କାର୍ଯ୍ୟ ହୁଅନ୍ତା। ଆମେ ଚାହୁଁ ବା ନଚାହୁଁ, ଏହି ସମାଜରେ ଉତ୍ପାଦନ ସମ୍ପର୍କ ସହିତ ସମ୍ପର୍କ ସ୍ଥାପନ ନକରି ଆମେ କୌଣସିଭାବେ ହିଁ ଚଳିପାରୁନା। ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, ଆମର ଖାଇବା, ପିନ୍ଧିବା, ନୀତି ନୈତିକତା, ଧ୍ୟାନ ଧାରଣା ଯାହା କିଛି ଆମେ ଲାଳନପାଳନ କରୁ, ଶୋଷକ ଶ୍ରେଣୀର ସ୍ୱାର୍ଥର ଅନୁକୂଳରେ ଯେଉଁଗୁଡ଼ିକ ଏହି ସମାଜରେ ରହିଛି, ଆମେ ଯଦି ସେଗୁଡ଼ିକ ଦ୍ୱାରା ପ୍ରଭାବିତ ହେଉ ଏବଂ without attempting to bring about a change of the society (ସମାଜ ପରିବର୍ତ୍ତନ ପାଇଁ କୌଣସି ଉଦ୍ୟମ ନନେଇ), ସେଗୁଡ଼ିକୁ ନେଇ ଚାଲୁ, ତେବେ ଆମେ ଜାଣତରେ ହେଉ ବା ଅଜାଣତରେ ହେଉ ପୁଞ୍ଜିବାଦୀ ସ୍ୱାର୍ଥର ହିଁ ପୃଷ୍ଟପୋଷକତା କରୁ। ଫଳରେ ଏଠାରେ ମୁଁ ଆପୋଷ କରୁଛି। ମୁଁ ଏଭଳି ମନେକରେ ନା ଯେ, ମାଲିକ ମୋତେ ଯେଉଁ ପଇସା ଦେଉଛି, ମାଷ୍ଟର(ମୁନିବ) ମୋତେ ଯେଉଁ ପଇସା ଦେଉଛି, ତାହା ଗୋଲାମର ମନୋଭାବ ନେଇ ମୁଁ ଗ୍ରହଣ କରୁ ନାହିଁ। ମୁଁ ଜାଣେ, ମୁଁ ବଞ୍ଚିତ। ମୁଁ ଜାଣେ ମୋତେ ଶୋଷଣ କରା ହେଉଛି। ମୁଁ ଜାଣେ ଚୋରି କରି, ଫାଙ୍କି ଦେଇ ନାନା କୌଶଳରେ ମୋର ନ୍ୟାଯ୍ୟ ହକ୍‌କୁ ଆତ୍ମସାତ୍ କରାହେଉଛି। ମୁଁ ସେଥିପାଇଁ engaged in putting an end to this exploitation (ଏହି ଶୋଷଣର ଅବସାନ ପାଇଁ ନିୟୋଜିତ)। ଏହି ସଂଗ୍ରାମରେ ମୁଁ ଯଦି ନିୟୋଜିତ ନଥାନ୍ତି ତେବେ ମୁଁ ଜଣେ ଅସଚେତନ ଶ୍ରମିକ ଯିଏ ଶ୍ରମିକ ହୋଇ ମଧ୍ୟ, ଶୋଷିତ ହୋଇ ମଧ୍ୟ instrumental in mentaining and strengthening the capitalist system (ପୁଞ୍ଜିବାଦୀ ବ୍ୟବସ୍ଥାକୁ ବଜାୟ ରଖିବା ଓ ଶକ୍ତିଶାଳୀ କରିବା କ୍ଷେତ୍ରରେ ଏକ ଅସ୍ତ୍ର ସଦୃଶ ହୋଇଥାନ୍ତି)। ଶ୍ରମିକ ଭାବରେ କାମ କରି ମୁଁ ଶୋଷିତ ବୋଲି ଯେ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାର ସେବା କରୁ ନାହିଁ, ତା' ନୁହେଁ। ଏକମାତ୍ର ଶ୍ରେଣୀ ସଚେତନ

ଶ୍ରମିକ ଯିଏ ଶୋଷଣର ସ୍ୱରୂପକୁ ବୁଝି ପାରେ ଏବଂ ତା'କୁ ଦୂର କରିବା ପାଇଁ ଶ୍ରମିକଶ୍ରେଣୀର ବିପ୍ଲବୀ ସଂଗଠନ ଗଢି ତୋଳେ, ବିପ୍ଲବୀ ଶ୍ରମିକ ଆନ୍ଦୋଳନ ଗଢିତୋଳିବା କ୍ଷେତ୍ରରେ ଆତ୍ମନିୟୋଗ କରେ, ସେହି ଶ୍ରମିକ ଗୋଲାମୀର ମନୋଭାବରୁ ମୁକ୍ତ । ସେହି ଶ୍ରମିକ ବାସ୍ତବରେ ମାଲିକି ବ୍ୟବସ୍ଥାର ଅବସାନର ସଂଗ୍ରାମରେ ନିୟୋଜିତ ଅଛି ବୋଲି ହିଁ ଅବମାନନାରୁ ମୁକ୍ତ । ସେ ପୁଞ୍ଜିବାଦର ସେବା କରୁନାହିଁ । ସେ ସମାଜ ପ୍ରଗତିର ଆନ୍ଦୋଳନକୁ ସହାୟତା କରୁଛି । ଫଳରେ ସେ ଶ୍ରେଣୀ ସଚେତନ ।

ତା'ହେଲେ ଏହି ସମାଜର ଉତ୍ପାଦନ ବ୍ୟବସ୍ଥା ସହିତ ଯେତେବେଳେ ସମ୍ପର୍କ ସ୍ଥାପନ କରିବାକୁ ହିଁ ହୁଏ, ସେତେବେଳେ ସେହି ସମ୍ପର୍କ ସ୍ଥାପନର ରୀତିଟା ମୋର କଣ ହେବ ? ଏହିଭଳି ରୀତିରେ କଣ ମୁଁ ସମ୍ପର୍କ ସ୍ଥାପନ କରିବି, ମୋର ଏହି ଧରଣର ମାନସିକତା ଓ ସମ୍ପର୍କ କଣ ରହିବ, ମୁଁ ଏହି ସମାଜରୁ ନେବି, ମାତ୍ର ଏହି ସମାଜର ବିପ୍ଲବାତ୍ମକ ପରିବର୍ତ୍ତନର ସଂଗ୍ରାମରେ ଆତ୍ମନିୟୋଗ କରିବି ନାହିଁ ? ତା'ହେଲେ କଣ ହେଲା ? ଯେଉଁମାନେ ଏହି ସମାଜ ପରିବର୍ତ୍ତନକୁ ରୋକି ଦେବାକୁ ଚାହାଁନ୍ତି, ଯେଉଁମାନେ ବର୍ତ୍ତମାନ ଅବସ୍ଥାରୁ ସବୁଠାରୁ ବେଶୀ ଲାଭବାନ, ଯେଉଁମାନେ ଯେକୌଣସି ଉପାୟରେ ହେଉ ନାନା ମିଥ୍ୟାଚାର ଦ୍ୱାରା ବିଭ୍ରାନ୍ତିମୂଳକ ରାଜନୈତିକ ତତ୍ତ୍ୱ, ଦର୍ଶନ, ନୀତି ନୈତିକତା ସୃଷ୍ଟି କରି ସମାଜର ବିପ୍ଲବାତ୍ମକ ଅଭ୍ୟୁତ୍ଥାନ ଏବଂ ସଂଗ୍ରାମିକୁ ରୋକିବାକୁ ଚାହାନ୍ତି, ମୁଁ ସେମାନଙ୍କ ହାତମୁଠାକୁ ହିଁ ଶକ୍ତିଶାଳୀ କରୁଛି । ହୋଇପାରେ ମୁଁ ସେମାନଙ୍କ ଦଳରେ ଯୋଗଦେଇ ନାହିଁ । ହୋଇପାରେ ପାଞ୍ଚଟା କଥାରେ ସେମାନଙ୍କ ବିରୁଦ୍ଧରେ ହିଁ ଗାଳିଗୁଲଜ କରୁଛି । କିନ୍ତୁ ମୁଁ ପ୍ରକୃତରେ ଫିଲାନଥ୍ରୋପିଷ୍ଟ, ଏହି ଫିଲାନଥ୍ରୋପିଜିମ୍ ବୁର୍ଜୁଆ ଶ୍ରେଣୀ ସ୍ୱାର୍ଥର ହିଁ ସେବା କରୁଛି । ମୁଁ ହୁଏତ କଂଗ୍ରେସ ବିରୁଦ୍ଧରେ, ପୁଞ୍ଜିପତିମାନଙ୍କ ବିରୁଦ୍ଧରେ ଗାଳିଗୁଲଜ କରୁଛି, ବକ୍ତୃତା ଦେଉଛି, ଠିକ୍ ତା'ପରେ ହିଁ କହୁଛି, ମଣିଷର ସେବା କର, ଚରିତ୍ର ନିର୍ମାଣ କର । ଚରିତ୍ର କାହା ପାଇଁ ନିର୍ମାଣ କରିବୁ, ସେବା କାହା ପାଇଁ ? କାହାର ସେବା କରିବୁ, କଣ ପାଇଁ ସେବା କରିବୁ ? ଲୋକମାନଙ୍କୁ ମାରିପକାଇବା ପାଇଁ ତ ସେବା କରିବି ନାହିଁ, କରିବି ଲୋକମାନଙ୍କୁ ବଞ୍ଚାଇବାର ରାସ୍ତା ଦେଖାଇବା ପାଇଁ । ସେମାନଙ୍କୁ ଶିକ୍ଷା ଦିଅ, ମାତ୍ର କଣ ପାଇଁ ଶିକ୍ଷା ? ଗୋଲାମ ହେବା ପାଇଁ ? ଟଙ୍କା କମାଇବା ପାଇଁ ? ମାଲିକର ମୁନାଫା ବଢ଼ାଇବା ପାଇଁ ? ଆଉ ତା' ବିନିମୟରେ ଏକ ଟେରିଲିନ୍ ପ୍ୟାଣ୍ଟ ଆଉ ସ୍ତ୍ରୀ ନେଇ ଘର କରିବା ପାଇଁ ? ଯୌନ ଦାସ ହେବା ପାଇଁ ? ନା, ଲେଖା ପଢା ଶିଖି ଜ୍ଞାନ ଅର୍ଜନ କରିବା ମଧ୍ୟଦେଇ ଏହି ପୁଞ୍ଜିବାଦୀ ସମାଜଟାକୁ ଭାଙ୍ଗି ପାରିବି, ପ୍ରତ୍ୟେକ ମଣିଷକୁ ଶୋଷଣରୁ ମୁକ୍ତ କରିପାରିବି । ଫଳରେ ପ୍ରକୃତ ଶିକ୍ଷା କଣ ପାଇଁ ? For emancipation, to facilitate and accelerate the

struggle for revolution (ମୁକ୍ତି ପାଇଁ ଏବଂ ବିପ୍ଳବର ସଂଗ୍ରାମକୁ ସୁଗମ କରିବା ଏବଂ ତ୍ୱରାନ୍ୱିତ କରିବା ପାଇଁ)। ଗୋଲାମମାନଙ୍କୁ ମଣିଷ ଯେମିତି ଦିଏ, ଆଲ୍‌ସିସିଆନ୍ କୁକୁରକୁ ମଣିଷ ଯେମିତି ଦିଏ, ମୋ ଯୋଗ୍ୟତାକୁ ଦେଖି ସେ କିଛି ଦେବ, ଆଉ ତା' ବିନିମୟରେ ମୁଁ ତାର ସେବା କରିବି। ସେଥିପାଇଁ କଣ ଶିକ୍ଷା ? ହଁ, ଲୋକମାନଙ୍କୁ ଶିକ୍ଷା ଦେବାକୁ ହେବ, ଆମେ ଜନଗଣଙ୍କୁ ଶିକ୍ଷା ଦେବା ସପକ୍ଷରେ ସର୍ବଦା ଥାଉ, କିନ୍ତୁ କଣ ପାଇଁ ଶିକ୍ଷା ? ସେମାନଙ୍କୁ ଶିକ୍ଷା ଦିଅ ଯଦ୍ୱାରା ସେମାନେ ଯଥାର୍ଥ ଜ୍ଞାନ ଅର୍ଜନ କରିବେ, ସେମାନଙ୍କର ପ୍ରକୃତ ସମସ୍ୟା କେଉଁଠି ତା' ବୁଝି ପାରିବେ। ଯେଉଁ ଉତ୍ପାଦନ ସମ୍ପର୍କ ସହିତ ସେ ଜଡ଼ିତ ଅଛନ୍ତି, ଏହାକୁ ପରିବର୍ତ୍ତନ କରିବା ପାଇଁ ଯଦି ସେ ସଂଗ୍ରାମରେ ନିୟୋଜିତ ନହୁଅନ୍ତି, ତା'ହେଲେ ଏହି ଗୋଲାମୀ ବ୍ୟବସ୍ଥାକୁ ହିଁ ବଞ୍ଚାଇ ରଖିବାରେ ସେ ନାନା ଯୁକ୍ତି ଅବତାରଣା କରି ସାହାଯ୍ୟ କରୁଛନ୍ତି ବୋଲି ବୁଝିପାରିବେ। ବିଜ୍ଞାନସମ୍ମତ ଆଲୋଚନା ଦ୍ୱାରା ତାଙ୍କୁ ଦେଖାଇ ଦେବାକୁ ହେବ ଯେ, ବିପ୍ଳବୀ ଆନ୍ଦୋଳନକୁ ସିଧାସଳଖ ସହାୟତା ନକଲେ ବିପ୍ଳବ ଦ୍ୱାରା ଏହି ସମାଜର ବିପ୍ଳବାତ୍ମକ ପରିବର୍ତ୍ତନ ବା ଆମୂଳ ପରିବର୍ତ୍ତନ ଓ ପ୍ରଗତି ସମ୍ଭବ ନୁହେଁ ତଥା ଶୋଷଣ ଦୂର କରିବା ସମ୍ଭବ ନୁହେଁ। ଏହା ଯଦି ଅନ୍ୟ ରାସ୍ତାରେ ହୋଇପାରେ,ତେବେ ବିପ୍ଳବ ଦରକାର ନାହିଁ। ତା'ହେଲେ ଯେଉଁ ରାସ୍ତାରେ ତା'ସମ୍ଭବ, ସେହି ରାସ୍ତାରେ ହିଁ ତାଙ୍କୁ ଆଗେଇବାକୁ ହେବ। ମାତ୍ର ଯେତେବେଳେ crisis after crisis (ସଂକଟ ପରେ ସଂକଟ) ଆସିବ, recession (ମାନ୍ଦା)ର ଧକ୍କା ଆସିବ, uncertainity of life (ଜୀବନର ଅନିଶ୍ଚିତତା) ବାସ୍ତବ ଜୀବନକୁ କେନ୍ଦ୍ରକରି ବଢ଼ିଚାଲିବ, ଆଉ ତା'ର ପ୍ରତିଫଳନ ଭାବେ ନୀତି ନୈତିକତା କ୍ଷେତ୍ରରେ ସଂକଟ ସୃଷ୍ଟି କରିବ, ଅନିଶ୍ଚିତତା ଦ୍ୱାରା ଭାବନା ଧାରଣା, ଚିନ୍ତା, ନୈତିକତା, ପାରିବାରିକ ଆଦର୍ଶ ସର୍ବ କ୍ଷେତ୍ରରେ ଘୁଣ ଧରିବ, ଏଥିରୁ ବଞ୍ଚିବାର ରାସ୍ତା କଣ ତୁମେ ବତାଇ ପାରିବ ? ଏହାକୁ ହିଁ ଆମେ କହୁ ସର୍ବାତ୍ମକ ସଂକଟ, ଆଉ ଏହି ସର୍ବାତ୍ମକ ସଂକଟ ଇଙ୍ଗିତ କରୁଛି ଯେ, ଏହି ବ୍ୟବସ୍ଥାରେ ସମାଜର ଆଉ ଅଗ୍ରଗତି ସମ୍ଭବ ନୁହେଁ। ଏହାର ଆମୂଳଚୂଳ ପରିବର୍ତ୍ତନ ଦରକାର। ଏଗୁଡ଼ିକ କବଳରୁ ବଞ୍ଚିବାର ଗୋଟିଏ ମାତ୍ର ଉପାୟ ହେଉଛି ବିପ୍ଳବ। ତା'ହେଲେ ବିପ୍ଳବୀ ସଂଗ୍ରାମ ବ୍ୟତିରେକେ ଏହି ପରିବର୍ତ୍ତନ ଆସି ପାରେନା। ଅନ୍ୟ ସମସ୍ତ ରାସ୍ତା ପ୍ରତାରଣା ଏବଂ ବୁର୍ଜୁଆମାନଙ୍କର ସେବା କରିବାର ରାସ୍ତା।

ଅବସ୍ଥା ଯଦି ଏହା ହୁଏ, ତା'ହେଲେ ବୁଝି ପାରୁଥିବେ, ଏହି ସମାଜ ମଧ୍ୟରେ ଉତ୍ପାଦନ ବ୍ୟବସ୍ଥା ସହିତ ସମ୍ପର୍କ ସ୍ଥାପନ ବ୍ୟତିରେକେ ଆମେ ବଞ୍ଚିପାରୁନା। ଉତ୍ପାଦନ ଉଦ୍ଦେଶ୍ୟରେ ହିଁ ମଣିଷ ମଣିଷ ମଧ୍ୟରେ ସମ୍ପର୍କ ଏବଂ ସେହି ଉଦ୍ଦେଶ୍ୟରେ ହିଁ ଆମେ ସାମାଜିକ ପ୍ରାଣୀ, ସେହି ଉଦ୍ଦେଶ୍ୟରେ ହିଁ ମଣିଷ ମଣିଷ ମଧ୍ୟରେ ସ୍ନେହ, ମମତା, ପ୍ରୀତି ଆଦି ସମ୍ପର୍କର ଧାରଣା ଗଢ଼ି ଉଠିଛି। ଉତ୍ପାଦନ ସମ୍ପର୍କ କହିଲେ ଏହା ଅର୍ଥକାରୀ

ସମ୍ପର୍କ ନୁହେଁ। ଆମେ ଦୁଇ ଜଣ କାହିଁକି ଏକତ୍ରିତ ହୋଇଛୁ? ଏହି ଦୁଇ ଜଣ ଏକତ୍ରିତ ହେବା ଅର୍ଥ ଦୁଇଟି ଚିନ୍ତାର ମିଳନ, ଦୁଇ ଜଣ ମଣିଷଙ୍କର ମିଳନ। ଏହି ମିଳନ କଣ ପାଇଁ? ଏହି ମିଳନ ହେଉଛି ଉତ୍ପାଦନ କରିବା ପାଇଁ, ସୃଷ୍ଟି କରିବା ପାଇଁ- ଭାବଗତ ଏବଂ ବସ୍ତୁଗତ। ଏହା ହେଉଛି ମଣିଷର ପାରସ୍ପରିକ ସମ୍ପର୍କର ଅନ୍ତରାଳର କଥା।

ଆମେ ଯେଉଁ ସମାଜରେ ବାସ କରୁଛୁ, ସେଠି ଗୋଟିଏ ଦିଗରେ ମାଲିକ ଗୋଷ୍ଠୀ, ଯେଉଁମାନେ ଉତ୍ପାଦନ ଯନ୍ତ୍ରର ମାଲିକ ଏବଂ ସେମାନଙ୍କର ଲାଭ ଓ ସ୍ୱାର୍ଥର ଦୃଷ୍ଟିଭଙ୍ଗୀ ଏବଂ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ସମଗ୍ର ଉତ୍ପାଦନ ପ୍ରକ୍ରିୟାଟି ପରିଚାଳିତ ହୁଏ। ଅନ୍ୟଦିଗରେ ଏହି ଉତ୍ପାଦନ ଯନ୍ତ୍ର ସହିତ ଜୀବନଧାରଣର ତାଗିଦ୍‌ରେ ଯୁକ୍ତ ହୋଇ ରହିବାକୁ ବାଧ୍ୟ ହେଉଥିବା ଅଧିକାଂଶ ଲୋକ ହେଉଛନ୍ତି ଶୋଷିତ ସମ୍ପ୍ରଦାୟ। ଗୋଟିଏ ଦିଗରେ ମାଲିକଶ୍ରେଣୀ, ଅନ୍ୟଦିଗରେ ଶୋଷିତ ଶ୍ରେଣୀ, ଏହା ହେଉଛି ଏକ ସମାଜର ରୂପରେଖ। ଏହି ଦୁଇ ଶ୍ରେଣୀର ଶ୍ରେଣୀ ସଂଗ୍ରାମକୁ ନେଇ ହିଁ ଏହି ସମ୍ପର୍କ। ପୁଣି ଶ୍ରେଣୀ ସଂଗ୍ରାମ ମଧ୍ୟରେ ଏହି ମାର୍କ୍ସବାଦୀ ଧାରଣା ଯୁକ୍ତ ଯେ, ମଣିଷର ଭାବନା-ଧାରଣା, ମାନସିକ ରୀତିନୀତି, ନୈତିକତା, ମାନସିକ ବାଞ୍ଛା, ଚାହିଁବା-ପାଇବା, ଏସବୁ କିଛି ଶ୍ରେଣୀ ସଂଗ୍ରାମ ଦ୍ୱାରା ପ୍ରଭାବିତ ହୁଏ।

ଆମେ ଯେଉଁମାନେ ବୁଦ୍ଧି ଦ୍ୱାରା ଏଗୁଡ଼ିକୁ ବୁଝି ଶ୍ରମିକଶ୍ରେଣୀର ଦଳ କରିବାକୁ ଆଗେଇ ଆସିଲୁ, ଯେଉଁମାନେ ବୁଝିଲୁ, ସମାଜର ପ୍ରତିଟି ବ୍ୟକ୍ତିର, ପ୍ରତିଟି ଶୋଷିତ ମଣିଷର ଏବଂ ଦେଶର ସର୍ବାଙ୍ଗୀନ ପ୍ରଗତି ଏବଂ ଉନ୍ନତି ପାଇଁ ସମାଜ ବିପ୍ଳବ କରିବାକୁ ହିଁ ପଡ଼ିବ, ସେମାନେ ତ ଏହି ବିପ୍ଳବ ତଥା ବିପ୍ଳବୀ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ସ୍ୱେଚ୍ଛାରେ, voluntarily, ପୁଞ୍ଜିବାଦୀ ଶୋଷଣରୁ ମୁକ୍ତି ସଂଗ୍ରାମରେ ଆତ୍ମନିୟୋଗ କରିଛନ୍ତି। ସମାଜ ଓ ବ୍ୟକ୍ତିର ବିକାଶର ରାସ୍ତା ଖୋଲି ଦେବାକୁ ହେଲେ, ପରିବାରଗୁଡ଼ିକୁ ମୁକ୍ତ କରିବାକୁ ହେଲେ, ଏପରିକି ଆମର ସ୍ନେହ, ପ୍ରେମ, ପ୍ରୀତି, ମମତା, ଭଲପାଇବା ଆଦିକୁ ସୁନ୍ଦର କରି ଗଢ଼ି ତୋଳିବାକୁ ହେଲେ ଏବଂ ରକ୍ଷା କରିବାକୁ ହେଲେ, ପୁଞ୍ଜିବାଦ ବିରୋଧୀ ବିପ୍ଳବ ସହିତ ଆମମାନଙ୍କୁ ଯୁକ୍ତ କରି ନପାରିଲେ ସେହି ଲଢ଼େଇକୁ ସଫଳ କରିବା ସମ୍ଭବ ନୁହେଁ। ଆମ ସମସ୍ତଙ୍କର ମୁକ୍ତିର ପ୍ରଶ୍ନ, ଅଗ୍ରଗତିର ପ୍ରଶ୍ନ, ସମାଜ ବିକାଶର ପ୍ରଶ୍ନ, ସମାଜର ସର୍ବାଙ୍ଗୀନ କଲ୍ୟାଣର ପ୍ରଶ୍ନ, ଆମେ ଚାହୁଁ ବା ନଚାହୁଁ ଇତିହାସର ଅମୋଘ ନିୟମରେ ପୁଞ୍ଜିବାଦୀ ଶୋଷଣରୁ ମୁକ୍ତିର ସଂଗ୍ରାମ ସହିତ ଓତପ୍ରୋତଭାବେ ଜଡ଼ିତ ରହିଛି। ଏହା ବୁଝିପାରି ଥିବାରୁ ଆମେ ଶ୍ରମିକ ବିପ୍ଳବର ଅନୁଗାମୀ ହୋଇଛୁ, ସମାଜତାନ୍ତ୍ରିକ ବିପ୍ଳବର ଅନୁଗାମୀ ହୋଇଛୁ, ପୁଞ୍ଜିବାଦ ବିରୋଧୀ ବିପ୍ଳବର ଆୟୋଜନ ଏବଂ ସଂଗ୍ରାମ ଗଢି ତୋଳିବା ପାଇଁ ଆମେ ସର୍ବହରାର ଦଳ, ମାର୍କ୍ସବାଦ-ଲେନିନ୍‌ବାଦ ଏବଂ ସାମ୍ୟବାଦର ଝଣ୍ଡାକୁ

ଉର୍ଦ୍ଧ୍ୱେତୋଳିତ କରିଛୁ । ଲେନିନ୍‌ଙ୍କ କଥା ଅନୁଯାୟୀ- ଯେଉଁ ଶ୍ରମିକ ଶୋଷିତ ହେଉଛି, ତା'ର ମୁକ୍ତି ପଥରେ ହିଁ ସମାଜର ମୁକ୍ତି । ଯେଉଁ ଶ୍ରମିକ ଏହି ସଚେତନତା ଅର୍ଜନ କରିପାରେ, ସେ ହିଁ ପୁରୁଣା ସଭ୍ୟତାକୁ ଭାଙ୍ଗି ନୂତନଭାବେ ଏହି ସଭ୍ୟତାର ଜନ୍ମ ଦେଇପାରେ । କିନ୍ତୁ ଯେଉଁ ଶ୍ରମିକ କୂପମଣ୍ଡୁକତା, କୁସଂସ୍କାର, ଅଶିକ୍ଷା, ଅଜ୍ଞତା ଆଦି ପୁଞ୍ଜିବାଦର ନାନା ପଚାସଢ଼ା ଭାବଧାରାର ଶୀକାର ହୋଇ ଗୋଲମୀର ମନୋଭାବ ନେଇ ମାଲିକର ଦାସତ୍ୱ କରୁଛି, ସେ ପାରେ ନାହିଁ । ତେଣୁ ମାର୍କ୍ସବାଦ-ଲେନିନ୍‌ବାଦ କହୁଛି, ଶ୍ରମିକର ସନ୍ତାନ ଏବଂ ସେ ଶୋଷିତ, କେବଳ ଏଥିପାଇଁ ହିଁ ତା'ମଧ୍ୟରେ ଶ୍ରମିକ ବିପ୍ଳବର ଚେତନା ଆପଣାଛାଏଁ ଗଢ଼ି ଉଠେ ନାହିଁ, ଶ୍ରମିକମାନଙ୍କ ମଧ୍ୟକୁ ଏହି ଚେତନା ନେଇଯିବାକୁ ହୁଏ । ଏହି ଚେତନା ସମାଜ ମଧ୍ୟକୁ କିଏ ନେଇ ଯାଏ ?

ମାଲିକ-ଶ୍ରମିକ ମଧ୍ୟରେ ଚାଲିଛି ପ୍ରତିନିୟତ ସଂଘର୍ଷ । ଅର୍ଥନୀତି କ୍ଷେତ୍ରରେ labour and capital (ଶ୍ରମ ଓ ପୁଞ୍ଜି), growing productive force ଏବଂ existing production relation (ବିକାଶଶୀଳ ଉତ୍ପାଦିକା ଶକ୍ତି ଏବଂ ପ୍ରଚଳିତ ଉତ୍ପାଦନ ସମ୍ପର୍କ) ମଧ୍ୟରେ ଯେଉଁ antagonistic (ବିରୋଧାତ୍ମକ) ଦ୍ୱନ୍ଦ୍ୱ, ଏହି ଦ୍ୱନ୍ଦ୍ୱରୁ ସମାଜ ଚେତନାରେ, ସମାଜର ଭାବଗତ ଉତ୍ପାଦନ କ୍ଷେତ୍ରରେ ସମାଜ ବିପ୍ଳବର ଧାରଣା ସୃଷ୍ଟି ହେଉଛି । ସେହି ଧାରଣା ଆକାଶରେ ଭାସି ବୁଲେନା । ସଙ୍ଗେ ସଙ୍ଗେ ହିଁ ଏହି ସମାଜର କେତେ ଜଣ ଶିକ୍ଷିତ ମଣିଷଙ୍କ ମଧ୍ୟରେ ତାହା personified (ବ୍ୟକ୍ତିକୃତ) ହେଉଛି । ଶିକ୍ଷିତ ମଣିଷମାନେ ଯେକୌଣସି ଅବସ୍ଥାରେ ଥା'ନ୍ତୁ ନା କାହିଁକି, ସେମାନେ ବୁଝିପାରନ୍ତି ଏବଂ ଅନୁଭବ କରି ପାରନ୍ତି ଯେ ମୁଁ ଶୋଷିତ ଏବଂ ଅବମାନିତ ଅବସ୍ଥାରେ ରହିଛି । ମୋର ବିବେକ, ମନୁଷ୍ୟତ୍ୱ ପଦଦଳିତ ହେଉଛି । ମୋ ମଧ୍ୟରେ ଯେଉଁ ମଣିଷଟି ରହିଛି, ସେ ମଥା ଉଚ୍ଚ କରି ସ୍ୱାଭାବିକ ବିକାଶର ରାସ୍ତା ପାଉ ନାହିଁ । ଏହା ଉପଲବ୍ଧି କରିବା ପାଇଁ ଦର୍ଶନ, ବିଜ୍ଞାନ, ଇତିହାସ, ଅର୍ଥନୀତିର ଜ୍ଞାନ ଥିବା ଦରକାର । ପୁଣି ଏମାନଙ୍କୁ declassed (ଶ୍ରେଣୀଚ୍ୟୁତ) ହେବାକୁ ପଡ଼ିବ । ଏମାନେ ହିଁ ଶ୍ରମିକ ଶ୍ରେଣୀ ମଧ୍ୟକୁ ବିପ୍ଳବର ଚେତନା ନେଇଯିବେ । ଏହା ହିଁ ଲେନିନ୍ ଦର୍ଶାଇଛନ୍ତି । ଏହିଭଳିଭାବେ ଏହି ସମସ୍ତ ମଣିଷଙ୍କ ମଧ୍ୟରେ ମୁକ୍ତିର ଚେତନା ଧକ୍କା ଦିଏ, ବିପ୍ଳବର ଚିନ୍ତା ଧକ୍କା ଦିଏ । ଧକ୍କା ଦେବା ପରେ ହିଁ ତତ୍‌କ୍ଷଣାତ୍ ସେହି ଅବସ୍ଥାରୁ ସେମାନେ ଏହାକୁ ସାମାଜିକ ଆନ୍ଦୋଳନଭାବେ ଗ୍ରହଣ କରନ୍ତି । ଏହିଭଳିଭାବେ ହିଁ socialist movement, ଯାହାକୁ ଆମେ ସମାଜତାନ୍ତ୍ରିକ ଆନ୍ଦୋଳନ ବା ବିପ୍ଳବୀ ଆନ୍ଦୋଳନ କହୁ, ସେହି ଆନ୍ଦୋଳନର ଜନ୍ମ ହୁଏ ।

ଏହି ଆନ୍ଦୋଳନ-ଯାହାର ଗୋଟିଏ ଦିଗ ହେଉଛି ଅନ୍ୟାୟ ବିରୁଦ୍ଧରେ, ପ୍ରତିଦିନର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଦୈନନ୍ଦିନ ଦାବିଗୁଡ଼ିକୁ ଭିତ୍ତିକରି ଲଢ଼େଇ

କରିବା, ଆଉ ଏହା ମଧ୍ୟଦେଇ ସମାଜ ଚେତନା ଏବଂ ବିପ୍ଳବୀ ଚେତନା ଶ୍ରମିକମାନଙ୍କ ମଧ୍ୟକୁ ନେଇଯିବା। ତେଣୁ ମାର୍କ୍ସବାଦ-ଲେନିନ୍‌ବାଦ ଆଉ ଏକ କଥା କହୁଛି, ଶ୍ରମିକମାନଙ୍କ ମଧ୍ୟକୁ ଯିବେ, ଶ୍ରମିକମାନଙ୍କର ଗୋଲାମିର ମାନସିକତା, କୁସଂସ୍କାରଗୁଡ଼ିକୁ ଆୟତ୍ତ କରିବା ପାଇଁ ନୁହେଁ, ଶ୍ରମିକମାନଙ୍କ ମଧ୍ୟରେ ଯେଉଁ ଗୋଲାମୀର ମନୋଭାବ ରହିଛି, ଦାସତ୍ୱର ମନୋଭାବ ରହିଛି ସେଗୁଡ଼ିକର ଶିକାର ହେବା ପାଇଁ ନୁହେଁ, rustic habit (କଦର୍ଯ୍ୟ ଅଭ୍ୟାସ), କୁସଂସ୍କାର, ବୁର୍ଜୁଆ ଭାବଧାରା ଏବଂ ବ୍ୟକ୍ତିବାଦର ଯେଉଁ ପ୍ରଭାବଗୁଡ଼ିକ ରହିଛି ସେଗୁଡ଼ିକର ଶୀକାର ବନିଯିବା ପାଇଁ ନୁହେଁ; ସେମାନଙ୍କ ମଧ୍ୟକୁ ଯିବେ ସେମାନଙ୍କୁ କମ୍ୟୁନିଷ୍ଟ ବନାଇବା ପାଇଁ, ସେମାନଙ୍କର କମ୍ୟୁନିଷ୍ଟ ଚେତନାକୁ ଉନ୍ନୀତ କରିବା ପାଇଁ। ଆଉ ସେତେବେଳେ ହିଁ ତୁମର ଏବଂ ସେମାନଙ୍କର ମିଳନ ଦ୍ୱାରା ଯେଉଁ ଶକ୍ତି ସୃଷ୍ଟି ହେବ, ସେହି ଶକ୍ତି ସମାଜ ବିପ୍ଳବ ଏବଂ ସମାଜ ପରିବର୍ତ୍ତନ ସାଧନ କରିବ।

ତା'ହେଲେ ଆମେ notice (ବୁଝିପାରୁ ବା ନପାରୁ) କରୁ ବା ନକରୁ, ସମାଜ ଅଭ୍ୟନ୍ତରରେ ଥିବା ଏହି ଶ୍ରେଣୀ ଦ୍ୱନ୍ଦ୍ୱ-ଶ୍ରେଣୀ ସଂଗ୍ରାମ କ୍ରମାଗତ ଆମର ଅଜ୍ଞାତସାରରେ ହିଁ, ଆମର ବୁଦ୍ଧି ଏବଂ ବୁଝିବା ପ୍ରତି କୌଣସି ପରୱା ନକରି, ଆମର ପ୍ରତିଦିନର ଅଭ୍ୟାସ, ଆଚରଣ, ରୁଚି, ନୀତି-ନୈତିକତା, ମାନସିକ ଢଙ୍ଗଢାଙ୍ଗ ଓ ଚିନ୍ତାଧାରାକୁ ପ୍ରଭାବିତ କରେ। ଶ୍ରମିକ ଶ୍ରେଣୀର ଦଳ ବି ଏହି ଅବସ୍ଥା ମଧ୍ୟରେ ଅବସ୍ଥାନ କରୁଛି- ଏହି କଥାଟି କମ୍ରେଡ୍‌ମାନଙ୍କୁ ମନେରଖିବାକୁ ହେବ। ସମାଜରେ ଚାଲୁଥିବା ଏହି intensive class battle ଅର୍ଥାତ୍ ଶ୍ରେଣୀ ସଂଗ୍ରାମ ମଧ୍ୟରେ ସେ ମଧ୍ୟ ଅବସ୍ଥାନ କରୁଛି, ସେ ତ ଶ୍ରେଣୀ ସଂଗ୍ରାମର ପରିବେଶ ବାହାରର ଏକ ସତ୍ତା ନୁହେଁ। ସେ ନିଜେ ଯେହେତୁ ଏକ ଶ୍ରମିକ ଶ୍ରେଣୀର ଦଳ ଗଠନ କରିଦେଲେ ଏବଂ ଦଳର ଲୋକମାନେ ମାର୍କ୍ସବାଦ-ଲେନିନ୍‌ବାଦ ବୁଝି ପକାଇଲେ, ଶ୍ରମିକ ଶ୍ରେଣୀର ଆଦର୍ଶ ବୁଝି ପକାଇଲେ, ତା' ବୋଲି ସଙ୍ଗେ ସଙ୍ଗେ ଏହି ଶ୍ରେଣୀ ସଂଗ୍ରାମର ପ୍ରଭାବ ଯେ ତାଙ୍କ ଉପରେ ପଡ଼ିଲା ନାହିଁ, ବା ଏହି ସମାଜ ପରିବେଶର ପ୍ରଭାବରୁ ସେ ସମ୍ପୂର୍ଣ୍ଣ ମୁକ୍ତ ହୋଇଗଲେ, ତା'ତ ଅଳିକ କଳ୍ପନା। ଯାହାକୁ ଆମେ ସମାଜ ପରିବେଶର ପ୍ରଭାବ କହୁ, ତା' ମଧ୍ୟ ପାଖାପାଖି ରହିବ। ତେଣୁ ଏହି ବୁର୍ଜୁଆ ସମାଜ ଯାହା dominently capitalist ବା ବୁର୍ଜୁଆ ଶ୍ରେଣୀ ସ୍ୱାର୍ଥର ଭାବନା ଧାରଣା ଦ୍ୱାରା ପ୍ରଭାବିତ- ପରିବାର, ପାରିବାରିକ ସମ୍ପର୍କ, ସ୍କୁଲ-କଲେଜର ନୀତି ନୈତିକତାର ଧାରଣା, ଶିକ୍ଷକ ମହାଶୟଙ୍କ କର୍ତ୍ତବ୍ୟ ଜ୍ଞାନ ପ୍ରଭୃତି ମଧ୍ୟରୁ ଯେଉଁ ଧାରଣାଗୁଡ଼ିକ ପ୍ରତିନିୟତ ସମାଜକୁ ଆସୁଛି, ତା' ମୂଳତଃ ବୁର୍ଜୁଆ ଶ୍ରେଣୀର ଭାବନା-ଧାରଣା। ଏହି ଭାବନା ଧାରଣାଗୁଡ଼ିକ କ୍ରମାଗତ ଶ୍ରମିକଶ୍ରେଣୀ ଦଳର କର୍ମୀମାନଙ୍କ ଉପରେ ମଧ୍ୟ

ପ୍ରଭାବ ବିସ୍ତାର କରିବାକୁ ଚାହେଁ। ସୁତରାଂ କୌଣସି କର୍ମୀ ଶ୍ରମିକଶ୍ରେଣୀ ଦଳର ସଭ୍ୟ ହୋଇଛନ୍ତି, ବିପ୍ଳବୀ ଆଦର୍ଶ ଗ୍ରହଣ କରିଛନ୍ତି, ବିପ୍ଳବୀ ସଂଗ୍ରାମରେ ଆତ୍ମନିୟୋଗ କରିଛନ୍ତି, ଅନେକ ସ୍ୱାର୍ଥ ତ୍ୟାଗ କରି ଜେଲ ଯାଇଛନ୍ତି, ଲଢୁଛନ୍ତି ବୋଲି ତାଙ୍କର ଆଉ ବୁର୍ଜୁଆ ଭାବଧାରା ଦ୍ୱାରା ପ୍ରଭାବିତ ହେବାର କୌଣସି ସମ୍ଭାବନା ହିଁ ନାହିଁ- ଏହା ହେଉଛି ଭ୍ରାନ୍ତ ଧାରଣା, illusion। ବିପ୍ଳବୀ ଦଳର କର୍ମୀମାନଙ୍କୁ ପ୍ରତିନିୟତ ଏବଂ ପ୍ରତିମୁହୂର୍ତ୍ତରେ ସତର୍କତାର ସହିତ ବୁଝିବାକୁ ହୁଏ, ମୋର କେଉଁ ମାନସିକ ଢଙ୍ଗ, ଚିନ୍ତା, ଫିଲିଂ ଏହି ପୁଞ୍ଜିବାଦୀ ସମାଜର ବୁର୍ଜୁଆ ଶ୍ରେଣୀର ଭାବଧାରା ଦ୍ୱାରା ପ୍ରଭାବିତ ହେଉଛି, ଅଥବା ଶ୍ରମିକ ଶ୍ରେଣୀର ମୁକ୍ତି ଆକାଂକ୍ଷାରୁ ସୃଷ୍ଟ ସ୍ୱାର୍ଥ ଦ୍ୱାରା ପ୍ରଭାବିତ ହେଉଛି। ପ୍ରତିଟି ଭାବନା ଧାରଣା ଗଢି ଉଠିବା ସମୟରେ ଏହି ବିଚାରଟି କରିବାକୁ ହେବ। କାରଣ ତାଙ୍କୁ ମନେରଖିବାକୁ ହେବ, ଅନବରତ ଶ୍ରେଣୀ ସଂଗ୍ରାମର ପ୍ରଭାବ କର୍ମୀମାନଙ୍କ ଜୀବନରେ, ନେତାମାନଙ୍କ ଜୀବନରେ ପ୍ରତିମୁହୂର୍ତ୍ତରେ ପଡ଼ିବାକୁ ଚେଷ୍ଟା କରେ।

## ଶ୍ରେଣୀ ସଂଗ୍ରାମର ଦୁଇଟି ଦିଗ ରହିଛି

ଶ୍ରେଣୀ ସଂଗ୍ରାମର ଦୁଇଟି ଦିଗ ଅଛି। ଗୋଟିଏ ହେଲା, ଶ୍ରମିକ ଆନ୍ଦୋଳନ ଏବଂ ବିପ୍ଳବୀ ଆନ୍ଦୋଳନ ଏହାର ଶକ୍ତିର ତାରତମ୍ୟ ଅନୁସାରେ ସମାଜର ଜନଗଣଙ୍କ ଉପରେ ତା'ର ଭାବନା ଧାରଣାର ପ୍ରଭାବ ପକାଇବାକୁ ଚାହେଁ, ଆଉ ଅନ୍ୟ ଦିଗଟି ଠିକ୍ ଏହାର ବିପରୀତ। ବୁର୍ଜୁଆ ଶ୍ରେଣୀ ମଧ୍ୟ ତା'ର ଶକ୍ତିର ତାରତମ୍ୟ ଅନୁସାରେ ଏବଂ ବିଶେଷକରି ବୁର୍ଜୁଆ ଶାସନ ଥିବା ଫଳରେ ବୁର୍ଜୁଆ ସମାଜର ପ୍ରଚଳିତ ବ୍ୟବସ୍ଥାର ନିୟମ କାନୁନ୍, ଶୃଙ୍ଖଳାବୋଧ, ପାରିବାରିକ ଦାୟିତ୍ୱବୋଧ, ନ୍ୟାୟନୀତିବୋଧ- ଏସବୁର ସହାୟତାରେ ସେ ସର୍ବଦା ବିପ୍ଳବୀ କର୍ମୀମାନଙ୍କର ମାନସିକତାକୁ ବିଭ୍ରାନ୍ତ କରିବା ପାଇଁ ଚେଷ୍ଟା କରେ। ଫଳରେ, ବିପ୍ଳବୀ ଦଳର କର୍ମୀମାନଙ୍କୁ ସର୍ବଦା ମନେରଖିବାକୁ ହେବ ଯେ, କେବଳ ଜନଗଣଙ୍କର ଦାବିଗୁଡ଼ିକ ନେଇ ବିପ୍ଳବର ସ୍ଳୋଗାନ ଦେଉଛି, ବିପ୍ଳବର ତତ୍ତ୍ୱ ନେଇ ଆଲୋଚନା କରୁଛି, ଆଉ ଅତି ସନ୍ତର୍ପଣରେ ମୋର ଅସତର୍କ ଅବସ୍ଥାରେ, ଅସତର୍କ ମୁହୂର୍ତ୍ତରେ ଯେତେବେଳେ ମୁଁ ଅତି ଉତ୍ସାହରେ ପ୍ରବଳଭାବେ ଜନଗଣଙ୍କ ସଂଗ୍ରାମରେ ବ୍ୟସ୍ତ, ସେତିକିବେଳେ ହିଁ ଭିତରେ ଭିତରେ ଅତି ସଂଗୋପନରେ ମୋ ମଧ୍ୟରେ ବୁର୍ଜୁଆ ସମାଜର ପ୍ରଚଳିତ ଭାବନା ଧାରଣା ବିଭିନ୍ନ ଉପାୟରେ କେଉଁଠି ସିଧାସଳଖ, କେଉଁଠି ହତାଶା ରୂପରେ, କେଉଁଠି ବିଭ୍ରାନ୍ତି ବା କେଉଁଠି complex ରୂପରେ, ପୁଣି କେଉଁଠି ବିଭିନ୍ନ ଫର୍ମ (ରୂପ) ମାଧ୍ୟମରେ ମୋ ଭିତରକୁ ପ୍ରବେଶ କରିବା ପାଇଁ ଚେଷ୍ଟା କରୁଛି। ମୋ ଭିତରେ ପ୍ରବେଶ କରି ମୋତେ ଭିତରେ ଭିତରେ କୋରି କୋରି ଖାଇ ଯାଏ, ମୋର ବିପ୍ଳବୀ ତେଜ,

ଚରିତ୍ରର ମୂଳ ବୈଶିଷ୍ଟ୍ୟ ଯାହା ନେଇ ମୁଁ ଆରମ୍ଭ କରିଥିଲି ତା'କୁ ହିଁ ନିଃଶେଷ କରି ଦେବାକୁ ଚାହେଁ। କାରଣ ବୁର୍ଜୁଆ ଶ୍ରେଣୀଶତ୍ରୁମାନେ, ପ୍ରତିପକ୍ଷ ଶ୍ରମିକଶ୍ରେଣୀର ସଚେତନ ଅବସ୍ଥା, ପୁଣି ଅସଚେତନ ଅବସ୍ଥାର ଅସଲ ଜାଗାଟିକୁ ଧରିପାରନ୍ତି। ଆମେ ଯାହାକୁ ଶ୍ରେଣୀ instinct (ଶ୍ରେଣୀଗତ ଘ୍ରାଣ ଶକ୍ତି) କହୁ, ତା' ସେମାନଙ୍କର ଖୁବ ଭଲଭାବରେ ଥାଏ। ସେମାନେ ବୁଝନ୍ତି, କେଉଁ ଜାଗାରେ ଆଘାତ ଦେଲେ ଆଘାତଟା ମାରାତ୍ମକ ହେବ। ସେମିତି ଶ୍ରମିକ ଶ୍ରେଣୀ ମଧ୍ୟରେ ଯେଉଁମାନେ ସଚେତନ କର୍ମୀ, ଯେଉଁମାନେ ସବୁଠାରୁ ଅଗ୍ରଣୀ କ୍ୟାଡର, ସେମାନେ ମଧ୍ୟ ଠିକ୍ ବୁଝିପାରନ୍ତି, ବୁର୍ଜୁଆମାନଙ୍କର ପ୍ରଭାବ ଖର୍ବ କରିବାକୁ ହେଲେ କେଉଁ ଜାଗାରେ ଏବଂ କିଭଳିଭାବେ ପ୍ରହାର କଲେ, ଆଘାତ ଦେଲେ ବୁର୍ଜୁଆ ପ୍ରଭାବରୁ ଜନଗଣଙ୍କୁ ଅତି ଦ୍ରୁତ ଆମେ ମୁକ୍ତ କରି ଆଣି ପାରୁ, ମାନବିକ ଆବେଦନ ଦ୍ୱାରା ସେମାନଙ୍କୁ ଉଦ୍‌ବୁଦ୍ଧ କରିପାରୁ। ଏହା ହିଁ ତ ଚ୍ୟାଲେଞ୍ଜ, ଏହା ହିଁ ତ ହେଉଛି ଶିକ୍ଷା ଏବଂ ଏହାରି ପାଇଁ ତ ଆମର ଲଢେଇ। ପୁଣି କେବଳ ଏତିକି ଶିଖିବା ପାଇଁ ହିଁ ଆମେ ଲଢୁ ନାହୁଁ। ଆମେ ପଢ଼ାପଢ଼ି କରୁଛୁ, ଲଢୁଛୁ, ଆଲୋଚନା କରୁଛୁ। ନାନା ଧରଣର ଯୁକ୍ତି ତର୍କ କରୁଛୁ ଏବଂ ନାନା ପ୍ରକାରର ଅଭିଜ୍ଞତା ମିଳାଇ ମିଶାଇ ଶିଖିବା ପାଇଁ ମଧ୍ୟ ଚେଷ୍ଟା କରୁଛୁ।

## ଅସୁନ୍ଦର ନଥିଲେ ସୁନ୍ଦରର ମୂଲ୍ୟ ନାହିଁ

ମନେରଖିବେ, ଏହି ବିପ୍ଳବୀ ସଂଗ୍ରାମରେ ମଧ୍ୟ ଅନେକ କଣ୍ଟା ରହିଛି, ଅନେକ ରକ୍ତକ୍ଷୟୀ କଷ୍ଟ ରହିଛି, ଅନେକ ଦୁଃଖ-ବେଦନାର ଘଟଣା ରହିଛି, ଅନେକ ଭଲଲାଗିବା, ମନ୍ଦ ଲାଗିବାର ବିଷୟ ରହିଛି, ତଥାପି ବିପ୍ଳବର ରାସ୍ତା ହିଁ ଆପଣଙ୍କର ସଠିକ୍ ରାସ୍ତା- ଏହିଭଳିଭାବ ଆପଣମାନଙ୍କୁ ବୁଝିବାକୁ ହେବ। ଆପଣମାନେ ଯଦି ଏହିଭଳିଭାବେ ବୁଝନ୍ତି ଯେ, ବିପ୍ଳବର ରାସ୍ତାରେ କୌଣସି କଣ୍ଟା ନାହିଁ, କୌଣସି ଦ୍ୱନ୍ଦ୍ୱ ନାହିଁ, ସଂଘାତ ନାହିଁ, ଅସୁବିଧା ନାହିଁ, କୌଣସି ପ୍ରକାରର ଭୁଲ ତ୍ରୁଟି ନାହିଁ, କୌଣସି ପ୍ରକାର ଅନ୍ୟାୟ ନାହିଁ, ତା'ହେଲେ ଭୁଲ ବୁଝିବେ। ପୁଣି ଅନ୍ୟାୟ ଅଛି ବୋଲି ଏହି ରାସ୍ତାଟିକୁ ପରିତ୍ୟାଗ କରାଯାଏ ନା। କାରଣ ଅନ୍ୟାୟର ଦୋହି ଦେଇ ଯଦି ଆପଣ ଏହି ରାସ୍ତା ପରିତ୍ୟାଗ କରି ଗତାନୁଗତିକ ଜୀବନକୁ ଫେରି ଯାଆନ୍ତି, ତା'ହେଲେ ଆପଣ ଏକ ବଡ଼ ଅନ୍ୟାୟକୁ ପ୍ରଶ୍ରୟ ଦେଉଛନ୍ତି, ଯାହା କୌଣସି ରାସ୍ତା ହିଁ ନୁହେଁ। ତା' ହେଉଛି ପୁଞ୍ଜିବାଦର ଗୋଲାମୀର ରାସ୍ତା। ବିପ୍ଳବ ରାସ୍ତାରେ ଯେଉଁ ସବୁ ଭୁଲ ତ୍ରୁଟି ବା ଅନ୍ୟାୟ ହେଉଛି- ସେଗୁଡ଼ିକୁ ଆପଣ correction (ସଂଶୋଧନ) କରିବା ପାଇଁ ସଂଗ୍ରାମ କରିପାରନ୍ତି। ଏହା ମଧ୍ୟରେ ହିଁ ରହିଛି ଆପଣଙ୍କର ସଂଗ୍ରାମ। ସୁତରାଂ, ଆପଣଙ୍କର ଏମିତି ଭାବିବାର କୌଣସି କାରଣ ନାହିଁ ଯେ, ବିପ୍ଳବର ରାସ୍ତାଟା ଖୁବ୍ ସହଜ, ସରଳ। ନା, ତା ନୁହେଁ। ଏହି ରାସ୍ତାଟା ସିଧା ରାସ୍ତା ନୁହେଁ, ସରଳ ରେଖା

ମଧ୍ୟ ନୁହେଁ, ଏହା ଏକ ନିର୍ଲିପ୍ତ ଆରାମର ରାସ୍ତା ମଧ୍ୟ ନୁହେଁ, ତେବେ ଅସୁନ୍ଦର ନୁହେଁ। ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଗୋଟିଏ କଥା ଭଲଭାବରେ ବୁଝିବା ଦରକାର। ସୁନ୍ଦର, ଆନନ୍ଦମୟ ଏହି କଥାଗୁଡ଼ିକର କୌଣସି ଅର୍ଥ ନାହିଁ, ଯଦି ମୁଁ ଭାବେ କେବଳ ସୁନ୍ଦର ହିଁ ରହିବ; ତେବେ ସୁନ୍ଦରର ତ କୌଣସି ଗୁରୁତ୍ୱ ରହିବ ନାହିଁ। ଅସୁନ୍ଦର ପାଖାପାଖି ଆସି ପ୍ରତିନିୟତ ସୁନ୍ଦରକୁ ମାରିବାକୁ ଚାହେଁ, ଆଉ ସେଥିପାଇଁ ତ ସୁନ୍ଦରର ଏତେ ଆଦର। ସେହି କାରଣରୁ ତ ସୁନ୍ଦରକୁ ଗ୍ରହଣ କରିବା ପାଇଁ ମଣିଷର ଏତେ ଆକୁଳତା। ଯଦି କେବଳ ସୁନ୍ଦର ହିଁ ଥାନ୍ତା, ତା'ହେଲେ ସୁନ୍ଦରକୁ ନେଇ କେହି ହିଁ ଏତେ ମୁଣ୍ଡ ଖେଳାନ୍ତେ ନାହିଁ। ତେଣୁ ଯେତେବେଳେ ହିଁ ସୁନ୍ଦରର କଥା କହିବେ, ସେତେବେଳେ ମନେରଖିବାକୁ ହେବ, ବିପ୍ଳବୀ ଆନ୍ଦୋଳନରେ ସୁନ୍ଦର ହିଁ ଅଛି, ଅସୁନ୍ଦର ନାହିଁ–ଏହା ବିପ୍ଳବୀ ଆନ୍ଦୋଳନ ସମ୍ପର୍କରେ କୌଣସି ଚେତନା ହିଁ ନୁହେଁ। କୌଣସି ଆନ୍ଦୋଳନ ସମ୍ବନ୍ଧରେ ଏହା କୌଣସି ଯଥାର୍ଥ ଚେତନା ହିଁ ନୁହେଁ, କୌଣସି ବିଷୟରେ ହିଁ ଏହା ଯଥାର୍ଥ ଚେତନା ନୁହେଁ। ଯେଉଁଠାରେ ହିଁ ସୁନ୍ଦର ଅଛି, ସେହି ପରିବେଶରେ ଅସୁନ୍ଦର ମଧ୍ୟ ତା'ଭଳି ଅଛି। ତେଣୁ ବିପ୍ଳବୀ ଆନ୍ଦୋଳନ ମଧ୍ୟରେ ବି ପ୍ରତିନିୟତ ସୁନ୍ଦର ଅସୁନ୍ଦର ମଧ୍ୟରେ ଲଢ଼େଇ ରହିଛି। ନ୍ୟାୟ ଅନ୍ୟାୟର ଲଢ଼େଇ ରହିଛି, ଭଲ ମନ୍ଦର ଲଢ଼େଇ ଓ ଉଚିତ ଅନୁଚିତର ଲଢ଼େଇ ରହିଛି। ନହେଲେ ଉଚିତ ମଧ୍ୟ ରହନ୍ତା ନାହିଁ, ଅନୁଚିତ୍ ମଧ୍ୟ ରହନ୍ତା ନାହିଁ। ଉଚିତ୍ ସମ୍ବନ୍ଧିତ ଧାରଣା ସବୁକାଳରେ, ସବୁ ସମୟରେ ସମାନ ନୁହେଁ। ନ୍ୟାୟ ସମ୍ବନ୍ଧିତ ଧାରଣା ମଧ୍ୟ ସବୁ କାଳରେ ସବୁ ସମୟରେ ସମାନ ନୁହେଁ। ଅନ୍ୟାୟ ସମ୍ବନ୍ଧିତ ଧାରଣା ମଧ୍ୟ ସେଇୟା। ଅନ୍ୟାୟର ପ୍ରକୃତି ମଧ୍ୟ ସବୁ କାଳରେ ସବୁ ସମାଜରେ ସମାନ ନୁହେଁ। ତେଣୁ ବିପ୍ଳବ ମଧ୍ୟରେ ଅନ୍ୟାୟ ସମ୍ପର୍କିତ ଧାରଣା ବା ଯାହା ଅନ୍ୟାୟ ବୋଲି ମନେହୁଏ, ପୁଞ୍ଜିବାଦର ବହୁ ନ୍ୟାୟ ଧରଣା ଠାରୁ ତା' ଅନେକ ଉନ୍ନତ ସ୍ତରର। ଏହି କଥାଟି ସବୁ ସମୟରେ ମନେରଖିବାକୁ ହେବ। କିନ୍ତୁ, ବିପ୍ଳବୀ ଆନ୍ଦୋଳନରେ ନ୍ୟାୟର ମାପକାଠିରେ ମଧ୍ୟ ଅନ୍ୟାୟ ଆସି ବାରମ୍ବାର ନ୍ୟାୟର ପଥ ରୋଧ କରିବାକୁ ଚାହିଁବ। ନେତୃତ୍ୱ କେତେ ଯୋଗ୍ୟ, କର୍ମୀମାନେ କେତେ ସତର୍କ ଓ ସଂହତ– ଏହି ତିନୋଟି ଫ୍ୟାକ୍ଟର ଉପରେ ନିର୍ଭର କରେ ଏହାକୁ କେତେ ଅଟକାଯାଇ ପାରିବ, କେତେ କମ୍ ଅଟକାଯାଇ ପାରିବ ଅଥବା ଏହା କେତେ କମ୍ ବିପତ୍ତି ସୃଷ୍ଟି କରିପାରିବ। ତେବେ ଅନ୍ୟାୟ ଘଟି ହିଁ ପାରେ ନା, ବିପ୍ଳବୀ ଆନ୍ଦୋଳନ ଏତେ utopian (କଳ୍ପନା ବିଳାସୀ) ଧାରଣା ନେଇ ଚାଲେନା। କୌଣସି ଏକ ଅନ୍ୟାୟ ଦେଖିଲେ ହିଁ ସଙ୍ଗେ ସଙ୍ଗେ ଯେଉଁମାନଙ୍କର ମୁଣ୍ଡ ଖରାପ ହୋଇଯାଏ, ସେତେବେଳେ ଯେଉଁମାନେ ଭାବିବାକୁ ଲାଗନ୍ତି ଯେ, ତା'ହେଲେ ଆଉ କଣ ହେବ– ଏହି ମାନସିକତା ନେଇ ଚାଲିଲେ ତ ବିପ୍ଳବୀ ଆନ୍ଦୋଳନକୁ ସେ ବୁଝିପାରିବେ ନାହିଁ। ହଁ, ନେତାମାନେ କୌଣସି ପ୍ରଶ୍ନରେ ଭୁଲ

କରିଛନ୍ତି, ଅମୁକ ନେତା ଅନ୍ୟାୟ କରିଛନ୍ତି, ଅମୁକ ବିଷୟଟା ଠିକ୍ ହୋଇ ନାହିଁ, ଏହି ପ୍ରଶ୍ନଗୁଡ଼ିକୁ ପାର୍ଟି ମଧ୍ୟରେ ଜୋର ଦେଇ ଉଠାଇବାକୁ ହେବ, କହିବାକୁ ହେବ ଏବଂ ଫାଇଟ୍ କରିବାକୁ ହେବ। କିନ୍ତୁ ନୀତି ବହିର୍ଭୁତ ଉପାୟରେ ନୁହେଁ, ପାର୍ଟିର ଶୃଙ୍ଖଳା ଏବଂ ସମାଲୋଚନା ଓ ଆତ୍ମ ସମାଲୋଚନାର ଯେଉଁ ରୀତି ପଦ୍ଧତି ରହିଛି ତାକୁ ଲଂଘନ କରି ନୁହେଁ। କାରଣ ତାହା ସର୍ବାତ୍ମକ ସ୍ୱାର୍ଥର ପରିପ୍ରେକ୍ଷୀରେ ଗଢି ଉଠିଛି। ପାର୍ଟିର ଆନ୍ଦୋଳନ, ବିପ୍ଳବୀ ଆନ୍ଦୋଳନକୁ ଆଗେଇ ନେଇ ଯିବାର ଯେଉଁ ସର୍ବାତ୍ମକ ସ୍ୱାର୍ଥବୋଧ, ତା'ରି ପରିପ୍ରେକ୍ଷୀରେ କେତେଗୁଡ଼ିଏ ନୀତି, ଧାରଣା, ସମାଲୋଚନା ଓ ଆତ୍ମସମାଲୋଚନାର ରୀତି ଆମର ନିର୍ଦ୍ଧାରିତ ହୋଇଛି। ତା'ହେଲେ ସେହି ରୀତି ମଧ୍ୟରେ ହିଁ ଏହି ଅନ୍ୟାୟ ଓ ଭୁଲ-ତ୍ରୁଟିଗୁଡ଼ିକ ଯେତେବେଳେ ଯାହାର ଆଖିରେ ପଡ଼ିବ, ଜୋର ଦେଇ ସେଗୁଡ଼ିକୁ କହିବାକୁ ହେବ। ଭୁଲ ହେଉ, ଭୁଲ ହେଲେ ମଧ୍ୟ ଭୟ ପାଇବାର କିଛି ନାହିଁ। ଯେତେବେଳେ ଭୁଲ ହିଁ ବୁଝିଛି, ଭୁଲଭାବେ ମଧ୍ୟ ଯଦି ମୋ ମନରେ ପ୍ରଶ୍ନ ଉଠିଥାଏ, ତେବେ ମୁଁ ଯା' ମନେକରେ ତା' କହିବା ଉଚିତ୍। ମୁଁ କେବଳ ଚାହେଁ, କହିବାଟା ଖାପଛଡ଼ାଭାବେ ନହେଉ, ବିଶୃଙ୍ଖଳିତ ଭାବେ ନହେଉ, ସର୍ବାତ୍ମକ ସ୍ୱାର୍ଥବୋଧରୁ ସମାଲୋଚନା ଓ ଆତ୍ମସମାଲୋଚନାର ଯେଉଁ ରୀତି-ନୀତି ନିର୍ଦ୍ଧାରଣ ହୋଇଛି, ତାହାକୁ ଲଂଘନ କରି ନହେଉ । ତାହେଲେ ହିଁ ମୁଁ ଖୁସୀ ହେବି। ବରଂ ଭୟ ପାଇ ନକହିଲେ ମୁଁ ଅଖୁସୀ ହେବି। ମୁଁ ଚାହେଁ ପାର୍ଟିର ସମସ୍ତ କର୍ମକର୍ତ୍ତା ଏବଂ ନେତାମାନେ ଯେମିତି ତାହା ମନେକରନ୍ତି। ସବୁ ସମୟରେ ସମସ୍ତେ ସଠିକ୍‌ଭାବେ ସମସ୍ତ ସମସ୍ୟାକୁ ଟ୍ୟାକେଲ୍ କରି ପାରିବେ କି ନାହିଁ ତା' ସ୍ୱତନ୍ତ୍ର କଥା। ମାତ୍ର ଚିନ୍ତାଗତ କ୍ଷେତ୍ରରେ ମୋର ଏହି କଥାର ବିରୋଧିତା କେହି କରିପାରିବେ ନାହିଁ। ସୁତରାଂ, ଜଣେ କମ୍ରେଡ୍ ବା ଜଣେ ନେତା ଏଭଳି କିଛି ଆଚରଣ କରିଛନ୍ତି ଯାହା ପାର୍ଟି principle (ନୀତି) ସହିତ ସାମଞ୍ଜସ୍ୟ ହୋଇ ନାହିଁ ବୋଲି ତୁମର ମନେହେଉଛି। ପ୍ରଥମତଃ ଏହି ମନେହେବାଟା ସଠିକ୍ କି ନୁହେଁ, ତା' ମନେହେବା ସଙ୍ଗେ ସଙ୍ଗେ ପାର୍ଟି ସହିତ ମତ ବିନିମୟ କରି ପ୍ରଥମେ ଜାଣି ନେବାକୁ ହୁଏ। କାହାରି ସମ୍ପର୍କରେ ପ୍ରଶ୍ନ ଉଠିଲେ ପ୍ରଥମେ ତାଙ୍କ ସହିତ ହିଁ ମୁଁ କଥା ହୁଏ। ବୁଝିବା ପାଇଁ ଚେଷ୍ଟା କରେ, ମୁଁ ଭୁଲ କି ନୁହେଁ। କାରଣ ମୋର ମନେହେବାଟା ସବୁ ସମୟରେ ସଠିକ୍ ନହୋଇ ବି ପାରେ, ପୁଣି ଠିକ୍ ବି ହୋଇପାରେ, ଏପରିକି ଯାହା ଆଖିରେ ଦେଖିଲି, ତା'ମଧ୍ୟ ସବୁ ସମୟରେ ସତ୍ୟ ହୁଏ ନାହିଁ। ତୁମେ ଯଦି ବିଜ୍ଞାନର କଥା ବୁଝିଥାଅ, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ କିଛି ମାତ୍ରାରେ ବୁଝିଥାଅ, ତା'ହେଲେ ତୁମର ମନେହେବା ଏବଂ ଦେଖିବା ମଧ୍ୟରେ ବି ଅନେକ ଫାଙ୍କି ଥାଏ। ସେଥିପାଇଁ ତା' ପ୍ରଥମେ ବୁଝିନେବାକୁ ହେବ। ଜଣେ ବିପ୍ଳବୀର ପ୍ରକୃତ ମନ ହେଉଛି, ମୋ ଭିତରେ ଯେତେବେଳେ ଷ୍ଟ୍ରାଇକ୍ କଲା, ଷ୍ଟ୍ରାଇକ୍ କରିବାଟା ଅନ୍ୟାୟ ନୁହେଁ, କିନ୍ତୁ କିଛି ଧାରଣା

ପୋଷଣ କରିବା ପୂର୍ବରୁ ମୁଁ ପ୍ରଥମେ ବୁଝିନେବି, ମୁଁ ଯାହା ଦେଖିଲି ଏବଂ ମୁଁ ଯାହା ଭାବିଲି, ବିଷୟଟି ଯଥାର୍ଥରେ ଏହିଭଳି କି ନୁହେଁ। ଏଭଳି ବି କିଛି ତ ହୋଇପାରେ ଯାହା ପୂର୍ବରୁ ମୁଁ ଚିନ୍ତା କରିନି, ଭାବିନି,ଶୁଣିନି ବା ଜାଣିନି। ବର୍ତ୍ତମାନ ଜାଣିବା ପରେ, ଶୁଣିବା ପରେ ଯଦି ଦେଖେ ଯେ ମୁଁ ଯାହା ଭାବିଥିଲି ତାହା ହିଁ ଠିକ୍, ମୁଁ ତତ୍କ୍ଷଣାତ୍ ତା' କହିବି। ମାତ୍ର ମୁଁ ଯେଉଁ ପଏଣ୍ଟଟି ଆପଣମାନଙ୍କୁ କହିଥିଲି, ଯାହା ମୋତେ ମନେରଖିବାକୁ ହେବ, ତା'ହେଲା, ଯଦି ମୁଁ ନିଶ୍ଚିତ ହୁଏ ଯେ, ମୁଁ ଯା' ଭାବିଥିଲି ତା' ହିଁ ଘଟିଛି, ତେବେ ମୁଁ ତା' ଉଠାଇବି, ଫାଇଟ୍ କରିବି। କିନ୍ତୁ ମୁଁ ଏଭଳି ଭାବିବି ନାହିଁ, ଏଭଳି ଏକ idea reflect (ଭାବନା ପ୍ରତିଫଳିତ) କରିବି ନାହିଁ ଯେ, ଯେତେବେଳେ ଏପ୍ରକାର ଘଟୁଛି, ତା'ହେଲେ କଣ ହେବ? ଏହା ମୋର ଅଜ୍ଞତାକୁ ପ୍ରତିଫଳିତ କରେ। କ'ଣ ସେହି ଅଜ୍ଞତା? ତା' ହେଲା, ମୁଁ ମନେକରେ ବିପ୍ଳବୀ ଆନ୍ଦୋଳନରେ କୌଣସି ଝଞ୍ଜଟ, କୌଣସି ସମସ୍ୟା, କୌଣସି କ୍ଷେତ୍ରରେ କୌଣସି ପ୍ରକାର କେଉଁଠି ବି କିଛି ଅନ୍ୟାୟ ନାହିଁ।

## ବାସ୍ତବ ଜୀବନର ଚାପରେ
## ବିପ୍ଳବର କାର୍ଯ୍ୟ କରି ନପାରିବାର ଅର୍ଥ କଣ

ଆମେ ଯେତେବେଳେ ଅନ୍ୟର ଅନ୍ୟାୟ ସମ୍ପର୍କରେ ଆଲୋଚନା କରୁ, ସେତେବେଳେ ତା'ର main trend ଏବଂ feature (ମୁଖ୍ୟ ଧାରା ଓ ବୈଶିଷ୍ଟ୍ୟ) ନେଇ ହିଁ ଆଲୋଚନା କରୁ। କୌଣସି ଅନ୍ୟାୟ ଘଟଣାକୁ ନେଇ ଆମେ ବିଚ୍ଛିନ୍ନ ଆଲୋଚନା କରୁନା। ଆଉ କ'ଣ ନେଇ ଆମେ ଆଲୋଚନା କରୁ? ଅନ୍ୟାୟ ବା ଅଧଃପତନ ଯେ ଘଟୁଛି, ତା' ରୋକିବା ପାଇଁ ଏହା ବିରୁଦ୍ଧରେ ପାର୍ଟି ନେତୃତ୍ୱ ଲଢୁଛି କି ନାହିଁ, କାରଣ ପ୍ରତି ମୁହୂର୍ତ୍ତରେ ପାର୍ଟିର କ୍ୟାଡରମାନଙ୍କ ମଧ୍ୟରେ, ନେତୃତ୍ୱର ଚରିତ୍ର ମଧ୍ୟରେ ଅଧଃପତନ ଘଟାଇବା ପାଇଁ ସମାଜ ପରିବେଶ ମଧ୍ୟରେ ଯେଉଁ ଶକ୍ତି କାମ କରୁଛି, ସେହି ଶକ୍ତି ହେଉଛି ପ୍ରବଳ। ତା' ବାରମ୍ବାର ଆସି ନେତା କର୍ମୀମାନଙ୍କୁ ଆଘାତ କରୁଛି। ଯେଉଁଗୁଡ଼ିକୁ ଆପଣମାନେ କୁହନ୍ତି, ସମାଜ ପରିବେଶ ବା ବାସ୍ତବ ଜୀବନ, life ର impact (ଜୀବନର ପ୍ରଭାବ)। ଯାହା ଫଳରେ ଆପଣମାନେ କୁହନ୍ତି, ଏହା ଯୋଗୁଁ ବାସ୍ତବ ଜୀବନର ଚାପରେ ପଡ଼ି ଆମେ କରିପାରୁନା। ଏହି କଥାଟିର ଅର୍ଥ କଣ? ଏହାର ଅର୍ଥ ହେଲା, ବୁର୍ଜୁଆ ସମାଜର ଆକ୍ରମଣ ଯେ ଶ୍ରମିକ ଆନ୍ଦୋଳନ ଉପରେ ପଡୁଛି- ଏହା କଣ ଆପଣମାନେ ବୁଝନ୍ତି ନାହିଁ? ବାସ୍ତବ ଜୀବନର ଚାପରେ ଯେ ମୁଁ କାମ କରିପାରୁ ନାହିଁ, ଏହାଦ୍ୱାରା ଆପଣ ନିଜର କଥାକୁ ଭଦ୍ର ଭାଷାରେ କହିଲେ। କିନ୍ତୁ ପ୍ରକୃତରେ ବୁର୍ଜୁଆ ସମାଜର ଚକ୍ରାନ୍ତ ଏବଂ ଶ୍ରମିକ ଆନ୍ଦୋଳନ ଉପରେ ତା'ର ଆକ୍ରମଣର ଏକ ରୂପ ହେଲା ବାସ୍ତବ ଜୀବନରେ ଚାପ

ସୃଷ୍ଟି କରି ଆପଣଙ୍କୁ ଦୁର୍ବଳ ଓ ବିପର୍ଯ୍ୟସ୍ତ କରିଦେବା, ଆପଣଙ୍କର ମନୋବଳକୁ ଭାଙ୍ଗି ଦେବା। ଏହି ଚେଷ୍ଟା ସେ ବାରମ୍ବାର କରେ। ତା'ହେଲେ ଆପଣ ଏହି ବାସ୍ତବ ଜୀବନର ଚାପର କଥାଟି କାହିଁକି କହୁଛନ୍ତି ? କୁହନ୍ତୁ ବୁର୍ଜୁଆମାନଙ୍କର ଏହି ଆକ୍ରମଣକୁ ପ୍ରତିରୋଧ କରିବାର କଥା। ପ୍ରକୃତରେ ଆପଣ ଭାବନ୍ତି ନାହିଁ ଯେ, ଏହା ବୁର୍ଜୁଆଶ୍ରେଣୀର ଆକ୍ରମଣ। ଶ୍ରେଣୀ ସଂଗ୍ରାମରେ ବୁର୍ଜୁଆମାନଙ୍କର ଆକ୍ରମଣ ଫଳରେ ବୁର୍ଜୁଆ ଚିନ୍ତା-ଭାବନାର ଯେଉଁ ପ୍ରଭାବ, ବୁର୍ଜୁଆ ସମାଜର ଷଡଯନ୍ତ୍ରର ଯେଉଁ ପ୍ରଭାବ, ତା' ହିଁ ଆପଣଙ୍କ ଉପରେ ପଡୁଛି। ଆପଣଙ୍କର ସତର୍କତା ଥିଲେ ଆପଣ ବୁଝିପାରନ୍ତେ ଯେ, ଏହା ଏକ ଷଡଯନ୍ତ୍ର ଯାହା ମୋତେ କାବୁ କରିବାକୁ ଚାହେଁ। ଅନେକ କଥା ଆମେ ବୁଝୁ, କିନ୍ତୁ ଏଭଳିଭାବେ ବୁଝୁନା। ତା'ହେଲେ ଏହା ପ୍ରତୀୟମାନ ହେଉଛି, ବୁଝିବାଟା ଉପରେ ଉପରେ ଅଛି, ଗଭୀରଭାବେ ହେଉ ନାହିଁ। ସେଥିପାଇଁ ଗୋଟିଏ କଥା କହିଥିଲି ଯେ, ବୁଦ୍ଧି ଦ୍ୱାରା ମାର୍କ୍ସବାଦ ବୁଝିଲେ ବା ବହି ପଢ଼ି କେତେଗୁଡ଼ିଏ କଥା କହିଲେ ହିଁ ମାର୍କ୍ସବାଦ ଆୟତ୍ତ କରାଯାଏ ନା। ହୃଦୟ ଦେଇ, ରକ୍ତ ମାଂସ ସହିତ ଏହାକୁ ମିଶାଇ ପାରିଲେ ହିଁ ପୁଞ୍ଜିପତିମାନଙ୍କର ଛଳନାର ଅନ୍ତର୍ନିହିତ ଅର୍ଥ ଆମେ ବୁଝିପାରିବା, ଯାହା ବାହାରର କଥାରୁ ଆମକୁ ବୁଝିବାକୁ ହୁଏନା। ଶ୍ରେଣୀ ବିଭକ୍ତ ସମାଜରେ ମୋର ଯେକୌଣସି ମାନସିକତା ବା ଭାବନା ଧାରଣା କୌଣସି ଶ୍ରେଣୀ ସ୍ୱାର୍ଥବୋଧ ଏବଂ ଶ୍ରେଣୀ ଉଦେଶ୍ୟ ମୁକ୍ତ ଧାରଣା ଭାବନା ହୋଇପାରେନା। ଏପରିକି ମଣିଷର ଯୌନ ଅନୁଭୂତି ଯାହା ଏକ tendency of procreation ବା ଏକ ଦୈହିକ କାମନା ବୋଲି ମନେହେବ, ତା' ମଧ୍ୟରେ ପୁଣି ବୁର୍ଜୁଆ ଶ୍ରେଣୀ ସ୍ୱାର୍ଥବୋଧ କଣ ? ଯେତେବେଳେ ବୁର୍ଜୁଆମାନେ ନଥିଲେ, ସେତେବେଳେ ମଧ୍ୟ ମଣିଷର କାମବୋଧ ଥିଲା। କାମବୋଧ ପଶୁର ମଧ୍ୟ ଅଛି। ଫଳରେ ତା'ମଧ୍ୟରେ ପୁଣି ବୁର୍ଜୁଆ ଶ୍ରେଣୀ ସ୍ୱାର୍ଥବୋଧ କଣ ଅଛି ? ହଁ, ମଣିଷର କାମବୋଧରେ ମଧ୍ୟ ଶ୍ରେଣୀ ସ୍ୱାର୍ଥବୋଧ ଅଛି। Sex is not free from private property mental complex (ବ୍ୟକ୍ତି ସମ୍ପତ୍ତି ଭିତ୍ତିକ ମାନସିକ ଜଟିଳତାରୁ ଯୌନତା ମୁକ୍ତ ନୁହେଁ)। ସେଥିପାଇଁ fight for the freedom of sex, freedom of love (ଯୌନ ସ୍ୱାଧୀନତା, ଭଲ ପାଇବାର ସ୍ୱାଧୀନତା ପାଇଁ ଲଢ଼େଇ କଥାଟି) ଅଛି। You will have to fight to free your entire mental faculty and production from private property curves. (ତୁମର ସମଗ୍ର ମେଣ୍ଟାଲ ଫ୍ୟାକଲଟି ଏବଂ ଉତ୍ପାଦନକୁ ବ୍ୟକ୍ତି ସମ୍ପତ୍ତିବୋଧରୁ ମୁକ୍ତ କରିବା ପାଇଁ ଲଢ଼ିବାକୁ ହେବ)। ଯେତବେଳେ ବ୍ୟକ୍ତିଗତ ସମ୍ପତ୍ତିକୁ ଉତ୍‌ଖାତ କରିବାକୁ ସକ୍ଷମ ହେଲୁ, ତତ୍‌କ୍ଷଣାତ୍ ହିଁ ବର୍ହିଃଗଠନରେ, ମାନସିକ ଗଠନରେ, ବ୍ୟକ୍ତିଗତ ସମ୍ପତ୍ତିର ଆଧାର ଉପରେ, ବୁନିୟାଦ ଉପରେ ଯେଉଁ ମାନସିକ ଗଠନ, ସେକ୍ସର ଚାହିଁବା ପାଇବାର ଗଠନ, ସେକ୍ସ ଇମ୍ପଲସ୍‌ର କର୍ଭ ଏବଂ ରୀତି ନୀତି,

ଆବେଗ, ଭଲପାଇବା, ଭଲଲାଗିବା, ମନ୍ଦ ଲାଗିବା, ନ୍ୟାୟ ନୀତିର ଧାରଣା, ଯେଉଁଗୁଡ଼ିକୁ ଆମେ ବର୍ହିଃଗଠନ କହୁ, ଭାବଗତ ଉତ୍ପାଦନ କହୁ; ଅର୍ଥାତ୍ ମଣିଷର ଭାବଗତ ଜଗତରେ ବ୍ୟକ୍ତିଗତ ସମ୍ପତ୍ତିକୁ ଭିତ୍ତିକରି ଯେଉଁ ମନୋଭାବ ଗଢ଼ି ଉଠିଛି, ଯେଉଁ ଢାଞ୍ଚାଟି ଗଢ଼ିଉଠିଛି, private property material condition (ବ୍ୟକ୍ତିଗତ ସମ୍ପତ୍ତି ଭିତ୍ତିକ ବସ୍ତୁଗତ ଅବସ୍ଥା) ଚାଲିଯିବା ସଙ୍ଗେ ସଙ୍ଗେ ହିଁ ତା' ବିଦାୟ ନିଏ ନାହିଁ। ଅର୍ଥାତ୍ ବ୍ୟକ୍ତିଗତ ସମ୍ପତ୍ତି ଭିତ୍ତିକ ସମାଜ ବ୍ୟବସ୍ଥା ଯେତେବେଳେ ବିପ୍ଳବ କରି ସମାଜତନ୍ତ୍ର ପ୍ରତିଷ୍ଠା କଲା, ସେହି ବସ୍ତୁଗତ ପରିବେଶରେ ପ୍ରଥମ ଅବସ୍ଥାରେ ହିଁ ବର୍ହିଃଗଠନରେ ଆମର ଯେଉଁ ମାନସିକ ଗଠନ ଏବଂ mental complex (ମାନସିକ ଜଟିଳତା)ରେ ଯେଉଁ ସବୁ ବିଷୟଗୁଡ଼ିକ ଥାଏ, ସେଗୁଡ଼ିକ ସଙ୍ଗେ ସଙ୍ଗେ ଅବଲୁପ୍ତ ହୋଇଯିବ ନାହିଁ। ଗୋଟିଏ କଥା ଏଠି ବୁଝିବାର ଅଛି ଯେ, ଯେତେଦିନ ଯାଏଁ ଆମ ମଧ୍ୟରେ ଥିବା ଉତ୍ପାଦନ ଏବଂ ବଣ୍ଟନ ସଂକ୍ରାନ୍ତୀୟ ବିରୋଧ, ଈର୍ଷା, ଏବଂ competion (ପ୍ରତିଯୋଗିତା)ର ମନୋବୃତ୍ତି ଅବଲୁପ୍ତ ହୋଇ ନାହିଁ, ସେତେ ଦିନ ପର୍ଯ୍ୟନ୍ତ class less (ଶ୍ରେଣୀ ହୀନ) ସମାଜ ହେବ ନାହିଁ, state less society (ରାଷ୍ଟ୍ର ହୀନ ସମାଜ) ହେବ ନାହିଁ। ମାତ୍ର ଅବଲୁପ୍ତ ହୋଇଗଲେ ହିଁ ବର୍ହିଃଗଠନର ଚିନ୍ତାଭାବନା କ୍ଷେତ୍ରରେ ଏବଂ ସମ୍ପତ୍ତିବୋଧରୁ ଉଦ୍‌ଭୁତ ବ୍ୟକ୍ତିଗତ ସମ୍ପତ୍ତିର ଆଧାର ଉପରେ ଯେଉଁ ମାନସିକ ରୁପରେଖ ଓ ଢାଞ୍ଚା ଗଢି ଉଠିଛି, ଏହାର ସମସ୍ତ କିଛି ହିଁ ସମ୍ପୂର୍ଣ୍ଣ ଅବଲୁପ୍ତ ହେବ ନାହିଁ। ଏହା ଅନେକ ବିଳମ୍ବରେ ଘଟିବ, ଏହାର hang over (ଅବଶିଷ୍ଟାଂଶ) ବର୍ହିଃଗଠନରେ ରହିବ। ନୂତନ ବର୍ହିଃଗଠନ ଯେଉଁଠି ଗଢି ଉଠିବ, ତା' ମଧ୍ୟରେ ପୁରୁଣା ବର୍ହିଃଗଠନର ବହୁ ଅବଶିଷ୍ଟାଂଶ ରହିବ। ଯେଉଁମାନେ ଏହା ଭଲଭାବେ ବୁଝନ୍ତି ନାହିଁ, ସେମାନେ ବୁଝିପାରନ୍ତି ନାହିଁ ସମାଜତାନ୍ତ୍ରିକ ବିପ୍ଳବ ହୋଇଯିବା ପରେ ମଧ୍ୟ, ଶ୍ରମିକ ଶ୍ରେଣୀ କ୍ଷମତା ଦଖଲ କରିବା ପରେ ମଧ୍ୟ, ବୁର୍ଜୁଆ ମନୋବୃତ୍ତିଗୁଡ଼ିକ କିଭଳି ଆସି ଶ୍ରମିକ ବିପ୍ଳବକୁ ଏବଂ ଶ୍ରମିକଶ୍ରେଣୀର ରାଷ୍ଟ୍ରକୁ ବିପଦଗ୍ରସ୍ତ କରିପକାଏ, କମ୍ୟୁନିଷ୍ଟ ପାର୍ଟିକୁ ଭିତରୁ ଖାଇଦିଏ, ତା'ର ନେତୃତ୍ୱକୁ revisionist (ସଂଶୋଧନବାଦୀ) କରିପକାଏ, ତାଙ୍କୁ ବିପ୍ଳବର ରାସ୍ତାରୁ ଦୂରେଇ ନିଏ। ସେଥିପାଇଁ ଏହା ଏକ ନିରବଚ୍ଛିନ୍ନ ସଂଗ୍ରାମ।

ଆମେ ଏସବୁ ବିଚାର କରୁନା। ଏହି ବିଚାରଗୁଡ଼ିକ ଯଦି ଆମର ଖୁବ ଭଲ ଥାଏ, ଆମେ ଯଦି ବୁଝୁ ଯେ, ଆମେ ବିପ୍ଳବ କରିବାକୁ ଆସିଛୁ, ବିଶେଷ କାହାରି ପାଇଁ ନୁହେଁ, ପୁଣି ସମସ୍ତଙ୍କ ପାଇଁ। ଏହା କେବଳ କହିବା ପାଇଁ କହିବା, ଏଭଳି ଭାବେ ବୁଝିଲେ ଚଳିବ ନାହିଁ। We are for all, but we are for nobody ultimately। ଏକଥାର ଅର୍ଥ ହେଲା- ଆମେ ମଣିଷଙ୍କ ପାଇଁ, ଜନସାଧାରଣଙ୍କ ପାଇଁ। ଏହାର ଅର୍ଥ ମୁଁ ରାମ ପାଇଁ ବା ଶ୍ୟାମ ପାଇଁ ନୁହେଁ। ମଣିଷ ରହିବେ, ଜନତା

ଅଛନ୍ତି, ଜନଗଣଙ୍କର ସଂଗ୍ରାମ ଅଛି । ବିପ୍ଳବ ଅଛି । ବିପ୍ଳବ ସହିତ ମଣିଷର ମୁକ୍ତି ଓ ବିକାଶର ପ୍ରଶ୍ନ ଜଡ଼ିତ ଅଛି । ତେଣୁ ମୁଁ ଯେ ସଚେତନ ମଣିଷ, can't but act consciously into that process (ସେହି ପ୍ରକ୍ରିୟା ଅନୁଯାୟୀ ସଚେତନଭାବେ କ୍ରିୟା ନକରି ମୁଁ ରହିପାରେନା) । ତା' ନହେଲେ ମୁଁ ବିବେକ ନିକଟରେ ଦୋଷୀ ହେବି, ମନୁଷ୍ୟତ୍ୱ ନିକଟରେ ଅପରାଧୀ ହେବି । ଏଇଥିପାଇଁ ମୁଁ ବିପ୍ଳବୀ ସଂଗ୍ରାମରେ ଯୋଗ ଦେଇଛି ତ ?

## ବିପ୍ଳବୀ ପାର୍ଟି ସେବା ପ୍ରତିଷ୍ଠାନ ନୁହେଁ

ଆଉ ଏକ ବିଷୟ ଏଠାରେ ପ୍ରଶ୍ନଭାବେ ନହେଲେ ମଧ୍ୟ ମନ ମଧ୍ୟରେ ଆସିପାରେ ଯେ– ଏହି ତ ଅମୁକ କମ୍ରେଡ୍ ଭଲରେ ଅଛନ୍ତି, ସେହି ନେତା ତ ଭଲ ଅଛନ୍ତି, ଅଥଚ ମୁଁ ଖାଇବାକୁ ପାଉ ନାହିଁ । ହଁ, ଯେକୌଣସି କର୍ମୀ କଷ୍ଟ ମଧ୍ୟରେ ରହିଲେ ତାଙ୍କ ପ୍ରତି ନେତା ଓ ସମସ୍ତ କର୍ମୀମାନଙ୍କର ସାଧ୍ୟମତ ନଜର ରଖିବା, ଆଖି ପକାଇବା ଉଚିତ୍ । ଏହା ଏକ କଲେକ୍ଟିଭ୍ ସ୍ୱାଭାବିକ ନୀତି-ନୈତିକତାବୋଧ । ଏହି alertness, wisdom (ସଜାଗତା, ବିଜ୍ଞତା) ନେତାମାନଙ୍କ ଠାରୁ ଆରମ୍ଭ କରି ସମସ୍ତ କର୍ମୀମାନଙ୍କ ମଧ୍ୟରେ ରହିବା ଉଚିତ୍ । ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ, ସମସ୍ତେ ନୋଟ୍ କରିବେ । ପୁଣି ସେମିତି ଭଲ ଅବସ୍ଥା ନାହିଁ ବୋଲି ମୋର ଆକ୍ଷେପ ରହିବ କାହିଁକି ? ମୋତେ କେହି ଦେଖିବେ ବୋଲି କଣ ମୁଁ ବିପ୍ଳବ ପଥରେ ଆସିଥିଲି, ନା ମୁକ୍ତିର ପଥଟି ବିପ୍ଳବୀ ସଂଗ୍ରାମ ମଧ୍ୟରେ ନିହିତ ଅଛି ବୋଲି ଆସିଥିଲି । ତା'ଦ୍ୱାରା ଯଦି ବିପ୍ଳବୀ କର୍ମକାଣ୍ଡ ମଧ୍ୟରେ ଏହି ଧରଣର ସଜାଗତାର ଅଭାବ, କିଛି କିଛି ହୀନମନ୍ୟତା ଆସିଯାଏ, ତେବେ ବିପ୍ଳବୀ ସଂଗ୍ରାମ ମଧ୍ୟରେ ହିଁ ତା ବିରୁଦ୍ଧରେ ଆମର ଫାଇଟ୍ କରିବା ଆବଶ୍ୟକ । ମୋର ବିଚାର ହେବ ସଚେତନ, ନହେଲେ ଏହି ପ୍ରକାର ଭାବନା ଆସିବ । ଅର୍ଥାତ୍ ଘଟଣାଟି ଏହି ପ୍ରକାରର-ଯେକୌଣସି ଜଣେ କର୍ମୀ ବିପଦଗ୍ରସ୍ତ ହୋଇ ଭାବୁଛି, ମୋତେ ଦଳର କର୍ମୀମାନେ ଦେଖୁ ନାହାନ୍ତି, ନେତାମାନେ ଦେଖୁ ନାହାନ୍ତି । ନା, ଏହା wrong posing of the question (ପ୍ରଶ୍ନ ରଖିବାର ତ୍ରୁଟିପୂର୍ଣ୍ଣ ଉପସ୍ଥାପନା) । ଏହା ସୂଚାଏ ଯେ, ସେ ବିପ୍ଳବ ଭଲଭାବରେ ବୁଝି ନାହାନ୍ତି । କାହିଁକି ବିପ୍ଳବ ପଥରେ ଆସିଥିଲେ, ତା' ମଧ୍ୟ ବୁଝି ନାହାନ୍ତି । ତାଙ୍କର ଦୃଷ୍ଟିଭଙ୍ଗି ହେବ, ମୋର ଯେଉଁ ସମସ୍ୟା, ତା'ଏକାନ୍ତ ମୋର । ଆମେ ପାର୍ଟିକୁ ସାହାଯ୍ୟ କରିବୁ । ଆମେ ସମସ୍ତ କର୍ମୀଙ୍କୁ ହିଁ ସାହାଯ୍ୟ କରିବା ପାଇଁ ଚେଷ୍ଟା କରିବୁ । ଏହି ଦୃଷ୍ଟିଭଙ୍ଗୀ ନେଇ ଆଗେଇଛି ଅର୍ଥ, ସମସ୍ତ କର୍ମୀଙ୍କୁ ବିପ୍ଳବୀ ହେବାରେ ସାହାଯ୍ୟ କରିବି । ଏହାର ଅର୍ଥ, ସମସ୍ତ କର୍ମୀଙ୍କ ଘର ସମସ୍ୟା ବୁଝିବା ପାଇଁ ଆମେ ସମସ୍ତେ ବିପ୍ଳବୀ ଦଳର ସଭ୍ୟ ହୋଇ ନାହୁଁ । ମୋର ମାନସିକତା ହେବ, ମୋର ସମସ୍ୟା ମୁଁ ନିଜେ ମୁକାବିଲା

କରିବି । ବରଂ, ଅନ୍ୟାନ୍ୟ କର୍ମୀମାନେ ଯଦି ମୋତେ କିଛି ସାହାଯ୍ୟ ଦେବାକୁ ଚାହାନ୍ତି, ମୁଁ ସଚେତନ କର୍ମୀ ହେଲେ କହିବି ଯେ, ନା, ନା, ମୋତେ ସାହାଯ୍ୟ ଦେବା ଦରକାର ନାହିଁ । I can withstand it (ମୁଁ ଏହା ମୁକାବିଲା କରି ପାରିବି) । Give help to other comrades (ଅନ୍ୟ କମ୍ରେଡ୍‌ମାନଙ୍କୁ ସାହାଯ୍ୟ କର) । ସେହି କମ୍ରେଡ୍‌ଟି ଦୁର୍ବଳ । ସେ ଫାଇଟ୍ କରି ପାରୁ ନାହିଁ, ତାଙ୍କୁ ସାହାଯ୍ୟ କର, ମୋତେ କରିବା ଦରକାର ନାହିଁ । Don't waste your energy, I don't need your help (ତୁମର ଶକ୍ତି ନଷ୍ଟ କରନା, ତୁମ ସାହାଯ୍ୟ ମୋର ଲୋଡା ନାହିଁ) । ଏହା ହେବ ତାଙ୍କର ଯଥାର୍ଥ ମାନସିକତା । ଦଳର ଅନ୍ୟାନ୍ୟ କର୍ମୀମାନଙ୍କର ମାନସିକତା ହେବ, ତାଙ୍କ ପାଖରେ ଥିବା କର୍ମୀଟି ଗରିବ ଘରର, ଫଳରେ ଏହି ଅବସ୍ଥାରେ କିଭଳି ତାଙ୍କୁ ସାହାଯ୍ୟ କରିପାରେ । ଏହା ହେଉଛି ଯଥାର୍ଥ ଦିଗ । ଯଦି ତା' ନକରେ, ତା'ହେଲେ ଏମାନଙ୍କର ଯେମିତି ସଜାଗତାର ଅଭାବ, ବିଜ୍ଞତାର ଅଭାବ ଘଟିଲା, ସେମିତି ପୁଣି କୌଣସି କମ୍ରେଡ୍ ଯଦି ମନେକରନ୍ତି ଯେ, ମୋତେ ସାହାଯ୍ୟ କଲ ନାହିଁ, ତା'ହେଲେ ମୋର ଆଉ ଏହି ଦଳରେ ରହି କଣ ହେବ, କେହି ତ ଏଠି ମୋତେ ଦେଖିଲେ ନାହିଁ- ତା'ହେଲେ କିଏ ମୋତେ ଦେଖିବ । ଏଥିପାଇଁ କଣ ମୁଁ ବିପ୍ଳବୀ ଦଳରେ ନାମ ଲେଖାଇଥିଲି ? ସେ ତ fundamental (ମୌଳିକ) ପ୍ରଶ୍ନଟିକୁ ଗୋଳମାଳ କରି ପକାଇଛନ୍ତି । ପ୍ରକୃତରେ ସେ ଏକ ଭୁଲ ଦୃଷ୍ଟିଭଙ୍ଗୀ ମନ ଓ ଚିନ୍ତା ମଧ୍ୟରେ ଗଢିତୋଳିଛନ୍ତି । ସେହି ଭୁଲ ଦୃଷ୍ଟିଭଙ୍ଗୀ ହେଉଛି ଯେ, ଅଧିକାଂଶ କମ୍ରେଡ୍ ଦୁର୍ବଳ ପରିବାରରୁ, ଖାଇବାକୁ ମିଳୁ ନଥିବା ଘରୁ ଆସିବେ । ଯେଉଁ ଘରେ ହୁଏତ ଖାଇବା-ପିଇବା ଦିଗରୁ ସେମିତି ଅସୁବିଧା ନାହିଁ ସେଠୁ ଖୁବ୍ କମ୍ କମ୍ରେଡ୍ ଆସିବେ । ସେମାନେ ଆସିଲେ ଆମେ ଖୁସୀ ହେଉ କାରଣ ସେମାନେ ଆମକୁ ସାହାଯ୍ୟ କରନ୍ତି । ମୁଁ ନଖାଇ ରହିଛି ବୋଲି ତ ଏଭଳି ଭାବିବି ନାହିଁ ଯେ, ସେ ବି  ମୋ ଭଳି କାହିଁକି ନଖାଇ ରହିପାରିବ ନାହିଁ । ଏହା କଣ  ? ଏହା ତ ବୁର୍ଜୁଆମାନଙ୍କର ବ୍ୟବସାୟୀ ପ୍ରତିଯୋଗୀତାର ଖରାପ ମନୋବୃତ୍ତି । ଏହା କଣ ଜଣେ ବିପ୍ଳବୀ କର୍ମୀ ହେବାର ଭାବନା ? ମୋର ବିପ୍ଳବ କାମରେ ସେ ସାହାଯ୍ୟ କରିବେ, ଏହା ହିଁ ତ ମୋର ପ୍ରୟୋଜନ । ମୁଁ ବରଂ ତାଙ୍କ ମଧ୍ୟରେ ପାର୍ଟି ପ୍ରତି ଆକର୍ଷଣ ବୃଦ୍ଧି କରିବାରେ ସାହାଯ୍ୟ କରିବା ପାଇଁ ଚେଷ୍ଟା କରିବି । ଆଉ ସେଥି ସହିତ ମୋର ମହତ୍ତ୍ୱ-ଉଦାରତା, ନିସ୍ୱାର୍ଥପରତା ଦ୍ୱାରା ତାଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିବି ଯଦ୍ୱାରା ସେ ନିଜେ ହିଁ ଦିନେ ମୋ ଭଳି ଜଣେ କର୍ମୀ ହୋଇପାରିବେ । ଯେତିକି ବି ସେ ବର୍ତ୍ତମାନ କରିପାରୁଛନ୍ତି, ମୁଁ ତାଙ୍କୁ ଖେଞ୍ଚି ଖେଞ୍ଚି କାହିଁକି ଆଘାତ କରିବି । କାହିଁକି ଭାବିବି ଯେ, ସେ ହୁଏତ ମୋ ଭଳି ସର୍ବସ୍ୱ ଦେଇ କାମ କରନ୍ତୁ, ନଚେତ୍ ଚାଲି ଯାଆନ୍ତୁ । ଏହାଦ୍ୱାରା ପାର୍ଟିର କଣ ଲାଭ ହେବ ? ମୋ କାମରେ ସେ ଯେତିକି ସାହାଯ୍ୟ କରୁଥିଲେ, ସେତିକି ବି ମୁଁ କାମରେ ଲଗାଇଲି

ନାହିଁ। କୌଣସି ଶ୍ରେଣୀ ସଚେତନ କର୍ମୀଙ୍କର ଭାବନା ଏଭଳି ହୋଇ ପାରେ ନା। ଆଉ ଗୋଟିଏ କଥା କର୍ମୀ ଜଣଙ୍କ ଭୁଲି ଯାଉଛନ୍ତି ଯେ, ଦଳକୁ ଯଦି ଏଭଳି ପ୍ରତ୍ୟେକ ଦୁର୍ବଳ କମ୍ରେଡ୍‌ଙ୍କୁ ସାହାଯ୍ୟ କରିବା ପାଇଁ ହୁଏ, ତା'ହେଲେ ଦଳ ବୋଲି ଆଉ କିଛି ରହିବ ନାହିଁ, it will be transformed into a society of help, ଏହା ଏକ ସେବା ପ୍ରତିଷ୍ଠାନରେ ପର୍ଯ୍ୟବସିତ ହେବ। ଆଉ ମାଲିକର ଟଙ୍କା ବ୍ୟତୀତ କୌଣସି ସେବାଦଳ ବି ଚାଲେନା। ମାଲିକ ଶ୍ରେଣୀର ଟଙ୍କା, ସି.ଆଇ.ଏର ଟଙ୍କା ବା ଆମେରିକାର ଟଙ୍କା ବ୍ୟତୀତ କୌଣସି ସେବା ପ୍ରତିଷ୍ଠାନ ଚାଲେନା। ବିପ୍ଳବୀ ଦଳକୁ ସେବାପ୍ରତିଷ୍ଠାନରେ ପରିବର୍ତ୍ତିତ କରିବା ପାଇଁ ଆମେ ଦଳକୁ ଆସିନୁ। ଏଠାରେ ସମସ୍ତ କ୍ୟାଡରମାନେ ବିପ୍ଳବୀ କର୍ମୀ ହେବେ ବୋଲି, ବିପ୍ଳବ କରିବେ ବୋଲି ସ୍ୱେଚ୍ଛାରେ ଆସିଛନ୍ତି। ପ୍ରତ୍ୟେକ କର୍ମୀଙ୍କର ମାନସିକତା ଏଭଳି ହେବ ଯେ, ପ୍ରତ୍ୟେକ କମ୍ରେଡ୍ ପାର୍ଟିକୁ ସାହାଯ୍ୟ କରିବେ, ଆମେ ପାର୍ଟିକୁ ସାହାଯ୍ୟ କରିବୁ। ସେଠି ମୋର ଅସୁବିଧା ହେଉଛି ବୋଲି ପାର୍ଟିର କି ସମ୍ବଳ ନଷ୍ଟ ହେଉଛି, ତା' ମୋର ଆଲୋଚ୍ୟ ବିଷୟ ହେବ ନାହିଁ, ପାର୍ଟିର ପରିକଳ୍ପନା ଅର୍ଥରେ ପାର୍ଟିର ସାମଗ୍ରିକ ସ୍ୱାର୍ଥରେ ସମ୍ବଳ କଣ ନଷ୍ଟ ହେଉଛି ତା' ମୋର ଆଲୋଚ୍ୟ ବିଷୟ ହେବ। କାରଣ ତା' ନହେଲେ ମୋ ଦୃଷ୍ଟିଭଙ୍ଗୀରେ ସେହି ଦୁଷ୍ଟ ବ୍ରଣ ରହିଗଲା। ବ୍ୟକ୍ତିଗତ ସ୍ୱାର୍ଥବୋଧରୁ ମୁଁ ପାର୍ଟିର ସମାଲୋଚନା କରୁଛି, ମୁଁ କ୍ଷୁବ୍ଧ ବୋଲି ସମାଲୋଚନା କରୁଛି, ସେମିତି ନୁହେଁ। ମୁଁ କ୍ଷୁବ୍ଧ ନୁହେଁ, ମୋର କୌଣସି ଅସୁବିଧା ହେଉ ନାହିଁ, ତଥାପି କେତେଗୁଡ଼ିଏ ପଏଣ୍ଟ ଯେଉଁଗୁଡ଼ିକ ପାର୍ଟି ସ୍ୱାର୍ଥରେ, ପାର୍ଟିର ଅଗ୍ରଗତି ପାଇଁ ସମାଲୋଚନା କରିବା ଦରକାର, ମୁଁ ସେଗୁଡ଼ିକୁ ସମାଲୋଚନା କରୁଛି। ମାତ୍ର ମୁଁ ସେଭଳି କରୁନାହିଁ। ତେଣୁ ମୁଁ ଯଦି ଗୋଟିଏ ବି ସଠିକ୍ ପଏଣ୍ଟ କ୍ଷୋଭରୁ କହିଥାଏ, ତା'ହେଲେ ସଠିକ୍ ପଏଣ୍ଟ ମଧ୍ୟ ଦୁଷିତ ହୋଇଯାଏ। କାରଣ ସଠିକ୍ ପଏଣ୍ଟ ମୁଁ ଉଠାଇଛି, ସଠିକ୍ ପଏଣ୍ଟ ବୋଲି ନୁହେଁ, ମୁଁ କ୍ଷୁବ୍ଧ ବୋଲି ଉଠାଇଛି। ମୁଁ କ୍ଷୁବ୍ଧ ନହୋଇ ଥିଲେ, ମୋ ଦ୍ୱାରା ଉତ୍ଥାପିତ ଏହି ସଠିକ୍ ପଏଣ୍ଟଟି ଅଗ୍ରାହ୍ୟ ହୋଇ ନଥାନ୍ତା। ଅନେକ ସମୟରେ ଜଣେ କ୍ଷୁବ୍ଧ କ୍ୟାଡର ମଧ୍ୟ ଯେଉଁ ସଠିକ୍ ପଏଣ୍ଟଟି ଉଠାନ୍ତି, ସେହି ସଠିକ୍ ପଏଣ୍ଟଟି ମଧ୍ୟ ଅଗ୍ରାହ୍ୟ ହୋଇଯାଏ। ତେବେ ନେତାମାନଙ୍କର ଲକ୍ଷ୍ୟ ରଖିବା ଉଚିତ୍ ଯେ, କ୍ଷୁବ୍ଧ ପୋଜିସନ୍‌ରୁ ଯଦି କେହି ପ୍ରଶ୍ନ ଉଠାଇଥାନ୍ତି, ପ୍ରଶ୍ନଟା ଯଦି ସଠିକ୍ ହୁଏ, ତାହାକୁ ଗ୍ରହଣ କରିବା ଉଚିତ୍। ପୁଣି ସଙ୍ଗେ ସଙ୍ଗେ ସେହି କମ୍ରେଡ୍‌ଙ୍କୁ ଦର୍ଶେଇ ଦେବା ଦରକାର ଯେ ଏହା ଉତ୍ଥାପନ କରିବାର କୌଣସି ଅଧିକାର ତୁମର ନାହିଁ। କାରଣ ତୁମେ ବିଷୟଟି ଭୁଲ ବୋଲି ଉଠାଇନ, ତୁମେ କ୍ଷୁବ୍ଧ ବୋଲି ଉଠାଇଛ। ତେଣୁ ତୁମେ ନିଜକୁ ବିଶ୍ଳେଷଣ କର। ମାତ୍ର ତୁମେ ଏକ ସଠିକ୍ ବିଷୟ ଉଠାଇଛ, କ୍ଷୁବ୍ଧ ବୋଲି ହଏତ ଆଖିରେ ପଡ଼ିଛି। କିନ୍ତୁ ତାହା ମଧ୍ୟ

ଆମ କାମରେ ଲାଗିବ ବୋଲି ଆମେ ତା' ଗ୍ରହଣ କରିଛୁ। ତା' ତ ହେଲା ଆମ୍ଭମାନଙ୍କର କାମ। କାରଣ, କୌଣସି ଦୋଷ ତ୍ରୁଟି, କୌଣସି ଦିଗରୁ ଏପରିକି ଶତ୍ରୁପକ୍ଷ ଯଦି ଉଠାନ୍ତି, ଶତ୍ରୁତାର motive (ଉଦ୍ଦେଶ୍ୟ)ରୁ ସେ ଯଦି ଉଠାନ୍ତି, ସେଥିରେ ଯଦି ସାମାନ୍ୟ ସତ୍ୟତା ଥାଏ, ତା' ହେଲେ ଶତ୍ରୁ କହୁଛି ବୋଲି ଆମେ ଅଗ୍ରାହ୍ୟ କରିବୁ ନାହିଁ। ଶତ୍ରୁତାର ମନୋଭାବରୁ ଶତ୍ରୁପକ୍ଷ ଯାହା କହୁଛି, ସେ ସମ୍ପର୍କରେ ଆମେ ଯେମିତି କ୍ୟାଡରମାନଙ୍କୁ ସତର୍କ କରିବୁ, ଏହା ସଙ୍ଗେ ସଙ୍ଗେ ସେମାନେ ଯା' କହୁଛନ୍ତି ତା' ମଧ୍ୟରେ ବିନ୍ଦୁମାତ୍ର ସତ୍ୟ ଥିଲେ, ସେ ସମ୍ପର୍କରେ ଗୁରୁତ୍ୱ ସହକାରେ ଆଲୋଚନା କରିବୁ। ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିବୁ।

ଆଉ ଏକ ବିଷୟ, ଯେମିତି ଅନେକେ କୁହନ୍ତି ଯେ, ଆଜ୍ଞା କିଛି ହେବ ନାହିଁ, ଅନେକ କରି ଦେଖାଗଲା, କିଛି ହେବ ନାହିଁ। ଆମେ ଘରଦ୍ୱାର ଛାଡ଼ିଲୁ, ଅନେକ ଲଢ଼ିଥିଲୁ, ଗଳାରେ ହାର୍‌ମୋନିୟମ୍ ଝୁଲାଇ ବହୁ ଗଣସଙ୍ଗୀତ ଗାଇଥିଲୁ, ପରେ ବୁଝିଛି ଆଜ୍ଞା, ଏସବୁ କରି କିଛି ହେବ ନାହିଁ। ପୁରୁଣା ସି.ପି.ଆଇ ଏବଂ ସି.ପି.ଆଇ(ଏମ୍) ଓ ଆଇ.ପି.ଟି.ଏର ମହାରଥୀମାନେ, ସାଂସ୍କୃତିକ ଆନ୍ଦୋଳନର ଛାମୁଆଁ ବ୍ୟକ୍ତିମାନେ କୁହନ୍ତି, ବାବୁ ହେ, ଏସବୁ ଯୌବନର ଉତ୍ସାହର ପ୍ରାବଲ୍ୟରେ କରୁଛ, କିନ୍ତୁ ଦେଖ, ଏସବୁ କିଛି ହେବ ନାହିଁ। ଫଳରେ ସେମାନଙ୍କର ପରାମର୍ଶ ହେଲା, ମହାଜନଙ୍କର ପନ୍ଥା ଅନୁସରଣ କର। ଆମେ ହାର୍‌ମୋନିୟମ୍-ଫାର୍‌ମୋନିୟମ୍ ନେଇ ଅନେକ ଗୀତ ଫିତ ଗାଇଛୁ। କିନ୍ତୁ ଆମ୍ଭମାନଙ୍କର କିଛି ହେଲା କି ? ତା'ର ଅର୍ଥ ସେମାନଙ୍କର କିଛି ହେବା ପାଇଁ ସେମାନେ ବିପ୍ଳବକୁ ଆସିଥିଲେ। ପ୍ରଥମ ତ୍ରୁଟିଟା ହେଉଛି, ସେମାନଙ୍କର କିଛି ହେବ ବୋଲି ସେମାନେ ସବୁ ବିପ୍ଳବରେ ଆସିଥିଲେ। ସେମାନଙ୍କର କିଛି ହେଲା ନାହିଁ, ତେଣୁ ବର୍ତ୍ତମାନ professional (ପେଶାଦାର) ନାଟକ, ହିନ୍ଦୀ ସିନେମା, ବା anything (ଯାହା ପାରେ ତା') ସେମାନେ କରିଚାଲିଛନ୍ତି। କାରଣ କିଛି ଗୋଟିଏ ତ ହେବା ଉଚିତ୍। ମୁଁ କୁହେ, ସେଥିପାଇଁ ବିପ୍ଳବ ପଥରେ ଆସିବାର ଦରକାର କଣ ? ମୁଁ ଏହାର ଆଗପଛ କିଛି ବୁଝି ପାରେନା। ଆମର କିଛି ହେବ ବୋଲି ଆମେ ବିପ୍ଳବ ପଥରେ ଆସିଥିଲୁ ନା କଣ ? ଆଉ ତା' ଯଦି ନହୁଏ, ତା'ହେଲେ ତ ମୋତେ ଦେଖିବାର ପ୍ରଶ୍ନଟି ହେଉଛି ମିଥ୍ୟା ପ୍ରଶ୍ନ। ପ୍ରତ୍ୟେକଙ୍କର ମନୋଭାବ ଯଦି ସଠିକ୍ ହୁଏ, ତାଙ୍କର ଭାବନା ହେବ, ମୋ କଥା ପାଇଁ ପାର୍ଟିକୁ ଭାବିବାକୁ ଦେବି କାହିଁକି ? ଭାବିବାକୁ ଯଦି ହୁଏ, ଅନ୍ୟ ସମସ୍ୟା ନେଇ ଭାବିବାକୁ ଦେବି। ମୁଁ ରାଜନୀତି, ସାଂଗଠନିକ ସମସ୍ୟା ବିଷୟରେ ପାର୍ଟିକୁ ଭାବିବାକୁ ଦେବି। ମୋର ସମସ୍ୟାକୁ ସଂଗଠନର ସମସ୍ୟା କରି ମୁଁ ପାର୍ଟିକୁ କାହିଁକି ଭାବିବାକୁ ଦେବି। ଆଉ ତା' ନେଇ ପାର୍ଟିକୁ ବ୍ୟସ୍ତ କରିବି କାହିଁକି ? ଜନଗଣଙ୍କୁ ନେଇ ଆନ୍ଦୋଳନ ଗଢ଼ି

ତୋଳିବା, ପାର୍ଟିକୁ ଆଗକୁ ବଢ଼ାଇବା, ପ୍ରଚାରକୁ ଉନ୍ନତ କରିବା, ରାଜନୈତିକ କାର୍ଯ୍ୟକଳାପର ଉଦ୍ୟୋଗକୁ କିଭଳି ବୃଦ୍ଧି କରାଯାଇ ପାରେ ଏବଂ ଆହୁରି କେତେ ପ୍ରକାରଭାବେ ପାର୍ଟିର କାମର ପ୍ରସାର କରାଯାଇପାରେ, ମୋ ଭାବନା ହେବ ପାର୍ଟି ନେତୃତ୍ୱ ଏଗୁଡ଼ିକୁ ନେଇ କିଭଳି ଚିନ୍ତା କରିବ । ଯଦିଓ ମୁଁ ଜାଣେ ଦୁର୍ବଳ କମ୍ରେଡ୍‌ମାନଙ୍କର ଯେଉଁ ସମସ୍ୟା ହୁଏ, ତାର ସମାଧାନ ନିମନ୍ତେ ନେତାମାନଙ୍କର ସାହାଯ୍ୟ ଦରକାର ହୁଏ । ମାତ୍ର ସେକ୍ଷେତ୍ରରେ କୌଣସି ସମୟରେ ହିଁ ସେହି କମ୍ରେଡ୍‌ମାନଙ୍କର ବିଭ୍ରାନ୍ତି ରହିବ ନାହିଁ ଯେ, ଏହା ଏକ ସାଂଗଠନିକ ସମସ୍ୟା । ଏହା ସେମାନଙ୍କର ବ୍ୟକ୍ତିଗତ ସମସ୍ୟା । ଅଭିଜ୍ଞ ନେତା ଓ କର୍ମୀମାନଙ୍କ ନିକଟରୁ ସେମାନେ ବୁଦ୍ଧି ପରାମର୍ଶ ନେଇ ସେମାନଙ୍କର ସେହି ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଚେଷ୍ଟା କରିବେ । ଆଉ ଏହା ସମସ୍ତ କମ୍ରେଡ୍‌ମାନେ ହିଁ କରିବେ, ଯେମିତି ଛାତ୍ର ଶିକ୍ଷକମାନଙ୍କର ସାହାଯ୍ୟ ନିଅନ୍ତି । ଯେମିତି ରୋଗରୁ ମୁକ୍ତି ପାଇବା ପାଇଁ ମଣିଷ ଡାକ୍ତରର ସାହାଯ୍ୟ ନିଏ ବା ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ଲୋକଙ୍କର ସାହାଯ୍ୟ ନିଏ । ସେହିଭଳି ଭାବେ ହିଁ ଦଳର ନେତାମାନଙ୍କର ସାହାଯ୍ୟ ନେବାକୁ ହେବ । କିନ୍ତୁ ସେମାନେ ଏହି ସମସ୍ୟାକୁ ସଂଗଠନର ସମସ୍ୟା ବୋଲି ଭାବିବେ କାହିଁକି ? ତାଙ୍କର ଏହି ଭାବନାର ରୀତିଟି ଭୁଲ, କାରଣ ସେ ବିପ୍ଳବ ସମ୍ବନ୍ଧୀୟ ଧାରଣାକୁ ହିଁ ଗଣ୍ଡଗୋଳ କରି ପକାଇଛନ୍ତି ।

## ବିପ୍ଳବୀ ଦଳର ନେତୃତ୍ୱ ସମ୍ପର୍କରେ ଧାରଣାର ଭିତ୍ତି କଣ

ଆଉ ଗୋଟିଏ ବିଷୟ କିଛି କମ୍ରେଡ୍‌ମାନଙ୍କ ମଧ୍ୟରେ ଅତି ଅଦ୍ଭୁତ୍‌ଭାବେ କାମ କରେ ଏବଂ କେତେକ ନେତୃସ୍ଥାନୀୟ କମ୍ରେଡ୍‌ମାନଙ୍କ ମଧ୍ୟରେ ବି ମୁଁ ଦେଖିବାକୁ ମିଳେ । ଯେଉଁମାନେ ପାର୍ଟି ଚେତନାସମ୍ପନ୍ନ, ମାର୍କ୍ସବାଦ-ଲେନିନ୍‌ବାଦ ସମ୍ପର୍କରେ ଯେଉଁମାନଙ୍କର ସାମାନ୍ୟ ହେଲେ ବି ଜ୍ଞାନ ଅଛି, ଯେଉଁ କର୍ମୀ ଓ ନେତାମାନଙ୍କର ଶ୍ରମିକ ଶ୍ରେଣୀ ଦଳର କର୍ମପଦ୍ଧତି ଏବଂ କାର୍ଯ୍ୟଧାରା ସମ୍ବନ୍ଧରେ ବିନ୍ଦୁମାତ୍ର ଧାରଣା ଅଛି, ସେମାନଙ୍କୁ ମନେରଖିବାକୁ ହେବ- ପାର୍ଟିର ନେତୃତ୍ୱ ସଂକ୍ରାନ୍ତୀୟ ଧାରଣା, କର୍ମୀ ସଂକ୍ରାନ୍ତୀୟ ଧାରଣା, ପାର୍ଟିର ତତ୍ତ୍ୱଗତ ନେତୃତ୍ୱ ବା ସଂଗଠନଗତ ନେତୃତ୍ୱର ଆଧାର ଉପରେ ହିଁ ଗଢିଉଠେ, ଜନଗଣଙ୍କର ଆନ୍ଦୋଳନର ନେତୃତ୍ୱର ଆଧାର ଉପରେ ହିଁ ଗଢିଉଠେ । ଏମ୍.ଏଲ୍.ଏ, ଏମ୍.ପି, ମନ୍ତ୍ରୀ ହେବା ଉପରେ ତା' ହୁଏ ନାହିଁ । କାହାରି କାହାରି ମଧ୍ୟରେ ଏକ ବିଚିତ୍ର ଧରଣର complex (କମ୍ପ୍ଲେକ୍ସ) ଥିବାର ମୁଁ ଦେଖେ । ଯେଉଁମାନଙ୍କର ଜନଗଣଙ୍କ ନିକଟରେ appeal (ଆବେଦନ) ଅଛି, ଡାସ୍ ପୁସ୍ ଅଛି, ବହୁ ସମୟରେ ନିର୍ବାଚନୀ ରାଜନୀତିରେ ସେହିଭଳି ଲୋକଙ୍କୁ ଆମେ ପ୍ରାର୍ଥୀ କରିଥାଉ ବା କରିବାକୁ ବାଧ୍ୟ ହୋଇଥାଉ । ଅଥଚ ଦେଖାଗଲା

ଶ୍ରମିକଶ୍ରେଣୀ ଦଳର ସଭ୍ୟ ହେବାର ସର୍ବନିମ୍ନ ଯୋଗ୍ୟତା ମଧ୍ୟ ସେ ଅର୍ଜନ କରିନାହାଁନ୍ତି। ତାଙ୍କୁ ମଧ୍ୟ ବହୁ ସମୟରେ ନିର୍ବାଚନୀ ଲଢେଇରେ ପ୍ରାର୍ଥୀ କରିବାକୁ ପଡେ। ହୁଏତ ସେ ନିର୍ବାଚନ ଜିତି ବି ଯାଇ ପାରନ୍ତି। ଆଉ ଜିତି ଗଲେ ହିଁ ସେ ଜନଗଣଙ୍କ ନିକଟରେ ଜଣେ ନେତା ହୋଇଯା'ନ୍ତି। ପାର୍ଟିର ବହୁ ଗୁରୁତ୍ୱପୂର୍ଣ୍ଣ କର୍ମୀଙ୍କ ତୁଳନାରେ ସେ ସାଧାରଣ ଲୋକଙ୍କ ନିକଟରେ ନେତା ହୋଇଯାଆନ୍ତି। ମାତ୍ର ଏହି ନେତା ହେବାର ଅର୍ଥ କଣ ସେ ଯଥାର୍ଥରେ ଜଣେ ନେତା? ନେତୃସ୍ଥାନୀୟ କର୍ମୀ ନହୋଇ ମଧ୍ୟ ସେ ଜନଗଣଙ୍କର ନେତା ବନିଯା'ନ୍ତି, ଯେହେତୁ ଜନଗଣ ପଶ୍ଚାଦପଦତା ଯୋଗୁଁ ଏହିଭଳି ଭାବନ୍ତି। ସେ ପ୍ରକୃତ ନେତୃସ୍ଥାନୀୟ କର୍ମୀ କି ନୁହଁନ୍ତି ଏହା ନିର୍ଭର କରେ ସଂଗଠନର କେତେ ଦାୟିତ୍ୱ ସେ ପାଳନ କରନ୍ତି ଏବଂ ଦଳର ତତ୍ତ୍ୱଗତ ଆନ୍ଦୋଳନ ଏବଂ ନେତୃତ୍ୱ ଦେବା କ୍ଷେତ୍ରରେ ତାଙ୍କର ଭୂମିକା କଣ? ଏହି ଦୁଇଟି ଆଧାର ଉପରେ ବିଚାର କରିବାକୁ ହୁଏ ଯେ, ଇଏ ହେଉଛନ୍ତି ନେତା, ଯାହାଙ୍କୁ ଆମେ ନେତା ବୋଲି ମାନୁଛୁ ଏବଂ ଜନଗଣ ମଧ୍ୟ ଯାହାଙ୍କୁ ନେତା ବୋଲି ମାନନ୍ତି। ଅପରଦିଗରେ ଯାହାଙ୍କ ନାମ ଖବରକାଗଜରେ ଛପା ହୁଏ, ଯଥାର୍ଥରେ ପାର୍ଟି ଭିତରେ ସେ କେତେ ନେତୃତ୍ୱକାରୀ ଭୂମିକା ପାଳନ କରନ୍ତି, ସେହି ମାପକାଠିରେ ତାଙ୍କୁ ବିଚାର କରିବାକୁ ହୁଏ। ସେ ନେତୃସ୍ଥାନୀୟ କମ୍ରେଡ୍ କି ନୁହଁନ୍ତି, ଅଥବା ସେ ଜଣେ ସାଧାରଣ ସ୍ତରର କର୍ମୀ ବା ସେହି ଅଞ୍ଚଳର ଅନ୍ୟ ଜଣେ ଯୋଗ୍ୟ କର୍ମୀଙ୍କ ଠାରୁ ଅନେକ ତଳ ସ୍ତରର – ଏହିସବୁ ଧାରଣାଗୁଡ଼ିକ ନୂତନ ନୂତନ କମ୍ରେଡ୍‌ମାନଙ୍କ ମଧ୍ୟରେ ବହୁ ସମୟରେ ବିଭ୍ରାନ୍ତି ସୃଷ୍ଟି କରେ। ଏହି ବିଭ୍ରାନ୍ତି ସୃଷ୍ଟି ହୁଏ ବୋଲି ହିଁ ସେମାନେ ବୁଝିପାରନ୍ତି ନାହିଁ ଯେ, ଯେଉଁ ଲୋକଟିଙ୍କୁ ନେତା ବୋଲି ଭାବୁଛନ୍ତି, ନେତୃତ୍ୱ ଦେବେ ବୋଲି ମନେକରନ୍ତି, କିନ୍ତୁ ଦଳର ନିର୍ଦ୍ଧାରିତ କରଣୀୟ କାର୍ଯ୍ୟ ମଧ୍ୟରୁ କୌଣସି ଟା ହିଁ ସେହି ନେତା କରନ୍ତି ନାହିଁ। ସେହି ଏମ୍.ଏଲ୍.ଏ ମଧ୍ୟ ଆଖି ସାମ୍ନାରେ ପାର୍ଟିର ଅନ୍ୟାନ୍ୟ ନେତୃସ୍ଥାନୀୟ କର୍ମୀମାନଙ୍କୁ ଦେଖୁଛନ୍ତି। ପୁଣି ସେ ଯଦି ଭାବନ୍ତି ଯେ, ମୁଁ ଏମ୍.ଏଲ୍.ଏ, ମୋର ଏତେ କ୍ଷମତା ଅଛି, ମୋର ଏହି ଏହି କାମ କରିବାର ଯୋଗ୍ୟତା ଅଛି, ଅଥଚ ନେତୃତ୍ୱର ପୋଜିସନ୍ ମୋତେ ଦିଆଯାଉ ନାହିଁ, ଅମୁକର କୌଣସି ଯୋଗ୍ୟତା ହିଁ ନାହିଁ, ତାଙ୍କର ଜନସାଧାରଣଙ୍କ ମଧ୍ୟରେ ଡାସ୍ ପୁସ୍ ନାହିଁ, ସେ ମୋ ଭଳି ଲୋକ ଜମା କରି ପାରନ୍ତି ନାହିଁ– ତା'ହେଲେ ଏହି ଭାବନା କଣ ଠିକ୍? ତତ୍କ୍ଷଣାତ୍ ଯଦି ତାଙ୍କୁ ପ୍ରଶ୍ନ କରାଯାଏ ଯେ, ଶ୍ରମିକଶ୍ରେଣୀ ଦଳର ନେତା ହେବାକୁ ହେଲେ ବ୍ୟକ୍ତିଗତ ଜୀବନରେ ଯେଉଁ ବିଷୟଗୁଡ଼ିକୁ ମାନିବା ଦରକାର, ତୁମେ ସେଗୁଡ଼ିକ ପାରିଛ କି? ତୁମେ ତୁମର ସମ୍ପତ୍ତି, ପରିବାର, ପୁଅ ଝିଅଙ୍କ ସମ୍ବନ୍ଧରେ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ କରିପାରିଛ କି? ଜଣେ ବିପ୍ଳବୀ କର୍ମୀଙ୍କର ଯେଉଁଭଳି ଭାବେ ଆଚରଣ କରିବା ଦରକାର, ଯେଉଁଭଳିଭାବେ ଆନନ୍ଦର ସହିତ

ପାର୍ଟି ନିକଟରେ ନିଜର ସର୍ବସ୍ୱ ବିସର୍ଜନ ଦେଇଦେବା ଦରକାର, ତୁମେ କ'ଣ ତା' ପାରିଛ ? ନା, ତା' ତୁମେ ପାରିନ। କିନ୍ତୁ ନେତୃତ୍ୱ assert (ଦାବି) କରିବା ସମୟରେ ତୁମେ ନିଜକୁ ଯୋଗ୍ୟ ଭାବୁଛ, ତୁମର ଆଚରଣ କ୍ଷେତ୍ରରେ ଯେତେବେଳେ ଏହି ପ୍ରଶ୍ନର ସମ୍ମୁଖୀନ ହେଉଛ, ସଙ୍ଗେ ସଙ୍ଗେ ଯୁକ୍ତି ଦେଉଛ– ମୁଁ ତ ଏଥିପାଇଁ ଯୋଗ୍ୟ ହୋଇନାହିଁ। ତା'ହେଲେ ଯଦି ସେହି ସ୍ତରରେ ନ ପହଞ୍ଚି ଥାଅ, ତେବେ ତୁମର ଏହି ସାମାନ୍ୟ ବିନୟଭାବ ତ ରହିବ ଯେ, ତୁମେ ଏବେ ବି ନେତା ହେବାର ଯୋଗ୍ୟତା ଅର୍ଜନ କରିପାରିନ। ତା'ହେଲେ ତୁମେ ନେତୃତ୍ୱକୁ ଯିବା ପାଇଁ ଫାଇଟ୍ କରିବ କାହିଁକି ? ତୁମେ ତ ନେତୃତ୍ୱ ପାଇବାର ଯୋଗ୍ୟତା ଅର୍ଜନ କରି ନାହଁ। ନେତୃତ୍ୱ ପାଇବାର ଯୋଗ୍ୟତା ତାଙ୍କର ହିଁ ରହିଛି ଯିଏ ଏହିସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କ ପରିଚାଳନାରେ କାମ କରିବାର ମାନସିକତା ତୁମର କାହିଁକି ନାହିଁ, ତୁମେ ତ ବିପ୍ଳବୀ ହେବାକୁ ଚାହଁ। ଏହି ମାନସିକତା ନରହିଲେ ତୁମେ କିପରି ବିପ୍ଳବୀ ହେବ ? ସେତେବେଳେ ପୁଣି କୁଯୁକ୍ତି କର, ସେଇଟା ତ ମୋର ଦୁର୍ବଳତା। ମୁଁ ତ ନୂଆ, ସେହି ଶିକ୍ଷା ମୋର ଏବେ ବି ହୋଇ ନାହିଁ। ତୁମେ ଯଦି ଶିକ୍ଷିତ ହୋଇ ନ ଥାଅ, ତଥାପି ନେତୃତ୍ୱର ଆକାଂକ୍ଷା ତ ତୁମକୁ ମାଡ଼ି ବସିଛି। ପ୍ରକୃତରେ ଏଗୁଡ଼ିକ existing class struggle (ପ୍ରଚଳିତ ଶ୍ରେଣୀ ସଂଗ୍ରାମ)ର ପ୍ରଭାବ, ସମାଜ ପରିବେଶରେ ମାନସିକ ଗଠନ ଉପରେ ପ୍ରତିନିୟତ ତା'ର ହିଁ ପ୍ରଭାବ। ତେଣୁ ଦଶମ କଂଗ୍ରେସରେ ଚୀନ ପାର୍ଟି ଏହି କଥାଟି ସ୍ମରଣ କରାଇ ଦେଇଛି ଯେ– ଯେତେ ଦିନ ସମାଜରେ ଶ୍ରେଣୀ ସଂଗ୍ରାମ ବିଦ୍ୟମାନ, ଏପରିକି ସମାଜତାନ୍ତ୍ରିକ ବିପ୍ଳବ ପରେ ମଧ୍ୟ ଦଳକୁ ବିପର୍ଯ୍ୟସ୍ତ କରିଦେବା ପାଇଁ, ଦଳର କର୍ମୀମାନଙ୍କୁ pollute (ଦୂଷିତ) କରିଦେବା ପାଇଁ, ନେତାମାନଙ୍କୁ ଭିତରୁ ସର୍ବନାଶ କରିଦେବା ପାଇଁ, ବୁର୍ଜୁଆଶ୍ରେଣୀ କ୍ରମାଗତ ବୁର୍ଜୁଆ ଭାବଧାରାର ପ୍ରଭାବକୁ ପ୍ରସାର କରିଚାଲେ, ଅର୍ଥାତ୍ ଶ୍ରେଣୀ ସଂଗ୍ରାମରେ ଏହାର ପ୍ରଭାବ ପଡ଼ିଚାଲେ। ତେଣୁ, ଯେତେ ଦିନ ସମାଜରେ ଶ୍ରେଣୀ ସଂଗ୍ରାମ ବିଦ୍ୟମାନ, ସେତେ ଦିନ ମନେରଖିବାକୁ ହେବ ଯେ, ଏହି ସମସ୍ୟାଗୁଡ଼ିକ ବିଭିନ୍ନ ଦିଗରୁ ଚିନ୍ତାର ବିଭିନ୍ନ କ୍ଷେତ୍ରରେ ବିଭ୍ରାନ୍ତି ସୃଷ୍ଟି କରିବ।

ତେଣୁ ପ୍ରତି ମୁହୂର୍ତ୍ତରେ ହିଁ ମୋର ପ୍ରତିଟି ମାନସିକ trait (ପ୍ରବଣତା) କେଉଁ ଶ୍ରେଣୀର ଭାବନା ଧାରଣାକୁ ପ୍ରତିଫଳିତ କରୁଛି, ଶ୍ରମିକ ଆନ୍ଦୋଳନ, ପାର୍ଟିର ସଂହତି, ଐକ୍ୟ, ଶୃଙ୍ଖଳାକୁ ଶକ୍ତିଶାଳୀ କରିବା କ୍ଷେତ୍ରରେ ସାହାଯ୍ୟ କରୁଛି; ନା ବିଭିନ୍ନ ଯୁକ୍ତି ଓ ପ୍ରଶ୍ନର ଆଢୁଆଳରେ ପାର୍ଟି ନେତୃତ୍ୱ, ପାର୍ଟି ସଂଗଠନ, ପାର୍ଟି ରାଜନୀତି ଏବଂ ଶ୍ରମିକ ଆନ୍ଦୋଳନକୁ ଦୁର୍ବଳ କରୁଛି, ମୋତେ ମଧ୍ୟ ଶକ୍ତିହୀନ କରି ଦେଉଛି–ଏଗୁଡ଼ିକୁ ବିଚାର କରିବାକୁ ହେବ। ଯେଉଁ ପ୍ରଶ୍ନଗୁଡ଼ିକ ଦେଖା ଦେଇ ମୋତେ ବିପ୍ଳବ ରାସ୍ତାରୁ ଦୂରେଇ ନେବାକୁ ଚାହେଁ, ବୁଝିବାକୁ ହେବ, ସେହି ପ୍ରଶ୍ନଗୁଡ଼ିକ ହେଲା ବୁର୍ଜୁଆ ସମାଜ

ଏବଂ ଶ୍ରେଣୀ ସଂଗ୍ରାମରେ ବୁର୍ଜୁଆ ଭାବଧାରାର ପ୍ରଭାବର ଫଳ। ଅର୍ଥାତ୍, ବୁର୍ଜୁଆ ଶ୍ରେଣୀ ଶ୍ରମିକଶ୍ରେଣୀକୁ ଏବଂ ଶ୍ରମିକ ଆନ୍ଦୋଳନକୁ ଯେଉଁ ଆକ୍ରମଣ କରୁଛି ଏହା ତା'ରି ଫଳ। ଶ୍ରମିକ ଆନ୍ଦୋଳନ ଉପରେ ସେ ଚଳାଇଥିବା ଆକ୍ରମଣର ମୁଁ ଶୀକାର ହୋଇଛି। କାରଣ, ଏହା ଦ୍ୱାରା ମୁଁ ଶ୍ରମିକ ଆନ୍ଦୋଳନରୁ ଦୂରେଇ ଯାଇଛି ଏବଂ to that extent (ସେତେ ଦୂରଯାଏ) ଶ୍ରମିକ ଆନ୍ଦୋଳନକୁ ଦୁର୍ବଳ କରୁଛି। କେବଳ ଦୂରେଇ ଯାଇ ନାହିଁ, ଦୂରେଇ ଯିବା ସମୟରେ ଯେଉଁ ଯୁକ୍ତିସବୁ କରୁଛି, ତା'ଦ୍ୱାରା ପୁଞ୍ଜିପତିମାନଙ୍କ ଚକ୍ରାନ୍ତ ଫଳରେ ବିପର୍ଯ୍ୟସ୍ତ ହୋଇ ପଡୁଥିବା ଆହୁରି ହଜାରେ ଦୁର୍ବଳ କର୍ମୀଙ୍କର ମଧ୍ୟ ଦୂରେଇ ଯିବା ପାଇଁ ରାସ୍ତା ପ୍ରଶସ୍ତ କରିଦେଉଛି। ପୁଣି ମୁଁ ଫାଇଟ୍ କରି ଯଦି ଜିତେ, ତେବେ ମୁଁ ଯେ ଖାଲି ଜିତିଲି ତା' ନୁହେଁ, ମୋ କ୍ଷେତ୍ରରେ କେବଳ ଯେ ବୁର୍ଜୁଆ ଚକ୍ରାନ୍ତ ବ୍ୟର୍ଥ ହେଲା ତା' ନୁହେଁ, ତା'ର ଆକ୍ରମଣ ପରାସ୍ତ ହେଲା ଖାଲି ସେତିକି ନୁହେଁ, ଅନ୍ୟ ପାଞ୍ଚ ଜଣ କମ୍ରେଡ୍‌ଙ୍କୁ ବୁର୍ଜୁଆ ଆକ୍ରମଣକୁ ପରାସ୍ତ କରିବା ସଂଗ୍ରାମରେ ଏହା ସାହାଯ୍ୟ କଲା। ଫଳରେ ଖାଲି ମୁଁ ଯେ ଜିତିଲି ତା' ନୁହେଁ, ଆଉ ପାଞ୍ଚଜଣଙ୍କୁ ଜିତାଇବା ରାସ୍ତାରେ ମଧ୍ୟ ଶକ୍ତି ଯୋଗାଇଲି। ସୁତରାଂ, ପ୍ରଶ୍ନଗୁଡ଼ିକୁ ଆମର ଏହିଭଳିଭାବେ ଦେଖିବା ଉଚିତ୍।

## ଜୀବନ ତମାମ ବିପ୍ଳବ ବୁଝିବାକୁ ହୁଏ

ଫଳରେ ଯେଉଁ ପ୍ରଶ୍ନଗୁଡ଼ିକ ଆସିଛି, ତା'ର ମୂଳ ଦିଗ ହେଲା– ବିପ୍ଳବକୁ କ୍ରମାଗତ ବୁଝିବାକୁ ହେବ। କେବଳ ଆଲୋଚନା କରି, ବହି ପଢି, ତର୍କ କରି ଆମର ଏହି ବୁଝିବା ପରିପକ୍ୱ ହୁଏ ନାହିଁ। ବିପ୍ଳବ ସଂକ୍ରାନ୍ତୀୟ, ବିପ୍ଳବୀ ତତ୍ତ୍ୱ ସଂକ୍ରାନ୍ତୀୟ ଯେତେ ଆଲୋଚନା ଆମେ କରୁନା କାହିଁକି, ଏହାଦ୍ୱାରା ଆମର ବିପ୍ଳବ ବୁଝିବା ଏବଂ ବିପ୍ଳବୀ ଆନ୍ଦୋଳନର ଗତିପ୍ରକୃତିକୁ ବୁଝିବା ଏବଂ ଏଥିସହିତ ଆମର ସମ୍ପର୍କର ଜଟିଳତା ଏବଂ ଦ୍ୱନ୍ଦ୍ୱ ସମନ୍ୱୟକୁ ବୁଝିବା ସଠିକ୍ ହୁଏ ନାହିଁ, ଯାହା ଆମର ବୁଝିବା ଆବଶ୍ୟକ। କାରଣ ଆମେ ଜଣେ ଜଣେ ଗୋଟିଏ ଗୋଟିଏ entity (ସତ୍ତା)। ଆମେ ଯେତେବେଳେ ବିପ୍ଳବୀ ଆନ୍ଦୋଳନ ମଧ୍ୟରେ ଅଛୁ, ସେତେବେଳେ ଆମର ନିଜସ୍ୱ ମାନସିକ ଗଠନ, ପ୍ରକୃତି, ସୁବିଧା-ଅସୁବିଧା, ଧ୍ୟାନଧାରଣା, ଆମର ନିଜସ୍ୱ ପରିବେଶ ସହିତ ବିପ୍ଳବୀ ଆନ୍ଦୋଳନର ପ୍ରୟୋଜନ, ବିପ୍ଳବୀ ଆନ୍ଦୋଳନର ସଂହତି ବଜାୟ ରଖିବାର ପ୍ରୟୋଜନ ଏବଂ ବିପ୍ଳବୀ ଆନ୍ଦୋଳନରେ ସବୁ ସମୟରେ ଉଦ୍ୟୋଗ ନେଇ ଆଗେଇ ଯିବାର ପ୍ରୟୋଜନ ମଧ୍ୟରେ ବିରୋଧ ଦେଖାଦିଏ। ଏହି ବିରୋଧଗୁଡ଼ିକର ପ୍ରକୃତି କଣ ଏବଂ କାହିଁକି ଏହା ଦେଖାଦିଏ ? ବିପ୍ଳବୀ ଆନ୍ଦୋଳନରେ ବିରୁଦ୍ଧ ମାନସିକତାଗୁଡ଼ିକ ଏହିସବୁ ବିପ୍ଳବୀ କାର୍ଯ୍ୟକଳାପ ବିରୁଦ୍ଧରେ ଯେତେବେଳେ

ଆସେ, ସେଗୁଡ଼ିକ ଯେ ମୋ ମଧ୍ୟରେ କାମ କରୁଥିବା ବୁର୍ଜୁଆ ଭାବଧାରାର ନାନା ରୂପ ଏବଂ ସେଥିପାଇଁ ଏହାର ସଠିକ୍ ପ୍ରକୃତି ନିର୍ଦ୍ଧାରଣ କରି ନପାରିବା ଫଳରେ ଯେ ଏଗୁଡ଼ିକ ଘଟୁଛି,ତା' ବୁଝିବା ପ୍ରୟୋଜନ। କେବଳ ବହି ପଢି, ଆଲୋଚନା କରି, ଏହାର ପ୍ରକୃତି ନିର୍ଦ୍ଧାରଣ କରାଯାଇ ପାରେନା। ତେଣୁ ମାଓ-ସେ-ତୁଙ୍ଗ୍ ଲଙ୍ଗ୍ ରୁଟ୍ ମାର୍ଚ୍ଚ ପରେ ସଂଗଠନ ସଂକ୍ରାନ୍ତୀୟ ସମସ୍ୟାବଳୀ ଉପରେ ଯେମେନ୍ ବକ୍ତୃତାରେ ଏକ ଖୁବ୍ ମୂଲ୍ୟବାନ କଥା କହିଥିଲେ। ଚୀନ କମ୍ୟୁନିଷ୍ଟ ପାର୍ଟି ସେତେବେଳେ ବିରାଟ ଶକ୍ତିଶାଳୀ ପାର୍ଟି। ବିପ୍ଳବୀ ଯୁଦ୍ଧରେ ବହୁ ବିଜୟ ହାସଲ କରିଛି ଏବଂ ସେତେବେଳେ ଚୂଡ଼ାନ୍ତ ବିଜୟ ଦିଗରେ ଅଗ୍ରସର ହେଉଛି, ସେତେବେଳେ ପାର୍ଟିର executive leader, military general ମାନଙ୍କର କ୍ୟାପ୍ଟେନ୍‌ମାନଙ୍କୁ ଏକତ୍ରିତ କରି ଏକ କ୍ଲାସ୍ ହେଉଛି। ସେହି  କ୍ଲାସରେ ସେ କହୁଛନ୍ତି ଯେ, ମାର୍କ୍ସବାଦ- ଲେନିନ୍‌ବାଦର ବହି ପଢି, ତର୍କବିତର୍କ ଓ ଆଳାପ ଆଲୋଚନା କରି, ନାନା ଧରଣର ତତ୍ତ୍ୱ ଚର୍ଚ୍ଚା ମଧ୍ୟଦେଇ ଆମେ ଯେ ମାର୍କ୍ସବାଦ ବୁଝିବା ପାଇଁ ଚେଷ୍ଟା କରୁ, ତା'ଦ୍ୱାରା ବିପ୍ଳବକୁ ଭଲଭାବରେ ଉପଲବ୍ଧ କରାଯାଏ ନାହିଁ। ତା' ଦ୍ୱାରା ମାର୍କ୍ସବାଦ ସମ୍ପର୍କରେ ଚୌକସ୍ ଜ୍ଞାନ ହୁଏ ନାହିଁ। ଚୌକସ୍ ଜ୍ଞାନ କହିଲେ ସେ କହିବାକୁ ଚାହିଁଛନ୍ତି ଯେ, ଜ୍ଞାନ decisive (ନିର୍ଣ୍ଣାୟକ), ଯେଉଁ ଜ୍ଞାନ ସର୍ବାତ୍ମକଭାବରେ  କ୍ରିୟାଧର୍ମୀ, ସେହି ଜ୍ଞାନ ମୋତେ ସମସ୍ତ ବିପତ୍ତିରୁ ରକ୍ଷା କରେ। ତେଣୁ ମନେରଖିବେ, ବୁର୍ଜୁଆ ସମାଜର ସମସ୍ତ ପ୍ରକାର ଆକ୍ରମଣ, ସିଧାସଳଖ ବୁର୍ଜୁଆ ଭାବଧାରାର ଆକ୍ରମଣକୁ ଯେମିତି ଅଧିକ ସଂଖ୍ୟାରେ କର୍ମୀ ବୁର୍ଜୁଆ prejudice (ପୂର୍ବ ଧାରଣା), ପେଟି ବୁର୍ଜୁଆ ପୂର୍ବ ଧାରଣା ଦୁର୍ବଳତା ଭାବେ ବୁଝି ଫାଇଟ୍ କରି ପାରନ୍ତି। ଏଗୁଡ଼ିକ ଯେଉଁମାନେ ବୁଝି ପାରନ୍ତି ନାହିଁ, ସେମାନଙ୍କର ତ ସମସ୍ୟା ଅଲଗା। ମାତ୍ର ଲୁଚାଣିଆ ଆକ୍ରମଣ, ବିଭିନ୍ନ ଭାବେ impact of life (ଜୀବନର ପ୍ରଭାବ), ବାସ୍ତବ ଅବସ୍ଥା, ମୁଁ ତ ଦୁର୍ବଳ, ସମସ୍ତେ ଯଦି ମୋତେ ନଦେଖନ୍ତି, ଏକା ମୁଁ କଣ କରିବି, ମୋତେ କେହି ସାହାଯ୍ୟ କଲେ ନାହିଁ, ଏହିଭଳି ନାନା ବିଭ୍ରାନ୍ତିକର ଚିନ୍ତା- ଏଗୁଡ଼ିକୁ ମୁଁ କହେ ବୁର୍ଜୁଆମାନଙ୍କର ପ୍ରତାରଣାପୂର୍ଣ୍ଣ ଆକ୍ରମଣ, ଯାହା ବୁଝି ନପାରିବା ଫଳରେ ଅନେକେ ଏହାର ଶୀକାର ହୋଇଯାନ୍ତି।

ଯେଉଁ କଥାଟି ମୁଁ ପୂର୍ବରୁ କହିଛି, ଆମେ ଏହି ପଥରେ କାହିଁକି ଆସିଛୁ ? ମୋ କଥା ହିଁ ଧରନ୍ତୁ, ମୁଁ ପ୍ରଥମେ ଏଦେଶର ସ୍ୱାଧୀନତା ଆନ୍ଦୋଳନରେ ଅନୁଶୀଳନ ସମିତି ସହିତ ଯୁକ୍ତ ହୋଇଥିଲି, ବମ୍ ପିସ୍ତଲ ହାତରେ ନେଇ ମୋର ରାଜନୈତିକ ଦୀକ୍ଷା ଆରମ୍ଭ ହୋଇଥିଲା। ଦେଶକୁ ସ୍ୱାଧୀନ କରିବାକୁ ହେବ, ମୁକ୍ତ କରିବାକୁ ହେବ ବୋଲି ଯେଉଁମାନଙ୍କ ଦ୍ୱାରା ମୁଁ ଅନୁଶୀଳନ ସମିତିରେ ଯୋଗ ଦେଇଥିଲି, ପରବର୍ତ୍ତୀ ସମୟରେ ରାଜନୈତିକ ଆନ୍ଦୋଳନରେ ସେମାନେ ସବୁ କିଏ କେଉଁଠି ଯାଇ ଛିଟିକି

ପଡ଼ିଲେ । ଯେଉଁମାନେ ସେଦିନ ମୋତେ ଆଦର୍ଶରେ ଉଦ୍‌ବୁଦ୍ଧ କରି ଘରୁ ବାହାର କରି ନେଇ ଆସିଥିଲେ- ଯେଉଁମାନଙ୍କ କଥାରେ ବାପା-ମା' ପରିବାର, ଲେଖାପଢା କ୍ୟାରିୟର ସବୁକିଛି ତୁଚ୍ଛ ହୋଇଯାଇଥିଲା, ସେତେବେଳର ବୁଦ୍ଧି ଅନୁଯାୟୀ ଯେଉଁମାନଙ୍କୁ ପ୍ରାୟ ମହାମାନବ ବୋଲି ମନେକରୁଥିଲି, ସେହି ଲୋକମାନଙ୍କର କି ଅଧଃପତନ ମୁଁ ଆଖି ସାମ୍ନାରେ ଦେଖିଛି । କିନ୍ତୁ ତାହା ଦ୍ୱାରା ଆମର କଣ କ୍ଷତି ହୋଇଛି ? କ୍ଷତି ଯେ ଅନେକଙ୍କର ହୋଇ ନାହିଁ ତା' ନୁହେଁ- ଯେଉଁ କଥା ବାପା-ମା' ଆଖିରେ ଆଙ୍ଗୁଳି ଗେଞ୍ଜି ବୁଝାନ୍ତି ଯେ, ଦେଖ ତ, ଅମୁକର କଥାରେ ଗଲୁ, ବର୍ତ୍ତମାନ ଦେଖ, ସେ କେମିତି ଘର କରିଛନ୍ତି, ସେ କେମିତି ସଂସାର କରିଛନ୍ତି, ଏଇ ଦେଖ, ସେ କେମିତି ପଇସା କମୋଉଛି- ଯେଉଁମାନେ ସେମାନଙ୍କ ସହିତ ଚାଲିବାକୁ ଚାହିଁଛନ୍ତି ସେମାନେ ଏହିଭଳିଭାବେ ଭାବିଛନ୍ତି । ମୋ ବାପା ମୋତେ କହୁଥିଲେ, ରାଜନୀତି ତ ସମସ୍ତେ ହିଁ କରନ୍ତି, କିନ୍ତୁ ତୋ ଭଳି ସର୍ବନାଶୀ ରାଜନୀତି କରିବା କାହାରିକି ଦେଖି ନାହିଁ । ଏହି ତ ସମସ୍ତେ କଂଗ୍ରେସ କରୁଛନ୍ତି, ସେ ଅମୁକ କରୁଛି, ସେ ତମୁକ କରୁଛି, ରାଜନୀତି କଲେ କଣ ସବୁ ଘରଦ୍ୱାର ଛାଡ଼ି ଦେବାକୁ ହୁଏ, ସଂସାର ଦେଖିବାକୁ ହୁଏ ନା, ବାପା-ମା'ଙ୍କ ପ୍ରତି ଦାୟିତ୍ୱର ବିଷୟ ନଥାଏ, ସ୍ତ୍ରୀ-ପୁତ୍ରର ବିଷୟ ନଥାଏ, କିଛି ନଥାଏ- ଇୟେ କି ଧରଣର ରାଜନୀତି ? ଏଇ ତ କମ୍ୟୁନିଷ୍ଟମାନଙ୍କୁ ଦେଖୁଛି, ସୋସାଲିଷ୍ଟମାନଙ୍କୁ ଦେଖୁଛି, ଫରୱାର୍ଡ ବ୍ଲକ୍‌କୁ ଦେଖୁଛି, ସମସ୍ତଙ୍କୁ ହିଁ ଦେଖୁଛି, ପ୍ରତ୍ୟେକଙ୍କର ହିଁ ଘର ସଂସାର ଅଛି, ଟଙ୍କା ପଇସା ରୋଜଗାରର ବିଷୟ ମଧ୍ୟ ଅଛି, ମାତ୍ର ତୋ ଭଳି ଏହି ସଂସାରଛଡ଼ା ରାଜନୀତି କେଉଁଠି ବି ଦେଖିନି । କହୁଥିଲେ, ଏହା ତୁ କେଉଁଠୁ ପାଇଲୁ ? ମୁଁ କହୁଥିଲି, ଏହା ମୋର ଦୁର୍ବୁଦ୍ଧି, ମୋ ଉପରେ ଅଭିଶାପ; ଏହା ବ୍ୟତୀତ ତାଙ୍କୁ ଆଉ କଣ ବା କହିବି ? ଏହିଭଳି କଥା ଆମକୁ ଦୁର୍ବଳ କରିଦିଏ । ଯେଉଁମାନେ ମୋତେ ନେଇ ଆସିଥିଲେ, ବର୍ତ୍ତମାନ ସେମାନେ କରୁ ନାହାନ୍ତି, ଯେମିତି ତାଙ୍କ ପାଇଁ ହିଁ ମୁଁ ବିପ୍ଳବୀ ହୋଇଥିଲି । ଯିଏ ଏହିଭଳିଭାବରେ ଚିନ୍ତା କରନ୍ତି, ତାଙ୍କର ହିଁ ବିପଦ ହୁଏ । ମାତ୍ର ଯିଏ ଲଢେଇର ପଥ ଚିହ୍ନାଇ ଦେଲେ, ଆମକୁ ପଥ ଦେଖେଇ ଦେଲେ, ସେ ଯିଏ ବି ଦେଖାଇ ଥାନ୍ତୁ ନା କାହିଁକି, ମୁଁ ଯଦି ସତ୍ୟ ପାଇଥାଏ, ବୁଝିଥାଏ, ଏହା ହିଁ ମୋର ରାସ୍ତା, ଏହା ହିଁ ମୋର ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନର ରାସ୍ତା, ତେବେ  ସେ ଯଦି ହଟି ଯାନ୍ତି, ମୁଁ ହଟିବି କାହିଁକି ? ମୁଁ ତ ପଥର ସନ୍ଧାନରେ, ସତ୍ୟର ସନ୍ଧାନରେ ଲୋକ ଖୋଜୁଥିଲି । ଯେକୌଣସି ଲୋକ ଯଦି ମୋତେ ସତ୍ୟର ପଥକୁ ନେଇ ଆସିଥାନ୍ତି, ତା'ପରେ ସେ ସତ୍ୟ ପଥରେ ନଥାଇ ବି ପାରନ୍ତି, କିନ୍ତୁ ଏହା କଣ ଯୁକ୍ତି ଯେ, ସେ ଭୁତ ହୋଇଛନ୍ତି ବୋଲି ମୋତେ ମଧ୍ୟ ତାଙ୍କ ସହିତ ଦଳବଦ୍ଧଭାବେ ଭୁତ ହେବାକୁ ହେବ ? ମୋତେ ଯିଏ ରାଜନୀତିକୁ ଆଣିଥିଲେ, ସିଏ ଚୋର ହୋଇଛନ୍ତି ବୋଲି ମୋତେ କଣ ସଙ୍ଗେ ସଙ୍ଗେ ଚୋର ହେବାକୁ ପଡ଼ିବ, ଏହା କି ପ୍ରକାର ଯୁକ୍ତି ?

ରାଜନୀତିର ରାସ୍ତା କଣ ଖରାପ ? ମୁଁ ଯେଉଁ ସଂଗ୍ରାମରେ ନିୟୋଜିତ ତା' କଣ ଭୁଲ ? ମୁଁ ଯେଉଁ ଆଦର୍ଶର ରାସ୍ତାରେ ଚାଲିଛି, ତା' କଣ ଭ୍ରାନ୍ତ ? ତା'ଯଦି ଭ୍ରାନ୍ତ ହୋଇଥାଏ, ତେବେ ପରିତ୍ୟଜ୍ୟ। ଏହି ମୁହୂର୍ତ୍ତରେ ହିଁ ପରିତ୍ୟଜ୍ୟ। ମାତ୍ର ତା' ଯଦି ସତ୍ୟ ପଥ ହୁଏ, ମନୁଷ୍ୟତ୍ୱର ପଥ ହୁଏ, ମର୍ଯ୍ୟାଦାର ପଥ ହୁଏ, ବିବେକର ପଥ ହୁଏ ଏବଂ ମାନବ ମୁକ୍ତିର ଏକମାତ୍ର ପଥ ହୁଏ- ତା'ହେଲେ ଯେଉଁମାନେ ପଥ ଦେଖାଇ ଏଭଳି ଦୂରେଇ ଗଲେ, ସେମାନେ ଚୁଲିକି ଯାଆନ୍ତୁ, ସେମାନେ ବସି ଯାଇଛନ୍ତି ବୋଲି ମୁଁ ବସିଯିବି କାହିଁକି ? ମୁଁ ସତ୍ୟ ପଥରୁ ବିଚ୍ୟୁତ ହେବି କାହିଁକି ? ଏହା ତ ଅସଲ କଥା। ଏହି କଥାଟି ହେଲା ବିପ୍ଳବୀମାନଙ୍କର ପ୍ରାଥମିକ ଶିକ୍ଷା।

ସେଥିପାଇଁ କହୁଥିଲି ଯେ, ଆମେ ସମସ୍ତଙ୍କ ପାଇଁ ରାଜନୀତି କରୁ, ଏକଥାର ଅର୍ଥ ଏହା ନୁହେଁ ଯେ, ଆମେ ରାମ-ଶ୍ୟାମର ମୁହଁକୁ ଚାହିଁ ରାଜନୀତି କରୁ। ଜନତା ଅଛନ୍ତି, ମଣିଷ ଅଛି, ସେମାନଙ୍କ ମୁକ୍ତିର ପ୍ରଶ୍ନ ମଧ୍ୟ ଅଛି, ତେଣୁ ମୋର ମୁକ୍ତି ସଂଗ୍ରାମରେ ଅଂଶଗ୍ରହଣ ମଧ୍ୟ ଅଛି। ତେଣୁ ବଡ଼ ବଡ଼ ବିପ୍ଳବୀମାନେ ଏହାକୁ ଭାଷା ଦେଇଛନ୍ତି ଯେ, ସେହି ଦିନ ହିଁ ଏହାର ଶେଷ ହେବ, ଯେଉଁ ଦିନ ମୋର ଦେହ ବି ଲୟ ହେବ। ଅର୍ଥାତ୍ ମୁଁ ଯେଉଁ ଦିନ ଶେଷ ନିଃଶ୍ୱାସ ତ୍ୟାଗ କରିବି, ଯେଉଁ ଦିନ ଚିତାରେ ଭସ୍ମ ହେବି। ତା' ପୂର୍ବରୁ ନୁହେଁ। ଯେଉଁ ଫାସିଷ୍ଟମାନେ ମୃତ୍ୟୁ ଭୟ ଦେଖାଇଛନ୍ତି, ସେମାନେ କାରାଗାରରେ ବିପ୍ଳବୀମାନଙ୍କର ଏହି କଣ୍ଠସ୍ୱର ଶୁଣିଛନ୍ତି। ଜୁଲିୟସ୍ ଫୁଚିକ୍ କହିଛନ୍ତି, ତୁମେ ଭୟ ଦେଖାଉଛ, ମୃତ୍ୟୁର ଭୟ ଦେଖାଉଛ ? ଆରେ ବାବା, ଯେଉଁ ଦିନ ବିପ୍ଳବୀ ହୋଇଛି ସେହି ଦିନ ହିଁ ମୃତ୍ୟୁର ଟିକେଟ୍ କାଟି ରଖିଛି। କାହାକୁ ଭୟ ଦେଖାଉଛ ? ଆମେ unconscious element (ଅସଚେତନ ମଣିଷ) ନୋହୁଁ। ଆମେ ମୃତ୍ୟୁକୁ ଅଗୌରବ ବୋଲି ମନେକରୁନା। କେବଳ କୁକୁର ଭଳି ମୃତ୍ୟୁକୁ, ଅମଣିଷ ଭଳି ମୃତ୍ୟୁକୁ ଆମେ ଅଗୌରବ ମନେକରୁ। ନ୍ୟାୟ ପାଇଁ ସଂଗ୍ରାମ କରିଯାଉଛୁ, ଯଦି ମୋତେ ମରିବାକୁ ହୁଏ, ଗୁଣ୍ଡା ହାତରେ ଯଦି ମରିବାକୁ ହୁଏ, ତା'ଦ୍ୱାରା ମୋର ବେଇଜ୍ଜତ ହେବ ନାହିଁ। ବରଂ ଏହା ହେବ ମୋର ସମ୍ମାନ, ଗୌରବଜନକ ମୃତ୍ୟୁ। ଫଳରେ ମୋତେ ଭୟ ଦେଖାଉଛ କଣ ? ଆଜି ଯେଉଁମାନେ ଭୁଲ ବୁଝି ବିପ୍ଳବୀଙ୍କୁ ମାରିବେ, ସେମାନଙ୍କର ଯଦି କିଛିଟା ବିବେକ ଥାଏ, କାଲି ଆତ୍ମଗ୍ଲାନିରେ, ନିଜର ଅପରାଧ ସେମାନଙ୍କୁ ଭିତରେ ଭିତରେ କୋରି କୋରି ଖାଇବ। ଆଜି ନହେଲେ କାଲି ଖାଇବ, ସେମାନଙ୍କୁ ନଖାଇଲେ ବି ସେମାନଙ୍କର ସନ୍ତାନସନ୍ତତିମାନଙ୍କୁ ଖାଇବ। ମୋର ଭୟ କାହାକୁ ? ସେଥିପାଇଁ ଫୁଚିକର ଏହି କଣ୍ଠସ୍ୱର ହେଉଛି ସମସ୍ତ ବିପ୍ଳବୀମାନଙ୍କର କଣ୍ଠସ୍ୱର। ତୁମେ ଯଦି ମୋର ବିଚାର ଭୁଲ ଦେଖାଇ ପାର, ତା'ହେଲେ କାମ ହେବ। ମୋର ରାସ୍ତା ଭୁଲ ବୋଲି ଦେଖାଇ ପାର, କାମ ହେବ। କିନ୍ତୁ ଭୟ ଦେଖାଇଲେ ହେବ ନାହିଁ। କାରଣ ମୃତ୍ୟୁର ଟିକେଟ

ଆମେ କାଟି ରଖିଛୁ । ଏହା ଆମର କଟା ହୋଇ ସାରିଛି, ବର୍ତ୍ତମାନ ମୃତ୍ୟୁ ଯଦି ହୁଏ ହେବ । ତେବେ ସେଥିପାଇଁ କଣ adventure (ଦୁଃସାହସ) କରି ବେକ ବଢେଇ ଦେବି, ଯେତେବେଳେ ଯିବାକୁ ହିଁ ହେବ, ସେତେବେଳେ ମୋତେ ମାର । ନା, ମୋର କହିବାର ଅନେକ ଅଛି । ମୁଁ ଚେଷ୍ଟା କରିବି ଯେ ଯେତେ ଦିନ ପାରେ ବଞ୍ଚି ରହିବି ଏବଂ ବଞ୍ଚି ରହି ବିପ୍ଳବ ପାଇଁ କାମ କରିବି । ବିପ୍ଳବର କାମ କରିବାକୁ ଯାଇ ହଜାର ଚେଷ୍ଟା ସତ୍ତ୍ୱେ ମଧ୍ୟ ଯଦି ମୁଁ ବଞ୍ଚି ନପାରେ, ବଞ୍ଚିବା ପାଇଁ ଅଲଗାଭାବେ ଚେଷ୍ଟା କରିବି ନାହିଁ, ବିପ୍ଳବର କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବି, ତା'ରି ମଧ୍ୟରେ ବଞ୍ଚିବାର ଚେଷ୍ଟା ନିହିତ ରହିବ, ସେଥିରେ ଯଦି ମୃତ୍ୟୁ ଆସେ, ମରିଯିବି । କିନ୍ତୁ, in that case, we shall die with honour, (ସେକ୍ଷେତ୍ରରେ ଆମେ ସମ୍ମାନର ସହିତ ମରିବା) । ତେଣୁ ସମସ୍ତ ବିପ୍ଳବୀମାନଙ୍କର ବକ୍ତବ୍ୟ ହେଉଛି, ମୃତ୍ୟୁକୁ ଆମେ ଭୟ କରୁନା । କେବଳ କୁକୁର ଭଳି ମରିବାକୁ, ଭିକ୍ଷା କରି ମରିବାକୁ, ଅନୁନୟ ବିନୟ, ଅଭିଯୋଗ କରି ମରିବାକୁ, କ୍ଲୀବ ଭଳି ମରିବାକୁ ଆମେ ଭୟ ପାଉ । ତେଣୁ ଖାଲି ଅଭିଯୋଗ-ଅନୁନୟ ବିନୟ କରି, ଭୟରେ ଥରି ଥରି କୁକୁର ବିଲେଇ ଭଳି ମରନା । Fight to break through, (ମୁକାବିଲା କରିବାକୁ ଚେଷ୍ଟା କର) ସଂଗ୍ରାମ କର, ତାପରେ ମର । ସେଥିପାଇଁ କହିଥିଲି- there is only one surest way to keep your head high, that is to engage yourself in the struggle of the masses for justice against all sorts of injustice and exploitation for bringing about a revolutionary transformation of the present day exploitative system (ଆଜିକାର ଶୋଷଣମୂଳକ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଜନଗଣଙ୍କର ସମସ୍ତ ପ୍ରକାର ଅନ୍ୟାୟ ଓ ଶୋଷଣ ବିରୋଧୀ ନ୍ୟାୟର ସଂଗ୍ରାମରେ ନିଜକୁ ସକ୍ରିୟ ଭାବେ ଯୁକ୍ତ କରିବା ମଧ୍ୟରେ ହିଁ ନିହିତ ରହିଛି ମଥା ଉଚ୍ଚ କରି ବଂଚିବାର ଏକମାତ୍ର ନିଶ୍ଚିତ ପଥ) । ଏହା ହେଉଛି ଆମର କାର୍ଯ୍ୟ । ଏହିଭଳି ଭାବେ ଯଦି ମୃତ୍ୟୁ ଆସେ that is an honourable death (ତା' ହେଉଛି ଏକ ସମ୍ମାନଜନକ ମୃତ୍ୟୁ) । ସମାଜର ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ, ମାନବ ସମାଜର ମୁକ୍ତି ପାଇଁ ବିରାମହୀନ ଭାବେ ସଂଗ୍ରାମ କରି ନଖାଇ ମରିବା ମଧ୍ୟ ସମ୍ମାନଜନକ ।

ପ୍ରଥମ ଅବସ୍ଥାରେ କମ୍ୟୁନିଜିମ୍‌କୁ ନେଇ ଏଦେଶରେ ଯେଉଁ ଚର୍ଚ୍ଚା ହୋଇଛି ବା ସେସମ୍ପର୍କରେ ଯେଉଁ ଧାରଣା ଥିଲା, ସେଗୁଡ଼ିକ ଅତି ଅଦ୍‌ଭୁତ ଧରଣର । ଆମର ସେହି ଅନୁଶୀଳନ ସମିତିର ପ୍ରତିଷ୍ଠାତା ପୁଲିନ୍ ଦାଶ କହୁଥିଲେ, ମଣିଷର ଇଚ୍ଛା ଅଲଗା ରହିବ ହିଁ ରହିବ, ତୁମର ଚିଙ୍ଗୁଡ଼ି ମାଛ ଖାଇବା ପାଇଁ ଇଚ୍ଛା ହେଉଛି, ମୋର ସେତେବେଳେ ତେଲାପିଆ ମାଛ ଖାଇବା ପାଇଁ ଇଚ୍ଛା ହେଉଛି, କିଭଳି କମ୍ୟୁନିଜିମ୍

ହେବ ? ସମସ୍ତେ ହିଁ ଏକାବେଳେ ତେଲାପିଆ ମାଛ ଖାଇବେ ନାହିଁ, କାହାରି ବି ସେତେବେଳେ ଚିଙ୍ଗୁଡ଼ି ମାଛ ଖାଇବା ପାଇଁ ଇଚ୍ଛା ହେବ। ଏହି କଥା ଶୁଣି ଆମେ ହସୁଥିଲୁ। ବୁଢା ଲୋକ, ତାଙ୍କର କମ୍ୟୁନିଜମ୍ ସମ୍ପର୍କରେ ଏହିଭଳି ଧାରଣା ଥିଲା। କମ୍ରେଡମାନେ ଯେଉଁ ପ୍ରଶ୍ନ କରିଛନ୍ତି, ସେଗୁଡ଼ିକ ଅନେକାଂଶରେ ଏହିଭଳି ଯେ ସମସ୍ତ କମ୍ରେଡମାନଙ୍କର ଜୀବନଯାତ୍ରା ଗୋଟିଏ ପ୍ରକାରର ହେବ। standard of living (ଜୀବନଯାତ୍ରାର ମାନ) ଗୋଟିଏ ପ୍ରକାର ହେବ। ଏହି ଧାରଣାଗୁଡ଼ିକ ଅବାସ୍ତବ କଳ୍ପନା। ଗୋଟିଏ ହେଉଛି objective realistic (ବାସ୍ତବ ଧର୍ମୀ) ପ୍ରଶ୍ନ, ଅନ୍ୟଟି unobjective (ଅବାସ୍ତବ)। ମଣିଷର ବିଦ୍ୟାବୁଦ୍ଧି ଏକା ପ୍ରକାର ହୁଏନା, ରାଜନୈତିକ ଆନ୍ଦୋଳନରେ ଏହାର କାର୍ଯ୍ୟକାରୀତା ଓ ଅବସ୍ଥାନ ଏକା ପ୍ରକାର ନୁହେଁ ବୋଲି, ଏହାର ଭୂମିକାର ତାରତମ୍ୟ ଯୋଗୁଁ ହିଁ ଏହାର standard of living apparently (ବଞ୍ଚିବାର ମାନ ଆପାତତଃ) ବିଭିନ୍ନ ପ୍ରକାରର। ତାଙ୍କର କର୍ମଯୋଗ୍ୟତା ବା କର୍ମଅବସ୍ଥାନ ଯୋଗୁଁ ଯେକୌଣସି କମ୍ରେଡ୍ ଯଦି ଭଲ ଅବସ୍ଥାରେ ରୁହନ୍ତି, ଯେମିତି ଜଣେ ନେତା, ସେ ନେତା ବୋଲି ଗୋଟିଏ ଧରଣର ଅଫିସରେ ରୁହନ୍ତି, ଗୋଟିଏ ଧରଣର ଜାଗାରେ ରହୁଛନ୍ତି, ଗୋଟିଏ ଧରଣର ଜାଗାକୁ ଯାଉଛନ୍ତି, ପବ୍ଲିକ୍ ତାଙ୍କୁ ଅଲଗାଭାବେ ନେଉଛନ୍ତି, ଅନେକ ବନ୍ଧୁବାନ୍ଧବ ତାଙ୍କୁ ଲୁଗାପଟା ଦେଉଛନ୍ତି, ସେ ମଟର ଗାଡ଼ିରେ ଯାଉଛନ୍ତି, ତାଙ୍କୁ ବିଭିନ୍ନ ଜାଗାରେ ସ୍ୱାଗତ କରୁଛନ୍ତି, ତାଙ୍କର ଆପଣା ଛାଏଁ ଗୋଟିଏ ପ୍ରକାର ଜୀବନଯାତ୍ରା ଗଢ଼ି ଉଠୁଛି। According to importance (ଗୁରୁତ୍ୱ ଅନୁଯାୟୀ) ଏବଂ କାର୍ଯ୍ୟକାରୀତା ଯୋଗୁ ଏହିଭଳି ଜୀବନଯାତ୍ରା ଆସି ଯାଇଛି। ଏହି ଜୀବନଯାତ୍ରାକୁ ଦେଖିବାର ପ୍ରଶ୍ନ ହେଲା, ଏହିସବୁ ପରିସ୍ଥିତିରେ ତାଙ୍କର ମୋହ ସୃଷ୍ଟି ହେଉଛି କି ନାହିଁ, ଏଥିପ୍ରତି ଆକୃଷ୍ଟ ହୋଇଯାଇ ତାଙ୍କ ମଧ୍ୟରେ ଦୋଷ ଦୁର୍ବଳତା ଗଢି ଉଠୁଛି କି ନାହିଁ, ଏଗୁଡ଼ିକର ଅଭାବ ହେଲେ ସେ ବିବ୍ରତ ହୋଇ ପଡୁଛନ୍ତି କି ନାହିଁ, ଅସୁବିଧାବୋଧ କରନ୍ତି କି ନାହିଁ, ନା, ଯେକୌଣସି ଅବସ୍ଥାରେ ସେ ହସ ହସ ମୁହଁରେ ଚଳି ପାରନ୍ତି। ତାଙ୍କ ମଧ୍ୟରେ ଅଭାବବୋଧ ସୃଷ୍ଟି ହୁଏ ନାହିଁ ବା ସେ ହେବାକୁ ଦିଅନ୍ତି ନାହିଁ। ମାତ୍ର ଯଦି ଏହି ଦୁଷ୍ଟ trait (ପ୍ରବୃତ୍ତି)ଗୁଡ଼ିକ ତାଙ୍କ ମଧ୍ୟରେ ଗଢି ଉଠିଥାଏ, ତେବେ କହିବାକୁ ହେବ, ତାଙ୍କ ମଧ୍ୟରେ ଲୋଭ ସୃଷ୍ଟି ହୋଇଛି, ସେ ଏହାର ଶୀକାର ବନିଯାଇଛନ୍ତି, ଏଗୁଡ଼ିକର ଶୀକାର ହୋଇଯାଇଛନ୍ତି। ସେ ଯେମିତି ଏଗୁଡ଼ିକର ଶୀକାର ହୋଇ ନଯା'ନ୍ତି, କୌଣସି ଜୀବନଯାତ୍ରାରେ ଶୀକାର ହୋଇ ନଯା'ନ୍ତି, ଏହା ଉପରେ ନଜର ରଖିବା ଦରକାର। ଯେମିତି ଏହିଭଳି ଏକ ଗୋପନ କାମ କରିବା ପାଇଁ ଜଣେ କମ୍ରେଡ୍‌ଙ୍କୁ ଏହିଭଳି ପରିସ୍ଥିତିରେ ଗୋଟିଏ ସ୍ଥାନକୁ ପଠାଗଲା। ସାଧାରଣ କର୍ମୀଙ୍କର ଏହା ଜାଣିବାର ବିଷୟ ନୁହେଁ। ବର୍ତ୍ତମାନ ପାର୍ଟି ହିଁ ତାଙ୍କୁ ଏମିତି ଜାମା ପ୍ୟାଣ୍ଟ, ଏମିତି ପରିସ୍ଥିତି, ଏମିତି ଫ୍ଲାଟ୍, ଏଭଳି

ଜାଗାରେ ରହିବାର ବନ୍ଦୋବସ୍ତ କରିଦିଏ ଯାହା ଖୁବ ପ୍ରାଚୁର୍ଯ୍ୟପୂର୍ଣ୍ଣ ଅବସ୍ଥା। ମୋର ସଙ୍ଗେ ସଙ୍ଗେ ମନେହେଲା, ସେହି କମ୍ରେଡ୍ ଜଣକ ଏଭଳିଭାବେ ରହନ୍ତି କାହିଁକି ? ଏହା ବିଚାରର ରୀତି ନା କଣ ? ବହୁ ପୂର୍ବରୁ ମୁଁ ଅନେକ ଥର ଆଲୋଚନା କରିଛି, କୌଣସି କମ୍ରେଡ୍‌ଙ୍କର ଏହିଭଳି ଭାବେ ବିଚାର କରିବା ଠିକ୍ ନୁହେଁ। ସେ କେତେ ଆରାମରେ ଅଛି, ମୁଁ କିନ୍ତୁ ସେଭଳି ନାହିଁ–ଏସବୁ ପ୍ରଶ୍ନଗୁଡ଼ିକ କେଉଁଠାରୁ ଆସେ। ସେଥିପାଇଁ ତ୍ୟାଗ ଧର୍ମ ଉପରେ ମୁଁ ଏତେ ଆଲୋଚନା କରିଛି। ଯେଉଁ ତ୍ୟାଗ ଧର୍ମ ଏକ ମାରାତ୍ମକ ପରିଣତି ସୃଷ୍ଟି କରେ ଏବଂ ଆହୁରି କେତେ ପ୍ରକାରର ପ୍ରବୃତ୍ତି ଓ ନାନା ଧରଣର ବିକୃତିକୁ ଜନ୍ମ ଦିଏ। ପ୍ରକୃତରେ ଏହା ବୁର୍ଜୁଆ କନ୍‌ସେପ୍ଟ। ସେଥିପାଇଁ ମୁଁ କହିଛି, ବିପ୍ଳବୀମାନେ ଯେତେବେଳେ ନଖାଇ ରୁହନ୍ତି, ଉପାସରେ ରହିବାକୁ ବାଧ ହୁଅନ୍ତି, ବଣ ଜଙ୍ଗଲରେ ରୁହନ୍ତି, ଲୁଗାପଟାର ଅଭାବ, ଗଛର ପତ୍ର ଖାଇ ମଧ୍ୟ ଜୀବନଯାପନ କରିବାକୁ ହୁଏ, ସେତେବେଳେ ମଧ୍ୟ ସେମାନେ ମନେକରନ୍ତି ନାହିଁ ଯେ, ଜନସାଧାରଣଙ୍କ ପାଇଁ, ଦେଶ ପାଇଁ ସେମାନେ ଏତେ ତ୍ୟାଗ ସ୍ୱୀକାର କରୁଛନ୍ତି। ଏହି ଧରଣର ଭାବନା ମନ ମଧ୍ୟରେ ପ୍ରବେଶ କରିବାର ଅର୍ଥ ହେଲା, ବୁର୍ଜୁଆ ତ୍ୟାଗ ଧର୍ମର ଭାବନା ଧାରଣା ଦ୍ୱାରା ସେ ପ୍ରଭାବିତ। କାରଣ ସେ ଜାଣନ୍ତି, ଆଜି ଏହି ସଂଗ୍ରାମ କରିବାକୁ ଯାଇ ସେ ଯେଉଁ ପରିସ୍ଥିତିରେ ପଡ଼ିଛନ୍ତି, ସ୍ୱେଚ୍ଛାରେ ଯେଉଁ ଜୀବନଟି ଗ୍ରହଣ କରିଛନ୍ତି, ତା'ମର୍ଯ୍ୟାଦାର ଜୀବନ। ତାଙ୍କ ଉପଲବ୍ଧିରେ ବିପ୍ଳବୀ ଜୀବନ ଉନ୍ନତ, ସୁନ୍ଦର ଓ ଆନନ୍ଦମୟ ଜୀବନ। ମାତ୍ର ଅରାମଅୟସ କହିଲେ ଯେଉଁ ଘରଦ୍ୱାର, ପ୍ୟାଣ୍ଟ କୋଟ, ଭଲ ଫ୍ଲାଟ, ଟଙ୍କା ପଇସା ସେ ଛାଡ଼ି ଆସିଛନ୍ତି, ତା' ପ୍ରତି ଯଦି ଭିତରେ ଭିତରେ ତାଙ୍କର ଆକର୍ଷଣ ଅଧିକ ନଥାଏ, ସେଗୁଡ଼ିକୁ ହିଁ ଯଦି ସେ ଭଲ ଜୀବନ ବୋଲି ମନେ ନକରନ୍ତି, ବିପ୍ଳବୀ ଜୀବନ ଠାରୁ ଉନ୍ନତ ଜୀବନ ବୋଲି ଭିତରେ ଭିତରେ ମନେ ନକରନ୍ତି, ତା'ହେଲେ ସେସବୁକୁ ଛାଡ଼ି ଆସିବାକୁ ସେ ତ୍ୟାଗ କହିବେ କାହିଁକି ? ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କାହିଁକି ଏକମାତ୍ର ସାମ୍ୟବାଦୀ ଦଳ ବହିରେ ଦେଖିବେ, ମୁଁ କାହା ସହିତ କାହାକୁ ତୁଳନା କରି କଣ କହିଛି। ଗୋଟିଏ ଚାଳ ଛପର ଘର ଛାଡ଼ି ଯେତେବେଳେ ଜଣେ ମଣିଷ ରାଜପ୍ରାସାଦରେ ଆସି ବାସକରନ୍ତି, ସେତେବେଳେ ସେହି ବ୍ୟକ୍ତି କଣ ଭାବନ୍ତି ଯେ, ମୁଁ ମହା ତ୍ୟାଗ କରି ଆସିଛି। ଜଣେ ବିପ୍ଳବୀ ଏହି ପ୍ରଚଳିତ ଆରାମ ଅୟସପୂର୍ଣ୍ଣ ଜୀବନଯାତ୍ରାକୁ ଏକ ଅପମାନଜନକ ଜୀବନ, ଘୃଣ୍ୟ, ଜଘନ୍ୟ, କଦର୍ଯ୍ୟ ଅବମାନନାକର ଜୀବନ ବୋଲି ମନେକରନ୍ତି। ତେଣୁ ସେ ସ୍ୱେଚ୍ଛାରେ ସଂଗ୍ରାମର ରାସ୍ତା ବାଛି ନେଇଛନ୍ତି। ଏହି ସଂଗ୍ରାମରେ ତାଙ୍କର ଆନନ୍ଦ, ଦୁଃଖ, ବେଦନା ସବୁ କିଛି ହିଁ ଅଛି। କିନ୍ତୁ ଏହା ଉନ୍ନତ ଜୀବନ। ତା'ହେଲେ ଯଦି ଏକ କୁତ୍ସିତ ଜୀବନ ଯାହାକୁ ଆରାମଅୟସର ଜୀବନ କହୁ, ଯଦି ତାକୁ ଛାଡ଼ି ଆସି ବିପ୍ଳବୀ ଜୀବନକୁ ଉନ୍ନତ ଜୀବନ ବୋଲି ଗ୍ରହଣ

କରିଥାଉ, ଯଦି ଖାଇବା, ରହିବା ଯୋଗୁଁ କିଛି ଶାରିରୀକ କଷ୍ଟ ହେଉଛି, ସେଥିପାଇଁ ହିଁ ମୁଁ ସଙ୍ଗେ ସଙ୍ଗେ କଣ ମନେକରିବି ଯେ, ମୁଁ ମହାତ୍ୟାଗ କରିଛି। କି ତ୍ୟାଗ କରିଛି ? ତା'ହେଲେ ତ ଏହି ଘରଦ୍ୱାରକୁ ତୁମେ ବିପ୍ଳବୀ ଜୀବନଠାରୁ ବି ଉନ୍ନତ ଜୀବନ ବୋଲି ମନେକର। ଏହି ଆରାମଅୟସକୁ ତା'ଠାରୁ ଉନ୍ନତ ଜିନିଷ ବୋଲି ମନେକର। ଯଦି ଏହି ଅବମାନିତ ଜୀବନକୁ, ଜଡ଼ ଜୀବନକୁ ବଡ଼ ବୋଲି ମନେକର, ତା'ହେଲେ ଏହାକୁ ତ୍ୟାଗ ବୋଲି ଭାବୁଛ କାହିଁକି ? ଫଳରେ ଏଗୁଡ଼ିକ ହେଲା ତୁମର ପ୍ରଧାନ ବିଭ୍ରାନ୍ତି।

ଦ୍ୱିତୀୟ ବିଭ୍ରାନ୍ତି ହେଉଛି– ତ୍ୟାଗରୁ ଆସେ କିଛି ପାଇବାର ମନୋଭାବ। ଏତେ ତ୍ୟାଗ କଲି, ପାଇଲି କଣ ? ଦେଖୁ ନାହାନ୍ତି, କଂଗ୍ରେସୀ ନେତାମାନେ, ଏପରିକି ବହୁ ପୁରୁଣା ଗାନ୍ଧିବାଦୀ ନେତାମାନେ, ଏହିସବୁ କମ୍ୟୁନିଷ୍ଟ ନେତାମାନେ, ସ୍ୱଦେଶୀ ଆନ୍ଦୋଳନର ଲୋକମାନେ ସେମାନଙ୍କ ଭାବନା ଧାରଣା ଏହିଭଳି ଯେ, ଦେଶ ପାଇଁ ଏତେ ତ୍ୟାଗ ସେମାନେ କରିଛନ୍ତି, ଫଳରେ ବର୍ତ୍ତମାନ ସେମାନଙ୍କର କିଛି ପାଇବାର ସମୟ। ମୁଁ ଏତେ ତ୍ୟାଗ କରିଛି, ତେଣୁ ବର୍ତ୍ତମାନ ମୋର କିଛି ପାଇବା ଦରକାର। ତ୍ୟାଗ ବିନିମୟରେ କେହି ଟଙ୍କା ପଇସା ଚାହେଁ, କେହି ଚାହେଁ ପ୍ରତିପତ୍ତି, କେହି ଚାହେଁ power, position (କ୍ଷମତା, ପଦବୀ), କେହି ଚାହେଁ କ୍ଷମତା, ଏପରିକି କେହି ଚାହେଁ legacy (ସୁଯୋଗ ସୁବିଧା)। ଏହି ତ୍ୟାଗରୁ ପାଇବାର ମନୋବୃତ୍ତି ଆସେ। ପୁଣି, ଯେଉଁମାନେ କିଛି ହିଁ ଚାହିଁଲେ ନାହିଁ, ଗାନ୍ଧିବାଦୀମାନଙ୍କ ମଧ୍ୟରେ ଏଭଳି କିଛି ଲୋକ ମଧ୍ୟ ପାଇବେ, ଯେଉଁମାନେ କ୍ଷମତା, ପଦବୀ ଚାହିଁ ନାହାନ୍ତି, ଟଙ୍କା ପଇସା ମଧ୍ୟ ଚାହିଁ ନାହାନ୍ତି, କେବଳ ଧର୍ମୀୟ ମନୋଭାବରୁ ତ୍ୟାଗ କରିଯାଇଛନ୍ତି, କିନ୍ତୁ ତ୍ୟାଗର ମନୋଭାବ ଅଛି ବୋଲି ହିଁ ଯେତେବେଳେ ବ୍ୟର୍ଥ ହେଲେ, ଯେତେବେଳେ ଦେଖିଲେ, କିଛି ହେଲା ନାହିଁ, ଯେତେବେଳେ ଯାହା ଚାହିଁଥିଲେ, ତାହା କରି ପାରିଲେ ନାହିଁ, ସେତେବେଳେ ସଙ୍ଗେ ସଙ୍ଗେ ମଣିଷର ପ୍ରଚେଷ୍ଟା ଉପରୁ ସେମାନଙ୍କର ବିଶ୍ୱାସ ତୁଟିଯାଏ। ସେତେବେଳେ ଭାବନା ହେଲା, ଆଉ କିଛି ହେବ ନାହିଁ। ସେତେବେଳେ ସେମାନେ ହତାଶାର ଶୀକାର ହୁଅନ୍ତି। ମଣିଷର କର୍ମ ପ୍ରଚେଷ୍ଟା, ଗତି, ସମାଜ ପ୍ରଗତିର ଆନ୍ଦୋଳନ ଉପରୁ ସେମାନେ ଆସ୍ଥା ହରାଇ ବସନ୍ତି। ସୁତରାଂ,ଏଗୁଡ଼ିକ କୌଣସି ଟା ହିଁ ଆମକୁ ସାହାଯ୍ୟ କରେ ନାହିଁ। ଏଗୁଡ଼ିକ ସବୁ କିଛି ହିଁ ବୁର୍ଜୁଆ ଶ୍ରେଣୀ ଭାବନା ଧାରଣାର ନାନା ରୂପ।

## ବିପ୍ଳବର ରାସ୍ତା କଣ୍ଟକାକୀର୍ଣ୍ଣ କିନ୍ତୁ ଆନନ୍ଦମୟ

ଗୋଟିଏ ବିଷୟ ଆମକୁ ବୁଝିବାକୁ ହେବ ଯେ, ଏହି କଣ୍ଟକାକୀର୍ଣ୍ଣ ବିପ୍ଳବର

ରାସ୍ତାରେ ଦୁଃଖ, ବେଦନା, ଅଛି, କିନ୍ତୁ ଏହା ଆନନ୍ଦମୟ। ଅର୍ଥାତ୍, ଦୁଃଖ-ବେଦନାର ରକ୍ତାକ୍ତ ପଥ ମଧ୍ୟରେ ଥିବା ଏହାର ପରିଧି, ପରିମଣ୍ଡଳଟି ଆନନ୍ଦମୟ। ମୁଁ ପୂର୍ବରୁ କହିଛି, ନିରଙ୍କୁଶ ଆନନ୍ଦ ହେଲା ଶୁଷ୍କ, ସେଥିରେ କୌଣସି ରସ ନଥାଏ। ସେହି ଆନନ୍ଦରେ ମଧ୍ୟ କୌଣସି ଅର୍ଥ ନଥାଏ। ମାତ୍ର ଦୁଃଖ ବେଦନା ମଧ୍ୟରେ ବି ରହିଛି ଭରପୁର ରସ, ଏହାର ପ୍ରଧାନ ଚରିତ୍ର ହେଲା, ଆନନ୍ଦମୟ। ତା'ମଧ୍ୟରେ turmoil (ଆଲୋଡନ) ଅଛି, ମାତ୍ର ଏହା ଉନ୍ନତ ଜୀବନ, ମର୍ଯ୍ୟାଦାମୟ ଜୀବନ। ଏହି ଜୀବନରେ ଯେଉଁ ଆନନ୍ଦ- ତା' କଣ କେବଳ କର୍ତ୍ତବ୍ୟବୋଧକୁ କେନ୍ଦ୍ର କରି ? ଆନନ୍ଦର ରୂପରେ ମଣିଷ ଯଦି ଏହା ନପାଏ, ମର୍ଯ୍ୟାଦା ରୂପରେ ଯଦି ନପାଏ, ତା'ହେଲେ କର୍ତ୍ତବ୍ୟ ଚାପରେ କିଛି ଦିନ ମଧ୍ୟରେ ହିଁ ଲଢେଇ ଶେଷ ହୋଇଯାଏ। ତା'ଠାରୁ ବେଶୀ କିଛି ନୁହେଁ। ତା'ପରେ ହିଁ ସେ ଧଇଁ ସଇଁ ହୁଏ। କର୍ତ୍ତବ୍ୟବୋଧରୁ ଆରମ୍ଭ ହୁଏ, ତା'ପରଠାରୁ କିନ୍ତୁ ରକ୍ତ ମାଂସ ସହିତ ମିଶାଇ ଏକେବାରେ ରସ ସହିତ ଏହାକୁ ଆନନ୍ଦ ସହକାରେ ଗ୍ରହଣ କରିବାକୁ ହେବ- ଏହା ହିଁ ଜୀବନ। ଏହା ବାହାରେ ବିପ୍ଳବୀମାନଙ୍କର ଆଉ କି ଜୀବନ ? ଏହିଭଳି ଭାବେ ହିଁ ଯଥାର୍ଥ ବିପ୍ଳବୀ ଜୀବନକୁ ଗ୍ରହଣ କରେ ବୋଲି ହିଁ କୌଣସି ଦିନ ତାଙ୍କର ମନୋବଳକୁ ଭଙ୍ଗାଯାଇ ପାରେନା। ବିପ୍ଳବୀମାନଙ୍କୁ ମାଡ଼ ଦିଆଯାଏ, ଗୁଳି କରାଯାଏ, କିନ୍ତୁ କିଣା ଯାଇ ପାରେନା। ତେଣୁ ଇତିହାସରେ ଶେଷପର୍ଯ୍ୟନ୍ତ ବିପ୍ଳବ ହିଁ ସର୍ବତ୍ର ଜୟଯୁକ୍ତ ହୁଏ। ଏହି କାରଣରୁ ହୁଏ, ଯେହେତୁ ବିପ୍ଳବ ଅଜେୟ ଏବଂ ଏହାର ଶକ୍ତି ଅମୋଘ। ଏହି ଦିଗରୁ ବିଷୟଟିକୁ ଦେଖିବାକୁ ହେବ।

## ଦଳର କର୍ମୀମାନଙ୍କର ରାଜନୈତିକ ଯୋଗ୍ୟତା ବଢାଇବାକୁ ହେବ

ପାର୍ଟିର ସର୍ବସ୍ତରରେ ରାଜନୈତିକ ବକ୍ତବ୍ୟ ଉନ୍ନତ କରିବାକୁ ହେବ। ରାଜନୈତିକ ବକ୍ତବ୍ୟ ଜନସାଧାରଣଙ୍କ ପକ୍ଷରେ ବୁଝିବା ଭଳି କହି ପାରିଲେ ହିଁ ସେମାନଙ୍କ ମନ ଉପରେ ପ୍ରଭାବ ପକାଇବା ଆହୁରି କାର୍ଯ୍ୟକାରୀ ହୁଏ। ସେଥିପାଇଁ ଦୁଇଟି ଦିଗରୁ ଚର୍ଚ୍ଚା ହେବା ଦରକାର। ସେଥିପାଇଁ ଜାଣିଥିବା ବିଷୟଗୁଡ଼ିକୁ ବାରମ୍ବାର reiterate (ଗୁରୁତ୍ୱସହକାରେ ବାରମ୍ବାର ଆଲୋଚନା) କରିବାକୁ ହୁଏ, ବାରମ୍ବାର ଆଲୋଚନା କରିବାକୁ ହୁଏ। ଯେଉଁ କଥାଗୁଡ଼ିକ ଭଲ, ସୁନ୍ଦର, ସଠିକ୍ ସେହି କଥାଗୁଡ଼ିକୁ ଥରେ ବୁଝିଲି, ଆଉ ଭାବିଲି,ବାରମ୍ବାର ଏତେ ଜାଣିବାର କଣ ଅଛି ? ବାରମ୍ବାର ସେହି କଥାଗୁଡ଼ିକୁ ନିଜ ମଧ୍ୟରେ ଦୁଇଟି ପ୍ରୟୋଜନରୁ ଆଲୋଚନା କରିବାକୁ ହୁଏ- ପ୍ରଥମତଃ, ଯେତିକି ମୁଁ ବୁଝିଛି ତାଠାରୁ ଅଧିକା କିଛି ବୁଝିବା ଭଳି ବିଷୟ ଏହା ମଧ୍ୟରେ ଅଛି କି ନାହିଁ, ତା' ଖୋଜିବା ପାଇଁ। ଦ୍ୱିତୀୟତଃ ଯେତିକି ସୁନ୍ଦର ଭାବେ ବୁଝିଛି, ସେହି ସୁନ୍ଦରତାକୁ ଆହୁରି ସୁନ୍ଦର କରିବା ଦରକାର ଅଛି କି ନାହିଁ, ତା'

ବୁଝିବା ପାଇଁ। ମୁଁ ଯେତିକି ଦେଖେ, ଦଳର ସମସ୍ତ କର୍ମୀମାନେ ତା' କରନ୍ତି ନାହିଁ। ଅଥଚ, ଏହି କାମଟି ନକଲେ, ଆମେ ଯାହାକୁ political competence (ରାଜନୈତିକ ଯୋଗ୍ୟତା) କହୁ, ଆମର କର୍ମୀମାନଙ୍କର ସେହି କ୍ଷମତା କ୍ଷୁରଧାର ହୁଏ ନାହିଁ। ଯେମିତି ସି.ପି.ଆଇ ଏକ ଲାଇନ୍‌ରେ ପ୍ରଚାର ଚଳାଉଛି, ସି.ପି.ଆଇ(ଏମ୍) ତାର ରାଜନୈତିକ ଲାଇନ୍‌ରେ ପ୍ରଚାର ଚଳାଉଛି। ସେମାନେ ଏହାକୁ କେଉଁ ଦିଗରେ ପରିଚାଳିତ କରୁଛନ୍ତି, ଏହା ଦ୍ୱାରା କିଭଳି ସେମାନେ ଜନଗଣଙ୍କୁ ପ୍ରତାରିତ କରୁଛନ୍ତି, କେଉଁ କଥା ଦ୍ୱାରା କେଉଁ କଥାକୁ ଛପେଇ ଦେଉଛନ୍ତି, ଜନଗଣଙ୍କ ମଧ୍ୟରେ ଥିବା ଭାବାବେଗ ସହିତ ଖେଳ ଖେଳି କିଭଳି ଅସଲ କଥାଟାକୁ ଚପାଇ ଦେଉଛନ୍ତି, ପ୍ରକୃତ କଥାକୁ କେଉଁ କୌଶଳରେ ଚପେଇ ଦେଉଛନ୍ତି, ଏସବୁ ମଧ୍ୟରେ ମୋତେ ଯେଉଁଭଳି ଭାବେ ହେଉ ଅସଲ କଥାଟିକୁ ଧରାଇ ଦେବାକୁ ହେବ। ଅସଲ କଥାଟି କଣ, ତାହା ବୁଝାଇବା ଏବଂ ଉପସ୍ଥାପନ କରିବାର କ୍ଷମତା ଅର୍ଜନ ନକରିପାରିଲେ, ଭଲଭାବେ ବୁଝି ନପାରିଲେ, ଜନଗଣଙ୍କୁ ତ ଏହିଭଳି ନକଲି ବିପ୍ଳବୀମାନେ ବୋକା ବନେଇବେ। ସେଥିପାଇଁ ହିଁ ନିଜର ରାଜନୈତିକ ଲାଇନ୍ ଭଲଭାବେ ବୁଝିବାକୁ ହେବ ଏବଂ ଏହା ସଙ୍ଗେ ସଙ୍ଗେ ଅନ୍ୟ ପାର୍ଟି କଣ କହୁଛି, ନକହୁଛି, ତା' ମଧ୍ୟ ବୁଝିବାକୁ ହେବ; କେତେବେଳେ ନେତୃତ୍ୱ ସହିତ ଏକାସାଙ୍ଗରେ ବସି ପୁଣି ନିଜ ମଧ୍ୟରେ ଆଳାପ ଆଲୋଚନା କରି ସେଗୁଡ଼ିକୁ ବୁଝିବାକୁ ହେବ। ଏହା ମଧ୍ୟ ଜାଣି ରଖିବା ଦରକାର, ସବୁ ସମୟରେ ଅଲଗାଭାବେ ନେତୃତ୍ୱ ସହିତ ବସିବା ସମ୍ଭବ ନହୋଇ ବି ପାରେ, ସେଥିପାଇଁ ନିଜ ନିଜ ମଧ୍ୟରେ ଆଳାପ ଆଲୋଚନା ଜରିଆରେ ନିଜର ବୁଝାମଣାକୁ ପକ୍କା କରି ନେବାକୁ ହେବ। ଅନବରତ ଅନ୍ୟମାନଙ୍କର ଏବଂ ନିଜର ବୁଝାମଣାକୁ ଉନ୍ନତ କରିବାକୁ ହେବ। କେବଳ ସାହଚର୍ଯ୍ୟ ନୁହେଁ, ସାହଚର୍ଯ୍ୟ ସେତିକି ଦେବା ଦରକାର ଯେତିକି ମୋର ପ୍ରୟୋଜନ ଅଛି; ବାକି ସମୟଟା ମୋତେ maximum creative work (ସର୍ବାଧିକ ସୃଜନଶୀଳ କାର୍ଯ୍ୟ)ର ସଂସ୍ପର୍ଶରେ ରହିବାକୁ ହେବ। କାମ ବାହାରେ ଯେଉଁ ସମୟ ମୁଁ ପାଏ, ନିଶ୍ଚିତଭାବେ ତାକୁ ମୁଁ ବାଜେ କାମରେ ଲଗାଇବି ନାହିଁ, ଅଯଥା ବ୍ୟବହାର କରିବି ନାହିଁ। I shall try to remain in the party association (ମୁଁ ପାର୍ଟିର ସାହଚର୍ଯ୍ୟରେ ରହିବାକୁ ଚେଷ୍ଟା କରିବି)। ମୁଁ ଯାହା କାମ କରିଛି, କାମ କରିବା ପରେ, ମୋର ଯେତିକି ବିଶ୍ରାମ ପାଇଁ ସମୟ ହୋଇଛି, ପାର୍ଟି ସାହଚର୍ଯ୍ୟରେ ଆଉ ପାଞ୍ଚ ଜଣ ବନ୍ଧୁବାନ୍ଧବଙ୍କୁ ନେଇ ସେହି ବିଶ୍ରାମ ସମୟ କାଟିବା ହିଁ ଭଲ। ବିଚ୍ଛିନ୍ନଭାବେ ବିଶ୍ରାମ ଏବଂ ବିଶ୍ରାମର ସୁଖ ଗ୍ରହଣ କଲେ ବିପ୍ଳବୀର କୌଣସି ଉପକାର ହୁଏନା। ଭିଡ଼ ମଧ୍ୟରେ ହିଁ ତା'ର ଉପକାର ହୁଏ। ଅନେକେ କମ୍ୟୁନ୍ ବା ସେଣ୍ଟରରେ ରହିଲେ ମଧ୍ୟ ତାଙ୍କର ନାଡ଼ି ସହିତ ଆବେଗପୂର୍ଣ୍ଣ ସମ୍ପର୍କ ନଥାଏ। ସେମାନେ ରହୁଛନ୍ତି, କେତେବେଳେ କେତେବେଳେ ଆଲୋଚନାରେ

ବସୁଛନ୍ତି, ତର୍କାତର୍କି କରୁଛନ୍ତି, କାମ ମଧ୍ୟ କରୁଛନ୍ତି, କିନ୍ତୁ ସେମାନେ ସେମାନଙ୍କ ଭଳି ରହୁଛନ୍ତି। ଏକ living organism (ଜୀବନ୍ତ ସତ୍ତା) ସହିତ ସମସ୍ତଙ୍କୁ ରହିବାକୁ ହେବ। ନରହିଲେ, ଚରିତ୍ର ଉପରେ, ଚରିତ୍ରର trait (ଅଭ୍ୟାସଗତ ଦିଗ)ଗୁଡ଼ିକ ଉପରେ, ବହୁ ବିଷୟ ଉପରେ ପରୀକ୍ଷା ନିରୀକ୍ଷା କରି ହୁଏନା, କେତେ ବିଷୟରେ ଆମର ଅଭାବ ଅଛି, ତା' ଆଖିରେ ପଡ଼େନା। ଗୋଟିଏ ଜାଗାରେ ରହିବା, କମ୍ୟୁନ୍, ସେଣ୍ଟର ବା ଅଫିସ୍‌ରେ ରହିବା, common association (ସାଧାରଣ ସାହଚର୍ଯ୍ୟ)ରେ ସମୟ କାଟିବା– ଏହାର ଅର୍ଥ ହେଲା ବହୁ ବିଷୟ ଆମ ନଜରକୁ ଆସେ, ଧରାପଡ଼େ, ପରୀକ୍ଷା ହୁଏ, conflict (ସଂଘାତ) ହୁଏ, ସେଥିପାଇଁ ଏହାର ପ୍ରୟୋଜନ ଅଛି।

## ଚରିତ୍ର ସହିତ ରାଜନୈତିକ ଜ୍ଞାନ ଓ କ୍ଷମତା ମଧ୍ୟ ଦରକାର

ମୁଁ ଯେଉଁ ବିଷୟ ଉପରେ ଜୋର ଦେବାକୁ ଚାହିଁଛି, ତା'ହେଲା ବର୍ତ୍ତମାନ ଖାଲି, ଚରିତ୍ର ଚରିତ୍ର କହିଲେ ଚଳିବ ନାହିଁ। ଚରିତ୍ର ସହିତ ଉପଯୁକ୍ତ ରାଜନୈତିକ ଶିକ୍ଷା ମଧ୍ୟ ଆବଶ୍ୟକ। ଆମର ସ୍ଲୋଗାନ ହେବ, you must politically equip yourself (ନିଜକୁ ରାଜନୈତିକ ଭାବେ ଉପଯୁକ୍ତ କରି ଗଢିତୋଳ), ଯାହାଫଳରେ ଆପଣ ଆପଣଙ୍କର ବକ୍ତବ୍ୟ ସଠିକ୍ ଭାବେ, ବୋଧଗମ୍ୟଭାବରେ କହିପାରିବେ, ବିରୋଧୀ ପକ୍ଷର ବକ୍ତବ୍ୟକୁ ଠିକ୍‌ଭାବେ expose (ପର୍ଦ୍ଦାଫାସ) କରିପାରିବେ, ସେମାନଙ୍କର ଚାଲାକି ଧରିପାରିବେ ଏବଂ ଜନସାଧାରଣଙ୍କୁ ମଧ୍ୟ ଧରାଇ ଦେଇ ପାରିବେ। ଏହିଭଳିଭାବେ ନିଜକୁ ରାଜନୈତିକଭାବେ ତିଆରି କରିବାକୁ ହେବ। ଏଥିପାଇଁ ଏହି additional (ଅତିରିକ୍ତ) ସ୍ଲୋଗାନ ମୁଁ ଯୁକ୍ତ କରିବାକୁ ଚାହିଁଛି। ବର୍ତ୍ତମାନ ଏହା ଯଦି କରା ନଯାଏ, ତା'ହେଲେ ଗଢି ଉଠିଥିବା ଚରିତ୍ର ବା ଆଜି ଯେଉଁ ଚରିତ୍ରଗୁଡ଼ିକ ଗଢି ଉଠିବ ସେଗୁଡ଼ିକ ଶକ୍ତି ପାଇବ ନାହିଁ, ଯାହା ପ୍ରଥମ ଅବସ୍ଥାରେ ପାଇଥିଲା। କାରଣ, ସେଦିନ କ୍ଷୁଦ୍ର ପରିସର ମଧ୍ୟରେ ଦିନରାତି ନେତୃତ୍ୱର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କର ଆବେଗ ଓ ଚରିତ୍ର ଗଢି ଉଠିଛି। ବର୍ତ୍ତମାନ ତ ସେମାନଙ୍କର ସେହି ଧରଣର movement ନାହିଁ, ସେହି ଧରଣର activity (କାର୍ଯ୍ୟକଳାପ) ନାହିଁ; ଫଳରେ ସେମାନେ ଚରିତ୍ର ପାଇବେ କିପରି,ଏହି ଚରିତ୍ରକୁ ଜିଆଁଇ ରଖିବେ କିପରି ? ତେଣୁ ଖାଲି ଚରିତ୍ର ଚରିତ୍ର କହିଲେ ହିଁ ଚରିତ୍ର ତିଆରି ହୋଇ ପାରେନା। ଚରିତ୍ର ତିଆରି କରିବାକୁ ହେଲେ ନିଜକୁ ରାଜନୈତିକ ଭାବେ ଯୋଗ୍ୟ କରି ଆଜିକାର ଲଢେଇରେ ସାମିଲ ହେବାକୁ ପଡ଼ିବ। ଆଜି ଲଢେଇରେ କେବଳ association maintain (ସମ୍ପର୍କ ରକ୍ଷା କରିବା) ନୁହେଁ, ପ୍ରଚାର କରିବା ବା ଆଲୋଚନା କରିବା ନୁହେଁ– ଆଜିର ଲଢେଇ ହେଉଛି to lead the masses

(ଜନଗଣଙ୍କୁ ନେତୃତ୍ୱ ଦେବା)। ଜନଗଣଙ୍କ ମଧ୍ୟକୁ ଯାଇ ଜନଗଣଙ୍କ ସ୍ତରରେ ସଂଗଠନ ଗଢିତୋଳିବା, ତଳ ସ୍ତର ପର୍ଯ୍ୟନ୍ତ ପାର୍ଟି ସଂଗଠନକୁ ନେଇଯିବା। ସୁତରାଂ, ବ୍ୟାପକଭାବେ ଜନଗଣଙ୍କ ସ୍ତରରେ ସଂଗଠନକୁ ନେଇ ଯିବା ଭଳି ଯୋଗ୍ୟ କର୍ମୀଭାବେ ଯଦି ଆମେ ନିଜକୁ ଗଢିତୋଳି ନପାରୁ, ତେବେ ମୁଁ କିପରି ମୋର ଚରିତ୍ରକୁ ରକ୍ଷା କରିବି। ଏହି କଥାଟି ହିଁ ମୁଁ କହିବାକୁ ଚାହିଁଛି ଯେ, ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ up to the mark (ଉପଯୁକ୍ତ)ହେବାକୁ ପଡ଼ିବ। ଅନ୍ୟ ଦଳର କର୍ମୀ ଅପେକ୍ଷା ଆମେ ସଚେତନ କି ନୁହେଁ, we shall not bother about it (ଏହାକୁ ନେଇ ଆମର ମୁଣ୍ଡ ଖେଳାଇବା ଉଚିତ୍ ନୁହେଁ)। ନୂତନ କରି ସଂଗଠନ କରିବା, ଜନଗଣଙ୍କୁ ବିଭ୍ରାନ୍ତି ମଧ୍ୟରେ ରାସ୍ତା ଦେଖାଇବା, ହଜାର ହତାଶା ଓ ବିଭ୍ରନ୍ତି ମଧ୍ୟରେ ନିଜର ଦୃଷ୍ଟିଶକ୍ତିକୁ ବିଭ୍ରାନ୍ତ ହେବାକୁ ନଦେବା ଏବଂ ସଠିକ୍ ବିଷୟକୁ ସଠିକ୍‌ଭାବେ ବୁଝାଇବା, ସମସ୍ତ ବିଷୟ ସମ୍ପର୍କରେ ଭଲ ଭାବରେ ଅବଗତ ରହିବା, ସଠିକ୍ ଖବରାଖବର ରଖିବା ତଥା ଖବରାଖବର ଜାଣିବାକୁ ହେବ। ଏ କ୍ଷେତ୍ରରେ ଆମର କର୍ମ କ୍ଷମତାକୁ ବୃଦ୍ଧି କରି ରାଜନୈତିକଭାବେ ଯୋଗ୍ୟ ହେବାକୁ ପଡିବ। ଚରିତ୍ର ଗଢ଼ି ତୋଳିବା ସଙ୍ଗେ ସଙ୍ଗେ ଆଜି ଯଦି ଆମେ ଏହା ଉପରେ ଅତ୍ୟନ୍ତ ଜୋର ନଦେଉ, ତା'ହେଲେ ଯେଉଁ ଚରିତ୍ର ଚରିତ୍ର କରି ଆମେ ଏତେ ଚିତ୍କାର କରୁଛୁ, ସେହି ଚରିତ୍ରକୁ ମଧ୍ୟ ଆମ ପକ୍ଷରେ ଶେଷପର୍ଯ୍ୟନ୍ତ ରକ୍ଷା କରିବା ମୁସକିଲ୍ ହେବ– ଏହା ହିଁ ମୁଁ କହିବାକୁ ଚାହୁଁଛି।

## ଯୌନ ଆକାଂକ୍ଷା କାହାକୁ କୁହାଯାଏ

ଅନ୍ୟ ଏକ ଧରଣର ପ୍ରଶ୍ନ ଆସିଛି, ସେ ପ୍ରସଙ୍ଗରେ କିଛି ଆଲୋଚନା କରିବି। ପ୍ରଶ୍ନଟି ହେଉଛି, tendency of procreation, ଯୌନ ଆକାଂକ୍ଷା କଣ ? ଗୋଟିଏ ବୟସରେ ପହଞ୍ଚିଲା ପରେ ବାୟୋଲୋଜିକାଲ ମୋଟର ଆକ୍ସନ, ଏକ ଇମ୍ପଲସ୍, ଏକ ନର୍ଭସ୍ ସେନ୍ସେସନ୍ ସୃଷ୍ଟି ହୁଏ ଏବଂ ସେଥିରୁ କେତେଗୁଡ଼ିଏ ଇମୋସନାଲ ମୁଭ୍‌ମେଣ୍ଟ ହୁଏ, ତା' ଜନ୍ତୁର ବି ହୁଏ, ମଣିଷର ମଧ୍ୟ ହୁଏ। କିନ୍ତୁ ମଣିଷ ଯେହେତୁ ଜନ୍ତୁ ନୁହେଁ, ସେ ଚିନ୍ତା କରେ, ଭାବେ; ସେହେତୁ ମଣିଷର ସମସ୍ତ ଆବେଗ ସହିତ ହିଁ ତାର ଭାବଗତ ଓ ମନୋଗତ ବୈଶିଷ୍ଟ୍ୟର ସମ୍ପର୍କ ରହିଛି। ମଣିଷ କ୍ଷେତ୍ରରେ ତାର ସେକ୍ସ ହେଉ ବା ଅନ୍ୟ କୌଣସି ଶାରିରୀକ ଯନ୍ତ୍ରଣାବୋଧ ହେଉ, କ୍ଷୁଧା ହେଉ ବା ଅନ୍ୟ ଯାହା କିଛି ହେଉ, ସେସବୁ ତା' ମନ ମଧ୍ୟରେ ରହିଥିବା ଭାବଗତ ବା ମନୋଗତ ଢ଼ାଞ୍ଚାରୁ ବିଚ୍ଛିନ୍ନ ନୁହେଁ। ଏଗୁଡ଼ିକୁ ଅଲଗା କରିବାର ଉପାୟ ନାହିଁ। ତେଣୁ ବାହ୍ୟ ପ୍ରକୃତିରେ ନାରୀ ଦେହରେ ସେକ୍ସର ଗଠନ ପ୍ରକୃତି କହିଲେ ଗୋଟିଏ ପ୍ରକାର, ପୁରୁଷ ଦେହରେ ଅନ୍ୟ ଏକ ପ୍ରକାର। ମୂଳଗତ ବୈଶିଷ୍ଟ୍ୟ କ୍ଷେତ୍ରରେ ଗୋଟିଏ ନାରୀ ଦେହ, ଆଉ ଗୋଟିଏ ପୁରୁଷର ଦେହ। ଏହିସବୁ କାରଣରୁ ଏହା ପୁରୁଷର ଦେହ

ପୁଣି ଏହିସବୁ କାରଣରୁ ଏହା ନାରୀ ଦେହ। କିନ୍ତୁ ସବୁ ନାରୀର ଦେହ ମଧ୍ୟ ସମାନ ନୁହେଁ, ଦେଖିବାକୁ ମଧ୍ୟ ସମାନ ନୁହେଁ, ଗଠନ ବୈଶିଷ୍ଟ୍ୟ ମଧ୍ୟ ସମାନ ଧରଣର ନୁହେଁ, ଅଥଚ ମୂଳତଃ କେତେଗୁଡ଼ିଏ ବୈଶିଷ୍ଟ୍ୟ ସମାନ ବୋଲି ସେମାନଙ୍କୁ ନାରୀ କୁହାଯାଏ। ସେମିତି କେତେଗୁଡ଼ିଏ ବୈଶିଷ୍ଟ୍ୟ ସମାନ ବୋଲି ସେମାନଙ୍କୁ ଆମେ ପୁରୁଷ କହୁ, ସେମାନଙ୍କ ମଧ୍ୟରେ ବି ଗଠନ କ୍ଷେତ୍ରରେ ଭିନ୍ନ ଭିନ୍ନ ବୈଶିଷ୍ଟ୍ୟ ଥାଏ। ଏହା ତ ? ନାରୀ ପୁରୁଷର ପରସ୍ପର ପ୍ରତି ଯୌନ ଆକର୍ଷଣ ପୁରାପୁରି ଶିଶୁ ବୟସରେ ଆମେ ଉପଲବ୍ଧି କରୁନା। ଆମ ଦେହର ଗଠନ ଏକ ବିଶେଷ ସ୍ତରରେ ପହଞ୍ଚିବା ପରେ ଏହା ବିଶେଷ କରି ଉପଲବ୍ଧି କରିଥାଉ। ତାର ଚାପ ଫିଲ୍ କରିଥାଉ। ତାର ପ୍ରୟୋଜନୀୟତା ଆମେ ଫିଲ୍ କରିଥାଉ। ମାତ୍ର ଆମେ ଯେଉଁଭଳି ଫିଲ୍ କରୁ, ଜନ୍ତୁ କଣ ସେହିଭାବେ ଫିଲ୍ କରେ ? ନା, ଜନ୍ତୁ କିନ୍ତୁ ଭାବିଭାବି ତାର ଏହି ମୋଟରଆକ୍ସନ, ଏହି ଉତ୍ତେଜନା ବା ତା'ର ଏହି କ୍ରିୟା ସୃଷ୍ଟି କରିପାରେ ନା। କିନ୍ତୁ ମଣିଷ object ସାମ୍ନାରେ ନରହିଲେ ମଧ୍ୟ, ଭାବି ଚିନ୍ତା କରି ନିଜକୁ ଉତ୍ତେଜିତ କରିପାରେ। ମଣିଷ ଯୌନ କ୍ରିୟା ମଧ୍ୟ କରିପାରେ ଯଦିଓ in a perverted way (ବିକୃତ ଭାବେ) ଏହା କରେ। କିନ୍ତୁ ଜନ୍ତୁ ଜାନୁଆର ସେକ୍ସ ନେଇ ଭାବି ପାରେ ନା ଏବଂ ଭାବନା ଜନିତ sex impluse (ଯୌନ ତାଡ଼ନା) ଏବଂ ଯୌନ କ୍ରିୟାକୁ ଉତ୍ତେଜିତ କରି ପାରେନା ବା ପ୍ରଶମିତ କରିପାରେନା। ମାତ୍ର ମଣିଷ ଭାବନା ଜନିତ କ୍ଷମତା ଦ୍ୱାରା ତା'ର ଯୌନ କ୍ରିୟା, ପ୍ରତିକ୍ରିୟାଗୁଡ଼ିକୁ ଉତ୍ତେଜିତ କରିପାରେ ଏବଂ ପ୍ରଶମିତ ମଧ୍ୟ କରିପାରେ। ତା'ହେଲେ ଏଠାରେ ଦେଖାଯାଉଛି ଯେ, ଯୌନ କ୍ରିୟା ଏବଂ ଯୌନ ଆବେଗ ଜନ୍ତୁ ଓ ମଣିଷ ଉଭୟଙ୍କ ମଧ୍ୟରେ ଥିଲେ ମଧ୍ୟ ଦୁଇ ଜଣଙ୍କ ମଧ୍ୟରେ ଏହାର ଚରିତ୍ରଗତ ବୈଶିଷ୍ଟ୍ୟ ଅଲଗା। ମଣିଷ କ୍ଷେତ୍ରରେ ଭାବ ସହିତ ଏହାର ସମ୍ପର୍କ ଅଛି, ତେଣୁ ତାର ଚିନ୍ତା-ରୁଚି-ସଂସ୍କୃତି ସହିତ ମଧ୍ୟ ଏହାର ସମ୍ପର୍କ ଅଛି। ଏହାକୁ ପୁରାପୁରି ବାଦଦେଇ, ଅସ୍ୱୀକାର କରି, ଏହାର କୌଣସି ପ୍ରଭାବକୁ ସ୍ୱୀକାର ନକରି ମଣିଷର ଯୌନ ରୀତି ଗଢ଼ି ଉଠି ପାରେନା ଏବଂ ଗଢ଼ିଉଠି ନାହିଁ। ତେଣୁ ମଣିଷର ରୁଚି-ସଂସ୍କୃତି-ଜୀବନଯାତ୍ରା ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ତାର ସେକ୍ସ ରୀତିଗୁଡ଼ିକର ମଧ୍ୟ ଅନେକ improvement (ବିକାଶ) ହୋଇଛି। ଯଦିଓ ମୌଳିକ form(ରୂପ) ଅର୍ଥାତ୍ intercourse (ଯୌନ ମିଳନ) ସମାନ ପ୍ରକାର ହିଁ ଅଛି, ଜନ୍ତୁର ଯେମିତି ଅଛି, ମଣିଷର ମଧ୍ୟ ସେମିତି ଅଛି। ନା, ତାହାରି ମଧ୍ୟରେ କଳା କୌଶଳର ଅନେକ ଉନ୍ନତି ହୋଇଛି, କଳ୍ପନା ମିଶ୍ରିତ ହୋଇଛି, ରସଗ୍ରାହ୍ୟ ହୋଇଛି। ସେକ୍ସ ଉପାଦାନ ସାମ୍ନାରେ ରହିଲେ ହିଁ ମଣିଷ ମାତ୍ରେ ହିଁ ଯୌନ ତାଡନାର ଶୀକାର ହୁଏନା; ତାର ଘୃଣା ମଧ୍ୟ ହୁଏ, ବିତୃଷ୍ଣା ବି ହୁଏ। କିନ୍ତୁ, ଜନ୍ତୁ ଜାନୁଆରର ଏସବୁ ହୁଏନା। ଏକ ନିର୍ଦ୍ଦିଷ୍ଟ ଋତୁରେ ଜନ୍ତୁ ଜାନୁଆର ସାମ୍ନାରେ ଯୌନ ଉପାଦାନ ରହିଲେ ସେକ୍ସର

ଉପକରଣ ଅର୍ଥାତ୍ ବିପରୀତ ସେକ୍ସ ସାମ୍ନାରେ ଉପସ୍ଥିତି ହେବା ସଙ୍ଗେ ସଙ୍ଗେ ତା' ମଧ୍ୟରେ ଯୌନ କ୍ରିୟା ଓ ଝୁଙ୍କ ଆସେ। ମଣିଷ ମଧ୍ୟରେ କଣ ତା' ଆସେ ? ଥରେ ଜଣେ ନାଁ କରା ବୁଦ୍ଧିଜୀବୀଙ୍କ ସହିତ ସଂସ୍କୃତି ଉପରେ ଏକ ଆଲୋଚନା ଚକ୍ରରେ ମୋର ବକ୍ତୃତା ଶୁଣି ତାଙ୍କର ଖୁବ ରାଗ ହୋଇଥିଲା। କେବଳ ଲଢେଇ, ଶ୍ରେଣୀ ସଂଗ୍ରାମ, ଶ୍ରେଣୀ ଦୃଷ୍ଟିଭଙ୍ଗୀ ଏଗୁଡ଼ିକ ତାଙ୍କୁ ଭଲ ଲାଗି ନାହିଁ, ଲଢେଇର ମଇଦାନରେ ବସି କଇଁ ଫୁଲିଆ ଗୀତ ବୋଲା ଯାଇପାରେ କି ନାହିଁ, ଏସବୁ ଅନେକ କଥା କହିବା ପରେ ସେ ତର୍କ କରିବା ଆରମ୍ଭ କରିଦେଲେ। ମୁଁ କହିଲି, ଶାଶ୍ୱତ ବୋଲି କିଛି ନାହିଁ। ସେ ଆପତ୍ତି କଲେ। ପଚାରିଲି, ଆପଣ କୁହନ୍ତୁ ତ ଶାଶ୍ୱତ ବୋଲି କଣ ଅଛି ? ସେ ଏକଥା ସେକଥା କହି ଗୋଳାଉଛନ୍ତି; ଏହିସବୁ ପ୍ରାଜ୍ଞ ବ୍ୟକ୍ତିଙ୍କର ଯାହା ହୁଏ, ଆଉ ବା କଣ ? ସମସ୍ତ କିଛି ନୋଟ୍ ବହିର ସେହି ବୁକ୍ ଅଫ୍ ମଡର୍ଣ୍ଣ ନଲେଜରେ ଅଛି, ଯାହା ମଧ୍ୟରେ ସବୁ ବିଷୟରେ ଦୁଇ ଲାଇନ୍ କରି ଲେଖାଥାଏ। ଦଳେ ଲୋକ ନିଜ ଘରର ଲାଇବ୍ରେରୀରେ ସେଗୁଡ଼ିକୁ ରଖନ୍ତି। ମଝିରେ ମଝିରେ ସେଗୁଡ଼ିକର ପୃଷ୍ଠା ଓଲଟାଇ ଦେଖନ୍ତି। ତା'ପରେ ମନେକରନ୍ତି, ସର୍ବଶାସ୍ତ୍ରର ମୁଁ ସୁପଣ୍ଡିତ ହୋଇଯାଇଛି। ସୁତରାଂ, ଥରେ ଆଇନ୍‌ଷ୍ଟାଇନ୍‌ଙ୍କ relativity (ଆପେକ୍ଷିକ ତତ୍ତ୍ୱ) ସମ୍ପର୍କରେ କହିବେ, ଯଦିଓ ଆପେକ୍ଷିକ ତତ୍ତ୍ୱ କଣ ସେ ବିଷୟରେ କିଛି ହିଁ ଜାଣନ୍ତି ନାହିଁ, ତେବେ ତ ଗୋଟାଏ କିଛ କହିବାକୁ ହେବ। ଏହିଭଳି ନାନା ଗୋଳିଆମିଶା କଥା କହି ଶେଷରେ ସେ କହିଲେ, କାହିଁକି tendency of procreation- ଏହା ମୌଳିକ, ଏହା ଏକ basic instinct (ମୌଳିକ ପ୍ରବୃତ୍ତି) ? ସେ ଆନନ୍ଦରୁ ଆରମ୍ଭ କରିଥିଲେ, ତାପରେ tendency of procreation କୁ ଚାଲିଆସିଲେ। ମୁଁ ତା'ପରେ ପଚାରିଲି, ଆନନ୍ଦଟା କାହାର ? ସାପର ଆନନ୍ଦ ନା ବେଙ୍ଗର ଆନନ୍ଦ ? ମଣିଷର ଆନନ୍ଦ ତ ? କଣ ତାର ପ୍ରକୃତି ? ସେଥିରେ କୋଣଠେସା ହୋଇଯାଇ tendency of procreationର କଥା ଉଠାଇଲେ। ମୁଁ କହିଲି, ହଁ, tendency of procreation ରହିଛି, ତେବେ ଆପଣଙ୍କୁ ଜଣା ନାହିଁ ଯେ, ଏହି procreation କେତେ ରୂପ ବଦଳାଉଛି। ଯେତେବେଳେ ଜେଲି ସ୍ତରରେ ଅର୍ଗାନିଜମ୍ ଥିଲା ସେତେବେଳେ ତା'ର procreation inherent, ତା' ନିଜ ଭିତରେ, ନିଜକୁ ନିଜେ ବିଭକ୍ତ କରିଛି। ଯାହାକୁ ଆପଣ କହୁଛନ୍ତି ସେକ୍ସ ଇଣ୍ଟରକୋର୍ସର ଫର୍ମ, ଏହିସବୁ ରୂପ ହିଁ ତା'ର ହୋଇ ନାହିଁ। କାରଣ ସେତେବେଳେ ତା'ର ଶରୀରରେ ସେକ୍ସର ଗଠନ ହିଁ ହୋଇ ନାହିଁ। ଅଥଚ, ସୃଷ୍ଟି ହେଉଛି, procreation ହେଉଛି, ଗୋଟିଏ ଜେଲି ନିଜକୁ ବିଭାଜନ କରି ଦୁଇ ଭାଗ ହେଉଛି, ସେ ତାକୁ ବିଭାଜନ କରି ଆଉ ପାଞ୍ଚଟା ହେଉଛି, ଏହି ଭଳି ଭାବରେ ସେ ବଂଶ ବୃଦ୍ଧି କରି ଚାଲିଛି। ସେଠି ବଂଶ ବୃଦ୍ଧି ପାଇଁ ଆପଣ ଯାହାକୁ ସେକ୍ସୁଆଲ୍

ଇଣ୍ଟରକୋର୍ସ କୁହନ୍ତି- ସେଠାରେ ଦୁଇଟି ଜୈବ ସତ୍ତା ଅର୍ଥାତ୍ ତା' ମଧ୍ୟରେ ସେତେବେଳେ ନର-ନାରୀର ଢ଼ାଞ୍ଚା ହିଁ ଗଢ଼ି ଉଠି ନାହିଁ, ଅଥଚ, procreation ଥିଲା। ମୁଁ କହିଲି, ଆପଣ ତ ଶିକ୍ଷକ ମହାଶୟ, ସେହି ଖବରଟି ରଖି ନାହାନ୍ତି ? ପୁଣି procreation ଭିତରେ ତ ପାର୍ଥକ୍ୟ ଥାଏ। ଜଣେ ଅଶିକ୍ଷିତ ମଣିଷ, ତା'ର ଏକ tendency of procreation ଅଛି। ଆପଣ ଜଣେ ରୁଚିବାନ ଶିକ୍ଷିତ ମଣିଷ, ଆପଣଙ୍କର ମଧ୍ୟ tendency of procreation ଅଛି। ଆପଣ କଣ ମନେକରନ୍ତି ଏହି ଦୁଇଟି ଗୋଟିଏ ଚରିତ୍ରର ? ସଙ୍ଗେ ସଙ୍ଗେ ସେ କହୁଛନ୍ତି, ନା, ତା' କିପରି ହେବ। ଅଥଚ, ଫର୍ମ ଦିଗରୁ ଆପାତଃ ଦୃଷ୍ଟିରେ ମନେହେବ ଦୁଇ ଜଣଙ୍କର ହିଁ ସମାନ। ମୋଟାମୋଟି କହିବାକୁ ଗଲେ, ଗୋଟିଏ ପ୍ରକାରର ଫର୍ମ (ରୂପ), କିନ୍ତୁ ତା' ମଧ୍ୟ କଣ ଅବିକଳଭାବେ ସମାନ ? ନା, ଏକାପ୍ରକାର ନୁହେଁ। ଜଣଙ୍କ ମଧ୍ୟରେ ଅତ୍ୟନ୍ତ fine artistic way (ଅତି ସୁନ୍ଦର କଳାତ୍ମକ)ଭାବରେ ଥାଏ, ଆଉ ଜଣଙ୍କ ମଧ୍ୟରେ ଅତ୍ୟନ୍ତ rough (ଅସୁନ୍ଦର) ଭାବରେ ଥାଏ, ଏକ ଖାଇ ଖାଇ ଭାବ ଥାଏ। ଗୋଟିଏ ରେ ଥାଏ ଜନ୍ତୁ ଜାନୁଆର ଭଳି ପାଶବିକ ରୂପ, ଆଉ ଗୋଟିକରେ ଥାଏ ଅତ୍ୟନ୍ତ ସୁନ୍ଦର ଏବଂ ଆବେଗମୟ; ଏହିଭଳି କେତେ ପାର୍ଥକ୍ୟ ଥାଏ। ଏହି ପାର୍ଥକ୍ୟଗୁଡ଼ିକ କାହିଁକି ହୁଏ ? ବାହାରର ଆବେଗ ତ ସମାନ ଧରଣର, କ୍ରିୟା ତ ସମାନ ପ୍ରକାରର, objective material base (ବାସ୍ତବ ବସ୍ତୁଗତ ଭିତ୍ତି) ତ ସମାନ ଧରଣର; କିନ୍ତୁ ମାନସିକ ଗଠନ ଅଲଗା ବୋଲି, ରୁଚି-ସଂସ୍କୃତି ଅଲଗା ବୋଲି,ଏହାର ଚାହିଁବା-ପାଇବା, ଆକର୍ଷଣ-ବିକର୍ଷଣଗୁଡ଼ିକ ମଧ୍ୟ ଅବିକଳ ସମାନ ନୁହେଁ। ଯେଉଁ ଜାଗାରେ ଜଣେ ଲୋକ ମଧ୍ୟରେ ସେକ୍ସର ଆକର୍ଷଣ ସୃଷ୍ଟି ହୁଏ ସେଠି ଆଉ ଜଣେ ଲୋକର ଆକର୍ଷଣଟା ମୁହଁ ଫେରାଇ ନେଇ ମାଟିରେ ଲୋଟି ଯାଏ, ମାତ୍ର ପଶୁ କ୍ଷେତ୍ରରେ ତାହା ଘଟେ ନାହିଁ। ତା'ହେଲେ କଣ ଦେଖାଯାଉଛି ? ଦେଖାଯାଉଛି, ମଣିଷର ମାନସିକ ଗଠନ, ଏବଂ ଆଦର୍ଶବାଦ, ରୁଚି, ଶିକ୍ଷା-ଦୀକ୍ଷା ସହିତ ତାର ବାୟୋଲୋଜିକାଲ ମଟର ଆକ୍ସନ ବା ଆମେ ଯାହାକୁ ବାୟୋଲୋଜିକାଲ ଫିଲିଂ ବୋଲି କହୁ, ତା'ସହିତ ଏହାର ଏକ ସମ୍ପର୍କ ରହିଛି; ଗୋଟିଏ ଅନ୍ୟଟିକୁ ପ୍ରଭାବିତ କରୁଛି। ମୌଳିକ ଢଙ୍ଗଢାଙ୍ଗକୁ ପରିବର୍ତ୍ତିତ କରିବା କ୍ଷେତ୍ରରେ ତା'ର ଶିକ୍ଷା ଦୀକ୍ଷା ଅନେକାଂଶରେ ତାକୁ ପ୍ରଭାବିତ କରୁଛି, pattern କରୁଛି, style (ଶୈଳୀ) ବଦଳାଉଛି। ତା' ଅବିକଳ ପାଶବିକ ରୂପରେ ନାହିଁ।

## ସେକ୍ସର ଢ଼ଙ୍ଗ ଓ ସମ୍ପର୍କ ମଧ୍ୟରେ ବି ଶ୍ରେଣୀ ଚିନ୍ତା ପ୍ରତିଫଳିତ ହୁଏ

ଏହା ଭଲଭାବେ ବୁଝିଲେ ହିଁ ଆମେ ବୁଝିପାରିବା ଯେ, ଚିନ୍ତା ସହିତ, ରୁଚି

ସହିତ, ସଂସ୍କୃତି ସହିତ, ମଣିଷର ଯୌନ ଆବେଗର ଏକ ସମ୍ପର୍କ ଅଛି। ଏହି ସମ୍ପର୍କକୁ ବୁଝିଲେ ହିଁ ବୁଝିପାରିବା-ଶ୍ରେଣୀ ବିଭକ୍ତ ସମାଜରେ ଚିନ୍ତା ଯେଉଁଠି ଶ୍ରେଣୀ ଚିନ୍ତା, ଶ୍ରେଣୀ ମାନସିକତା; ଠିକ୍ ସେହିଭଳି ଶ୍ରେଣୀ ଚିନ୍ତା, ଶ୍ରେଣୀ ପ୍ରଭାବ ଅନୁଯାୟୀ ସେକ୍ସର ରୁଚି, style (ଶୈଳୀ) ଆଦି ଉପରେ ଏହାର ପ୍ରଭାବ ମଧ୍ୟ ପଡ଼ିଥାଏ। ଫଳରେ ସେକ୍ସର pattern ଓ ସମ୍ପର୍କ ମଧ୍ୟରେ ବି ଶ୍ରେଣୀ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହୁଏ। ଅଥାର୍ତ ସେକ୍ସ ଯେଉଁଠି ବ୍ୟକ୍ତିକେନ୍ଦ୍ରିକ ଓ ଆତ୍ମସର୍ବସ୍ୱ, ସେଠି ଏହା ରୁଚି ଓ ଶିକ୍ଷାର ପରୱା କରେନା, ସଂସ୍କୃତି ଓ ମର୍ଯ୍ୟାଦାର ପର୍‌ୱା କରେନା, ସେଠି ସେ ନିଜକୁ ଯୌନଦାସରେ ପର୍ଯ୍ୟବସିତ କରେ। ଅନ୍ୟାୟ ଦାବି ନିକଟରେ ସେକ୍ସକୁ ମଥାନତ କରିବାକୁ ଶିଖାଏ। ମୁଁ ସେକ୍ସ ପାଇଁ ହିଁ ଅନ୍ୟାୟ ନିକଟରେ ମଥାନତ କରେ। ଯେହେତୁ ସ୍ତ୍ରୀର ଦୁଆରରେ ମୋତେ ଧାରଣା ଦେବାକୁ ହୁଏ, ସେହେତୁ ସ୍ତ୍ରୀର 'ସୋରିଷ ତେଲ ମୋତେ କିଣି ଦେବାକୁ ହେବ' ନ୍ୟାୟରେ ତୁମେ ରାଜନୀତି କରିପାରିବ ନାହିଁ ଭଳି ଦାବିକୁ ବି ମୋତେ ରକ୍ଷା କରିବାକୁ ହୁଏ। ରାଜନୀତି କରିବା ମଧ୍ୟରେ ମଣିଷର ମୌଳିକ ଏବଂ ମନୁଷ୍ୟତ୍ୱର ଯେତେ ବଡ ଆବେଦନ ଥାଉ ନା କାହିଁକି, ଏହି ନୀଚ ଆବେଦନଗୁଡ଼ିକ ନିକଟରେ ସେ ଆତ୍ମସମର୍ପଣ କରେ। ସେଠି ଗୋଟିଏ ଧରଣର ଶ୍ରେଣୀ ଚରିତ୍ର କାମ କରେ। ପୁଣି ଏଭଳି ଆଉ ଦଳେ ମଣିଷ ଅଛନ୍ତି, ଯେଉଁମାନଙ୍କର ସେକ୍ସର ସମ୍ପର୍କ ଅଛି ବୋଲି ସ୍ତ୍ରୀ ଏହିଭଳି ହୀନକାର୍ଯ୍ୟ କରିବାକୁ କହିଲେ ସଙ୍ଗେ ସଙ୍ଗେ ତା' ମଧ୍ୟରେ ଯୌନ ଆକର୍ଷଣ ମରିଯାଏ, ସମସ୍ତ ରସ ଶୁଖିଯାଏ। ସେ ତତ୍‌କ୍ଷଣାତ୍ ମନେକରେ, ଏହା ପରିତ୍ୟାଗ କରିବା ଦରକାର। ଆଉ ତା'ପ୍ରତି ଆକର୍ଷଣ ଚାଲିଯାଏ। ଏହା ଆଉ ଏକ ଧରଣର ଶ୍ରେଣୀ ଚରିତ୍ର। ଯୌନତାର curveର ଏହି ଯେଉଁ ଏଦୁଇ ଧରଣର ବ୍ୟବହାର, ଏହିଠାରେ ହିଁ production relation (ଉତ୍ପାଦନ ସମ୍ପର୍କ)ର ପ୍ରଭାବ ପଡ଼େ। ଏହି ବିଷୟଟିକୁ ବହୁ ଦିଗରୁ ବୁଝିବାକୁ ହେବ। ସ୍ତ୍ରୀ ଯୌନ ସମ୍ପର୍କ ପାଇଁ ଅନ୍ୟାୟ ଦାବି କରୁଛି, ମୁଁ ମଥାନତ କରୁଛି। ଆଉ ଜଣେ ଯୌନ ସମ୍ପର୍କ ଅଛି ବୋଲି ସ୍ତ୍ରୀକୁ ଅନ୍ୟାୟ ଅର୍ଦ୍ଦଳି କରିବାକୁ ଦେଉନାହିଁ, ତା ସଂସ୍ପର୍ଶରେ ଆସି ଯୌନ ସମ୍ପର୍କ ଦ୍ୱାରା ସ୍ତ୍ରୀ ତା ପ୍ରତି ଆକର୍ଷିତ ହୋଇଛି ବୋଲି ତାକୁ ଭଲପାଏ ବୋଲି ଅନ୍ୟାୟ ଦାବି କଥା ଚିନ୍ତା ମଧ୍ୟ କରିପାରେ ନା। ସେ ମନେକରେ, ତା'ର ସ୍ୱାମୀ ଭଲ ପାଇବାର ପାତ୍ରଭାବେ ଯେଉଁ ମହତ କାର୍ଯ୍ୟରେ ବ୍ରତୀ, ତାର ଯୌନ ଜୀବନ ସେହି ମହତ କାର୍ଯ୍ୟକୁ ସାର୍ଥକ କରିବାରେ ସହାୟକ ହେବା ଦରକାର, ନହେଲେ ଏହା ହେବ ଏକ ଘୃଣ୍ୟ, ନୀଚ ଆଚରଣ। ତେଣୁ ଆକର୍ଷଣ, ବିକର୍ଷଣର ତାରତମ୍ୟ ଏହିଭଳିଭାବେ ଘଟେ। ଯେଉଁଠି ହୀନମନ୍ୟତା, ରାଗ ରୋଷ, କ୍ଷୁଦ୍ରତା ପ୍ରକାଶ ପାଉଛି, ସେସବୁ କ୍ଷେତ୍ରରେ ଯୌନତାକୁ କେନ୍ଦ୍ର କରି ନୀଚ ପ୍ରବୃତ୍ତି ପ୍ରଶ୍ରୟଲାଭ କରେ ଏବଂ

ଯୁକ୍ତିଗ୍ରାହ୍ୟ ହୋଇପଡେ; ବୁଝିବାକୁ ହେବ, ସେକ୍ଷେତ୍ରରେ ବୁର୍ଜୁଆ ସମାଜର ସମ୍ପତ୍ତିବୋଧ ସେକ୍ସର ଭାବନା ଧାରଣା, feeling (ଅନୁଭୁତି)କୁ ମଧ୍ୟ ପ୍ରଭାବିତ କରୁଛି । ଯେଉଁଠି ସେକ୍ସ କେବଳ ସୁନ୍ଦରତାର ପୂଜାରୀ, ବିପ୍ଳବୀ ଆନ୍ଦୋଳନର ସହଯୋଗୀ ଏବଂ ପରସ୍ପରକୁ ସାହାଯ୍ୟ କରେ ଓ ଔଦାର୍ଯ୍ୟର ପରିପୂରକ, ସେଠି ତା' ଶ୍ରମିକଶ୍ରେଣୀ ଏବଂ ମୁକ୍ତି ଆନ୍ଦୋଳନ ପ୍ରସୂତ ଭାବନାଧାରଣା ଦ୍ୱାରା, ରୁଚି ଦ୍ୱାରା ପ୍ରଭାବିତ । କିନ୍ତୁ ମନେରଖିବେ, ସ୍ୱାମୀ-ସ୍ତ୍ରୀ ସମ୍ପର୍କ ଉତ୍ପାଦନ ସମ୍ପର୍କ ଏବଂ ଶ୍ରେଣୀ ଭାବନା-ଚିନ୍ତାର ପ୍ରଭାବରୁ ମୁକ୍ତ ନୁହେଁ । ସେକ୍ସର ଦୋହାଇ ଦେଇ, ଭଲପାଇବାର ଦୋହାଇ ଦେଇ ଯେଉଁଠି ମଣିଷ କର୍ତ୍ତବ୍ୟ, ଆଦର୍ଶ ଭୁଲି ଯାଏ ଏବଂ ସେଥିପାଇଁ ଯୁକ୍ତି ଖୋଜେ, ସେଠି ସେ ଯୌନ ଦାସ । ଏହି ଯୌନଦାସ ସେ କଣ ଯୌନ ନିୟମ ଯୋଗୁ ହୋଇଛି ? ନା, ଯୌନତାର ନିୟମ ତ ଆଉ ଏକ ମଣିଷ ମଧ୍ୟରେ ବି ଅଛି, ଆଉ ଜଣେ ବିପ୍ଳବୀ ମଧ୍ୟରେ ବି ଅଛି । ସେ ତ ଯୌନଦାସ ହୋଇ ନାହିଁ । ଯୌନତା ତ ତା'ର ବିପ୍ଳବୀ ଜୀବନକୁ ଆହୁରି ପ୍ରତିଜ୍ଞାରେ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଛି । ତା' ଯଦି ନକରିଥାଏ, ସେ ତାହା ପରିତ୍ୟାଗ କରିଛି, ଗ୍ରହଣ କରିପାରି ନାହିଁ । ତେଣୁ ଲେନିନ୍ କହିଥଲେ, ଶୋଷ ହେଉଛି ବୋଲି କଣ ମଣିଷ ନର୍ଦ୍ଦମାର ପାଣି ପିଇପାରେ ? ପାରେନା । ଦଳେ ଶୋଷ ହେଲେ ହିଁ ନର୍ଦ୍ଦମାର ପାଣି ପିଅନ୍ତି । ସେ ବାଛବିଚାର କରେନା, ଏହା କରିବା ବେଳେ ତା'ର ରୁଚି ବାଧା ଦିଏନା, ସ୍ୱାସ୍ଥ୍ୟ ବିଜ୍ଞାନ ବାଧା ଦିଏନା, କୌଣସି କିଛି ବି ତାକୁ ଅଟକାଇ ପାରେନା । ଆଉ ଦଳେ ମଣିଷ ଅଛନ୍ତି, ଶୋଷରେ ଛାତି ଫାଟି ଗଲେ ବି କଣ ନର୍ଦ୍ଦମାର ପାଣି ପିଅନ୍ତି ? ପିଅନ୍ତି ନାହିଁ । ସେକ୍ସର କ୍ଷୁଧା ଥିଲେ ମଧ୍ୟ ପାର୍ଥକ୍ୟ ଘଟେ । ଗୋଟିଏ ସ୍ଥାନରେ ସେ ଯେଉଁଭଳି ଭାବେ ହେଉ ପାଇବାକୁ ଚାହେଁ, ଆଉ ଗୋଟିଏ ଜାଗାରେ ସେହି ଇଚ୍ଛା ତା'ର ମରିଯାଏ । ଏହିଠାରେ ହିଁ ହେଉଛି ସେକ୍ସ ଉପରେ ଭାବର କ୍ରିୟା । ଆଉ ଶ୍ରେଣୀ ବିଭକ୍ତ ସମାଜରେ ଭାବର କ୍ରିୟା ହେଲା, ଶ୍ରେଣୀଗତ ଭାବନା ଧାରଣାର କ୍ରିୟା ।

## ମମତା, ଅନୁଭୂତି, ଭଲପାଇବା ଓ ଦୁର୍ବଳତା ସମାନ ନୁହେଁ

ଏହି ପ୍ରସଙ୍ଗରେ ମୁଁ ଆପଣମାନଙ୍କୁ ଗୋଟିଏ କଥା କହିଛି, ଆପଣମାନେ ତା' ନୋଟ୍ କରିଛନ୍ତି କି ନାହିଁ ଜାଣେ ନା । ଏଇ ଯେମିତି, ସେକ୍ସକୁ କେନ୍ଦ୍ରକରି ଆବେଗ, ଅନୁଭୂତି, ଏଗୁଡ଼ିକ ମନର ସ୍ତରକୁ ଆସି ରସର ସ୍ତରକୁ ଚାଲିଯାଏ, ଏହା ତ ଜନ୍ତୁ ଜାନୁଆରର ହୁଏନା । ସେହି ପ୍ରସଙ୍ଗରେ ମୁଁ ପୂର୍ବରୁ ଗୋଟିଏ କଥା କହିଥିଲି, ମମତା, ଅନୁଭୂତି, ଭଲପାଇବା, ସ୍ନେହ, ଆକର୍ଷଣ ଏଗୁଡ଼ିକ କୌଣସିଟା ହିଁ ଖରାପ ନୁହେଁ, ଅମଙ୍ଗଳସୂଚକ ମଧ୍ୟ ନୁହେଁ, ଯଦି ଆମେ ଏହା ସହିତ ଦୁର୍ବଳତା କିଭଳି ମିଶି ରହିଥାଏ

ତାକୁ differentiate (ପୃଥକ) କରି ପାରୁ। ଆମେ ଦୁର୍ବଳତାକୁ ମମତା ଭାବି ଅନେକ ସମୟ ଭୁଲ କରୁ। ମମତା ପାଇଁ ତ ଆଦର୍ଶହୀନ ଆଚରଣ କରାଯାଏନା, ସ୍ନେହର ଅଳି-ଅର୍ଦଳି ସାମ୍ନାରେ ଆଗରେ ତ ଆଦର୍ଶହୀନ ଆଚରଣ କରିବା କଥା ନୁହେଁ, ନୀତି ବିସର୍ଜନ ଦେବା କଥା ନୁହେଁ, ଯେମିତି ଧାର୍ମିକ ବ୍ୟକ୍ତିମାନେ ଧର୍ମ ବିସର୍ଜନ ଦେଇ ନାହାନ୍ତି। ବିପ୍ଳବୀମାନେ ବିପ୍ଳବକୁ ବିସର୍ଜନ ଦେଇ ନାହାନ୍ତି। ଯଦି ଭଲପାଇବାର ପାତ୍ର ବା ପାତ୍ରୀ ବିପ୍ଳବର ସହଯୋଗୀ ନହୁଅନ୍ତି, ଅତି ବେଶୀରେ ଦୁଃଖ ପାଇପାରନ୍ତି। ସାମାନ୍ୟ ଦୁଃଖ ସାମୟିକଭାବେ ହୋଇପାରେ। ମାତ୍ର ସେ ଜାଣେ, ଏ ଦୁଃଖ ସାମୟିକ। ବିପ୍ଳବର ନିଆଁରେ ଏହା ପୋଡ଼ିଯିବ ଏବଂ ବିପ୍ଳବର ନୂତନ ନୂତନ ସହକର୍ମୀ ଏବଂ ଅସଂଖ୍ୟ ଭଲପାଇବାର ପାତ୍ର ପାତ୍ରୀ ଆସି ସେହି ଦୁଃଖକୁ ଦୁଇ ଦିନ ମଧ୍ୟରେ ହିଁ ପୋଛି ଦେବେ। ମଣିଷର ମନ ପରିବର୍ତ୍ତନଶୀଳ, ତା'ର ଆବେଗ, ଅନୁଭୂତି, ସ୍ନେହ-ମମତା ମଧ୍ୟ ପରିବର୍ତ୍ତନଶୀଳ। ମମତାର ଦ୍ୱାହି ଦେଇ ଦୁର୍ବଳତାର ଶୀକାର ହେବା ପଛରେ କୌଣସି ଯୁକ୍ତି ଦିଆଯାଇ ପାରେନା। ମଣିଷ ଯେତେବେଳେ ଏହି ମମତା ବା ଆକର୍ଷଣର ଦ୍ୱାହି ଦିଏ ଏବଂ ତା'ରି ଭିତ୍ତିରେ ଦାୟିତ୍ୱ-କର୍ତ୍ତବ୍ୟର ଦ୍ୱାହି ଦେଇ ମୂଳ କର୍ତ୍ତବ୍ୟ, ବିପ୍ଳବ ପ୍ରତି ଆନୁଗତ୍ୟକୁ ଭୁଲିଯାଏ, ସେତେବେଳେ ହିଁ ବୁଝିବାକୁ ହେବ ଯେ, ଏହି ଅନୁଭୂତି ଓ ପ୍ରତିକ୍ରିୟା ମଧ୍ୟରେ ଶ୍ରେଣୀ ଓ ଶ୍ରେଣୀ ଚିନ୍ତାର ପ୍ରଭାବ କିଭଳି କାମ କରୁଛି। ତା' ନହେଲେ, ମୁଁ କୌଣସି ଅନୁଭୂତି ଏବଂ ଆବେଗ ପାଇଁ ମୋ ଜୀବନର ମୂଳ ଉଦ୍ଦେଶ୍ୟ ଏବଂ ଆଦର୍ଶ ଭୁଲିଯିବି କାହିଁକି ? ସେଥିରୁ ବିଚ୍ୟୁତ ହେବାର ଯୁକ୍ତି ମୋ ମନ ମଧ୍ୟରେ ଦେଖା ଦେବ କାହିଁକି ? ବରଂ ବିପରୀତ ଚିନ୍ତାହିଁ ତ ଆସିବ। ଆବେଗ, ଅନୁଭୂତି, ସ୍ନେହ-ମମତା କଣ ବିପ୍ଳବର ବିରୋଧିତା ପାଇଁ ? ବିପ୍ଳବକୁ ସାହାଯ୍ୟ କରିବା ପାଇଁ ତ ଏଗୁଡ଼ିକ ଦରକାର। ବିପ୍ଳବୀ ହେବା ପାଇଁ ହିଁ ମୋର ଆନନ୍ଦ ଦରକାର, ବିପ୍ଳବୀ ହେବା ପାଇଁ ହିଁ ମୋର ସୁଖ ଦରକାର। ଅମଣିଷ ହେବା ପାଇଁ ସୁଖର କଣ ଅର୍ଥ ଅଛି। ଆଉ ତା' କି ସୁଖ ? ସେହି ସୁଖ ମୋର ଦରକାର କଣ ? ତା'ହେଲେ ମଣିଷ ହିସାବରେ ଏହି ଭାବନା-ଚିନ୍ତାଗୁଡ଼ିକୁ ମନେପକାଇଲେ ହିଁ ଆମେ ବୁଝିପାରୁ, ଆମର ସେକ୍ସ ଅନୁଭୂତି ଏବଂ ସେକ୍ସ କ୍ରିୟା ମଧ୍ୟରେ ବି କିଭଳି ଶ୍ରେଣୀ ଚିନ୍ତା, ଶ୍ରେଣୀ ମନୋଭାବନା, ଧାରଣା, prejudice (ପୂର୍ବ ଧାରଣା) ଏବଂ ସଂସ୍କାରଗୁଡ଼ିକ କାମ କରେ। ଏହି ବିଷୟରେ ଇତିପୂର୍ବରୁ ଆହୁରି ବି ବିସ୍ତୃତ ଆଲୋଚନା ମୁଁ କରିଛି। ପୁରୁଣା କର୍ମୀମାନେ ଶୁଣିଛନ୍ତି। ପୁସ୍ତିକାକାରରେ ପ୍ରକାଶିତ ହେଲେ ନୂତନ କର୍ମୀମାନେ ମଧ୍ୟ ଜାଣିପାରିବେ।

## ଯୁକ୍ତଫ୍ରଣ୍ଟ ରାଜନୀତିର ତତ୍ତ୍ୱଗତ ଦିଗଟି ବୁଝିବା ଦରକାର

ଏହାପରେ ଯୁକ୍ତଫ୍ରଣ୍ଟ ରାଜନୀତି ସଂକ୍ରାନ୍ତୀୟ ଯେଉଁ ପ୍ରଶ୍ନଗୁଡ଼ିକ ଆସିଛି, ସେଗୁଡ଼ିକୁ ନେଇ ବର୍ତ୍ତମାନ ଅଲୋଚନା କରିବି। ପ୍ରଥମତଃ ଯୁକ୍ତଫ୍ରଣ୍ଟ କଣ ? ମାର୍କ୍ସବାଦୀ–ଲେନିନ୍‌ବାଦୀମାନଙ୍କ ନିକଟରେ ଯୁକ୍ତଫ୍ରଣ୍ଟର କନ୍‌ସେପ୍‌ସନ୍‌ର ତତ୍ତ୍ୱଗତ ଦିଗଟି କଣ ? ବିପ୍ଳବୀ ଆନ୍ଦୋଳନରେ ଯୁକ୍ତଫ୍ରଣ୍ଟର କଥା କାହିଁକି ଦେଶେ ଦେଶେ ବାରମ୍ବାର ଉଠିଛି ? Proletarian united front, peoples' democratic front, national front, anti imperialist peoples' front(ସର୍ବହରା ଯୁକ୍ତଫ୍ରଣ୍ଟ, ଜନଗଣତାନ୍ତ୍ରିକ ଫ୍ରଣ୍ଟ, ଜାତୀୟ ଫ୍ରଣ୍ଟ, ସାମ୍ରାଜ୍ୟବାଦ ବିରୋଧୀ ଗଣଫ୍ରଣ୍ଟ) –ଏଗୁଡ଼ିକ ସବୁ ହିଁ ଯୁକ୍ତ ଫ୍ରଣ୍ଟର ଭାବଧାରାକୁ ପ୍ରତିଫଳିତ କରୁଛି, ଅଥଚ ଶବ୍ଦଗୁଡ଼ିକ ଅଲଗା ଅଲଗା। ଶବ୍ଦଗୁଡ଼ିକ ଶୁଣି ହିଁ ବୁଝି ପାରୁଛନ୍ତି ଯେ, ପ୍ରତିଟି ଶବ୍ଦ ସମାନ ଧରଣର ଯୁକ୍ତ ଫ୍ରଣ୍ଟକୁ ବୁଝାଉ ନାହିଁ ବା ଯୁକ୍ତ ଫ୍ରଣ୍ଟ ପ୍ରକ୍ରିୟାର ଗୋଟିଏ ସ୍ତରକୁ ସୂଚିତ କରୁ ନାହିଁ। ଗୋଟିଏ ଗୋଟିଏ ସ୍ତରରେ ଗୋଟିଏ ଗୋଟିଏ ବିଷୟକୁ ସୂଚିତ କରୁଛି। ତା'ହେଲେ ଏହି ଯୁକ୍ତଫ୍ରଣ୍ଟର ତତ୍ତ୍ୱଗତ ଦିଗଟି କଣ ? ତତ୍ତ୍ୱଗତ ଦିଗଟି ହେଉଛି, କୌଣସି ରାଜନୈତିକ ଦଳ ଚାହେଁ ବୋଲି ହିଁ ଯୁକ୍ତଫ୍ରଣ୍ଟ ହୁଏନା। ଯୁକ୍ତଫ୍ରଣ୍ଟ ହେଉଛି ଏକ ବିଶେଷ ଅବସ୍ଥାରେ ବାସ୍ତବ ଆନ୍ଦୋଳନର ପ୍ରକ୍ରିୟାର ପ୍ରତିଫଳନ। ଜନଗଣଙ୍କର ଚେତନାର ସ୍ତର ଏବଂ ବାସ୍ତବ ଅବସ୍ଥାନର ପ୍ରତିଫଳନ। ଆନ୍ଦୋଳନ ମଧ୍ୟରେ unity and struggle of the opposites (ଦୁଇ ବିରୋଧୀ ଶକ୍ତିର ଐକ୍ୟ ଏବଂ ସଂଗ୍ରାମ) ଯାହା ଏକ ସରକାର ବିରୋଧୀ ଆନ୍ଦୋଳନ ମଧ୍ୟରେ ରହିଛି, ଏହା ତା'ର ଏକ ରୂପ। ଏକ ସମାଜ ବ୍ୟବସ୍ଥା ମଧ୍ୟରେ ଜନସାଧାରଣଙ୍କ ଭିତରେ ଯେଉଁ ସବୁ ବିକ୍ଷୋଭ ବା ଅସନ୍ତୋଷଗୁଡ଼ିକ ଜନ୍ମ ନେଉଛି, ସେଗୁଡ଼ିକୁ ଆଜିକାର ଦିନରେ କୌଣସି ପାର୍ଟି ଅସ୍ୱୀକାର କରିପାରେନା, କୌଣସି ରାଜନୈତିକ ଦଳ ଏକେବାରେ ହିଁ ତା' ଅସ୍ୱୀକାର କରିପାରେନା। ସରକାର ବିରୋଧୀ ନାନା ମତବାଦର ଦଳମାନେ ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶାର କଥାଗୁଡ଼ିକୁ ନିଜ ନିଜ ଶ୍ରେଣୀ ଦୃଷ୍ଟିଭଙ୍ଗୀ ଅନୁଯାୟୀ ସେମାନଙ୍କୁ ଏଭଳିଭାବେ ବୁଝାଇବାକୁ ଚାହାଁନ୍ତି ଏବଂ ପ୍ରତିବାଦ ଗଢ଼ିତୋଳିବାକୁ ଚାହାଁନ୍ତି; ଯେପରି କି ସେଗୁଡ଼ିକ ସେମାନଙ୍କର ଶ୍ରେଣୀ ସ୍ୱାର୍ଥର କୌଣସି କ୍ଷତିସାଧନ ନକରେ। ବାହାରୁ ଦେଖିଲେ ମନେହୁଏ ସେମାନେ ଖୁବ୍ ଲଢେଇ କରୁଛନ୍ତି। ସାଧାରଣ ଲୋକ ମଧ୍ୟ ମନେକରନ୍ତି ଆମର ଦୁଃଖ ଦୁର୍ଦ୍ଦଶା ବିରୁଦ୍ଧରେ ସେମାନେ ଯେତେବେଳେ ଲଢୁଛନ୍ତି, ସେମାନେ ନିଶ୍ଚିତଭାବେ ଜନଗଣଙ୍କ ବନ୍ଧୁ। ଏହି ଦଳଗୁଡ଼ିକ ଜନଗଣଙ୍କର ବନ୍ଧୁର ଭେକ ଧରି ଥାନ୍ତି କିନ୍ତୁ ପ୍ରକୃତରେ ଏହି ଦଳଗୁଡ଼ିକ କେହି ବି ଜନଗଣଙ୍କର ଅସଲ ବନ୍ଧୁ ନୁହଁନ୍ତି। ପୁଣି ଏମାନେ କେହି ହିଁ ଜନଗଣଙ୍କୁ ବାଦଦେଇ ପାର୍ଟି କରିପାରନ୍ତି ନାହିଁ, ଜନଗଣଙ୍କୁ ନେଇ ସେମାନଙ୍କୁ ଚାଲିବାକୁ ହୁଏ। ଚରିତ୍ରଗତ ଭାବେ ଜନସ୍ୱାର୍ଥ ବିରୋଧି ପାର୍ଟିଗୁଡ଼ିକ ମଧ୍ୟ ଜନଗଣଙ୍କ

ମଧ୍ୟକୁ ଯାଆନ୍ତି ଏବଂ ଜନଗଣଙ୍କର ଦାବିଗୁଡ଼ିକୁ ତୋଳି ଧରନ୍ତି। ଏପରିକି କେହି କେହି କିଛିଟା ପ୍ରଗତି, ବିପ୍ଳବର କଥା କହନ୍ତି, ସେମାନେ ବିପ୍ଳବୀ ମତବାଦର କଥା ମଧ୍ୟ ଦୋହରାନ୍ତି। ଏହି ଦଳଗୁଡ଼ିକ ଜନସାଧାରଣଙ୍କ ବନ୍ଧୁ ସାଜି ଜନସାଧାରଣଙ୍କୁ ବିପ୍ଳବର ରାସ୍ତାରୁ ବିଭ୍ରାନ୍ତ କରି ବିପ୍ଳବ ବିରୋଧୀ ରାସ୍ତାରେ ଅଟକାଇ ରଖନ୍ତି। ଯେଉଁମାନଙ୍କୁ ମାର୍କ୍ସବାଦୀ ପରିଭାଷାରେ କୁହାଯାଏ forces of compromise, pseudo revolutionary those who act as forces of compromise between labour and capital (ଆପୋଷକାମୀ ଶକ୍ତି, ନକଲି ବିପ୍ଳବୀ ଯେଉଁମାନେ ପୁଞ୍ଜି ଏବଂ ଶ୍ରମ ମଧ୍ୟରେ ଆପୋଷକାମୀ ଶକ୍ତିଭାବେ କାମ କରନ୍ତି)। ମାର୍କ୍ସବାଦ-ଲେନିନ୍‌ବାଦ ଓ ବିପ୍ଳବ, ଏହିସବୁ କଥା କହି ପ୍ରକୃତ ବିପ୍ଳବୀ ଲାଇନ୍ ଏବଂ ବିପ୍ଳବୀ ରାସ୍ତାରୁ ଜନଗଣଙ୍କୁ କେତେଗୁଡ଼ିଏ ମିଥ୍ୟା ଏବଂ ନକଲି ଲଢ଼େଇରେ ସେମାନେ ଅଟକାଇ ରଖନ୍ତି। କେତେବେଳେ କେତେବେଳେ ମଧ୍ୟ ଏହି ଦଳଗୁଡ଼ିକ ଦୈନନ୍ଦିନ ଲଢ଼େଇକୁ ଉଗ୍ର, ମାରମୁଖୀ ଏବଂ fake militant (ନକଲି ଲଢ଼ୁଆ) କାଇଦାରେ ଚଳାଇ ଜନଗଣଙ୍କୁ ବୁଝାନ୍ତି ଯେ, ଏହା ହିଁ ବିପ୍ଳବର ରାସ୍ତା ଏବଂ ଏହି ରାସ୍ତାରେ ହିଁ ବିପ୍ଳବ ହେବ। ଜନଗଣ ଏହି ପାର୍ଟିଗୁଡ଼ିକ ନେତୃତ୍ୱରେ ଲଢ଼ୁଛନ୍ତି। ମାତ୍ର ସ୍ଲୋଗାନ ଦେଇ, ଅର୍ଥନୈତିକ ଦାବୀ ନେଇ ୟୁନିୟନ୍ ଗଠନ କରି ଓ ସେହି ଦାବିରେ ଲଢ଼େଇ କରି ସେମାନେ ଜନଗଣଙ୍କ ମଧ୍ୟରେ ଯେ ରାଜନୈତିକ ଶକ୍ତି ଗଢ଼ି ତୋଳୁଛନ୍ତି, ତା' ନୁହେଁ। ମାଲିକ ବିରୁଦ୍ଧରେ ସ୍ଲୋଗାନ ଦେଉଛନ୍ତି- ମାଲିକୀ ବ୍ୟବସ୍ଥା ମୁର୍ଦ୍ଦାବାଦ, ୟେ ବ୍ୟବସ୍ଥାକୋ ଉଖାଡ ଫେକ୍‌ନା ହୋଗା, ଇନ୍‌କ୍ଲାବ୍ ଜିନ୍ଦାବାଦ ଇତ୍ୟାଦି- ତା'ଅର୍ଥ ଏହା ନୁହେଁ ଯେ, ସେମାନଙ୍କ ମଧ୍ୟରେ ଇନ୍‌କିଲାବୀ ଚେତନା ଗଢ଼ି ଉଠୁଛି। ସେଥିପାଇଁ ଶ୍ରମିକ ଶ୍ରେଣୀର ପ୍ରାତ୍ୟହିକ ଜୀବନର ଅଭିଜ୍ଞତାରୁ ମାଲିକଶ୍ରେଣୀ ସମ୍ବନ୍ଧରେ ବା ସମାଜ ସମ୍ବନ୍ଧରେ ଯେଉଁ ଚେତନା ସୃଷ୍ଟି ହୁଏ, ତାକୁ ବଦଳାଇବା ଦରକାର। ବିପ୍ଳବ କରିବା ଦରକାର, ଏହା ହେଲା ଏକ ଉପରଠାଉରିଆ ତତ୍ତ୍ୱଗତ ଧାରଣା। ଏହି ଧାରଣା ଏକ clear cut base political line (ସ୍ୱଷ୍ଟ ମୂଳ ରାଜନୈତିକ ଲାଇନ୍) ଭିତ୍ତିରେ ନୁହେଁ ଏବଂ ଏହାରି ଭିତ୍ତି ଉପରେ କେବେ ବି ଜନଗଣଙ୍କର ରାଜନୈତିକ ଶକ୍ତି ଗଢି ଉଠେନା। ଏହା ଆପଣାଛାଏଁ ମଧ୍ୟ ଗଢି ଉଠେନା। ମାଲିକ ବିରୁଦ୍ଧରେ ବା ସରକାର ବିରୁଦ୍ଧରେ ଲଢ଼ୁ ଲଢ଼ୁ ଶ୍ରମିକମାନଙ୍କର ମଧ୍ୟରେ ଏକପ୍ରକାର ଚେତନା ଗଢ଼ି ଉଠେ, ମାଲିକମାନେ ଶତ୍ରୁ, ସରକାର ମାଲିକର ଦୋସ୍ତ, ଏହି ସରକାର ମାଲିକକୁ ସାହାଯ୍ୟ କରୁଛି। ପୁଣି ନିର୍ବାଚନୀ ରାଜନୀତିରେ ଏହି ମଜଦୁରମାନେ ଅନ୍ୟ କେଉଁ ଜାଗାରେ ବିଭ୍ରାନ୍ତ ହୋଇ ସରକାରୀ ପକ୍ଷର ଟ୍ରେଡ୍ ୟୁନିୟନ୍‌ର ଝଣ୍ଡା ଉଡ଼ାଇଥାନ୍ତି। ଏହା କଣ ସୂଚାଏ ? ଏହା ସୂଚାଏ ଯେ, ଏହା backwardness, developed

class consciousness (ଏହା ପଛୁଆ, ଉନ୍ନତ ଶ୍ରେଣୀ ଚେତନା) ନୁହେଁ। ଏହା କେବେ ବି ରାଜନୈତିକ ବିପ୍ଳବୀ ଚେତନା ନୁହେଁ, ଆଉ ଏହିଭଳି ଭାବେ ଏହା ଗଢି ଉଠି ପାରେନା। ଯେତେ ସମୟ ପର୍ଯ୍ୟନ୍ତ ସମାଜତାନ୍ତ୍ରିକ ଆନ୍ଦୋଳନ ମଧ୍ୟଦେଇ ଏକ ବିପ୍ଳବୀ ପାର୍ଟି ଓ ବିପ୍ଳବୀ ରାଜନୀତର ଅଭ୍ୟୁଦୟ ନ ହୋଇଛି, ସେତେ ସମୟ ପର୍ଯ୍ୟନ୍ତ ଏହି ଶ୍ରେଣୀ ଚେତନା ଗଢ଼ି ଉଠିବ ନାହିଁ। ଏହି ଚେତନା ସେତେ ଦିନ ଯାଏଁ ଗଢିଉଠି ପାରେନା। ସେଥିପାଇଁ ଲେନିନ୍ କହିଥିଲେ, socialism comes from without, not from within (ସମାଜତାନ୍ତ୍ରିକ ଚିନ୍ତା ବାହାରୁ ଆସିଥାଏ ଭିତରୁ ନୁହେଁ)। ବିପ୍ଳବୀ ପାର୍ଟି ଶ୍ରମିକମାନଙ୍କର ଯେଉଁ ରାଜନୈତିକ ସଂଗ୍ରାମ ପରିଚାଳନା କରେ, ତା' ମଧ୍ୟଦେଇ ସମାଜତନ୍ତ୍ରର ଯଥାର୍ଥ ଚେତନା ଶ୍ରମିକମାନଙ୍କ ମଧ୍ୟକୁ ଯାଏ। ସେତେବେଳେ ଶ୍ରମିକ ବୁଝିପାରେ ଯେ, ତା'ର extention of democratic rights, fulfilment of any amount of demand (ଗଣତାନ୍ତ୍ରିକ ଅଧିକାରର ସମ୍ପ୍ରସାରଣ, ଯେକୌଣସି ଦାବୀ ପୁରଣ ହେଉ) ବା ଯେତେ ଦାବି ନେଇ ଲଢେଇ ହେଉ ଏବଂ ଯେତେ ବି ଲଢେଇ କରି ଜିତିବା ହେଉ, ତା' ଦ୍ୱାରା ମାଲିକ-ଶ୍ରମିକ ସମ୍ପର୍କର ଅବସାନ ହୁଏ ନା। ଯିଏ ଶ୍ରମିକ ସେ ଶ୍ରମିକ ହୋଇ ହିଁ ରହିଯାଏ ଏବଂ ତା'ର ମୁକ୍ତି ମଧ୍ୟ ଏହାଦ୍ୱାରା ଆସେ ନାହିଁ। ତା'ର ମୁକ୍ତି ଆଣିବାକୁ ହେଲେ, ତାକୁ ଏହା ବୁଝିବାକୁ ହେବ ଯେ, କେବଳ ମାଲିକ ବିରୁଦ୍ଧରେ ଶ୍ରମିକର କିଛି ଦାବି ନେଇ ଲଢେଇ ପାଇଁ ଯେଉଁ ଶ୍ରେଣୀ ସଂଗ୍ରାମର ଚେତନା, ତା' ବିପ୍ଳବୀ ଚେତନା ନୁହେଁ। ବୁର୍ଜୁଆ ରାଷ୍ଟ୍ରକୁ ଉଚ୍ଛେଦ କରି dictatorship of the proletariat(ସର୍ବହରା ଶ୍ରେଣୀର ଏକନାୟକତ୍ୱ) ପ୍ରତିଷ୍ଠା କରିବା ଏବଂ ବିପ୍ଳବ ଜରିଆରେ ନିଜର ରାଜନୈତିକ ଶକ୍ତି ସୃଷ୍ଟି କରିବାର କ୍ଷମତା ଅର୍ଜନ ମଧ୍ୟଦେଇ ଶ୍ରେଣୀ ସଂଗ୍ରାମର ଚେତନା ସୃଷ୍ଟି କରିବାକୁ ହେବ। ଏହି ସ୍ତରରେ ଯେତେଦିନ ନପହଞ୍ଚିଛି, ତା' ମାର୍କ୍ସବାଦ ସମ୍ମତ ଶ୍ରେଣୀ ସଂଗ୍ରାମର ତତ୍ତ୍ୱଗତ ଧାରଣା ହୁଏ ନାହିଁ ବା ବିପ୍ଳବୀ ଚେତନା ହୁଏ ନାହିଁ।

ତା'ହେଲେ ଜନଗଣଙ୍କ ମଧ୍ୟରେ ଥିବା ବର୍ତ୍ତମାନର ବିଭ୍ରାନ୍ତିକୁ ଦୂର କରିବାର ବୈଜ୍ଞାନିକ ପଦ୍ଧତି କଣ ହେବ ? ପୁଞ୍ଜିବାଦ ବିରୁଦ୍ଧରେ କଂଗ୍ରେସର ଛାତ୍ର ଶାଖା ମଧ୍ୟ ସ୍ଲୋଗାନ ଦିଏ, ସେମାନେ ମଧ୍ୟ କୁହନ୍ତି, ପୁଞ୍ଜିବାଦ ମୁର୍ଦ୍ଦାବାଦ। ସି.ପି.ଆଇ(ଏମ୍), ସି.ପି.ଆଇ, ନକ୍ସଲ, ଆର୍.ଏସ୍.ପି କହୁଛି, ଏକଚାଟିଆ ପୁଞ୍ଜିବାଦ ମୁର୍ଦ୍ଦାବାଦ। ଏପରିକି ଓ୍ୱାର୍କରସ୍ ପାର୍ଟି ବା ଆର୍.ସି.ପି.ଆଇ, ଯେଉଁମାନେ ସି.ପି.ଆଇ(ଏମ୍)ର ଚାଟୁକାରିତା କରନ୍ତି, ସେମାନେ ମଧ୍ୟ କହୁଛନ୍ତି-ସମାଜତାନ୍ତ୍ରିକ ବିପ୍ଳବ ଜିନ୍ଦାବାଦ, ପୁଞ୍ଜିବାଦ ମୁର୍ଦ୍ଦାବାଦ। ତା'ହେଲେ ଏଥିରୁ କଣ ବୁଝାପଡୁଛି ? ବିପ୍ଳବୀ ଦଳ ଶ୍ରମିକମାନଙ୍କ ମଧ୍ୟରେ ଏବଂ ଜନଗଣଙ୍କ ମଧ୍ୟରେ ପ୍ରକୃତ ନେତୃତ୍ୱ କିଭଳି ଭାବେ ପ୍ରତିଷ୍ଠା କରିବ ? ଏହି କାର୍ଯ୍ୟଟିକୁ ନିଶ୍ଚିତଭାବେ ବିପ୍ଳବୀ ପାର୍ଟିକୁ କରିବାକୁ ହେବ, ନଚେତ୍ ଶ୍ରମିକ ଆନ୍ଦୋଳନର

ଐକ୍ୟବଦ୍ଧ ଶକ୍ତି ଗଢି ଉଠିବ ନାହିଁ । ଏକ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତିର ପ୍ରଥମ ସର୍ତ୍ତ ହେଲା, united struggle (ଯୁକ୍ତ ସଂଗ୍ରାମ) ମଧ୍ୟରେ ସମସ୍ତ ଜନଗଣଙ୍କୁ ଏକାଠି କରିବା ଏବଂ ଏକତ୍ର ଲଢେଇ କରିବା । ଏକାଠି ହୋଇ ଲଢେଇ ନକଲେ ଏହା ଗଢି ଉଠିବ ନାହିଁ । ତା'ହେଲେ ଲଢେଇ ବ୍ୟତୀତ ଏହି ଚେତନା ଗଢ଼ି ତୋଳିବା କ୍ଷେତ୍ରରେ ଆଉ ଯେତେବେଳେ କୌଣସି ଉପାୟ ନାହିଁ, ସେତେବେଳେ ସମସ୍ତ ଜନଗଣଙ୍କୁ ଏକତ୍ରିତ କରିବାର ଉପାୟ ଯୁକ୍ତ ସଂଗ୍ରାମ ବ୍ୟତୀତ ଆଉ କିଛି ହୋଇପାରେ ନାହିଁ । ଯୁକ୍ତ ସଂଗ୍ରାମ ମଧ୍ୟରେ ପ୍ରତ୍ୟେକ ପାର୍ଟି ସେମାନଙ୍କର ପାର୍ଟି ଲାଇନ୍ ଅନୁଯାୟୀ ଚାଲିବାକୁ ଚେଷ୍ଟା କରନ୍ତି, ଏକ ବିପ୍ଳବୀ ଦଳ ମଧ୍ୟ ବିପ୍ଳବୀ ଲାଇନ୍‌ରେ ସେହି ଚେଷ୍ଟା କରିଥାଏ । ବିଭ୍ରାନ୍ତିମୂଳକ ରାଜନୀତି ଏବଂ ଜନସାଧାରଣଙ୍କର ଚେତନା ନିମ୍ନସ୍ତରରେ ଥିବା ଯୋଗୁଁ ଏପରିକି ଫିଲାନ୍‌ଥ୍ରୋପିଷ୍ଟମାନଙ୍କର ପ୍ରଭାବ ଯେଉଁ ଜନଗଣଙ୍କ ମଧ୍ୟରେ ରହିଥାଏ, ସେହି ଜନଗଣ ମଧ୍ୟ ଯୁକ୍ତ ସଂଗ୍ରାମରେ ଏକତ୍ରିତ ହୁଅନ୍ତି । ଆପଣମାନେ ଏହା ମଧ୍ୟ ଦେଖିଛନ୍ତି ଯେ, ଧର୍ମୀୟ ମିଶନାରୀମାନଙ୍କ ଭଳି ଜଣେ ସେବାଧର୍ମୀ ବ୍ୟକ୍ତି ସମ୍ପର୍କରେ ମଧ୍ୟ ଲୋକମାନଙ୍କର କି ମହତ ଧାରଣା– ଏମାନେ ଅନେକ ବଡ଼, ଆମ ପାଇଁ କାମ କରୁଛନ୍ତି କହି ତାଙ୍କ ପଛରେ ଧାଉଁଛନ୍ତି । ଆଉ ସେହି କର୍ମୀ ଜଣକ ସେମାନଙ୍କୁ ବୁଡ଼ାଇ ସେମାନଙ୍କର ବାରଟା ବଜାଇ ଦେଲା । ଅଥଚ, ଏହି ବ୍ୟକ୍ତିଙ୍କର ଉଦ୍ଦେଶ୍ୟକୁ ଲୋକେ ଧରି ପାରିଲେ ନାହିଁ । ଏମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଜନଗଣଙ୍କୁ ବାସ୍ତବ ସମସ୍ୟାରୁ ଦୂରେଇ ନେଇ ସେମାନଙ୍କ ମନକୁ ଅନ୍ୟ ଇସୁରେ ବାନ୍ଧି ରଖିବା, କିଛି ରିଲିଫ୍ ଦେବା, ଆଉ କିଛି କାମ ସେମାନଙ୍କ ପାଇଁ କରିଦେବା ।

## ସୋସାଲ ଡେମୋକ୍ରାସିକୁ ପରାସ୍ତ ନକରି ପୁଞ୍ଜିବାଦକୁ ଖତମ କରାଯାଇ ପାରିବ ନାହିଁ

ଏହି ଯେଉଁ ଜନଗଣ ବିଭିନ୍ନ ଶକ୍ତି ମାନଙ୍କର ପ୍ରଭାବ ଫଳରେ ଅତି କ୍ଷୁଦ୍ର କ୍ଷୁଦ୍ର ଅଂଶରେ ଭାଗଭାଗ ହୋଇ ରହିଛନ୍ତି ଏବଂ ବିଶେଷ କରି ଯେଉଁମାନେ ବିପ୍ଳବୀ ଛଦ୍ମବେଶ ଧାରଣ କରିଛନ୍ତି, ଯେଉଁମାନଙ୍କର ମୂଳ ରାଜନୈତିକ ଲାଇନ୍ ବିପ୍ଳବୀ ନୁହେଁ, ପାର୍ଟିର ରାଜନୈତିକ ଚରିତ୍ର ବିପ୍ଳବୀ ନୁହେଁ; ଯେଉଁ ବିଶ୍ଳେଷଣରୁ ଆପଣମାନେ ବୁଝିଛନ୍ତି ଯେ, ଶେଷରେ ସେମାନେ ଜନଗଣଙ୍କୁ ବିପ୍ଳବୀ ରାସ୍ତାରେ ନେବାକୁ ଚାହାଁନ୍ତି ନାହିଁ; ଜନଗଣଙ୍କ ମଧ୍ୟରେ ଯେଉଁ ଅସନ୍ତୋଷର ବିସ୍ଫୋରଣ ଆସେ, ଲଢେଇର ତେଜ ଆସେ ତା'କୁ ସେମାନେ ସେମାନଙ୍କର ଦୃଷ୍ଟିରୁ ଏଡେଇ ନେଇ ନିର୍ବାଚନୀ ରାଜନୀତିରେ ଫାଇଦା ହାସଲ କରିବାକୁ ଚାହାଁନ୍ତି । ପ୍ରଥମ ଅବସ୍ଥାରେ ଜନଗଣଙ୍କ ସଚେତନତା ନରହିବା ଫଳରେ ଏହିଭଳି ଶକ୍ତିମାନଙ୍କର ପ୍ରଭାବ ଥାଏ । ସେଥିପାଇଁ ଷ୍ଟାଲିନ୍‌ଙ୍କର ଏକ ବିଖ୍ୟାତ ଉକ୍ତି ଆପଣମାନଙ୍କର ସ୍ମରଣ କରାଇ ଦେଉଛି । ସେ

କହିଛନ୍ତି- to put an end to capitalism it is necessary to put an end to social democratism (ପୁଞ୍ଜିବାଦକୁ ଉତ୍‌ଖାତ୍ କରିବାକୁ ହେଲେ ସୋସାଲଡେମୋକ୍ରାଟିଜିମ୍‌କୁ ନିଃଶେଷ କରିବା ଆବଶ୍ୟକ l ଏ କଥା କାହିଁକି କହିଛନ୍ତି ? ସୋସାଲଡେମୋକ୍ରାଟିଜିମ୍‌ର କଥା କାହିଁକି କହୁଛନ୍ତି ? ପୁଞ୍ଜିବାଦ ବିରୋଧୀ ଲଢେଇର ଚେତନା ଜନଗଣଙ୍କ ମଧ୍ୟରେ ଆସିବାକୁ ଆରମ୍ଭ କଲେ, ପୁଞ୍ଜିବାଦ ସପକ୍ଷବାଦୀ ଦଳ ସମ୍ପର୍କରେ ଜନସାଧାରଣଙ୍କ ମୋହ ଭଙ୍ଗହେବା ପାଇଁ ବେଶୀ ସମୟ ଲାଗେନା l ବିଭ୍ରାନ୍ତ କରିବାକୁ ଚେଷ୍ଟା କଲେ ମଧ୍ୟ ତା' କଟେଇବାକୁ ବେଶୀ ସମୟ ଲାଗେ ନାହିଁ l ମାତ୍ର ସବୁଠାରୁ ବିପଦ ହେଉଛି, ନିଜକୁ ପୁଞ୍ଜିବାଦ ବିରୋଧୀ ବୋଲି ଜାହିର କରୁଥିବା, ଲାଲ୍ ଝଣ୍ଡା ଉଡ଼ାଉଥିବା, ସୋସାଲଡେମୋକ୍ରାସି, କମ୍ୟୁନିଜିମ୍, ଶ୍ରେଣୀ ସଂଗ୍ରାମର କଥା କହୁଥିବା, ଶ୍ରମିକମାନଙ୍କ କଥା କହୁଥିବା; ମାଲିକ ବିରୁଦ୍ଧରେ ସ୍ଲୋଗାନ ଦେଉଥିବା, ଏହି ଆପୋଷକାମୀ ଶକ୍ତି, ନକଲି ବିପ୍ଳବୀ ସୋସାଲ୍‌ଡେମୋକ୍ରାଟିକ୍ ଶକ୍ତିମାନଙ୍କୁ ପରାସ୍ତ କରି ନପାରିଲେ ବିପ୍ଳବୀ ଆନ୍ଦୋଳନ ଅଗ୍ରସର ହୋଇ ପାରିବ ନାହିଁ l ଏହି ଶକ୍ତିମାନଙ୍କ ସମ୍ପର୍କରେ ମୋହମୁକ୍ତି ନଘଟିଲେ, ଏମାନଙ୍କ ନେତୃତ୍ୱର ପ୍ରଭାବରୁ ଜନଗଣଙ୍କୁ ମୁକ୍ତ କରି ନପାରିଲେ ଶ୍ରମିକ-ମଜୁରିଆଙ୍କର ପ୍ରକୃତ ରାଜନୈତିକ କ୍ଷମତା ଏବଂ ସଠିକ୍ ବିପ୍ଳବୀ ଦଳ ଗଢ଼ି ତୋଳି ନପାରିଲେ ଯେ ବିପ୍ଳବ ହେବ ନାହିଁ- ଏହି କଥାଟି ବୁଝାଇ ନପାରିଲେ ବିପ୍ଳବ ହୁଏ ନାହିଁ l ସେଥିପାଇଁ କହୁଛନ୍ତି, ଯେତେ ସମୟ ଯାଏଁ ସମସ୍ତ ପ୍ରକାର ସୋସାଲ ଡେମୋକ୍ରାଟିଜିମ୍ ଅର୍ଥାତ୍ ନକଲି ବିପ୍ଳବବାଦକୁ ପରାସ୍ତ କରି ପାରିବେ ନାହିଁ, ସେତେ ସମୟ ପର୍ଯ୍ୟନ୍ତ ବିପ୍ଳବକୁ ଚୂଡ଼ାନ୍ତଭାବରେ ଜୟଯୁକ୍ତ କରିବା, ସଠିକ୍ ବିପ୍ଳବୀ ପାର୍ଟିର ନେତୃତ୍ୱ ପ୍ରତିଷ୍ଠା କରିବା ହେବ ଏକ ଅବୈଜ୍ଞାନିକ ଚିନ୍ତା ପଦ୍ଧତି l ଆପଣ କାମ କଲେ ହିଁ ଏହା ହୁଏ ନାହିଁ l ଆପଣଙ୍କ କାମ ମଧ୍ୟରେ ଟର୍ଣ୍ଣ ଆଣ୍ଡ ଟ୍ୟୁଇଷ୍ଟ, ସଫଳତା ଓ ବିଫଳତା ଥାଏ l ସଂଗ୍ରାମ କରିବା ମାନେ ହିଁ ତ ଆମେ ସର୍ବଦା ଜନଗଣଙ୍କ ସମସ୍ୟା ସମାଧାନ କରିଦେଇ ପାରୁନା l ଲଢେଇରେ କଣ ଆମେ ସବୁ ସମୟରେ ଜିତୁ ? ନା, ବରଂ ଓଲଟା ହୁଏ l ବିପ୍ଳବୀ ଦଳ ଉପରେ ମାରାତ୍ମକ ଆକ୍ରମଣ ହୁଏ l ସେହି ଆକ୍ରମଣ ସାମ୍ନାରେ ପ୍ରଥମ ପ୍ରଥମ ସେମାନଙ୍କର ବିଫଳତା ଆସେ, ମାତ୍ର ବିପ୍ଳବୀ ଦଳର କର୍ମୀମାନେ ଏହି ବିଫଳତା ମଧ୍ୟରେ ଶକ୍ତି ସଞ୍ଚୟ କରନ୍ତି, ଆନ୍ଦୋଳନ ମଧ୍ୟରେ ଜନଗଣ ବାଛି ନିଅନ୍ତି, କିଏ କିଭଳି ଲଢିଛି, କାହାର ସ୍ଲୋଗାନ କି ଧରଣର, କେଉଁ ଦଳର କର୍ମୀମାନଙ୍କର ହାଲଚାଲ୍ କି ଧରଣର, ଏହାର ପ୍ରଭାବ ପଡେ l ତାତ୍‌କ୍ଷଣିକଭାବେ ଏହାର ଫଳ ନପାଇଲେ ମଧ୍ୟ ମନେରଖିବେ, ଏହା ମଧ୍ୟଦେଇ ଆପଣଙ୍କର ଶକ୍ତି ବଢ଼େ, କ୍ଷମତା ବଢ଼େ l

ଆପଣମାନଙ୍କୁ ଆଉ ଗୋଟିଏ ବିଷୟ ବର୍ତ୍ତମାନ କହିବାକୁ ଚାହେଁ l ଆମ ଦଳ

ଆରମ୍ଭରୁ ବିପ୍ଳବୀ ଚରିତ୍ର ଗଠନ ଉପରେ ଜୋର ଦେଇ ଆସୁଛି। କମ୍ୟୁନିଷ୍ଟମାନଙ୍କ ନିକଟରେ ସର୍ବ ପ୍ରଥମ ଏବଂ ସର୍ବପ୍ରଧାନ କର୍ତ୍ତବ୍ୟ ହେଲା, ବିପ୍ଳବୀ ଚରିତ୍ର ଗଢ଼ି ତୋଳିବା। କାରଣ ଆମ ଦଳର ଗଠନର ଯାହା ଭିତ୍ତି, ଯେଉଁ ଅଭିଜ୍ଞତାର ଭିତ୍ତିରେ ଏହି ନୂତନ ଦଳଟିର ଅଭ୍ୟୁତ୍‌ଥାନ; ବିଶେଷକରି ଏଦେଶରେ ଏହି ଦଳଟି ଗଢିବାକୁ ଯାଇ ଆମେ କିଛି ଅଭିଜ୍ଞତା ଅର୍ଜନ କରିଥିଲୁ। ସେହି ସମୟର ବହୁ ବ୍ୟକ୍ତି ସତତାର ମନନେଇ ଓ ଲଢେଇ କରିବାର ଆକାଂକ୍ଷା ନେଇ ଆସିଥିଲେ, ଯାହାକୁ ସାଧାରଣ ଲୋକଙ୍କ କଥାରେ ବା ବୁର୍ଜୁଆ ଅର୍ଥରେ ମଧ୍ୟ ତ୍ୟାଗ ସ୍ୱୀକାର କରିବା କୁହାଯାଏ ଅର୍ଥାତ୍ ବିପ୍ଳବ ପାଇଁ, ଆଦର୍ଶ ପାଇଁ, ତ୍ୟାଗ ସ୍ୱୀକାର କରିବାକୁ କୁହାଯାଏ, ସେହିଭଳି ପ୍ରଥମ ଅବସ୍ଥାରେ ଭାରତବର୍ଷରେ କମ୍ୟୁନିଷ୍ଟ ଆନ୍ଦୋଳନ ଗଢ଼ି ତୋଳିବା ପଛରେ ବା ସି.ପି.ଆଇ ଦଳ ଗଢିବା ପଛରେ ବହୁ କର୍ମୀଙ୍କର ବହୁ ଅବଦାନ ଥିଲା। ସୌମେନ୍ଦ୍ରନାଥ ଠାକୁର ଆର୍.ସି.ପି.ଆଇ ଗଢ଼ିବା ପାଇଁ ଚେଷ୍ଟା କରିଛନ୍ତି, ଆତ୍ମଦାନ ଏବଂ ଅବଦାନ କହିଲେ ଆମେ ଯାହା ବୁଝୁ, ତାଙ୍କ ପଛରେ ତା' କରିପାରିଥିବା ବହୁ ଭଲ ଭଲ ପୁଅ ଝିଅ ଓ ଲୋକମାନେ ମଧ୍ୟ ଯଥେଷ୍ଟ ସଂଖ୍ୟାରେ ଥିଲେ। ସେହି ଯୁଗରେ ଭାରତୀୟ ରାଜନୀତିରେ ଜ୍ଞାନ ଓ ବିଦ୍ୟାବୁଦ୍ଧିରେ ଏମ୍.ଏନ୍.ରାୟଙ୍କ ଭଳି ବ୍ୟକ୍ତିଙ୍କର ସମକକ୍ଷ ମୁଁ କାହାରିକୁ ଦେଖିବାକୁ ପାଇନି। ବାକି ସବୁ ତ ଥିଲେ pigmi (ବାମନ)ଭଳି। ବର୍ତ୍ତମାନ ଯେଉଁମାନେ ରାଜନୈତିକ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି, ସେମାନେ କଂଗ୍ରେସ ହୁଅନ୍ତୁ ବା ବାମପନ୍ଥୀ ହୁଅନ୍ତୁ ବା ଅନ୍ୟ ଯେକୌଣସି ଦଳର ହୁଅନ୍ତୁ, ସମସ୍ତେ ହିଁ ସର୍ବଶାସ୍ତ୍ରରେ ସୁପଣ୍ଡିତ ! ଲୋକମାନଙ୍କୁ ମତାଇବା ଆଉ ଚାଲାକି କଥା କହିବା ବ୍ୟତୀତ ଆଉ ସେମାନେ କଣ କରିଛନ୍ତି ? ହଁ, କରିଛନ୍ତି। କିଭଳି କାୟଦା କରି, diplomacy (କୂଟନୀତି) କରି, ଚାଲାକି ଆଉ ଚତୁରତା କରି ଫାଇଦା ହାସଲ କରାଯାଏ। ଯେଉଁଗୁଡ଼ିକୁ ଆମେ ଦୁଷ୍ଟ ରାଜନୀତି କହୁ। ସେମାନଙ୍କର ଜ୍ଞାନ, ବିଦ୍ୟା-ବୁଦ୍ଧି, ଉଇସିଡମ୍ ବା କୌଣସି ଶାସ୍ତ୍ର ସମ୍ବନ୍ଧରେ ଧାରଣା ତଥୈବଚ, ଏକଦମ୍ ନାହିଁ କହିଲେ ଚଳେ। ମାତ୍ର ଅତୀତ ଦିନରେ ବହୁ ନେତା ଥିଲେ, ଯେଉଁମାନେ ଆଜିକାର ନେତାମାନଙ୍କ ଭଳି କେବଳ ଚାଲାକିର ରାଜନୀତି କରୁ ନଥିଲେ। ମଣିଷ ହିସାବରେ ମଧ୍ୟ ସେମାନଙ୍କର ଚରିତ୍ରର ଏକ ଭିତ୍ତି ଥିଲା। ବୁର୍ଜୁଆ ରାଜନୀତି ହେଉ ବା ବିରୋଧୀ ରାଜନୀତି ହେଉ, ସେମାନଙ୍କର ଶିକ୍ଷା, ଦୀକ୍ଷା, ଜ୍ଞାନ, ବିଦ୍ୟାବୁଦ୍ଧି ଖୁବ୍ ଉଚ୍ଚ ସ୍ତରରେ ଥିଲା। ଆପୋଷମୁଖୀ କଂଗ୍ରେସୀ ରାଜନୀତି ବା ବିରୋଧି ପକ୍ଷର ଆପୋଷହୀନ ବୁର୍ଜୁଆ ରାଜନୀତିରେ ମଧ୍ୟ ବଡ଼ ମଣିଷମାନେ ସୃଷ୍ଟି ହୋଇଥିଲେ। ଆଉ ଏମ୍.ଏନ୍ ରାୟ ଥିଲେ ବ୍ୟତିକ୍ରମ, ସେ ପ୍ରକୃତରେ ହିଁ ପଣ୍ଡିତ ଥିଲେ। ସେ ଜ୍ଞାନ ବିଜ୍ଞାନର ସମସ୍ତ

ଶାଖାରେ ପ୍ରବେଶ କରିଥିଲେ, ଗଭୀର ପାଣ୍ଡିତ୍ୟ ତାଙ୍କର ଥିଲା। ଆନ୍ତର୍ଜାତିକ ସାମ୍ୟବାଦୀ ଆନ୍ଦୋଳନର ବହୁ ଅଭିଜ୍ଞତା ତାଙ୍କର ଥିଲା। ଏହିଭଳି ଜଣେ ମଣିଷ ପାର୍ଟି ଗଠନ କରିବା ପାଇଁ ଚେଷ୍ଟା କରିଥିଲେ। ଭାରତବର୍ଷର ପଣ୍ଡିତଲୋକମାନେ, ଜଓ୍ୱାହାରଲାଲ୍‌ଙ୍କ ଭଳି ପଣ୍ଡିତ ବ୍ୟକ୍ତି ମଧ୍ୟ ତାଙ୍କ ପ୍ରତି ଏକଦା ପ୍ରବଳଭାବେ ଆକର୍ଷିତ ହୋଇଥିଲେ। ଏସବୁ ଅତୀତ ଦିନର କଥା, ଅନେକେ ହିଁ ଏହାର ଖବର ରଖନ୍ତି ନାହିଁ। ସେ ମଧ୍ୟ ଏଦେଶରେ କୌଣସି ଦଳ ଛିଡ଼ା କରେଇ ପାରିଲେ ନାହିଁ। ଯେଉଁ ଦଳ ଠିଆ କଲେ, ତାହା ବ୍ୟର୍ଥତାରେ ପର୍ଯ୍ୟବସିତ ହେଲା। ଖାଲି ସେତିକି ନୁହେଁ, ସେହି ଦଳର ଅଧିକାଂଶ ଲୋକମାନେ ହୁଏତ ସି.ଆଇ.ଏର ଦଲାଲ୍ ନଚେତ୍ କ୍ୟାରିୟରର ଶୀକାର, ନଚେତ୍ ଏଠି ସେଠି ଚାକିରି କରୁଛନ୍ତି, ଏମାନେ ସମସ୍ତେ ନକଲି ବୁଦ୍ଧିଜୀବୀ ହୋଇଗଲେ। ସେମାନେ କେହି ବି ବିପ୍ଳବୀ ହୋଇ ନାହାନ୍ତି। ଅଥଚ, ସେ ଏତେ ବଡ଼ ଜଣେ ବିଦ୍ୱାନ ଥିଲେ ଏବଂ ତାଙ୍କର  ଜୀବନ ଏକଦା ବିପ୍ଳବୀ ଭଳି ହିଁ ଥିଲା। ଭାରତବର୍ଷରୁ ପଳାୟନ କରିଥିବା ସେ ଜଣେ ଫାସି ଆସାମୀ ଏବଂ କମ୍ୟୁନିଷ୍ଟ ଆନ୍ତର୍ଜାତିକିର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ। ମାତ୍ର ତାଙ୍କ ହାତରେ ଜଣେ ଉଚ୍ଚ ସ୍ତରର ବିପ୍ଳବୀ ତ ଦୂରର କଥା, ଜଣେ ସାଧାରଣ ବିପ୍ଳବୀ ମଧ୍ୟ ତିଆରି ହୋଇନାହାନ୍ତି। ଅନ୍ତତଃ ମୁଁ ତା' ଦେଖିବାକୁ ପାଇନି। ବରଂ ଦେଖିଛି ଅଂହକାରୀ ଓ ଅତ୍ୟନ୍ତ ଆତ୍ମଗର୍ବୀ ଲୋକ ତିଆରି ହୋଇଛନ୍ତି। ଆଉ କେତେଗୁଡ଼ିଏ ପାଠୁଆ ପଣ୍ଡିତ ଏବଂ ବ୍ୟକ୍ତିବାଦୀ ଝୁଙ୍କସମ୍ପନ୍ନ ସ୍ୱାର୍ଥପର ଲୋକ ତିଆରି ହୋଇଛନ୍ତି। ଏହା ମୋତେ ଅଦ୍‌ଭୁତ ଭାବେ ଭାବନାଗ୍ରସ୍ତ କରିଛି ଯେ କମ୍ୟୁନିଷ୍ଟ ପାର୍ଟି ଗଠନ କରିବା ପାଇଁ କେତେ ପୁଅ ଝିଅ ଘରଦ୍ୱାର ସର୍ବସ୍ୱ ତ୍ୟାଗ କରି, ବାପା-ମା'ଙ୍କୁ କନ୍ଦେଇ ଜୀବନ ଦେଇ ସମସ୍ତ କାର୍ଯ୍ୟ କରିବା ପାଇଁ ପାର୍ଟି ଗଢିବାକୁ ଚେଷ୍ଟା କଲେ। ଅଥଚ ଆମେ ଦେଖିବାକୁ ପାଇଲୁ, ପରବର୍ତ୍ତୀ ସମୟରେ ସେହି ଲୋକମାନେ ହିଁ ଚରମ ସୁବିଧାବାଦୀ ହୋଇଗଲେ, ଯେଉଁମାନଙ୍କ ଜୀବନରେ କୌଣସି ନୀତି ନାହିଁ, ଶିଷ୍ଟାଚାର ନାହିଁ, ସୌଜନ୍ୟତା ନାହିଁ, କୌଣସି ନିର୍ଦ୍ଧାରିତ ନୀତି ନାହିଁ। ଏଗୁଡ଼ିକ ଆମକୁ ଖୁବ୍ ଚିନ୍ତିତ କରିଛି ଏବଂ ଗୋଟିଏ ବିଷୟ ଆରମ୍ଭରୁ ହିଁ ଆମକୁ ଧକ୍କା ଦେଇଛି, ଯଦି ପ୍ରକୃତରେ ହିଁ ଏକ ବଡ଼ ଆଦର୍ଶ ଗ୍ରହଣ କରାଯାଏ, ତା'ର delivery ର vehicle କଣ ହେବ। ଯଦି ପ୍ରକୃତରେ ହିଁ ଏକ ଆଦର୍ଶ ମହତ ହୁଏ କିନ୍ତୁ ତା'ର ବାହନ ଯଦି ସଠିକ୍ ନହୁଏ, ତାହାକୁ concrete situationରେ translate (ନିର୍ଦ୍ଦିଷ୍ଟ ପରିସ୍ଥିତିରେ ରୂପାନ୍ତରିତ) କରିବା, ବାସ୍ତବ ରୂପ ଦେବା ଏବଂ କାର୍ଯ୍ୟକାରୀ କରିବା ପାଇଁ ସଠିକ୍ ଉପଯୁକ୍ତ ଚରିତ୍ରସମ୍ପନ୍ନ ଲୋକ ତିଆରି ନହୁଅନ୍ତି; ସେହି ବିପ୍ଳବର ଉପଯୋଗୀ ଚରିତ୍ର, ଚରିତ୍ର ଓ ସଂକଳ୍ପବଦ୍ଧତା ଦିଗରୁ ଏବଂ ଦୃଷ୍ଟିଭଙ୍ଗୀ

ଓ ତତ୍ତ୍ୱଗତ ଧାରଣା ଦିଗରୁ ଯଦି ସେହିଭଳି ବ୍ୟକ୍ତିମାନେ ଗଢି ନଉଠନ୍ତି, ସମସ୍ତ କର୍ମୀ ନହେଲ ମଧ୍ୟ ଅନ୍ତତଃ ନେତୃତ୍ୱକାରୀ କର୍ମୀମାନେ, ନେତୃତ୍ୱ ମଧ୍ୟରେ ସମସ୍ତ ନେତା ନ ହୁଅନ୍ତୁ, ଅନ୍ତତଃ ସର୍ବନିମ୍ନ ମେଜରିଟି ଯଦି ସେହି ଧରଣର ଚରିତ୍ରର ଆଧାର, କମ୍ୟୁନିଷ୍ଟ ଚରିତ୍ରର ଆଧାର ଉପରେ ଗଢି ନଉଠନ୍ତି ଏବଂ ଜୀବନରେ ମାର୍କ୍ସବାଦ-ଲେନିନ୍‌ବାଦକୁ ସଂଗ୍ରାମର ମଧ୍ୟଦେଇ ପ୍ରୟୋଗ କରି କମ୍ୟୁନିଷ୍ଟ ଚରିତ୍ର ଅର୍ଜନ ନକରନ୍ତି, ତା'ହେଲେ ଏହା ବ୍ୟର୍ଥ ହେବାକୁ ବାଧ୍ୟ। କାରଣ, ପରିଶେଷରେ ଏହି ଚରିତ୍ର ଗଢି ତୋଳି ନପାରିଲେ, ବିପ୍ଳବର ଉପଯୋଗୀ କରି ଚରିତ୍ର ଗଢି ତୋଳି ନପାରିଲେ, ଯେଉଁ ମହତ ଆଦର୍ଶକୁ ଯୁକ୍ତି ଦେଇ ଗ୍ରହଣ କରିଥିଲି, ତା' ରକ୍ତ-ମାଂସ ଓ ରସଶିକ୍ତ ହୋଇ ଭିତରକୁ ପ୍ରବେଶ କରେନା। ତା' କେବଳ କହିବା ପାଇଁ ଉପରେ ଉପରେ ରହିଯାଏ। ମହାନ୍ ବିପ୍ଳବୀ ଆଦର୍ଶର ପ୍ରାଣସତ୍ତା ବା ମର୍ମବସ୍ତୁକୁ ଏହା ଧ୍ୱଂସ କରି ଦିଏ। ଏହି କଥାଟି ଆମକୁ ଖୁବ୍ ଭାବନାଗ୍ରସ୍ତ କରିଥିଲା।

ତେଣୁ ଆମେ ଏହି ଅଭିଜ୍ଞତାଗୁଡ଼ିକରୁ ବୁଝିଥିଲୁ, ଏକ ବଡ଼ ବିପ୍ଳବୀ ଦଳ ଗଢ଼ିବା ପାଇଁ କେବଳମାତ୍ର ଏକ ଆଦର୍ଶ, ରାସ୍ତା, ରାଜନୈତିକ ବିଶ୍ଳେଷଣ ସଠିକ୍ ହେଲେ ମଧ୍ୟ ଚଳିବ ନାହିଁ। ସେହି ରାସ୍ତାରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଏକ ସର୍ବାତ୍ମକ ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ, ନୈତିକ, ମୂଲ୍ୟବୋଧ ଆଦି ସମସ୍ତ ଦିଗରୁ ମୁଭମେଣ୍ଟ ଆରମ୍ଭ କରିବା ଦରକାର। ଜୀବନର ସର୍ବଦିଗ ବ୍ୟାପ୍ତ କରି ଏକ ସମାଜତାନ୍ତ୍ରିକ ଆନ୍ଦୋଳନ ଆରମ୍ଭ କରିବା ଦରକାର। କେବଳ ରାଜନୈତିକ ବିଶ୍ଳେଷଣ କ୍ଷେତ୍ରରେ ବକ୍ତବ୍ୟ ଶ୍ରେଣୀ ଦୃଷ୍ଟିଭଙ୍ଗୀ ଅନୁଯାୟୀ ହେବ, ଆଉ ଶିକ୍ଷା ସମ୍ବନ୍ଧରେ ମତ ପୋଷଣ କରିବା ବେଳେ ଶ୍ରେଣୀ ଦୃଷ୍ଟିଭଙ୍ଗୀ ରହିବ ନାହିଁ ବା ଭଲ ପାଇବା ସମ୍ପର୍କରେ କୌଣସି ଶ୍ରେଣୀ ଦୃଷ୍ଟିଭଙ୍ଗୀ ରହିବ ନାହିଁ, ପାରିବାରିକ ସମ୍ପର୍କ, ସ୍ନେହ, ମମତା, ଭଲପାଇବା ଓ ଯୌନତାକୁ କେନ୍ଦ୍ରକରି ଯେତେବେଳେ କୌଣସି ସମସ୍ୟା ଜୀବନରେ ଆସିବ, ସେତେବେଳେ ଶ୍ରେଣୀ ଦୃଷ୍ଟିଭଙ୍ଗୀ ଅନୁଯାୟୀ ସେଗୁଡ଼ିକୁ ବିଚାର କରିବୁ ନାହିଁ, ନିଜ ମଧ୍ୟରେ ସମ୍ମୁଖୀନ ହେଉଥିବା ପାରସ୍ପରିକ ସମ୍ପର୍କ, ବନ୍ଧୁତ୍ୱ, ଇମୋସନାଲ୍ ଫ୍ୟାକ୍ଟରଗୁଡ଼ିକୁ ବିଚାର କଲାବେଳେ ମୋ ମଧ୍ୟରେ ଶ୍ରେଣୀ ଦୃଷ୍ଟିଭଙ୍ଗୀ କାମ କରିବ ନାହିଁ, ତା'ହେଲେ ଆଉ ଯା ହେଉ, ବିପ୍ଳବୀ ଦଳ ଗଢି ଉଠିବ ନାହିଁ। ଏସମସ୍ତ କିଛି ତ ଶ୍ରେଣୀ ସଂଗ୍ରାମର ପ୍ରଭାବ। ଅର୍ଥାତ୍ ଶ୍ରେଣୀ ଭାବନା ଧାରଣା ଓ ଶ୍ରେଣୀ ସମ୍ପର୍କ ଦ୍ୱାରା ଯେ ଏଗୁଡ଼ିକ ପ୍ରଭାବିତ, ଏ କ୍ଷେତ୍ରରେ କଣ ତା' କାମ କରେ ନାହିଁ ? ଏହିଭଳି ଯଦି ହୁଏ, ମାର୍କ୍ସବାଦ କେବଳ ବକ୍ତୃତା ଦେବା ପାଇଁ, ଆନ୍ଦୋଳନ କରିବା ପାଇଁ ଓ ଲୋକଙ୍କୁ ମତାଇବା ପାଇଁ,ଆଉ ସାଂସ୍କୃତିକ କ୍ଷେତ୍ରରେ ମୁଁ ରବୀନ୍ଦ୍ରନାଥ, ଗେଟେ, ବର୍ଣ୍ଣାଡ୍ ଶଙ୍କର ଅନୁଗାମୀ ହୋଇ ପାରେ- ତା'ହେଲେ ସେମାନଙ୍କ ଦ୍ୱାରା

ବିପ୍ଳବ ହେବ ନାହିଁ। ବିପ୍ଳବୀ ଆନ୍ଦୋଳନ ମଝି ରାସ୍ତାରେ ତାସ ଘର ଭଳି ଧସି ପଡିବ। ମୁଁ ବୁଝିଛି, ଲେନିନ୍ ସ୍ପଷ୍ଟ ଭାଷାରେ ନକହିଲେ ମଧ୍ୟ, ବିପ୍ଳବୀ ତତ୍ତ୍ୱର ଅର୍ଥ କେବେ ବି ରାଜନୈତିକ ଅର୍ଥନୈତିକ ତତ୍ତ୍ୱ ଏବଂ ବିପ୍ଳବର ସ୍ତର ନିର୍ଣ୍ଣୟ କରିବାକୁ ବୁଝାଇ ନାହାନ୍ତି। ଫଳରେ ଜୀବନର ସର୍ବଦିଗ ବ୍ୟାପ୍ତ କରି ସମାଜତାନ୍ତ୍ରିକ ଆନ୍ଦୋଳନ ପରିଚାଳନା କରିବାକୁ ହେବ। ଆମେ ସେଥିପାଇଁ ନୀତି, ନୈତିକତା ଓ ଚରିତ୍ର ଗଠନ ଉପରେ ଏତେ ଗୁରୁତ୍ୱ ଦେଇଛୁ।

## ବିରୁଦ୍ଧ ପରିବେଶ ମଧ୍ୟରେ ଦଳର ଶକ୍ତି କେଉଁଠି ନିହିତ ତା'ବୁଝିବାକ ହେବ

ଏଠାରେ କମ୍ରେଡ୍‌ମାନଙ୍କର ଆଉ ଗୋଟିଏ ବିଷୟ ବୁଝିବା ଦରକାର। ଏହି ବିରୁଦ୍ଧ ପରିବେଶ ମଧ୍ୟରେ ନିଜର ଶକ୍ତି କେଉଁଠି ନିହିତ, ଏହା ଭଲଭାବେ ବୁଝି ନପାରିବା ମଧ୍ୟ ଏକ ଅପରାଧ ଓ ଅନ୍ୟାୟ। ଆପଣମାନଙ୍କର ଗୋଟିଏ ବିଷୟ ନିଶ୍ଚିତ ବୁଝିବା ପ୍ରୟୋଜନ। ନିଜକୁ ଯେମିତ ଓଭରଏସ୍ଟିମେଟ୍ କରିବେ ନାହିଁ, ସେମିତି ଅଣ୍ଡରଏସ୍ଟିମେଟ୍ ମଧ୍ୟ କରିବେ ନାହିଁ। ନିଜର ଶକ୍ତିକୁ ଅଯଥା ବଢ଼େଇ ଚଢ଼େଇ ଦେଖାଇବା ଯେମିତି ଭ୍ରାନ୍ତ ଓ ଅନ୍ୟାୟ, ପୁଣି ସମ୍ପୂର୍ଣ୍ଣ ତୁଚ୍ଛ କରି ଦର୍ଶାଇବା ମଧ୍ୟ ଠିକ୍ ନୁହେଁ। ତା'ଫଳରେ କାମ କିଛି ମାତ୍ରାରେ ନଷ୍ଟ ହୁଏ, ବିପଥଗାମୀ ହୁଏ। ତେଣୁ ଆମର ଶକ୍ତି କେଉଁଠି ତା' ଭଲଭାବେ ବୁଝିବା ଦରକାର। ଆମେ ଯେତେବେଳେ ଦଳ ଗଠନ କଲୁ, ସେତେବେଳେ ଆମେ ସବୁ କିଏ ? ଆମର ସେତେବେଳେ କିଛି ହିଁ ନଥିଲା। ଆମର ନାଁକରା କୌଣସି ନେତା ନଥିଲେ, ଟଙ୍କା ପଇସା ନଥିଲା, ଆମେ ହିଁ ଏକମାତ୍ର ପାର୍ଟି ଯାହାର social backing ବା social highup source (ସାମାଜିକ ପୃଷ୍ଠପୋଷକତା) କିଛି ହିଁ ନଥିଲା। ସେତେବେଳେ ଜଣେ ପଇସାବାଲା ଲୋକ ବା ଏହି ଧରଣର କୌଣସି ଦରଦୀ ଶୁଭାକାଂକ୍ଷୀ ସୃଷ୍ଟି ହୋଇ ନଥିଲେ। ପାଞ୍ଚ ଦଶ ଜଣ ଲୋକ ଯେଉଁମାନେ କି ପାର୍ଟିକୁ ମୋଟା ଅଙ୍କର ଟଙ୍କା ଦେଇ ପାରିବେ, ସେହିଭଳି କାହାରିକୁ ଆମେ ସେତେବେଳେ ପାଇନୁ। ଅତ୍ୟନ୍ତ ସାଧାରଣ ମଣିଷ ଏବଂ ସାଧାରଣ ମଧ୍ୟବିତ୍ତ ଘରର ସନ୍ତାନ ଆଉ ଚାଷୀ ମୂଲିଆ ଘରର ପୁଅ ବା ସେମାନଙ୍କ ମଧ୍ୟରେ କେହି ଗୋଟିଏ ଚାକିରୀ କରି ମୋଟାମୋଟି ଜୀବନଯାପନ କରନ୍ତି-ଏହା ଥିଲା ସେତେବେଳେ ଆମ ପାର୍ଟି କର୍ମୀମାନଙ୍କର, ଏପରିକି ସମର୍ଥକମାନଙ୍କର କାଟାଗୋରି। ଏହାକୁ ନେଇ ଆମ ପାର୍ଟିର କାର୍ଯ୍ୟକ୍ରମ ଆରମ୍ଭ। ସେତେବେଳେ ଆମ୍ଭମାନଙ୍କର ଅବସ୍ଥା ହେଉଛି ଦିନେ ଖାଇଲେ ଦୁଇ ଦିନ ଉପାସ। ଫଳରେ ସୂଚନା ପର୍ବରୁ ହିଁ ଆମର କର୍ମୀମାନେ-ଏପରିକି ଏମ୍.ଏ, ବି.ଏ ପାଶ କରିଥିବା ହାତଗଣତି କେତେକ ଶିକ୍ଷାର୍ଥୀ, ଶିକ୍ଷକ, ପ୍ରଫେସର-ଯେଉଁମାନେ

ସେତେବେଳେ ପାର୍ଟିର ଆଦର୍ଶ ପ୍ରତି ଆକୃଷ୍ଟ ହୋଇ ଆସିଥିଲେ, ଏଭଳି ସବୁ କର୍ମୀମାନେ ରକ୍ତକୁ ପାଣି କରି ଦିନ ତମାମ ରାସ୍ତାରେ ବୁଲି ବୁଲି ଲୋକଙ୍କ ପାଖରୁ ଯେଉଁ ବକ୍ସ କଲେକ୍‌ସନ୍ କରୁଥିଲେ, ସେଥିରେ ଆମକୁ ଖର୍ଚ୍ଚ ଚଳାବାକୁ ହୋଇଛି। ସମସ୍ତ ରାଜନୈତିକ ଦଳ ଆମକୁ କୋଣଠେସା କରିବାକୁ ଚାହିଁଛନ୍ତି। ଥଟ୍ଟା ପରିହାସ କରି କହୁଥିଲେ, ଅସରପା ବି ଗୋଟିଏ ଚଢେଇ ଆଉ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ବି ଗୋଟିଏ ପାର୍ଟି। ସୁତରାଂ, ଆମ୍ଭମାନଙ୍କ ସହିତ ପୁଣି କଥାବାର୍ତ୍ତା କରିବାର ବା କଣ ଅଛି ? ସେମାନେ ଯୁକ୍ତ ଫ୍ରଣ୍ଟ ରେ ମଧ୍ୟ ଆମକୁ ରଖିବାକୁ ଚାହିଁ ନାହାନ୍ତି। ଆଜି ଯଦି ଦଳ ମଧ୍ୟରେ କିଛି ନେତା ସୃଷ୍ଟି ହୋଇଥାନ୍ତି, ଯଦି ନାଁ କିଛି ହୋଇଥାଏ, କିଛି ଇଜ୍ଜତ ମିଳିଥାଏ, ତେବେ ତା' ବୁର୍ଜୁଆ ପ୍ରେସ୍ ତିଆରି କରି ଦେଇ ନାହିଁ। ବିନ୍ଦୁ ବିନ୍ଦୁ ରକ୍ତ ଝରାଇ ସଂଗଠିତ ହୋଇଥିବା ଜନସାଧାରଣଙ୍କ ଆନ୍ଦୋଳନ, କର୍ମୀମାନଙ୍କର ଅକ୍ଳାନ୍ତ ପରିଶ୍ରମ, ଦେଶରେ କିଛି ଭାବଗତ ଆନ୍ଦୋଳନ ଏବଂ ସଂଗ୍ରାମର ଅବଦାନ ଜରିଆରେ ତା' ସୃଷ୍ଟି ହୋଇଛି। ବୁର୍ଜୁଆମାନେ ଏହା କରି ଦେଇ ନାହାନ୍ତି, ପ୍ରେସ୍ ତା'କରି ଦେଇ ନାହିଁ। କୌଣସି ପ୍ଲାଟ୍‌ଫର୍ମ କେହି ଦେଇ ନାହାନ୍ତି। ଯେମିତି ଅନ୍ୟସବୁ ଛୋଟ ପାର୍ଟିଗୁଡ଼ିକ, ସି.ପି.ଆଇ, ନଚେତ୍ ସି.ପି.ଆଇ(ଏମ୍)ର ଗୋଡାଣିଆ ସାଜି ନଚେତ୍ ସେମାନଙ୍କର ତୋଷାମଦ କରି ଏହି ପ୍ଲାଟ୍‌ଫର୍ମ, ସେହି ପ୍ଲାଟ୍‌ଫର୍ମରୁ ନେତା ହୋଇଛନ୍ତି-ଏ ଦଳର କୌଣସି ନେତା ସେହିଭଳିଭାବେ ସୃଷ୍ଟି ହୋଇନାହାନ୍ତି। ସେମାନଙ୍କର ଦାନ-ଦକ୍ଷିଣାରେ ଏହି ଦଳରେ କେହି ନେତା ହୋଇ ନାହାନ୍ତି। ଏହି ଦଳର କର୍ମୀମାନେ ଏକତ୍ର ଲଢେଇ କରିଛନ୍ତି, କିନ୍ତୁ ତୋଷାମଦ କରି ନାହାନ୍ତି ବା ସେମାନଙ୍କର ଦାସତ୍ୱ ସ୍ୱୀକାର କରି ନାହାନ୍ତି ବୋଲି ହିଁ ସମସ୍ତ ଦଳର କ୍ଷୋଭ। ସେମାନଙ୍କର ଚିନ୍ତାଧାରା ଥିଲା, ଛୋଟ ଏକ ପାର୍ଟି, ତା'ର ଏତେ ତେଜ ! ତା' ସତ୍ତ୍ୱେ ମଧ୍ୟ ଯଦି କିଛି ନେତା ଏହି ଦଳରେ ସୃଷ୍ଟି ହୋଇଥାନ୍ତି, ତେବେ ସେମାନେ ନିଜର କର୍ମପ୍ରଚେଷ୍ଟା ଓ ରକ୍ତ ଝରାଇ ସୃଷ୍ଟି ହୋଇଛନ୍ତି।

International backing (ଆନ୍ତର୍ଜାତିକ ପୃଷ୍ଠପୋଷକତା) ଯେଉଁ ଦଳର ନାହିଁ, ଆନ୍ତର୍ଜାତିକ କମ୍ୟୁନିଷ୍ଟ ଆନ୍ଦୋଳନର କୃତିତ୍ୱ ଯେଉଁ ଦଳ usurp (ଆତ୍ମସାତ୍) କରିପାରି ନାହିଁ, ସେହି ଦଳ କାହା ଭିତ୍ତିରେ ଏତେ ଶକ୍ତି ଅର୍ଜନ କରିଛି। କମ୍ୟୁନିଷ୍ଟ ଆନ୍ଦୋଳନର କୃତିତ୍ୱ ଭାରତର କମ୍ୟୁନିଷ୍ଟ ପାର୍ଟି କାମରେ ଲଗାଇଛି। ଆନ୍ତର୍ଜାତିକ କମ୍ୟୁନିଷ୍ଟ ଆନ୍ଦୋଳନର ଯେତେ କୃତିତ୍ୱ, ତାର ଯେତେ ଢେଉ ଏ ଦେଶରେ ପହଞ୍ଚିଛି, ତା'ର ସମସ୍ତ କୃତିତ୍ୱ, ଫଳ ସି.ପି.ଆଇ ଭୋଗ କରିଛି। ଆମ ପକ୍ଷରେ ଏହା ଆଉ ଏକ additional difficulty (ଅତିରିକ୍ତ କଷ୍ଟ) ଥିଲା। ଆମକୁ ପ୍ରଥମେ ଲୋକମାନଙ୍କୁ

ବୁଝାଇବାକୁ ହେଉଥିଲା ଯେ, କମ୍ୟୁନିଜିମ୍ ହିଁ ସଠିକ୍, ମାର୍କ୍ସବାଦ-ଲେନିନ୍‌ବାଦ ହିଁ ସଠିକ୍ ଏବଂ ଏହା ହିଁ ବିପ୍ଳବର ସଠିକ୍ ରାସ୍ତା । ବୁଝାଇବାକୁ ହେଉଥିଲା, ଆନ୍ତର୍ଜାତିକ କମ୍ୟୁନିଷ୍ଟ ଆନ୍ଦୋଳନର ଏକ ଅଙ୍ଗ ହେବ ଭାରତବର୍ଷର ମୁକ୍ତି ଆନ୍ଦୋଳନ, ଭାରତବର୍ଷର ଶ୍ରମିକଶ୍ରେଣୀର ଆନ୍ଦୋଳନ । ସଙ୍ଗେ ସଙ୍ଗେ ସେମାନେ ପ୍ରଶ୍ନ କରୁଥିଲେ, ତା'ହେଲେ ଆପଣମାନଙ୍କୁ ସୋଭିଏତ୍ ପାର୍ଟି କାହିଁକି ସ୍ୱୀକୃତି ଦିଏନା ? ଚୀନର ପାର୍ଟି କାହିଁକି ସ୍ୱୀକୃତି ଦିଏନା ? ଆପଣମାନେ ହିଁ ଯଦି ସଠିକ୍ ତେବେ ଚୀନ ପାର୍ଟି ଆପଣମାନଙ୍କୁ କମ୍ୟୁନିଷ୍ଟ ପାର୍ଟି ବୋଲି ମନେକରେ ନା କାହିଁକି ? ସି.ପି.ଆଇକୁ ସୋଭିଏତ୍ ଋଷର ପାର୍ଟି ମାନ୍ୟତା ଦିଏ କାହିଁକି ? ଦିଅ, ତାହାର ଉତ୍ତର ଦିଅ । ଏଗୁଡ଼ିକୁ ବୁଝାଇ ସାରିବା ପରେ ଆଉ ଏକ ପ୍ରଶ୍ନ ଆସିଗଲା- କମ୍ୟୁନିଜିମ୍ ହିଁ ଯଦି ସଠିକ୍ ପଥ, ତେବେ ଭୁଲ କରୁ ବା ଠିକ୍ କରୁ ଏହା ହିଁ ତ କମ୍ୟୁନିଷ୍ଟ ପାର୍ଟି, ଏହାକୁ ସୁଧାରି ନେଇ କାମ କରିବା ତ ଭଲ । ତା'ପରେ ପୁଣି ବୁଝାଅ, ଏହା କାହିଁକି କମ୍ୟୁନିଷ୍ଟ ପାର୍ଟି ନୁହେଁ, ନାମ କମ୍ୟୁନିଷ୍ଟ ହେଲେ ମଧ୍ୟ କାହିଁକି କମ୍ୟୁନିଷ୍ଟ ପାର୍ଟି ନୁହେଁ, ଆନ୍ତର୍ଜାତିକ କମ୍ୟୁନିଷ୍ଟ ଶିବିର ସ୍ୱୀକାର କଲେ ମଧ୍ୟ କାହିଁକି କମ୍ୟୁନିଷ୍ଟ ପାର୍ଟି ନୁହେଁ, କେଉଁ ଅର୍ଥରେ କମ୍ୟୁନିଷ୍ଟ ପାର୍ଟି ନୁହେଁ । ତାପରେ ଆଲୋଚନା କରି ଦର୍ଶାଗଲା, ଏହା ପେଟିବୁର୍ଜୁଆ ପାର୍ଟି ଏବଂ କେଉଁ ଅର୍ଥରେ ଏବଂ କାହିଁକି, ତା' ପୁଙ୍ଖାନୁପୁଙ୍ଖଭାବେ ବିଶ୍ଳେଷଣ କରି ଦେଖାଗଲା, ତାପରେ ପୁଣି ବୁଝାଇବାକୁ ପଡୁଥିଲା, ପେଟିବୁର୍ଜୁଆ ପାର୍ଟିର ଭୁଲ ସୁଧରାଯାଇ କୌଣସି ଦିନ ହିଁ ଏହାକୁ ଏକ ଶ୍ରମିକ ଶ୍ରେଣୀ ଦଳରେ ପର୍ଯ୍ୟବସିତ କରାଯାଏନା । ଏତେ କଥା ବୁଝାଇଲା ପରେ ଯାଇ ଜଣ ଜଣ କରି କ୍ୟାଡର ଆମକୁ ରିକ୍ରୁଟ୍ କରିବାକୁ ହୋଇଛି । ଆମ ଦଳରେ ସି.ପି.ଆଇ, ସି.ପି.ଆଇ(ଏମ୍) ଭଳି କର୍ମୀ ରିକ୍ରୁଟ କରାଯାଇ ନାହିଁ । କମ୍ୟୁନିଜମ୍ ପ୍ରତି ଆକୃଷ୍ଟ ହୋଇ, ଭିଏତ୍‌ନାମ୍ ଲଢ଼େଇ ଦ୍ୱାରା ଉତ୍ସାହିତ ହୋଇ ଏମାନେ ଏହି ପାର୍ଟିକୁ କମ୍ୟୁନିଷ୍ଟ ପାର୍ଟି ଭାବି ସଙ୍ଗେ ସଙ୍ଗେ ଏଥିରେ ଯୁକ୍ତ ହୋଇଗଲେ । ମାତ୍ର ଆମ ପାର୍ଟି ଏହିଭଳିଭାବେ ଗଢ଼ି ଉଠିନାହିଁ । କେତେ ପ୍ରତିକୂଳ ପରିସ୍ଥିତି, ବିରୁଦ୍ଧ ପରିବେଶରେ ଫାଇଟ୍ କରି ଆମକୁ ଆଗେଇବାକୁ ହୋଇଛି । ଅନେକ କର୍ମୀ ଯେତେବେଳେ ଏହି ପ୍ରଶ୍ନର ସମ୍ମୁଖୀନ ହୁଅନ୍ତି ଯେ-ଆପଣମାନଙ୍କ ପାର୍ଟିକୁ ୨୦ ବର୍ଷ ହୋଇଗଲା, ତେବେ ଟିକିଏ ବି ଅଗ୍ରଗତି ହେଉ ନାହିଁ କାହିଁକି ? ସେତେବେଳେ ସେମାନେ ଆଉ ଉତ୍ତର ଖୋଜି ପା'ନ୍ତି ନାହିଁ । ମୋତେ ପ୍ରଶ୍ନ କଲେ ମୁଁ ସେମାନଙ୍କୁ ଥଟ୍ଟା କରି ଜବାବ ଦେଇଛି ଯେ, ତୁମେ ତ ସବୁ ମାର୍କ୍ସବାଦୀ-ଲେନିନ୍‌ବାଦୀ, କିନ୍ତୁ ମହାଭାରତର କାହାଣୀରେ ଶ୍ରୀକୃଷ୍ଣ ଯାହା ବିଚାର କରି କହିପାରିଥିଲେ, ଦେଖୁଛି, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଜ୍ଞାନ ଅର୍ଜନ କରିବା ପରେ ମଧ୍ୟ ସେହି ବିଚାର କରିବାର

କ୍ଷମତା ଟିକକ ମଧ୍ୟ ତୁମର ନାହିଁ। ତୁମେ କଣ କୁରୁକ୍ଷେତ୍ର ଯୁଦ୍ଧରେ ଭୀଷ୍ମ ଏବଂ ଅର୍ଜୁନର ଯୁଦ୍ଧ କାହାଣୀ ପଢିଛ ? ଯଦି ପଢି ନଥାଅ, ତାହେଲେ ତୁମକୁ ଗୋଟିଏ କାହାଣୀ ଶୁଣାଉଛି। କୁରୁକ୍ଷେତ୍ର ଯୁଦ୍ଧରେ ଭୀଷ୍ମ ଯେଉଁ ଦିନ ଦୁର୍ଯ୍ୟୋଧନ ନିକଟରୁ ତିରସ୍କୃତ ହୋଇ ପ୍ରକୃତରେ ହିଁ ବୀର ବିକ୍ରମରେ ପାଣ୍ଡବମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଛନ୍ତି, ଅର୍ଜୁନ ବିରୁଦ୍ଧରେ ଯୁଦ୍ଧ କରିଛନ୍ତି, ସେଦିନ ସେହି ବାଣରେ ଅର୍ଜୁନ ଏକେବାରେ ଜର୍ଜରିତ ହୋଇ ଠିଆ ହୋଇ ପାରୁ ନାହିଁ। ଅର୍ଜୁନ ସେତେବେଳେ ମହାକ୍ଷିପ୍ତ ହୋଇ ପ୍ରବଳବେଗରେ ଭୀଷ୍ମଙ୍କ ରଥ ଦିଗରେ ଏକ ବାଣ ନିକ୍ଷେପ କଲା। ତା'ଦ୍ୱାରା ଭୀଷ୍ମଙ୍କ ରଥଟା ଧରନ୍ତୁ ପାଞ୍ଚ-ଦଶ ହାତ ପଛେଇ ଯାଇଛି।ଏହା ଭୀଷ୍ମଙ୍କ ନିକଟରେ ଏକ ଅପମାନ। ଭୀଷ୍ମ ସଙ୍ଗେ ସଙ୍ଗେ ରଥଟାକୁ ଠିକ୍ ଜାଗାରେ ନେଇ ଆସି ପ୍ରତ୍ୟୁତ୍ତରରେ ପ୍ରବଳ ବେଗରେ ଅର୍ଜୁନର ରଥକୁ ପାଲ୍ଟା ଏକ ବାଣ ନିକ୍ଷେପ କରିଛନ୍ତି। ଧରନ୍ତୁ, ସେହି ବାଣରେ ଅର୍ଜୁନର ରଥଟା ଅଧା କିମ୍ବା ଗୋଟିଏ ହାତ ପଛକୁ ଯାଇଛି। ରଥ ଦୁଇଟା ଦେଖିବାକୁ ଏକାଭଳି ଏବଂ ବାହାରୁ ଦେଖିଲେ ଦୁଇଟାର ଓଜନ ସମାନ। ସଙ୍ଗେସଙ୍ଗେ କୃଷ୍ଣ ସମସ୍ତ ଦୁଃଖ ବେଦନା ଭୁଲି ଯାଇ ହାତ ତାଳି ଦେଇ କହିଲେ, ବାଃ ବାଃ ଭୀଷ୍ମ, ତୁମ ଭଳି ବୀର, ତୁମ ଭଳି ଶକ୍ତିମାନ ଭୂଭାରତରେ କେବେ ବି ଆସି ନାହାନ୍ତି, ଆଉ କେବେ ବି ଆସିବେ ନାହିଁ। ଅର୍ଜୁନ ସେତେବେଳେ କହିଲେ, 'ମୁଁ ଜେଜେବାପା ଭୀଷ୍ମଙ୍କ ରଥକୁ ପାଞ୍ଚ ହାତ ହଟାଇ ଦେଲି, ତୁମେ ମୋର ସଖା, ମୋର ବନ୍ଧୁ, ପାଣ୍ଡବମାନଙ୍କର ବନ୍ଧୁ, ଆମ ରଥର ସାରଥୀ ହୋଇ ମଧ୍ୟ ମୋତେ ତାରିଫ୍ କଲ ନାହିଁ, ମୁଁ ବୀର ବୋଲି ମୋର ଶକ୍ତିକୁ ତାରିଫ୍ କଲ ନାହିଁ। ଜେଜେବାପା ଭୀଷ୍ମ ମୋ ରଥକୁ ମାତ୍ର ଅଧା ହାତ ହଟେଇ ଦେଇଛନ୍ତି, ଆଉ ତୁମେ କହୁଛ ଏତେବଡ଼ ବୀର, ଏତେ ବଡ଼ ଶକ୍ତିମାନ ଭୂଭାରତରେ କେହି ନାହିଁ। ଏହା ତୁମର କି ବିଚାର ? ତୁମେ ଧାର୍ମିକ, ତୁମେ ନ୍ୟାୟବାନ, ତୁମର ଏ କି ବିଚାର ? କୃଷ୍ଣ କହିଲେ, ବୁଝି ପାରିଲ ନାହିଁ। ଅର୍ଜୁନ କହିଲା, ନା, ବୁଝିପାରିଲି ନାହିଁ। କୌଣସି ଘଟଣାକୁ କିଭଳି ବିଚାର କରିବାକୁ ହୁଏ, ତାହା ହିଁ ବୁଝିବାର ବିଷୟ। ପ୍ରକୃତରେ ପବନପୁତ୍ର ହନୁମାନ ବାୟୁର ସମସ୍ତ ଚାପ ନେଇ ଅର୍ଜୁନ ରଥ ଉପରେ ବସି ରହିଛନ୍ତି। ତା' ଅର୍ଥ ଅର୍ଜୁନର ରଥଟି ଯାହା ଦେଖିବାକୁ ଗୋଟିଏ ପ୍ରକାର ହେଲେ ବି, ପ୍ରକୃତରେ ତା' ଉପରେ ବାୟୁର ପ୍ରବଳ ଚାପ ନେଇ ହନୁମାନ ବସି ରହିଛନ୍ତି। ଆଉ ନିଜେ ଶ୍ରୀକୃଷ୍ଣ ତାଙ୍କୁ ବାହାରୁ ଦେଖିଲେ ଗୋଟିଏ ପ୍ରକାର, କିନ୍ତୁ ମହାଭାରତର କୃଷ୍ଣ ହେଲେ ନାରାୟଣ, ବିଶ୍ୱମ୍ଭର ଅର୍ଥାତ୍ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡର ଶକ୍ତି ଏବଂ ଭାର ନିଜ ମଧ୍ୟରେ ନେଇ ବିଶ୍ୱମ୍ଭର ମୂର୍ତ୍ତି ଧାରଣ କରି ରଥ ଉପରେ ବସିଛନ୍ତି। ଫଳରେ ରଥଟି ଗୋଟିଏ ପ୍ରକାର ଦେଖିବାକୁ ହେଲେ କଣ ହେବ, ସେହି ରଥ ଉପରେ ବାୟୁର ଚାପ ଏବଂ ବିଶ୍ୱବ୍ରହ୍ମାଣ୍ଡର

ଭାର, ଦୁଇଟା ହିଁ କାର୍ଯ୍ୟ କରୁଛି; ସେହି ରଥକୁ ଭୀଷ୍ମ ବାଣମାରି ଅଧା ହାତ ପଛକୁ ଠେଲି ଦେଇଛନ୍ତି। ଅର୍ଜୁନକୁ ବୁଝାଇବା ପାଇଁ କୃଷ୍ଣ ହନୁମାନଙ୍କୁ କହିଲେ, ହନୁମାନ ତୁମେ ରଥରୁ ଓହ୍ଲାଇ ଆସ ଏବଂ ସେ ନିଜେ ମଧ୍ୟ ବିଶ୍ୱମ୍ଭର ମୂର୍ତ୍ତୀ ତ୍ୟାଗ କରି ସାଧାରଣ କୃଷ୍ଣ ହୋଇଗଲେ। ଏଥର ଭୀଷ୍ମ ଏକ ବାଣ ମାରିଛନ୍ତି। ଯେମିତି ସେ ବାଣଟି ମାରିଛନ୍ତି, ଅର୍ଜୁନର ରଥ ସେତେବେଳେ ସ୍ୱର୍ଗ ମର୍ତ୍ତ୍ୟ-ପାତାଳ ଘୁରି ବୁଲିବାକୁ ଆରମ୍ଭ କଲା। ଆଉ ଅର୍ଜୁନ ରଥର ବାହୁକୁ ଜାବୁଡ଼ି ଧରି ଚିତ୍କାର କରୁଛି ବଞ୍ଚାଅ, ବଞ୍ଚାଅ। କୃଷ୍ଣ କହିଲେ, ସଖା ବୁଝିପାରିଲ, କାହିଁକି ମୁଁ ତାରିଫ୍ କରୁଛି ? ମହାଭାରତର କୃଷ୍ଣ ଚରିତ୍ର ତ ମାର୍କ୍ସବାଦୀ, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ନୁହଁନ୍ତି, ଅଥଚ, କୃଷ୍ଣ ଯେଉଁ ବିଚାରଟି କରିଛନ୍ତି, ତୁମେ ଯେଉଁମାନେ ଏହି ଧରଣର ପ୍ରଶ୍ନ ଉଠାଉଛ, ୨୦ ବର୍ଷ ଧରି କାହିଁକି ଅଗ୍ରଗତି ହେଲା ନାହିଁ, ତୁମର ସେହି ବିଚାରଟି ମଧ୍ୟ ନାହିଁ।

ସ୍ୱାଧୀନତା ପରେ ଗୋଟିଏ ଦିଗରେ କଂଗ୍ରେସ, ଆଉ ଅନ୍ୟଦିଗରେ କମ୍ୟୁନିଷ୍ଟ ପାର୍ଟି। ତାଛଡା ସୋସାଲିଷ୍ଟ ପାର୍ଟି, ଆର୍.ଏସ୍.ପି, ଫରୱାର୍ଡ ବ୍ଲକ୍-ସେଗୁଡ଼ିକ ମଧ୍ୟ ସେତେବେଳେ ଅନେକ ବଡ଼ ପାର୍ଟି। ଏତେ ବଡ଼ ସୋସାଲିଷ୍ଟ ପାର୍ଟି ଭାଙ୍ଗିବାକୁ ଆରମ୍ଭ କଲା। କମ୍ୟୁନିଷ୍ଟ ପାର୍ଟି ଭାଙ୍ଗି ଭାଙ୍ଗି ଆଜି ତିନି ଟୁକୁରା। ଆହୁରି ବି ସେମାନେ ଟୁକୁରା ଟୁକୁରା ହେବାକୁ ଯାଉଛନ୍ତି। ସୋସାଲିଷ୍ଟ ପାର୍ଟି ବ୍ୟତୀତ ଆର୍.ଏସ୍.ପି, ଫରୱାର୍ଡ ବ୍ଲକ୍, ଏହିସବୁ ପାର୍ଟିଗୁଡ଼ିକ ଭାଙ୍ଗି ଭାଙ୍ଗି କ୍ଷୟ ହୋଇ ହୋଇ ବର୍ତ୍ତମାନ କେଉଁଠି ଆସି ପହଞ୍ଚିଛନ୍ତି। ଆଉ ସେହି ସମୟରେ ଆମେ କେତେ ଜଣ ହାତ ଗଣତି ଅନଭିଜ୍ଞ କର୍ମୀଙ୍କୁ ନେଇ ଏକ ପାର୍ଟି ଗଠନ କରିବା ପାଇଁ ଚେଷ୍ଟା ଚଳାଇଛୁ। ସେ ସମୟରେ ତ ଆମେ ଝଡ଼ରେ ଉଡ଼ିଯିବାର କଥା ଥିଲା। ଆମମାନଙ୍କର ଆନ୍ତର୍ଜାତିକ ପୃଷ୍ଠପୋଷକତା ନଥିଲା, ବରଂ ଯେଉଁମାନେ ଏ ଦେଶରେ ପ୍ରକୃତ କମ୍ୟୁନିଷ୍ଟ ପାର୍ଟି ନୁହଁନ୍ତି, ସେମାନେ ସେହି ପୃଷ୍ଠପୋଷକତା ପାଉଥିଲେ। ଅନ୍ୟଦିଗରେ ଅଭିଜ୍ଞ କର୍ମୀ ନାହାନ୍ତି, ନାଁ କରା ସର୍ବଭାରତୀୟ ନେତା ନାହାନ୍ତି, ପ୍ରେସ୍‌ର ପବ୍ଲିସିଟି ନାହିଁ, ସମସ୍ତ ଦଳର ସମ୍ମିଳିତ ଆକ୍ରୋଷ ଏବଂ ବିରୋଧିତା- ତା'ରି ମଧ୍ୟରେ କ୍ରମାଗତ ଶକ୍ତି ସଞ୍ଚୟ କରି ଆଜି ଏହି ଜାଗାରେ ଆସି ପାର୍ଟି ପହଞ୍ଚିଛି। ଏହା କଣ ସାମାନ୍ୟ ଶକ୍ତି ? ଏହି ଶକ୍ତି କାହାର ଶକ୍ତି ? ଏହା ଏହି କାରଣରୁ ଅର୍ଜିତ ହୋଇପାରିଛି ଯେ, ଏହାର ଆଦର୍ଶ ଏବଂ ରାସ୍ତା ସଠିକ୍ ଥିଲା। ଏହି ପାର୍ଟିର କଣ କୌଣସି ଭୁଲ ଭ୍ରାନ୍ତି ନାହିଁ। ଏହାର ସବୁ କିଛି କଣ ସଠିକ୍, ଏହାର ପ୍ରତିଟି ନେତା କଣ ସବୁ ସମୟରେ ସଠିକ୍ ଆଚରଣ କରନ୍ତି, ପ୍ରତିଟି କର୍ମୀ କଣ ସବୁ ସମୟରେ ସଠିକ୍ ଆଚରଣ କରନ୍ତି ? ନା, ଆମେ ଏହି ଦାବି କରିପାରୁ ନା। ଆମେ ଏହା ବିରୁଦ୍ଧରେ ସଜାଗ ଏବଂ ଏଗୁଡ଼ିକୁ ଦୂର କରିବା ପାଇଁ ଚେଷ୍ଟା ଚଳାଇଯାଉଛୁ। ତେବେ ଏହି କଥାଟି ଖିଆଲ ରଖିବେ, ଏ ସବୁ

କଥା ଦ୍ୱାରା ମୂଳ କଥାଟି ଯେମିତି ଆପଣମାନଙ୍କର ଗଣ୍ଡଗୋଳ ନହୁଏ। ମୂଳ କଥାଟି ହେଲା- ସମ୍ପୂର୍ଣ୍ଣ ବିରୁଦ୍ଧ ପରିବେଶରେ, ପ୍ରବଳ ପ୍ରତିକୂଳତା ବିରୁଦ୍ଧରେ କଣ ସେହି ପ୍ରବଳ ଶକ୍ତି ଯା ଉପରେ ଭିତ୍ତିକରି ପାର୍ଟି ଆଜି ଏହି ସ୍ଥାନରେ ପହଞ୍ଚିଛି। ସେହି ଶକ୍ତି ହେଲା, ଏହି ପାର୍ଟିର ମୂଳ ଆଧାର, ସଠିକ୍ ଆଦର୍ଶ ଆଉ କେତେ ଜଣ ଦୃଢଚେତା କର୍ମୀ, ଯେଉଁମାନଙ୍କର ବିପ୍ଳବୀ ଚରିତ୍ରର ଏକ ମାନ ଅଛି, ଯେକୌଣସି ଅବସ୍ଥାରେ ସେମାନେ ଫାଇଟ୍ କରନ୍ତି, ସେମାନେ ମୁଣ୍ଡ ତଳକୁ କରନ୍ତି ନାହିଁ, କୁସଂସ୍କାରମୁକ୍ତ, ଆଉ ଯେକୌଣସି ଅବସ୍ଥାର ମୁକାବିଲା କରିବା ନିମନ୍ତେ ସର୍ବଦା ପ୍ରସ୍ତୁତ। ଯେଉଁ ତ୍ରୁଟି, ବିଚ୍ୟୁତିଗୁଡ଼ିକ ବର୍ତ୍ତମାନ ଆମର କାମକୁ ଆଗକୁ ବଢାଇବାରେ ଅସୁବିଧା ସୃଷ୍ଟି କରୁଛି, ସେଗୁଡ଼ିକୁ ଯେତେ ଦ୍ରୁତ ସମ୍ଭବ ଦୂର କରା ହେଉଛି। ମାତ୍ର ଏହି ତ୍ରୁଟିଗୁଡ଼ିକ ହାଇଲାଇଟ୍ କରି ଏହାର ମୂଳ ଶକ୍ତି ପ୍ରତି ଲକ୍ଷ୍ୟ ନରଖିବା ବା ତାକୁ ହିଁ ଦୁର୍ବଳ କରିବା ପାଇଁ ଚେଷ୍ଟା କରିବା କିମ୍ବା ସେ ସମ୍ବନ୍ଧରେ ଜନଗଣଙ୍କୁ ସଠିକ୍ ଧାରଣା ନଦେଇ ବିଭ୍ରାନ୍ତ କରିବା ପାଇଁ ଚେଷ୍ଟା କରିବା ଏବଂ ପୁଣି ଏପରିଭାବେ ପ୍ରଶ୍ନ ଉଠାଇ ବା ଆଲୋଚନା କରି ବିକ୍ଷୋଭ ସୃଷ୍ଟି କରିବା- ଏହା ଅନ୍ୟାୟ, କାରଣ, ଏହା ଫଳରେ ମୁଁ ନିଜର କ୍ଷତି କରୁଛି, ଆନ୍ଦୋଳନର କ୍ଷତି କରୁଛି। ମୁଁ ତ୍ରୁଟି ଦୁର୍ବଳତାଗୁଡ଼ିକୁ ନଦେଖିବାକୁ କହୁ ନାହିଁ, ବରଂ କହୁଛି କେବଳ ଦେଖନା, ଏହା ବିରୁଦ୍ଧରେ ଫାଇଟ୍ କର। ମାତ୍ର ସଠିକ୍ ରାସ୍ତାରେ ଫାଇଟ୍ କର, ସଠିକ୍ ଧାରାରେ ଲଢ଼। Do not indulge wrong thinking (ଭୁଲ ଚିନ୍ତାର ପ୍ରଶ୍ରୟ ନିଅ ନା)। ସତ୍ୟକୁ ଚପାଇ ରଖିବାକୁ ଦିଅନା, ଲୋକମାନଙ୍କ ସମ୍ମୁଖରେ ଏହି ସତ୍ୟକୁ ସଠିକ୍‌ଭାବରେ ଉପସ୍ଥାପନ କର; ଗୋଟିଏ ଦିଗରେ ଯେତେବେଳେ ବଡ଼ ବଡ଼ ପାର୍ଟିଗୁଡ଼ିକ କ୍ଷୟ ଦିଗରେ ଗତି କରୁଛନ୍ତି; ଆଉ ସେଠି ଏହି ଗୋଟିଏ ମାତ୍ର ପାର୍ଟି slowly but steadly inspite of many difficulties growing (ବହୁ ବାଧା ବିପତ୍ତି ସତ୍ତ୍ୱେ ମଧ ଧିରେ ଓ ଦୃଢଭାବେ ଅଗ୍ରଗତି କରୁଛି)। ଏଥିରୁ ଶିକ୍ଷା ନେବାକୁ ଚେଷ୍ଟା କର- ତେବେ ତୁମେ ବୁଝିପାରିବ ଏହି ଆଦର୍ଶର ସଠିକତା କେତେ ଦୃଢ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଛି। ଏହା ପଇସା ଦେଇ ତିଆରି ହୋଇଥିବା ପାର୍ଟି ନୁହେଁ, ଏହା କେତେ ଜଣ ନେତାଙ୍କର ଭ୍ରମ ସୃଷ୍ଟି କରିବାର ପାର୍ଟି ନୁହେଁ, ଏହି ପାର୍ଟି ପ୍ରତିଟି କର୍ମ କ୍ଷେତ୍ରରେ ପ୍ରତିଦିନ ନେତା କର୍ମୀମାନଙ୍କର ବିନ୍ଦୁ ବିନ୍ଦୁ ରକ୍ତ ବିନିମୟରେ ତିଆରି ହୋଇଛି। ଫଳରେ ଏହାର ଶକ୍ତି ଯଦି ଦେଖିବାକୁ ନପାଅ ଏବଂ ଦେଶର ଜନଗଣ ଯଦି ଦେଖିବାକୁ ନ ଶିଖନ୍ତି, ମୁଁ କହିବି, ସେମାନେ ହିଁ ଠକିବେ। କାରଣ, ମୁର୍ଖତାର ଶାସ୍ତି ଅଛି। ଯେମିତି ଶରତବାବୁ ଏକଦା ଚିତ୍ତରଞ୍ଜନ ଦାସଙ୍କ ମୃତ୍ୟୁ ପରେ ଖୁବ ଦୁଃଖରେ କହିଥିଲେ, ଠିକ୍ ହୋଇଛି, ଖୁବ ଭଲ ହୋଇଛି। କାନ୍ଦି କାନ୍ଦି ସମସ୍ତ ବିପ୍ଳବୀ ଛୁଟି ଯାଇଥିଲେ, ଶରତଦା, ଏ କଣ

ହେଲା ? ଦେଶବନ୍ଧୁ ଆଉ ଦାର୍ଜିଲିଂରୁ ଫେରିଲେ ନାହିଁ, ମରିଗଲେ। ଶରତଚନ୍ଦ୍ର କହିଲେ, ଠିକ୍ ହୋଇଛି, କାନ୍ଦୁଛ କାହିଁକି ? ତୁମେମାନେ ହିଁ ତ ତାଙ୍କୁ ଅପମାନିତ କରି ତଡି ଦେଇଥିଲ, ମୂର୍ଖର ଶାସ୍ତି ଏଭଳି ଭାବେ ହିଁ ହୁଏ। ଯେଉଁ ଦେଶର ମଣିଷ ଏଭଳି ମୂର୍ଖ, ଯେଉଁ ଦେଶର ରାଜନୈତିକ କର୍ମୀମାନେ ଏଭଳି ମୂର୍ଖ ଯେ, କେଉଁ ମଣିଷକୁ କେମିତି ସମ୍ମାନ ଦେବାକୁ ହୁଏ, କେଉଁ ବସ୍ତୁକୁ କି ମୂଲ୍ୟ ଦେବାକୁ ହୁଏ ତା'ଜାଣନ୍ତି ନାହିଁ, ସେହି ଦେଶର ମୂର୍ଖର ଶାସ୍ତି ଏଭଳିଭାବେ ହିଁ ହୁଏ। ବର୍ତ୍ତମାନ କାହିଁକି କାନ୍ଦୁଛ ? ଶରତଚନ୍ଦ୍ର ଏହି କଥା କହିପାରିଥିଲେ କାରଣ ସେ ଜଣେ ବଡ଼ ମଣିଷ ଥିଲେ।

ଏହା ମଧ୍ୟ ଠିକ ସେହିଭଳି କଥା। ଆମର ଚିନ୍ତାର ମୁଖ୍ୟ ବିଷୟ ହେଉଛି, ଜନଗଣଙ୍କୁ ଏହି କଥାଟି କହିବାକୁ ହେବ– ଯେଉଁମାନେ ବିଭ୍ରାନ୍ତ କରିବା ପାଇଁ ଚେଷ୍ଟା କରୁଛନ୍ତି, ସେମାନଙ୍କ ର ଅବସ୍ଥା ଆଜି କେଉଁଠି ଆସି ପହଞ୍ଚିଛି, ତୁମେ ଦେଖ। ଏମାନେ ସମସ୍ତେ ନିଜର ଭଗ୍ନ ଜମିଦାରୀକୁ ଏପଟ ସେପଟ କରି କହୁଛନ୍ତି, ଦେଖ ଦେଖ ଆମେ କେତେ ବଡ଼, ଅମେ ଯଦି ବେଠିକ୍ ହୋଇଥାନ୍ତୁ, ତେବେ ବଡ଼ ହେଲୁ କେମିତି ? ଦେଖାଇବାକୁ ହେବ, ମୁହଁରେ ତୁମେ ଯା' କୁହନା କାହିଁକି, ତୁମେ ଭାଙ୍ଗୁଛ, ତୁମମାନଙ୍କର କ୍ଷୟ ଧରିଛି, ତୁମେ ଆହୁରି ବଡ଼ ଥିଲ, କ୍ଷୁଦ୍ର ହେଉଛ; ଆଉ ଆମର ଏହି ଦଳଟା କ୍ଷୁଦ୍ରରୁ ବୃହତ୍ ହେଉଛି। ତୁମେ ଶତ ସାହାଯ୍ୟ ପାଇବା ସତ୍ତ୍ୱେ ମଧ୍ୟ, ତୁମ୍ଭମାନଙ୍କ ପକ୍ଷରେ ଶତ ଅନୁକୂଳ ଅବସ୍ଥା ଥିବା ସତ୍ତ୍ୱେ ମଧ୍ୟ ଆଜି କେଉଁଠି ଆସି ପହଞ୍ଚିଛ। ବିକଳ୍ପର ସୁଯୋଗ ତୁମେମାନେ ପାଇଛ, ଆନ୍ତର୍ଜାତିକ ସହାୟତା ପାଇଛ, ଆନ୍ତର୍ଜାତିକ ଟଙ୍କା ପଇସା ତୁମେ ପାଇଛ, ବିଶ୍ୱ କମ୍ୟୁନିଷ୍ଟ ଆନ୍ଦୋଳନର କୃତିତ୍ୱକୁ ଆତ୍ମସାତ୍ କରିବାର ସୁଯୋଗ ପାଇଛ, ତା' ସତ୍ତ୍ୱେ ମଧ୍ୟ ତୁମ୍ଭମାନଙ୍କର କ୍ଷୟ ଧରିଛି, ତୁମେମାନେ ଭାଙ୍ଗୁଛ। ଅଥଚ, ଦେଶର ଅଭ୍ୟନ୍ତରରେ ମଧ୍ୟ ଏହି ପାର୍ଟିର କିଛି ନଥିଲା। ଦେଶ ବାହାରର ସାହାଯ୍ୟ ମଧ୍ୟ କୌଣସି ଦିନ ପାଇ ନାହିଁ, ଅଥଚ, କ୍ରମାଗତ ଭାବେ ହିଁ ସେ ଶକ୍ତି ସଞ୍ଚୟ କରୁଛି ଏବଂ ତୁମ୍ଭମାନଙ୍କର ମୁଣ୍ଡ ବ୍ୟଥାର କାରଣ ହୋଇ ଛିଡ଼ା ହୋଇଛି। ତୁମେ କିପରି ଏହାକୁ ଅସ୍ୱୀକାର କରିବ। ତୁମେ ତ କୃଷ୍ଣଙ୍କର ବିଚାର ମଧ୍ୟ ବୁଝନା। ଏହା ବୁଝିଥିଲେ, ବିଚାରଟା ହୋଇଥାନ୍ତା– କଣ ସେହି ପ୍ରବଳ ଶକ୍ତି ଯାହା ବଳରେ ପାର୍ଟିଟି ଆଜି ଏହି ଜାଗାରେ ପହଞ୍ଚିଛି।

## ପାର୍ଟିକୁ ବୃହତ୍ତର ଜନଗଣଙ୍କ ପାର୍ଟିରେ ରୂପାନ୍ତରିତ କରିବାକୁ ହେବ

ପୂର୍ବରୁ ହିଁ କହିଛି, ପାର୍ଟିର ଏକେବାରେ ଆରମ୍ଭ ଦିନରୁ ହିଁ ପାର୍ଟିର ନେତା– କର୍ମୀମାନଙ୍କର ଚରିତ୍ର ଉପରେ ଆମେ ଜୋର ଦେଇଛୁ। କମ୍ୟୁନିଷ୍ଟ ଚରିତ୍ରର ନୈତିକ

ଦିଗ ଉପରେ ଜୋର ଦିଆ ହୋଇଛି, ଯାହା ବ୍ୟତୀତ କମ୍ୟୁନିଷ୍ଟ ଆଦର୍ଶର ଭିତ୍ତି ଗଢି ଉଠେ ନାହିଁ। ବର୍ତ୍ତମାନ ଫିଲ୍ କରୁଛି, ଜୋର ଦେବାଟା ଠିକ୍ ହୋଇଛି, କିନ୍ତୁ ଏହି ଦିଗ ଉପରେ ଏକତରଫା ଜୋର ପଡ଼ିଛି। ବର୍ତ୍ତମାନ ଆମେ ଯାହା ଦେଖୁଛୁ, ତା' ହେଉଛି ଦଳର ଅନେକେ ପୁଣି କେବଳ ଏହାରି ଉପରେ ହିଁ ଆହୁରି ଜୋର ଦେବାକୁ ଚାହୁଁଛନ୍ତି। ମାତ୍ର ମୁଁ ଯାହା ଭାବୁଛି ତା' ଆପଣମାନଙ୍କ ସମ୍ମୁଖରେ କହୁଛି- ମୁଁ କହୁଛି ଏହା ଉପରେ କମ୍ ଜୋର ଦେଲେ ଚଳିବ ନାହିଁ। ମାତ୍ର ଆଜି ସମୟ ଆସିଛି, ପୂର୍ବ ଅବସ୍ଥାରୁ ଉତ୍ତରଣ ସ୍ତରରେ ଆମେ ଆଜି ପହଞ୍ଚିଛୁ। ପୂର୍ବରୁ ପାର୍ଟି ଏକ propaganda nucleus ବା ପ୍ରୋପାଗଣ୍ଡା ୟୁନିଟ୍ ଥିଲା। ସେତେବେଳେ କାମ ଥିଲା- କେତେ ଜଣ କର୍ମୀ ସେମାନଙ୍କର ସର୍ବସ୍ୱ ଦେଇ ରକ୍ତକୁ ପାଣି କରି ଏକ ଆଦର୍ଶକୁ ନେଇଯିବା, ପ୍ରଚାର କରିବା, କେବଳମାତ୍ର ଏକ ଭାବକୁ, ଚିନ୍ତାର ପ୍ରସାର ପାଇଁ ଚେଷ୍ଟା କରିଯିବା। ଆମେ କିନ୍ତୁ ବର୍ତ୍ତମାନ ସେହି ସ୍ତର ଅତିକ୍ରମ କରି ଆସିଛୁ। ବର୍ତ୍ତମାନ ଆମେ ଏକ ଦ୍ୱିତୀୟ ସ୍ତରରେ ପ୍ରବେଶ କରିବାର ଦ୍ୱାରଦେଶରେ ପହଞ୍ଚିଛୁ। ବିକ୍ଷିପ୍ତ ବିଚ୍ଛିନ୍ନ କିଛି ଖଣ୍ଡ ଖଣ୍ଡ ସ୍ଥାନୀୟ ସଂଗଠନ ନୁହେଁ, ବ୍ୟାପକଭାବେ, ଗଣସଂଗଠନ, ଗଣଆନ୍ଦୋଳନ ଏବଂ mass movement ଗଢିତୋଳିବାର ଉଦ୍ୟୋଗ ଗ୍ରହଣ କରି ପାର୍ଟିକୁ ବର୍ତ୍ତମାନ ବୃହତ୍ତର ଜନସାଧାରଣଙ୍କ ପାର୍ଟିରେ ରୂପାନ୍ତରିତ କରିବାର ପ୍ରଚେଷ୍ଟା ସ୍ତରରେ ଆସି ପହଞ୍ଚିଛୁ। ଏହି ସମୟରେ କେବଳ ଚରିତ୍ର ନେଇ ବ୍ୟସ୍ତ ରହିବା ବଡ଼ କଥା ନୁହେଁ। ଏଠାରେ ଆଉ ଗୋଟିଏ ବଡ଼ ବିଷୟ ଅଛି, ଯା' ନହେଲେ ଚରିତ୍ରକୁ ମଧ୍ୟ ରକ୍ଷା କରାଯାଇ ପାରିବ ନାହିଁ। ବର୍ତ୍ତମାନ ଆମେ ଜନଗଣଙ୍କୁ ସଂଗଠିତ କରି ନପାରିଲେ, ଆମ ଚରିତ୍ରର ବଳିଷ୍ଠତାକୁ ମଧ୍ୟ ରକ୍ଷା କରି ପାରିବୁ ନାହିଁ। ଏବେ ଆମ ପାଇଁ ଯାହା ଗୁରୁତ୍ୱପୂର୍ଣ୍ଣ ତା' ହେଲା- ରାଜନୈତିକ ଉଦ୍ୟୋଗ ବଢାଇବା, ଜନଗଣଙ୍କ ମଧ୍ୟରେ ରହିବା, ଜଣଗଣଙ୍କର ଯେକୌଣସି ସମସ୍ୟା ନେଇ କେହି ଡାକିବା ପୂର୍ବରୁ ହିଁ ଝାମ୍ପି ପଡ଼ିବା। କାହାରି ଡାକରାକୁ ଅପେକ୍ଷା ନ କରି ସମସ୍ତଙ୍କ ପୂର୍ବରୁ ଜନଗଣଙ୍କ ସହିତ ମିଶି ନିଜର ଉଦ୍ୟୋଗ ନେବା କ୍ଷେତ୍ରରେ ସବୁଠୁ ଆଗ ଧାଡ଼ିରେ ରହିବା। ଆମ କର୍ମୀମାନଙ୍କର ଚରିତ୍ର ଥିବା ସତ୍ତ୍ୱେ ବି ଭୟାନକଭାବେ ଏହି କ୍ଷମତାର ତୁଳନାମୂଳକଭାବେ ଅଭାବ ରହୁଛି। ଏହା ହେଉଛି ମୂଳତଃ ଆମର ଦୁର୍ବଳତା, ଏହି ଦୁର୍ବଳତାଗୁଡ଼ିକୁ ଦୂର କରିବା ମଧ୍ୟରେ ଆମର ସମସ୍ତ ସମସ୍ୟାର ବାର ଅଣା ସମାଧାନ ନିହିତ ରହିଛି। ସଂଗଠନର ବିଭିନ୍ନ କ୍ଷେତ୍ରର ଦାୟଦାୟିତ୍ୱ ବହନ କରିବାର କ୍ଷମତା ସୃଷ୍ଟି କରିବା, ରାଜନୈତିକ ଓ ସାଂଗଠନିକ ନେତୃତ୍ୱ ଦେଇ ପାରିବାର ଯୋଗ୍ୟତା ଅର୍ଜନ କରିବା- ଏହି ଧରଣର କର୍ମକର୍ତ୍ତା କଣ ଖାଲି କ୍ଲାସରେ ତିଆରି ହୁଅନ୍ତି ? ଦିନେ ଯେତେବେଳେ ଆନ୍ଦୋଳନ ପ୍ରଚାର ସ୍ତରରେ ଥିଲା, ସେତେବେଳେ ଏହି

କର୍ମକର୍ତ୍ତାମାନେ ମଧ୍ୟ ଏହି ଆନ୍ଦୋଳନ ମଧ୍ୟରୁ ତିଆରି ହୋଇଛନ୍ତି । ସେତେବେଳେ ସ୍ଟଡି କ୍ଲାସ୍, ଆସୋସିଏସନ୍‌ରୁ ଏହି କର୍ମକର୍ତ୍ତାମାନେ ତିଆରି ହୋଇପାରିଛନ୍ତି । କିନ୍ତୁ ବର୍ତ୍ତମାନ, କେବଳ ଏହା ମାଧ୍ୟମରେ ଏହି ଧରଣର କ୍ଷମତା ସୃଷ୍ଟି ହୋଇ ପାରିବ ନାହିଁ । ବର୍ତ୍ତମାନ ଜନଗଣଙ୍କ ମଧ୍ୟରେ ରହି କିଭଳି କାମ କରିବାକୁ ହୁଏ, କିଭଳି ଉଦ୍ୟୋଗ ନେଇ ଝାମ୍ପି ପଡ଼ିବାକୁ ହୁଏ, ବିରୁଦ୍ଧ ସମାଲୋଚନା ସତ୍ତ୍ୱେ ମଧ୍ୟ କିଭଳି ନିଜର identity (ଅସ୍ତିତ୍ୱ), ଚରିତ୍ର ଓ ରାଜନୈତିକ ଆଦର୍ଶକୁ ଠିକ୍ ରଖି କାମ କରିବାକୁ ହଏ, ତା’ ଶିଖିବାକୁ ହେବ । ଏହା ଶିଖି ନପାରିଲେ, ବର୍ତ୍ତମାନ ସମୟରେ ପାର୍ଟିକୁ ଜନଗଣଙ୍କର ସଂଗ୍ରାମକୁ ନେତୃତ୍ୱ ଦେବା ଭଳି ଉପଯୁକ୍ତ ପାର୍ଟିକୁ transform (ପରିବର୍ତ୍ତିତ) କରିବା ପାଇଁ ଯେଉଁ ଧରଣର ଉପଯୁକ୍ତ କର୍ମକର୍ତ୍ତା ଏବଂ କର୍ମୀ ଦରକାର, ସେହିଭଳି କର୍ମୀ ତିଆରି ହୋଇ ପାରିବେ ନାହିଁ । ପାର୍ଟି ବଡ଼ ହେବା ଫଳରେ ବିଭିନ୍ନ ଆକ୍‌ସନ୍, ଜନଗଣଙ୍କ ନାନା ଧରଣର activity (କାର୍ଯ୍ୟକ୍ରମ) ଆସିବା ଫଳରେ ବର୍ତ୍ତମାନ ପୂର୍ବ ପଦ୍ଧତି ଅନୁଯାୟୀ ସେହି ଧରଣର ପରିକ୍ଷିତ ବା ସେହି ଧରଣର ନେତାମାନଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ କମ୍ ରହୁଛି ଅଥବା ସମସ୍ତଙ୍କୁ ସେହି ସୁଯୋଗ ମିଳୁ ନାହିଁ । ଏହା ହେଲା ପ୍ରଥମ କଥା । କେତେକ କ୍ୟାଡର ସବୁ ସମୟରେ ହିଁ ବାହାରିବେ, ମାତ୍ର ସେହି ସମସ୍ତ କ୍ୟାଡରମାନେ ଚରିତ୍ର ଦିଗରୁ ଫାଇନ୍(ଉଚ୍ଚ ସ୍ତରର) ହୋଇଥିଲେ ମଧ୍ୟ ରାଜନୈତିକ ଉଦ୍ୟୋଗ କ୍ଷେତ୍ରରେ ଦେଖାଯିବ ସେମାନଙ୍କର ସେହି ଯୋଗ୍ୟତା ଗଢି ଉଠି ନାହିଁ । ସେମାନେ ପାର୍ଟିର ତାତ୍‌କ୍ଷଣିକ ଆବଶ୍ୟକତା ପୂରଣ କରି ପାରୁ ନାହାନ୍ତି । ଗୋଟିଏ ଦୃଷ୍ଟିରୁ ଦେଖାଯିବ, ସେମାନେ ନିଷ୍ଠାପର ଓ ନିସ୍ୱାର୍ଥପର । ସେମାନଙ୍କର concept of life, fighting zeal, sacrifice (ଜୀବନ ସମ୍ପର୍କରେ ଦୃଷ୍ଟିଭଙ୍ଗୀ, ଲଢେଇ କରିବାର ଉଦ୍ଦାମତା ଓ ତ୍ୟାଗ) କରିବାର ଯେଉଁ କ୍ଷମତା ଅଛି, ତାହାକୁ ସେମାନେ ବିପ୍ଳବ ପାଇଁ ଲଗାଇ ପାରନ୍ତେ, ଏହିଭଳି ଅବସ୍ଥା ସେମାନଙ୍କର ଅଛି, ମାତ୍ର ଜନଗଣଙ୍କ ମଧ୍ୟରେ ପଡ଼ିରହି ପାରନ୍ତି ନାହିଁ ବା ରହିଲେ ମଧ୍ୟ କେବଳ ତର୍କ କରନ୍ତି ବା ସବୁ ସମୟରେ ସରମନ (ଉପଦେଶ) ଦିଅନ୍ତି, କେବଳ ବୁଝାନ୍ତି, ବେଶୀ ବୁଝାଇବା ଫଳରେ ସାଧାରଣ ଲୋକ ବିରକ୍ତ ହୋଇ ସେମାନଙ୍କୁ ଦେଖିବା ମାତ୍ରେ ହିଁ ଦୌଡ଼ି ପଳାନ୍ତି । ତାଙ୍କୁ ଦେଖିଲେ ହିଁ କୁହନ୍ତି– ଏଇ, priest (ପୁରୋହିତ) ଆସିଲେ, ବର୍ତ୍ତମାନ ଜ୍ଞାନ ଦେବେ । ଆଜିକାଲିର ପୁଅ ଝିଅମାନେ ଏତେ ସବୁ କଥା ଶୁଣିବାକୁ ଚାହାଁନ୍ତି ନାହିଁ । ଫଳରେ ସେମାନେ କଣ ଚାହାଁନ୍ତି, ସେମାନଙ୍କ ସହିତ କିଭଳି ରହିବାକୁ ହେବ, କେତେବେଳେ କିଭଳି ବୁଝାଇବାକୁ ହେବ, ଏଗୁଡ଼ିକ ତ ଶିଖିବାକୁ ହେବ । ସେମାନଙ୍କୁ ତ ନିଶ୍ଚୟ ବୁଝାଇବାକୁ ହେବ, କିନ୍ତୁ ଦେଖିବା ମାତ୍ରେ ହିଁ ବ୍ୟସ୍ତ ହୋଇ ସବୁ ବୁଝାଇ ଛାଡ଼ିବି– ସମାଜବାଦ

କଣ, ଜୀବନର ମୂଲ୍ୟ କଣ, ଚରିତ୍ର କାହାକୁ କୁହାଯାଏ ସବୁ ବୁଝାଇବି, ଆଉ ସେ ବେଶୀ କଥା ମଧ୍ୟ କହିବ ନାହିଁ, ଖାଲି ମୁଣ୍ଡ କୁଣ୍ଡାଉଥିବ । ପରେ କଣ ହେବ, ମୋତେ ଗଳି ସାମ୍ନାରେ ଦେଖିଲେ ହିଁ ସେ ଦୌଡିବାକୁ ଆରମ୍ଭ କରିବ, ଏଇ ଆସିଲା, ଆଉ ରକ୍ଷା ନାହିଁ । ଆଉ ମୁଁ ଦୁଇ ଦିନ ଏହିଭଳି ବୁଝାଇବା ପରେ ଯେତେବେଳେ ଦେଖିବି କେହି ଆଉ ମୋ ସହିତ ଆସୁ ନାହାନ୍ତି, ସେତେବେଳେ ମୁଁ କଣ ଭାବିବି ? ଧେତ୍, ଆଉ କଣ ହେବ, ଏତେ ତ ବୁଝାଉଛି, ମଣିଷ ନାହାନ୍ତି, କେହି ବୁଝିବାକୁ ଚାହାନ୍ତି ନାହିଁ । ମୁଁ କହେ ଏତେ ବୁଝାଇବା ଦରକାର କଣ ? ପ୍ରକୃତରେ ସେମାନଙ୍କ ସହିତ ରୁହ, ସେମାନଙ୍କ ସହିତ ରୁହ, ସେମାନଙ୍କ ମଧ୍ୟରେ ରୁହ ଏବଂ ନିଜେ ଠିକ୍ ରୁହ । ସେମାନେ ଆସ୍ତେ ଆସ୍ତେ ବୁଝିବେ, ଧାପେ ଧାପେ ବୁଝାଅ, ଧୈର୍ଯ୍ୟ ଧର । ଏକ ପୁରୁଣା ପ୍ରବାଦ ଅଛି, ଧିର ପାଣି ପଥର କାଟେ । ଏହି କଥାଟି ମନେରଖିଲେ କାମ ଭଲ ହେବ ।

ପୁଣି ଏଠାରେ ଆଉ ଗୋଟିଏ ବିଷୟ ନବୁଝିଲେ ସବୁ ଗୋଳମାଳ ହୋଇଯିବ, ବୁଝିବା ମଧ୍ୟ ସଠିକ ହେବ ନାହିଁ । ଜଣେ ବିପ୍ଳବୀ କର୍ମୀର କଥା ବିପ୍ଳବୀ ଭଳି ହେବ, ସ୍ଲୋଗାନଗୁଡ଼ିକ ବିପ୍ଳବୀ ଭଳି ହେବ ଆଉ ଆଚରଣ ଅନ୍ୟ ଭଳି ହେବ, ତା' ଠିକ୍ ନୁହେଁ । ଏହା ଅନୁଚିତ । ସ୍ରୋତର ଅନୁକୂଳରେ ଏକ ପ୍ରବାହ ପ୍ରବାହିତ ହେଉଛି, ସେଠାରେ ବିପ୍ଳବୀ ଏକା ହେଲେ ମଧ୍ୟ ସେହି ପ୍ରବାହ ବିରୁଦ୍ଧରେ ଛିଡ଼ା ହୁଏ । ତା'ର ମାନସିକ ପ୍ରବଣତା ହେଉଛି to go against the tide (ସ୍ରୋତର ବିପରୀତରେ ଯିବା) । ମଣିଷର ଦୁଇ ଧରଣର ମାନସିକତା ଅଛି । ଯେଉଁମାନେ mediocre, ସାଧାରଣ ଲୋକ, ସେମାନଙ୍କର ଢଙ୍ଗ୍ ଢାଙ୍ଗ ହେଉଛି, ଯେଉଁ ଦିଗରେ ଦଳବଳ ବେଶୀ, ଯେଉଁ ଦିଗରେ ହାୱା, ସେହି ଦିଗରେ ଯିବା, ଯେମିତି ସବୁ ପୁଅ ଝିଅମାନେ ଫ୍ୟାଶନର ଶୀକାର ହୁଅନ୍ତି । ଝିଅ କହିଲା, ଆଜିକାଲି ଏଭଳି ରେୱାଜ ନାହିଁ– ସଙ୍ଗେ ସଙ୍ଗେ ମା' କହିବ ନା, ନା, ଏସବୁ ପୁରୁଣା ଫେଶନ, ଏଭଳି ପୋଷାକ ଚଳେନା । ଆଜିକାଲି ଏଭଳି ଫ୍ୟାଶନ ନାହିଁ । ମା' ହିଁ ଝିଅକୁ କହୁଛି ଏଭଳି ଚଳିବ ନାହିଁ । ଝିଅ ପୁଣି ମା'କୁ ବୁଝାଏ, ବାପା ପୁଅକୁ ବୁଝାନ୍ତି, ସମସ୍ତେ ହିଁ ଗୋଟିଏ ସ୍ୱରରେ କହୁଛନ୍ତି, ଏହାର ଅର୍ଥ ହେଲା ଏକ ସାଧାରଣ ସ୍ରୋତ ପ୍ରବାହିତ ହେଉଛି । ସେ ଯେତେ ରବୀନ୍ଦ୍ର ଜୟନ୍ତୀ ପାଳନ ହେଉ, ଅଥବା ନାନା ଜୟନ୍ତୀ କାର୍ଯ୍ୟକ୍ରମ ହେଉ ବା ଫଙ୍କସନ୍ କରାହେଉ, ସବୁ ଜାଗାରେ ହିଁ ସମସ୍ତେ ଏହି ସ୍ରୋତରେ ଭାସୁଛନ୍ତି । ସ୍କୁଲ, କଲେଜରେ ପଢୁଥିବା ଶିକ୍ଷିତ ପୁଅ ଝିଅମାନେ ଥରେ ବି ଭାବୁ ନାହାନ୍ତି ଯେ, ଫ୍ୟାଶନ ଏବଂ ଷ୍ଟାଇଲ୍ ସମ୍ପର୍କରେ ରବୀନ୍ଦ୍ରନାଥ କଣ ଲେଖିଛନ୍ତି ? ଶରତବାବୁ ମଧ୍ୟ ଏ ସମ୍ପର୍କରେ କଣ

ଲେଖିଛନ୍ତି । ସେମାନେ ପ୍ରତ୍ୟେକେ ହିଁ ଗଳ୍ପ ମାଧ୍ୟମରେ ଏହି କଥା ଧରାଇବାକୁ ଚେଷ୍ଟା କରିଛନ୍ତି ଯେ, ରୁଚି, ସଂସ୍କୃତି ବାହ୍ୟ ବିଷୟ ନୁହେଁ । ରବୀନ୍ଦ୍ରନାଥ ଥରେ ପରିଷ୍କାର ଭାଷାରେ କହିଥିଲେ, ଫେସନ୍ ଏବଂ ଷ୍ଟାଇଲ୍ ସମାନ ନୁହେଁ । ମଣିଷ ଯାହାକୁ ନକଲ କରେ, ଯା' ମଧ୍ୟରେ ସ୍ୱକୀୟ ସୃଷ୍ଟି କିଛି ନାହିଁ- ତା' ହେଲା ଫ୍ୟାଶନ । ଫ୍ୟାଶନ ପବନର ଏକ ଢେଉ ଭଳି, ଝଡ଼ ବତାସ ଭଳି ଆସେ । ଆଉ ସେହି ପବନରେ ପୁଅ ଝିଅମାନେ ଫ୍ୟାଶନର ଶୀକାର ହୁଅନ୍ତି । ସମସ୍ତେ ଏହି ଧରଣର ବାଳ ରଖୁଛନ୍ତି, ପୋଷାକ ପିନ୍ଧୁଛନ୍ତି, ତେଣୁ ମୋତେ ମଧ୍ୟ ତା' କରିବାକୁ ହେବ । ଏହା ହିଁ ହେଲା ଫ୍ୟାଶନ, ପବନରେ ଭାସିବା । ସେ ଥରେ ହେଲେ ବି ଭାବି ଦେଖେ ନା ଯେ, ସେ ମାଙ୍କଡ଼ ଭଳି ଦେଖାଯାଇଛି । ଝିଅମାନେ ମଧ୍ୟ ଏହି ମାଙ୍କଡ଼ ଦଳକୁ ପୁଣି ପସନ୍ଦ କରୁଛନ୍ତି । ମୁଁ ବୁଝିପାରେ ନା ଯେ, ସେହି ଝିଅମାନେ ପୁଣି କି ପ୍ରକାର ଝିଅ ଯେ, ସେମାନଙ୍କୁ ମାଙ୍କଡ଼ ଭଲ ଲାଗେ, ଭାଲୁ ଭଲ ଲାଗେ, ମଣିଷ ଭଲ ଲାଗେନା । ସେମାନେ ଯେ କି ଧରଣର ସଂସ୍କୃତିର ଚର୍ଚ୍ଚା କରନ୍ତି, ମୁଁ ଏହା ବୁଝିପାରେନା । ଏହାକୁ ଫ୍ୟାଶନର ଶୀକାର ହେବା କୁହାଯାଏ, ଷ୍ଟାଇଲ୍ କୁହାଯାଏ ନା । ଷ୍ଟାଇଲ୍ ହେଉଛି ଏକ ସ୍ୱକୀୟ ଜିନିଷ, ଷ୍ଟାଇଲ୍ ଅର୍ଥ ନକଲ କରିବା ନୁହେଁ । ତା'ର ଚାଲିବା, କଥା କହିବା, ଜୀବନ-ଯାତ୍ରାର ଭଙ୍ଗୀ ମଧ୍ୟରେ ଏକ ନିଜସ୍ୱତା ଫୁଟି ଉଠେ-ତାହା ହିଁ ତାର ଷ୍ଟାଇଲ । ଆଉ ଫ୍ୟାଶନ ହେଉଛି ଏକ ଧାର କରିବା ଜିନିଷ, ବାହାରର ଜିନିଷ । ଯେଉଁମାନଙ୍କର ଚରିତ୍ରର କୌଣସି ବି ଆଧାର ନାହିଁ, ଗଭୀରତା ନାହିଁ, ସେମାନେ ହିଁ ଫ୍ୟାଶନର ଶୀକାର ହୁଅନ୍ତି । ଯେମିତି ଲୋକେ ବୁଝନ୍ତୁ କି ନବୁଝନ୍ତୁ, ଧରନ୍ତୁ ଏକ ହାୱା ଆସିଛି । ମାତ୍ର ଯେଉଁ ହାୱାଟା ଆସିଛି ଢ଼ଙ୍ଗଢ଼ାଙ୍ଗ ଦିଗରୁ ଖୁବ୍ ଗୋଟେ ଖରାପ ନୁହେଁ । ତର୍କ ଖାତିରରେ ହିଁ କହୁଛି, ମୁଁ ଦେଖୁଛି ଯେ ଏହା ଖୁବ୍ ଗୋଟେ ଖରାପ ନୁହେଁ, ମୋ ସଂସ୍କୃତି ସହିତ ଖାପ ଖାଏ । ମାତ୍ର ଯଦି ଦେଖେ ଯେ ଏହା ହାୱା ଭଳି ଆସିଛି, ସମସ୍ତେ ଏହାକୁ ଫ୍ୟାଶନ ଭଳି ନେଉଛନ୍ତି; ତା'ହେଲେ ପ୍ରକୃତ ଭଲ ମଣିଷର mental trend (ମାନସିକତା) ହେବା ଦରକାର- to go against it (ଏହା ବିରୁଦ୍ଧରେ ଯିବା) । ଏହା ଏଥିପାଇଁ ନୁହେଁ ଯେ, ଏହିଭଳି ପ୍ୟାଣ୍ଟ ସାର୍ଟ ପିନ୍ଧିଲେ ମହାଭାରତ ଅଶୁଦ୍ଧ ହୋଇଯିବ । ଏହା ଏହି କାରଣରୁ ଯେ, ସମସ୍ତେ ଏହାକୁ ନକଲ କରୁଛନ୍ତି, ତେଣୁ ମୁଁ ଏହାର ପ୍ରତିବାଦ କରୁଛି । ଯେତେବେଳେ ନକଲ ବନ୍ଦ ହେବ, ହାୱାରେ ଭାଷିବା ରହିବ ନାହିଁ, ସେତେବେଳେ ମୁଁ ହୁଏତ କହିବି ଯେ, ଏହିଭଳି ଛାଁଟ-କାଁଟ ପୋଷାକ ପିନ୍ଧିଲେ କିଛି କ୍ଷତି ହେବ ନାହିଁ । ଏହି ନକଲ କରିବାରେ ଯାହା କ୍ଷତି ହୁଏ, ତା' ହେଲା ଏହି ନକଲର ହାୱା ଘରେ ଘରେ ପଶିଗଲା । ଏହାଦ୍ୱାରା ଲୋକମାନେ କଣ ଖାଣ୍ଟି ରହିବେ ? ଏତେ ନକଲ କରି ଚାଲିଲେ ମଣିଷର ଆଉ କଣ ରହେ ?

ସେଥିପାଇଁ ଚୀନ ପାର୍ଟିର ଦଶମ କଂଗ୍ରେସରେ କୁହାଯାଇଛି- ଦୁଇ ଧରଣର ମଣିଷ ଅଛନ୍ତି । ଗୋଟିଏ ଧରଣର ମଣିଷ କୁହନ୍ତି, ଏ ଯେଉଁ ହାଓ୍ବା ବୋହୁଛି ମୁଁ ସେଥିରେ ଭାସିବି ନାହିଁ । ମୁଁ ବୁଝିକି ଚାଲିବି, ବିଚାର କରି ଚାଲିବି । ମୋର general mental faculty, bent of mind ଅର୍ଥାତ୍ ମନର ଢଙ୍ଗ, କ୍ରିୟା କରିବାର ଢଙ୍ଗ ହିଁ ଏହିଭଳି ହେବ ଯେ, ଯଦି କୌଣସି ଏକ ସ୍ରୋତ ଆସେ, ତା'ହେଲେ ମୁଁ ତାର ବିପରିତ ଦିଗରେ ଚାଲିବାକୁ ଚେଷ୍ଟା କରିବି । ପୁଣି ଏହାର ଅର୍ଥ ଏହା ନୁହେଁ ଯେ, ଏକ ସ୍ରୋତ, ସୁନ୍ଦର ଢେଉ ଆସିଛି, ସେହି ଢେଉର କଣ ବିରୋଧିତା କରିବି ? ନା, ଏହା ଗୋଳମାଳ ହେଲେ ମୁଁ କେତେବେଳେ ବି କୌଣସି ଭଲ ବିଷୟ ଗ୍ରହଣ କରି ପାରିବି ନାହିଁ। ଦଶମ କଂଗ୍ରେସରେ ଏହା ଏକ general faculty (ସାଧାରଣ ମାନସିକତା)କୁ ବୁଝିବା ପାଇଁ କୁହାଯାଇଛି । ଯଦିଓ ଉପସ୍ଥାପନା ମଧ୍ୟରେ ଏହି ବିଷୟଟି ସ୍ପଷ୍ଟଭାବେ କୁହାଯାଇ ନାହିଁ ବୋଲି ଏଭଳି ମନେ ହୋଇ ପାରେ ଯେ- irrespective of condition (ପରିସ୍ଥିତି ନବୁଝି) ବିଷୟଟି କୁହାଯାଇଛି । ଢେଉ ଯଦି ଭଲ ହୁଏ, କାମ ଭଲ ହୁଏ, ବିପ୍ଳବ ସପକ୍ଷରେ ହୁଏ, ତେବେ ମୁଁ କଣ ତା'ର ବିରୋଧିତା କରିବି ? ନିଶ୍ଚୟ ନୁହେଁ। ସେ କଥା ଚୀନର ପାର୍ଟି କହିବାକୁ ଚାହିଁ ନାହିଁ। ଦଶମ କଂଗ୍ରେସରେ କୁହାଯାଇଛି, to go against the current is a Marxist-Leninist principle (ସ୍ରୋତର ବିରୁଦ୍ଧରେ ଯିବା ହେଉଛି ମାର୍କ୍ସବାଦୀ-ଲେନିନ୍‌ବାଦୀ ନୀତି) । ଏହା କେବଳ ମାର୍କ୍ସବାଦୀ-ଲେନିନ୍‌ବାଦୀ ନୀତି କାହିଁକି, ସବୁ ଯୁଗର, ସମସ୍ତ ବଡ଼ ମଣିଷମାନେ, ଯେଉଁମାନେ ଯଥାର୍ଥ ମଣିଷ ସେମାନଙ୍କର ସବୁ ସମୟରେ mental trend (ମାନସିକ ପ୍ରବଣତା) ହେଉଛି, bent of mind (ମାନସିକ ଗଠନ) ହେଉଛି ସ୍ରୋତର ବିରୁଦ୍ଧରେ ଯିବା । ମଣିଷ ମଧ୍ୟରେ ଦୁଇଟି ଗୋଷ୍ଠୀ ଥାନ୍ତି, ଦଳେ କପି କରନ୍ତି, ଆଉ ଦଳେ ସୃଷ୍ଟି କରନ୍ତି । ଦଳେ ସମାଜକୁ ସବୁ ସମୟରେ କିଛି ଦିଅନ୍ତି, ଆଉ ଦଳେ ସମାଜରୁ କେବଳ ନିଅନ୍ତି । ଏହି ଦୁଇଟି ଗୋଷ୍ଠୀ ହିଁ ସମାଜ ମଧ୍ୟରେ ଥାଆନ୍ତି । ଯେଉଁ ଗୋଷ୍ଠୀଟି ସର୍ବଦା ସମାଜକୁ କିଛି ଦିଅନ୍ତି, ସେମାନଙ୍କର mental trend ହେଉଛି, bent of mind ହେଉଛି to go against the current, not to be victim of the current (ମାନସିକ ପ୍ରବଣତା ହେଉଛି ସ୍ରୋତର ବିରୁଦ୍ଧରେ ଯିବା, ସ୍ରୋତର ଶୀକାର ନହେବା) । ଏହା ଦଶମ କଂଗ୍ରେସରେ ସୁନ୍ଦରଭାବେ କୁହାଯାଇଛି । ସେଥିରୁ ଏଭଳି ବୁଝିବେ ନାହିଁ ଯେ, ଏକ ବିପ୍ଳବର ଜୁଆର, ଏକ ସଂଗ୍ରାମର ଜୁଆର ଆସିଲା, କିନ୍ତୁ ମୁଁ ତା' ସପକ୍ଷରେ ଯିବି ନାହିଁ, କାରଣ ସ୍ରୋତ ବିରୁଦ୍ଧରେ ଯିବା ମାର୍କ୍ସବାଦୀ-ଲେନିନ୍‌ବାଦୀ ନୀତି- ଏଭଳି ବୁଝିବା ସଠିକ୍ ନୁହେଁ। ଗୋଟିଏ ବିପ୍ଳବର ଜୁଆର ମଧ୍ୟରେ ବି ଦଳ ଦଳ ହୋଇ ଲୋକ ଆସନ୍ତି, ଲଢ଼େଇରେ ସାମିଲ ହୋଇ ଯାଆନ୍ତି, କେତେ ମଣିଷ

ଜୀବନ ଦିଅନ୍ତି ପୁଣି କେତେ ଲୋକ ସେମାନଙ୍କ ମଧ୍ୟରେ ନେତା ହୋଇଯାଆନ୍ତି। ଏହି ସମୟରେ ଯେଉଁ ଦଳ ନେତୃତ୍ୱ ଦିଏ, ସେ ଯଦି ଅନ୍ଧତାକୁ ସ୍ତରେ ସ୍ତରେ ଫାଇଟ୍ ନକରେ, ଜନଗଣଙ୍କୁ ଶିକ୍ଷିତ କରି ନପାରେ, ତା'ହେଲେ ଏହି ବିପ୍ଲବର ଜୁଆର ମଧ୍ୟରେ ପ୍ରବଳ ବନ୍ୟାରେ ଅନ୍ଧତା ଥିବା ଯୋଗୁଁ, ବହୁ tendency ଏବଂ ଝୁଙ୍କ ଲୁକ୍କାୟିତ ହୋଇ ରହିଥିବା ଫଳରେ ବିପ୍ଲବ ଜୟଯୁକ୍ତ ହେଲେ ମଧ୍ୟ ପରବର୍ତ୍ତୀ ସମୟରେ ତା' ବହୁ ଅସୁବିଧାର ସମ୍ମୁଖୀନ ହେବ। ଯଦିଓ ତା'ଦ୍ୱାରା ଭୟ ପାଇବାର କିଛି ନାହିଁ। ସେ ହିଁ ଯଥାର୍ଥ ବିପ୍ଲବୀ ନେତୃତ୍ୱ, ଯେଉଁ ନେତୃତ୍ୱ ପୂର୍ବରୁ ସତର୍କ ହୋଇ ଏହି ଝୁଙ୍କଗୁଡ଼ିକୁ ଅନୁମାନ କରିପାରେ।

## ଗୋଟିଏ କମ୍ୟୁନିଷ୍ଟ ପାର୍ଟିକୁ ଅନେକଗୁଡ଼ିଏ ବିପ୍ଲବ କରିବାକୁ ହୁଏ

ଗୋଟିଏ କମ୍ୟୁନିଷ୍ଟ ପାର୍ଟିକୁ ଅନେକଗୁଡ଼ିଏ ବିପ୍ଲବ କରିବାକୁ ହୋଇଥାଏ। କୌଣସି ଏକ ବିଶେଷ ବିପ୍ଲବର କାର୍ଯ୍ୟକ୍ରମ ସଫଳ ହେବା ପରେ ପୁଣି ଆଉ ଗୋଟିଏ ବିପ୍ଲବର କାର୍ଯ୍ୟକ୍ରମ ତା'କୁ ଗ୍ରହଣ କରିବାକୁ ହୋଇଥାଏ। ତା' ସଫଳ ହେବା ପରେ ପୁଣି ଆଉ ଗୋଟିଏ ଆସି ଯାଇଥାଏ। ଏହିଭଳି ଭାବରେ ଯେତେଦିନ ପର୍ଯ୍ୟନ୍ତ ଶ୍ରେଣୀହୀନ ସମାଜ ଆସି ନାହିଁ, ଅର୍ଥାତ୍ ସମାଜର ପ୍ରତିଟି ସଦସ୍ୟ କମ୍ୟୁନିଷ୍ଟ ବିପ୍ଲବୀ ନହୋଇଛନ୍ତି, ସେତେବେଳ ପର୍ଯ୍ୟନ୍ତ ପାର୍ଟି disappear (ବିଲୁପ୍ତ) ହେବ ନାହିଁ। ସେହି ସ୍ତରକୁ ଗଲେ ରାଷ୍ଟ୍ର ବି ରହିବ ନାହିଁ, ପାର୍ଟି ମଧ୍ୟ ରହିବ ନାହିଁ। ଫଳରେ ସମସ୍ତ ଶ୍ରେଣୀ ସଚେତନ ମାର୍କ୍ସବାଦୀମାନେ ଜାଣନ୍ତି ଯେ, ଆମେ ଯେଉଁ ପାର୍ଟି କରୁଛୁ, ଯେଉଁ ପାର୍ଟିକୁ ଶକ୍ତିଶାଳୀ କରିବା ପାଇଁ ଚେଷ୍ଟା କରୁଛୁ, ଯେଉଁ ପାର୍ଟିର ଶୃଙ୍ଖଳା ମାନି ଚଳିବା ପାଇଁ ସମସ୍ତଙ୍କୁ କହୁଛୁ- ତା'ର ଅର୍ଥ ହେଉଛି ମାନବ ଇତିହାସ ଓ ସମାଜରୁ ପାର୍ଟିକୁ wither away (ପାର୍ଟିର ପ୍ରୟୋଜନୀୟତାକୁ ନିଃଶେଷ) କରିବାର ରାସ୍ତାକୁ ପ୍ରଶସ୍ତ କରୁଛୁ। ଏହା ହେଲା negation of negation (ବିକାଶର ପଥରେ ଅବଲୁପ୍ତି ଓ ଅବଲୁପ୍ତି ପଥରେ ବିକାଶ) ତତ୍ତ୍ୱର ପ୍ରକୃତ understanding (ବୁଝାମଣା)। କୌଣସି ବି ବିଷୟକୁ ଜୋର କରି ଅବଲୁପ୍ତ କରାଯାଏ ନା, କୌଣସି objective thingକୁ you cannot destroy ସେହିଭଳି you cannot create (କୌଣସି ବାସ୍ତବ ବିଷୟକୁ ତୁମେ ଧ୍ୱଂସ କରି ପାରିବ ନାହିଁ ପୁଣି ସୃଷ୍ଟି ମଧ୍ୟ କରି ପାରିବ ନାହିଁ)। ସେହି ବିପ୍ଲବ ଚାଲୁ ଚାଲୁ ଏହାର development (ବିକାଶ) ଯେତେବେଳେ ନୋଡାଲ୍ ପଏଣ୍ଟରେ ପହଞ୍ଚେ, ସେତେବେଳେ ଏହା from the arena disappear ହୋଇଯାଏ। ଏହିଭଳି ଭାବରେ ଗୋଟିଏ ବିଶେଷ ନୂତନ ନିୟମକୁ ଜାଗା ଛାଡ଼ି ଦେଇ ବିଦ୍ୟମାନ ବିଶେଷ ନିୟମଟି ଅପସରି ଯାଏ। ଏହିଭଳି ଭାବରେ ସମାଜର

ବିକାଶ, ଶ୍ରେଣୀ ସଂଗ୍ରାମର ବିକାଶ ପଥରେ ହିଁ ଶ୍ରେଣୀ ସଂଗ୍ରାମର ଅବଲୁପ୍ତି ଘଟେ।

ମାତ୍ର ଶ୍ରେଣୀ ସଂଗ୍ରାମକୁ ଅସ୍ୱୀକାର କରି, ନିନ୍ଦା କରି, ଶ୍ରେଣୀ ସଂଗ୍ରାମକୁ ନବୁଝି ଗାଳିଗୁଲଜ କରି, କୌଣସି ଦିନ ହିଁ ଶ୍ରେଣୀ ସଂଗ୍ରାମର ଅବଲୁପ୍ତି ଘଟାଯାଇ ପାରିବ ନାହିଁ। ଶ୍ରେଣୀ ସଂଗ୍ରାମର ବିକାଶର ଧାରାରେ ପ୍ରଭାବ ବିସ୍ତାର କରି ପାରିଲେ, ଏହାର objective way of development (ବାସ୍ତବ ବିକାଶର ଧାରା)କୁ ସଠିକ୍ ଭାବେ ତ୍ୱରାନ୍ୱିତ କରି ପାରିଲେ ଯାଇ ଶ୍ରେଣୀ ସଂଗ୍ରାମ ବିକାଶ ପ୍ରାପ୍ତ ହେଉ ହେଉ ସମାଜ ମଧ୍ୟରୁ ଅବଲୁପ୍ତ ହେବ। ରାଷ୍ଟ୍ର ଯେତେବେଳେ କେନ୍ଦ୍ରୀକତା ପଥରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ, ସେତେବେଳେ ହିଁ ରାଷ୍ଟ୍ର ଅବଲୁପ୍ତ ହେବ। ରାଷ୍ଟ୍ର ସହିତ ଶ୍ରେଣୀ ଏବଂ ଶ୍ରେଣୀ ସଂଗ୍ରାମର ଓତଃପ୍ରୋତ ସମ୍ପର୍କ ଥାଏ। ଆମେ ଜାଣୁ ଯେ, ରାଷ୍ଟ୍ର ହେଉଛି ଶ୍ରେଣୀ ଶାସନର ହତିଆର। ଶ୍ରେଣୀ ହାତରେ ଶାସନ ଓ ଶୋଷଣର ଅସ୍ତ୍ରଭାବରେ ହିଁ ରାଷ୍ଟ୍ରର ଅଭ୍ୟୁତ୍ଥାନ। ରାଷ୍ଟ୍ର ଆକାଶରୁ ଖସି ପଡ଼ି ନାହିଁ, ଈଶ୍ୱର ବି ସୃଷ୍ଟି କରି ଦେଇ ନାହାନ୍ତି। ସୁତରାଂ, ଯେଉଁମାନେ ରାଷ୍ଟ୍ର ଗଠନର ଇତିହାସକୁ ଜାଣନ୍ତି ନାହିଁ, ଇତିହାସର ସେହି ତତ୍ତ୍ୱବିଦ୍ ଓ ରାଜନୀତିବିଦ୍‌ମାନେ ହିଁ ରାଷ୍ଟ୍ରର ଚିରନ୍ତନ ତତ୍ତ୍ୱର କଥା କହି ପାରନ୍ତି। କେଉଁ ସମୟରେ, କେତେବେଳେ, କେଉଁ ଅବସ୍ଥାରେ କାହିଁକି ରାଷ୍ଟ୍ର ଗଢି ଉଠିଥିଲା ଏବଂ କେଉଁ ପ୍ରକ୍ରିୟା ମାଧ୍ୟମରେ ରାଷ୍ଟ୍ର ସଶସ୍ତ୍ର ହୋଇଥିଲା, ଏହି ଇତିହାସ ଯେଉଁମାନଙ୍କୁ ଜଣା ଅଛି, ସେମାନେ ହିଁ ଜାଣନ୍ତି ଯେ, ଶ୍ରେଣୀ ସଂଗ୍ରାମର ଅସ୍ତିତ୍ୱ ସହିତ ରାଷ୍ଟ୍ରର ଅସ୍ତିତ୍ୱ ଓତଃପ୍ରୋତ ଓ ଅଙ୍ଗାଙ୍ଗୀଭାବେ ଜଡ଼ିତ। ରାଷ୍ଟ୍ର ରହିବ ଆଉ ଶ୍ରେଣୀ ସଂଗ୍ରାମ ଚାଲିଯିବ– ତା' ହୁଏନା। ଗୋଟିଏ ଚାଲିଗଲେ ଯାଇ ଅନ୍ୟଟି ଯିବ। ଅର୍ଥାତ୍, ଯେତେବେଳେ ଉତ୍ପାଦନ ଏବଂ ଉତ୍ପାଦନର ବଣ୍ଟନକୁ କେନ୍ଦ୍ରକରି ମଣିଷ ମଣିଷ ମଧ୍ୟରେ antagonistic contradiction (ବିରୋଧାତ୍ମକ ଦ୍ୱନ୍ଦ୍ୱ) non antagonistic (ମିଳନାତ୍ମକ) ଦ୍ୱନ୍ଦ୍ୱରେ ରୂପାନ୍ତରିତ ହେବ, ସେତେବେଳେ ହିଁ ରାଷ୍ଟ୍ରର ଆଉ ଅସ୍ତିତ୍ୱ ରହିବ ନାହିଁ। ଯେତେବେଳ ପର୍ଯ୍ୟନ୍ତ ବିପ୍ଳବୀ ପାର୍ଟି ସମାଜ ବିପ୍ଳବକୁ ପରିଚାଳନା କରି ସେହି ଅବସ୍ଥାକୁ ଯାଇ ନପାରିବ, ସେତେବେଳ ପର୍ଯ୍ୟନ୍ତ ପାର୍ଟି ଏକ କମ୍ୟୁନିଷ୍ଟ ପାର୍ଟି ଭାବେ, ଶ୍ରମିକ ଶ୍ରେଣୀର ପାର୍ଟି ସମାଜ ମଧ୍ୟରୁ disappear (ଅନ୍ତର୍ହିତ) ହେବ ନାହିଁ। ପାର୍ଟି ରାଜନୀତି କାହାର ଇଚ୍ଛା-ଅନିଚ୍ଛା ହେତୁ ନୁହେଁ, ବାସ୍ତବ ଶ୍ରେଣୀ ସଂଗ୍ରାମର ବିକାଶର ଗୋଟିଏ ବିଶେଷ ସ୍ତରର ପ୍ରତିଫଳନ। ସେଥିପାଇଁ ନେଗେସନ୍ ଅଫ୍ ନେଗେସନ୍ ହେଉଛି ବିକାଶର ପଥରେ ଅବଲୁପ୍ତି। ଧ୍ୱଂସ ଛଡ଼ା ସୃଷ୍ଟି ହୁଏ ନାହିଁ। କ୍ରମାଗତ ପାର୍ଟିକୁ ଗଢି ତୋଳୁଛି ଅର୍ଥ ହେଲା ଗୋଟିଏ ଦିଗରେ ପାର୍ଟି ରାଜନୀତିକୁ ଖତମ କରୁଛି। କ୍ରମାଗତ ପାର୍ଟିକୁ ଶକ୍ତିଶାଳୀ କରିବା ପାଇଁ ଆୟୋଜନ କରୁଛି, ଏ କଥାର ଅର୍ଥ ହେଲା– କ୍ରମାଗତ ପାର୍ଟି ରାଜନୀତିକୁ

ଖତମ କରିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ଶ୍ରେଣୀ ସଂଗ୍ରାମକୁ ଶକ୍ତିଶାଳୀ କରୁଛି, ଯାହାର ଅର୍ଥ ହେଲା ଶ୍ରେଣୀ ସଂଗ୍ରାମକୁ ସମାଜରୁ ଅବଲୁପ୍ତ କରିବାର ପ୍ରକ୍ରିୟାରେ ମୁଁ ଅଂଶଗ୍ରହଣ କରୁଛି। ଏହା ହେଲା negation of negation- one of the principles of dialectical materialism (ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଅନ୍ୟତମ ନିୟମ),ଏହା ତା'ର ଯଥାର୍ଥ ଅର୍ଥ ଓ ତାତ୍ପର୍ଯ୍ୟ।

ଯେଉଁ କଥା କହିବାକୁ ଆରମ୍ଭ କରି ମଝିରେ ତତ୍ତ୍ୱ ସମ୍ପର୍କରେ କେତୋଟି କଥା କହିବାକୁ ହେଲା, ତା' ନବୁଝିପାରିଲେ, ବୁଝିବାଟା ଉପରଠାଉରିଆ ହୋଇଯିବ। ପାର୍ଟି ଗଢିବାର ଆରମ୍ଭ ଦିନରେ ଆମ ନିକଟରେ ମୂଳ ବିଷୟ ଥିଲା, ଭାରତବର୍ଷରେ ଗୋଟିଏ ବିପ୍ଳବୀ ଦଳ ଗଢିବାକୁ ହେବ, ଆଉ ସେଥିପାଇଁ ପ୍ରଥମ ସର୍ତ୍ତ ଥିଲା, ଜଣେ ଦୁଇ ଜଣ କରି କର୍ମୀ ସଂଗ୍ରହ କରିବା। ଆଉ ଏବେ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଏକ ପୂର୍ଣ୍ଣ ବିକଶିତ ପାର୍ଟି, କିଛିଟା ଶକ୍ତି ସଞ୍ଚୟ କରିଥିବା ପାର୍ଟି, ଯେଉଁ ପାର୍ଟିରେ କେତେ ହଜାର କର୍ମୀ ଅଛନ୍ତି, ବହୁ ସମର୍ଥକ ଅଛନ୍ତି ଏବଂ ବିରାଟ କର୍ମକ୍ଷେତ୍ର ରହିଛି। କେବଳ ଗୋଟିଏ ରାଜ୍ୟରେ ନୁହେଁ, ଆଠ ଦଶଟି* (ବର୍ତ୍ତମାନ ୨୬ଟି ରାଜ୍ୟରେ ପାର୍ଟି କାମ ଚାଲିଛି) ରାଜ୍ୟରେ କାମ ଚାଲିଛି। ଭାରତବର୍ଷର ଜନଗଣଙ୍କ ନିକଟରେ ଆଜି ଆଉ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଅପରିଚିତ ପାର୍ଟି ନୁହେଁ। ଯେଉଁମାନେ ମତବାଦ, ଦର୍ଶନ ଏବଂ ରାଜନୀତି ସଂକ୍ରାନ୍ତୀୟ ଖବରାଖବର ରଖନ୍ତି ସେହି ଲୋକମାନଙ୍କର ଆଉ ବିଭ୍ରାନ୍ତ ହେବାର କୌଣସି ପ୍ରଶ୍ନ ନାହିଁ। ଅଥଚ ଗୋଟିଏ ସମୟ ଥିଲା ଯେତେବେଳେ ସୋସାଲିଷ୍ଟ ୟୁନିଟି ସେଣ୍ଟର କମ୍ୟୁନିଷ୍ଟ ନା ସୋସାଲିଷ୍ଟ ତା' ବୁଝିବାରେ ଅସୁବିଧା ହେଉଥିଲା। ମାତ୍ର ଆଜି ଶତ୍ରୁମାନଙ୍କର ବି ବୁଝିବାରେ ଭୁଲ ହୁଏନା ଯେ, ଏହା କି ଧରଣର ପାର୍ଟି। କଂଗ୍ରେସ ଠାରୁ ସୋସାଲିଷ୍ଟ ଏବଂ ଆର୍.ଏସ୍.ଏସ୍. ପର୍ଯ୍ୟନ୍ତ ପ୍ରତ୍ୟେକେ ହିଁ ଜାଣନ୍ତି ଯେ,ଏହା ହେଉଛି ଏକ ମାର୍କ୍ସବାଦୀ ଲେନିନ୍‌ବାଦୀ ପାର୍ଟି। କେବଳ ସେତିକି ନୁହେଁ, ଏହା ଏକ କଟ୍ଟର ମାର୍କ୍ସବାଦୀ ଲେନିନ୍‌ବାଦୀ ପାର୍ଟି। ଏହା ସେମାନଙ୍କର ଭାଷା, ଆମେ କଟ୍ଟର ନୋହୁଁ କି ନରମ ବି ନୋହୁଁ- ଆମେ ଯାହା ଆମେ ସେଇୟା। ସେମାନେ ମନେକରନ୍ତି ଆମେ ଗୋଟିଏ କଟ୍ଟର ମାର୍କ୍ସବାଦୀ ପାର୍ଟି, ଅର୍ଥାତ୍ extremist (ଅତି ବିପ୍ଳବୀ)। ବର୍ତ୍ତମାନ ପରିସ୍ଥିତି ହେଉଛି ପାର୍ଟି ବିଭିନ୍ନ ଜନଗଣଙ୍କ ସ୍ତରରେ ସକ୍ରୀୟ ଅଛି। ଯେମିତି ଧରନ୍ତୁ, ପଶ୍ଚିମବଙ୍ଗ, ଏଠାରେ ଜିଲ୍ଲା କମିଟି, ଥାନା-ଅଞ୍ଚଳ-ଗ୍ରାମ୍ୟ କମିଟି ପର୍ଯ୍ୟନ୍ତ ଅଛି। ଯେଉଁ ଦାୟିତ୍ୱଟି ଏବେ ଆସିଗଲା, ତା' ଯଦି ଆମେ ବର୍ତ୍ତମାନ କରି ନପାରୁ, ତାହେଲେ ଆମେ ଜନଗଣଙ୍କ ସଂଗ୍ରାମରେ ନେତୃତ୍ୱ ପ୍ରତିଷ୍ଠା କରିପାରିବୁ ନାହିଁ। ସୁତରାଂ, ଯେଉଁ କାମ ଆମେ ପ୍ରଥମ ଅବସ୍ଥାରେ ଆରମ୍ଭ କରିଥିଲୁ ତା' ବର୍ତ୍ତମାନ ଯେ ବାହୁ ପଡ଼ିଗଲା ସେମିତି ନୁହେଁ। ସେଥି ସହିତ

additional present task (ଅତିରିକ୍ତ ସାମ୍ପ୍ରତିକ ଦାୟିତ୍ୱ) ଏବେ ଆସିଗଲା। ଏହି ଦୁଇଟି ମଧ୍ୟରେ ତୁଳନାମୂଳକ ଭାବେ ବର୍ତ୍ତମାନର ଆବଶ୍ୟକତା ଆମମାନଙ୍କ ନିକଟରେ ଅଧିକ ଗୁରୁତ୍ୱପୂର୍ଣ୍ଣ, ଯାହାକୁ ଆମେ ଅଣଦେଖା କରି ପାରିବା ନାହିଁ। ଏତେ ମିଥ୍ୟା ପ୍ରଚାର ସତ୍ତ୍ୱେ ବି ବର୍ତ୍ତମାନ ଜନଗଣଙ୍କ ମଧ୍ୟରେ ଆମର କ୍ୟାଡରମାନେ ଯଦି ଠିକ୍ ଠିକ୍ ଭାବେ ବକ୍ତବ୍ୟ ଉପସ୍ଥାପନ କରି ପାରନ୍ତି, ତାହେଲେ ଦେଖାଯାଉଛି, ପବ୍ଲିକ୍ ଆମ କଥା ଗ୍ରହଣ କରୁଛନ୍ତି। ଆମର ଯାହା ଦରକାର ତା'ହେଲା କେଉଁ ପାର୍ଟି କି ପ୍ରକାର ବିଭ୍ରାନ୍ତି ସୃଷ୍ଟି କରୁଛି ତାକୁ ଧରି ପାରିବା, ଆଉ ତା' ଶୁଣି କେଉଁ ଜାଗାରେ କେଉଁଭଳି ଭାବରେ ବ୍ୟାଖ୍ୟା କରି ପାରିଲେ ଜନଗଣ ସହଜରେ ବୁଝି ପାରିବେ, ସେହି ଭାବରେ ବକ୍ତବ୍ୟ ରଖି ପାରିବା ଏବଂ ଅନ୍ୟର ବକ୍ତବ୍ୟ ସମ୍ବନ୍ଧରେ ଭଲଭାବରେ ଅବଗତ ରହିବା ତଥା ଆମର ବକ୍ତବ୍ୟ ସମ୍ବନ୍ଧରେ ମଧ୍ୟ ଖୁବ ଭଲଭାବରେ ଅବଗତ ରହିବା। କମ୍ରେଡ୍‌ମାନଙ୍କୁ ଉକ୍ତ ବିଷୟଗୁଡ଼ିକୁ ଭଲଭାବେ ଆୟତ୍ତ କରିବାକୁ ହେବ। ଆମର ବକ୍ତବ୍ୟକୁ ଆମେ ବହୁ ସମୟରେ ଉପରଠାଉରିଆଭାବେ ବୁଝୁ, ଅନୁଭବ କରୁ ଯେ, ଏହା ହିଁ ଠିକ୍, କିନ୍ତୁ ସଠିକ୍‌ଭାବେ ସଜେଇ କହି ପାରୁନା। ଯେତେବେଳେ ହିଁ କହିବାକୁ ଯାଉ, ଅଧିକାଂଶ କମ୍ରେଡ୍ ଗୋଲମାଳ କରି ପକାନ୍ତି। ଯେକୌଣସି ଲୋକ ସାମାନ୍ୟ ଚେଷ୍ଟା କଲେ ଆମକୁ ଗୋଟିଏ ପଏଣ୍ଟରୁ ଅନ୍ୟ ଏକ ପଏଣ୍ଟକୁ ନେଇ ଯାଇ ପାରନ୍ତି। ମୁଁ ଗୋଟିଏ ବିଷୟ ବୁଝାଇବାକୁ ଆରମ୍ଭ କରିଥିଲି, ଆଉ ମତଲବ୍‌ବାଜ କେତେ ଜଣ ଲୋକ ଓଲଟା ପାଲଟା ପ୍ରସଙ୍ଗ ଉଠାଇ ଦେଇ ମୋତେ ସେହି ବିଷୟରୁ ଦୂରେଇ ନେଲେ। ମୁଁ ଜାଣେନା, ଆଲୋଚନାଟିକୁ କିଭଳି ପରିଚାଳନା କରାଯାଏ ଓ ନିୟନ୍ତ୍ରଣ କରାଯାଏ। ଅନ୍ୟମାନେ ଆମକୁ ଅନ୍ୟ ପ୍ରସଙ୍ଗକୁ ନେଇ ଯିବାକୁ ଚାହିଁଲେ ବି ସେମାନଙ୍କୁ କିଭଳି ଭାବେ ଚାରିଦିଗରୁ ଘେରି ମୁଁ ଯେଉଁ ପ୍ରସଙ୍ଗ ମଧ୍ୟକୁ ତାଙ୍କୁ ଆଣିବାକୁ ଚାହିଁବି, ତାଙ୍କୁ ସେଠାକୁ ଆଣି ପାରିବି– ଏହି ଯୁକ୍ତି କରିବାର ଦକ୍ଷତା ଅର୍ଜନ କରିବାକୁ ହେବ। ଆଉ ଏଥିପାଇଁ କଣ ଦରକାର, ଦରକାର ନିଜ ଦଳର ବକ୍ତବ୍ୟକୁ ଏପରିଭାବେ ଜାଣିବାକୁ ହେବ ଯଦ୍ୱାରା ଆମେ ଆମ ଭାଷାରେ ସେଗୁଡ଼ିକୁ reproduce (ଉପସ୍ଥାପନ) କରିପାରୁ। ଯେଉଁ ବିଷୟରେ ପାର୍ଟିର ବକ୍ତବ୍ୟ ଖୁବ୍ ଭଲଭାବରେ କୁହାଯାଇଛି, ବ୍ୟାଖ୍ୟା କରାଯାଇଛି, ଯୁକ୍ତି ଦିଆଯାଇଛି ସେଗୁଡ଼ିକୁ ଉପସ୍ଥାପନ କରିପାରୁ। ଏପରିଭାବେ ପଢିବାକୁ ହେବ ଯଦ୍ୱାରା ଏହାକୁ ଉପଲବ୍ଧ କରିପାରୁ। ବାରମ୍ବାର ସେଗୁଡ଼ିକୁ ନେଇ ନିଜ ଭିତରେ ଚର୍ଚ୍ଚା କରିବାକୁ ହେବ ଯାହାଫଳରେ ଆମେ ତାହାକୁ ଭଲଭାବେ ଆୟତ୍ତ କରି ପାରିବା। ଆମେ ଜନଗଣଙ୍କ ମଧ୍ୟକୁ ପାର୍ଟିକୁ ନେଇ ଯାଉନାହୁଁ, କାମ କରୁନାହୁଁ, ତା' ତ ନୁହେଁ। Go to the masses (ଲୋକଙ୍କ ପାଖକୁ ଯାଅ), ଏହି ସ୍ଲୋଗାନଟି ଦେଲେ ହିଁ, ଆଉ ଜନଗଣଙ୍କ ମଧ୍ୟକୁ ଗଲେ ହିଁ ଆମର ସମସ୍ତ କାମ

ହୋଇଗଲା, ଆମେ ସବୁ ଶିଖିଗଲୁ ବା ଆମର ଦାୟିତ୍ୱ ଯାହା ଉପରେ ବର୍ତ୍ତମାନ ନେତୃତ୍ୱ ଜୋର ଦେଉଛି, ତା' କିନ୍ତୁ ଚାହିଁଲେ ହିଁ ଆମେ ପୂରଣ କରିପାରିବା ନାହିଁ। ଆମ୍ଭମାନଙ୍କର ବକ୍ତବ୍ୟ ସଠିକ, ଏହି କଥା କହିଦେଲେ ହିଁ କଣ ଆମେ ନେତୃତ୍ୱ ପ୍ରତିଷ୍ଠା କରିପାରିବା ? ନା, କେହି ଶୁଣିବେ ନାହିଁ, ହଜାରେ ଭଲ ବକ୍ତୃତା ଦେଲେ ବି କେହି ଶୁଣିବେ ନାହିଁ। ଷ୍ଟାଲିନ୍‌ଙ୍କ ସେହି କଥା- ତୁମର ଯଦି ଶକ୍ତି ନଥାଏ, ତୁମ କଥା କେହି ଶୁଣିବେ ନାହିଁ। ସେଥିପାଇଁ ଶକ୍ତି ଦରକାର। ଶକ୍ତି ଯଦି ନଥାଏ, ଜନଗଣଙ୍କ ଉପରେ ଯଦି କାର୍ଯ୍ୟକାରୀ ନିୟନ୍ତ୍ରଣ ନଥାଏ, ଶକ୍ତିଶାଳୀ ଗଣସଂଗଠନଗୁଡ଼ିକୁ ଯଦି ଆମେ ନିୟନ୍ତ୍ରଣ ନକରୁ, ବିଭିନ୍ନ ଜାଗାରେ ଗ୍ରାମ ସ୍ତରରୁ କାରଖାନା ସ୍ତର ପର୍ଯ୍ୟନ୍ତ ଯଦି କାର୍ଯ୍ୟକାରୀ ପାର୍ଟି କମିଟି ଫଙ୍କସନ ନକରେ, ୟୁନିୟନ୍ ନିୟନ୍ତ୍ରଣରେ ଥାଉ ବା ନଥାଉ, କାର୍ଯ୍ୟକାରୀ ପାର୍ଟି କମିଟି ଯଦି ନଥାଏ ତେବେ ଆମର କଥା ଶୁଣାଇବା ସମ୍ଭବ ହେବ ନାହିଁ। କମିଟି ଅର୍ଥ ଏଭଳି ନୁହେଁ ଯେ, ଆମର ଦୁଇ ଜଣ ଲୋକ ଅଛନ୍ତି, କୌଣସି କାମ କରନ୍ତି ନାହିଁ, କିଛି ବି କରନ୍ତି ନାହିଁ, କଣ କରିବେ ତା' ଜାଣନ୍ତି ନାହିଁ, ସେମାନଙ୍କର ଦୈନନ୍ଦିନ କାମ କଣ, ସେଗୁଡ଼ିକୁ ସୃଷ୍ଟି କରି ଜାଣନ୍ତି ନାହିଁ, ସେମାନେ ପାର୍ଟିର ପତ୍ରିକା ନିଜେ ନିଅନ୍ତି ନାହିଁ, ପତ୍ରିକାରେ କଣ ବାହାରିଛି ତା' ନେଇ ଆଲୋଚନା କରନ୍ତି ନାହିଁ, ସେମାନେ ନିଜେ କିଛି ପ୍ରଚାର କରି ପାରନ୍ତି ନାହିଁ, is it an active party body (ଏହା କଣ ଏକ ସକ୍ରୀୟ ପାର୍ଟି ବଡି) ? ଯେଉଁମାନେ ନିଜେ ଯୋଜନା ମୁତାବକ ପାର୍ଟିର ପ୍ରଚାର କରନ୍ତି, କ୍ଲାସ କରନ୍ତି, ଆଲୋଚନା କରନ୍ତି, ପତ୍ରପତ୍ରିକା ନିଜେ ପଢନ୍ତି, ଅନ୍ୟକୁ ପଢାନ୍ତି, ୟୁନିୟନ୍ ଏବଂ ସଂଗ୍ରାମର ଗତି ପ୍ରକୃତି ବୁଝି ସମସ୍ତଙ୍କ ପୂର୍ବରୁ ସକ୍ରିୟଭାବେ ଝାମ୍ପି ପଡି ନେତୃତ୍ୱ ନେବା ପାଇଁ ଚେଷ୍ଟା କରନ୍ତି, ନିୟମିତ ଭାବେ ଷ୍ଟଡି ସାର୍କେଲ ଆୟୋଜନ କରନ୍ତି, ଯେତେବେଳେ ଯେଉଁ ନେତା ଉପଲବ୍ଧ ହୁଅନ୍ତି ତାଙ୍କୁ ନେଇ ଯାଆନ୍ତି, ନେତାଙ୍କୁ ନେଇ ନପାରିଲେ ମଧ୍ୟ ନିଜେ ନିଜେ ବସି ଆଲୋଚନା କରନ୍ତି ଏବଂ ଏହିଭଳି ବିରାମହୀନଭାବେ ପାର୍ଟିର ବହିପତ୍ର,ବକ୍ତବ୍ୟ, ବିଭିନ୍ନ ପାର୍ଟିର ମତାମତ ସମ୍ବନ୍ଧରେ ନିଜ ନିଜ ମଧ୍ୟରେ ଚର୍ଚ୍ଚା, ଆଳାପ ଆଲୋଚନା କରନ୍ତି, ସେହିମାନେ ହିଁ ସକ୍ରିୟ ପାର୍ଟି ବଡି ଗଢି ପାରନ୍ତି। କାରଖାନା ଗୁଡ଼ିକରେ ଏହିଭଳି ପାର୍ଟି କମିଟି ଗଢି ତୋଳିବାକୁ ହେବ। ତାହେଲେ ବର୍ତ୍ତମାନ ଆମ୍ଭମାନଙ୍କର କାମ ହେଉଛି କାରଖାନା ସ୍ତରରେ, ଆଞ୍ଚଳିକ ସ୍ତରରେ, ପାର୍ଟି କମିଟିମାନ ଗଢି ତୋଳିବା, କୃଷକ ଫ୍ରଣ୍ଟରେ, ଗ୍ରାମ ସ୍ତର ପର୍ଯ୍ୟନ୍ତ କମିଟି ଗଢି ତୋଳିବା। କେବଳ ଥାନା କମିଟି ନୁହେଁ- ଥାନା କମିଟି, ଆଞ୍ଚଳିକ କମିଟି, ଗ୍ରାମ୍ୟ କମିଟି ଏବଂ ପ୍ରତିଟି କ୍ଷେତ୍ରରେ କାମ କରିବା ପାଇଁ ଯୋଗ୍ୟ ବ୍ୟକ୍ତି ବାହାର କରିବାକୁ ହେବ। ଏବେ ଆମେ କେତେକ ସଂଗଠନ ନିୟନ୍ତ୍ରଣ

କରୁଛୁ, ଆମମାନଙ୍କ ପଛରେ ବି କିଛି ଜନଗଣ ଅଛନ୍ତି, କିନ୍ତୁ ଏବେ ମୁଖ୍ୟତଃ ଏହାକୁ ପ୍ରଚାର ଧର୍ମୀ ନିଉକ୍ଲିୟସ୍ ଚରିତ୍ରରୁ ଗଣ ସଂଗ୍ରାମ ପରିଚାଳନାର ସଂଗଠନରେ ରୂପାନ୍ତରିତ କରିବାକୁ ହେବ।

## ଆଜି ଅସଂଖ୍ୟ ଯୋଗ୍ୟ ରାଜନୈତିକ କର୍ମୀ ଓ ନେତା ଆବଶ୍ୟକ

ତା’ ଯଦି କରିବାକୁ ହୁଏ, ତେବେ ଆମର ଅସଂଖ୍ୟ କର୍ମକର୍ତ୍ତା ଏବଂ ଯୋଗ୍ୟ ରାଜନୈତିକ କର୍ମୀ ପ୍ରୟୋଜନ। ପୂର୍ବ ପଦ୍ଧତି ଅନୁଯାୟୀ ବ୍ୟାପକ ସଂଖ୍ୟାରେ ସକ୍ରୀୟ କର୍ମୀ, ସଂଗଠକ, କର୍ମକର୍ତ୍ତା ଏବଂ ନେତା ଗଢ଼ି ତୋଳିବା ସମ୍ଭବ ନୁହେଁ। ଅଳ୍ପ କିଛି ଲୋକଙ୍କୁ ହୁଏତ ଗଢା ଯାଇ ପାରିବ। ଏହା ହେଲା ପ୍ରଥମ କଥା। ଦ୍ୱିତୀୟ ବିଷୟ ହେଲା, କେବଳ ପୂର୍ବର ସେହି ପ୍ରକ୍ରିୟାରେ ସେମାନଙ୍କୁ ଗଢ଼ିଲେ ବି ଯଦି ସେମାନେ ଏହି mass action, ରେ ଏହି ସଂଗଠନ ଗଢ଼ି ତୋଳିବା ପ୍ରକ୍ରିୟାରେ କାର୍ଯ୍ୟକାରୀ ଉଦ୍ୟୋଗ ନେଇ ନିଜର method of working style, habits (କର୍ମ ପଦ୍ଧତି,ଅଭ୍ୟାସ)କୁ remoulding ଏବଂ restyling (ନିଜକୁ ଭାଙ୍ଗି ନୂତନଭାବେ ଗଢିବା ଏବଂ ନୂତନ କର୍ମଶୈଳୀ ଗ୍ରହଣ କରିବା) ନକରନ୍ତି ଏବଂ ଆଜିର ଆବଶ୍ୟକତ ଅନୁଯାୟୀ କାମ କରି ନପାରନ୍ତି ତେବେ ଗଢି ଉଠିଥିବା ଚରିତ୍ର ମଧ୍ୟରେ ବି ଘୁଣ ଧରି ପାରେ ଏବଂ ଘୁଣ ଧରିବ। ଫଳରେ ଆମର କଣ ପ୍ରୟୋଜନ ? ଆମର ପ୍ରୟୋଜନ ନେତାମାନଙ୍କ ସହ ଏହି ଏହି ହଲ୍ ଭର୍ତ୍ତି କମ୍ରେଡ୍‌ମାନଙ୍କ ମଧ୍ୟରୁ ହାତ ଗଣତି କେତେ ଜଣ ମିଳିବେ ଯେଉଁମାନେ ବର୍ତ୍ତମାନର ପରିସ୍ଥିତି ଅନୁଯାୟୀ କ୍ରିୟା କରିବାକୁ ଯୋଗ୍ୟ, ସେମାନଙ୍କୁ ଗୋଟିଏ ଧକ୍କାରେ ପରିବର୍ତ୍ତିତ ହେବାକୁ ପଡ଼ିବ। ଏଠାରେ କୌଣସି ନେତାଙ୍କୁ ବା କୌଣସି ନେତୃସ୍ଥାନୀୟ କମ୍ରେଡ୍‌ଙ୍କୁ ବାଦ ଦିଆଯାଇ ପାରିବ ନାହିଁ।

ଆଉ ଗୋଟିଏ ବିଷୟ ମୁଁ ଆପଣମାନଙ୍କ ନିକଟରେ କହିବି, ଆପଣମାନେ revolution (ବିପ୍ଳବ)ର କାମ ପାଇଁ, ଗୋଟିଏ ମହତ୍ କାମ ପାଇଁ ଆପଣମାନଙ୍କ ଜୀବନକୁ ଉତ୍ସର୍ଗ କରିଛନ୍ତି। ଆପଣଙ୍କର ଯେତେ ଅଭାବ ଥାଉ ନା କାହିଁକି, ପ୍ରତିଦିନ ଆପଣ ଯାହା ଖର୍ଚ୍ଚ କରନ୍ତି, ସେଥିରୁ ଦୁଇ ଚାରି ଅଣା ଯଦି ସଂଗ୍ରହ କରି ପାରନ୍ତି, ଯଦି ଆପଣଙ୍କର ଆକାଂକ୍ଷା, ଶୃଙ୍ଖଳା ଏବଂ ଚାରିତ୍ରିକ ପଦ୍ଧତିରେ ଊଣା ନଥାଏ, ତେବେ ଆପଣମାନେ ଏହିଭଳି ଦୁଇ ହଜାର, ଅଢ଼େଇ ହଜାର କମ୍ରେଡ୍ ଯଦି ବାର୍ଷିକ ପଚାଶ/ଶହେ ଟଙ୍କା କରି ଦିଅନ୍ତି, ତାହେଲେ ପାର୍ଟି ଫଣ୍ଡକୁ ବର୍ଷକୁ କେତେ ଲକ୍ଷ ଟଙ୍କା ହୁଏତ ସହଜରେ ଆସି ଯିବ। ଆପଣମାନଙ୍କର ହୁଏତ ଇଚ୍ଛା ଅଛି, ଏପରି ନୁହେଁ ଯେ ଆପଣମାନେ ପ୍ରୟୋଜନ ମନେକରନ୍ତି ନାହିଁ, କିନ୍ତୁ ଢିଲାଢିଲି ଅଭ୍ୟାସ, ଜୀବନରେ

ମାନସିକତା ଏବଂ ପଦ୍ଧତିରେ ଏତେ ଅଭାବ ଯେ, କେଉଁ କାମ ପ୍ରଥମେ କରିବା ଦରକାର, କେଉଁ କାମ ପରେ କରିବା ଦରକାର, କେଉଁଟା ପ୍ରୟୋଜନ ତା' ଅନୁଭବ କରିବାକୁ ସକ୍ଷମ ନୁହଁନ୍ତି। ଏହିଭାବେ ପାର୍ଟିର ଫଣ୍ଡ ଉଠାଇ ପାରିଲେ, ପାର୍ଟିର ବିରାଟ ଆର୍ଥିକ ସମସ୍ୟାର ସମାଧାନ ହୋଇଯାଆନ୍ତା। ଆଉ ତା' କରିପାରିଲେ ବହୁ କର୍ମୀଙ୍କୁ ରିଲିଜ୍ କରିବା ସମ୍ଭବ ହୁଅନ୍ତା।

କିନ୍ତୁ ଯେଉଁ ବିଷୟ ଉପରେ ଜୋର ଦେବାକୁ ଚାହୁଁ ଥିଲି ତା' ହେଉଛି, କାମ କରିବାର ଶୈଳୀ ଏବଂ ଅଭ୍ୟାସ। ବହୁ ଉତ୍ତମ ଓ ସୁନ୍ଦର କମ୍ରେଡ୍ ଅଛନ୍ତି ଯେଉଁମାନେ ସାଂସ୍କୃତିକ ଭାବେ ବିପ୍ଳବୀ ଚରିତ୍ର ଆୟତ୍ତ ଦିଗରୁ ଅନେକାଂଶରେ ଅଗ୍ରଗତି କରିଛନ୍ତି, ସେମାନଙ୍କୁ ମଧ୍ୟ ଏହି ନୂତନ ପ୍ରୟୋଜନ ଅନୁଯାୟୀ କିଛି ମାତ୍ରାରେ ରିମୋଲ୍ଡ କରିବା ଦରକାର। ପୁଣି ନୂତନମାନଙ୍କର ଚରିତ୍ର ଅର୍ଜନ ନିମନ୍ତେ ଯାହା ମୂଳ ଭିତ୍ତି, ସେ କ୍ଷେତ୍ରରେ ସାମାନ୍ୟ ବି ଢିଲାଢିଲି ଭାବ ପୋଷଣ କରିବା ଚଳିବ ନାହିଁ। କାରଣ ଏହା ହିଁ ହେଲା ଆମ ପ୍ରତି ଜନଗଣଙ୍କର ଆକର୍ଷଣର ଭିତ୍ତି, ଏହିଠାରେ ହିଁ ଆମେ supreme to all (ସମସ୍ତଙ୍କ ଠାରୁ ଶ୍ରେଷ୍ଠ)। ଆମର କ୍ୟାଡରମାନେ ବହିରେ ଦାଗ ଦେଇ ଦେଇ ଗୁରୁତ୍ୱ ସହକାରେ ପଢନ୍ତି ନାହିଁ, ଖାମଖିଆଲିଭାବେ ପଢନ୍ତି। ବହୁ କମ୍ରେଡ୍ ଥରେ ପଢ଼ି ରଖିଦିଅନ୍ତି, ସେମାନେ ବାରମ୍ବାର) ପଢ଼ି ନିଜ ନିଜ ମଧ୍ୟରେ ଆଲୋଚନା କରନ୍ତି ନାହିଁ। ଏହିଭାବେ ଆଲୋଚନା କରନ୍ତି ନାହିଁ ବୋଲି ହିଁ ସେମାନଙ୍କ ମଧ୍ୟରେ critical observation (ସୂକ୍ଷ୍ମ ବିଚାର) ଗଢ଼ି ଉଠେନା। ଯା' ପଢୁଛି ତା'ଭିତରେ କେତେ ବିଷୟ ଥାଏ, ଆଉ ଯଦି ବି ନଥାଏ, ତେବେ କିଭଳି ଏହାକୁ ଆହୁରି କେତେ ଉନ୍ନତ କରାଯାଇ ପାରିବ- ଏହି ଦୁଇଟି ତ ପ୍ରୟୋଜନ। ଗୋଟିଏ ହେଉଛି, କେତେ କଥା ଏହା ଭିତରେ ରହିଛି ଯାହା ମୁଁ ଧରିପାରି ନାହିଁ, ବାରମ୍ବାର ଚର୍ଚ୍ଚା ନକଲେ ତା' ମଧ୍ୟରେ ଥିବା ବହୁ ଅମୂଲ୍ୟ ବିଷୟ ହୁଏତ ମୋ ଆଖିରେ ପଡିବ ନାହିଁ। ବାରମ୍ବାର ଚର୍ଚ୍ଚା ନକଲେ ଏହା ମଧ୍ୟରେ ଯଦି କିଛି ଉନ୍ନତ କରିବା ଆବଶ୍ୟକ ଥାଏ, ତା' ବି ହେବ ନାହିଁ। ଫଳରେ କଣ ପାଇଁ ପଢୁଛି, ମୁଁ କଣ ଚାହେଁ, ତା' ଗଭୀରଭାବେ ନବୁଝିଲେ ପଢିବା କେବଳ ପଢିବା ପାଇଁ ହେବ, କୌଣସି କାମରେ ଲାଗିବ ନାହିଁ।

## ଶ୍ରେଣୀ ବିଭକ୍ତ ସମାଜରେ ନିର୍ବାଚନ ସମ୍ପର୍କରେ ବି ଦୁଇଟି ବିଚାର ଓ ଦୁଇଟି ଦୃଷ୍ଟିଭଙ୍ଗୀ ରହିବ

ପାର୍ଲାମେଣ୍ଟକୁ ଯିବା ଦରକାର ଅଛି କି ନାହିଁ, ଏହି ପ୍ରସଙ୍ଗରେ କିଛିଟା ଆଲୋଚନା ହୋଇଥିଲେ ମଧ୍ୟ ଆହୁରି ଆବଶ୍ୟକ ଅଛି ବୋଲି ମନେହୁଏ। ମଝିରେ

ମଝିରେ ଏହି ବିଷୟଟି କମ୍ରେଡ୍‌ମାନଙ୍କୁ ଧକ୍କା ଦିଏ । ବର୍ତ୍ତମାନ ସମୟରେ ସଂସଦୀୟ ଲଢେଇର କୌଣସି ପ୍ରୟୋଜନୀୟତା ଅଛି କି ନାହିଁ, ଏହା ଏକ ପ୍ରଶ୍ନ । କେଉଁ ଆଧାରରେ ଏହାର ଆବଶ୍ୟକତାକୁ ବିଚାର କରାଯିବ ? ଆଇନସମ୍ମତ ଓ ବେଆଇନ୍ ଆନ୍ଦୋଳନକୁ ଯୁକ୍ତ କରିବା ଦିଗରୁ ହେଉ, ଗଣତାନ୍ତ୍ରିକ ଆନ୍ଦୋଳନର ସ୍ତରକୁ ନିଃଶେଷ କରିବା ଦିଗରୁ ହେଉ, ଜନଗଣଙ୍କୁ ମୋବିଲାଇଜ୍ କରିବା ଦିଗରୁ ହେଉ, ଯଦି ସେଗୁଡ଼ିକର ପ୍ରୟୋଜନୀୟତା ଥାଏ, ତେବେ କେଉଁ ଶୈଳୀରେ ତାହାକୁ ବ୍ୟବହାର କରିବାକୁ ହେବ ତାହା ହିଁ ବିଚାର୍ଯ୍ୟ ବିଷୟ । ନିର୍ବାଚନୀ ଲଢେଇରେ ଯିବାକୁ ତ ପଡ଼ିବ, ମାତ୍ର ସେହି ଶୈଳୀରେ ଯଦି ସେହି ଲଢେଇକୁ ପରିଚାଳନା କରି ନପାରିବେ, ତା'ହେଲେ ତୁମେ ତା' ଦ୍ୱାରା ପ୍ରଭାବିତ ହୋଇଯିବ, ତୁମେ ବୁର୍ଜୁଆମାନଙ୍କ ଦଲାଲରେ ପରିଣତ ହେବ । Extra parliamentary battle, illegal battle (ପାର୍ଲାମେଣ୍ଟ ବର୍ହିଃଭୁତ, ନ୍ୟାୟସଙ୍ଗତ ହେଲେ ବି ପ୍ରଚଳିତ ବୁର୍ଜୁଆ ଆଇନ୍ ଅନୁଯାୟୀ ବେଆଇନ୍ ଲଢେଇ ଏବଂ ବିପ୍ଲବୀ ଆନ୍ଦୋଳନକୁ ଗଢିତୋଳିବାର ଏକ auxilliary struggle (ସହାୟକ ସଂଗ୍ରାମ) ଭାବରେ ଯଦି ଆମେ ସଂସଦୀୟ ସଂଗ୍ରାମର ସ୍ତରକୁ ଗ୍ରହଣ କରିଥାଉ- ଯେତେବେଳେ ଆମେ opposition (ବିରୋଧୀ ପକ୍ଷ)ରେ ଅଛୁ ସେତେବେଳେ ତ ବିରୋଧ କରିବୁ ଆଉ ଯେତେବେଳେ ଆମେ ସଂଖ୍ୟା ଗରିଷ୍ଠ ହୋଇଯିବୁ, ସେତେବେଳେ ଆମର କାମ କଣ ହେବ ? ସେତେବେଳେ ତ ବିପ୍ଲବର ପ୍ରସ୍ତୁତି ହୋଇନାହିଁ । ଗୋଟିଏ ବିଷୟ ହେଲା, ଯେତେବେଳ ପର୍ଯ୍ୟନ୍ତ ଜନଗଣଙ୍କ ମଧ୍ୟରେ ନିର୍ବାଚନୀ ମୋହ ଅଛି, ଆମକୁ ଯିବାକୁ ହେବ । ସେତେବେଳ ପର୍ଯ୍ୟନ୍ତ ଜନଗଣଙ୍କୁ ମୋହମୁକ୍ତ କରିବା ପାଇଁ ଆମର ମଧ୍ୟ ଏକ ଦାୟିତ୍ୱ ରହିଛି । ଆଉ ଯଦି ମୋହ ନଥାଏ, ବିପ୍ଳବର ପ୍ରସ୍ତୃତି ସମ୍ଭବ, ତା'ହେଲେ ଆମେ ନିର୍ବାଚନରେ ଭାଗ ନେବା କାହିଁକି ? ତା' ହେଲେ ତ ପାର୍ଲାମେଣ୍ଟାରୀ ନିର୍ବାଚନରେ ଆମର କୌଣସି ଭାବେ ହିଁ ଯିବା ଉଚିତ୍ ନୁହେଁ । ପାର୍ଲାମେଣ୍ଟ ବର୍ହିଃଭୁତ ଆନ୍ଦୋଳନ ଯଦି ବିପ୍ଳବ ସମୟରେ ଆସିଯାଏ ନିର୍ବାଚନରେ ଅଂଶ ଗ୍ରହଣ କରିବାର ପ୍ରଶ୍ନ ଉଠେନା । ଜନଗଣଙ୍କ ମଧ୍ୟରେ ପାର୍ଲାମେଣ୍ଟାରୀ ମୋହ ନରହିଲେ ପାର୍ଲାମେଣ୍ଟକୁ ଯିବାର ପ୍ରଶ୍ନ ଉଠେନା । ଆଉ ଯେତେବେଳ ଯାଏଁ ବିପ୍ଳବୀ ସଂଗ୍ରାମର ପ୍ରସ୍ତୃତି ହୋଇନାହିଁ, ଗଣତାନ୍ତ୍ରିକ ଢାଞ୍ଚା ପ୍ରତି ଏହି ମୋହ ରହିଛି, ସେତେବେଳ ଯାଏଁ ବିପ୍ଳବୀ ପାର୍ଟିକୁ ପାର୍ଲାମେଣ୍ଟକୁ ଯିବାକୁ ହୁଏ । ଏହା ହିଁ ଲେନିନ୍ କହିଛନ୍ତି । ଆଉ ପାର୍ଲାମେଣ୍ଟକୁ ଗଲେ ଯଦି ତୁମର ବହୁ ମତ ସୃଷ୍ଟି ହେଲା ଭଳି ଅବସ୍ଥା ଆସେ ସେତେବେଳେ କଣ କରିବ, ଯଦିଓ ଲେନିନ୍‌ଙ୍କ ସମୟରେ ପୃଥିବୀରେ ଏଭଳି ପରିସ୍ଥିତି କେଉଁଠି ହେଲେ ବି ସୃଷ୍ଟି ହୋଇ ନଥିଲା ।

ଭାରତବର୍ଷରେ ତା' ପ୍ରଥମେ ଦେଖାଦେଲା, ଏହାପରେ ଚିଲୀରେ ଦେଖାଦେଲା । ମାତ୍ର ଦୃଷ୍ଟିଭଙ୍ଗୀ ସଠିକ୍ ନଥିବାରୁ, ଭୁଲ ଥିବା ଯୋଗୁଁ ଉଭୟ ଭାରତବର୍ଷ ଓ ଚିଲୀରେ ନକଲି କମ୍ୟୁନିଷ୍ଟମାନେ ସଂସଦୀୟ ସଂଗ୍ରାମରେ ଯେଭଳି ଭାବେ ଅଂଶ ଗ୍ରହଣ କରିବା କଥା, ତା' ପରିତ୍ୟାଗ କରି ସୁବିଧାବାଦୀରେ ପର୍ଯ୍ୟବସିତ ହୋଇ ପାର୍ଲାମେଣ୍ଟରେ ଯାଇ ବସିଲେ । ତାର ଅର୍ଥ କଣ ଏଇୟା ଯେ ଯେଉଁମାନେ ପାର୍ଲାମେଣ୍ଟକୁ ଯିବେ ସେମାନେ ହିଁ ସୁବିଧାବାଦୀ ହେବେ ? ମନ ଇଚ୍ଛା ବିଚାର କଲେ କୌଣସି ବିଚାର ସଠିକ୍ ହୁଏ ନାହିଁ । Acutually attempting to utilise the parliamentary struggle in futherance of the revolutionary struggle, you must know how to differentiate it. That is the whole question. No where Lenin said that in any circumstances communist can not go to Governmental power (ବାସ୍ତବରେ ବିପ୍ଳବୀ ସଂଗ୍ରାମକୁ ଆଗେଇ ନେବା ନିମନ୍ତେ, ସଂସଦୀୟ ସଂଗ୍ରାମକୁ ବ୍ୟବହାର କରିବା ପାଇଁ ଉଦ୍ୟମ ଗ୍ରହଣ କରିବା କ୍ଷେତ୍ରରେ ଏହି ଦୁଇଟି ମଧ୍ୟରେ କିଭଳି ପାର୍ଥକ୍ୟ ନିର୍ଦ୍ଧାରଣ କରିବାକୁ ହୁଏ, ତା' ଆପଣମାନଙ୍କୁ ଜାଣିବାକୁ ହେବ । ଏହାହିଁ ହେଉଛି ମୋଟ କଥା । ଲେନିନ୍ କେଉଁଠାରେ ବି କହିନାହାନ୍ତି ଯେ, କୌଣସି ପରିସ୍ଥିତିରେ ମଧ୍ୟ କମ୍ୟୁନିଷ୍ଟମାନେ ସରକାରୀ କ୍ଷମତାକୁ ଯାଇ ପାରିବେ ନାହିଁ) । ଏକଥା ଲେନିନ୍‌ଙ୍କର ନୁହେଁ । ପ୍ରକୃତରେ ସେତେବେଳେ ଏହା ବାସ୍ତବ ନଥିଲା ବୋଲି ଚିନ୍ତା କରାଯାଇ ପାରିନାହିଁ । ତା' ଆମେ ମଧ୍ୟ ଚିନ୍ତା କରି ନଥିଲୁ । ଭାରତବର୍ଷରେ ସ୍ୱାଧୀନତା ପରେ କେରଳରେ ପ୍ରଥମ ବିରୋଧି ପକ୍ଷରେ ଥିବା କମ୍ୟୁନିଷ୍ଟ ପାର୍ଟିର ସରକାର ପ୍ରତିଷ୍ଠା ହେଲା । ତା'ପୂର୍ବରୁ ଏଭଳିଭାବେ କୌଣସି ପାର୍ଟି ସରକାରକୁ ଯାଇପାରେ, ଏହା କାହାରି ବି ଚିନ୍ତାରେ ନଥିଲା, objectively ଅନେକେ ହିଁ ଏହା ଚିନ୍ତା କରିପାରି ନାହାନ୍ତି । ଫଳରେ (ତତ୍ତ୍ୱଗତ) ଭାବେ ସରକାର ଚଳାଇବାର ପ୍ରସଙ୍ଗଟି ଉଠୁ ନଥିଲା । ଏବେ ଏହି ପ୍ରଶ୍ନ ତ ଆସିବ ଏବଂ ଉତ୍ତର ଦେବାକୁ ହେବ । ସେହି କାରଣରୁ ପାର୍ଲାମେଣ୍ଟାରୀ ମୋହ ଦୂର କରିବା ପାଇଁ, ନାନା କୌଶଳରେ ସଂସଦୀୟ ଅସ୍ତ୍ରଟିକୁ ବିପ୍ଳବୀ ସଂଗ୍ରାମ କ୍ଷେତ୍ରରେ ବ୍ୟବହାର କରିବା ପାଇଁ କି କି କଳା କୌଶଳ ହେବ, କିଭଳି ତା' ବୁଝିବେ ? ବାସ୍ତବ ପରିସ୍ଥିତି ଯୋଗୁଁ ଏହି ପ୍ରଶ୍ନ ଆସିଗଲା । ନକଲି ବିପ୍ଳବୀ ଏବଂ ବିପ୍ଳବୀ, ଉଭୟ ହିଁ ପାର୍ଲାମେଣ୍ଟକୁ ଯାଉଛନ୍ତି, ଉଭୟ ହିଁ କହୁଛନ୍ତି ଆମେ ପାର୍ଲାମେଣ୍ଟକୁ ବ୍ୟବହାର କରିବୁ । ମାତ୍ର ଉଭୟ କି କି ସ୍ଲୋଗାନ ଉଠାଉଛନ୍ତି, କେଉଁ କେଉଁ ଦାବି କରୁଛନ୍ତି, କେଉଁ କାଇଦାରେ ସରକାର ଚଳାଇବାକୁ କହୁଛନ୍ତି, ସେମାନଙ୍କର approach to police, attempt to control the police,approach to class struggle, mass movement (ପୋଲିସ ପ୍ରତି ଦୃଷ୍ଟିଭଙ୍ଗୀ, ପୋଲିସକୁ ନିୟନ୍ତ୍ରଣ [illegible] କ୍ଷେତ୍ରରେ ଉଦ୍ୟମ, ଶ୍ରେଣୀ ସଂଗ୍ରାମ

ଏବଂ ଗଣଆନ୍ଦୋଳନ ପ୍ରତି ଦୃଷ୍ଟିଭଙ୍ଗୀଗୁଡ଼ିକ ହେଉଛି ଉପକରଣ– ଯାହାଦ୍ୱାରା ବୁଝାଯିବ ସରକାର ଚଳାଇବାକୁ ହେଲେ କ୍ଷମତାସୀନ ଶ୍ରେଣୀ ସହିତ ସଂଘର୍ଷ କ୍ଷେତ୍ରରେ ବିପ୍ଳବୀମାନଙ୍କର ଉଦ୍ୟମ କଣ ହେବ। ଜନଗଣଙ୍କ ମଧ୍ୟରେ କଣ ହୁଏ– ଯେତେ ବି ବୁଝାଅ, ତଥାପି ବୃହତ୍ତର ଜନସାଧାରଣ ଯେଉଁମାନଙ୍କର ବିପ୍ଳବୀ ସଚେତନତା ନାହିଁ, ସେମାନେ ଏସବୁ କଥା ଶୁଣି ମନେକରନ୍ତି ଯେ, ଏମାନେ ଖାଲି ସବୁ କାମରେ ହିଁ ତ୍ରୁଟି ଦେଖନ୍ତି। ଅନେକ କଥା ବୁଝାଇବା ପରେ ମଧ୍ୟ ମଣିଷର ମନ ଗଣତାନ୍ତ୍ରିକ ଢାଞ୍ଚାରେ ଅଭ୍ୟସ୍ତ ହୋଇଥିବା କାରଣରୁ ଯେଉଁ, ମୋହ ସୃଷ୍ଟି ହୋଇଛି ତା' ସହଜରେ ଯାଏନା। Liberal democracy (ଉଦାରବାଦୀ ଗଣତନ୍ତ୍ର) ବିପ୍ଳବ ବିରୁଦ୍ଧରେ ଏକ ଶକ୍ତିଶାଳୀ ଅସ୍ତ୍ର ଯାହା ଖୁବ୍ ଭୟଙ୍କର। ଏହା ବୁଝାଏ ଯେ ବିପ୍ଳବର ପ୍ରୟୋଜନ କଣ ? ତୁମେ ଯେମିତି ସରକାର ଚାହଁ, ସେମିତି ତିଆରି କର, ସରକାର ଇଚ୍ଛା କଲେ ତ ସବୁକିଛି ବଦଳାଇ ଦେଇ ପାରେ, ଆଇନ୍ କାନୁନ୍, ସମ୍ବିଧାନ ବଦଳାଇ ଦେଇପାରେ, ଯେଉଁ ସୈନ୍ୟ ବାହିନୀ ରହିଛି ତାର ଗଠନକୁ ମଧ୍ୟ ବଦଳାଇ ଦେଇ ପାରେ, ଯେଉଁ ପୋଲିସ ରହିଛି ତାର ଗଠନକୁ ବି ବଦଳାଇ ଦେଇ ପାରେ। ତା'ହେଲେ ଏଭଳି ରକ୍ତାକ୍ତ ବିପ୍ଳବର ଦରକାର କଣ ? ସଙ୍ଗେ ସଙ୍ଗେ ଲୋକେ ଭାବିଲେ, ହଁ ତ ଏତେ ଝାମେଲା ଦରକାର କଣ, ଏ ରାସ୍ତାରେ ତ ହୋଇପାରେ। ଏହି ମିଛ କଥାଟି ବୁଦ୍ଧିଜୀବୀ ଏବଂ ସାଧାରଣ ମଣିଷ ମଧ୍ୟରେ ପ୍ରବଳ ଓ ଗଭୀରଭାବେ କାମ କରେ। କେବଳ ବିରୁଦ୍ଧ ସମାଲୋଚନା ଦ୍ୱାରା ଏଥିରୁ ମଣିଷକୁ ମୁକ୍ତ କରାଯାଇ ପାରିବ ନାହିଁ। ଏହା ଦେଖାଇ ଦେବାର ସବୁଠୁଁ ବଡ ସୁଯୋଗ ଥାଏ, ଯଦି କୌଣସି କାରଣରୁ ସରକାର ଗଠିତ ହୁଏ। ସେତେବେଳେ ବିପ୍ଳବୀମାନଙ୍କର ଉଚିତ୍ ହେବ– ଏଭଳିଭାବେ ବ୍ୟବହାର କର ଯା' ପ୍ରମାଣ କରିବ ଯେ ଜ୍ଞାନରେ, ବିଦ୍ୟାରେ, ବୁଦ୍ଧିରେ ଏବଂ ଚରିତ୍ରରେ ତୁମେ ଶ୍ରେଷ୍ଠ ମଣିଷ। ତୁମେମାନେ ପଇସାଏ ବି ଘୁସ୍ ନିଅ ନା, ପାର୍ଟିର ପ୍ରୟୋଜନ ଦେଖାଇ ସରକାରୀ ପଇସା ନଷ୍ଟ କରନା, ତୁମେ ପ୍ରିୟାପ୍ରୀତି ତୋଷଣ କରନା। କୌଣସି ଦିଗରୁ କେହି ଯେମିତି ତୁମର ଖୁଣ ଖୋଜି ପାଇବ ନାହିଁ। ଅସଲରେ ଯେଉଁଗୁଡ଼ିକ ମଧ୍ୟଦେଇ ବିଭ୍ରାନ୍ତି ସୃଷ୍ଟି ହୁଏ, ତା' ହେଲା ଏମାନେ ଦୁର୍ନୀତି ଗ୍ରସ୍ତ, ଏହି ଲୋକ ଗୁଡ଼ାକ ଠିକ୍ ନୁହନ୍ତି, ସବୁ ବାଜେ ଲୋକ, ସେଥିପାଇଁ ଏ ଦେଶରେ କିଛି ହେଲା ନାହିଁ। ଲୋକଙ୍କର ଧାରଣା ମଧ୍ୟରେ ଏବେ ବି ସତତାର ଏକ ମୂଲ୍ୟ ଅଛି। ସତତାର ମୂଲ୍ୟ ଥାଉ ବା ନଥାଉ, କୌଣସି ବି ଖାଦ ନରଖି ତୁମେମାନେ ସରକାର ଚଳାଅ। ଲୋକଙ୍କ ସହିତ ପରାମର୍ଶ କର, ଆଇନ୍ ଅନୁଯାୟୀ ଭଲ ଯୋଜନାମାନ ପ୍ରଣୟନ କର, ସେଗୁଡ଼ିକୁ ଚାଲୁ କରିବା ଏବଂ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା କର। ପୁଣି ଏଥି ସଙ୍ଗେ ସଙ୍ଗେ ରାଜନୈତିକ ପ୍ରଚାର ଚଳାଇ ଯାଅ ଯେ ସରକାର ଆଉ ରାଷ୍ଟ୍ର

ମଧ୍ୟରେ ପାର୍ଥକ୍ୟ କଣ ? ଆଇନ୍ କରି କାହିଁକି ରାଷ୍ଟ୍ରକୁ ପରିବର୍ତ୍ତନ କରାଯାଇ ପାରେନା, କିଭଳି ଓ କେଉଁଠାରେ ସେହି ସୀମାବଦ୍ଧତା ରହିଛି ଏବଂ ଆଇନ୍ ସହିତ ମାନବିକ ଦୃଷ୍ଟିଭଙ୍ଗୀର ପାର୍ଥକ୍ୟ କଣ ? ଏଗୁଡ଼ିକୁ ମଣିଷର ଧାରଣା ମଧ୍ୟକୁ ଆଣିବାକୁ ହେବ, ଆଇନ୍‌କୁ ବି ପରିବର୍ତ୍ତନ କରିବାର ଏକ ଆକାଂକ୍ଷା ସୃଷ୍ଟି କରିବାକୁ ହେବ । ଜନଗଣଙ୍କ ମଧ୍ୟରେ ସାମାଜିକ ଆକାଂକ୍ଷା ସୃଷ୍ଟି କରି ଓ ତା' ଉପରେ ନିର୍ଭର କରି ଏପରି ଜାଗାରେ ଆଇନ୍‌କୁ ବଦଳାଇବା ପାଇଁ ଚେଷ୍ଟା କରିବାକୁ ହେବ ଯଦ୍ୱାରା ପୁଞ୍ଜିବାଦୀ ବ୍ୟବସ୍ଥାର ମୂଳଦୁଆ ଉପରେ ଆଘାତ ଆସିବ । ଏହିଭଳି ଭାବରେ କରିଚାଲିଲେ ନିଶ୍ଚିତଭାବେ କେନ୍ଦ୍ର ସରକାର, ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ, ପୋଲିସ ଏବଂ ମାଲିକ ସମ୍ପ୍ରଦାୟ ପକ୍ଷରୁ ବାଧା ଆସିବ । ସେମାନେ ଚିତ୍କାର କରି ଉଠିବେ । ଏହି କାମଗୁଡ଼ିକ ଅର୍ଥାତ୍ ତୁମେମାନେ ଭଲ ଯୋଜନା କରିବା ପାଇଁ ଚେଷ୍ଟା କରିଛ, ପଇସାଟିଏ ବି ଖାଇ ନାହଁ ଏବଂ ତୁମେମାନେ ସତ୍ ଲୋକ, ଯୋଗ୍ୟ ଲୋକ, ଜ୍ଞାନୀ ଲୋକ, କିନ୍ତୁ କାମ କରିବାକୁ ଯାଇ ଯଦି ଦେଖାଯାଏ, କିଛି ହେଲା ନାହିଁ, ତେବେ ଏହା ଜନଗଣଙ୍କୁ ଦେଖାଇଦେବାକୁ ହେବ । କେବଳ ହେଲା ନାହିଁ ତା' ନୁହେଁ, ସମସ୍ତ ଭଲ ପରିକଳ୍ପନାଗୁଡ଼ିକୁ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ବାଧା ଦେଉଛି, ତା' ମଧ୍ୟ ଦେଖାଇ ଦେବାକୁ ହେବ । ସେତେବେଳେ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଏବଂ କେନ୍ଦ୍ର ସରକାର ବିରୁଦ୍ଧରେ ବାମପନ୍ଥୀ ସରକାର ଏବଂ ଜନଗଣ ଏକା ସାଙ୍ଗରେ ଲଢ଼ିବେ । ଗଣତାନ୍ତ୍ରିକ ଆନ୍ଦୋଳନର ଅଗ୍ରଗତି ନିମନ୍ତେ ଲଢିବେ ।

କେରଳରେ ସି.ପି.ଆଇ ସରକାର ଏହି କାମଟି କରିନାହିଁ । ଆମେମାନେ ୧୯୬୭ ମସିହାରେ ପଶ୍ଚିମବଙ୍ଗରେ ସରକାରକୁ ଯାଇ ଆରମ୍ଭରୁ ହିଁ କହିଲୁ, ଗଣତାନ୍ତ୍ରିକ ଆନ୍ଦୋଳନରେ ପୋଲିସ ହସ୍ତକ୍ଷେପ କରିବ ନାହିଁ । ସରକାରକୁ ଯିବା ସଙ୍ଗେ ସଙ୍ଗେ ଏହି ଗୋଟିଏ ଘୋଷଣାକୁ କେନ୍ଦ୍ରକରି ଫ୍ରାନ୍ସ, ଆମେରିକାଠାରୁ ଆରମ୍ଭ କରି ଜାପାନ ଓ ୟୁରୋପର ସମସ୍ତ ଖବର କାଗଜଗୁଡ଼ିକରେ ହଇଚଇ ଆରମ୍ଭ ହୋଇଗଲା । ସେମାନଙ୍କର ହୃତକମ୍ପନ ସୃଷ୍ଟିହେଲା । ଏହି ଶ୍ରମିକମାନଙ୍କୁ ନେଇ ତ ସେମାନଙ୍କ ଦେଶର କାରବାର । ବ୍ରିଟେନ୍‌ର ଲେବର ପାର୍ଟି ଆତଙ୍କିତ ହୋଇପଡ଼ିଲା । ସେମାନଙ୍କର ମଧ୍ୟ ଏହି ଶ୍ରମିକମାନଙ୍କୁ ନେଇ କାରବାର । କାଲି ଯଦି ଏହି ଶ୍ରମିକମାନେ କୁହନ୍ତି, ଆମର ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ପୋଲିସର ହସ୍ତକ୍ଷେପ ଚଳିବ ନାହିଁ । ପୁଣି କହିବାକୁ ପଡ଼ିବ ଆଇନସଙ୍ଗତ ହେଲେ ହିଁ ତ ତା'ମାନବିକ ହୁଏନା । ସୁତରାଂ ସରକାରକୁ ଯାଇଛ ବୋଲି କଣ ଆଇନର ଦ୍ୱାହି ଦେଇ ଅମାନବିକ କାମ କରିବ ? ତା'ଚଳିବ ନାହିଁ । ଜନଗଣଙ୍କ ଆଶା ଓ ଆକାଂକ୍ଷା) ଅନୁଯାୟୀ ପ୍ରୟୋଜନ ହେଲେ

ଆଇନର କଳକବ୍ଜାକୁ ବଦଳାଇବାକୁ ହେବ । ସେମାନଙ୍କ ନିକଟରେ ଏହାତ ମାରାତ୍ମକ ବିଷୟ । ସେତେବେଳେ ଏଠି ସି.ପି.ଆଇ(ଏମ୍) ସମେତ ଅନ୍ୟ ପାର୍ଟିଗୁଡ଼ିକ କଣ କଲେ ? ସେମାନେ କୌଶଳ କରି କହିବାକୁ ଆରମ୍ଭ କଲେ ଯେ, ଏହା ଆମେ କହିନାହୁଁ । ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଏହା କହିଛି, ମାଲିକ ଘେରାଓ ହେଲେ ପୋଲିସ ଯିବ ନାହିଁ । ଏସବୁ ହେଉଛି ଏସ୍.ୟୁ.ସି.ଆଇ(କମ୍ୟନିଷ୍ଟ)ର ଉଗ୍ରତା । ପୁଣି ଯେତେବେଳେ ଜନଗଣଙ୍କ ମଧ୍ୟରେ ଏହି ନୀତିର ପ୍ରସଂଶା ଦେଖିଲେ, ସେତେବେଳେ ବେକାଇଦାରେ ପଡି ଓଲଟା ସ୍ୱରରେ କହିଲେ, ଏଇଟା କୁଆଡେ ସେମାନେ ଚାଲୁ କରିଛନ୍ତି । ସି.ପି.ଆଇ(ଏମ୍) ହାତରେ ତ ଗୃହ ମନ୍ତ୍ରଣାଳୟ ଥିଲା । ଏହା କହି କ୍ରେଡିଟ୍ ନେବାକୁ ଆରମ୍ଭ କଲେ । ସେଥିପାଇଁ ଦେଖନ୍ତୁ, ଇଞ୍ଜିନିୟରିଂ ଶ୍ରମିକମାନଙ୍କ ସମ୍ମିଳନୀରେ ଚେତାବନୀ ଦେଇ କହିଥିଲି, ଏହା ଏକ ଶକ୍ତିଶାଳୀ ଅସ୍ତ୍ର । ବୁର୍ଜୁଆମାନଙ୍କୁ କୌଣସି ସୁଯୋଗ ନଦେଇ ଏହି ଅସ୍ତ୍ର ସାହାଯ୍ୟରେ ଜନଗଣ ସହିତ ସରକାର ମିଳିତଭାବେ ଭାରସାମ୍ୟ ରକ୍ଷା କରି ସଂଗ୍ରାମ କରିବେ । ବୁର୍ଜୁଆମାନଙ୍କୁ କୌଣସି ସୁଯୋଗ ଦେବେ ନାହିଁ, ପୁଞ୍ଜିପତିମାନଙ୍କୁ କୌଣସି ସୁଯୋଗ ଦେବେ ନାହିଁ, ପୋଲିସ ଓ ଜୁଡିସିଆରିକୁ କୌଣସି ସୁଯୋଗ ଦେବେ ନାହିଁ, ଅଥଚ, ସଂଘର୍ଷ ଗଢ଼ି ତୋଳିବେ ଯେମିତି ଜନଗଣ ପରିଷ୍କାରଭାବେ ତା' ଦେଖିବାକୁ ପାଇବେ । ଜନଗଣଙ୍କୁ ଏହା ବୁଝାଇପାରିଲେ ସେହି ଜନଗଣ ବାମପନ୍ଥୀ ସରକାର ସହିତ ରହିବେ । ତାଫଳରେ ଯଦି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ପକ୍ଷରୁ ସଂଘର୍ଷ ଆସେ, let the central government overthrow state government. People will stand by the state government and by that will be transformed into a revolutionary government fighting against the bourgeois government (କେନ୍ଦ୍ର ସରକାର ରାଜ୍ୟ ସରକାରକୁ ଭାଙ୍ଗି ଦେଉ । ଜନଗଣ ରାଜ୍ୟ ସରକାର ସପକ୍ଷରେ ଠିଆ ହେବେ ଏବଂ ଏହା ଦ୍ୱାରା ବୁର୍ଜୁଆ ସରକାର ବିରୁଦ୍ଧରେ ବିପ୍ଳବୀ ସରକାରର ଲଢେଇରେ ଏହା ରୂପାନ୍ତରିତ ହେବ) । ବିପ୍ଳବ ବ୍ୟତୀତ ସରକାର ଗଠନ ମଧ୍ୟଦେଇ ଯେ ସମସ୍ତ ପ୍ରକାର ପରିବର୍ତ୍ତନ ଆସିଯିବ, ଏକଥା କିଏ କହିଛି ? ମାତ୍ର ସରକାର ଗଠନର ଦାୟିତ୍ୱ ନନେଇ if we behave in an irresponsible way (ଯଦି ଆମେ ଦାୟିତ୍ୱହୀନ ଆଚରଣ କରୁ), ତାହେଲେ the whole purpose of the participating in the parliamentary politics is gone, falling flat (ସଂସଦୀୟ ରାଜନୀତିରେ ଅଂଶଗ୍ରହଣ କରିବାର ସମସ୍ତ ଲକ୍ଷ୍ୟ ଚୁଲିକି ଗଲା) । ପ୍ରଶ୍ନ ଉଠିବ ତାହେଲେ ତୁମେ ପାର୍ଲାମେଣ୍ଟାରୀ ନିର୍ବାଚନରେ ଲଢିଥିଲ କାହିଁକି ? ତୁମେ ଏକ ଦାୟିତ୍ୱଜ୍ଞାନହୀନ ପାର୍ଟି । ତୁମେ ଦାୟିତ୍ୱ ନେବାକୁ

ଚାହଁନାହିଁ, କେବଳ ବିରୋଧୀ ପକ୍ଷରେ ରହି ଚିତ୍କାର କରିବାକୁ ଚାହଁ। ସେହିଭଳି ପାର୍ଟି କେବେ ବି ଜନଗଣଙ୍କୁ ନେତୃତ୍ୱ ଦେଇ ପାରେ କି ? ଯେତେବେଳେ ତୁମର ସୁଯୋଗ ଆସିଛି, ତୁମେ କ'ଣ ତା' ନଷ୍ଟ କରିବ ? ଏହା କୌଣସି ଦାୟିତ୍ୱଶୀଳ ପାର୍ଟିର କାମ କି ? ଆମେମାନେ ତ କେତେଗୁଡ଼ିଏ reform (ସଂସ୍କାର) ବା କିଛି measure (ପଦକ୍ଷେପ) ସମ୍ପର୍କରେ ଭାବିବା। ଯେଉଁ ପଦକ୍ଷେପଗୁଡ଼ିକ ବିପ୍ଳବୀ ଆନ୍ଦୋଳନ ଗଢିତୋଳିବା କ୍ଷେତ୍ରରେ ପରିପୁରକ, ଯେଉଁଗୁଡ଼ିକୁ ଜନଗଣ ପସନ୍ଦ କରିବେ। ମାତ୍ର କେନ୍ଦ୍ରୀୟ ସରକାର, ପ୍ରଶାସନ ଏବଂ ରାଷ୍ଟ୍ରର ଅନ୍ୟାନ୍ୟ ଅଙ୍ଗଗୁଡ଼ିକ ସେଗୁଡ଼ିକର ବିରୋଧିତା କରିବେ। ଏହି ବିରୋଧିତା ଯୋଗୁ ବାମପନ୍ଥୀ ସରକାର ଓ ଜନଗଣଙ୍କ ସମ୍ପର୍କ ନିକଟତର ହେବ ଏବଂ ଶ୍ରେଣୀ ସଂଗ୍ରାମ ଆହୁରି କେତେପାଦ ଆଗକୁ ବଢିବ। ଏହା ସମ୍ପର୍କରେ ଲେନିନ୍ କୌଣସି ବହିରେ ଲେଖିଯାଇ ନାହାନ୍ତି। ଆଉ ବହିରେ ଯେତେବେଳେ ସେ ଲେଖିଯାଇ ନାହାନ୍ତି, ସେତେବେଳେ ଆମର କୌଣସି ନୂଆ କାମ କରିବା ଦରକାର ନାହିଁ। ସେତେବେଳେ ଆମକୁ ଲେନିନ୍ଙ୍କ ଭଳି କରିବାକୁ ହେଲେ ଜାର ଶାସିତ ଋଷିଆର ଅବସ୍ଥାକୁ ଫେରିଯିବାକୁ ପଡ଼ିବ। ତା' ନହେଲେ ଲେନିନ୍ଙ୍କ ତତ୍ତ୍ୱର ପ୍ରୟୋଗ ସମ୍ଭବ ନୁହେଁ। ଆଉ ସେହି ଅବସ୍ଥାରେ ଆମେମାନେ ପହଞ୍ଚି ପାରିବା ନାହିଁ। ଲେନିନ୍ଙ୍କ ପାର୍ଟି ଅଣ୍ଡରଗ୍ରାଉଣ୍ଡ ପାର୍ଟି ଥିଲା। ତା'ହେଲେ ଆମର ପ୍ରକାଶ୍ୟରେ ପାର୍ଟି କରିବାର ସୁଯୋଗ ନେବା ଚଳିବ ନାହିଁ। କାରଣ ପ୍ରକାଶ୍ୟରେ ପାର୍ଟି କଲେ ହିଁ ସୁବିଧାବାଦ ଆସି ଆମକୁ ଗ୍ରାସ କରିବ। ସୁତରାଂ ପ୍ରକାଶ୍ୟରେ ପାର୍ଟି କରିବାର ସୁଯୋଗ ଥିଲେ ବି ଖୋଲାଖୋଲି ଭାବେ ପାର୍ଟି କାମ ନକରି ଦେହକୁ ଲୁଗା ଚାଦରରେ ଘୋଡାଇ ମୋ ନାଁ ଆଜି ସୋସେସ୍ ତ କାଲି ଗୋମେସ୍ ପହରଦିନ ପରେଶ ଏହି ସବୁ ବାଜେ କଥା ଗପିବା ଛଡ଼ା ଆଉ କଣ କରାଯାଇ ପାରେ। ମୁଁ ରାତି ବାରଟା ସମୟରେ ତୁମ ସହିତ ଗଙ୍ଗା ଘାଟରେ ଦେଖା କରିବି, ଆମର ପାର୍ଟି ତ ଅଣ୍ଡରଗ୍ରାଉଣ୍ଡ ପାର୍ଟି ! କର୍ମୀମାନଙ୍କର ଏହିଭଳି ଭାବେ ଚୁପ୍‌ଚାପ୍ ରହି କାମ କରିବାର ସମୟ ଏହା ନୁହେଁ। ଏଗୁଡ଼ିକ ହେଲା silly affair (ପିଲାଳିଆମି)। ଜନଗଣଙ୍କୁ ସେମାନେ କିଭଳି ନେତୃତ୍ୱ ଦେଇ ପାରିବେ ? ବିପ୍ଳବ ଏତେ ସହଜ ବିଷୟ ନୁହେଁ। ବିପ୍ଳବ ଛୋଟ ପିଲାଙ୍କର କାମ ନୁହେଁ। ଏହି ଧାରଣାଗୁଡ଼ିକୁ ଫାଇଟ୍ କରିବା ପାଇଁ ହିଁ ଲେନିନ୍ left wing communism an infantile disorder ବହିଟି ଲେଖିଥିଲେ।

ମାର୍କ୍ସବାଦ ଲେନିନ୍‌ବାଦ ଗୋଟିଏ ବିଚାରଧାରା, ଏକ ବିଜ୍ଞାନ। ଯେଉଁ ମନୀଷୀମାନେ ମାର୍କ୍ସବାଦ ଉପରେ ବହୁକଥା କହିଯାଇଛନ୍ତି, ସେମାନେ ବହୁ ବିଷୟ

ଦେଖିପାଇ ନାହାନ୍ତି । ଯଦି ସେମାନେ ଦେଖିପାଇ ପାରିଥାନ୍ତେ, ତା'ହେଲେ ସେମାନେ ସେଗୁଡ଼ିକୁ ସମାଧାନ କରିପାଇ ପାରିଥାଆନ୍ତେ । କିନ୍ତୁ ସମାଧାନ କରିବା ପାଇଁ ଯେଉଁ ଶାସ୍ତ୍ରର ପ୍ରୟୋଜନ, ତା' ସେମାନେ ଦେଇ ଯାଇଛନ୍ତି । କିଭଳି ଭାବେ ସମାଧାନ କରିବାକୁ ହେବ, କେଉଁ ଶ୍ରେଣୀ ଦୃଷ୍ଟିଭଙ୍ଗୀରେ ଦେଖିବାକୁ ହେବ, କେଉଁଭଳି ଭାବେ ବିଜ୍ଞାନକୁ ପ୍ରୟୋଗ କଲେ ତୁମେ ସମସ୍ୟା ଉପରେ ଆଲୋକପାତ କରିପାରିବ, ସେହି ବିଜ୍ଞାନ ଆମ ହାତରେ ଦେଇ ଯାଇଛନ୍ତି । ଲେନିନ୍‌ବାଦର ବିଜ୍ଞାନ ତ ଆମ ହାତରେ ଅଛି । ମାତ୍ର ନିର୍ବାଚନ ଲଢ଼ିବାକୁ ଯାଇ ସଂଖ୍ୟା ଗରିଷ୍ଠତା ହାସଲ କଲେ ଯେଉଁ ସଂକଟ ଏବଂ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ବା ଏହାର ସମ୍ମୁଖୀନ ହେଲେ କିଭଳି ଏହାର ସମାଧାନ କରିବ, ତା'ର ସମାଧାନ ଲେନିନ୍‌ଙ୍କ ବହିରେ ଦିଆଯାଇ ନାହିଁ, କାରଣ ସେ ଏହି ଅବସ୍ଥାର ସାମ୍ନା କରି ନାହାନ୍ତି । ଯେଉଁ ମାର୍କ୍ସବାଦୀମାନେ ସେହି ଅବସ୍ଥା ସାମ୍ନା କରିବେ, ସେମାନଙ୍କୁ ତାହାର ସମାଧାନର ପଥ ଦେଖାଇବାକୁ ହେବ, ଏହା ସେମାନଙ୍କର ଦାୟିତ୍ୱ । ଆମ ଦଳର ଏହି ଅପରାଧ ହୋଇଛି ଯେ, ଏକମାତ୍ର ଆମ ଦଳ ହିଁ ଗର୍ବର ସହିତ କହିପାରେ, ଏଭଳି ପରିସ୍ଥିତିରେ ବହି କପି କରି ସହଜ ସରଳ ରାସ୍ତା ବତାଇବାକୁ ଚାହିଁ ନାହିଁ ବା ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇ ଓଲଟା ପାଲଟା କହିବାକୁ ଆରମ୍ଭ କରି ନାହିଁ । ଯେଉଁମାନେ ନିର୍ବାଚନରେ ଅଂଶଗ୍ରହଣ କରୁଛନ୍ତି, ସେମାନେ ମଧ୍ୟ ଏହାର ଉତ୍ତର ଦେଇପାରୁ ନାହାନ୍ତି, ସେମାନେ ହୁଏତ ବୁର୍ଜୁଆ ରାଜନୀତିର ଲାଙ୍ଗୁଡ଼ ହୋଇଯାଇଛନ୍ତି । ଆଉ ନହେଲେ କହୁଛନ୍ତି ସରକାରକୁ ଯିବା ଚଳିବ ନାହିଁ । ନିର୍ବାଚନରେ ଲଢ଼ି ତୁମେ ସଂଖ୍ୟାଗରିଷ୍ଠତା ପାଇଲ, ପୁଣି କହୁଛ ଆମେ ସରକାର ଗଢିବୁ ନାହିଁ, ତା'ହେଲେ ତୁମେ ଲୋକଙ୍କ ପାଖରୁ ଭୋଟ ଚାହିଁଥିଲ କାହିଁକି ? ଜନଗଣ ଭୋଟ ଦେଇଛନ୍ତି, ସଂଖ୍ୟାଗରିଷ୍ଠତା ପାଇଛ,ଏବେ କହୁଛ ସରକାର ଗଢିବୁ ନାହିଁ । ମୁଁ ମନେକରେ, ସେହି ପାର୍ଟିର ବିପ୍ଳବ ସଂଗଠିତ କରିବାର କୌଣସି ଯୋଗ୍ୟତା ନାହିଁ ।

ଏହି ଶ୍ରେଣୀ ବିଭକ୍ତ ସମାଜରେ ସମସ୍ତ ବିଷୟ ହିଁ ଶ୍ରେଣୀ ଦୃଷ୍ଟିଭଙ୍ଗୀ ଦ୍ୱାରା ବିଚାର କରିବାକୁ ହୁଏ, କୌଣସି ବିଷୟରେ ବି ଗୋଟିଏ ଦୃଷ୍ଟିଭଙ୍ଗୀ ନଥାଏ । କୌଣସି ବିଷୟ ସମ୍ପର୍କରେ ସମସ୍ତଙ୍କର ଏକ ପ୍ରକାର ସ୍ୱାର୍ଥବୋଧ ଓ ଦୃଷ୍ଟିଭଙ୍ଗୀ ରହିପାରେନା । ତେଣୁ ନିର୍ବାଚନ ସମ୍ପର୍କରେ ମଧ୍ୟ ଏହା ପ୍ରଯୁଜ୍ୟ । ଶ୍ରେଣୀ ବିଭକ୍ତ ସମାଜରେ ନିର୍ବାଚନ ଯେତେବେଳେ ମାଡ଼ି ଆସେ ସେତେବେଳେ ବି ଏହା ପଛରେ ଦୁଇଟି ଶ୍ରେଣୀ ବିଚାର ଥାଏ । ଗୋଟିଏ ବୁର୍ଜୁଆ ଶ୍ରେଣୀ ବିଚାର ଓ ଆଉ ଗୋଟିଏ ବିପ୍ଳବୀ ସର୍ବହରା ଶ୍ରେଣୀ ବିଚାର । ଉକ୍ତ ବିଷୟଟିକୁ ଆପଣମାନଙ୍କୁ ଠିକ୍ ଭାବେ ବୁଝିବାକୁ ହେବ । ଯେତେବେଳ ପର୍ଯ୍ୟନ୍ତ ବିପ୍ଳବର ଅବସ୍ଥା ଉଭୟ ରାଜନୈତିକ ଓ ସାଙ୍ଗଠନିକ ଭାବେ ସୃଷ୍ଟି ନହୋଇଛି, ସେତେବେଳ ଯାଏଁ ଆମେ ଚାହିଁଲେ ବି

ତତ୍‌କ୍ଷଣାତ୍ ବିପ୍ଳବ କରି ପାରିବା ନାହିଁ। ସେହି ଅବସ୍ଥାରେ ସଂଖ୍ୟାଗରିଷ୍ଠ ହୋଇ ଆମେ ସରକାରକୁ ଗଲୁ। ସଂଖ୍ୟାଗରିଷ୍ଠତା ହାସଲ କରି ଯଦି ଆମେ ସରକାର ଗଠନ କରିବୁ ନାହିଁ ବୋଲି କହୁ, ଏହା ଭଲଭାବରେ ଜାଣି ଯେ, ଏହା ଏକ ବୁର୍ଜୁଆ ପାର୍ଲାମେଣ୍ଟାରୀ ବ୍ୟବସ୍ଥା, ତା'ହେଲେ ତୁମେ ଜନଗଣଙ୍କ ପାଖରୁ ଲଢେଇ କରିବା ପାଇଁ ଭୋଟ ଚାହିଁଥିଲ କେମିତି। ତେବେ ଆମେ କଣ ଏହି ପରିସ୍ଥିତିକୁ ହ୍ୟାଣ୍ଡେଲ କରିବୁ ନାହିଁ? କିମ୍ବା ଲେନିନ୍ ଯାହା କହିଛନ୍ତି, ନିଜର ଛାଇ ଦେଖି ଭୟ ପାଇବା– ଆରେ ବାବା ଏଠାକୁ ଗଲେ ତ ମୁଁ ପଚିଯିବି, ତେଣୁ ଯିବି ନାହିଁ, ଲୋକେ ଯାହା ଭାବିବେ ପଛେ ଭାବନ୍ତୁ, ମୁଁ puritan (ନୈଷ୍ଠିକ) ହୋଇ ରହିବି। ଆମେ କ'ଣ ଏହିଭଳି ଭାବିବା ନା ଚ୍ୟାଲେଞ୍ଜକୁ ଗ୍ରହଣ କରିବା। ହଁ, ଆମେ ଚ୍ୟାଲେଞ୍ଜକୁ ଗ୍ରହଣ କରିବୁ। ଜନଗଣ ମନେକରନ୍ତି ଯେ ଆମ ଦଳ ସରକାରକୁ ଗଲେ ଅନେକ କିଛି କରିପାରିବ। ମାତ୍ର ଏହି ବୁର୍ଜୁଆ ସଂସଦୀୟ ବ୍ୟବସ୍ଥା ମଧ୍ୟରେ ସରକାରକୁ ଯାଇବି ଆମେ ଯେ ବିଶେଷ କିଛି କରିପାରିବୁ ନାହିଁ, ଅନ୍ତତଃ ଆମେ ଏହା ଦେଖାଇ ଦେବାର ସୁଯୋଗ ପାଇବା। ଏହା କରି ଦେଖାଇବାର କୌଶଳ ମଧ୍ୟରେ ହିଁ ଏକ ସଠିକ୍ ବିପ୍ଳବୀ ଦଳ ଆଉ ନକଲି ବିପ୍ଳବୀ ଦଳ ମଧ୍ୟରେ ପାର୍ଥକ୍ୟ ଧରା ପଡିବ। ଫଳରେ ଏହି ଅବସ୍ଥାରେ ଆମେ ସଠିକ ପଦକ୍ଷେପ ନେଇଛୁ। ଆମେ ସଠିକ୍ ବିପ୍ଳବୀ ଲାଇନ୍ ନେଇ ଚାଲିଛୁ, ଆମେ ଯେ ପ୍ରକୃତ ବିପ୍ଳବୀ ଦଳ, ଏହା କେବଳ ଆମେ ବୁଝିଲେ ତ ହେବ ନାହିଁ, ଜନଗଣଙ୍କୁ ବି ଏହା ବୁଝାଇବାକୁ ହେବ। କିଏ ବୁଝାଇବ? ସେହି ଦାୟିତ୍ୱ ମଧ୍ୟ ଆପଣମାନଙ୍କର।

ଆପଣମାନେ ମନେରଖିବେ ଏଇ ହଲରେ (ମହାଜାତି ସଦନ, କଲିକତା) ଯେତେ କମ୍ରେଡ୍ ଉପସ୍ଥିତ ଅଛନ୍ତି, ତାର ପାଞ୍ଚ-ଦଶ ଗୁଣ ପାର୍ଟି କମ୍ରେଡ୍ ଆମର ସମଗ୍ର ଦେଶରେ ପୁରି ରହିଛନ୍ତି। ପଶ୍ଚିମବଙ୍ଗରୁ ଆପଣମାନେ ଯେଉଁମାନେ ଆସିଛନ୍ତି ସେମାନଙ୍କର ଆହୁରି ଚାରି ଗୁଣ ଏହି କ୍ଲାସକୁ ଆସି ନାହାନ୍ତି। ଏହି ହଲରେ ସମସ୍ତଙ୍କୁ ଜାଗା ହେବା ସମ୍ଭବ ହୋଇ ନଥାନ୍ତା। ଏହାର ଅର୍ଥ ହେଉଛି, ପାର୍ଟିର ଏତେ ସଂଖ୍ୟକ କମ୍ରେଡ୍ ପ୍ରତ୍ୟେକ ଯଦି ଆଦର୍ଶଗତ ଓ ରାଜନୈତିକ ଭାବେ ସଚେତନ ହୋଇ ନିଜର ସୃଜନଶୀଳ ଚିନ୍ତାକୁ ବ୍ୟବହାର କରି କାମ କରି ଯାଆନ୍ତି, ତେବେ ଏତେ ବଡ଼ ଶକ୍ତି ସତରେ ଏହି ଚ୍ୟାଲେଞ୍ଜଟିକୁ ମୁକାବିଲା କରି ପାରିବ। ପାର୍ଟି କାମ ଦେଲା କି ନ ଦେଲା ଏହାକୁ ଅପେକ୍ଷା କରି ବସି ରହିବେ ନାହିଁ। ଆପଣ ଯେଭଳି ବୁଝନ୍ତି ହୁଏତ ତାଦ୍ୱାରା ଆପଣମାନେ ଭୁଲ କରିବେ, କିନ୍ତୁ ଆପଣମାନଙ୍କର mental attitude (ମାନସିକତା) ରହିବା ଦରକାର ଯେ, ଭୁଲ ହେଲେ ମଧ୍ୟ ଭୁଲକୁ ସମର୍ଥନ କରିବି

ନାହିଁ । ପୁଣି ଭୁଲ କରିପାରୁ, ଏହି ଭୟରେ ବସି ରହିବେ ନାହିଁ । ନିଜର ପରିକଳ୍ପନା ଅନୁଯାୟୀ ପ୍ରତି ମୁହୂର୍ତ୍ତରେ ଆପଣମାନେ କାମ କରନ୍ତୁ ତାହେଲେ ଅଳ୍ପ କେତେ ବର୍ଷ ମଧ୍ୟରେ ହିଁ ଆପଣମାନେ ଭାରତବର୍ଷର ରାଜନୀତିରେ ଏକ commandable (ନେତୃତ୍ୱ ଦେବା ଭଳି) ଶକ୍ତି ଅର୍ଜନ କରି ପାରିବେ । ୧୬ଟି ବର୍ଷ ମଧ୍ୟରେ ଏହି ସ୍ତରକୁ ଆସିବା ପାଇଁ ଆମକୁ ବହୁ ବାଧା ପ୍ରତିବନ୍ଧକ ଅତିକ୍ରମ କରିବାକୁ ପଡ଼ିଛି । ଆଜି ପାର୍ଟିର ଏହି ସମସ୍ତ ସଂଖ୍ୟା, ପ୍ରତ୍ୟେକ ତାଙ୍କର ସୀମିତ କ୍ଷେତ୍ରରେ ବସି ନରହି ନିଜ ଉଦ୍ୟୋଗରେ ପାର୍ଟିର ରାଜନୀତିକୁ ଜନଗଣଙ୍କ ମଧ୍ୟକୁ ନେଇ ଯାଆନ୍ତୁ, ଜନଗଣଙ୍କୁ ନାନା ଧରଣର ସଂଗଠନ ମାଧ୍ୟମରେ ସଂଘଠିତ କରନ୍ତୁ । ନିଜ ଉଦ୍ୟୋଗରେ ଏବଂ ନିଜ ବୁଦ୍ଧିରେ ଯଦି ଏହି କାମଟିକୁ ପ୍ରତ୍ୟେକ କମ୍ରେଡ୍ କରନ୍ତି ତେବେ ଦେଖୁ ଦେଖୁ ପାର୍ଟି ଯେଉଁ ଶକ୍ତି ଅର୍ଜନ କରିବ, ନିଜେ ବି ଯେଉଁ କ୍ଷମତାର ଅଧିକାରୀ ହେବେ, ତାଦ୍ୱାରା ସମସ୍ତଙ୍କ ନିକଟରୁ ସ୍ୱୀକୃତି ଓ ଭଲ ପାଇବା ହାସଲ କରିବାର ସ୍ଥାନକୁ ଚାଲିଯିବେ ।

ଉକ୍ତ ପ୍ରସଙ୍ଗରେ ଗୋଟିଏ କଥା କହି ରଖେ, ଆପଣମାନଙ୍କର ଅନେକଗୁଡ଼ିଏ ପାର୍ଟି ପତ୍ରିକା ରହିଛି । ଗୋଟିଏ ଅଦ୍ଭୁତ କଥା ମୁଁ ଲକ୍ଷ୍ୟ କରୁଛି ଯେ, ଯେତେବେଳେ ଉପରଆଡୁ ଗୋଟିଏ ହାଓ୍ୱା ସୃଷ୍ଟି କରାଯାଏ ସେତେବେଳେ ପତ୍ରିକା ବିକ୍ରି ବଢ଼ି ଯାଏ । କିନ୍ତୁ ଆପଣମାନେ ନିରବଚ୍ଛିନ୍ନଭାବେ ମନେରଖନ୍ତି ନାହିଁ ଯେ, ପ୍ରତ୍ୟେକ କମ୍ରେଡ୍‌ର ନିଜ ପାଖରେ ପାର୍ଟି ପତ୍ରପତ୍ରିକା ରଖିବା ହେଉଛି ଏକ  ଅବଶ୍ୟ କରଣୀୟ କାର୍ଯ୍ୟ । ୟୁନିଟ୍‌ର କୋଟା କେବଳ ନୁହେଁ, ୟୁନିଟ୍‌ର ପ୍ରତ୍ୟେକ ସଦସ୍ୟ ବ୍ୟକ୍ତିଗତ ଭାବେ ଗୋଟିଏ ଗୋଟିଏ କପି ରଖିବେ । ଏହାର ଦୁଇଟି  ଉପକାରିତା ରହିଛି । ଗୋଟିଏ ହେଲା ସେ ସେହି ପତ୍ରିକାଟିକୁ ବାରମ୍ବାର ପଢିପାରିବେ । ଅବସର ସମୟରେ ବସ୍- ଟ୍ରେନ୍ ବା କୁଆଡକୁ ଯିବା ସମୟରେ ବ୍ୟାଗରୁ ବାହାର କରି ପଢିବାର ସୁଯୋଗ ପାଇବେ । ଆଉ ଗୋଟିଏ ହେଲା, ନିଜ ପାଖରୁ ସବୁ ବିକ୍ରି ହୋଇଯିବା ପରେ ବି ସର୍ବଦା ଏହି ଗୋଟିଏ କପି ସାଙ୍ଗରେ ରହିଲେ ଆଉ ପାଞ୍ଚ ଜଣଙ୍କୁ ଯେଉଁ ଅଂଶଟିକୁ ପଢ଼ି ଶୁଣାଇବା ଦରକାର ବା ଯେଉଁ ଅଂଶଗୁଡ଼ିକୁ ନେଇ ଆଲୋଚନା କରିବା ଦରକାର, ସଙ୍ଗେ ସଙ୍ଗେ  ସେ ବିଷୟରେ ଆଲୋଚନା କରି ପାରିବେ । ଆଉ ଗୋଟିଏ ବିଷୟ ହେଲା, ୟୁନିଟ୍‌ର କୋଟା ହେବ, ପ୍ରତ୍ୟେକଙ୍କର ଗୋଟିଏ କରି କପି ଏବଂ ଜନଗଣଙ୍କ ମଧ୍ୟରେ ପାର୍ଟି ପତ୍ରିକା ନେଇଯିବା ପାଇଁ ଆମେ କେତେ ସଂଖ୍ୟାରେ ସେମାନଙ୍କ ମଧ୍ୟରେ ବିକ୍ରି କରିପାରୁ, ପୁସ୍ କରିପାରୁ, ଗ୍ରାହକ ସୃଷ୍ଟି କରିପାରୁ- ଏହି ଦୁଇଟିର ଯୋଗଫଳ । ଏହିଭଳି ଭାବେ, time to time subscriber create (ନିୟମିତଭାବେ  ଗ୍ରାହକ ସୃଷ୍ଟି) କରିବା ପାଇଁ ଉଦ୍ୟମ ହେବା ଦରକାର । ବର୍ତ୍ତମାନ

ଯାହା ହେଉଛି ତା' ହେଲା ଉପରିସ୍ଥ ନେତୃତ୍ୱ ଏକ ନିର୍ଦ୍ଦେଶିକା ଜାରିକଲେ, ଆମେ ତତ୍‌କ୍ଷଣାତ୍ ଗ୍ରାହକ ସୃଷ୍ଟି କରିବା ପାଇଁ ଘର ଘର ବୁଲି ଗ୍ରାହକ ସଂଗ୍ରହ କରିବା ଆରମ୍ଭ କରିଦେଉ। ଏହାଦ୍ୱାରା କିଛି ଗ୍ରାହକ ବଢ଼ନ୍ତି,ବିକ୍ରି ସଂଖ୍ୟା ମଧ୍ୟ ବଢେ। ଏହି କାମଟି ସମୟ ସମୟରେ କରିବାକୁ ହେବ। କିନ୍ତୁ ପ୍ରତିଦିନ ଆମେ ହଜାର ପ୍ରକାର କାମ ଭିତରେ ଥାଉ, ଅର୍ଥାତ୍ ମୁଁ ତ ଲୋକଙ୍କ ଭିତରେ ହିଁ କାମ କରେ, ଲୋକଙ୍କ ଭିତରେ ଚଲାବୁଲା କରେ, ଲୋକଙ୍କ ଭିତରେ ହିଁ campaign (ପ୍ରଚାର) କରେ, ଫଳରେ ମୋ ବ୍ୟାଗ୍‌ରେ ପତ୍ରିକା ରହିଲେ ମୁଁ ସର୍ବଦା ସେଗୁଡ଼ିକ ପୁସ୍ କରିପାରେ। ପ୍ରତ୍ୟେକ ସଂଖ୍ୟା ପରେ ହିଁ ପ୍ରତ୍ୟେକ ୟୁନିଟ୍ ସେମାନଙ୍କର ପତ୍ରିକା ସଂଖ୍ୟା କେତେ ବଢ଼ାଇ ପାରିଲେ, ତା' ପ୍ରତ୍ୟେକ ୟୁନିଟ୍‌ର କମ୍ରେଡ୍‌ମାନେ ଓ ଜିଲ୍ଲାର ନେତାମାନେ ଲକ୍ଷ୍ୟ କରିବା ଦରକାର। କେତେ କମାଇବା ଦରକାର, ସେମାନେ ଏହିଭଳି ଆଲୋଚନା କିମ୍ବା ତର୍କକୁ କେବେ ବି ପ୍ରଶ୍ରୟ ବା ଉତ୍ସାହିତ କରିବେ ନାହିଁ। କ'ଣ କ'ଣ ଅସୁବିଧା ହେଉଛି, କାହିଁକି କରାଯାଇ ପାରୁ ନାହିଁ, କାହିଁକି ପତ୍ରିକା ପଡ଼ି ରହୁଛି, ଯେଉଁ ସ୍ଥାନରେ ଓ ଯେଉଁ କାରଣରୁ ପତ୍ରିକା ବିକ୍ରି ନହୋଇ ପଡ଼ି ରହୁଛି ସେଗୁଡ଼ିକୁ ଦୂର କରିବା ହେବ ସେମାନଙ୍କର କାମ। ନିର୍ଦ୍ଦେଶ ବା ସାର୍କୁଲାର ଦ୍ୱାରା ଯେଉଁଠି କାମ ହେଉ ନାହିଁ, ସେକ୍ଷେତ୍ରରେ ନେତାମାନେ ସେହିସବୁ ସ୍ଥାନକୁ ନିଜେ ଯାଇ ଏହା ପଛରେ ଥିବା ଫ୍ୟାକ୍ଟରଗୁଡ଼ିକୁ ବ୍ୟକ୍ତିଗତ ଉଦ୍ୟୋଗରେ ଦୂର କରିବେ, ଯଦ୍ୱାରା ଖଣ୍ଡିଏ ବି ପତ୍ରିକା ପଡ଼ି ନରହେ। ଆଉ ଗୋଟିଏ ବିଷୟ ହେଉଛି, ବିଭିନ୍ନ କ୍ଷେତ୍ରରେ ଜନସାଧାରଣଙ୍କ ମଧ୍ୟରେ ଯେଉଁମାନେ କାମ କରନ୍ତି, ପତ୍ରିକାର ଲେଖା ଭିତ୍ତିରେ, ପାର୍ଟି ପୁସ୍ତକର ବିଷୟବସ୍ତୁ ଭିତ୍ତିରେ ସେମାନଙ୍କୁ ଲୋକମାନଙ୍କ ସହିତ ଆଲୋଚନା କରିବାର ଉଦ୍ୟୋଗ ନେବାକୁ ହେବ। ଯୌଥ ଅଧ୍ୟୟନ ହେଉଛି ଏକ ସଂଗଠନ। ମୁଁ କେବଳ ପାର୍ଟି କମ୍ରେଡ୍‌ମାନଙ୍କର ଯୌଥ ଅଧ୍ୟୟନ କଥା କହୁନାହିଁ। କହୁଛି, ମଜୁରିଆମାନଙ୍କ ମଧ୍ୟରେ, ଗ୍ରାମ୍ୟ ଚାଷୀମାନଙ୍କ ମଧ୍ୟରେ ଯେଉଁମାନେ କାମ କରନ୍ତି ସେମାନଙ୍କ ପାଇଁ। ବହୁ ପତ୍ରପତ୍ରିକା ବଙ୍ଗଳା, ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ଆଦି ଭାଷାରେ ପ୍ରକାଶିତ ହୁଏ, ଯେଉଁଗୁଡ଼ିକୁ ଅନେକ ଅଶିକ୍ଷିତ ଶ୍ରମିକ ଚାଷୀ ପଢିପାରନ୍ତି ନାହିଁ। ଫଳରେ ସେମାନଙ୍କୁ ନେଇ ପ୍ରତି ସପ୍ତାହରେ ବୈଠକ କରିବା ଦରକାର। ଯେଉଁଠାରେ ପ୍ରଶ୍ନ ଉତ୍ତର ମାଧ୍ୟମରେ କ୍ଲାସ୍ ପରିଚାଳିତ ହୁଏ, ତା' ତ ନିଶ୍ଚିତ ହେବ। ମାତ୍ର ପୂର୍ବରୁ ଆମମାନଙ୍କ ପତ୍ରିକାରେ କଣ ବାହାରିଥିଲା, ପୁସ୍ତକରେ ଯାହା ପ୍ରକାଶିତ ହେଲା, ନୂତନଭାବେ ଯେଉଁ ବହି ପ୍ରକାଶିତ ହେଲା ସେଗୁଡ଼ିକୁ ପ୍ରଥମେ ପଢାଇବା ଦରକାର। ଜଣେ ପଢିବେ, ତାହାରି ଭିତ୍ତିରେ ସମସ୍ତେ ମିଶି ଆଲୋଚନା କରିବେ। ଏହା ପରିକଳ୍ପିତ ଭାବରେ ହେବା ଦରକାର। ଏହା ଏକ ଅବଶ୍ୟ କରଣୀୟ କାର୍ଯ୍ୟ।

ଯେତେବେଳେ ଅମେ ଏକା ସାଙ୍ଗରେ ବସୁଛୁ, ଆମେ ଦେଖିବା ଯେ, ଆମ ପତ୍ରିକାଟି ସମସ୍ତଙ୍କ ଦ୍ୱାରା ଭଲଭାବରେ ପଢା ହୋଇଛି କି ନାହିଁ ଏବଂ ତା'ଉପରେ ଆଲୋଚନା ହୋଇଛି କି ନାହିଁ। ଯଦି ଏହା ହୋଇ ନଥାଏ, ତା'ହେଲେ ଏକା ସାଙ୍ଗରେ ବସି ପ୍ରଥମେ ତାହା କରିବେ। ଏହା କରିବାକୁ ଯାଇ ବହୁ ବିଷୟ ଆଲୋଚନା ହେବ। ଆମେମାନେ ତର୍କ ବିତର୍କ କରିବୁ, association (ମିଳାମିଶା)ର ଏହା ଏକ ପ୍ରାଥମିକ ସର୍ତ୍ତ। ଉକ୍ତ କାମଟି କଲେ, ଆମ ପତ୍ରିକାର ବିତରଣ ଦୁଇଗୁଣ ହୋଇଯାଇ ପାରେ ବୋଲି ମୋର ଧାରଣା। ପ୍ରତିଟି କ୍ଷେତ୍ରରେ ପତ୍ରିକା ପୁସ୍ କରିବା ଆଉ ଦେଖିବା ପତ୍ରିକାଟିକୁ ନେଇ ଲୋକମାନେ ଆଲୋଚନା କରୁଛନ୍ତି କି ନାହିଁ। ଯଦି ନକରନ୍ତି, କିଭଳିଭାବେ ପତ୍ରିକାଟିକୁ କେନ୍ଦ୍ରକରି ଆଲୋଚନା ଆରମ୍ଭ କରି ଦିଆଯାଇ ପାରେ, ତୁମେ ସେହି କଳା ଆୟତ୍ତ କରିବା ପାଇଁ ଚେଷ୍ଟା କରୁଥାଅ। ଏହି ମୁହୂର୍ତ୍ତରେ ପାରିଲେ କି ନାହିଁ ତା ବଡ଼ କଥା ନୁହେଁ, କିନ୍ତୁ ତୁମ ନଜର ମଧ୍ୟରେ ଏହା ଚବିଶ ଘଣ୍ଟା ଅଛି। କୌଣସି ଜାଗାକୁ ଗଲେ ହିଁ ଅନେକ କାମ ମଧ୍ୟରେ ତୁମେ ଖବର ନେବାକୁ ଭୁଲ ନାହିଁ ଯେ, ଏଠାକୁ ଆମର ପତ୍ରିକା ଆସୁଛି କି ନାହିଁ, ଏବଂ ଏହି ସଂଖ୍ୟାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରକାଶିତ ହୋଇଛି, ସେହି ପତ୍ରିକାଟି ଏଠି ପହଞ୍ଚିଛି କି ନାହିଁ ଏବଂ ଏଠିକାର ଲୋକମାନେ ତା' ପଢ଼ିଛନ୍ତି କି ନାହିଁ। ଅଥବା ଯେଉଁମାନେ ପଢିଛନ୍ତି ସେମାନେ ଅନ୍ୟମାନଙ୍କୁ ଶୁଣାଇଛନ୍ତି କି ନାହିଁ। ଗୋଟିଏ କାମ କରିବାକୁ ଯାଇ ଏହି ବିଷୟଟି ମନେରଖିବାରେ କୌଣସି ସମସ୍ୟା ନାହିଁ। କାମ କ୍ଷେତ୍ରରେ ମୋର ଏତେଗୁଡ଼ିଏ ପ୍ରୋଗ୍ରାମ, ସେହି ପ୍ରୋଗ୍ରାମ ପାଇଁ ମୁଁ ମନେରଖି ପାରିଲି ନାହିଁ, ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି ହେବାର କୌଣସି କାରଣ ନାହିଁ। ଯେକୌଣସି ପ୍ରୋଗ୍ରାମ ମଧ୍ୟରେ ଏହା ମୋର ମନେ ନରଖିବା ହେଉଛି ରାଜନୈତିକ ସତର୍କତା ଓ ଉଦ୍ଦେଶ୍ୟମୁଖିତା ଆଉ ରାଜନୈତିକ ଉଦ୍ୟୋଗର ଅଭାବ। ସାମ୍ପ୍ରତିକ ଅବସ୍ଥା ସହିତ ଏକାତ୍ମ ହୋଇପାରିଲେ, ନେତୃତ୍ୱକାରୀ ସଂଗଠକ, ନେତାଙ୍କଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ କର୍ମୀ, ଏପରିକି ସାଧାରଣ ସଭ୍ୟ ପର୍ଯ୍ୟନ୍ତ ଏହି ଉଦ୍ଦେଶ୍ୟକୁ ପୂରଣ କରିପାରିବେ। ଉକ୍ତ ବିଷୟଟିକୁ ଗୁରୁତ୍ୱ ସହକାରେ ମନେରଖିବେ।

## କମ୍ରେଡ୍‌ମାନେ କାମ କରନ୍ତୁ
## ସାଧମତେ କରନ୍ତୁ ଆଉ ନିଜକୁ ଉପଯୁକ୍ତ କରି ଗଢ଼ିତୋଳନ୍ତୁ

ଆଉ ଗୋଟିଏ କଥା କହେ। କେବଳ ଶୁଣିବା ହିଁ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ପ୍ରତ୍ୟେକଙ୍କର ନିଜର ବ୍ୟାଗ ବା ଝୁଲା ରହିବା ଦରକାର,

ଯେତେବେଳେ ହିଁ ଯେଉଁ ଗୁରୁତ୍ୱପୂର୍ଣ୍ଣ କଥାସବୁ କ୍ଲାସ୍‌ରେ ଶୁଣନ୍ତି ବା ଅନ୍ୟ ଜାଗାରେ ଶୁଣନ୍ତି, ସେତେବେଳେ କାଗଜ ବାହାର କରି ଯେଉଁ ନୂଆ କଥାଟି, ଯେଉଁ ନୂଆ ଭଙ୍ଗୀଟି, ଯେଉଁ expression ଆପଣ ଶୁଣିଲେ, ଯାହା ଆପଣଙ୍କର ମନେରଖିବା ଦରକାର ବା ଆହୁରି ଭଲଭାବେ ବୁଝିବା ଦରକାର ବୋଲି ଭାବୁଛନ୍ତି, ତତ୍‌କ୍ଷଣାତ୍ ସେଗୁଡ଼ିକୁ ଲେଖି ରଖନ୍ତୁ। ଏହାକୁ ଏକ ଅଭ୍ୟାସରେ ପରିଣତ କରନ୍ତୁ। ପରେ ବୁଝିନେବେ ବୋଲି ଆପଣମାନେ କେବଳ ଶୁଣି ଯାଆନ୍ତି। ତା'ପରେ ବୁଝିବା ଆଉ ହୁଏ ନା। ଅଥବା ବୁଝିନେଲେ, କିନ୍ତୁ କିଛି ବୁଝିଲେ ବି ପଦ୍ଧତିଗତଭାବେ ଏହି ତ୍ରୁଟି ରହିଯାଏ। ଏହାଫଳରେ ବହୁ ବିଷୟ ଦୃଷ୍ଟି ବାହାରକୁ ଚାଲିଯାଏ। ଫଳରେ ଏହାକୁ ଅଭ୍ୟାସରେ ପରିଣତ କରନ୍ତୁ। ତେଣୁ ଲିଖିତଭାବେ ମୁଁ ନୋଟ୍ ନେବି ଏବଂ ପରେ ମନେମନେ ମୁଁ ସେହି ବିଷୟକୁ master (ଭଲଭାବେ ଆୟତ୍ତ)କରି ଚାଲିବି। ଯେତେବେଳେ ଏକା ରହିବି ବାରମ୍ବାର ସେହି କଥାକୁ ଭାବିବି। ପୁଣି ସମୟ ସୁଯୋଗ ପାଇଲେ ସେଗୁଡ଼ିକୁ ଅନ୍ୟମାନଙ୍କୁ କହିବି। ଏହିଭଳିଭାବେ ଆମମାନଙ୍କର କହିବାର ଭଙ୍ଗୀ, ଯୁକ୍ତି କରିବାର ଧାରା, ତର୍କ କରିବାର କ୍ଷମତାକୁ ପ୍ରତିଦିନ ବଢାଇବାକୁ ହେବ। ମଜୁରୀ କରୁଥିଲେ ବି ହାଡ଼ଭଙ୍ଗା ଖଟଣି ପରେ ମଧ୍ୟ ମହମବତୀ ଜଳାଇ ପଢିବାକୁ ହିଁ ହେବ। କାରଣ ମୁଁ ଜଣେ ବିପ୍ଳବୀ, ମୋତେ ଜ୍ଞାନ ଅର୍ଜନ କରିବାକୁ ହିଁ ପଡ଼ିବ। ମୁଁ ଜଣେ ସଚେତନ ଶ୍ରମିକ। ମୋତେ ପରିଶ୍ରମ କରି ଜାଣିବାକୁ ହିଁ ହେବ। ଆପଣ କ୍ୟାଡର, ଜନଗଣଙ୍କୁ ଟ୍ୟାକେଲ୍ କରିବା ସମୟରେ ବିରାମହୀନଭାବେ ସେମାନଙ୍କର ମୁଡ୍ ପ୍ରତି ଲକ୍ଷ୍ୟ ରଖିବେ। ସେମାନଙ୍କୁ କେତେବେଳେ ବୁଝାଇବାକୁ ବା ଶୁଣାଇବାକୁ ହେବ ତା' ଲକ୍ଷ୍ୟ କରିବେ। ମାତ୍ର ପ୍ରତି ମୁହୂର୍ତ୍ତରେ ପ୍ରବଚନ ଦେଲା ଭଳି ବୁଝାଇବେ ନାହିଁ। ସେମାନଙ୍କ ସହିତ ରୁହନ୍ତୁ, କିନ୍ତୁ ଆପଣଙ୍କର ରହିବାର ରୀତିଟା ବିପ୍ଳବୀ ଭଳି ହେବା ପ୍ରୟୋଜନ। ଅର୍ଥାତ୍ ରହିବାକୁ ଯାଇ ସେହି ସ୍ରୋତରେ ଭାସିଯିବେ ନାହିଁ, କିମ୍ବା ସେମାନଙ୍କ ସଂସ୍କୃତି ଦ୍ୱାରା ଶୀକାର ହୋଇ ୟାର୍ ହୋଇଯିବେ ନାହିଁ। ସେମାନଙ୍କର ଆଡ୍ଡାରେ ଜଣେ ସଦସ୍ୟ ହୋଇଯିବେ ନାହିଁ। ସେମାନଙ୍କ ଆଡ୍ଡା ମଧ୍ୟରେ ହିଁ, ସେହି ପରିବେଶ ମଧ୍ୟରେ ହିଁ ନିଜର ବୈଶିଷ୍ଟ୍ୟ ଓ ଚରିତ୍ରକୁ ବଜାୟ ରଖନ୍ତୁ। ତା'ହେଲେ ହିଁ କାମ ହେବ ଏବଂ ଏହାର ପ୍ରଭାବରେ ସେହି ମଣିଷମାନେ ଧିରେ ଧିରେ ବଦଳିବାକୁ ଲାଗିବେ ତଥା ଆପଣଙ୍କର ପ୍ରଭାବ ବି ବଢି ବଢି ଚାଲିବ। ପ୍ରତ୍ୟେକ କମ୍ରେଡ୍ ଭଲଭାବରେ କିଛି ନା କିଛି କାମ ନିଜ ନିଜ କ୍ଷେତ୍ରରେ ଯେତେ ଅଧିକ ସମ୍ଭବ ସମୟ ଦେଇ କରନ୍ତୁ। ଜଣେ ଆବେଦନକାରୀ ସଭ୍ୟ ପ୍ରତିଦିନ ଅନ୍ତତଃ ଦୁଇ ଘଣ୍ଟା କାମ କରନ୍ତୁ।ଜନଗଣଙ୍କ ସହିତ କୌଣସି କର୍ମ କ୍ଷେତ୍ରରେ, ହୁଏତ କ୍ଲବ୍‌ରେ, ନଚେତ୍ ବସ୍ତିରେ, ନହେଲେ ୟୁନିୟନରେ, ଅଥବା ମଜୁରିଆମାନଙ୍କ ମଧ୍ୟରେ ରାଜନୈତିକ କ୍ଲାସ୍ କରିବା ବା ସେମାନଙ୍କ ସହିତ ଆଡ୍ଡା ଦେବା ଅଥବା ଆଲୋଚନା କରିବା କିମ୍ବା

ଗଣଦାବୀ ବୁଝାଇବା ଭଳି କାମ ଯଦି ପ୍ରତିଦିନ ସମସ୍ତ କାର୍ଯ୍ୟ ମଧ୍ୟରେ ପ୍ରତ୍ୟେକଙ୍କର ରହେ, ଯେଉଁମାନେ ସର୍ବକ୍ଷଣ କର୍ମୀ, ଭଲ କ୍ୟାଡର ସେମାନେ ଦୁଇ ଘଣ୍ଟା କାହିଁକି, ସାରା ଦିନ ହିଁ ଏହି କାମ କରିପାରନ୍ତି, ତା'ହେଲେ କେତୋଟି ବର୍ଷ ମଧ୍ୟରେ ହିଁ ଯେଉଁ ଚ୍ୟାଲେଞ୍ଜ ଆପଣମାନେ ନେଇଛନ୍ତି- ତା' ପୁରଣ କରି ପାରିବେ । ଆନ୍ଦୋଳନ ପରେ ଆନ୍ଦୋଳନ ଆସୁଛି ପୁଣି ଯାଉଛି । ଆପଣମାନେ ଯେତେ ଶୀଘ୍ର ଆପଣମାନଙ୍କର ପାର୍ଟିକୁ ଶକ୍ତିଶାଳୀ କରି ସମସ୍ତ ସ୍ତରର ଜନଗଣଙ୍କ ନିକଟକୁ ନେଇଯାଇ ପାରିବେ, ତା'ହେଲେ ବିକ୍ଷୋଭ ଆସିଲେ ସେହି ବିକ୍ଷୋଭର ଲଢାଇରେ ନେତୃତ୍ୱର ଭୂମିକାରେ ତଳ ସ୍ତରରୁ ଆରମ୍ଭ କରି ଉପର ସ୍ତର ପର୍ଯ୍ୟନ୍ତ ଏକ ଜୀବନ୍ତ ସଂଯୋଗ ଗଢ଼ି ତୋଳି ପାରିବେ । ଏହିଭଳି ଅବସ୍ଥାରେ ଆମେ ଜନଗଣଙ୍କୁ ସଠିକ୍ ଦିଗରେ ନେଇଯାଇ ପାରିବା । ତେଣୁ ଏଥିରେ ଉନ୍ନତି ଘଟାଇବା ଏକାନ୍ତ ପ୍ରୟୋଜନ । ସି.ପି.ଆଇ, ସି.ପି.ଆଇ(ଏମ୍) ଏପରିକି ନକ୍ସଲପନ୍ଥୀମାନେ ଯେତେଟା ମୋହ ବା ବିଭ୍ରାନ୍ତି ଯୁବସମାଜ ମଧ୍ୟରେ ବା ସମାଜ ମଧ୍ୟରେ ସୃଷ୍ଟି କରିଥିଲେ, କମ୍ୟୁନିଷ୍ଟ ମନେକରି ଏମାନଙ୍କ ଆଡକୁ ଲୋକେ ଯେମିତି ଢଳିଥିଲେ ଆଜି ଏମାନଙ୍କ ସମ୍ପର୍କରେ ସେହି ବିଶ୍ୱାସରେ ଅନେକାଂଶରେ ଫାଟ ସୃଷ୍ଟି ହୋଇଛି । ବହୁ ଅନିଷ୍ଟ ମଧ୍ୟରେ ବି ଆଉ ଗୋଟିଏ ଅତ୍ୟନ୍ତ ଉପକାରୀ ଘଟଣା ମଧ୍ୟ ରହିଛି । ତା'ହେଲା, କମ୍ୟୁନିଷ୍ଟ ନାଁ ନେଇ କେହି କମ୍ୟୁନିଷ୍ଟ ହୋଇଯାଏ ନାହିଁ । ଯେମିତି ସି.ପି.ଆଇକୁ ବର୍ତ୍ତମାନ ଅନେକେ ହିଁ କମ୍ୟୁନିଷ୍ଟ ବୋଲି ମନେକରନ୍ତି ନାହିଁ । ସେହିପରି ନକ୍ସଲମାନଙ୍କୁ ବି ଅନେକେ କମ୍ୟୁନିଷ୍ଟ ବୋଲି ମନେକରନ୍ତି ନାହିଁ । ସେହିଭଳି ସି.ପି.ଆଇ(ଏମ୍)କୁ ବି ଅନେକେ କମ୍ୟୁନିଷ୍ଟ ମନେକରନ୍ତି ନାହିଁ । ପୂର୍ବରୁ କିନ୍ତୁ ଆମେ ଯେତେବେଳେ କାମ ଆରମ୍ଭ କରିଥିଲୁ, ସେତେବେଳେ ଗୋଟିଏ ଦୃଢ଼ ଧାରଣା ଲୋକଙ୍କ ଭିତରେ ଥିଲା, ନାଁରେ କମ୍ୟୁନିଷ୍ଟ ନଥିଲେ-କମ୍ୟୁନିଷ୍ଟ ପାର୍ଟି ହୁଏନାହିଁ । ନାଁରେ କମ୍ୟୁନିଷ୍ଟ ପାର୍ଟି ଅଥଚ କମ୍ୟୁନିଷ୍ଟ ନୁହେଁ ଏହା କ'ଣ କେବେ ହୋଇପାରେ ? ପୁଣି ଆନ୍ତର୍ଜାତିକ ସ୍ୱୀକୃତି ରହିଲେ ହିଁ ଗୋଟିଏ ପାର୍ଟି ପ୍ରକୃତ କମ୍ୟୁନିଷ୍ଟ ପାର୍ଟି ହୁଏ, ଭୁଲ ପାର୍ଟି ହୁଏ ନାହିଁ, ତାହା ଏକ ଅମୋଘ ଯୁକ୍ତି ଥିଲା । ତାହା ମଧ୍ୟ ଏବେ ଅନେକାଂଶରେ ଲୋପ ପାଇଯାଇଛି । ତୃତୀୟ ପଏଣ୍ଟ ହେଲା, ପରିସ୍ଥିତି ଆମ ପକ୍ଷରେ ଖୁବ୍ ଅନୁକୂଳ । ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଯେ ଏକ କମ୍ୟୁନିଷ୍ଟ ପାର୍ଟି, ମାର୍କ୍ସବାଦୀ-ଲେନିନ୍‌ବାଦୀ ପାର୍ଟି, ତେବେ ଶତ୍ରୁପକ୍ଷ, ଜନଗଣ ଏବଂ ବିପକ୍ଷ ଦଳ ସର୍ବୋପରି ମୁଖ୍ୟତଃ ଯେଉଁ ପ୍ରଚାର କରନ୍ତି, ତା'ହେଲା ଆପଣମାନେ ମାର୍କ୍ସବାଦୀ ଏବଂ ଆପଣମାନେ ଉଗ୍ର କମ୍ୟୁନିଷ୍ଟ । ମାତ୍ର ଶତ୍ରୁ ବି କହିପାରିବ ନାହିଁ ଯେ, ଆପଣମାନେ କମ୍ୟୁନିଷ୍ଟ ନୁହଁନ୍ତି, ମାର୍କ୍ସବାଦୀ-ଲେନିନ୍‌ବାଦୀ ନୁହଁନ୍ତି । କେବଳ ଏହିସବୁ ପାର୍ଟିଗୁଡ଼ିକ ନିଜ ନିଜର ର୍‍ୟାଙ୍କ ଏଣ୍ଡ ଫାଇଲ୍‌କୁ ଅଟକାଇ ରଖିବା ପାଇଁ କୁହନ୍ତି, ଏହା କମ୍ୟୁନିଷ୍ଟ ପାର୍ଟି ନୁହେଁ । ମାତ୍ର ନିଜେ ହିଁ ବୁଝନ୍ତି, ଜାଣନ୍ତି ଆମେ ଅସଲରେ କ'ଣ, ସେଥିପାଇଁ ସେମାନଙ୍କର ଭୟ । କାରଣ ଲୋକମାନଙ୍କ ମଧ୍ୟରେ ବି ଆମ ସମ୍ପର୍କରେ ଆକର୍ଷଣ ସୃଷ୍ଟି ହୋଇଛି । ତାହାର

ଜନଗଣ ସମସ୍ତେ ହିଁ ମନେକରନ୍ତି ଆପଣଙ୍କର ପାର୍ଟି ହିଁ କମ୍ୟୁନିଷ୍ଟ ପାର୍ଟି। ଶତ୍ରୁପକ୍ଷ ବି ଏହା ମନେକରେ, ବୁର୍ଜୁଆମାନେ ଏବଂ ଅନ୍ୟମାନେ ମଧ୍ୟ ମନେକରନ୍ତି ଯେ ଆପଣମାନେ ମାର୍କ୍ସବାଦୀ-ଲେନିନ୍‌ବାଦୀ। ସୁତରାଂ ପୁରୁଣା ଅବସ୍ଥାରେ ସେହି ସବୁ ଫ୍ୟାକ୍ଟରଗୁଡ଼ିକ ମିଶି ଯେଉଁ ପର୍ବତ ପ୍ରମାଣ ବାଧା ସୃଷ୍ଟି କରିଥିଲା ଯାହାକୁ ଅତିକ୍ରମ କରି ଆମେ ଆଗୋଉଥିଲୁ, ଯାହାକୁ ଭୀଷ୍ମଙ୍କର ଯୁଦ୍ଧ ସହିତ ତୁଳନା କରିଛି, କି ପ୍ରବଳ ସ୍ରୋତ ବିରୁଦ୍ଧରେ ଲଢି ଲଢି ଆମକୁ ଆଗେଇବାକୁ ହୋଇଛି, ଆଜି ସେହି ତୁଳନାରେ ଅନେକାଂଶରେ ଚମତ୍କାର ପରିସ୍ଥିତି। ସି.ପି.ଆଇ(ଏମ୍) ଯେତେ ବଦ୍‌ନାମ ହୋଇଛି, ସି.ପି.ଆଇ ଯେତେ ବଦ୍‌ନାମ ହୋଇଛି, ଆନ୍ତର୍ଜାତିକ ନେତୃତ୍ୱ ସ୍ୱୀକାର କଲେ ମଧ୍ୟ କୌଣସି ପାର୍ଟି ଯେ ଏକ ସଠିକ୍ ପାର୍ଟି ହୁଏନା, ଏହି ପ୍ରଶ୍ନଟି ମଣିଷ ମନରେ ଯେତେ ପରିଷ୍କାର ହୋଇଛି, ସେତେ ସେହି ଦିଗରୁ ଆମମାନଙ୍କର ରାଜନୀତିରେ ପ୍ରବେଶ କରିବାର ରାସ୍ତା ସୁଗମ ହୋଇଛି। ଏହାର ଅର୍ଥ ନୁହେଁ ଯେ, ଆମ ସମ୍ମୁଖରେ କୌଣସି ବାଧା ନାହିଁ, ଆମେ ଏବେ କାମ କରିବାକୁ ଗଲେ ହିଁ, ଲୋକଙ୍କୁ ବୁଝାଇବା ସଙ୍ଗେ ସଙ୍ଗେ ଲୋକମାନେ ଦଳ ଦଳ ହୋଇ ଆମ ଆଡକୁ ମାଡ଼ି ଆସିବେ, ଏହି ଚିନ୍ତା ଠିକ୍ ନୁହେଁ, ଏହା ଏକ ଭୁଲ ଧାରଣା। ଏବେ ବି ବହୁ ବିଭ୍ରାନ୍ତିକୁ ଫାଇଟ୍ କରିବାକୁ ହେବ। ଆହୁରି ବହୁତ ଧକ୍କା ଖାଇବାକୁ ହେବ। କିନ୍ତୁ ଏବେ ଅତିତର ସେହି ଦୁର୍ଲଙ୍ଘନୀୟ ବାଧା ଅନେକାଂଶରେ ହ୍ରାସ ପାଇଛି ଏବଂ ଏହି କାରଣରୁ ଏହା ଆମ ପାଇଁ ଏକ ଅତି ଚମ୍‌କାର ସମୟ। ବିଶ୍ୱର କମ୍ୟୁନିଷ୍ଟ ଆନ୍ଦୋଳନ ଏବଂ ଚିନ୍ତାଗତ କ୍ଷେତ୍ରରେ ନେତୃତ୍ୱର ତ୍ରୁଟି ବିଚ୍ୟୁତି ଯୋଗୁ, କମ୍ୟୁନିଷ୍ଟ ପାର୍ଟିଗୁଡ଼ିକର ଆଚରଣ ଯୋଗୁ ବହୁ କ୍ଷତି ହୋଇଛି। ସେସବୁ ସତ୍ତ୍ୱେ ବି ବିଶ୍ୱର main trend (ମୁଖ୍ୟଧାରା) ବା ପ୍ରବଣତା ବିପ୍ଳବ ସପକ୍ଷରେ। ସର୍ବତ୍ର ବିପ୍ଳବର ନିଆଁ ଯେମିତି ଦାଉ ଦାଉ ହୋଇ ଜଳୁଛି। ସଠିକ୍ ନେତୃତ୍ୱ ଏବଂ ପ୍ରକୃତ ରାଜନୈତିକ ଶକ୍ତି ଜନଗଣଙ୍କ ମଧ୍ୟରେ ଗଢିତୋଳିବାର ଅପେକ୍ଷାରେ ରହିଛି। ଆଉ ଭାରତବର୍ଷ ମାଟିରେ ତା' ସମ୍ପୂର୍ଣ୍ଣ କରିବାର ଦାୟଦାୟିତ୍ୱ ଆମ ଉପରେ ପଡ଼ିଛି। ଆମେ ଏହାକୁ ଅସ୍ୱୀକାର କରିପାରୁନା। ଆମକୁ ଏହି ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ହିଁ ହେବ। ପ୍ରତ୍ୟେକେ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରିବାର ଉପଯୋଗୀ ମନୋବଳ ନିଜ ଭିତରେ ସୃଷ୍ଟି କରନ୍ତୁ। ଆଉ ରାଜନୈତିକ ଉଦ୍ୟୋଗ ବିଷୟଟିକୁ ସର୍ବଦା ମନରେ ରଖନ୍ତୁ। ଉପରୁ ନିର୍ଦ୍ଦେଶ ପାଇଁ କେବେ ବି ଅପେକ୍ଷା କରିବେ ନାହିଁ, ଭୁଲ କରିବା ଭୟରେ ଉଦ୍ୟୋଗ ନେବାକୁ ଭୟ କରିବେ ନାହିଁ। ଭୁଲ କରିଛନ୍ତି ବୋଲି ନେତାମାନେ ଧମକାଇଲେ ଭୟ ପାଇବେ ନାହିଁ। ମୁଁ ଏବେ ବି ବଞ୍ଚିଛି। ଅସୁବିଧା ହେଲେ ମୋ ପାଖକୁ ଦୌଡ଼ି ଆସିବେ। ପାର୍ଟିର ରାଜନୀତି ଭଲଭାବେ ବୁଝନ୍ତୁ, ନିଜକୁ ତିଆରି କରନ୍ତୁ। କାମ ନକରି କେବଳ ବସି ବସି ଆଲୋଚନା କରି ଅନ୍ୟମାନଙ୍କ ମଧ୍ୟରେ କର୍ମସ୍ପୃହା ନଷ୍ଟ କରିବେ ନାହିଁ। ତା' ଯେ କେହି କରନ୍ତୁ, ଯେକୌଣସି ନେତା ବି କରନ୍ତୁ ଗୋଟିଏ ଧକ୍କାରେ ତାଙ୍କୁ [illegible] କରନ୍ତୁ। ସମାଲୋଚନା ଥିଲେ

ସମାଲୋଚନା କରନ୍ତୁ, କିନ୍ତୁ କାମ କରୁ କରୁ କରନ୍ତୁ। ବେଶୀ କାମ କରି ବେଶୀ ସମାଲୋଚନା କରନ୍ତୁ, ଆପତ୍ତି ନାହିଁ। କାମ ନକରି ସମାଲୋଚନା କରିବା ଅର୍ଥ ନିଜର ଅଧିକାର ବାହାରକୁ ଯିବା, ଏହା ଉଚିତ୍ ନୁହେଁ। ସେହି trap (ଫାସ)ରେ କେହି ଗୋଡ ପୁରେଇବେ ନାହିଁ। ପ୍ରତ୍ୟେକ କାମ କରନ୍ତୁ। ସାଧ୍ୟମତେ କରନ୍ତୁ ଏବଂ ନିଜକୁ ଯୋଗ୍ୟ କରି ଗଢ଼ି ତୋଳନ୍ତୁ। ମାର୍କ୍ସବାଦ-ଲେନିନ୍‌ବାଦର ବହି ପଢନ୍ତୁ, ଏଥି ସଙ୍ଗେ ସଙ୍ଗେ ପାର୍ଟି ମାର୍କ୍ସବାଦ-ଲେନିନ୍‌ବାଦର ବକ୍ତବ୍ୟକୁ କେଉଁଭଳି ଭାବରେ ବୁଝିବାକୁ କହିଛି ଏବଂ କେଉଁ ଭଳିଭାବେ ବ୍ୟାଖ୍ୟା କରିଛି, କେଉଁଭଳି ଭାବେ ପ୍ରୟୋଗ କରିବାର କଥା କହିଛି, ବିଭିନ୍ନ କ୍ଷେତ୍ରରେ କେଉଁଭଳି ଭାବେ ତାହାକୁ ବିଶ୍ଳେଷଣ କରିଛି ସେଗୁଡ଼ିକୁ ଆୟତ୍ତ କରନ୍ତୁ।

ଗୋଟିଏ କଥା ମନେରଖିବେ। ସଠିକ୍ ବିପ୍ଳବୀ ଦୃଷ୍ଟିଭଙ୍ଗୀ ମଧ୍ୟରେ ଲଢ଼ାଲଢ଼ି ଅଛି, ନ୍ୟାୟ ଅନ୍ୟାୟ ଅଛି, ଦୋଷ ତ୍ରୁଟି, ଭୁଲଭ୍ରାନ୍ତି ରହିଛି। ମାତ୍ର ଭୁଲ-ଭ୍ରାନ୍ତି, ନ୍ୟାୟ ଅନ୍ୟାୟ, ଦୋଷ ତ୍ରୁଟି ସତ୍ତ୍ୱେ ବି ମୂଳତଃ ବିପ୍ଳବୀ ସ୍ରୋତରେ ହିଁ ରହିଛି ଏକ ସମ୍ମାନଜନକ ଜୀବନ ଜିଇଁବାର ନିଶ୍ଚିତ ପଥ। ସୁତରାଂ, ମୁଁ ନିଜକୁ ଏହାଠାରୁ ବିଚ୍ଛିନ୍ନ କରିପାରିବି ନାହିଁ। ତା'ହେଲେ ମୋର ଆଉ କିଛି ରହିବ ନାହିଁ। ଏହିଭଳିଭାବେ ଯଦି ଆପଣମାନେ କାମ କରି ଚାଲନ୍ତି, ତା'ହେଲେ ଭବିଷ୍ୟତ ଆପଣଙ୍କ ହାତରେ। ମୁଁ ଆଉ ଗୋଟିଏ ମାତ୍ର କଥା ହିଁ କହିବି। ସି.ପି.ଆଇ(ଏମ୍), କଂଗ୍ରେସ ବା ନିନ୍ଦୁକମାନେ ଆପଣମାନଙ୍କ ବିରୁଦ୍ଧରେ ଯେତେ ନିନ୍ଦା କରନ୍ତୁ, ଯେତେ ଗଳ୍ପ ବନାନ୍ତୁ ଏବଂ କୁତ୍ସା ରଟାନ୍ତୁ, ବୈଜ୍ଞାନିକ ସି.ଭି.ରମଣଙ୍କ ସେହି ଉକ୍ତି ସ୍ମରଣ କରାଇ ମୁଁ ବକ୍ତବ୍ୟ ଶେଷ କରିବି- let the dog bark, the caravan will march ahead (କୁକୁରମାନେ ଭୁକି ହୁଅନ୍ତୁ, ସଭ୍ୟତାର ରଥ ଆଗେଇ ଚାଲିବ)। ଆପଣମାନେ ବି ଆଗେଇ ଚାଲିବେ, ସେମାନେ ହଜାରେ ଚିତ୍କାର କରିବି ଆପଣମାନଙ୍କର ଗତି ରୋଧ କରିପାରିବେ ନାହିଁ। ଆଉ ତୃତୀୟ ଫ୍ୟାକ୍ଟର ହେଉଛି, ଆପଣମାନଙ୍କୁ ମଧ୍ୟ ଜନଗଣ ଦେଖୁଛନ୍ତି ଏବଂ ମାର୍କ୍ସବାଦୀ-ଲେନିନ୍‌ବାଦୀ ବୋଲି ମନେକରନ୍ତି, ବରଂ କଟ୍ଟର ବୋଲି ମନେକରନ୍ତି, ବିପ୍ଳବୀ ବୋଲି ମନେକରନ୍ତି। କେବଳ ସନ୍ଦେହ, ଆପଣମାନେ ନେତୃତ୍ୱ ଦେଇ ପାରିବେ କି ନାହିଁ, ଆପଣମାନଙ୍କର ସେହି ଶକ୍ତି ଅଛି କି ନାହିଁ। ଆପଣମାନେ ଯଦି ଏହି କାର୍ଯ୍ୟ କରିବା ପାଇଁ ଦଶ ବର୍ଷ ସମୟ ନିଅନ୍ତି, ତାହେଲେ ବିପ୍ଳବ ଦଶ ବର୍ଷ ଅପେକ୍ଷା କରିବ। ଦଶ ବର୍ଷ ପୂର୍ବରୁ ପାଞ୍ଚ ବର୍ଷରେ ଯଦି ସମ୍ପନ୍ନ କରି ପାରନ୍ତି, ଯଦି ଏହି ଧରଣର ସଂକଟ ତିଷ୍ଠି ରହେ ଓ ଅବ୍ୟାହତ ରହେ ତେବେ ପାଞ୍ଚବର୍ଷ ମଧ୍ୟରେ ହିଁ ଭାରତବର୍ଷରେ ବିପ୍ଳବ ଫାଟି ପଡ଼ିବ। ଏହିକଥା କହି ମୁଁ ମୋର ବକ୍ତବ୍ୟ ଆଜି ଏଠାରେ ଶେଷ କରୁଛି।

**ଇନ୍‌କିଲାବ୍ ଜିନ୍ଦାବାଦ**
**ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଜିନ୍ଦାବାଦ**